# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଏପ୍ରିଲ ୧୩/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, April 13/ 2019 ★★

୧୫୪ଶ ଭାଗ ୧୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-








{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }




■ ଗଞ୍ଜାମ ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ରୋଡ ଶୋ

# 'ଚକ୍ରାନ୍ତ କରି କାଳିଆ ଯୋଜନା ଟଙ୍କା ବନ୍ଦ କରାଯାଇଛି'

**ପାଟପୁର/ଶେରଗଡ/ହିଞ୍ଜିଳିକାଟୁ/ଆସିକା,୧୨ା୪(ଡି.ଏନ.ଏ.)**

କୌଣସି ଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରୁ ବଞ୍ଚିତ ହେବେନାହିଁ। ୨୧ଲକ୍ଷ ହିତାଧିକାରୀଙ୍କ ଟଙ୍କା ଚକ୍ରାନ୍ତ କରି ବନ୍ଦ କରାଯାଇଛି । ଜିତିବା ପରେ ଏହାର ସମାଧାନ କରିବି। ଫାଇଲିନ, ହୁଦ୍‌ହୁଦ୍ ଭଳି ବିପତ୍ତି ବେଳେ କୌଣସି କେନ୍ଦ୍ରୀୟ ନେତା ଆସି ନ ଥିଲେ। ବିପଦ ଆପଦରେ ସର୍ବଦା ତୁମମାନଙ୍କ ସହିତ ଅଛି ଏବଂ ରହିବି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ନିଜ ଜିଲା ଗଞ୍ଜାମରେ ନିର୍ବାଚନୀ ପ୍ରଚାର ବେଳେ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି।

ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଟପୁର ହେଲିପ୍ୟାଡ଼ରେ ଓହ୍ଲାଇଥିଲେ। ଗାନ୍ଧୀ ଛକଠାରୁ ହାଇଟେକ୍ ବସରେ ଆସି ରାଧାଦେଇପୁର, ଏରେଣ୍ଡ୍ରା, ଖଲିଙ୍ଗି, ଆଡ଼ପଡ଼ା, କଙ୍କୋରଡ଼ା, କଡ଼ଡିଆଁ, ଡ଼େଙ୍ଗଡ଼ି, ରାମଚନ୍ଦ୍ରପୁର ପଞ୍ଚାୟତରେ ରୋଡ ଶୋ କରିଥିଲେ। ଏଠାରେ ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ, ବିଧାୟିକା ପ୍ରାର୍ଥିନୀ ନନ୍ଦିନୀ ଦେବୀଙ୍କ ନିମନ୍ତେ ଭୋଟ ନିବେଦନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଯାଇ ନିଜେ ଲଢୁଥିବା ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ରୋଡ଼ ଶୋ କରିଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରେ ଶେରଗଡ଼ରେ ପହଞ୍ଚିବା ପରେ ବାଇକ୍ ରାଲିରେ ଚାରିଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ହନୁମାନ ମନ୍ଦିର ସମ୍ମୁଖରେ ଆୟୋଜିତ ମହିଳା ସମାବେଶରେ ଯୋଗ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ବାରସିଙ୍ଗି, କୁମାରପାଣି, କରଡାକଣା, ବରମୁଣ୍ଡଳୀ, ବାଦଗଡ, ପଦ୍ମପୁର, ତାକରଡା, ଧବଳପୁର, ଧନନ୍ତର, ଗୋବିନ୍ଦପୁର ପଥରପୁଞ୍ଜି, ଗୋଠଗାଁ, ଠୁରୁବୁରାଇ, କୁରୁଳା ଓ ଅଲାରିଗଡ ପଞ୍ଚାୟତରେ ପ୍ରଚାର କରିଥିଲେ। ସେଠାରୁ ହିଞ୍ଜିଳିକାଟୁ ଯାଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ରୋଡ଼ ଶୋ କରିଥିଲେ। ବିଜୁ ପଟ୍ଟନାୟକ ଛକ ସମେତ ଅନ୍ୟାନ୍ୟ ସ୍ଥାନରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବସ ଉପରୁ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ଏମପି ପ୍ରାର୍ଥିନୀ ପ୍ରମିଳା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ବସ ଆଗେ ଆଗେ ଏକ ଖୋଲା ଗାଡ଼ିରେ ଯାଇ ଭୋଟଭିକ୍ଷା କରିଥିଲେ।

ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ, ଶରତ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ସାରସ ସ୍ୱାଇଁଙ୍କ ସମେତ ବହୁ ନେତା ଓ କର୍ମୀ ଏଥିରେ ଯୋଗ ଦେଇଥିଲେ। ହିଞ୍ଜିଳିରେ ପ୍ରଚାର ସାରି ମୁଖ୍ୟମନ୍ତ୍ରୀ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ରୋଡ ଶୋ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଚେରମାରିଆ, ଖଡଭାଗ, ନଳବଣ୍ଟା ଦେଇ କାଳକଣ୍ଠେପୁର ଛକରେ ରୋଡ ଶୋ ସରିଥିଲା। ଚେରମାରିଆ ଓ କାଳକଣ୍ଠେପୁର ଛକରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ସାଢେ ୪ କୋଟି ଓଡିଆ ମୋ ପରିବାର । ମୁଁ ସବୁବେଳେ ଆପଣଙ୍କ ପାଖରେ ଅଛି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ। ଶଙ୍ଖ ଚିହ୍ନରେ ଭୋଟ ଦେଇ ଏମପି ପ୍ରାର୍ଥିନୀ ପ୍ରମିଳା ଓ ବିଧାନସଭା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ। ସେଠାରୁ କାଳକଣ୍ଠେପୁର ଛକ ପର୍ଯ୍ୟନ୍ତ ରୋଡ ଶୋ'ରେ ଯାଇ ଉଦବୋଧନ ଦେଇଥିଲେ।




ହିଞ୍ଜିଳିକାଟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ୍ ଶୋ'ରେ ଉଦ୍‌ବୋଧନ ଦେଉଛନ୍ତି।










# 'ଖଣି ଦୁର୍ନୀତି ଟଙ୍କାରେ ଭୋଟ କିଣିବାକୁ ବିଜେଡିର ଯୋଜନା'




ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

## ବଲାଙ୍ଗୀରରେ ଭାଜପାର ବିଜୟ ସଂକଳ୍ପ ସମାବେଶ

■ ଟିଟିଲାଗଡ଼ରେ ରୋଡ୍ ଶୋ
■ କଣ୍ଟାବାଞ୍ଜିରେ ନିର୍ବାଚନୀ ସଭା

**ବଲାଙ୍ଗୀର ଅଫିସ/ ଟିଟିଲାଗଡ଼ / କଣ୍ଟାବାଞ୍ଜି / ଉଲୁଣ୍ଡା, ୧୨ା୪ (ଡି.ଏନ୍.ଏ.)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି ଓ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ନିର୍ବାଚନ ପ୍ରଚାର କରିଛନ୍ତି । ଏହି ପ୍ରଚାର ବେଳେ ସେ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ଓ ରାହୁଲ ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସ ଦଳକୁ କଡା ସମାଲୋଚନା କରିଛନ୍ତି । ଓଡିଶାର ଦ୍ରୁତ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ୍ ସରକାର ଗଢ଼ିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ, ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଗତିଶୀଳ ଓ ପାକିସ୍ତାନକୁ ଉଚିତ୍ ଜବାବ୍ ଦେବା ଭଳି ସରକାର ଚାଲିଛି । ଅନ୍ୟପଟେ ମହାମେଣ୍ଟ ରହିଛି। ଯେଉଁମାନେ ପାକିସ୍ତାନକୁ ଉଚିତ୍ ଜବାବ ଦେଲେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଶ୍ନ କରୁଛନ୍ତି। ହେଲେ ସଚ୍ଚୋଟ, ସ୍ୱାଭିମାନୀ ଓ ନିଷ୍ଠାବାନ୍ ମୋଦି ସରକାରକୁ ପୁଣି ଥରେ ଦେଶର ଶାସନ ଭାର ଅର୍ପଣ କରିବା ପାଇଁ ଦେଶର ଜନସାଧାରଣ ସ୍ଥିର କରିସାରିଛନ୍ତି । ଖଣି , ଚିଟ୍‌ଫଣ୍ଡ ଦୁର୍ନୀତି ଓ ବ୍ଲକ୍ ଅଫିସର ପିସିରେ ନବୀନ ପଟ୍ଟନାୟକଙ୍କ ସରକାର ଚାଲିଛି । ରାଜ୍ୟରେ ବଳାତ୍କାର ବଢି ଚାଲିଥିବାବେଳେ ନବୀନ ବାବୁ ରାଜ୍ୟର ମହିଳାମାନଙ୍କୁ ସଶକ୍ତୀକରଣ କଥା କହିବା କେତେ ଯଥାର୍ଥ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କୁ କଡା ସମାଲୋଚନା କରି ଧର୍ମେନ୍ଦ୍ର କହିଲେ, ଏହି ଜିଲାରେ ଦାଦନ, ପାନୀୟ ଜଳ, ଜଳସେଚନ, ଯୁବତୀ, ଯୁବକଙ୍କ ନିଯୁକ୍ତି ସମସ୍ୟା ରହିଛି । ହେଲେ ସ୍ଥାନୀୟ ଏମ୍‌ପି ଉପରୋକ୍ତ ସମସ୍ୟାର ସମାଧାନ ନ କରି ମିଶେଲ ମାମାଙ୍କ ଭୋଜି ଖାଇ ସଂସଦରେ ମୋଦିଙ୍କୁ ରାଫାଲ ଯୁଦ୍ଧବିମାନ କିଣାକୁ ନେଇ ପ୍ରଶ୍ନ ପଚାରୁଛନ୍ତି । ଖଣି ଦୁର୍ନୀତି କଥା ଉଠାଇ ଅନଙ୍ଗ ଉଦୟ ସିଂଦେଓଙ୍କୁ ବି ସେ ତୀବ୍ର ସମାଲୋଚନା କରିଥିଲେ । ଚିଟଫଣ୍ଡ ଓ ଖଣିଦୁର୍ନୀତି ଟଙ୍କାରେ ଭୋଟ କିଣିବା ପାଇଁ ଏବେ ବିଜେଡି ଲାଗିଛି ବୋଲି ସେ କହିଥିଲେ । ବଲାଙ୍ଗୀରରେ ୩୦୦ କୋଟି ଟଙ୍କାରେ ବଟଲିଂ ପ୍ଲାଣ୍ଟ, ବଲାଙ୍ଗୀର ବିଚ୍ଛୁପାଲି ରେଲୱେ ପ୍ରକଳ୍ପ କଥା ଉଲ୍ଲେଖ କରି ଧର୍ମେନ୍ଦ୍ର ଲୋକ ସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ଓ ବଲାଙ୍ଗୀର ବିଧାନସଭା ପ୍ରାର୍ଥୀ ଅନନ୍ତ ଦାଶଙ୍କୁ ଭୋଟ୍ ଦେବାକୁ ଅନୁରୋଧ କରିଥିଲେ । ଏହି ସଭାରେ ଲୋକ ସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ, ବିଧାନସଭା ପ୍ରାର୍ଥୀ ଅନନ୍ତ ଦାଶ ଉଦ୍‌ବୋଧନ ଦେଇ ବିକଶିତ ବଲାଙ୍ଗୀର ଗଢ଼ିବାକୁ ନିବେଦନ କରିଥିଲେ । ଏହାପରେ ଧର୍ମେନ୍ଦ୍ର ଟିଟିଲାଗଡ଼ରେ ରୋଡ ଶୋ କରିଥିଲେ । ଏଥିରେ ଲୋକ ସଭା ପ୍ରାର୍ଥୀ ସିଂଦେଓ ଓ ଟିଟିଲାଗଡ ବିଧାୟକ ପ୍ରାର୍ଥୀ ଅଶୋକ ଦୋରା ସାମିଲ ହୋଇଥିଲେ । ସେହିପରି କଣ୍ଟାବାଞ୍ଜି ବଙ୍ଗୋମୁଣ୍ଡା ରାଜ୍ୟ ରାଜପଥ ପାର୍ଶ୍ୱସ୍ଥ କୁଦୋଭଟା ଗ୍ରାମ ନିକଟରେ ଆୟୋଜିତ ସଭାରେ ଧର୍ମେନ୍ଦ୍ର କାଳିଆ ଯୋଜନା ଉପରେ ବର୍ଷିଥିଲେ । ଏହି ଯୋଜନାରେ ଚାଷୀକୁ ବିଜେଡି ସରକାର ଭୁଆଁ ବୁଲାଇଛନ୍ତି ବୋଲି କହିଥିଲେ । ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଉଲୁଣ୍ଡା କଲେଜ ପଡିଆରେ ଜିଲା ସଭାପତି ବିଜୟ ମହାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କେନ୍ଦ୍ରର ଆୟୁଷ୍ମାନ ଓ କିଷାନ ନିଧି ଯୋଜନା କଥା ଉଠାଇଥିଲେ । ନବୀନ ସରକାର ଓଡିଶାବାସୀଙ୍କୁ ଏଥିରୁ ବଞ୍ଚିତ କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଉପରୋକ୍ତ ସଭାରେ ଦଳୀୟ ପ୍ରାର୍ଥୀ ଓ କର୍ମକର୍ତ୍ତାମାନେ ଉଦ୍‌ବୋଧନ ଦେଇ ଭୋଟଭିକ୍ଷା କରିଥିଲେ ।

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଏପ୍ରିଲ ୧୩/୨୦୧୯ | Sambalpur, Saturday, April 13/ 2019 | ପୃଷ୍ଠା-୧




**‘ବ୍ରେଥ୍’ ସିଜିନ୍ ୨ରେ ସୈୟାମୀ**

ବଲିଉଡ଼ ଅଭିନେତ୍ରୀ ସୈୟାମୀ ଖେର ‘ବ୍ରେଥ୍’ ସିଜିନ୍ ୨ରେ ମୁଖ୍ୟ ଭୂମିକା ନେବାକୁ ଯାଉଛନ୍ତି।

୧୪

୧୬

**ଚିନାପ୍ପା ସେମିରେ**

ଭାରତର ଜ୍ୟୋତ୍ସ୍ନା ଚିନାପ୍ପା ମାକାଉ ଓପନ ସ୍କ୍ୱାଶ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି।








**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

**ଅଦ୍ଭୁତ ଧର୍ମସଂକଟ**

**ଆଜିର ମନ୍ତବ୍ୟ**

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ୧୫ ବନ୍ଧୁଙ୍କ ପାଇଁ ସରକାର ଚଳାଉଛନ୍ତି।

–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ


NECC NATIONAL EGG CO-ORDINATION COMMITTEE 12.04.2019 Venc๐bb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 91 | 146 | 156 |
| BLS | 93 | 149 | 159 |
| ANG | 89 | 144 | 154 |

*Conditions Apply

Eggs Retail Price- 41/-Dozen

Issued in the Interest of Consumers


# ଓଡ଼ିଶାରେ ଶିଶୁ, ମହିଳା ଅସୁରକ୍ଷିତ

**ଦୀପକ ଭଳ**

କଟକ ଅଫିସ୍, ୧୨।୪

ଓଡ଼ିଶାରେ ଶିଶୁ, ଯୁବତୀ ଓ ମହିଳା ଅସୁରକ୍ଷିତ ହୋଇପଡ଼ିଛନ୍ତି। ବିଭିନ୍ନ ପ୍ରଲୋଭନ କିମ୍ବା ଅପହରଣ କରାଯାଇ ସେମାନଙ୍କୁ ଅନ୍ୟ ରାଜ୍ୟକୁ ଚାଲାଣ କରାଯାଉଛି, ଯାହା ଦିନକୁ ଦିନ ବଢ଼ିଚାଲିଛି। ବିଶେଷ କରି ଚାକିରି ଦେବା, ଭଲ ପରିବାରରେ ବିବାହ କରାଇଦେବା ନାଁରେ ଯୁବତୀମାନଙ୍କୁ ଚାଲାଣ କରାଯାଉଛି। ପୋଲିସ ଉପରେ ଆସ୍ଥା ନ ଥିବା କିମ୍ବା ଲୋକଲଜ୍ଜା ପାଇଁ ଏ ସମ୍ପର୍କିତ ଅନେକ ଘଟଣାର ଅଭିଯୋଗ ଥାନାରେ ହୋଇପାରୁନାହିଁ। ସେହିପରି ପୋଲିସ ଏଭଳି ବହୁ ଘଟଣାକୁ ଚାପିଦେଉଛି। ଏହାସତ୍ତ୍ୱେ ଗତ ୪ ବର୍ଷ ମଧ୍ୟରେ ରାଜ୍ୟର ଥାନାଗୁଡ଼ିକରେ ହୋଇଥିବା ଅଭିଯୋଗକୁ ଦେଖିଲେ ସ୍ଥିତି ଚିନ୍ତାଜନକ ମନେହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ଲେସମେଣ୍ଟ ଏଜେନ୍ସି, ହୋଟେଲ, ବିମାନବନ୍ଦର, ବସଷ୍ଟାଣ୍ଡ, ରେଳଷ୍ଟେଶନ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ନିୟମିତ ବ୍ୟବଧାନରେ ଯାଞ୍ଚ କରିବାକୁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସମସ୍ତ ଏସ୍‌ପି ଏବଂ କମିଶନରେଟ ପୋଲିସର ଡିସିପିଙ୍କୁ ପୂର୍ବରୁ ନିର୍ଦ୍ଦେଶ ଜାରି କରିଥିଲେ। ହେଲେ ତାହାକୁ ଠିକ୍ ଭାବେ ପାଳନ କରିବା ତ ଦୂରର କଥା ନିଖୋଜ କିମ୍ବା ଅପହରଣ ଅଭିଯୋଗ ଆସିଲେ ପୋଲିସ ତତ୍ପରତା ଦେଖାଉନାହିଁ। ଏପରି କି ପୋଲିସ ନିଜେ ଯୁବତୀ ଚାଲାଣ ଘଟଣାରେ ସାମିଲ ଥିବା ଅଭିଯୋଗ ଆସୁଛି। ଫଳରେ କେତେକ କ୍ଷେତ୍ରରେ ଲୋକେ ସେମାନଙ୍କ ନିଖୋଜ ପରିବାର ସଦସ୍ୟଙ୍କୁ ଫେରି ପାଇବାର ଆଶା ଛାଡ଼ିଦେଲେଣି।

ସୂଚନା ଅଧିକାର ଆଇନ (ଆରଟିଆଇ) ମାଧ୍ୟମରେ କ୍ରାଇମବ୍ରାଞ୍ଚରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ଅର୍ଥାତ୍ ୪ ବର୍ଷରେ ୭,୭୬୫ ଜଣ ନାବାଳିକା ଓ ନାବାଳକ ନିଖୋଜ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪,୪୫୮ ଜଣଙ୍କୁ ପୋଲିସ ଉଦ୍ଧାର କରିଛି। ସେହିପରି ଏହି ସମୟ ମଧ୍ୟରେ ୩୩,୦୯୧ ମହିଳା(ଅଧିକାଂଶ ଯୁବତୀ) ଓ ପୁରୁଷ ନିଖୋଜ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୧୧, ୭୨୯ ଜଣଙ୍କୁ ପୋଲିସ ଉଦ୍ଧାର କରିଛି। ☞ପୃଷ୍ଠା–୨

**ପୋଲିସ ନିଷ୍କ୍ରିୟତା ଦାୟୀ**

- ୬୫% ନିଖୋଜଙ୍କୁ ଖୋଜିବାରେ ବିଫଳ
- ଅଭିଯୋଗ ଆସିଲେ ତତ୍ପରତା ଦେଖାଉନାହିଁ
- ଠିକ୍ ଭାବେ ପାଳନ କରାଯାଉନାହିଁ ଯାଞ୍ଚ ନିର୍ଦ୍ଦେଶ

| | ନାବାଳକ | ନାବାଳିକା | ମୋଟ | ପୁରୁଷ | ମହିଳା | ମୋଟ |
|---|---|---|---|---|---|---|
| **୨୦୧୫** | | | | | | |
| ନିଖୋଜ | ୪୯୭ | ୧୨୯୧ | ୧୭୮୮ | ୧୬୪୭ | ୪୯୭୦ | ୬୬୧୭ |
| ଉଦ୍ଧାର | ୩୭୨ | ୮୯୩ | ୧୨୬୫ | ୬୧୦ | ୧୮୩୨ | ୨୪୪୨ |
| **୨୦୧୬** | | | | | | |
| ନିଖୋଜ | ୫୦୧ | ୧୨୯୧ | ୧୭୯୨ | ୧୭୭୪ | ୫୪୧୮ | ୭୧୯୨ |
| ଉଦ୍ଧାର | ୩୦୮ | ୭୦୦ | ୧୦୦୮ | ୬୯୦ | ୨୧୮୩ | ୨୮୭୩ |
| **୨୦୧୭** | | | | | | |
| ନିଖୋଜ | ୪୯୧ | ୧୩୬୦ | ୧୮୫୧ | ୨୦୬୨ | ୬୪୯୨ | ୮୫୫୪ |
| ଉଦ୍ଧାର | ୩୦୯ | ୭୩୭ | ୧୦୪୬ | ୮୪୧ | ୨୨୩୧ | ୩୦୭୪ |
| **୨୦୧୮** | | | | | | |
| ନିଖୋଜ | ୪୫୯ | ୧୮୭୫ | ୨୩୩୪ | ୨୪୧୦ | ୮୩୧୮ | ୧୦୭୨୮ |
| ଉଦ୍ଧାର | ୨୮୫ | ୮୫୪ | ୧୧୩୯ | ୮୮୭ | ୨୪୫୫ | ୩୩୪୨ |

■ ଆଖି ବୁଜିଲେ ବଳାତ୍କୃତା ଶିଶୁକନ୍ୟା

# ଅଭିଯୋଗକାରୀ ବାପାଙ୍କୁ ଥାନାରେ ମାଡ଼



ଉତ୍ତ୍ୟକ୍ତ ଲୋକେ ଟାୟର ଜାଳି ରାସ୍ତାରୋକ କରିଛନ୍ତି।

**ପୋଲିସ ବିରୋଧରେ ଜଟଣୀରେ ଜଳିଲା ଅସନ୍ତୋଷର ନିଆଁ**

ଜଟଣୀ,୧୨।୪(ଡି.ଏନ.ଏ)

ଗୁରୁବାର ରାତିରେ ଜଣେ ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିଲେ ପଡ଼ୋଶୀ ଯୁବକ। ଘଟଣା ପ୍ରଘଟ ହୋଇଯିବା ଭୟରେ ଯୁବକ ଜଣକ ଶିଶୁକନ୍ୟାଙ୍କୁ ମାରିଦେବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯିବା ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏଭଳି ସମ୍ବେଦନଶୀଳ ଘଟଣାରେ ସ୍ଥାନୀୟ ଅଞ୍ଚଳରେ ସୃଷ୍ଟି ହୋଇଥିବା ଅସନ୍ତୋଷକୁ ବଢ଼ାଇ ଦେଇଛି ଜଟଣୀ ଥାନା ପୋଲିସର ଅପରାଧୀ ପ୍ରୀତି। କାରଣ ଅଭିଯୋଗ କରିବାକୁ ଥାନାକୁ ଯାଇଥିବା ଶିଶୁକନ୍ୟାଙ୍କ ବାପାଙ୍କୁ ସେଠାରେ ମାଡ଼ମାରି ଏତଲା ନ ଦେବାକୁ ଭୟଭୀତ କରାଯାଇଛି। ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କ ଉପସ୍ଥିତିରେ ମୃତା ଶିଶୁକନ୍ୟାଙ୍କ ବାପାଙ୍କୁ ଜାମୁକୋଳି ପଞ୍ଚାୟତର ପୂର୍ବତନ ସରପଞ୍ଚ କାର୍ତ୍ତିକ ପରିଡ଼ା ମାଡ଼ ମାରି ବିଦା କରିଦେଇଥିଲେ। ଏଭଳି ଅଭିଯୋଗ ଆଣି ଏତଲା ☞ପୃଷ୍ଠା–୫


AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE STARTING FROM 1ST APRIL 2019
Hurry Up... Limited Seats
(Jharsuguda Highway) Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com



**ଭଡ଼ାଗାଡ଼ି ଆବଶ୍ୟକ**

ସମ୍ବଲପୁର ସହରର ବରେଇପାଲିସ୍ଥିତ ଧରିତ୍ରୀ ଛାପାଖାନାଠାରୁ ରାଉରକେଲାକୁ ଧରିତ୍ରୀ ବିତରଣ କରିବା ନିମନ୍ତେ ଭଡ଼ା ସୂତ୍ରରେ ଗାଡ଼ି ଆବଶ୍ୟକ। ଇଚ୍ଛୁକ ଗାଡ଼ି ମାଲିକମାନେ ଗାଡ଼ିର ଆର୍.ସି. ବହିର ନକଲ ଓ ଗାଡ଼ିର ଫଟୋ ସହିତ ନିଜର କୋଟେସନ ପାଞ୍ଚଦିନ ମଧ୍ୟରେ ନିମ୍ନ ଇ–ମେଲ୍ ଠିକଣାରେ ପଠାନ୍ତୁ।

<recruitment@dharitri.com>


■ ରାଜନୈତିକ ଦଳଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଇଲେକ୍ଟୋରାଲ ବଣ୍ଡରେ ସଂଗୃହୀତ ଚାନ୍ଦାର ବିବରଣୀ ଦିଅ

ନୂଆଦିଲ୍ଲୀ,୧୨।୪(ପି.ଟି.)

ଇଲେକ୍ଟୋରାଲ ବଣ୍ଡରେ ରାଜନୈତିକ ଦଳଗୁଡ଼ିକ ସଂଗ୍ରହ କରୁଥିବା ଚାନ୍ଦାର ସବିଶେଷ ବିବରଣୀ ନିର୍ବାଚନ କମିଶନଙ୍କୁ ଦେବା ଲାଗି ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଇଲେକ୍ଟୋରାଲ ବଣ୍ଡ ଯୋଜନାର ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ଏକ ପିଟିଶନ୍‌ର ଶୁଣାଣି ବେଳେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଲାଗି ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ରାଜନୈତିକ ଦଳଗୁଡିକ ବର୍ତ୍ତମାନ ସୁଦ୍ଧା ଇଲେକ୍ଟୋରାଲ ବଣ୍ଡରେ ସଂଗ୍ରହ କରିଥିବା ସମସ୍ତ ଚାନ୍ଦା ଏବଂ ମେ ୧୫ ପର୍ଯ୍ୟନ୍ତ ଗ୍ରହଣ କରିବାକୁ ଥିବା ଚାନ୍ଦା ସମ୍ପର୍କିତ ସବିଶେଷ ବିବରଣୀ ମେ ୩୧ ସୁଦ୍ଧା ଜଉମୁଦା ଲଫାପାରେ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି। ବିବରଣୀରେ ଦାତାଙ୍କ ନାମ ଏବଂ ସେ ଦେଇଥିବା ଚାନ୍ଦାର ପରିମାଣ ଉଲ୍ଲେଖ ରହିବ।



ଆବେଦନକାରୀ ଏନ୍‌ଜିଓ ଆସୋସିଏଶନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଇଲେକ୍ଟୋରାଲ ବଣ୍ଡରେ ଦିଆଯାଇଥିବା ଚାନ୍ଦାର ସ୍ୱଚ୍ଛତା ଏବଂ ପରିଚୟ ଗୋପନ ରଖାଯିବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ରାଜନୈତିକ ଦଳଗୁଡିକର ପାଣ୍ଠି ସଂଗ୍ରହକୁ ସ୍ୱଚ୍ଛ କରିବା ପାଇଁ ଯଦି ଇଲେକ୍ଟୋରାଲ ବଣ୍ଡ ପ୍ରଚଳନ କରାଯାଇଛି, ତେବେ ଏହାର କ୍ରେତାଙ୍କ ନାଁ ପ୍ରକାଶ କରା ନ ଯିବା ଦ୍ୱାରା ନିର୍ବାଚନୀ ପ୍ରକ୍ରିୟାରେ କଳାଧନର ଅପବ୍ୟବହାର ରୋକିବା ଲାଗି ସରକାରଙ୍କ ପ୍ରୟାସ ବ୍ୟର୍ଥ ବୋଲି ଗୁରୁବାର ଖଣ୍ଡପୀଠ କହିଥିଲେ। ଏଡିଆର୍ ଉପରୋକ୍ତ ଯୋଜନାର ବୈଧତାକୁ ଚ୍ୟାଲେଞ୍ଜ କରିବା ସହ ଇଲେକ୍ଟୋରାଲ ବଣ୍ଡ ଇସୁ୍ୟ ବନ୍ଦ କରାଯାଉ ☞ପୃଷ୍ଠା–୨






“ସ୍ୱାଧୀନତା ଓ ଉଚ୍ଛୃଙ୍ଖଳତା ଏକାର୍ଥ ବାଚକ ଶବ୍ଦ ନୁହେଁ।
- ଜନ୍ ମିଲଟନ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବାଉରୀ ବନ୍ଧୁ ପରିବାରବର୍ଗ


ଆଶାମଣୀ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## କିଛି ତଥ୍ୟ

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ୧.୮୭ ବିଲିୟନ ବୃଦ୍ଧି ଘଟି ୪୧୩.୮ ବିଲିୟନ ଡଲାର ଛୁଇଁଛି।
-ଆରବିଆଇ

# ଓଡ଼ିଶାରେ ଶିଶୁ, ...

କେବଳ ୨୦୧୮ ବର୍ଷକୁ ଦେଖିଲେ ୧୮୭୫ ନାବାଳିକା, ୪୫୯ ନାବାଳକ, ୮୩୧୮ ମହିଳା, ୨୪୧୦ ପୁରୁଷ ନିଖୋଜ ହୋଇଛନ୍ତି। ଏହି ବର୍ଷ ୮୫୪ ନାବାଳିକା, ୨୮୫ ନାବାଳକ, ୨୪୫୫ ମହିଳା ଓ ୮୮୭ ପୁରୁଷଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ନାବାଳିକାଙ୍କ ମଧ୍ୟରୁ ସର୍ବାଧିକ ୧୫୦ଜଣ ମୟୂରଭଞ୍ଜ ପୋଲିସ ଜିଲାର ହୋଇଥିବାବେଳେ ଭୁବନେଶ୍ୱର ଡିସିପି ଅଞ୍ଚଳରୁ ୧୩୯ଜଣ, କଟକ ଡିସିପି ଅଞ୍ଚଳରୁ ୧୨୯, କେନ୍ଦ୍ରପଡ଼ା ଜିଲାରୁ ୧୨୩, ଖୋର୍ଦ୍ଧା ପୋଲିସ ଜିଲାରୁ ୧୦୮ ଓ ରାଉରକେଲା ପୋଲିସ ଜିଲାରୁ ୧୦୭ ଜଣ ରହିଛନ୍ତି। ଏହିବର୍ଷ ମହିଳା ନିଖୋଜ କ୍ଷେତ୍ରରେ ଉପକୂଳ ଓଡ଼ିଶାର ସ୍ଥିତି ଚିନ୍ତାଜନକ ରହିଛି। କାରଣ ସର୍ବାଧିକ ୬୧୭ ଜଣ ମହିଳା ଯାଜପୁର ଜିଲାରୁ ନିଖୋଜ ହୋଇଥିବାବେଳେ କେନ୍ଦ୍ରାପଡ଼ା ଜିଲାରୁ ୫୬୪, ପୁରୀ ଜିଲାରୁ ୩୮୫, କଟକ ଜିଲାରୁ ୩୬୪, ଜଗତ୍‌ସିଂହପୁର ଜିଲାରୁ ୩୫୩, କଟକ ଡିସିପି ଅଞ୍ଚଳରୁ ୩୧୬ ଓ ଭୁବନେଶ୍ୱର ଡିସିପି ଅଞ୍ଚଳରୁ ୨୯୬ଜଣ ମହିଳା ନିଖୋଜ ହୋଇଛନ୍ତି। ଏ କ୍ଷେତ୍ରରେ ପଶ୍ଚିମଓଡ଼ିଶାର ବଲାଙ୍ଗୀରରୁ ୪୪୯, ବରଗଡ଼ରୁ ୩୧୫ ଓ କଳାହାଣ୍ଡିରୁ ୩୮୩ ମହିଳା ନିଖୋଜ ହୋଇଛନ୍ତି।

ଆରଟିଆଇ ସୂଚନାକୁ ଦେଖିଲେ, ନାବାଳିକା ଓ ନାବାଳକ ନିଖୋଜ କ୍ଷେତ୍ରରେ ପୋଲିସ ୫୭% ପିଲାଙ୍କୁ ଉଦ୍ଧାର କରିଥିବାବେଳେ ବାକି ୪୩% ନିଖୋଜ ପିଲାଙ୍କ ପତ୍ତା ମିଳୁନାହିଁ। ସେହିପରି ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ୩୫% ନିଖୋଜ ବ୍ୟକ୍ତିଙ୍କୁ ପୋଲିସ ଉଦ୍ଧାର କରିଥିବାବେଳେ ବାକି ୬୫%ଙ୍କ ପତ୍ତା ମିଳୁନାହିଁ। ସବୁଠୁ ଚିନ୍ତାର ବିଷୟ, ଏହି ନିଖୋଜ ନାବାଳକ, ନାବାଳିକା ତଥା ଯୁବତୀଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଅପହରଣ କରିନେଇ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲଗାଯାଉଛି, ଯାହା ନିକଟ ଅତୀତରେ ଉଦ୍ଧାର ହୋଇଥିବା ଘଟଣାରୁ ଜଣାପଡିଛି।

ଗତ ଫେବୃଆରୀ ୮ରେ ଦିଲ୍ଲୀ ମହିଳା କମିଶନ ରାଜସ୍ଥାନର ଝୁନ୍‌ଝୁନ୍ ଜିଲାରୁ ଓଡ଼ିଶାର ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକର ଜଣେ ଗର୍ଭବତୀ ନାବାଳିକାକୁ ଉଦ୍ଧାର କରିଥିଲା। ନାବଳିକାଙ୍କୁ ତାଙ୍କର ସମ୍ପର୍କୀୟ ୪ ଲକ୍ଷ ଟଙ୍କାରେ ରାଜସ୍ଥାନର ମୁକେଶ ଅଗ୍ରୱାଲ ଏବଂ କିଷାନ ଅଗ୍ରୱାଲଙ୍କୁ ବିକ୍ରି କରି ଦେଇଥିଲେ। ଏହା ଉପରେ ସୂଚନା ଦେଇ ଦିଲ୍ଲୀ ମହିଳା କମିଶନ ଅଧକ୍ଷା ସ୍ୱାତୀ ମାଲିୱାଲ ଓଡ଼ିଶା ପୋଲିସର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ,୨୦୧୭ ଡିସେମ୍ବରରୁ ନାବାଳିକା ଜଣକ ରାଉରକେଲାରୁ ନିଖୋଜ ହୋଇଯାଇଥିବାବେଳେ ଓଡ଼ିଶା ପୋଲିସ ଚୁପ୍ ବସିଥିଲା। ନାବାଳିକାଙ୍କ ବାପା ବହୁବାର ଲାଠିକଟା ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲା। ଏପରି କି ପୋଲିସ ଏହି ମାମଲାରେ ସାମିଲ ଥିବା ସ୍ୱାତୀ କହିଥିଲେ।

ସେହିପରି ୨୦୧୭ରେ ପୁରୀ ଜିଲାର ଜଣେ ଯୁବତୀଙ୍କୁ ହାଇଦ୍ରାବାଦରେ ଚାକିରି ଦେବାକୁ କହି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କୁ ବିହାର ନେଇ ଯାଇଥିଲେ। ସେଠାରେ ୬୦ ହଜାର ଟଙ୍କାରେ ତାଙ୍କୁ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ। ଏନେଇ ଯୁବତୀ ଜଣକ ଜାଣିବା ପରେ ଫୋନ୍‌ରେ ତାଙ୍କ ବାପାଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପରେ ତାଙ୍କ ବାପା ନିକଟସ୍ଥ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ଯୁବତୀଙ୍କୁ ସେଠାରୁ ଉଦ୍ଧାର କରି ନ ଥିଲା। ଏନେଇ ଗତ ନଭେମ୍ବରରେ ଯୁବତୀଙ୍କ ବାପା କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଏହାପରେ କ୍ରାଇମବ୍ରାଞ୍ଚ ବିହାରରୁ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ବେଳେ ଯୁବତୀ ଜଣକ ଗର୍ଭବତୀ ଥିଲେ।

ଉପରୋକ୍ତ ଦୁଇଟି ଘଟଣା କେବଳ ଉଦାହରଣ କୁହାଯାଇ ପାରିବ। ଏଭଳି ଓଡ଼ିଶାର ବିଭିନ୍ନ ସ୍ଥାନରୁ ଯୁବତୀ ଚାଲାଣ କରାଯାଉଥିଲେ ମଧ ତାହା ଲୋକଲୋଚନକୁ ଆସିପାରୁ ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଦିଲ୍ଲୀ ମହିଳା କମିଶନ ରାଜସ୍ଥାନରୁ ଗୋଟିଏ ଦିନରେ ନାବାଳିକାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହେଇଥିଲା। କିନ୍ତୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଓଡ଼ିଶା ପୋଲିସ ଉଦ୍ଧାର କରିବା ଦୂରର କଥା ଅଭିଯୋଗର ତଦନ୍ତ କରିବାକୁ କୌଣସି ତତ୍ପରତା ପ୍ରକାଶ କରୁନାହିଁ।

ଗୋଟିଏ ପଟେ ଓଡ଼ିଶାରେ ରୋଜଗାରର ସମ୍ଭାବନା କମ୍ ରହିଛି। ଅନ୍ୟ ପଟରେ ସମ୍ବେଦନଶୀଳ ଅପରାଧ ପ୍ରତି ପ୍ରଶାସନ କିମ୍ବା ପୋଲିସର ଚିନ୍ତା ଥିବାଭଳି ମନେ ହେଉନାହିଁ। ସର୍ବୋପରି ବିଗତ ଦିନଗୁଡ଼ିକରେ ରାଜ୍ୟ ସରକାର ମାନବ ଚାଲାଣ ଓ ଅପହରଣ ଭଳି ଅପରାଧକୁ ଗୁରୁତ୍ୱ ଦେଉନାହାନ୍ତି। ଏଣୁ ଶିଶୁ ଓ ମହିଳା ଅପହରଣ କାର୍ଯ୍ୟରେ ଲିପ୍ତ ଅପରାଧୀମାନେ ଓଡ଼ିଶାକୁ ନିରାପଦ କାର୍ଯ୍ୟସ୍ଥଳ ଭାବେ ବାଛିନେଇଛନ୍ତି ବୋଲି ସାମାଜିକ କର୍ମୀ ଦିଲୀପ ଆଚାର୍ଯ୍ୟ କହିଛନ୍ତି।

ଭୁବନେଶ୍ୱର ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ବେଣୁଧର ସେନାପତି କୁହନ୍ତି, ୨୦୧୩ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁଯାୟୀ ନାବାଳକ ଓ ନାବାଳିକାଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ ଆସିଲେ ଅପହରଣ ମାମଲା ରୁଜୁ ହେବା ହେଲେ ଓଡ଼ିଶା ପୋଲିସ ନିଜ ଉପରୁ ଚାପ ହଟାଇବା ପାଇଁ ଅପହରଣ ମାମଲା ରୁଜୁ ନ କରି ଷ୍ଟେଶନ ଡାଏରି କରି ଦେଉଛି। ପାଖାପାଖି ୭୦ରୁ ୮୦ ଭାଗ ନିଖୋଜ ଅଭିଯୋଗ ଉପରେ ପୋଲିସ ମାମଲା ରୁଜୁ କରୁନାହିଁ। ଏଥିସହିତ ନିଖୋଜଙ୍କୁ ଖୋଜିବା ପାଇଁ ପୋଲିସର ଆନ୍ତରିକତା ନାହିଁ।

କଟକର ରବି ବେହେରାଙ୍କ କହିବାନୁଯାୟୀ, ତାଙ୍କ ପୁଅ ରଞ୍ଜନ ବେହେରା ୨୦୧୩ ବାଲିଯାତ୍ରାରେ ନିଖୋଜ ହୋଇ ଯାଇଥିଲେ। ଏନେଇ ସେ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ତାଙ୍କ ପୁଅର ପତ୍ତା ପାଇ ନ ଥିଲା। ନିଖୋଜ ହେବାର ୭ ମାସ ପରେ ରବିଙ୍କ ଫୋନକୁ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଜଣକ ରଞ୍ଜନ ତାଙ୍କ ପାଖରେ ଥିବା କହି ଫୋନ କାଟି ଦେଇଥିଲେ। ପରେ ଉକ୍ତ ନମ୍ବର ସହ ଆଉ ଯୋଗାଯୋଗ ହୋଇପାରି ନ ଥିଲା। ଏସମ୍ପର୍କରେ ରବି ପୋଲିସକୁ ଅବଗତ କରିଥିଲେ ମଧ କିଛି ଲାଭ ମିଳି ନ ଥିଲା। ଏପର୍ଯ୍ୟନ୍ତ ରବି ତାଙ୍କ ପୁଅର ଫେରିବା ବାଟକୁ ଚାହିଁ ରହିଛନ୍ତି।

ଅତିରିକ୍ତ ଡିଜି ବିନୟତୋଷ ମିଶ୍ରଙ୍କୁ ପଚାରିବାକୁ ସେ କହିଲେ, ସମସ୍ତ ଜିଲାରେ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯୁବତୀ ଓ ଶିଶୁ ଚାଲାଣ ନେଇ ଆସୁଥିବା ଅଭିଯୋଗ ଉପରେ ଗୁରୁତ୍ୱ ଦେଇ କିପରି ସେମାନଙ୍କୁ ଉଦ୍ଧାର କରାଯାଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କରାଯାଉଛି ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

# ଇଲେକ୍ଟୋରାଲ ବଣ୍ଡରେ ...

କିମ୍ବା ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଲାଗି ଦାତାଙ୍କ ନାମ ସର୍ବସାଧାରଣରେ ପ୍ରକାଶ କରାଯାଉ ବୋଲି ଦାବି କରାଯାଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା, ନିର୍ବାଚନରେ କଳାଧନର ବ୍ୟବହାର ରୋକିବା ଏହି ବଣ୍ଡ୍ ପ୍ରଚଳନର ମୁଖ୍ୟ ଉଦ୍ଦେଶ୍ୟ। ଏହା ପ୍ରକୃତ ଉଦ୍ଦେଶ୍ୟ ପୂରଣ କରୁଛି କି ନାହିଁ ତାହା ନିର୍ବାଚନ ପରେ ଅନୁଧ୍ୟାନ କରିବା ଲାଗି ସରକାର କହିବା ସହ ବର୍ତ୍ତମାନ ସ୍ଥିତିରେ ଏଥିରେ ହସ୍ତକ୍ଷେପ ନ କରିବାକୁ ଅନୁରୋଧ କରିଥିଲେ। ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନ ସରକାରଙ୍କ ଏକ ନୀତିଗତ ନିଷ୍ପତ୍ତି। ଏଭଳି ନିଷ୍ପତ୍ତି ନେବା ପାଇଁ ସରକାରଙ୍କୁ ଦୋଷାରୋପ କରାଯାଇପାରିବ ନାହିଁ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଥିଲା। ନିର୍ବାଚନୀ ବର୍ଷରେ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ୬୨ ପ୍ରତିଶତ ବୃଦ୍ଧି ପାଇଥିବା ଆରଟିଆଇ ତଥ୍ୟରୁ ଜଣାପଡିଛି। ସୁପ୍ରିମକୋର୍ଟଙ୍କ ରାୟକୁ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି। ରାଜନୈତିକ ପାଣ୍ଠି ସଂଗ୍ରହରେ ସ୍ୱଚ୍ଛତା ବଜାୟ ରଖିବା ଉପରେ କଂଗ୍ରେସ ସବୁବେଳେ ଜୋରଦେଇ ଆସିଛି ବୋଲି ଦଳୀୟ ମୁଖପାତ୍ର ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି। ଅଦାଲତଙ୍କ ନ୍ୟାୟ ଭାଜପା ଏବଂ ଏହାର ସୁଟ୍-ବୁଟ୍ ବନ୍ଧୁମାନଙ୍କ ମଧ୍ୟରେ ରହିଥିବା ଭିତିରି ସମ୍ପର୍କ ପଦାକୁ ଆଣିବ ବୋଲି ସେ କହିଛନ୍ତି। ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ଇଲେକ୍ଟୋରାଲ ବଣ୍ଡ୍ ପ୍ରସଙ୍ଗରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଆଭିମୁଖ୍ୟକୁ ଅଦାଲତ ପ୍ରତ୍ୟାଖ୍ୟାନ କରିଦେଇଥିବା ସେ କହିଛନ୍ତି।

# ସରକାରୀ ଚାକିରିଆଙ୍କ ଭୋଟ ପ୍ରଚାର ଅଭିଯୋଗ

ଗୁଡ଼ଭେଲା,୧୨।୪(ଡି.ଏନ.ଏ.)
ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଜାମୁଟ ଗ୍ରାମସ୍ଥିତ ଡାକ ବିଭାଗ କାର୍ଯ୍ୟାଳୟର ଜଣେ କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ଦଳ ପାଇଁ ନିର୍ବାଚନ ପ୍ରଚାର କରୁଥିବା ଦର୍ଶାଇ ଭାଜପା ଗୁଡଭେଲା ମଣ୍ଡଳ ପ୍ରଭାରୀ ଖଗେଶ୍ୱର ରଣା ତୁଷୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଏକକିତା ନକଲ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ, ଟିଟିଲାଗଡ ଉପ-ଜିଲାପାଳ, ଗୁଡଭେଲା ବ୍ଲକ ବିଡିଓ, ତୁଷୁରା ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ,ଶୁକ୍ରବାର ଗୁଡଭେଲା ବ୍ଲକ ଅନ୍ତର୍ଗତ ଯାମୁଟ ଗ୍ରାମରୁ ପ୍ରାୟ ୧୧ଟା ୩୦ରେ ସମ୍ପୃକ୍ତ ଦଳର ଏକ ବାଇକ ଶୋଭାଯାତ୍ରା ବାହାରିଥିଲା। ଏହି ସମୟରେ ସରକାରୀ ଚାକିରି କରୁଥିବା ଉକ୍ତ ବ୍ୟକ୍ତି ଜଣକ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ସେ ଉକ୍ତ ଶୋଭାଯାତ୍ରାର ମୁଖ୍ୟ ଆୟୋଜକ ରହିବା ସହ କର୍ମୀମାନଙ୍କୁ ଜଳଖିଆ ଓ ଟଙ୍କା ଦେଉଥିବା ଅଭିଯୋଗ କରାଯାଇ ଏହାର ଏକ ଫଟୋ ପୋଲିସକୁ ଦଳ ତରଫରୁ ପ୍ରଦାନ କରାଯାଇଛି। ଅଭିଯୋଗର ତଦନ୍ତ କରାଯାଇ ଆଇନ ଅନୁଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ତୁଷୁରା ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱଗୃହୀ ଚନ୍ଦ୍ର ଓ ଧନସ୍ଥ ମଙ୍ଗଳ ପ୍ରଭାବରେ ଆପଣ ମନ ଅନୁଯାୟୀ କାମ କରିବାରେ ସମର୍ଥ ହେବେ। ତଥାପି କର୍ମକ୍ଷେତ୍ରରେ ଚେଷ୍ଟା କରୁଥିବା କାମ ଉପରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଅଫିସ୍ କାମରେ ଆଲୋଚନାକ୍ରମେ ଲାଗିପଡ଼ନ୍ତୁ, ଅବଶ୍ୟ ଅଳ୍ପ ସମୟ ପରେ ସବୁ କିଛି ଠିକ୍ ହୋଇଯିବ।

**ବୃଷ** ରାଶିରେ ମଙ୍ଗଳ ହେତୁକ ବିଭିନ୍ନ ପ୍ରକାର ସମସ୍ୟା ଓ ପ୍ରତିବନ୍ଧକ ଯୋଗୁ ମନରେ ସାମୟିକ ଉତ୍ତେଜନା ଲାଗି ରହିବ। ବହୁଦିନରୁ ଯାହା ଖୋଜୁଥିଲେ ଆଜି ମଧ୍ୟାହ୍ନେ ପାଇଯିବେ। ଉପକୃତ ହୋଇଥିବା ନିଜ ଲୋକମାନଙ୍କ ଶତ୍ରୁତା ଯୋଗୁ ସାମାନ୍ୟ ବିଚଳିତବୋଧ କରିପାରନ୍ତି। ନିଜ କାମ ଛାଡ଼ି ପରକଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣନ୍ତୁ ନାହିଁ।

**ମିଥୁନ** ଦଶମସ୍ଥ ଯୋଗ ପ୍ରଭାବରୁ ପରିସ୍ଥିତି ଯେତେ ଖରାପ ଥିଲେ ମଧ କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ଚେଷ୍ଟା ନିଷ୍ଫଳ ହେବନାହିଁ। ବ୍ୟବସାୟରେ ଉନ୍ନତି ହେବା ସହ ଲାଭ ମଧ କିଛି କମ୍ ହେବନାହିଁ। ପରିବାରର କୌଣସି ବିବାଦୀୟ ପରିସ୍ଥିତି ସମାଧାନ ସକାଶେ ଆତ୍ମୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କର୍କଟ** ଚନ୍ଦ୍ରଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ବଦଳିଯିବ, କିନ୍ତୁ ଶନି ନକ୍ଷତ୍ରସ୍ଥ ଚନ୍ଦ୍ର ମାନସିକ ଶିଥିଳତା ସୃଷ୍ଟି କରିପାରେ। ଯେତେ ପ୍ରକାର ବନେଇ ଚୂନେଇ କହିଲେ ମଧ ଆପଣଙ୍କ କଥା ଓ ଉଦ୍ଦେଶ୍ୟକୁ ଠିକ୍ ଭାବେ ଅନ୍ୟମାନେ ବୁଝିପାରିବେ ନାହିଁ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ, କିନ୍ତୁ ସାୟାହ୍ନେ ଟେନ୍‌ସନ ବଢ଼ିଯାଇପାରେ।

**ସିଂହ** ଚତୁର୍ଥାଧିପଙ୍କ ସ୍ଥିତିଜନିତ ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ ଘଟିବା କାରଣରୁ ମନ ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ବେଖାତିର ମନୋଭାବ ଓ କଟୁକ୍ତି ମନରେ ଦୁଃଖ ଦେବ। ଅଫିସିଆଲି କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି କଥା ଠିକ୍ ରହିବ ନାହିଁ। ପରିସ୍ଥିତିର ତାଡ଼ନାରେ ନିଜର ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିପାରନ୍ତି।

**କନ୍ୟା** ଏକାଦଶସ୍ଥ ଚନ୍ଦ୍ର ହେତୁ ଆଜି ଆପଣ ଯେମିତି ଚାହିଁବେ ସେମିତି ପାଇବେ, କିଛି ଅସୁବିଧା ହେବନି। ମନ ବୁଝିଲା ଭଳି କଥା କହି କର୍ମଚାରୀଟିର ଭୁଲ୍ ବୁଝାମଣାକୁ ସୁଧାରିନେବାରେ ସମର୍ଥ ହେବେ। ପ୍ରକାଶନ,ପ୍ରଶାସନ,ଆନୁଷ୍ଠାନିକ କାମ, ସାମ୍ବାଦିକତା ତଥା ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ।

**ତୁଳା** କର୍ମ ସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି କାରଣରୁ ଉଚ୍ଚବର୍ଗଙ୍କ ସହାୟତା ଲାଭକରି କାର୍ଯ୍ୟ ହାସଲ କରିବେ। ମାତ୍ର ପାରିବାରିକ କ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବେ, ଯାହାକି ଆପଣଙ୍କୁ ଧର୍ମସଂକଟରେ ପକାଇପାରେ। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇରହିବା ଭଲ ହେବ।

**ବିଛା** ପୂର୍ବାବସ୍ଥାର ପରିବର୍ତ୍ତନ ଲକ୍ଷ୍ୟକରି କେତେକ କ୍ଷେତ୍ରରେ ଆଶାବାଦୀ ହେବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ବୁଝି ବିଚାରି ପଦକ୍ଷେପ ନ ନେଲେ ପରିସ୍ଥିତି ବିଗିଡ଼ିଯାଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆନୁଷ୍ଠାନିକ କାମ ପାଇଁ ଦିନଟି ଭଲ। ଆଜି ଆପଣ ଯେତେ ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**ଧନୁ** ଅଷ୍ଟମସ୍ଥ ଚନ୍ଦ୍ର ହେଲେ ମଧ ଅର୍ଥ ସମ୍ପର୍କିତ କଥାବାର୍ତ୍ତାରେ କୌଣସି ବାଧା ଉପୁଜିବ ନାହିଁ। କର୍ମକ୍ଷେତ୍ରରେ ପରସ୍ପର ଦୋଷାରୋପକରି ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ସ୍ୱାର୍ଥସାଧନ ଲକ୍ଷ୍ୟରେ ପଡ଼ୋଶୀମାନେ ଆପଣଙ୍କର ଭୂରି ଭୂରି ପ୍ରଶଂସା କରିବେ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ।

**ମକର** ଶୁଭଚନ୍ଦ୍ର ପ୍ରଭାବରେ ବୁଝାମଣା ମାଧ୍ୟମରେ ସମସ୍ୟାଗୁଡ଼ିକର ସରଳ ସମାଧାନ ପାଇଁ ଚେଷ୍ଟାକଲେ ଉପକୃତ ହେବେ। ଅଫିସରେ କଥା କଟାକଟି ହେତୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରର ଅଶାନ୍ତ ମନ ଆଜି ଘରୋଇ କ୍ଷେତ୍ରରେ ସମସ୍ୟା ସୃଷ୍ଟିକରିବ। ଦୀର୍ଘଦିନରୁ ସାଇତି ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

**କୁମ୍ଭ** ସ୍ୱଗୃହାଭିମୁଖୀ ଶନି ହେତୁ ସ୍ୱାସ୍ଥ୍ୟ ସମସ୍ୟା ଧୀରେ ଧୀରେ ସୁଧୁରିବାରେ ଲାଗିବ। ଯାହାଠାରୁ ଋଣ ଆଣିଥିବେ ସେ ଆଜି ହଠାତ୍ ଆସି ବିଭିନ୍ନ ପ୍ରକାର କଟୂକ୍ତି ପ୍ରକାଶ କରିପାରନ୍ତି। ସମସ୍ୟା ଆସିଲେ ମଧ ଆପଣ ପଡ଼ୋଶୀଙ୍କ ସହାୟତାରେ ସମାଧାନ କରିପାରିବେ। ନିଜ ପରିସରରେ ଆପଣାର ଲୋକମାନେ ମିଥ୍ୟା ଅଭିଯୋଗ ଆଣିପାରନ୍ତି।

**ମୀନ** ବନ୍ଧୁବର୍ଗଙ୍କ ପରାମର୍ଶ ଓ ସହଯୋଗମୂଳକ ଆଲୋଚନା ମାଧ୍ୟମରେ ପରିବାରରୁ ଭୁଲ୍ ବୁଝାମଣା ଦୂରେଇଯିବ। ତଥାପି ଅଫିସରେ ପ୍ରଶାସନିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି ଅଯଥା ବାକ୍‌ବିତଣ୍ଡା ସୃଷ୍ଟି ହୋଇପାରେ। ଜମିଜମା, ନିର୍ମାଣ ପ୍ରଭୃତି ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାଗୁଡ଼ିକର ସମାଧାନ ହୋଇଯିବ।

ଆଜି ଚୈତ୍ର ଶୁକ୍ଳ ଦିବା ଘ୧୧।୨୨ମି. ପର୍ଯ୍ୟନ୍ତ ଅଷ୍ଟମୀଯୁକ୍ତ ଶ୍ରୀରାମ ନବମୀ ଶନିବାର, ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ନବମୀ ପୂଜା, ଏପ୍ରିଲ ୧୩ ତାରିଖ, ରାଶି ନକ୍ଷତ୍ର- ଦିବା ଘ୯।୧୭ମି. ପରେ ପୁଷ୍ୟା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ୭।୦୫ମି. ଗତେ ଘ୮।୩୩ମି. ମଧ୍ୟେ, ଘ୧।୨୭ମି. ଗତେ ଘ୨।୫୯ମି. ମଧ୍ୟେ ଅମୃତବେଳା। ଦିବା ଘ୫।୦୫ମି. ଗତେ ଘ୮।୩୮ମି. ମଧ୍ୟେ, ଘ୧।୨୬ମି. ଗତେ ଘ୨।୫୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୩।୧୫ମି. ଗତେ ଘ୪।୩୮ମି. ମଧ୍ୟେ ରାହୁକାଳ।

# classifieds

**real estate**

## SALE

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66308

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66305

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ୍ **(Grand Bazar) NH-5ରୁ** ଅଳ୍ପ ଦୂରତାରେ ଘରବାରି ବାସୋପଯୋଗି **plot** କିଣନ୍ତୁ। **7749090720.** D-66327

Residential plot at Ghatikiya, Sankarpur, Bhubaneswar 2000 sqft. (15nos) electric, Govt. Supply water, 30' road available: 7381564227, 8114744495. D- 66428

ଭୁବନେଶ୍ୱର KEC, ଗୁଡ଼ିଆ ପୋଖରୀଠାରେ 30'road Boundary wall, electry, gharabari, temple, sqft. 650/-ରେ ଦିଆଯାଉ ଅଛି। 7008045582, 9692003948. D-12088

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

ଘରବାରି plot sale ନଖରା ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 3000 sqft. 16,50,000/- 9437306208. D-66337

Tomando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ। 9438859527. D-66325

River Bank gharabari farmhouse plot 6050 sqft. at Balianta, 7.5k.m. from Rasulgarh square. Mob: 9437277532. D- 12047

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12128

Gharabari demarcated plot for sale near Sum Hospital, Nuagaon. 100 feet road Bhubaneswar Malipada mouza @1600/- sqft. Contact: 9777063609. D-66342

Plot sale Patia sqft.- 1,090/-, Sundarpada- 300/-, Pitapalli- 620/-. 7377735755. D-12111

Book 2BHK, 3BHK flat at GGP colony, Rasulgarh near Palasuni Canal road. 9439716901. (Broker not allowed). D-66082

Booking 2BHK simplex 1200 sqft. 12,80,000/, 5km. from BJEM-II, monthly installment 10,000/- for 3 years. 7735738102. D-12107

Yellowzone gharabari plots BDA area near Badagada canal road. 7735738102. D-12108

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D- 66343

Bhubaneswar Patia ଅଞ୍ଚଳରେ ସ୍ଥିତିବାନ ଘରବାରି ପ୍ଲଟ electric ସୁବିଧା ଥାଇ boundary ସହ କିଣନ୍ତୁ। Ph: 8249693292, 9439489460. D-12109

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12127

ଭୁବନେଶ୍ୱର Patrapada HDFC Bank ରୁ 500 mtr କଲୋନୀରେ plot କିଣନ୍ତୁ। 9348767829. D-66341

**construction**

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12129

**education**

Film making, Acting courses at best Schools of Mumbai. Career at Bollywood. 7978231072. D-66427

## ଜନ୍ମଦିନ ଶୁଭେଚ୍ଛା



**ଶ୍ରୀରାମ ମିଶ୍ର (ସାଇ)**
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ଫେଜ୍-୨
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ
ଅଜା, ଆଈ, ମାମୁଁ, ମାଉସୀ, କକୁ, ଖୁଡୀ, ଜେଜେବାପା, ଜେଜେମା ସହ ପରିବାରବର୍ଗ
ଧ-୫୨୮୯୪

## AFFIDAVIT

By virtue of an affidavit before Executive Magistrate, Bhubaneswar on Dt.11.04.2019, I, Mamata Manjari Jena state that Gouri Prava Jena, Gauri Jena, Gouri Nayak, Gouri Jena and Gouri Kumari Nayak is one and same person. Henceforth, she will be known as the above mentioned names for all purpose. And also she has expired on 27.02.2019 at AIIMS, Bhubaneswar. D-56169

## Birthday Wish



**Anita Rout**
**Dist- Jajpur**
Cos today is your day. It is an oppertunity for you to know that you are special and special things are for you. Today I wish you all the best. Happy birth day. D-12113

## ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



**ସାଇରାମ୍**
ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ସହିତ ତୋର ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ଗୋପାଳଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା,ବାବା, ମାମା, ଠାକୁମା, କାଳିଆ ଜେଜେ, ଡ଼ଲିଜେଜେମା, ବଡ଼ି ଦାଦା, ଅଜା, ଆଈ, ଦେବ ମାମୁଁ, ଜିତୁ ମାମୁଁ ଓ କୁଲ୍‌ବୁଲ ମାଇଁ।
ଧ-୧୨୦୬୧

## ପ୍ରଥମ ଜନ୍ମବାର୍ଷିକୀ



**ଅର୍ଚ୍ଚିତା ଜେନା (ବୁବୁଲି)**
ବାଲିଚନ୍ଦ୍ରପୁର, ଡେରିକି, ନାଉଗାଁ, ଜଗତ୍‌ସିଂହପୁର
ଆଜି ତୋର ପ୍ରଥମ ଜନ୍ମବାର୍ଷିକରେ ମା' ମଙ୍ଗଳା ତୋର ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବଡ଼ବାପା, ବଡ଼ମା, ବାପା, ମା, ପିଉସା, ପିଉସୀ, ଦାଦା, ଭାଇ ଓ ଭଉଣୀ ତଥା ବନ୍ଧୁ ପରିବାରବର୍ଗ।
ଧ-୧୨୦୩୨

## ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



**Hrithika Sarangi (Purvi)**
ପାତ୍ରପଡ଼ା, ଭୁବନେଶ୍ୱର
ଆଜି ଷଷ୍ଠ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡ଼ି ସାଇଙ୍କ ନିକଟରେ ପ୍ରାର୍ଥନା କରୁଛି ସେ ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ବାପା, ମାଆ, ଅଜା, ଆଈ, ପାପା, ମାମା, ପିଉସା, ପିଉସୀ, ମଉସା, ମାଉସୀ, ଗୁଡୁକାକା, ଆଣ୍ଟି, ଦିଶାନାନୀ, ଲାଡ୍‌ଲି ଓ ପରିବାରବର୍ଗ।
ଧ-୫୮୦୭୨

**Your Classified Advertisement published in Dharitri will be listed free in Dharitri Online Edition: www. dharitri.com**

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

> ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
> -ସର୍ବପଲ୍ଲୀ ରାଧାକ୍ରିଷ୍ଣନ




ମତଦାନରେ ଅଧିକ ମହିଳା ଭୋଟର




# ମାଓବାଦୀ ଭୟ : ଜଙ୍ଗଲରେ ୧୫ କିମି ଚାଲିଚାଲି ଆସିଲେ ପୋଲିଂ ପାର୍ଟି

ମାଲକାନଗିର,୧୨।୪(ଡି.ଏନ.ଏ.)

ଚଳିତ ସାଧାରଣ ନିର୍ବାଚନ ପାଇଁ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିଲା। ତେବେ ଗୁରୁବାର ମତଦାନ ସମୟରେ ମାଲକାନଗିରି ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର କେତେକ ବୁଥ୍‌ରେ ଇଭିଏମରେ ତ୍ରୁଟି ଯୋଗୁ ମତଦାନ ବିଳମ୍ବରେ ହୋଇଥିଲା। କେତେକ ସ୍ଥାନରେ ରାତି ୭ଟାଯାଏ ମତଦାନ ଚାଲିଥିଲା। ତେବେ ମତଦାନ ଶେଷ ପରେ ମାଓବାଦୀଙ୍କ ଭୟ ଥିବା ଗୋଇନ୍ଦା ରିପୋର୍ଟ ମିଳିବା ପରେ ପୋଲିଂ ପାର୍ଟିକୁ ଜଙ୍ଗଲ ରାସ୍ତାରେ ଦୀର୍ଘ ୧୫ କିମି ଚାଲିଚାଲି ଆସିବାକୁ ପଡିଛି। ମୁଦୁଲିପଡା ଥାନା ବଣ୍ଡାଘାଟି, ବଡଡୁରାଲ ମୁଦୁଲିପଡା, ଅଣ୍ଡ୍ରାହଲ ଅଞ୍ଚଳକୁ ଯାଇଥିବା ପୋଲିଂ ପାର୍ଟି ନିର୍ବାଚନ କାର୍ଯ୍ୟ ସାରି ଫେରୁଥିବା ସମୟରେ ମାଓବାଦୀଙ୍କ ପକ୍ଷରୁ କୌଣସି ଅଘଟଣ ଘଟିପାରେ ବୋଲି ଗୋଇନ୍ଦା ଖବର ମିଳିଥିଲା। ପରେ ସୁରକ୍ଷା କର୍ମୀମାନେ ସେମାନଙ୍କୁ ମୁଦୁଲିପଡା ଘାଟିରୁ ୨୮ କିଲୋମିଟର ଖଇରପୁଟକୁ ଆସିବା ପାଇଁ କହିଥିଲେ। ପ୍ରାୟ ୧୦ କିଲୋମିଟର ଗାଡିରେ ଆସିଲା ପରେ ସେମାନଙ୍କୁ ଗାଡିରୁ ଓହ୍ଲାଇ ସମସ୍ତ ନିର୍ବାଚନ ନଥିପତ୍ର, ଇଭିଏମ୍ ଏବଂ ନିଜ ବ୍ୟବହାର ବ୍ୟାଗ୍ ଧରି ଜଙ୍ଗଲ ମଧ୍ୟରେ ସର୍ଟ କଟ୍ ରାସ୍ତାରେ ଯିବା ପାଇଁ ସୁରକ୍ଷାକର୍ମୀମାନେ କହିଥିଲେ । ଫଳରେ ଯବାନଙ୍କ ସହ ପୋଲିଂ ଦଳ ଜଙ୍ଗଲରେ ଚାଲିଚାଲି ଯିବା ଆରମ୍ଭ କରିଥିଲେ। ହଠାତ୍ ବର୍ଷା ପବନ ହେବାରୁ ଜଙ୍ଗଲରେ କୌଣସି ରାସ୍ତା ନ ପାଇ ବାଧ୍ୟ ହୋଇ ପୋଲିଂ ଦଳ ସାରା ରାତି ଜଙ୍ଗଲରେ ରାତି ବିତାଇଥିଲେ । ଭୋର ୫ଟାରୁ ଜଙ୍ଗଲ ରାସ୍ତା ଦେଇ ୧୫ କିଲୋମିଟର ଚାଲି ଚାଲି ଆସି ଶୁକ୍ରବାର ସକାଳ ୮ଟାରେ ଖଇରପୁଟ୍‌ରେ ପହଞ୍ଚିଥିଲେ। ସେମାନଙ୍କୁ ସେଠାରୁ ମାଲକାନଗିରି ଅଣାଯାଇଥିଲା। ନିର୍ବାଚନ ସମ୍ପର୍କିତ ତଥ୍ୟ ଏବଂ ଇଭିଏମ୍‌କୁ ସୁରକ୍ଷିତ ଭାବେ ଆଣି ଜିଲା ପ୍ରଶାସନ ନିକଟରେ ପହଞ୍ଚାଇବାରେ ଏହି କର୍ମଚାରୀମାନଙ୍କ ଦକ୍ଷତାକୁ ସାଧାରଣରେ ପ୍ରଶଂସା କରାଯାଇଛି।




# ଇସ୍ପାତ କାରଖାନାର ସ୍ୱପ୍ନ ଦେଖାଇଲେ ଶାହ

କେନ୍ଦୁଝର, ୧୨।୪ (ସ୍ୱ.ପ୍ର./ଡି.ଏନ.ଏ.)

**କେନ୍ଦୁଝରରେ ଅମିତ ଶାହ**
- ଜିଲାରେ ମେଡିକାଲ କଲେଜ ସ୍ଥାପନ କରାଯିବ
- ଛାଡ଼ ହେବ କେନ୍ଦୁପତ୍ରରେ ଜିଏସ୍‌ଟି
- ବନଜାତ ଦ୍ରବ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣାଯିବ

ଭାଜପା କ୍ଷମତାକୁ ଆସିଲେ ଏଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା ସହ ମେଡିକାଲ କଲେଜ ସ୍ଥାପନ ହେବ। କେନ୍ଦୁପତ୍ରରୁ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼ ଓ ବନଜାତ ଦ୍ରବ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରାଯିବା।ରେ କିଣାଯିବ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଶୁକ୍ରବାର କେନ୍ଦୁଝର ଗସ୍ତରେ ଆସି ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ବିଜୟ ସଂକଳ୍ପ ସଭାରେ ଯୋଗଦେଇଥିଲେ। ଜିଲାର ଦେବୀଦେବତା ଓ ପୁଲଓ୍ୱାମାରେ ଶହୀଦ ହୋଇଥିବା ଦୁଇ ଜଣ ଓଡ଼ିଆଙ୍କୁ ସମ୍ମାନ ଜଣାଇଥିଲେ। ବିପ୍ଳବୀ ଧରଣୀଧର ନାଏକଙ୍କୁ ସ୍ମରଣ କରି ଜଳପୁରୁଷ ଦୈତାରୀ ନାଏକଙ୍କୁ ମନେପକାଇ ସେ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ଭାଷଣ ଆରମ୍ଭରୁ ବିଜେଡି ସରକାରକୁ ଟାର୍ଗେଟ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସବୁଥିରେ ନବୀନ ପଟ୍ଟନାୟକ ସରକାର ବିଫଳ ହୋଇଛନ୍ତି। ଖଣି ଓ ଚିଟ୍‌ଫଣ୍ଡ ଦୁର୍ନୀତିରେ ଏହି ସରକାର ଭାଗୀଦାର ବୋଲି କହିଛନ୍ତି। କଂଗ୍ରେସ ଓ ବିଜେଡି ଦେଶ ଓ ରାଜ୍ୟର ଦାରିଦ୍ର୍ୟ ଦୂର କରିବାରେ ଅସଫଳ ହୋଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ୧୯ ବର୍ଷ ଧରି ଶାସନ କରିବା ସତ୍ତ୍ୱେ ଏଯାବତ ସେ ଭଲ ଭାବେ ଓଡ଼ିଆ ଭାଷା ଜାଣି ନ ଥିବା ନେଇ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଥିଲେ। ଡିଏମ୍‌ଏଫ୍ ମୋଦିଙ୍କ ଅବଦାନ ବୋଲି କହିଥିଲେ। ମୋଦି ସରକାର ରେଳପଥ, ଜାତୀୟ ରାଜପଥ ଆଦିର ବିକାଶ ନେଇ କାର୍ଯ୍ୟ କରୁଥିବା ବେଳେ ଏଥର ଭାଜପା ସରକାରକୁ ଆସିଲେ ଏଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ ବୋଲି ସ୍ୱପ୍ନ ଦେଖାଇଛନ୍ତି। ଏହାଛଡ଼ା କେନ୍ଦୁଝରରେ ଆଉ ଏକ ମେଡିକାଲ କଲେଜ ସ୍ଥାପନ, କେନ୍ଦୁପତ୍ରରେ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼, ବନଜାତ ଦ୍ରବ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣାଯିବ ବୋଲି ଶାହ କହିଛନ୍ତି। ବେରୋଜଗାରୀ, ପାନୀୟଜଳ ସମସ୍ୟା ବିଷୟରେ କହି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଥରେ ନବୀନଙ୍କୁ କ୍ଷମତାରୁ ହଟାଇବା ପରେ ବାହାରକୁ କାମ କରିବାକୁ ଯିବାକୁ ପଡ଼ିବ ନାହିଁ। ୫ ବର୍ଷରେ ଓଡ଼ିଶା ନଂ-୧ ହେବ ବୋଲି ଶାହ କହିଛନ୍ତି।

ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା ପ୍ରାର୍ଥୀ ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା, କେନ୍ଦୁଝର ବିଧାୟକ ପ୍ରାର୍ଥୀ ମୋହନ ମାଝି, ତେଲକୋଇ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ପାଟଣା ପ୍ରାର୍ଥୀ ଭବାନୀ ନାୟକ, ଘସିପୁରା ପ୍ରାର୍ଥୀ ପୃଥ୍ୱୀରାଜ କୁଅଁର, କରଞ୍ଜିଆ ବିଧାନସଭା ପ୍ରାର୍ଥୀ ପଦ୍ମଚରଣ ହାଇବ୍ରୁରୁ, ଜିଲା ସଭାପତି ରାଧାକାନ୍ତ ମହାନ୍ତ, ଦିଲୀପ ମିଶ୍ର, ଅମରବର ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ଫିର୍ ଏକ ବାର୍ ମୋଦି ସରକାର, ରାଜ୍ୟ ସରକାର ବଦଳିବା ଦରକାର ବୋଲି ସ୍ଲୋଗାନ ଦିଆଯାଇଥିଲା। ଅପାର ସମ୍ପଦ ଥାଇ କେନ୍ଦୁଝର ଜିଲା ଅବହେଳିତ ରହିଛି ବୋଲି ନେତାମାନେ ସଭାରେ ପ୍ରକାଶ କରିଥିଲେ।



ସଭାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ସହ ଦଳୀୟ ନେତୃବୃନ୍ଦ।

## ଅଜଣା ଗାଡି ଧକ୍କାରେ କୃଷ୍ଣସାର ମୃତ



ଆସିକା,୧୨।୪(ଡି.ଏନ୍.ଏ.)- ଆସିକା-ଭଞ୍ଜନଗର ମୁଖ୍ୟ ରାସ୍ତାର ସହର ଉପକଣ୍ଠ ବାଲିଛାଇ-ଗୁଣ୍ଠପଡା ମଧ୍ୟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ଅଜଣା ଗାଡି ଧକ୍କାରେ ଗୋଟିଏ ମାଈ କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି। ପ୍ରାୟ ଅଢେଇ ଫୁଟ ଉଚ୍ଚତା ଓ ସାଢେ ୩ ଫୁଟ ଲମ୍ବା ଏହି କୃଷ୍ଣସାରର ବୟସ ୨ ରୁ ୩ ବର୍ଷ ହେବ। ମୃତ କୃଷ୍ଣସାରର ବେକରେ ଶକ୍ତ ଆଘାତର ଚିହ୍ନ ରହିଛି। ଖବର ପାଇ ଆସିକା ବନବିଭାଗ ମୃତ କୃଷ୍ଣସାରଟିକୁ ଘଟଣାସ୍ଥଳରୁ ଆଣି ଆସିକା ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଚାରିମାଇଲସ୍ଥିତ ବନ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ହରିହର ମଲିକ ସୂଚନା ଦେଇଛନ୍ତି।

## ୫୫ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ ଅଫିସ, ୧୨।୪- ଗୋଛାପଡା ଥାନା ନେଡିସୁଗା ଗ୍ରାମରେ ଫୁଲବାଣୀ ଅବକାରୀ ବିଭାଗ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ୫୫ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ସରୋଜ କୁମାର କହଁରଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ତଲାସି ବେଳେ ସରୋଜଙ୍କ ଘରୁ ୩ଟି ବସ୍ତାରେ ଥିବା ଗଞ୍ଜେଇ ମିଳିଥିଲା । ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ପ୍ରବୀଣ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ନଂ. ୨/୧୯ରେ ମାମଲା ରୁଜୁ କରାଯାଇଛି ।







# ପ୍ରାଥମିକ ବିଦ୍ୟାଳୟ ପରିସରରେ ହେବ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର,୧୨।୪(ବ୍ୟୁରୋ)

**ରାଜ୍ୟ ସରକାରଙ୍କୁ କେନ୍ଦ୍ରର ଚିଠି**

ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ହେବ। ଏପରି ହେଲେ ଛୋଟ ଛୋଟ ପିଲାମାନେ ସହଜରେ ବିଦ୍ୟାଳୟକୁ ଆସି ପ୍ରାଥମିକ ଶିକ୍ଷା ପାଇପାରିବେ। ତେଣୁ ଏହାକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ସଚିବ ରାକେଶ ଶ୍ରୀବାସ୍ତବ ଏହି ମର୍ମରେ ରାଜ୍ୟ ସରକାରଙ୍କୁ ପତ୍ର ଲେଖିଛନ୍ତି। କେନ୍ଦ୍ରୀୟ ସଚିବ ଶ୍ରୀବାସ୍ତବ କହିଛନ୍ତି, କେନ୍ଦ୍ର ସରକାର ଓଡ଼ିଶା ସହ ଅନ୍ୟାନ୍ୟ ରାଜ୍ୟର ୧୪ଲକ୍ଷ ଅଙ୍ଗନୱାଡି କେନ୍ଦ୍ର ପାଇଁ ମଞ୍ଜୁର କରିଛନ୍ତି। ସେଥିମଧ୍ୟରେ ୧୩ଲକ୍ଷ ୫୩ହଜାର ଅଙ୍ଗନୱାଡି କେନ୍ଦ୍ର ଆଜି ସୁଦ୍ଧା କାର୍ଯ୍ୟକ୍ଷମ ଅଛି। ଏହି କେନ୍ଦ୍ରଗୁଡ଼ିକ ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ୍) ଦ୍ୱାରା ପରିଚାଳିତ ହେଉଛି, ଯାହା ବିଶ୍ୱରେ ସବୁଠାରୁ ବଡ଼ ଶିଶୁ ଯତ୍ନକାରୀ ଯୋଜନା। ଏହି ଯୋଜନାରେ ଶିଶୁଙ୍କ ସେବା ସହିତ ପୁଷ୍ଟିକର ଖାଦ୍ୟ ଯୋଗାଣ, ସ୍ୱାସ୍ଥ୍ୟସେବା, ପ୍ରାଥମିକ ସ୍ତରରେ ଅଣଆନୁଷ୍ଠାନିକ ଶିକ୍ଷା ଯୋଗାଇ ଦିଆଯାଉଛି। ଏଭଳି ସ୍ଥିତିରେ ସାର୍ବଜନୀନ ନାମଲେଖା ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ଲାଗି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ହାତ ମିଳାଇଛନ୍ତି। ତଦନୁଯାୟୀ କେନ୍ଦ୍ର ସରକାରଙ୍କ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ଯୋଜନା ପ୍ରସ୍ତୁତ ହେଉଛି। ବର୍ତ୍ତମାନ ବହୁ ସଂଖ୍ୟାରେ ଅଙ୍ଗନୱାଡି କେନ୍ଦ୍ର ଭଡ଼ା ଘରେ ଓ ପ୍ରାଥମିକ ବିଦ୍ୟାଳୟଠାରୁ ବହୁ ଦୂରରେ ଚାଲୁଛି। ତେଣୁ ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ମଧ୍ୟରେ ସମନ୍ୱୟ ରହିପାରୁନାହିଁ। ସେଥିପାଇଁ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଯେଭଳି ପ୍ରାଥମିକ ବିଦ୍ୟାଳୟ ପରିସରରେ ରହିବ, ସେ ନେଇ ଯୋଜନା ପ୍ରସ୍ତୁତ ଲାଗି ରାଜ୍ୟ ସରକାରଙ୍କୁ କୁହାଯାଇଛି। ବିଦ୍ୟାଳୟ ପରିସରରେ ଅଙ୍ଗନୱାଡି କେନ୍ଦ୍ର ରହିଲେ, ତାହା ପିଲାମାନଙ୍କୁ ବିଦ୍ୟାଳୟରେ ଭର୍ତ୍ତି ଲାଗି ପ୍ରସ୍ତୁତ କରିବା ସହିତ ଆଇସିଡିଏସ୍ ଓ ସର୍ବଶିକ୍ଷା ଅଭିଯାନ ଭଳି ଫ୍ଲାଗଶିପ୍ ଯୋଜନା କାର୍ଯ୍ୟକାରିତାରେ ସହାୟକ ହେବ।

ସୂଚନାଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ୭୨,୫୮୭ଟି ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ କରୁଛି। ସେଥିମଧ୍ୟରେ ୩୪,୬୫୧ଟିର ନିଜସ୍ୱ ଭିତ୍ତିଭୂମି ନାହିଁ। କେତେକ କେନ୍ଦ୍ର ଭଡ଼ା ଘରେ ଏବଂ ଅଙ୍ଗନୱାଡି କର୍ମୀଙ୍କ ଘରେ ଚାଲୁଛି। ଗଞ୍ଜାମ ଜିଲାରେ ଥିବା ସର୍ବାଧିକ ୨୯୬୪ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଭିତ୍ତିଭୂମି ନ ଥିବାବେଳେ ବାଲେଶ୍ୱରରେ ୨୮୫୪, କଟକରେ ୨୩୨୫, ଭଦ୍ରକରେ ୧୬୦୬ ଓ ବରଗଡ଼ରେ ଏହି ସଂଖ୍ୟା ୧୫୮୬ ରହିଛି। ୧୩,୫୬୬ ଅଙ୍ଗନୱାଡି କେନ୍ଦ୍ରର କୋଠା ନିର୍ମାଣାଧୀନ ଅବସ୍ଥାରେ ଥିବାବେଳେ ରାଜ୍ୟ ସରକାର ୧୨,୧୫୬ଟି କେନ୍ଦ୍ର ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। କେନ୍ଦ୍ର ସରକାର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ପାଇଁ କହିବା ପରେ ରାଜ୍ୟ ସରକାର ଏ ଦିଗରେ କାର୍ଯ୍ୟ ଆରମ୍ଭ କରିଛନ୍ତି। କାର୍ଯ୍ୟ ଶେଷ ହେବା ପରେ ରାଜ୍ୟ ସରକାର ଏ ସଂକ୍ରାନ୍ତୀୟ ରିପୋର୍ଟ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ପଠାଇବେ ବୋଲି ଜଣାପଡ଼ିଛି।

ଧରିତ୍ରୀ
DHARITRI
ଶନିବାର, ୧୩ ଏପ୍ରିଲ, ୨୦୧୯

ଭଗବାନ ସର୍ବଦା ଆମର ପ୍ରାର୍ଥନା ଶୁଣନ୍ତି ଏବଂ ସର୍ବଦା ସବୁ ପ୍ରାର୍ଥନାର ଉତ୍ତର ଦିଅନ୍ତି। କିନ୍ତୁ ତାଙ୍କର ଉତ୍ତର ଶୁଣିବା ପାଇଁ ଓ ବୁଝିବା ପାଇଁ ତୁମ ପକ୍ଷରେ କେତେକ ସର୍ତ୍ତ ପୂରଣ କରିବା ଉଚିତ।
-ଶ୍ରୀମା



# ଅଦ୍ଭୁତ ଧର୍ମସଂକଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପୂର୍ବତନ ଆଇପିଏସ୍ ଅଫିସର ମୟଙ୍କ ଜୈନ ଉଭୟ ମଧ୍ୟପ୍ରଦେଶ ସରକାର ଓ କେନ୍ଦ୍ର ସରକାରଙ୍କୁ ଏକ ଅଦ୍ଭୁତ ପ୍ରକାର ଧର୍ମସଂକଟରେ ପକାଇଦେଇଛନ୍ତି। ପାଞ୍ଚବର୍ଷ ତଳେ ମଧ୍ୟପ୍ରଦେଶ ଲୋକାୟୁକ୍ତଙ୍କ ସ୍ୱତନ୍ତ୍ର ପୋଲିସ ପ୍ରତିଷ୍ଠାନର ଅଧିକାରୀମାନେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ଘର ଉପରେ ଚଢ଼ାଉ କରିବା ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। କିନ୍ତୁ ଏବେ ଏହି ଘଟଣାର ପାଞ୍ଚବର୍ଷ ପରେ ଉକ୍ତ ଦୁର୍ନୀତି ନିରୋଧୀ ସଂସ୍ଥା ଯଥେଷ୍ଟ ପ୍ରମାଣ ଅଭାବରୁ ମାମଲାଟିକୁ ବନ୍ଦ କରିଦେଇଛନ୍ତି। ତେବେ ଉକ୍ତ ଲୋକାୟୁକ୍ତ ମାମଲାର ଶେଷ ନିଷ୍ପତ୍ତି ପର୍ଯ୍ୟନ୍ତ ଅପେକ୍ଷା ନ କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୧୯୯୫ ବ୍ୟାଚ୍‌ର ଅଫିସର ଜଣଙ୍କୁ ଗତ ଅଗଷ୍ଟ ମାସରେ ବାଧ୍ୟତାମୂଳକ ଅବସର ଦେଇଦେଇଥିଲେ। ବର୍ତ୍ତମାନ ଲୋକାୟୁକ୍ତଙ୍କ ରିପୋର୍ଟ କର୍ତ୍ତୃପକ୍ଷଙ୍କୁ ଅଡୁଆରେ ପକାଇଦେଇଛି। କାରଣ ତାଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ପ୍ରମାଣିତ ହୋଇପାରି ନ ଥିବାରୁ ନିୟମାନୁଯାୟୀ ତାଙ୍କୁ ପୂର୍ବ ପଦରେ ପୁଣି ଅବସ୍ଥାପିତ କରିବାକୁ ପଡ଼ିବ। ଏଣେ ବାବୁ ଜଣଙ୍କୁ ବାଧ୍ୟତାମୂଳକ ଭାବେ ଅବସର ଦିଆଯାଇଥିବାରୁ ସେ ଆଉ ପୋଲିସ ସେବାକୁ ଫେରିବାକୁ ଚାହୁଁନାହାନ୍ତି। ଯାହା ଜଣାପଡ଼ିଛି, ଶିକ୍ଷାଗତ ଯୋଗ୍ୟତା ଅନୁସାରେ ବାବୁ ଜଣକ ଜଣେ ଅର୍ଥୋପେଡିକ୍ ସର୍ଜନ ଏବଂ ସେ ଆଇପିଏସ୍ ଚାକିରିକୁ ଏକ ବନ୍ଦ ଅଧ୍ୟାୟ ଭାବେ ଧରିନେଇଛନ୍ତି।

## ଗନ୍ତବ୍ୟସ୍ଥଳ ଚାଇନା

କଳା ଟଙ୍କା, ବାଣିଜ୍ୟ-ଭିତ୍ତିକ ମନି ଲଣ୍ଡରିଂ (କଳାଧନକୁ ଧଳା କରିବା) ଏବଂ ଅନ୍ୟାନ୍ୟ ଆର୍ଥିକ ଜାଲିଆତିର ଅନେକ ଘଟଣା ନଜରକୁ ଆସିଥିବାରୁ ଏହାକୁ ରୋକିବା ପାଇଁ ଭାରତ ସରକାର ଚାଇନାରେ ଦୁଇଜଣ କଷ୍ଟମ୍ସ ଇଣ୍ଟେଲିଜେନ୍ସ ଅଫିସରଙ୍କୁ ନିଯୁକ୍ତି ଦେବାକୁ ଯାଉଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ବେଜିଂସ୍ଥିତ ଭାରତୀୟ ଦୂତାବାସରେ ଏବଂ ଗୁଆଙ୍ଗ୍‌ଝୁସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସରେ ଦୁଇଟି କଷ୍ଟମ୍ସ ଇଣ୍ଟେଲିଜେନ୍ସ ନେଟ୍‌ୱର୍କ (ସିଓଆଇଏନ୍ ବା କଏନ୍) ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଚାଇନାରୁ ଆରମ୍ଭ ହେଉଥିବା ବାଣିଜ୍ୟଭିତ୍ତିକ ମନି ଲଣ୍ଡରିଂ ଓ ଅନ୍ୟାନ୍ୟ ଆର୍ଥିକ ଜାଲିଆତି କାରବାରକୁ ରୋକିବା ପାଇଁ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ଏହି ପଦକ୍ଷେପ ଗ୍ରହଣ କରିଛି। କଏନ୍ ଅଫିସରମାନେ ବାଣିଜ୍ୟ-ଭିତ୍ତିକ ଜାଲିଆତି କାରବାରକୁ ରୋକିବା ପାଇଁ ବିଦେଶରେ ନିଜର ନିଯୁକ୍ତି ସ୍ଥାନରୁ ଗୋଇନ୍ଦା ତଥ୍ୟ ପଠାଇଥାନ୍ତି, ଯାହା ଭାରତୀୟ ଗୋଇନ୍ଦା ସଂସ୍ଥା ବିଶେଷତଃ ଡିଆର୍‌ଆଇକୁ ତଦନ୍ତରେ ସାହାଯ୍ୟ କରିଥାଏ। ଅତୀତରେ କଷ୍ଟମ୍ସ ଅଧିକାରୀମାନେ ଭାରତ ଓ ଚାଇନା ଭିତରେ ହେଉଥିବା କେତେକ ଚୋରା କାରବାରର ସନ୍ଧାନ ପାଇଥିଲେ। ଏହିପରି କାରବାରକୁ ରୋକିବା ପାଇଁ କଏନ୍ ଅଧିକାରୀମାନେ ନେପାଳ, ସିଙ୍ଗାପୁର, ବ୍ରସେଲ୍‌ସ, ଆମେରିକା ଓ ଇଂଲଣ୍ଡ ସମେତ ଅନେକ ଦେଶରେ ନିଯୁକ୍ତି ପାଇଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟର ସହମତିରେ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍ ଚୟନ କମିଟିର ଅନୁମୋଦନରେ ଏହି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଉକ୍ତ ଚୟନ କମିଟିରେ କମିଟିର ଅଧ୍ୟକ୍ଷଙ୍କ ସମେତ ସିବିଆଇସିର ଦୁଇଜଣ ସଦସ୍ୟ ଏବଂ ଡିଆର୍‌ଆଇର ମହାନିର୍ଦ୍ଦେଶକ ଅଛନ୍ତି। ସେମାନେ ପ୍ରାର୍ଥୀମାନଙ୍କର ସାକ୍ଷାତ୍‌କାର ନେଇସାରିବା ପରେ ସିବିଆଇସି ପ୍ରତ୍ୟେକ ପଦ ପାଇଁ ଅର୍ଥ ମନ୍ତ୍ରଣାଳୟକୁ ତିନିଜଣଙ୍କ ନାମ ସୁପାରିସ କରିବ। ତା'ପରେ ଏହାକୁ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ପଠାଯିବ। ଶେଷରେ ସମସ୍ତଙ୍କ ସହମତିରେ ଅନ୍ତିମ ଚିଠା କ୍ୟାବିନେଟ୍ ନିଯୁକ୍ତି କମିଟିକୁ ଅନୁମୋଦନ ପାଇଁ ପଠାଯିବ।

## କିଂକର୍ତ୍ତବ୍ୟବିମୂଢ଼ ସିବିଆଇ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛି। ଏହା ବିଶାଖାପାଟଣାସ୍ଥିତ ନାଭାଲ ଡକ୍‌ୟାର୍ଡର କେତେଜଣ ଅଧିକାରୀଙ୍କ ବିରୋଧରେ ଏକ ଲାଞ୍ଚ ମାମଲାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଥିଲା। କିନ୍ତୁ ଏହା ଆଉ ଆଗକୁ ଯାଇପାରି ନ ଥିଲା କିମ୍ବା ଅଭିଯୁକ୍ତମାନଙ୍କୁ ଗିରଫ କରିପାରି ନ ଥିଲା କାରଣ ଆନ୍ଧ୍ରପ୍ରଦେଶ ସରକାର ତାଙ୍କ ରାଜ୍ୟ ଭିତରେ ପଶି ତଦନ୍ତ କରିବାକୁ ସିବିଆଇକୁ ଦେଇଥିବା ସମ୍ମତି ପ୍ରତ୍ୟାହାର କରିନେଇଥିଲା। ଗତବର୍ଷ ଏନ୍‌ଡିଏ ସରକାରରୁ ଓହରିଯିବା ପରେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଅଭିଯୋଗ କରିଆସୁଛନ୍ତି ଯେ, କେନ୍ଦ୍ର ସରକାର ରାଜନୈତିକ ବିରୋଧୀମାନଙ୍କୁ ଟାର୍ଗେଟ୍ କରିବା ପାଇଁ ସିବିଆଇ ପରି ସଂସ୍ଥାଗୁଡ଼ିକୁ ହାତବାରିସି କରୁଛନ୍ତି।

Email: dilipcherian@gmail.com

# ଜାଲିଆନାୱାଲାବାଗ୍‌ର ଶହେ ବର୍ଷ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଆଜିକୁ ଶହେ ବର୍ଷ ତଳେ, ଏପ୍ରିଲ ୧୩ ତାରିଖରେ ବ୍ରିଟିଶ ଉପନିବେଶବାଦୀ ଶାସକଙ୍କ ହାତରେ ପଞ୍ଜାବରେ ଭୟଙ୍କର ରକ୍ତକ୍ଷୟ ହୋଇଥିଲା। ଅମୃତସରର ଜାଲିଆନାୱାଲାବାଗ୍ ପାର୍କଠାରେ ଶାନ୍ତିପୂର୍ଣ୍ଣ ଭାବେ ସମବେତ ହୋଇଥିବା ଲୋକଙ୍କ ଉପରେ ବ୍ରିଟିଶ ସେନା ତରଫରୁ ଜେନେରାଲ ରେଜିନାଲ୍ଡ ଡାୟାରଙ୍କ ନେତୃତ୍ୱରେ ଅତ୍ୟନ୍ତ ଅତର୍କିତ ଭାବେ ଗୁଳିଚାଳନା କରି ଶହ ଶହ ନିରସ୍ତ୍ର ଓ ନିରୀହ ଲୋକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଯଦିଓ ବ୍ରିଟିଶ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ସେଦିନ ୩୭୯ ଜଣଙ୍କ ମୃତ୍ୟୁ ଏବଂ ୧୨୦୦ ଜଣ ଆହତ ହେବା କଥା ସ୍ୱୀକାର କରାଯାଇଥିଲା କିନ୍ତୁ ଘରୋଇ ଭାବେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ଥିଲା। ଭାରତ ଇତିହାସରେ ଏହା ଏକ ଅଭୂତପୂର୍ବ ନରସଂହାର ଥିଲା, ଯେଉଁଥିରେ ବ୍ରିଟିଶ ଶାସକମାନେ ପାଶବିକତାର ସମସ୍ତ ସୀମା ପାର୍ କରିଥିଲେ। ଖୋଦ ସେଦିନର ନରସଂହାରର ନେତୃତ୍ୱ ନେଉଥିବା ଡାୟାରଙ୍କ ବୟାନ ଅନୁସାରେ ହତ୍ୟାକାରୀ ସେନାଙ୍କ ବନ୍ଧୁକର ସମସ୍ତ ଗୁଳି ଖତମ୍ ହୋଇଯାଇଥିଲା।

ସେତେବେଳେ ବ୍ରିଟିଶ ସରକାର ରାଓଲଟ୍ ଅଧିନିୟମ ନାମରେ ଏକ କଳା ଆଇନ ତିଆରି କରିବାକୁ ଯାଉଥିଲେ। ଏହି ଅଧିନିୟମ ଜରିଆରେ ସରକାର ନିଜ ବିରୋଧରେ ଯେକୌଣସି ପ୍ରକାର ପ୍ରତିବାଦକୁ ଅପରାଧ ଘୋଷଣା କରିବା ସହିତ ସମସ୍ତ ନାଗରିକ ଅଧିକାରକୁ ସମାପ୍ତ କରି ଦେବାକୁ ଉଦ୍ୟମ କରିଥିଲେ। ନା ଦଲିଲ ନା ଓକିଲ ନା ଅପିଲ କୌଣସି ପ୍ରକାର ସୁରକ୍ଷା କିମ୍ବା ଅଧିକାର ଏଥିରେ ନ ଥିଲା। ଏଭଳି ଏକ ଜନବିରୋଧୀ କଳା ଅଧିନିୟମକୁ ବିରୋଧ କରି ପଞ୍ଜାବ ସମେତ ସାରା ଦେଶରେ ଜୋରଦାର ପ୍ରତିବାଦ ହୋଇଥିଲା। ପଞ୍ଜାବରେ ଏହାର ପ୍ରତିବାଦରେ ହେଉଥିବା ଆନ୍ଦୋଳନ ଅତ୍ୟନ୍ତ ଲଢୁଆ ମୋଡ଼ ନେଇଥିଲା। ଆନ୍ଦୋଳନକୁ ଦବାଇବା ଉଦ୍ଦେଶ୍ୟରେ ବ୍ରିଟିଶ ପୋଲିସ ଦୁଇଜଣ ସ୍ଥାନୀୟ ନେତା ଡ. ସଇଫୁଦ୍ଦିନ ପିଚଲୁ ଓ ଡ. ସତ୍ୟପାଲଙ୍କୁ ବେଆଇନ ଭାବେ ଗିରଫ କରିନେବା ସହ ଦେଢ଼ ଶହ ମାଇଲ ଦୂରରେ ଥିବା ହିମାଚଳ ପ୍ରଦେଶର ଧର୍ମଶାଳାରେ ଅଟକ ରଖିଥିଲେ। ଉପରୋକ୍ତ ଦୁଇଜଣ ଜନପ୍ରିୟ ନେତାଙ୍କ ଗିରଫ ପ୍ରତିବାଦରେ ସେଦିନ ଅନ୍ୟ ସଂଗ୍ରାମୀମାନେ ଜାଲିଆନାୱାଲାବାଗ୍‌ରେ ସମବେତ ହୋଇ ଏକ ସଭାର ଆୟୋଜନ କରିଥିଲେ। କିନ୍ତୁ ପାର୍କରେ ଉପସ୍ଥିତ ପ୍ରାୟ କୋଡ଼ିଏ ହଜାର ଲୋକଙ୍କ ମଧ୍ୟରେ ସମସ୍ତେ ସତ୍ୟାଗ୍ରହୀ ନ ଥିଲେ। ଅଳ୍ପ କିଛି ଜଣଙ୍କୁ ଛାଡ଼ିଦେଲେ ଅଧିକାଂଶ ସାଧାରଣ ଲୋକ ଥିଲେ। ସେଦିନ ଶିଖ୍‌ମାନଙ୍କ ଏକ ବଡ଼ ପର୍ବ ବୈଶାଖୀ ଅବସରରେ ସେମାନେ ନିଜ ପରିବାର ସହ ପାର୍କକୁ ବୁଲିବାକୁ ଆସିଥିଲେ। ତେବେ ପାର୍କଟି ଚାରିପଟୁ ସୁଉଚ୍ଚ ପ୍ରାସାଦଗୁଡ଼ିକ ଦ୍ୱାରା ଘେରି ହୋଇଥିବା ବେଳେ ତା' ଭିତରକୁ ଯିବା ଆସିବା ପାଇଁ କେବଳ ଗୋଟିଏ ଅଣଓସାରିଆ ରାସ୍ତା ଥିଲା। ତେଣୁ ଅତର୍କିତଭାବେ ଗୁଳିମାଡ଼ ଫଳରେ ଯେଉଁ ଦଳାଚକଟା ହୋଇଥିଲା ସେଥିରେ ବି ଅନେକ ଲୋକ ମୃତାହତ ହୋଇଥିବା ବେଳେ ପ୍ରାଣବିକଳରେ ଅନେକ ଲୋକ ତା'ଭିତରେ ଥିବା ଏକ କୂଅ ଭିତରକୁ ଡେଇଁପଡ଼ି ଜୀବନ ହରାଇଥିଲେ।

ସେଦିନ ବ୍ରିଟିଶ ସେନାର ଏହି ନରସଂହାରକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତ ରହିଛି। କିନ୍ତୁ ଏହି ନରସଂହାରର ଅନୁସନ୍ଧାନ କରୁଥିବା ହଣ୍ଟର କମିଶନ ଆଗରେ ନିଜର ବୟାନ ଦେଇ ଜେନେରାଲ ଡାୟାର ଯାହା କହିଥିଲେ ତାହା ହିଁ ବ୍ରିଟିଶ ଶାସକମାନଙ୍କ ନୃଶଂସତା ତଥା ପ୍ରକୃତ ଉଦ୍ଦେଶ୍ୟକୁ ଉଜାଗର କରିବାକୁ ଯଥେଷ୍ଟ ଥିଲା। ଖୋଦ ଡାୟାର ନିଜର ବୟାନରେ କହିଥିଲେ ଯେ, ବ୍ରିଟିଶ ସରକାର ବିରୋଧରେ ବିଦ୍ରୋହ କରିବାକୁ ଚେଷ୍ଟା କରୁଥିବା ଦୁଷ୍ଟ ଭାରତୀୟମାନଙ୍କୁ ଶିକ୍ଷା ଦେବାକୁ, ସେମାନଙ୍କୁ ଶୃଙ୍ଖଳିତ କରିବାକୁ ତଥା ସେମାନଙ୍କ ମନୋବଳ ଭାଙ୍ଗିଦେବାକୁ ମୁଁ ଜାଣିଶୁଣି ସବୁ ଗୁଳି ସରିବା ପର୍ଯ୍ୟନ୍ତ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲି। ତାଙ୍କର ଏହି ବୟାନ ନିଜସ୍ୱ ସ୍ୱତନ୍ତ୍ର ନ ଥିଲା ବରଂ ବ୍ରିଟିଶ ସାମ୍ରାଜ୍ୟବାଦୀ ଶାସକମାନଙ୍କ ବିଚାରକୁ ପ୍ରତିଫଳିତ କରୁଥିଲା। ସେଥିପାଇଁ ଏହି ନରସଂହାର ପାଇଁ ଦୋଷ ସ୍ୱୀକାର କରି ଭାରତବାସୀଙ୍କ ଆଗରେ କ୍ଷମା ମାଗିବାକୁ ବାରମ୍ବାର ଦାବି ସତ୍ତ୍ୱେ ଆଜିଯାଏ ବ୍ରିଟିଶ ସରକାର ତାକୁ କର୍ଣ୍ଣପାତ କରି ନାହାନ୍ତି। ନରସଂହାରର ଶହେ ବର୍ଷ ପରିପ୍ରେକ୍ଷୀରେ ଚାରିଆଡୁ ଦାବି ଏପରିକି ଦଳମତ ନିର୍ବିଶେଷରେ ଅନେକ ବ୍ରିଟିଶ ସାଂସଦଙ୍କ ଦାବି ପରେ ନିକଟରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ତେରେସା ମେ ନିଜର ବକ୍ତବ୍ୟ ଜାରି କରି କେବଳ ଦୁଃଖ ପ୍ରକାଶ କରିଛନ୍ତି।

ଜାଲିଆନାୱାଲାବାଗ୍‌ର ନରସଂହାର ପ୍ରଥମ ବିଶ୍ୱଯୁଦ୍ଧ ପରେ ପରେ ଘଟିଥିଲା। ଏହି ଯୁଦ୍ଧରେ ବିଶ୍ୱର ସବୁଠାରୁ ବଡ଼ ସାମ୍ରାଜ୍ୟବାଦୀ ଶକ୍ତିଭାବେ ଆମେରିକା ମୁଣ୍ଡ ଟେକିବା ସହିତ ବ୍ରିଟିଶ ସାମ୍ରାଜ୍ୟବାଦୀମାନେ ଅଭୂତପୂର୍ବ କ୍ଷତିର ଶିକାର ହୋଇଥିଲେ। ଯୁଦ୍ଧରେ ବ୍ୟାପକ ଭାବେ ମୃତାହତ ହୋଇଥିବା ବ୍ରିଟିଶ ସେନାର ଅଧିକାଂଶ ପଞ୍ଜାବୀ ଥିଲେ ଏବଂ ସେମାନଙ୍କର ପରିବାରବର୍ଗ ତଥା ସାଧାରଣ ପଞ୍ଜାବୀଙ୍କ ମଧ୍ୟରେ ସରକାରର ଯୁଦ୍ଧନୀତି ପ୍ରତି ଭୟଙ୍କର ଆକ୍ରୋଶ ଥିଲା। ଦେଶର ସ୍ୱାଧୀନତା ସଂଗ୍ରାମରେ ରହିଥିବା ଆପୋସକାମୀ ଓ ଆପୋସହୀନ ଧାରା ମଧ୍ୟରୁ ପଞ୍ଜାବରେ ଆପୋସହୀନ ଧାରାର ପ୍ରଭାବ ଅଧିକ ଥିଲା। ଦେଶ ବାହାରେ ରହୁଥିବା ପଞ୍ଜାବୀମାନେ ଅର୍ଥ ଓ ଅସ୍ତ୍ରଶସ୍ତ୍ର ଏକାଠି କରି ବ୍ରିଟିଶମାନଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ କରିବାକୁ ପ୍ରସିଦ୍ଧ ଗଦ୍ଦର ଆନ୍ଦୋଳନ କରିଥିଲେ। ଅତଏବ ରାଓଲଟ୍ ଅଧିନିୟମ ବିରୋଧୀ ପ୍ରତିବାଦ ପରିପ୍ରେକ୍ଷୀରେ ଏକ ସଶସ୍ତ୍ର ବିଦ୍ରୋହର ଭୟରେ ଭୟଭୀତ ବ୍ରିଟିଶ ଶାସକମାନେ ଏଭଳି ଏକ ନରସଂହାର କରି ସେମାନଙ୍କ ଶାସନକୁ ସୁରକ୍ଷିତ ରଖିବାକୁ ଚାହୁଁଥିଲେ। ତେବେ ଜାଲିଆନାୱାଲାବାଗ୍ ନରସଂହାରର ପ୍ରଭାବ ପରବର୍ତ୍ତୀ ଅବସ୍ଥାରେ ଭାରତର ସ୍ୱାଧୀନତା ସଂଗ୍ରାମରେ ପଡ଼ିଥିଲା। ଏହାର ପ୍ରଭାବରେ ଭଗତ୍ ସିଂଙ୍କ ପରି ସଶସ୍ତ୍ର ବିପ୍ଳବୀମାନେ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବାକୁ ଅନୁପ୍ରାଣିତ ହୋଇଥିଲେ।

ଆଜି ଏହି ନରସଂହାରର ଶହେ ବର୍ଷ ଅବସରରେ ବ୍ରିଟିଶ ସାମ୍ରାଜ୍ୟବାଦୀଙ୍କ ଶୋଷଣ ତଥା ଦମନ ଏବଂ ତାକୁ ସମାପ୍ତ କରିବାକୁ ଉଦ୍ୟମ କରିଥିବା ବିପ୍ଳବୀମାନଙ୍କୁ ମନେ ପକାଇବାର ଆବଶ୍ୟକତା ରହିଛି। ଏକ ସାମ୍ରାଜ୍ୟବାଦୀ ଶାସକ ଭାବେ ଆମ ଦେଶକୁ ଲୁଟ୍ କରିବାକୁ, ଦେଶର ଜନସାଧାରଣଙ୍କୁ ଦମନ ଓ ଅତ୍ୟାଚାର କରିବାକୁ ସେମାନେ ଯେଉଁସବୁ କଳା ଆଇନ ଓ ବ୍ୟବସ୍ଥା କରିଥିଲେ ତାହା ଆଜି ବି ଆମ ଦେଶରେ ଅବ୍ୟାହତ ରହିଛି। ଦେଶର ପ୍ରାକୃତିକ ସମ୍ପଦ, ଶ୍ରମଶକ୍ତି ଏବଂ ବଜାରକୁ ଲୁଟିବାର ସାମ୍ରାଜ୍ୟବାଦୀ ନୀତି ଅନୁରୂପ ବହୁରାଷ୍ଟ୍ରୀୟ ପୁଞ୍ଜିକୁ ଦୁଆର ମେଲା କରାଯାଉଥିବା ବେଳେ ତାକୁ ବିରୋଧ କରୁଥିବା ଜନଗଣଙ୍କୁ ଅତ୍ୟାଚାର ଓ ଦମନର ଶିକାର ହେବାକୁ ପଡୁଛି। ନିଜକୁ ଗଣତାନ୍ତ୍ରିକ ବୋଲି ଦାବି କରୁଥିବା ଶାସକମାନେ ଆଜି ବି କଳିଙ୍ଗନଗର ବା ଟୁଟିକୋରିନ୍ ପରି ସାଧାରଣ ଜନତାଙ୍କୁ ସଂହାର କରିବାକୁ ପଛାଉ ନାହାନ୍ତି।

ମୋ-୯୪୩୭୧୬୬୩୯୧,
bhalachandra.odisha@gmail.com

# ବିଷୁବ ସଂକ୍ରାନ୍ତିର ବିଶେଷତ୍ୱ



ସବ୍ୟସାଚୀ ଅମିତାଭ

ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତି ଅନୁସାରେ ମାସ ଓ ବର୍ଷ ଗଣନା କରାଯାଇଥାଏ। ଜ୍ୟୋତିଷଶାସ୍ତ୍ର ଅନୁସାରେ ବର୍ଷରେ ଦୁଇଟି ବିଷୁବ ସଂକ୍ରାନ୍ତି ଓ ଦୁଇଟି ଅୟନ ସଂକ୍ରାନ୍ତି ଆସିଥାଏ। ଜାନୁୟାରୀ ମଧ୍ୟଭାଗରେ ସୂର୍ଯ୍ୟ ମକର ରାଶିକୁ ଚଳିଲେ ତାକୁ ଉତ୍ତରାୟଣ ସଂକ୍ରାନ୍ତି ଏବଂ ତା'ର ଛଅମାସ ପରେ ଜୁଲାଇ ମଧ୍ୟଭାଗରେ କର୍କଟ ରାଶିକୁ ଚଳିଲେ ତାକୁ ଦକ୍ଷିଣାୟନ ସଂକ୍ରାନ୍ତି କହନ୍ତି। ସେହିପରି ରବି ଏପ୍ରିଲ ମଧ୍ୟଭାଗରେ ମେଷ ରାଶିକୁ ସଂକ୍ରମଣ କଲେ ତାକୁ ମହାବିଷୁବ ସଂକ୍ରାନ୍ତି ଏବଂ ତା'ର ଛଅମାସ ପରେ ତୁଳା ରାଶିକୁ ସଂକ୍ରମଣ କଲେ ତାକୁ ଜଳବିଷୁବ ସଂକ୍ରାନ୍ତି କହନ୍ତି। ସୌରଗଣନା ଅନୁସାରେ ମେଷ ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତିଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ। ତେଣୁ ଏହି ଦିନକୁ ଓଡିଆଙ୍କ ନୂଆବର୍ଷ ଭାବେ ପାଳନ କରାଯିବା ସହ ଏହି ଦିନଠାରୁ ନୂଆ ପାଞ୍ଜି ପ୍ରଚଳନ କରାଯାଇଥାଏ। ଆଜିଠାରୁ ପାରମ୍ପରିକ ଭାବେ ୧୯୪୧ ଶକାବ୍ଦ ଓ ୫୧୨୦ କଳିଯୁଗାବ୍ଦ ଆରମ୍ଭ ହେଉଛି। ସୂର୍ଯ୍ୟଙ୍କର ଉପାସନା ପାଇଁ ମହାବିଷୁବ ସଂକ୍ରାନ୍ତି ପ୍ରକୃଷ୍ଟ ଦିନ। ପୌରାଣିକ ଆଖ୍ୟାନ ଅନୁସାରେ ମହାବୀର ହନୁମାନ ଚୈତ୍ର ପୂର୍ଣ୍ଣିମା ଦିନ ଜନ୍ମ ହୋଇଥିଲେ ଏବଂ ସେହିଦିନ ମେଷ ସଂକ୍ରାନ୍ତି ବି ଥିଲା। କିନ୍ତୁ ଅନ୍ୟ ରାଜ୍ୟରେ ଚୈତ୍ର ପୂର୍ଣ୍ଣିମାରେ ହନୁମାନ ଜୟନ୍ତୀ ପାଳନ କରାଯାଉଥିବା ବେଳେ ଆମ ରାଜ୍ୟରେ ମେଷ ସଂକ୍ରାନ୍ତିରେ ହିଁ ହନୁମାନ ଜୟନ୍ତୀ ପାଳନ କରାଯାଏ।

ବିଷୁବ ସଂକ୍ରାନ୍ତି ପରଠାରୁ ଉତ୍ତର ଗୋଲାର୍ଦ୍ଧରେ ସୂର୍ଯ୍ୟକିରଣ ଅଧିକ ପ୍ରଖର ହୋଇ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଉଷ୍ଣବାୟୁ ପ୍ରଭାବରେ ପ୍ରାଣୀ ତଥା ଉଦ୍ଭିଦ ଜଗତକୁ ଅତ୍ୟନ୍ତ କଷ୍ଟ ଦେଇଥାଏ। ଏହି କାରଣରୁ ମଣିଷ ଶରୀରରେ ଗୁରୁପାକ ଖାଦ୍ୟ ଠିକ୍ ଭାବେ ହଜମ ହୋଇ ନ ଥାଏ। ଶରୀରର ଏହି ତାପଶକ୍ତିକୁ ନିୟନ୍ତ୍ରଣ କରିବା ପାଇଁ ବେଲ, ନବାତ, ଗୁଡ଼, ଛେନା, ପାଚିଲା କଦଳୀ, ଆଖୁରସ, ଗୋଲମରିଚ, କଷି ଆମ୍ବ, ଅଦା, କିସ୍‌ମିସ୍, ନଡିଆ, ଦହି, କାଜୁ, କ୍ଷୀରକୁ ମିଶାଇ ପଣା ପ୍ରସ୍ତୁତ କରି ପାନ କରାଯାଇଥାଏ। ଘରେ ପୂଜା ପାଉଥିବା ଇଷ୍ଟ ଦେବଦେବୀଙ୍କ ପାଖରେ ଏହି ପଣା ଭୋଗ ଲଗାଯାଇଥାଏ। ତେଣୁ ଏହି ସଂକ୍ରାନ୍ତିକୁ ପଣାସଂକ୍ରାନ୍ତି ବୋଲି କୁହାଯାଏ। ଏହି ଦିନ ତୁଳସୀ ଚଉରାରେ ଜଳଘଟ ଝୁଲାଯାଇ ସେଥିରେ ସରୁ କଣା କରି ତୁଳସୀ ଗଛ ଉପରେ ବିନ୍ଦୁ ବିନ୍ଦୁ ଜଳଦାନର ବ୍ୟବସ୍ଥା କରାଯାଏ। ପ୍ରଚଣ୍ଡ ତାତିଜନିତ କାରଣରୁ ତୃଷାର୍ତ୍ତ ବାଟୋଇମାନଙ୍କୁ ଜଳଦାନ କରି ପୁଣ୍ୟ ଅର୍ଜନ ଲକ୍ଷ୍ୟରେ ବିଷୁବ ସଂକ୍ରାନ୍ତିଠାରୁ ଜଳଛତ୍ର ଆରମ୍ଭ କରାଯାଇଥାଏ।

ଆମ ରାଜ୍ୟର ପୁରପଲ୍ଲୀରେ ବିଷୁବ ସଂକ୍ରାନ୍ତି ଦିନ ଏକ ଧର୍ମୀୟ ବାତାବରଣ ସୃଷ୍ଟି ହୋଇଥାଏ। ବିଶ୍ୱଶାନ୍ତି ପାଇଁ ଅନେକ ସ୍ଥାନରେ ହୋମଯଜ୍ଞ ବ୍ୟବସ୍ଥା କରାଯାଇଥାଏ। ଏହାସହ ଏହି ଦିନ ପୁଣ୍ୟ ପ୍ରାପ୍ତି ଆଶାରେ ବ୍ରାହ୍ମଣ ଭୋଜନ ସାଙ୍ଗକୁ ଦାନ କର୍ମ କରିବାକୁ ଲୋକମାନଙ୍କ ଭିତରେ ଆଗ୍ରହ ଦେଖିବାକୁ ମିଳେ। ମୀନ ସଂକ୍ରାନ୍ତି ପରଠାରୁ ଝାମୁବ୍ରତ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତି ଦିନ ଶେଷ ହୁଏ। ଯେଉଁମାନେ ମା' ପାର୍ବତୀଙ୍କ ପାଇଁ ବ୍ରତ ଧାରଣ କରିଥାନ୍ତି, ସେମାନଙ୍କୁ ପାଟୁଆ ଓ ଯେଉଁମାନେ ମହାପ୍ରଭୁ ଶିବଙ୍କ ପାଇଁ ବ୍ରତ କରିଥାନ୍ତି ସେମାନଙ୍କୁ ଦଣ୍ଡପାଟୁଆ ବୋଲି କୁହାଯାଇଥାଏ। ଉଭୟ ବ୍ରତଧାରୀ ବିଭିନ୍ନ ଗାଁ ଗଣ୍ଡା ବୁଲି ଶିବପାର୍ବତୀଙ୍କ ମହିମା ପ୍ରଚାର କରି ବ୍ରତ ସାରିଥାନ୍ତି। ଏହାସହ ମା'ଶାରଳା, ମଙ୍ଗଳା, ଚର୍ଚ୍ଚିକା, ଭଗବତୀ, ହିଙ୍ଗୁଳା ଆଦି ଶକ୍ତିପୀଠରେ ମା'ଙ୍କ ମହିମା ପ୍ରଚାର ପାଇଁ ମୀନ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଘଣ୍ଟପାଟୁଆ ନାଚ ବିଷୁବ ସଂକ୍ରାନ୍ତି ଦିନ ଶେଷ ହୋଇଥାଏ। ଘଣ୍ଟପାଟୁଆ ନାଚରେ ତିନିଜଣ ସେବକ ଥାଆନ୍ତି। ଦୁଇଜଣ ଘଣ୍ଟ ବିଭିନ୍ନ ତାଳରେ ବଜାଇବା ସମୟରେ ଅନ୍ୟ ଜଣେ କଳା ରଙ୍ଗର ବସ୍ତ୍ର ପରିଧାନ କରି ମୁଣ୍ଡରେ ଉତ୍ତରୀୟ ପକାଇ ନୃତ୍ୟ କରନ୍ତି। ଆମ ରାଜ୍ୟରେ ଏକମାସ ଧରି ଚାଲିଥିବା ପାଟୁଆ ଲୋକନୃତ୍ୟର ବିଷୁବ ସଂକ୍ରାନ୍ତି ଦିନ ପରିସମାପ୍ତି ଘଟିଥାଏ। ମହାବିଷୁବ ସଂକ୍ରାନ୍ତି ଦିନ ସାରା ଓଡିଶାର ବିଭିନ୍ନ ଦେବୀପୀଠରେ ହେଉଥବା ଯାତ୍ରାକୁ ଝାମୁଯାତ୍ରା କୁହାଯାଏ। ଝାମୁଯାତ୍ରା ଦେଖିବାକୁ ନାହିଁ ନ ଥିବା ଲୋକଗହଳି ହୁଏ। କାକଟପୁରର ମା'ମଙ୍ଗଳା ଓ ଝଙ୍କଡ଼ର ଶାରଳା ପୀଠରେ ହେଉଥିବା ଝାମୁଯାତ୍ରା ବେଶ୍ ଚର୍ଚ୍ଚିତ। ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଏଥିରେ ସାମିଲ ହେବା ସହ ଝାମୁଯାତ୍ରାର ଆନନ୍ଦ ନେଇଥାନ୍ତି। ଏହି ଝାମୁଯାତ୍ରା ବେଳେ ଦେବୀପୀଠ ସମ୍ମୁଖରେ ସର୍ବସାଧାରଣଙ୍କ ଉପସ୍ଥିତିରେ ଦଣ୍ଡପାଟୁଆମାନେ ନିଆଁରେ ଖାଲି ପାଦରେ ଚାଲି ନିଜର ମାନସିକ ପୂରଣ କରିଥାନ୍ତି।

ସେହିପରି ମହାବିଷୁବ ସଂକ୍ରାନ୍ତି ଆମର ସାହିତ୍ୟ ତଥା ସଂସ୍କୃତିକୁ ଋଦ୍ଧିମନ୍ତ କରିବା ସହ ବୈଜ୍ଞାନିକ ଦୃଷ୍ଟିକୋଣରୁ ଶରୀର ପାଇଁ ଯଥେଷ୍ଟ ଉପାଦେୟତା ପ୍ରଦାନ କରିଥାଏ। ଆଧୁନିକତାର ପ୍ରଭାବରେ ଆମେ ଆମର ନିଜସ୍ୱ ନବବର୍ଷ ବିଷୁବ ସଂକ୍ରାନ୍ତିକୁ ଭୁଲି ଏବେ ଇଂଲିଶ କ୍ୟାଲେଣ୍ଡରର ଜାନୁୟାରୀ ଏକ ତାରିଖକୁ ନୂଆବର୍ଷ ଭାବେ ପାଳନ କରିବାକୁ ଆଗ୍ରହ ଦେଖାଉଛୁ, ଯାହା ଆମର ସଂସ୍କୃତି ଓ ପରମ୍ପରା ପ୍ରତି କୁଠାରାଘାତ। ଅନ୍ୟପକ୍ଷରେ ମହାବିଷୁବ ସଂକ୍ରାନ୍ତି ଧାର୍ମିକ ମନୋଭାବ ଅପେକ୍ଷା, ଭାଷା, ସାହିତ୍ୟ, ସଂସ୍କୃତି ସହ ସଦ୍‌ଭାବନା, ସତ୍‌କର୍ମ, ସମନ୍ୱୟ ଓ ସଦିଚ୍ଛାର ବାର୍ତ୍ତା ପ୍ରଚାର କରିବା ପାଇଁ ଉଦ୍ଦିଷ୍ଟ ଉତ୍ସବ କହିଲେ ଭୁଲ୍ ହେବନି।

ଭୁବନେଶ୍ୱର, ମୋ- ୯୪୩୮୨୯୬୫୧୯

## ଏଇ ଭାରତରେ

ଅଶ୍ୱତ୍ଥ ବୃକ୍ଷର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି ୨ ପୋଲିସ କର୍ମଚାରୀ। ବୃକ୍ଷକୁ ଖରାରୁ ରକ୍ଷାକରିବା ପାଇଁ ଦମକଳ ବାହିନୀ ଗଛମୂଳେ ପାଣି ଦେଉଛନ୍ତି। ଗଛର ସୁରକ୍ଷା ଦାୟିତ୍ୱରେ ପୋଲିସ କର୍ମଚାରୀଙ୍କୁ ମଧ୍ୟ ମୁତୟନ କରାଯାଇଛି। ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ତେବେ ଏହା ସତ୍ୟ। ମଧ୍ୟପ୍ରଦେଶ ରାୟସେନାରେ ରହିଛି ଏକ ଅଶ୍ୱତ୍ଥ ଗଛ। ଏହାକୁ ଗତ ୭ ବର୍ଷ ଧରି ଜଗି ରହିଛନ୍ତି ୨ ପୋଲିସ କର୍ମଚାରୀ। ଏବେ ଖରାଦିନରେ ଗଛରେ ପାଣି ଦେବାକୁ ପ୍ରତି ୨ ଦିନରେ ଥରେ ଦମକଳ ବାହିନୀ ଆସୁଛନ୍ତି। ଏହା କୌଣସି ସାଧାରଣ ଅଶ୍ୱତ୍ଥ ଗଛ ନୁହେଁ। ଏହାକୁ ୨୦୧୨ ସେପ୍ଟେମ୍ବର ୨୧ରେ ଶ୍ରୀଲଙ୍କାର ତତ୍କାଳୀନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍‌ସେ ଭାରତ ଗସ୍ତ ସମୟରେ ରୋପଣ କରିଥିଲେ। ସଲାମତ୍‌ପୁରସ୍ଥିତ ବୌଦ୍ଧ ବିହାରରେ ଏହି ଅଶ୍ୱତ୍ଥ ଗଛ ରହିଛି। ଗଛର ସୁରକ୍ଷା ପାଇଁ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ସାଞ୍ଚି ନଗର ପରିଷଦ ଉକ୍ତ ବୃକ୍ଷର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛି। ଏହା ପଛରେ ରହିଥିବା ରହସ୍ୟ ହେଉଛି ବୌଦ୍ଧଧର୍ମର ପ୍ରବର୍ତ୍ତକ ଗୌତମ ବୁଦ୍ଧ ବିହାରର ବୋଧଗୟାସ୍ଥିତ ବୋଧିଦ୍ରୁମ ବା ଅଶ୍ୱତ୍ଥ ବୃକ୍ଷମୂଳେ ତପସ୍ୟା କରି ନିର୍ବାଣପ୍ରାପ୍ତି ହୋଇଥିଲେ। ସମ୍ରାଟ୍ ଅଶୋକଙ୍କ ସମୟରେ ଶ୍ରୀଲଙ୍କାରେ ବୌଦ୍ଧଧର୍ମର ବ୍ୟାପକ ପ୍ରଚାର ପ୍ରସାର ଘଟିଥିଲା। ତେଣୁ ଶ୍ରୀଲଙ୍କାର ତତ୍‌କାଳୀନ ରାଷ୍ଟ୍ରପତି ବୁଦ୍ଧଙ୍କ ନିର୍ବାଣପ୍ରାପ୍ତି ସ୍ଥଳରେ ଏକ ଅଶ୍ୱତ୍ଥ ବୃକ୍ଷ ରୋପଣ କରି ବୌଦ୍ଧଧର୍ମର ମହାନତା ବିଷୟ ସ୍ମରଣ କରାଇ ଦେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଏପ୍ରିଲ ୧୯୯୪**

- କ୍ଷମତାରେ ଥିବା ବେଳେ ୩.୫ ମିଲିୟନ ଡଲାର ଅର୍ଥ ହେର୍‌ଫେର କରିଥିବା ଅଭିଯୋଗରେ ଫିଲିପାଇନ୍ସର ପୂର୍ବତନ ଫାଷ୍ଟଲେଡି ଇମେଲଡା ମାର୍କୋସ୍‌ଙ୍କୁ ଗିରଫ କରିବା ପାଇଁ ଦେଶର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।
- ଆଫଗାନିସ୍ତାନର ପରସ୍ପର ବିରୋଧୀ ରାଷ୍ଟ୍ରପତି ବୁରାହୁଦ୍ଦିନ ରବାନି ଏବଂ ପ୍ରଧାନମନ୍ତ୍ରୀ ଗୁଲବୁଦ୍ଦିନ ହେକ୍‌ମତିୟାର ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟି ୩୦ ନିହତ।
- ରାଜସ୍ଥାନ ହାଇକୋର୍ଟର ବିଚାରପତି କୃଷ୍ଣଚନ୍ଦ୍ର ଅଗ୍ରୱାଲ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ରୂପେ ଶପଥ ନେଲେ।

## ପାଠକ ଶ୍ରେଷ୍ଠ ବିଚାରକ

### ମିଠା କଥାରେ କ'ଣ ପେଟ ପୂରେ

ମହାଶୟ,

ବାସ୍ତବବାଦୀମାନେ ଅନ୍ୟର ପେଟକୁ ଖାଦ୍ୟରେ ପୂରଣ କରନ୍ତି। ମାତ୍ର କଳ୍ପନାବିଳାସୀ ବା ଧୂର୍ତ୍ତମାନେ ମିଠା କଥାରେ ପୂରାଇବାକୁ ଚେଷ୍ଟା କରନ୍ତି, ଯେଉଁ କଥାର ବାସ୍ତବତା କମ୍ ଥାଏ। ପ୍ରତ୍ୟେକ ଯୋଜନାର ସଫଳ ରୂପାୟନ ପାଇଁ ଆନ୍ତରିକତା ଓ ସ୍ୱାର୍ଥହୀନ ଉଦ୍ୟମ ଏକାନ୍ତ ପ୍ରୟୋଜନ। ରାଜନୈତିକ ଦଳଗୁଡ଼ିକ ନିର୍ବାଚନର ଠିକ୍ ପୂର୍ବରୁ ଶ୍ରୁତିମଧୁର ପ୍ରତିଶ୍ରୁତି, ଯୋଜନା ଓ ପରିକଳ୍ପନାମାନ ଜନସାଧାରଣଙ୍କୁ ପରଷୁଛନ୍ତି। ସେମାନଙ୍କ ହିତ ପାଇଁ ଯୋଜନାର ପ୍ରଣୟନ ଓ ରୂପାୟନ ଶାସନକୁ ଆସିବାର ଠିକ୍ ପରେ ପରେ ଆରମ୍ଭ କରା ନ ଯାଇ ଚାରିବର୍ଷ ବା ସାଢ଼େ ଚାରିବର୍ଷ ପୂରିବା ପରେ ପୁଣି ପର ନିର୍ବାଚନ ଆସିବାର ଠିକ୍ ଅବ୍ୟବହିତ ପୂର୍ବରୁ କରାଯାଉଛି କାହିଁକି?

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

### ଦଳଡିଆଁ ରାଜନୀତି

ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ ନିର୍ବାଚନ ଓ ଦଳଡିଆଁ ରାଜନୀତି ଖୁବ୍ ସୁନ୍ଦର ଉପସ୍ଥାପନା। କିନ୍ତୁ ଏଭଳି ହେଉଛି କାହିଁକି? ଅନୁଶ୍ରୁତିର ବାଣୀ ଅନୁସାରେ- ଇଷ୍ଟ ନାହିଁ ନେତା ଯିଏ, ଯମର ଦଲାଲ କିନ୍ତୁ ସିଏ। ଶିକ୍ଷକର ନାହିଁ ଇଷ୍ଟେ ଟାଣ, କିଏ ଜଗାଇବ ଛାତ୍ର ପ୍ରାଣ। ଇଷ୍ଟ ହେଲେ ଜୀବନ୍ତ ଆଦର୍ଶ, ଯାହାଙ୍କୁ ଅନୁସରଣ କରି ମଣିଷ ଚାଲିବା ଉଚିତ। ଆମେ ଜାଣୁ ରାବଣ ଶେଷ ସମୟରେ ରାମଚନ୍ଦ୍ରଙ୍କୁ ପ୍ରଶ୍ନ ପଚାରିଥିଲେ- ତୁମେ କୌଣସିଥିରେ ମୋଠାରୁ ବଡ଼ ନୁହଁ, ଅଥଚ ମୋତେ ପରାସ୍ତ କଲ କିପରି? ରାମଚନ୍ଦ୍ର କହିଥିଲେ- ତାଙ୍କର ଗୁରୁଭକ୍ତି ଓ ସାଧୁସଙ୍ଗ ଥିଲା ଏବଂ ସାଙ୍ଗରେ ଭାଇ ଥିଲେ। ଏହାକୁ ରାବଣ ସ୍ୱୀକାର କରିଥିଲେ, ଅର୍ଥାତ୍ ସେ କାହାର ପରାମର୍ଶ ନେଉ ନ ଥିଲେ ବା ଗ୍ରହଣ କରୁ ନ ଥିଲେ। ନେତା ହୁଅନ୍ତୁ ବା ଯେ କେହି ହୁଅନ୍ତୁ ସେମାନଙ୍କ ଜୀବନରେ ବାସ୍ତବିକ ଜୀବନ୍ତ ଆଦର୍ଶ ରହିଲେ ଏ ସବୁ ଘଟିବ ନାହିଁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ଓଡ଼ିଆରେ ରେଳ ଟିକଟ

ଏନ୍‌ଡିଏ ସରକାର ସମୟରେ ଓଡ଼ିଆ ଭାଷା ସାଂସ୍କୃତିକ ଭାଷାର ମାନ୍ୟତା ପାଇବା ପରେ ଏବେ ଓଡ଼ିଆରେ ରେଳ ଟିକଟ ଲେଖା ହେବା ପାଇଁ ଘୋଷଣା ହେବା ଅତ୍ୟନ୍ତ ଖୁସିର ଖବର। କିନ୍ତୁ ଓଡ଼ିଶାରେ ସରକାରୀ କାର୍ଯ୍ୟ ଓଡ଼ିଆରେ ଲେଖିବାଠାରୁ ଆରମ୍ଭ କରି ଦୋକାନରେ ଲାଗୁଥିବା ନାମଫଳକ ଓଡ଼ିଆରେ ଲେଖିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଏହାକୁ ସରକାରୀ କର୍ମଚାରୀଙ୍କଠାରୁ ଦୋକାନ ମାଲିକମାନେ ମାନିବାକୁ ନାରାଜ। ପ୍ରତିଦିନ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଉପରେ ଯୋଜନାର ଘୋଷଣା ଚାଲିଛି। କିନ୍ତୁ ଯୋଜନା ସଫଳଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହା ଦେଖିବା ତ ଦୂରର କଥା ପର ମୁହୂର୍ତ୍ତରେ ସେହି ଯୋଜନାଗୁଡିକ ସରକାର ଭୁଲିଯା'ନ୍ତି। ଆଶା କରୁ ଓଡ଼ିଆ ଭାଷା ପ୍ରତି କେନ୍ଦ୍ର ସରକାର ନେଉଥିବା ପଦକ୍ଷେପକୁ ରାଜ୍ୟ ସରକାର ଗ୍ରହଣ କରି ଓଡ଼ିଆ ଭାଷା ପ୍ରୀତି ଦେଖାନ୍ତୁ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

''ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
''ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର। (ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | 8 | | 6 | | | 0 | 9 | | | 3 | | | |
| | | | | | | | | 6 | 5 | 1 | | | | |
| | | | 7 | C | 4 | 1 | | B | 8 | | 6 | | | |
| | | 0 | 1 | | 5 | | E | | B | | | | 4 | 3 |
| | 4 | | | 8 | D | | C | | 2 | | | | | |
| 9 | 5 | | | 4 | | A | 1 | E | | | | | | |
| | | | | 9 | 6 | | | | | | 2 | | 5 | |
| D | C | A | | | 0 | | | | | 3 | 7 | | | |
| 0 | | 6 | | | | | | | | | E | | | |
| | | | | | | 5 | | 2 | D | | A | | | 4 |
| 3 | 1 | | 4 | | A | 9 | | | | 0 | | | | |
| | 2 | D | | B | 9 | | 5 | | | | | | | |
| | | | | | C | | | | | 6 | | 3 | | 8 |
| | | | | | | | | D | E | | 5 | | 1 | B |
| 6 | | | | 2 | | 4 | | 7 | | | 1 | | A | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 9 | 5 | E | D | 8 | 7 | C | A | 4 | 0 | 2 | 6 | 3 | 1 |
| A | 1 | E | B | 3 | 9 | 2 | 6 | 5 | 8 | C | D | 4 | 0 | 7 |
| 0 | 6 | 7 | 4 | A | C | 1 | 8 | 3 | B | 5 | E | 2 | D | 9 |
| 2 | 4 | 8 | 1 | 7 | 0 | E | 9 | D | 6 | A | 3 | B | 5 | C |
| D | C | 3 | 5 | 6 | 2 | 4 | B | 0 | 1 | 9 | 7 | E | A | 8 |
| 3 | A | D | 9 | E | 6 | C | 4 | 7 | 2 | 8 | 5 | 1 | B | 0 |
| 8 | 2 | 6 | D | B | 1 | 9 | 3 | E | 7 | 4 | 0 | A | C | 5 |
| 7 | 0 | 4 | C | 5 | A | D | 1 | 8 | 3 | E | B | 9 | 6 | 2 |
| 5 | B | C | 3 | 2 | 4 | A | 0 | 6 | D | 1 | 9 | 7 | 8 | E |
| 9 | E | 1 | 8 | 0 | 7 | B | 5 | 2 | A | 6 | C | 3 | 4 | D |
| 1 | 8 | 0 | 6 | 9 | D | 3 | E | B | C | 7 | 4 | 5 | 2 | A |
| 6 | 5 | A | 7 | 4 | 3 | 8 | 2 | 9 | 0 | D | 1 | C | E | B |
| C | D | B | A | 1 | 5 | 6 | 7 | 4 | E | 2 | 8 | 0 | 9 | 3 |
| E | 7 | 2 | 0 | 8 | B | 5 | A | C | 9 | 3 | 6 | D | 1 | 4 |
| 4 | 3 | 9 | 2 | C | E | 0 | D | 1 | 5 | B | A | 8 | 7 | 6 |

ଗତକାଲିର ଉତ୍ତର

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଏପ୍ରିଲ ୧୩/୨୦୧୯



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।

- ଜର୍ଜ ବର୍ଣ୍ଣାଡ ଶ'



## ବ୍ରହ୍ମପୁର ଲୋକ ସଭା ଆସନ ନିର୍ବାଚନ

# ଭୋଟ ଦେଲେନି ୪.୫ ଲକ୍ଷ ଭୋଟର

ଛତ୍ରପୁର,୧୨।୪(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଗୁରୁବାର ପ୍ରଥମ ପ୍ରର୍ଯ୍ୟାୟ ଅର୍ଥାତ୍ ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଓ ଏହା ଅଧୀନ ୫ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହୋଇଥିଲା। ଏହି ଭୋଟରେ ୪ ଲକ୍ଷ ୫ ହଜାର ୮୬୨ ଭୋଟର ଭୋଟ ଦେଇ ନାହାନ୍ତି। ଯାହାକି ୩୭.୮୫ ପ୍ରତିଶତ ରହିଛି। ଉକ୍ତ ୫ ନିର୍ବାଚନମଣ୍ଡଳୀରେ ମୋଟ ୧୦ ଲକ୍ଷ ୭୨ ହଜାର ୨୪୨ ଭୋଟର ଥିବାବେଳେ ୬ ଲକ୍ଷ ୬୬ ହଜାର ୩୮୦ ଭୋଟର ସେମାନଙ୍କ ମତଦାନ କରିଛନ୍ତି। ଯାହାକି ୬୨.୧୫ ପ୍ରତିଶତ ରହିଛି। ଛତ୍ରପୁର ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୨୫ ହଜାର ୪୨ଜଣ ଭୋଟର ରହିଥିବା ବେଳେ ମାତ୍ର ୧ଲକ୍ଷ ୪୮ ହଜାର ୧୪୦ ଜଣ ଭୋଟ ଦେଇଛନ୍ତି। ସେହିପରି ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୧୩ ହଜାର ୩୧୦ ଭୋଟର ଥିବା ବେଳେ ୧ଲକ୍ଷ ୩୪ ହଜାର ୨୦୪ ଜଣ ଭୋଟର ଭୋଟ ଦେଇଛନ୍ତି। ବ୍ରହ୍ମପୁରରେ ୨ଲକ୍ଷ ୧୦ହଜାର ୯୩୭ ଭୋଟର ଥିବା ବେଳେ ୧ଲକ୍ଷ ୧୮ ହଜାର ୮୪୫ ଭୋଟର ମତଦାନ କରିଛନ୍ତି। ଚିକିଟିରେ ୨ଲକ୍ଷ ୮ ହଜାର ୭୩୬ ଭୋଟର ରହିଥିବା ବେଳେ ୧ଲକ୍ଷ ୨୩ହଜାର ୧୭୨ ଜଣ ଭୋଟ ଦେଇଛନ୍ତି। ଦିଗପହଣ୍ଡି ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୧୪ ହଜାର ୨୧୭ ଭୋଟର ରହିଥିବା ବେଳେ ୧ଲକ୍ଷ ୪୨ ହଜାର ୧୯ ଜଣ ଭୋଟର ମତଦାନ କରିଛନ୍ତି। ପ୍ରକାଶଯେ, ଚଳିତ ସାଧାରଣ ନିର୍ବାଚନରେ ଭୋଟ ପ୍ରତିଶତ ବୃଦ୍ଧି ପାଇଁ ପ୍ରଶାସନ ପକ୍ଷରୁ କଲେଜ ଛାତ୍ରୀଛାତ୍ରମାନଙ୍କୁ ଭୋଟ ଦାନ ସମ୍ପର୍କରେ ଧାରଣା ଦିଆଯିବା ସହ ଭୋଟରମାନଙ୍କୁ ସଚେତନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ତଥାପି ଭୋଟ ପ୍ରତିଶତ ବଢ଼ିବା ବଦଳରେ କମିଛି। ୨୦୧୪ ସାଧାରଣ ନିର୍ବାଚନ ଗଞ୍ଜାମ ଜିଲାର ସମସ୍ତ ଆସନରେ ଗୋଟିଏ ଦିନରେ ଅନୁଷ୍ଠିତ ହୋଇଥିଲା। ଏଥର ୨ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ପାଇଁ ସ୍ଥିର ହୋଇଥିଲା। ବ୍ରହ୍ମପୁର ଲୋକ ସଭା ଆସନ ଏବଂ ଏହା ଅଧୀନ ୫ ବିଧାନସଭା ଆସନ ପାଇଁ ଭୋଟ ସରିଥିବା ବେଳେ ୧୮ ତାରିଖରେ ଆସିକା ଲୋକ ସଭା ଆସନ, ୭ ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହେବ।

ସୂଚନାଯୋଗ୍ୟ, ବ୍ରହ୍ମପୁର ଲୋକ ସଭା ଅଧୀନରେ ଗଜପତି ଜିଲାର ୨ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାରଳାଖେମୁଣ୍ଡି ଓ ମୋହନା ରହିଛି।

## ଆର.ଉଦୟଗିରିରେ ୭୬.୪୧% , ନୂଆଗଡ଼ରେ ୭୩.୯୯% ମତଦାନ

ଆର.ଉଦୟଗିରି, ୧୨।୪ (ଡି.ଏନ.ଏ)

ଆର.ଉଦୟଗିରି ବ୍ଲକରେ ଗୁରୁବାର ବ୍ରହ୍ମପୁର ଲୋକସଭା ଓ ମୋହନା ନିର୍ବାଚନ ମଣ୍ଡଳୀର ବିଧାନସଭା ପ୍ରାର୍ଥୀ ପାଇଁ ମତଦାନ ବେଳେ ବିଭିନ୍ନ ଭୋଟ କେନ୍ଦ୍ରରେ ବିଭ୍ରାଟ ଦେଖାଦେବାରୁ ସଙ୍ଗେ ସଙ୍ଗେ ନିର୍ବାଚନ ଅଧିକାରୀ ସମାଧାନ କରିଥିଲେ। ଅନ୍ୟ ଭୋଟ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାରେ ମତଦାନ ହୋଇଛି। ଆର.ଉଦୟଗିରି ବ୍ଲକର ମୋଟ ୪୦,୩୯୩ ଭୋଟର ମଧ୍ୟରୁ ୩୦,୮୬୬ ଓ ନୂଆଗଡ ବ୍ଲକର ମୋଟ ୩୮,୮୨୮ ଭୋଟର ମଧ୍ୟରୁ ୨୮,୭୨୯ ମତଦାନ କରିଥିବା ନିର୍ବାଚନ ଅଧିକାରୀ ପ୍ରଦୀପ କୁମାର ନାୟକ ଓ ନୂଆଗଡ ଜିପିଓ ପ୍ରଭାକର ସାହୁ ସୂଚନା ଦେଇଛନ୍ତି। ଆର.ଉଦୟଗିରି ଗ୍ରାମର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ଭୋଟ କେନ୍ଦ୍ରରେ ଭୋଟରଙ୍କ ପାଇଁ କୌଣସି ସୁବିଧା କରାଯାଇ ନ ଥିବାରୁ ଉଦୁଉଦିଆ ଖରାରେ ଛିଡ଼ାହୋଇ ଭୋଟ ଦେଇଥିବା ଭୋଟରମାନେ ଅଭିଯୋଗ କରିଛନ୍ତି। ଏ ନେଇ ନିର୍ବାଚନ ଅଧିକାରୀ ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଏହି ଅଭିଯୋଗ ମୁଁ ଶୁଣିଛି। ଯାହାକୁ ଚାନ୍ଦୁଆ କରିବାକୁ ଦିଆଯାଇଥିଲା ସେ ଠିକ୍ ଭାବେ କରି ନ ଥିବା ପ୍ରକାଶ କରିଥିଲେ।

# ଓଡ଼ିଆ ଶାସନରେ ବାସନ୍ତୀ ଦୁର୍ଗାପୂଜା

ରୂପ୍ସା,୧୨।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଓଡ଼ିଆଶାସନ ପୂଜାମଣ୍ଡପରେ ଶୁକ୍ରବାର ମା' ବାସନ୍ତୀ ଦୁର୍ଗାଦେବୀଙ୍କ ମହାଷ୍ଟମୀ ପୂଜା ପାଳିତ ହୋଇଯାଇଛି। ପଣ୍ଡିତ ଗଙ୍ଗାଧର ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ଦାଶ, ଶ୍ରୀକାନ୍ତ ନନ୍ଦ, ପ୍ରତାପ ଚନ୍ଦ ଦିକ୍ଷୀତ ଓ ମୃତ୍ୟୁଞ୍ଜୟ ଦିକ୍ଷୀତ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ନିଷ୍ଠାର ସହ ଦେବୀଙ୍କଠାରେ ପୂଜା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ୭ଶହରୁ ଉର୍ଦ୍ଧ୍ୱ ବ୍ରତଧାରୀ ମହିଳା, ପୁରୁଷ ଦେବୀଙ୍କଠାରେ ଭୋଗ ନୈବେଦ୍ୟ ଅର୍ପଣ କରି ଆଶିଷ ଲଭିଥିଲେ। ଗୁରୁବାର ସପ୍ତମୀ ପୂଜାରେ ଗ୍ରାମବାସୀ ବିଶାଳ ଶୋଭାଯାତ୍ରାରେ ଘଟତୋଳନ କରିଥିଲେ। ଅଧିବାସ ପୂର୍ବକ ମଣ୍ଡପରେ ଘଟରୋପଣ ହୋଇଥିଲା। ହୋମଯଜ୍ଞ, ଚଣ୍ଡୀପାଠ ପୂର୍ବକ ସପ୍ତଶ୍ଳୋକ ଆହୂତି ଆବୃତ୍ତି କରାଯାଇଥିଲା। ଶନିବାର ନବମୀ ପୂଜା ସମ୍ପନ୍ନ ହେବା ପରେ ମାର୍ଜଣାପୂର୍ବକ ରବିବାର ଦଶହରାରେ ଦେବୀଙ୍କୁ ବିସର୍ଜନ ଦିଆଯିବ। ଶହେବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ପାଳିତ ଉତ୍ତରଓଡ଼ିଶାର ଏହି ପ୍ରସିଦ୍ଧ ପୂଜୋତ୍ସବରେ ଭଜନକୀର୍ତ୍ତନ, ନୃତ୍ୟଗୀତ ସାଙ୍ଗକୁ ଓଁକାର ଗଣନାଟ୍ୟ ତରଫରୁ ସାମାଜିକ ଯାତ୍ରା ପରିବେଷଣ କରାଯାଇଥିଲା। ପୂଜା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦିକ୍ଷୀତ, କର୍ମକର୍ତ୍ତା ମାନସ ମିଶ୍ର, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଧନଞ୍ଜୟ ତ୍ରିପାଠୀ, ତପନ କୁମାର ଦିକ୍ଷୀତ, ମନୋରଞ୍ଜନ ପାଣିଗ୍ରାହୀ ଓ ବାଦୁରାମ ସିଂ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।


## DECLARATION ABOUT CRIMINAL CASES

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.). Name and address of candidate: Smt. Snehangini Chhuria, W/o- Durga Prasad Chhuria, At/Po- Dekulba, PS/Tah- Bhedan, Dist- Bargarh. Name of the political party: Biju Janata Dal. Name of the Election- Legislative Assembly of Odisha. Name of Constituency: 04- Attabira (SC) Assembly Constituency. I Smt. Snehangini Chhuria a candidate for the above mentioned election declared for public information the following details about my criminal antecedents:

| Sl No | Pending criminal cases | | | Details about cases of conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offence(s) | Name of court & date (s) of order (s) | Description of offence (s) & punishment imposed |
| 1. | Addl. Sessions Judge, Bargarh | C.T. Case No- 217/54 of 2013-2014 pending for Accused Statement | U/s. 294 obscene acts and songs, 427 Mischief causing damage to the amount of fifty rupees, 506 Punishment for criminal intimidation, 34 Acts. done by several persons in furtherance of common intention of IPC R/w U/s 3 (i) (x) of SC & ST (PA) Act. intentionally insults or intimidates with intent to humiliate a member of a Scheduled Caste or a Scheduled Tribe in any place within public view | NIL | NIL |

Sd/- Smt. Snehangini Chhuria

## DECLARATION ABOUT CRIMINAL CASES

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.). Name and address of candidate: Bijaya Ranjan Singh Bariha, S/o Late Premananda Singh Bariha, R/o Vill. Padampur, Po- Rajborasambar, Dist- Bargarh, Name of the political party: Biju Janata Dal (BJD), Name of the Election- Odisha Legislative Assembly General Election-2019. Name of Constituency: 1- Padampur Assembly Constituency, I Bijaya Ranjan Singh Bariha a candidate for the above mentioned election declare for public information for following details about my criminal antecedents:

| Sl No | Pending criminal cases | | | Details about cases on conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description ofoffences(s) | Name of court & date (s) of order (s) | Description of offence (s) & punishment imposed |
| 1 | ADJ Court Padampur | C.T. Cash No- 48/2016 for framing of charge | U/s 147/148/341/323/294/427/506/149 of IPC and 3 (i)(x) SC/ST (PA) Act. 147= Punishment for Rioting, 148= Rioting armed with Deadly weapon., 341= punishment for wrongful restrain, 323= Punishment for Voluntarily causing hurt, 294= Using of obscene acts and songs, 427= Mischief causing damage of fifty rupees, 506= Punishment for criminal intimidation, 149= Common object/& 3(i)(x) SC/ST, (P.A.) Act= Punishment for offence of atrocities | NA | NA |
| 2 | SDJM Court Padampur | G.R. Case No. 432/2004 for Hearing (Evidence of witnesses) | U/s 341/294/5006 IPC, 341= Punishment for wrongful Restrain, 294= Using of obscrne acts and songs, 506= Punishment for criminal intimidation | NA | NA |
| 3 | SDJM Court Padampur | G.R. Case No. 251/2003 for Hearing Evidence of witnesses | U/s 294/506 IPC , 294= Using of obecene acts and songs, 506= Punishment for criminal intimidation | NA | NA |
| 4 | JMFC Court Padampur | G.R. Case No. 143/2000 for Accused Statement | U/s 341/323/34 IPC, 341= Punishment for wrongful Restrain, 323= Punishment for Voluntarlly causing Hurt, 34= Acts done by several Persons furtherance of Common intention | NA | NA |

Sd/- Bijaya Ranjan Singh Bariha


## ପ୍ରଥମ ପୃଷ୍ଠାରୁ...

### ଅଭିଯୋଗକାରୀ ବାପାଙ୍କୁ ...

ଦେଇଛନ୍ତି ମୃତା ଶିଶୁକନ୍ୟାଙ୍କ ବାପା। ଏହି ଘଟଣାକୁ ନେଇ ଜଟଣୀ ଥାନା ଆଗରେ ଶୁକ୍ରବାର ଜଳିଥିଲା ଅସନ୍ତୋଷ ନିଆଁ। ସକାଳୁ ଶତାଧିକ ଲୋକ ଜଟଣୀ ଥାନା ଘେରାଉ କରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଅଭିଯୋଗକାରୀଙ୍କୁ ବାହାରର ଜଣେ ଲୋକ ଥାନା ଭିତରେ ମାଡ଼ ମାରିବା ଘଟଣାକୁ ସେମାନେ ତୀବ୍ର ପ୍ରତିବାଦ କରିଥିଲେ। ଏପରି କି ପୂର୍ବତନ ସରପଞ୍ଚ ପରିଡ଼ାଙ୍କୁ ଗିରଫ ଦାବିରେ ମୃତା ଶିଶୁକନ୍ୟାଙ୍କ ପରିବାର ସଦସ୍ୟ ଓ ଭାଜପାର ବହୁ କର୍ମୀ ଅଡ଼ି ବସିଥିଲେ। ଶେଷରେ ପରିଡ଼ାଙ୍କୁ ଗିରଫ କରିବାକୁ ବାଧ୍ୟ ହୋଇଛି ପୋଲିସ। ବଳାତ୍କାର ଘଟଣା ଘଟିଥିଲା ଜଟଣୀ ଥାନା ଅନ୍ତର୍ଗତ ଗୋପବନ୍ଧୁନଗର ଅଞ୍ଚଳରେ। ଗୁରୁବାର ରାତି ପ୍ରାୟ ୧୦ଟାରେ ଶିଶୁକନ୍ୟା ପିଆଜ ଆଣିବା ପାଇଁ ଘର ନିକଟରେ ରହୁଥିବା ତାଙ୍କ ମାଉସୀଙ୍କ ଘରକୁ ଯାଇଥିଲେ। ସେ ଆଉ ନ ଫେରିବାରୁ ଶିଶୁକନ୍ୟାଙ୍କ ମା'ବାପା ଓ ସାହିଲୋକ ମାଉସୀଙ୍କ ଘର ସହିତ ଆଖପାଖରେ ଖୋଜି ପାଇ ନ ଥିଲେ। ହେଲେ ଶିଶୁକନ୍ୟାଙ୍କ ଘର ନିକଟରେ ଏକାକୀ ଭଡ଼ାରେ ରହୁଥିବା ଆନନ୍ଦ ପ୍ରଧାନ(ଗଞ୍ଜାମ ଜିଲା ବୁଗୁଡ଼ା ଅଞ୍ଚଳର)ଙ୍କ ଘର ଭିତରପଟୁ ବନ୍ଦ ଥିବାରୁ ସାହିଲୋକଙ୍କ ସନ୍ଦେହ ହୋଇଥିଲା। ସାହିଲୋକ କବାଟ ବାଡ଼େଇ ଡାକିଥିଲେ ମଧ୍ୟ ଆନନ୍ଦ କବାଟ ଖୋଲି ନ ଥିଲେ। ଲୋକେ ଘର ସ୍କାଏଲାଇଟ୍ ପଟୁ ଦେଖିବା ପରେ ପ୍ରକୃତ ଘଟଣା ଜାଣିବାକୁ ପାଇଥିଲେ। ଏହାପରେ କବାଟ ଭାଙ୍ଗି ଭିତରେ ପଶିଥିଲେ। ହେଲେ ଘର ଭିତର ଦୃଶ୍ୟ ଥିଲା ହୃଦୟ ବିଦାରକ। କୋଠରି ସାରା ରକ୍ତ ପଡ଼ିଥିବା ବେଳେ ଏକ କନ୍ଥାରେ ଶିଶୁକନ୍ୟାଟି ଗୁଡ଼ାହୋଇ ଅଚେତ ଅବସ୍ଥାରେ ପଡ଼ିଥିଲେ। ଏହି ସମୟରେ ଆନନ୍ଦ ଖସିଯିବାକୁ ଉଦ୍ୟମ କରିବାବେଳେ ସାହି ଲୋକଙ୍କ ହାତରେ ଧରାପଡ଼ିଥିଲେ। ତାଙ୍କୁ ଲୋକେ ପୋଲିସ ଜିମା ଦେଇଥିଲେ। ତେବେ ଲୋକଙ୍କ ମାଡ଼ରେ ଅଭିଯୁକ୍ତ ଆନନ୍ଦ ଆହତ ହୋଇଥିବାରୁ ପୋଲିସ ତାଙ୍କୁ କଟକ ବଡ଼ମେଡ଼ିକାଲରେ ଭର୍ତ୍ତି କରିଛି। ଅନ୍ୟପକ୍ଷରେ ସାହିଲୋକେ ସଙ୍କଟାପନ୍ନ ଅବସ୍ଥାରେ ଶିଶୁକନ୍ୟାଙ୍କୁ ପ୍ରଥମେ ସ୍ଥାନୀୟ ରେଲୱେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିରେ ସାହିଲୋକ ଉତ୍ତ୍ୟକ୍ତ ହୋଇ ବିଳମ୍ବିତ ରାତିରେ ଜଟଣୀ-ପୁରୀ ମୁଖ୍ୟରାସ୍ତାର ମହୁଲଗୁଡ଼ିଆ ଛକରେ ରାସ୍ତାରୋକୋ କରିଥିଲେ। ସେମାନେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ମୃତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବି କରିଥିଲେ। ଏହାପରେ ଶିଶୁକନ୍ୟା ବାପା ଅଭିଯୁକ୍ତଙ୍କ ବିରୋଧରେ ଏତଲା ଦେବାକୁ ଜଟଣୀ ଥାନାକୁ ଯାଇଥିଲେ। କିନ୍ତୁ ସେଠାରେ ପୂର୍ବତନ ସରପଞ୍ଚ ପରିଡ଼ାଙ୍କ ମାଡ଼ ତାଙ୍କ ଶିଶୁମୃତ୍ୟୁଜନିତ ଯନ୍ତ୍ରଣାଠାରୁ ବଳି ପଡ଼ିଥିଲା। ଏହି ଘଟଣା ସାହିଲୋକ ଜାଣିବା ପରେ ଅସନ୍ତୋଷ ଉଗ୍ରରୂପ ନେଇଥିଲା। ଲୋକେ ଥାନା ଘେରାଉ କରି ପୂର୍ବତନ ସରପଞ୍ଚ ଓ ଥାନା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରିସ୍ଥିତି ଜଟିଳ ହେବାରୁ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଡିସିପି ଅନୁପ ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଜଟଣୀ ଥାନାରେ ପହଞ୍ଚିଥିଲେ। ଡିସିପି ଅନୁପ ସାହୁ କହିଛନ୍ତି, ଅଭିଯୁକ୍ତଙ୍କ ବିରୋଧରେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱତନ୍ତ୍ର ଟିମ୍ ଦ୍ୱାରା ତଦନ୍ତ କରାଯିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଦନ୍ତ ପ୍ରକ୍ରିୟାକୁ ଶେଷ କରାଯିବ। ବଳାତ୍କାର ଘଟଣାରେ ଆଇପିସି ଦଫା ୩୭୬(ଏ),୩୭୬(ଏବି), ୩୦୨ ଏବଂ ପୋକ୍‌ସୋ ଆକ୍ଟ ଅନୁଯାୟୀ ୧୨୬/୧୯ ନମ୍ବରରେ ମାମଲା ରୁଜୁ ହୋଇଛି ।

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ କହିବା ଅନୁଯାୟୀ, ବଳାତ୍କାର ମାମଲାର ଅଭିଯୁକ୍ତ ପୋଲିସ ହେପାଜତରେ ରହିଛି। ସେ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ। ଏହାସହ ପୂର୍ବତନ ସରପଞ୍ଚ କାର୍ତ୍ତିକ ପରିଡାଙ୍କୁ ଗିରଫ କରାଯାଇଛି। ଥାନା ଅଧିକାରୀଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାହାର ତଦନ୍ତ କରାଯାଉଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ଜଟଣୀ ତହସିଲଦାର ପ୍ରିୟାଂଶୁ ଚାନ୍ଦ ମୃତ ଶିଶୁକନ୍ୟାଙ୍କ ପରିବାରକୁ ଦେଇଛନ୍ତି।

ଅପରପକ୍ଷରେ ପୂର୍ବତନ ସରପଞ୍ଚ ପରିଡ଼ା ଏବେ ଜଟଣୀ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ବିଭୂତି ବଳବନ୍ତରାୟଙ୍କ ସମର୍ଥକ ଥିବା ଚର୍ଚ୍ଚା ହେଉଛି। ଫଳରେ ବଳବନ୍ତରାୟଙ୍କୁ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଛନ୍ତି। ଏନେଇ ବିଭୂତି ବଳବନ୍ତରାୟ କୁହନ୍ତି, କାର୍ତ୍ତିକ ପରିଡ଼ା ଆମ ଦଳର ନୁହନ୍ତି। ୮ ଦିନ ପୂର୍ବରୁ ସେ ଭାଜପାରେ ମିଶିଥିବା ତାଙ୍କ ପାଖରେ ଖବର ଥିବା ସେ କହିଛନ୍ତି।

ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତରାୟ ଜଟଣୀ ଥାନା ଅଧିକାରୀଙ୍କୁ ନିଲମ୍ବନ ପାଇଁ ଦାବି କରିଛନ୍ତି। ସେହିପରି କଂଗ୍ରେସ ନେତା ସୁରେଶ ରାଉତରାୟ କାର୍ତ୍ତିକ ପରିଡ଼ାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଅଭିଯୁକ୍ତ ରହୁଥିବା ଭଡ଼ାଘର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମୃତା ଶିଶୁକନ୍ୟାଙ୍କ ବାପା। କାରଣ ଘର ଖୋଲିବାରେ ସେ ବାଧା ଦେଇଥିଲେ ବୋଲି ମୃତା ଶିଶୁକନ୍ୟାଙ୍କ ବାପା କହିଛନ୍ତି।





## DECLARATION ABOUT CRIMINAL CASES

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.). Name and address of candidate: Susanta Singh, At/Po-Bausenmura, PS-Sohela, Dist.- Bargarh (Odisha). Name of the political party: Biju Janata Dal. Name of the Election- General Election 2019. Name of Constituency: 5- Bhatli Constituency, I Susanta Singh a candidate for the above mentioned election declare for public information the following details about my criminal antecedents:

| Sl No | Pending criminal cases | | | Details about cases of conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offence (s) | Name of court & date (s) of order (s) | Description of offence (s) & punishment imposed |
| 1 | JMFC Sohela | G.R Cash No117/ 2014 hearing | 120B, 109,171B, 171E, 171F, IPC | | |
| 2 | SDJM Bargarh | C.T No. 301/2014 supply of P.P. | 120(B), 109, 171B, 171E, 171F,IPC read with 47 B&OF Act. | N/A | N/A |
| | | | | N/A | N/A |
| 3 | SDJM Bargarh | CT No. 257/14 supply of P.P. | 147, 148, 341, 294, 353, 447, 506, 149 r.w. 7Cri law amendment Act. | N/A | N/A |

Sd/- Susanta Singh

## DECLARATION ABOUT CRIMINAL CASES

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.). Name and address of candidate: Pradip Purohit, At/Po./PS- Paikmal, Dist- Bargarh. Name of the political party: Bharatiya Janata Party, Name of the Election- Legislative Assembly. Name of Constituency: 1- Padampur A/c
I, Pradip Purohit a candidate for the above mentioned election declare for public information for following details about my criminal antecedents:

| Sl No | Pending criminal cases | | | Details about cases on conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offences(s) | Name of court & date (s) of order (s) | Description of offence (s) & punishment imposed |
| 1 | S.D.J.M Padampur | GR Case No- 156/ 2019 for Final form | U/S-341/294/353/506/34 IPC | Not Applicable | Not Applicable |
| 2 | S.D.J.M Padampur | CT Case No- 172/163 of 2013-14 Court of ADJ, Padampur for hearing | U/s 451/506/34 IPC & 3 (i) (x) SC & ST (PA) Act | Not Applicable | Not Applicable |
| 3 | S.D.J.M Padampur | GR Case No 72 of 2011 Court of SDJM, Padampur for appearance | U/s 143/283/341/431/149 | Not Applicable | Not Applicable |
| 4 | ADJ Padampur | CT Case No- 307/189 of 2012-13 Court of ADJ, Padampur for hearing | U/s 147/294,323/506/149 IPC, 3 (i) (x) SC & ST (PA) Act. | Not Applicable | Not Applicable |
| 5 | ADJ Padampur | CT Case No- 58/18 Court of ADJ, Padampur for appearance | U/s 147/323/294/307/506/149 IPC | Not Applicable | Not Applicable |
| 6 | SDJM Padampur | CT (GR) Case No. 9/2011 Court of SDJM, Padampur for appearance | U/s 147/341/353/332/294/ 506/149 IPC & 7 CRL Act. | Not Applicable | Not Applicable |
| 7 | SDJM Padampur | CT (GR) Case No. 10/2011 of Court of SDJM, Padampur for appearance | U/s 147/341/452/353/332/294/ 506/307/149 IPC 3 (i) (x) SC & ST (PA) Act. | Not Applicable | Not Applicable |
| 8 | ADJ Padampur | CT Case No. 135/16 Court of ADJ, Padampur for appearance | U/s 143/294/342/506/149 IPC & 3 (i) (x) SC & ST (PA) Act. | Not Applicable | Not Applicable |
| 9 | SDJM Padampur | GR Case No. 228/2008 Court of SDJM, Padampur for hearing | U/s 143/342/294, 353/506/149 IPC, | Not Applicable | Not Applicable |

Sd./- Pradip Purohit

## DECLARATION ABOUT CRIMINAL CASES

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.)
Name and address of candidate: Irasis Acharya, At- Kushanpuri, Po/Ps- Bhatli, Dist- Bargarh
Name of the political party: Bharatiya Janata Party
Name of the Election- Legislatve Assembly of Odisha (General Election),
Name of Constituency: 05- Bhatli
I Irasis Acharya a candidate for the above mentioned election declare for public information the following details about my criminal antecedents:

| Sl No | Pending criminal cases | | | Details about cases of conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offences(s) | Name of court & date (s) of order(s) | Description of offence (s) & punishment imposed |
| 1. | ADJ Bargarh | CT No. 91/51 of 2018 for charse | U/s. 302/114/34 IPC & 5-25/27/29 Army Act. | N/A | N/A |
| 2. | SDJM Bargarh | GR No. 348/13 for appearance | U/s. 341/294/506/323/ 325/34 IPC | N/A | N/A |

Sd/- Irasis Acharya

## ସଂକ୍ଷେପରେ

**ପିଇଓଙ୍କୁ ସରପଞ୍ଚଙ୍କ ମାଡ଼ ଅଭିଯୋଗ**

### ଥାନାରେ ମାମଲା, ତଦନ୍ତ ଆରମ୍ଭ

ଢେଙ୍କାନାଳ ଅଫିସ, ୧୨।୪: ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାବେରା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଝୁନୁରାଣୀ ସିଂଙ୍କୁ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସରପଞ୍ଚ ଯମୁନା ଭୋଇ ଏବଂ ତାଙ୍କ ସ୍ୱାମୀ ଗୁରୁବାର ନିସ୍ତୁକ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ବିଡିଓ ଏବଂ ପିଇଓଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୭୫/୧୯, ଦଫା ୩୩୨, ୩୫୪, ୩୨୩, ୩୪୨, ୪୮୪, ୩୦୭ ଓ ୫୦୬, ୩୪ ଅନୁଯାୟୀ ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଏତଲା ଅନୁଯାୟୀ, ଲାଇଟ୍ କିଣା ଚେକ୍ ସମ୍ପର୍କରେ ସରପଞ୍ଚ ଏବଂ ତାଙ୍କ ସ୍ୱାମୀ ପିଇଓଙ୍କୁ ପଚରାଉଚୁରା କରିଥିଲେ। ଏ ସମ୍ପର୍କିତ କୌଣସି ଚେକ୍ ଆସି ନ ଥିବା ଝୁନୁରାଣୀ କହିବାପରେ ଏଥିରେ ଉଭୟେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଝାଡ଼ୁରେ ପ୍ରବଳ ପିଟିଥିଲେ। ଏଥିସହ ଚୁଟି ଟାଣି ଲହୁଲୁହାଣ କରିଦେଇଥିଲେ। କାର୍ଯ୍ୟାଳୟର ଦୁଇଜଣ ତଳିଆ କର୍ମଚାରୀ ଘଟଣାବେଳେ ଉପସ୍ଥିତ ଥିବା ଅଭିଯୋଗରେ ଦର୍ଶାଯାଇଛି। ଝୁନୁରାଣୀ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସରପଞ୍ଚ କୁହନ୍ତି, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଭତ୍ତା ନାମରେ ପିଇଓ ଅତ୍ୟଧିକ ପିସି ନେଉଛନ୍ତି। ଲୋକେ ଏ ନେଇ ବାରମ୍ବାର ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ପଚରାଉଚୁରା କରିବା ବେଳେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

**■ଚନ୍ଦନେଶ୍ୱର ମହାଦେବଙ୍କ ମହାନୀଳ ପର୍ବ**

# ବୁଡ଼ ପକାଇଲେ ୪ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଭୋଗରାଇ, ୧୨।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୀମାନ୍ତ ଭୋଗରାଇ ବ୍ଲକର ଶ୍ରୀ ଚନ୍ଦନେଶ୍ୱର ଜୀଉଙ୍କଠାରେ ଚାଲିଥିବା ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କମେଳାର ଶୁକ୍ରବାର ଥିଲା ମହାନୀଳ ପର୍ବ। ଏହି ଅବସରରେ ମନ୍ଦିର ପରିସର ଭକ୍ତମୟ ହୋଇପଡିଥିଲା। ଲକ୍ଷାଧିକ ଉପବୀତଧାରୀ ଭକ୍ତଙ୍କ ସହିତ ଅସଂଖ୍ୟ ଶ୍ରଦ୍ଧାଳୁ ନିଶିବସାନରୁ ଜୀଉଙ୍କ ଗର୍ଭ ଗର୍ଭରେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିସରରେ ବହୁ ପଣ୍ଡା, ସେବାୟତ, ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଲାଗିଥିଲା। କାଳବୈଶାଖୀ ଝଡ଼କୁ ବେଖାତିର କରି ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ରାଜ୍ୟରୁ ପ୍ରାୟ ୪ ଲକ୍ଷ ଶ୍ରଦ୍ଧାଳୁ ଜୀଉଙ୍କ ମହାନୀଳ ପର୍ବରେ ସମବେତ ହୋଇଥିଲେ। ହରିବୋଲ ଧ୍ୱନିରେ ଚନ୍ଦନେଶ୍ୱର ପୀଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ସୁଦୂର ପଶ୍ଚିମବଙ୍ଗ ସହ ପୂର୍ବ ଓ ପଶ୍ଚିମ ମେଦିନୀପୁର ଜିଲାର ଅଗିଣିତ ଶିବଭକ୍ତ ବିଭିନ୍ନ ନଦୀରୁ ପାଣି ବାହୁଙ୍ଗୀରେ କାନ୍ଧେଇ ନେଇ ଜୀଉଙ୍କ ଗର୍ଭ ଗର୍ଭରେ ଜଳାଭିଷେକ କରିଥିଲେ। ବହୁ ମହିଳା ଶିବଭକ୍ତ ଦେବାଧିଦେବ ମହାଦେବ ଚନ୍ଦନେଶ୍ୱର ଜୀଉଙ୍କ ପରିସରରେ ଅଧିଆ ପଡ଼ି ଜୀଉଙ୍କ ଅପାର କରୁଣା ଲାଭ କରି ପୂଜାର୍ଚ୍ଚନା କରିଛନ୍ତି। ଅପରାହ୍ନରେ ଜୀଉଙ୍କ ନୀଳ ପୋଖରୀରେ ନୀଳ ଉତ୍ସବ ଦର୍ଶନ ଲାଗି ମନ୍ଦିର ହୁଡ଼ାରେ ଯାତ୍ରୀଙ୍କ ଭିଡ଼ ଲାଗିଥିଲା। ଜୀଉଙ୍କ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆ ଓ ଶ୍ରୀବେକିଡ଼ିଙ୍କ ନିର୍ଦ୍ଦେଶକ୍ରମେ ଉପବୀତଧାରି ଭକ୍ତମାନେ



ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।

### ପ୍ରସିଦ୍ଧ ପାଟ ଉତ୍ସବ ଆଜି

ନୀଳ ପୁଷ୍କରିଣୀରେ ଥୁମ୍ବିକାଠ ଦ୍ୱୟ ଜଳକ୍ରୀଡ଼ା କରି ଉତ୍ତୋଳନ କରି ମନ୍ଦିର ପରିସରରେ ରଖିଥିଲେ। ପରେ ସନ୍ଧ୍ୟାରେ ଜୀଉଙ୍କ ଶ୍ରେଷ୍ଠ ୧୩ ଭକ୍ତ ଓ ବାଦ୍ୟକାରମାନେ ୧୬ ପ୍ରକାର ବାଦ୍ୟ ବଜାଇ ଶୈବନୃତ୍ୟ ପ୍ରଦର୍ଶନ କରିଥିଲେ। ନୀଳ ଉତ୍ସବ ମଞ୍ଚରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ, ପୂର୍ବାଞ୍ଚଳ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ତହସିଲଦାର ସନତ କୁମାର ନାୟକଙ୍କ ସହ ବହୁ ବରିଷ୍ଠ ପ୍ରଶାସକ ଉପସ୍ଥିତ ଥିଲେ। ନୀଳପର୍ବର ଐତିହ୍ୟ ଓ ମହାତ୍ମ୍ୟ ସମ୍ପର୍କରେ ପ୍ରବଚକ କାହ୍ନୁ ଗୋପାଳ ଶତପଥୀ, ପୂର୍ବତନ ଏମ୍‌ପି କାର୍ତ୍ତିକେଶ୍ୱର ପାତ୍ର, ସେବାୟତ ତପନ କୁମାର ପଣ୍ଡା, ବୁଦ୍ଧଦେବ ପଣ୍ଡା, ଜୟନାରାୟଣ ପଣ୍ଡା ପ୍ରମୁଖ ପ୍ରବଚନ ଦେଇଥିଲେ। ଶନିବାର ଜୀଉଙ୍କ ପ୍ରସିଦ୍ଧ 'ପାଟ' ଉତ୍ସବ। ପାଟ ଉତ୍ସବ ଦେଖିବା ନିମନ୍ତେ ଚନ୍ଦନେଶ୍ୱର ପୀଠକୁ ଯାତ୍ରୀଙ୍କ ସୁଅ ଛୁଟିଛି। ପାଟ ଉତ୍ସବରେ କେବଳ କାଠ, ଚନ୍ଦନ ବ୍ୟତୀତ ମାଟି, ରଙ୍ଗକୁ ପ୍ରଶାସନ ଓ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ନିଶିଦ୍ଧ କରାଯାଇଛି।

### କିମ୍ବଦନ୍ତୀ କହେ

କିମ୍ବଦନ୍ତୀ ଅନୁଯାୟୀ, ସମୁଦ୍ର ମନ୍ଥନ ବେଳେ ବାସୁକୀ ନାଗର ବିଷକୁ ନୀଳକଣ୍ଠ ପାନ କରିଥିବାରୁ ତାଙ୍କୁ ନୀଳକଣ୍ଠ କୁହାଯାଏ। ଏହିଦିନ ନୀଳକଣ୍ଠଙ୍କୁ ଜଳାଭିଷେକ କଲେ ଭକ୍ତଙ୍କୁ ଭଗବାନ ବରଦାନ କରିଥାନ୍ତି। ଅପରପକ୍ଷରେ ଐତିହାସିକ ତଥ୍ୟ ଅନୁଯାୟୀ ବ୍ରିଟିଶ୍ ଅମଳରେ ଏହି ଅଞ୍ଚଳରେ ନୀଳଚାଷ କୃଷକମାନେ କରିଥିବାରୁ ବ୍ରିଟିଶ୍‌ମାନେ କୃଷକଙ୍କ ସୁନାର ଫସଲକୁ ଲୁଟି ନେଉଥିଲେ। ଏଥିପାଇଁ ଅଞ୍ଚଳର ଲୋକେ ଅତ୍ୟାଚାରୀ ବ୍ରିଟିଶ୍ ହଟିଯାଉ ବୋଲି ଚନ୍ଦନେଶ୍ୱର ଜୀଉଙ୍କୁ ଆରାଧନା କରିଥିଲେ ବୋଲି ପ୍ରବାଦ ରହିଛି।



ଭକ୍ତମାନେ ଦଣ୍ଡମାରି ପରିକ୍ରମା କରୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧକ୍ ସକ୍ କାନ୍ଦନା, ମୁଁ ଅଇଲିଣି;**
**ଦୀପ ଲଗେଇ ଦେଖି ପିଠି,**
**ଲାଉ ଚୋରା ଭାବ ପାଇଲିଣି ।**

ଚୋର ଘର ସବୁବେଳେ ଅନ୍ଧାର ନ ଥାଏ। ସବୁଦିନେ ଚୋର ଖସି ଯାଇ ନ ଥାଏ, ଦିନେ ନା ଦିନେ ତା' ଚୋରି ଧରା ପଡ଼ି ସେ ଦଣ୍ଡ ପାଇଥାଏ। ସବୁ ଦିନ ତା'ର ଏକାଭଳି ଯାଇ ନ ଥାଏ। ଏପରିସ୍ଥଳେ ଚୋରି କରିବାକୁ ଯାଇଥିବା ବ୍ୟକ୍ତି ମାଡ଼ଖାଇ ତା' ଘରକୁ ଆସି କାନ୍ଦୁଥିବା ଆତ୍ମୀୟ ସ୍ୱଜନକୁ ପ୍ରବୋଧନା ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାନ ସେରକର ଟକୁଳି;**
**ଦି'କଲେ ଘିଅ ବୋହିଯାଉଛି**
**ଧାଇଁ ଆସଲୋ ଟକଳୀ !**

ବଡ଼େଇ କରି କହିବାର ଇଏ ହେଉଛି ଏକ ଶୈଳୀ। ନିଜେ ଯେତେ ନୁହଁ କି ଯାହା ନୁହଁ ତାହାଠୁ ଅତିରଞ୍ଜିତ କରି କହିବା କିଛି ବ୍ୟକ୍ତିଙ୍କ ଏକ ପ୍ରକୃତି ହୋଇଥାଏ। ଭଲକରି ଖାଇବାକୁ ମୁଠେ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ଅନ୍ୟ ଆଗରେ ନିଜର ବୃଥା ବଡ଼ପଣ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ଢେଙ୍କାନାଳରେ ଅସହ୍ୟ ତାତି**

# ୪୦ ଡିଗ୍ରୀ ଟପିଲା ପାରଦ

ଢେଙ୍କାନାଳ ଅଫିସ, ୧୨।୪

ଅସହ୍ୟ ଝାଞ୍ଜିସାଙ୍ଗକୁ ପ୍ରବଳ ଗ୍ରୀଷ୍ମପ୍ରବାହ ଢେଙ୍କାନାଳ ସହରବାସୀଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ଶୁକ୍ରବାର ପାରଦ ୪୧ ଡିଗ୍ରୀରେ ପହଞ୍ଚିଛି। ଗୋଟିଏପଟେ ତାପମାତ୍ରା ବୃଦ୍ଧିରେ ଲୋକେ ସନ୍ତୁଳି ହେଉଥିବାବେଳେ ଜଳକଷ୍ଟ ସେଥିରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି, ଯାହା ଜନଅସନ୍ତୋଷ ବଢ଼ାଇଛି। ତୁରନ୍ତ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ କରିବାକୁ ସହରବାସୀ ଦାବି କରିଛନ୍ତି।ନିର୍ବାଚନରେ ବ୍ୟସ୍ତ ପ୍ରଶାସନ ପୌରାଞ୍ଚଳରେ ଜଳଛତ୍ର ଖୋଲିବାକୁ ଭୁଲିଯାଇଛି। ଫଳରେ ବସ୍‌ଷ୍ଟାଣ୍ଡ ସମେତ ଜନଗହଳିପୂର୍ଣ୍ଣ ସ୍ଥାନରେ ପାଣି ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଆବଶ୍ୟକ ବିଶ୍ରାମାଗାର ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଗୁରୁବାର ଏବଂ ଶୁକ୍ରବାର ଅସହ୍ୟ ଖରାରେ ପ୍ରଭାବିତ ହୋଇଥିଲା ଦୈନନ୍ଦିନ ଜୀବନଯାତ୍ରା। ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ଯାଏ ପ୍ରବାହିତ ଗରମ ପବନରେ ଅତିଷ୍ଠ ହୋଇପଡ଼ିଥିଲେ ସହରବାସୀ। ମଧ୍ୟାହ୍ନ ପୂର୍ବରୁ ସହରର ପ୍ରମୁଖ ରାସ୍ତା ଜନଶୂନ୍ୟ ହୋଇପଡ଼ିଥିଲା। ଜରୁରୀ କାର୍ଯ୍ୟରେ ବାହାରକୁ ଆସିଥିବା ବାଇକ୍ ଆରୋହୀ ମୁହଁରେ କପଡ଼ା ବାନ୍ଧି ଗାଡ଼ି ଚଳାଉଥିବା ଦେଖିବାକୁ ମିଳିଥିଲା। ସେହିପରି ଖରାରୁ ରକ୍ଷା ପାଇବାକୁ ତରଭୁଜ, ଆଖୁରସ, ଦହିବରା ଆଳୁଦମ ଓ ଲସି ଦୋକାନରେ ଲୋକଙ୍କ ଭିଡ଼ ଜମୁଛି। ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକରେ ସ୍କାଉଟ୍ସ, ଗାଇଡ୍ସ ପକ୍ଷରୁ ଲୋକଙ୍କୁ ଥଣ୍ଡା ଦହିସରବତ ବଣ୍ଟନ କରାଯାଉଛି।

# ପୋଲିସ ସୁରକ୍ଷା ଉପରେ ଭରସା ପାଇଲାନି

**■ମାଓବାଦୀ ଭୟରେ ଭୋଟ ଦେଲେନି ସ୍ୱାଭିମାନ ଅଞ୍ଚଳବାସୀ**

ଭୁବନେଶ୍ୱର,୧୨।୪ (ବ୍ୟୁରୋ)

ଶୃଙ୍ଖଳିତ ନିର୍ବାଚନ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଥିବା ଡିଜିପି କହୁଥିବାବେଳେ ସେପଟେ ଭୋଟ ବର୍ଜନ କରିବାକୁ ମାଓବାଦୀ ଦେଉଥିଲେ ଧମକ। ପୋଲିସ ଉପରେ ଭରସା କରି ନ ପାରି ଶେଷରେ ମାଓବାଦୀଙ୍କ ଭୟରେ ଭୋଟ ଦେବାକୁ ଯାଇପାରିଲେନି ମାଲିକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ଲୋକେ। ଫଳରେ ଗୁରୁବାର ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ୫ ପଞ୍ଚାୟତରେ ହୋଇଥିବା ୧୫ ବୁଥ୍‌ରେ ଶୂନ ମତଦାନ ହୋଇଛି। ଏଥିପାଇଁ ପୋଲିସ ଓ ପ୍ରଶାସନିକ ବ୍ୟବସ୍ଥାକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ। କାରଣ ଅଧିକାଂଶ ଗାଁଠାରୁ ୬ କି.ମି. ଦୂରରେ ରହିଥିଲା ମତଦାନ କେନ୍ଦ୍ର। ପୁଣି ଏହି ଜଙ୍ଗଲ ରାସ୍ତାରେ ଯିବାପାଇଁ କୌଣସି ପୋଲିସ ସୁରକ୍ଷା ବନ୍ଦୋବସ୍ତ କରାଯାଇ ନ ଥିଲା। ଭୋଟ ଦେବାକୁ ଗଲେ ହତ୍ୟା କରାଯିବ ବୋଲି ମାଓବାଦୀ ଧମକ ଦେଇଥିବାରୁ ଲୋକେ ଭୟରେ ଘରେ ରହିବାକୁ ଉଚିତ ମଣିଥିଲେ। ଏହି ଘଟଣା ବିଚ୍ଛିନ୍ନାଞ୍ଚଳରେ ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି। ମାଲକାନଗିରିର ବିଚ୍ଛିନ୍ନାଞ୍ଚଳ କୁହାଯାଉଥିବା ଚିତ୍ରକୋଣ୍ଡାକୁ ସଂଯୋଗ ପାଇଁ ଗୁରୁପ୍ରିୟା ସେତୁ ନିର୍ମାଣ ହେଲା। ଏହାପରେ ବିଚ୍ଛିନ୍ନାଞ୍ଚଳର ନାଁ ବଦଳାଯାଇ ଏହାକୁ ସ୍ୱାଭିମାନ ଅଞ୍ଚଳ କୁହାଯାଉଛି। ସେତୁ ନିର୍ମାଣ ପରେ ମାଓବାଦୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ସହଜ ହେବ ଓ ବିକାଶ ଆଗେଇବ ବୋଲି କୁହାଗଲା। ହେଲେ ଏବେ ଏହି ଅଞ୍ଚଳରେ ମାଓବାଦୀଙ୍କ କାର୍ଯ୍ୟକଳାପ ଆହୁରି ବଢ଼ିଯାଇଛି। କିନ୍ତୁ ଶୃଙ୍ଖଳିତ ନିର୍ବାଚନ ଉପରେ ଗୁରୁତ୍ୱ ଦେଇ ଆସୁଥିବା ପୋଲିସ କିପରି ଲୋକେ ଘରୁ ବାହାରି ମତଦାନ କରି ସୁରକ୍ଷିତ ଭାବେ ଘରେ ପହଞ୍ଚିବେ ଓ ମାଓବାଦୀଙ୍କ କବଳରୁ ସୁରକ୍ଷା ଦେବେ ସେନେଇ କିଛି ବି ପଦକ୍ଷେପ ନେଇ ନ ଥିଲା। ମତଦାନ ପାଇଁ ସ୍ୱାଭିମାନ ଅଞ୍ଚଳରେ ୯ଟି ଓ ଚିତ୍ରକୋଣ୍ଡାରେ ୬ଟି ବୁଥ କରାଯାଇଥିଲା। ଅଧିକାଂଶ ବୁଥ୍ ପୋଲିସ କ୍ୟାମ୍ପ ପରିସର କିମ୍ବା ନିକଟରେ କରାଯାଇଥିଲା। ମତଦାନ କେନ୍ଦ୍ର ଜନବସତିଠାରୁ ବହୁ ଦୂରରେ ରହିଥିବାରୁ ଭୟରେ ଲୋକେ ଭୋଟ ଦେବାକୁ ଜଙ୍ଗଲ ରାସ୍ତାରେ ଆସି ନ ଥିଲେ। ପୋଲିଂ ଅଫିସରମାନେ ୪ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ କେହି ଜଣେ ଭୋଟ ଦେବାକୁ ଆସି ନ ଥିଲେ। ଫଳରେ ୪ଟା ପରେ ପୋଲିଂ ପାର୍ଟି ହେଲିକପ୍ଟରରେ ଜିଲା ସଦର ମହକୁମାକୁ ଫେରିଥିଲେ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ପୋଲିସ ଡିଜି ଇନ୍‌ଚାର୍ଜ ବି.କେ. ଶର୍ମା

**■ ଗାଁଠାରୁ ୬ କି.ମି. ଦୂରରେ ଥିଲା ମତଦାନ କେନ୍ଦ୍ର**

କହିଛନ୍ତି, ମାଓବାଦୀ ପ୍ରବଣ ଅଞ୍ଚଳରେ ସୁରକ୍ଷିତ ତଥା ଶୃଙ୍ଖଳିତ ମତଦାନ ପାଇଁ ପୋଲିସ ପୂରା ପ୍ରସ୍ତୁତ ରହିଥିଲା। ପାରାମିଲିଟାରି ଫୋର୍ସ ଓ ରାଜ୍ୟ ପୋଲିସ ସହାୟରେ କଡାସୁରକ୍ଷା ଗ୍ରହଣ କରାଯାଇଥିଲା। ତେବେ ଗୁରୁବାର ଏ ସମସ୍ତ ସ୍ଥାନରେ ଶାନ୍ତିଶୃଙ୍ଖଳା ସହ ମତଦାନ ହୋଇଛି। କୌଣସି ମାଓବାଦୀପ୍ରବଣ ୨୦ଟି ନିର୍ବାଚନମଣ୍ଡଳୀରେ କୌଣସି ହିଂସାକାଣ୍ଡ କିମ୍ବା ଗଣ୍ଡଗୋଳ ଘଟିନି। ରାଜ୍ୟ ପୋଲିସର ମୁଖ୍ୟ ଚ୍ୟାଲେଞ୍ଜ ଥିଲା ମତଦାନ ପରେ ପୋଲିଂ ପାର୍ଟି ଓ ଇଭିଏମ୍‌କୁ ଷ୍ଟ୍ରଙ୍ଗରୁମ୍‌ରେ ଠିକ୍ ସମୟରେ ପହଞ୍ଚାଇବା। ତାହାକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ର କରାଯାଇଥିଲା। ଲୋକଙ୍କୁ ମଧ ଆବଶ୍ୟକ ସୁରକ୍ଷା ଯୋଗାଇ ଦିଆଯିବା ସହ କିଛି ଭୟ ନ କରିବାକୁ ପରାମର୍ଶ ଦିଆଯାଇଥିଲା ବୋଲି ଶର୍ମା କହିଛନ୍ତି।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

**ALL EDITION - B/W (Every Day)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

**FINANCE**
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ। ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

See Color Display Classified on every Tuesday & Friday

**ଋଣ ଋଣ ଋଣ**
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

**LOAN**
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

**B.C. FINANCE**
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

**!!ଋଣ ଋଣ ଋଣ!!**
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
**CITY FINANCE GROUP LTD.**
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

**GOLD CASH**
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

**ଲକ୍ଷ୍ମୀ ଫାଇନାନ୍ସ (ରେଜି.)**
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି। (ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**Dhanlaxmi Finance**
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

BUSINESS BUSINESS

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

See Color Display Classified on every Tuesday & Friday
Size: 6 X 8
For 15 days: 40,000
For 8 days: 20,000
For 4 days: 11,000
For Single day: 2,800
GST: 5% will be added extra

**ପାଠକଙ୍କ ପାଇଁ ସୂଚନା।**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"କଂଗ୍ରେସ-ଜେଡିଏସ୍ ମେଣ୍ଟ ହେଉଛି ଏକ ୨୦ ପ୍ରତିଶତ କମିଶନ ସରକାର। କେବଳ କମିଶନ ପାଇଁ ଏହି ଦୁଇ ଦଳ ହାତ ମିଳାଇଛନ୍ତି।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ରାଷ୍ଟ୍ରପତି ନିର୍ବାଚନ ଲଢ଼ିବେ ରାଜପାକ୍ସେଙ୍କ ଭାଇ

**କଲମ୍ବୋ,୧୨।୪(ପି.ଟି.)**-ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେଙ୍କ ଭାଇ ଗୋଟାଭାୟା ରାଜପାକ୍ସେ ଶୁକ୍ରବାର ନିଜ ଦେଶକୁ ଫେରିଆସିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ହେବାକୁ ଥିବା ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା



କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ସେ ନିଜର ଆମେରିକା ନାଗରିକତ୍ୱ ରଦ୍ଦ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ପୂର୍ବତନ ପ୍ରତିରକ୍ଷା ସଚିବ ଗୋଟାଭାୟା ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନ ଲାଗି ରାଜପାକ୍ସେ କ୍ୟାମ୍ପର ମୁଖ୍ୟ ବୋଲି କୁହାଯାଉଛି। କାରଣ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ମହିନ୍ଦା ରାଜପାକ୍ସେ ତୃତୀୟ ଥର ପାଇଁ ରାଷ୍ଟ୍ରପତି ନିର୍ବାଚନ ଲଢ଼ିପାରିବେ ନାହିଁ।

### ରବି ପୂଜାରୀଙ୍କ ୨ ସହଯୋଗୀ ଗିରଫ

**କୋଚି,୧୨।୪(ପି.ଟି.)**-ଏକ ବିଉଟି ପାର୍ଲରରେ ଗୁଳି ଚଳାଇବା ଅଭିଯୋଗରେ ଅଣ୍ଡରୱାର୍ଲ୍ଡ ଡନ୍ ରବି ପୂଜାରୀ ଗ୍ୟାଙ୍ଗର ଦୁଇ ସଦସ୍ୟ ଗିରଫ ହୋଇଛନ୍ତି। ଏହି ବିଉଟି ପାର୍ଲର ବିବାଦୀୟ ଅଭିନେତ୍ରୀ ଲୀନା ମାରିଆ ପାଉଲଙ୍କ ଦ୍ୱାରା ଚାଲୁଥିଲା। କ୍ରାଇମ୍ ବ୍ରାଞ୍ଚ ପୋଲିସର ଏକ ଟିମ୍ ବିଲାଲ (୨୫)ଙ୍କୁ ଆଲୁଭାରୁ ଏବଂ ବିପିନ ଭର୍ଗିସ୍ (୩୦)ଙ୍କୁ କଡଭାନ୍ଥରାରୁ ଗିରଫ କରିଛି। ଏମାନେ ଗତବର୍ଷ ଡିସେମ୍ବର ୧୫ରେ ପାନାମପିଲ୍ଲୀ ନଗରରେ ଥିବା ପାର୍ଲର ମଧ୍ୟକୁ ପ୍ରବେଶ କରି ଦୁଇ ରାଉଣ୍ଡ ଗୁଳି ଚଳାଇ ବାଇକ ଯୋଗେ ଫେରାର ହୋଇଯାଇଥିଲେ। ଏଥିପାଇଁ ବିଲାଲଙ୍କୁ ୫୦ ଲକ୍ଷ ଦିଆଯାଇଥିଲା ବୋଲି ପୂଜାରୀ ଗ୍ୟାଙ୍ଗର ଜଣେ ସଦସ୍ୟ ସୂଚନା ଦେଇଥିଲେ।

### 'ଭୀମା ମାଣ୍ଡଭି ହତ୍ୟା ରାଜନୈତିକ ଷଡ଼ଯନ୍ତ୍ର'



**ରାଜନନ୍ଦଗାଓଁ,୧୨।୪(ପି.ଟି.)**- ଛତିଶଗଡରେ ମାଓବାଦୀଙ୍କ ଆକ୍ରମଣରେ ଭାଜପା ବିଧାୟକ ଭୀମା ମାଣ୍ଡଭିଙ୍କ ମୃତ୍ୟୁ ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଅଭିଯୋଗ କରିଛନ୍ତି। ଏହି ଆକ୍ରମଣର ସିବିଆଇ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଗତ ମଙ୍ଗଳବାର ବସ୍ତର ନିର୍ବାଚନମଣ୍ଡଳୀରେ ମାଓବାଦୀଙ୍କ ଆକ୍ରମଣରେ ବିଧାୟକ ମାଣ୍ଡଭି ଓ ୪ ଜଣ ଯବାନଙ୍କ ମୃତ୍ୟୁ ହୋଇଥିଲା। ମାଓବାଦୀଙ୍କ ଆକ୍ରମଣ ସ୍ୱାଭାବିକ ଘଟଣା ନ ଥିଲା, ଏହା ପଛରେ ରାଜନୈତିକ ଷଡ଼ଯନ୍ତ୍ର ଥିବା ସ୍ପଷ୍ଟ ଦେଖାଯାଉଛି ବୋଲି ଶାହ ଶୁକ୍ରବାର ରାଜନନ୍ଦଗାଓଁ ନିର୍ବାଚନ ମଣ୍ଡଳୀରେ ଏକ ସଭାକୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି। ଭାଜପାର ଶେଷ କର୍ମୀ ବଞ୍ଚିଥିବା ପର୍ଯ୍ୟନ୍ତ କଶ୍ମୀର ଭାରତଠାରୁ ଅଲଗା ହୋଇପାରିବ ନାହିଁ ବୋଲି ସେ କହିଛନ୍ତି।

[ଇତିହାସର ଆଇନାରେ]

### ଏପ୍ରିଲ ୧୩ର ପ୍ରମୁଖ ଘଟଣା

୧୯୧୯ ଏପ୍ରିଲ ୧୩ରେ ଜାଲିଆନାୱାଲାବାଗ୍ ଗଣହତ୍ୟା ଘଟିଥିଲା। ପଞ୍ଜାବର ଅମୃତସରସ୍ଥିତ ଜାଲିଆନାୱାଲାବାଗ୍‌ରେ ହଜାର ହଜାର ଭାରତୀୟ ଏକାଠି ହୋଇ ସେମାନଙ୍କ ନେତା ସତ୍ୟ ପାଲ୍ ଏବଂ ସୈଫୁଦ୍ଦିନ କିଚ୍‌ଲିଙ୍କ ଗିରଫଦାରି ପ୍ରତିବାଦରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚଳାଉଥିବାବେଳେ କଲୋନେଲ ରେଜିନାଲ୍ଡ ଡାୟାରଙ୍କ ନିର୍ଦ୍ଦେଶରେ ବ୍ରିଟିଶ ଭାରତୀୟ ସେନା ସେମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲା। ଏଥିରେ ପାଖାପାଖି ୩୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ବ୍ରିଟିଶ ଯବାନମାନେ ୧୬୫୦ ରାଉଣ୍ଡ ଗୁଳି ଚଳାଇଥିଲେ।

୧୯୮୭ ଏପ୍ରିଲ ୧୩ରେ ପର୍ତ୍ତୁଗାଲ ଏବଂ ଚାଇନା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଏହାଦ୍ୱାରା ୧୯୯୯ରେ ମାକାଉକୁ ଚାଇନାକୁ ଫେରାଇଦେବା ଲାଗି ବ୍ୟବସ୍ଥା ହୋଇଥିଲା। ମାକାଉ ହେଉଛି ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାର ଏକ ସ୍ୱତନ୍ତ୍ର ପ୍ରଶାସନିକ ଅଞ୍ଚଳ। ଏହାର ଲୋକସଂଖ୍ୟା ୬,୫୩,୦୦୦ ଏବଂ କ୍ଷେତ୍ରଫଳ ୩୨.୯ବର୍ଗ କିଲୋମିଟର।

■ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ ୧୫୬ ପୂର୍ବତନ ଯବାନ, ଅଧିକାରୀ

# ସେନାର ରାଜନୀତୀକରଣ ବନ୍ଦ ହେଉ

**ନୂଆଦିଲ୍ଲୀ,୧୨।୪(ପି.ଟି.)**

ନିର୍ବାଚନ କମିଶନଙ୍କ ତାଗିଦ୍ ସତ୍ତ୍ୱେ ସାଧାରଣ ନିର୍ବାଚନ ଚାଲିଥିବାବେଳେ ଶାସକ ଭାଜପା ସେନାର ସଫଳତାକୁ ପୁଞ୍ଜିକରିପ୍ରଚାର କରୁଛି। ଉତ୍ତରପ୍ରଦେଶ (ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯାଏ ଭାଜପା ନେତାମାନେ ବିଭିନ୍ନ ସ୍ଥାନରେ ନିର୍ବାଚନୀ ପ୍ରଚାର ବେଳେ ବାଲାକୋଟ୍ ଏୟାର ଷ୍ଟ୍ରାଇକ୍ ଏବଂ ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ କଥା କହି ମତଦାତାଙ୍କୁ ଭୋଟ ମାଗୁଛନ୍ତି। ସଶସ୍ତ୍ର ବଳର ଏପରି ରାଜନୀତୀକରଣକୁ ପୂର୍ବତନ ସେନା ଯବାନ ଓ ଅଧିକାରୀମାନେ ବିରୋଧ କରିଛନ୍ତି। ୧୫୬ ପୂର୍ବତନ ଯବାନ ଏନେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପତ୍ର ଲେଖି ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି।

ସଶସ୍ତ୍ର ବଳର ୮ ପୂର୍ବତନ ମୁଖ୍ୟଙ୍କ ସମେତ ୧୫୬ ମିଲିଟାରି ଭେଟେରାନ୍ ଗୁରୁବାର ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତ ଯେ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିକଟରେ ଏକ ସଭାରେ ସେନାକୁ 'ମୋଦିଜୀ କୀ ସେନା' କହିଥିଲେ। ସେହିପରି ଅନେକ ରାଜନୈତିକ ସଭାରେ ପାଇଲଟ୍ ଅଭିନନ୍ଦନ ବର୍ଥମାନଙ୍କ ଫଟୋ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ଭାରତୀୟ ସଶସ୍ତ୍ର ବଳ ଅଣରାଜନୈତିକ। ରାଜନୈତିକ କାର୍ଯ୍ୟକ୍ରମରେ ଏହାକୁ



FROM A GROUP OF VETERANS TO OUR SUPREME COMMANDER

April 11, 2019

Honourable Shri Ram Nath Kovind
President of India and Supreme Commander of the Indian Armed Forces
Rashtrapati Bhavan,
New Delhi

Dear Shri Ram Nath Kovind Ji,
We, the signatories, are Armed Forces Veterans who have served in the defence of our nation in various appointments, in peacetime and in operational and war zones over the past several decades.
The apolitical and secular nature of India's Armed Forces has been an article of faith for every soldier, sailor and airman. India's Armed Forces have loyally upheld the democratic principle of civil control over the military. Their military professionalism on and off the field, combined with the devotion to duty in protecting India's territorial sovereignty and national integrity, remains widely appreciated.
The soldiers, sailors and airmen of the Armed Forces owe allegiance to the Constitution of India, of which you, as President of the Indian Union, are the legal custodian. It is for this reason that the President is also the Supreme Commander of the Armed Forces and we serve and execute orders at the will of the President and as decided from time to time by the Executive – that is, the Government of the day.
You would be aware that those in active service (men and women of all ranks in the Army, Navy and Air Force) cannot speak out, even on matters which might affect their interests adversely, since they are subject to military law and are governed by the parliamentary Acts of their respective Service.
However, we Veterans being in continuous touch with our own military fraternity, as also with serving personnel at all levels, have a 'finger on the pulse', so to speak. And it is for this reason that we write to bring to your attention, as the Supreme Commander of India's Armed Forces, some concerns which have caused considerable alarm and disquiet among both the serving and the retired personnel of our Forces.

ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ଲେଖାଯାଇଥିବା ପତ୍ର।

ସାମିଲ କରା ନ ଯାଉ। କାରଣ ସାମରିକ ଅପରେଶନ ଓ ସୀମାପାର ଷ୍ଟ୍ରାଇକ୍‌ର ଶ୍ରେୟ ରାଜନୈତିକ ଦଳଗୁଡ଼ିକ ନେବା ପାଇଁ ଉଦ୍ୟମ କରିବା ଆଦୌ ସମୀଚିନ ଓ ଗ୍ରହଣୀୟ ନୁହେଁ। ଏପରି ଅପବ୍ୟବହାର ଦ୍ୱାରା ସଶସ୍ତ୍ର ବଳର ମନୋବଳ ଏବଂ ଯୁଦ୍ଧ କ୍ଷମତା ପ୍ରଭାବିତ ହେବ। ଏହାସହ ଆମ ଦେଶର ଜାତୀୟ ନିରାପତ୍ତା ଓ ଅଖଣ୍ଡତା ମଧ୍ୟ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେବ। ତେଣୁ ରାଷ୍ଟ୍ରପତି ସଶସ୍ତ୍ର ବଳର ଧର୍ମନିରପେକ୍ଷତା ଓ ଅଣରାଜନୈତିକ ଅଭିମୁଖ୍ୟକୁ ବଜାୟ ରଖିବା ଲାଗି ସୁନିଶ୍ଚିତ କରନ୍ତୁ। ଏଥିସକାଶେ ସେ ତୁରନ୍ତ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ରାଜନୈତିକ ଦଳଗୁଡ଼ିକୁ ସେମାନଙ୍କ କାର୍ଯ୍ୟସୂଚୀକୁ ଆଗକୁ ବଢ଼ାଇବା ପାଇଁ ସେନାର ଅପବ୍ୟବହାର ରୋକିବା ନିମନ୍ତେ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପତ୍ରରେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରାଯାଇଛି।

ଚିଠିରେ ପୂର୍ବତନ ନୌସେନା ମୁଖ୍ୟ ଆଡ୍‌ମିରାଲ ଏଲ୍. ରାମଦାସ, ଅରୁଣ ପ୍ରକାଶ ଏବଂ ବିଷ୍ଣୁ ଭାଗବତଙ୍କ ନାମ ମଧ୍ୟ ରହିଛି। ତେବେ ସ୍ୱାକ୍ଷରକାରୀଙ୍କ ମଧ୍ୟରୁ ପୂର୍ବତନ ସ୍ଥଳସେନା ମୁଖ୍ୟ ଜେନେରାଲ ଏସ୍.ଏଫ୍. ରୋଡ୍ରିଗୁଏସ୍ ଏବଂ ଅବସରପ୍ରାପ୍ତ ବାୟୁସେନା ମୁଖ୍ୟ ମାର୍ଶାଲ ଏନ୍.ସି. ସୂରୀ ଏହି ପତ୍ରରେ ସ୍ୱାକ୍ଷର କରି ନ ଥିବା କହିଛନ୍ତି। ସେହିପରି ପୂର୍ବତନ ସ୍ଥଳସେନା ଉପମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏମ୍. ଏଲ୍. ନାଇଡୁ ମଧ୍ୟ ଏହାକୁ ନେଇ ଅସହମତି ପ୍ରକାଶ କରି ତାଙ୍କ ବିନା ଅନୁମତିରେ ପତ୍ରରେ ତାଙ୍କର ନାମ ଉଲ୍ଲେଖ କରାଯାଇଥିବା କହିଛନ୍ତି। ଏହାକୁ ନେଇ ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ କହିଛନ୍ତି, ଅନେକଙ୍କ ବିନା ଅନୁମତିରେ ସେମାନଙ୍କ ନାମ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଥିବାରୁ ଏହା ଏକ ଜାଲ୍ ଅଭିଯୋଗ। ଏଭଳି କାର୍ଯ୍ୟ ନିନ୍ଦନୀୟ। ତେବେ ପୂର୍ବତନ ସ୍ଥଳସେନା ଅଧ୍ୟକ୍ଷ ଜେନେରାଲ ଦୀପକ କପୁର ଓ ଜେନେରାଲ ଶଙ୍କର ରାୟ ଚୌଧୁରୀ ଉକ୍ତ ପତ୍ରରେ ସ୍ୱାକ୍ଷର କରିଥିବା ସ୍ପଷ୍ଟ କରିଛନ୍ତି। ରାଷ୍ଟ୍ରପତି ହେଉଛନ୍ତି ସମ୍ବିଧାନର ରକ୍ଷକ ଓ ସଶସ୍ତ୍ର ବଳର ସୁପ୍ରିମ କମାଣ୍ଡର। ତେଣୁ ସେନା ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ତାଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଅନେକ ପୂର୍ବତନ ସେନା ମୁଖ୍ୟ କହିଛନ୍ତି।



ଆସାମର ନଲବାରି ଜିଲାରେ ନିର୍ବାଚନ ପ୍ରଚାର କରୁଛନ୍ତି ସିପିଆଇଏମ୍ ନେତା ବୃନ୍ଦା କରାଟ।

# ମୋଦିଙ୍କୁ ରୁଷିଆର ସର୍ବୋଚ୍ଚ ସମ୍ମାନ

**ନୂଆଦିଲ୍ଲୀ,୧୨।୪(ପି.ଟି.)**

ଭାରତ-ରୁଷିଆ ସମ୍ପର୍କକୁ ଆଗେଇନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରୁଷିଆ ସରକାର ଦେଶର ସର୍ବୋଚ୍ଚ ସମ୍ମାନ 'ଦି ଅର୍ଡର ଅଫ୍ ସେଣ୍ଟ୍ ଆଣ୍ଡ୍ରୁ ଦି ଆପୋଷ୍ଟଲ୍'ରେ ସମ୍ମାନିତ କରିଛନ୍ତି। ଦୁଇଦେଶ ମଧ୍ୟରେ ରଣନୀତିକ ସହଯୋଗିତା ବଢ଼ାଇବାରେ ମୋଦିଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଉଭୟ ଦେଶର ଜନସାଧାରଣଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଅଧିକ ନିବିଡ଼ ହୋଇପାରିଛି ବୋଲି ରୁଷିଆ ସରକାର କହିଛନ୍ତି। ଖ୍ୟାତନାମା ରାଷ୍ଟ୍ରନେତା, ସାର୍ବଜନିକ ବ୍ୟକ୍ତିତ୍ୱ,ବିଜ୍ଞାନ, ସଂସ୍କୃତି ଓ କଳା କ୍ଷେତ୍ରରେ ଦେଶର ସମୃଦ୍ଧି ଓ ଗୌରବ ବଢ଼ାଇବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ମିଳିଥାଏ। ବିଦେଶୀ ରାଷ୍ଟ୍ରମୁଖ୍ୟଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ମଧ୍ୟ ଉକ୍ତ ସମ୍ମାନରେ ସମ୍ମାନିତ କରାଯାଇଥାଏ। ପୂର୍ବରୁ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ, କାଜାଖସ୍ତାନ ରାଷ୍ଟ୍ରପତି ନୁରସୁଲତାନ ନଜରବାୟେଭ୍ ଏବଂ ଆଜରବୈଜାନ ରାଷ୍ଟ୍ରପତି ଗେଦାର ଆଲିଏଭ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ କିଛି ଦିନ ପୂର୍ବରୁ ୟୁନାଇଟେଡ ଆରବ ଏମିରେଟ୍ସ ମୋଦିଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ' ଦି ଅର୍ଡର ଅଫ ଜାୟେଦ' ପ୍ରଦାନ କରିଥିଲା।

# ମୋଦିଙ୍କୁ ବିରୋଧୀଙ୍କ ଟାର୍ଗେଟ

**ନୂଆଦିଲ୍ଲୀ,୧୨।୪(ପି.ଟି./ଆଇଏଏନ୍‌ଏସ୍)**



ପ୍ରିୟଙ୍କା ଚତୁର୍ବେଦୀ



ମମତା ବାନାର୍ଜୀ



ସୀତାରାମ ୟେଚୁରୀ

ସେନାର ରାଜନୀତୀକରଣ ବନ୍ଦ ପାଇଁ ସଶସ୍ତ୍ର ବଳର ୧୫୦ରୁ ଊର୍ଦ୍ଧ୍ୱ ପୂର୍ବତନ ଯବାନ ଓ ଅଧିକାରୀ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିବା ପରେ ଜାତୀୟ ରାଜନୀତି ସରଗରମ ହୋଇଛି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଓ ବାମଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ପ୍ରଧାନମନ୍ତ୍ରୀ ଓ ଭାଜପା ନେତାମାନେ ଭୋଟ ହାସଲ ପାଇଁ ସେନାକୁ ବ୍ୟବହାର କରିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ସମାଲୋଚନା କରିଛି। କଂଗ୍ରେସ ମୁଖପାତ୍ର ପ୍ରିୟଙ୍କା ଚତୁର୍ବେଦୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଉଭୟ ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସେମାନଙ୍କ ସାଧାରଣ ସଭାରେ ସମ୍ବୋଧିତ କରିବାବେଳେ ପୁଲୱାମା ଆକ୍ରମଣ ଏବଂ ବାଲାକୋଟ ପ୍ରତିଆକ୍ରମଣ କଥା କହିଆସୁଛନ୍ତି। ସେହିପରି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ କେନ୍ଦ୍ରମନ୍ତ୍ରୀ ମୁଖ୍‌ତାର ଅବ୍ବାସ ନକ୍‌ଭୀ ମଧ୍ୟ 'ମୋଦିଜୀ କୀ ସେନା' ବୋଲି କହୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୋଦି ଭୋଟ ପାଇଁ ସେନାକୁ ବ୍ୟବହାର କରିପାରନ୍ତି। କିନ୍ତୁ ସଶସ୍ତ୍ର ବଳ ଭାଜପା ସହ ନୁହେଁ, ବରଂ ଭାରତ ସହିତ ଛିଡ଼ା ହୋଇଛି। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ ଦାର୍ଜିଲିଂସ୍ଥିତ କୁର୍ସେଓଙ୍ଗ୍‌ର ଏକ ସଭାରେ କହିଛନ୍ତି, ଆମେ ଦେଶର ସେନାକୁ ନେଇ ଗର୍ବିତ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଭଳି ଆମେ ସେନାକୁ ନେଇ ଲୋକଙ୍କୁ ଭୋଟ ମାଗୁନାହୁଁ। ସେନାର ଅନେକ ପୂର୍ବତନ ମୁଖ୍ୟ ମୋଦି ଓ ଶାହଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ଭାଜପା ବଦଳିବ ନାହିଁ। ତେଣୁ ଏହି ଦଳ ବିରୋଧରେ ନିର୍ବାଚନ କମିଶନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଦାବି କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଯାଞ୍ଚ କରୁଛନ୍ତି ଇସି

**ନୂଆଦିଲ୍ଲୀ,୧୨।୪(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ରର ଲାତୁରସ୍ଥିତ ଅଉସାରେ ଗତ ୯ ତାରିଖରେ ଭାଜପାର ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଥିଲେ। ଏଥିରେ ସେ ପ୍ରଥମଥର ମତଦାତାଙ୍କୁ ସେମାନଙ୍କ ଭୋଟକୁ ବାଲାକୋଟ ଏୟାର ଷ୍ଟ୍ରାଇକ୍ କରିଥିବା ବାୟୁସେନା ଯବାନଙ୍କୁ ଉତ୍ସର୍ଗୀକୃତ କରିବା ପାଇଁ ନିବେଦନ କରିଥିବା ଅଭିଯୋଗ ହୋଇଥିଲା। ଇସି ପୂର୍ବରୁ ରାଜନୈତିକ ଦଳଗୁଡ଼ିକୁ ସଶସ୍ତ୍ର ବଳକୁ ନିର୍ବାଚନ ପ୍ରଚାର ବେଳେ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମୋଦି ଏହାର ଅବଜ୍ଞା କରି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ନିର୍ବାଚନ ଉପାୟୁକ୍ତ ଚନ୍ଦ୍ରଭୂଷଣ କୁମାର କହିଛନ୍ତି, ଏ ସମ୍ପର୍କିତ ରିପୋର୍ଟ ଆମର ହସ୍ତଗତ ହୋଇଛି। ଇସି ଏହାର ଯାଞ୍ଚ କରୁଛନ୍ତି।

■ ଇରାନୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ପୁଣି ବିବାଦ

# ଅଯୋଗ୍ୟ ଘୋଷଣା ଦାବି କଲା କଂଗ୍ରେସ

**ନୂଆଦିଲ୍ଲୀ,୧୨।୪(ପି.ଟି.)**



କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଜଣେ ଧାରାବାହିକ ମିଛୁଆ। ଉତ୍ତରପ୍ରଦେଶର ଅମେଠି ଲୋକ ସଭା ଆସନରେ ଗୁରୁବାର ଇରାନୀ ଭାଜପାରୁ ନାମାଙ୍କନପତ୍ର ଦାଖଲ ବେଳେ ନିଜ ଶିକ୍ଷାଗତ ଯୋଗ୍ୟତାକୁ ନେଇ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି। ତେଣୁ ନିର୍ବାଚନ କମିଶନ ତାଙ୍କ ପ୍ରାର୍ଥିତ୍ୱକୁ ଅଯୋଗ୍ୟ ଘୋଷଣା କରନ୍ତୁ ବୋଲି ଶୁକ୍ରବାର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

କଂଗ୍ରେସ ମୁଖପାତ୍ର ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ଭାଜପା ପ୍ରାର୍ଥୀ ଇରାନୀ କେନ୍ଦ୍ରମନ୍ତ୍ରୀ ଭାବେ ନିଜ ପ୍ରଭାବ ଓ କ୍ଷମତାର ଅପବ୍ୟବହାର କରିଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ସେ ଦେଇଥିବା ସତ୍ୟପାଠରେ ନିଜ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ମିଛ କହିଛନ୍ତି। ଇରାନୀ ସ୍ନାତକ ନୁହନ୍ତି ବୋଲି ବିରୋଧୀ ଦଳଗୁଡ଼ିକ ପୂର୍ବରୁ ଦାବି କରିଆସୁଛନ୍ତି। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏକ ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। କିନ୍ତୁ ଏହି ଶିକ୍ଷା ସେ ଶେଷ କରିନାହାନ୍ତି ବୋଲି ଗୁରୁବାର ନିଜ ସତ୍ୟପାଠରେ ମାନିଛନ୍ତି। ତେଣୁ ତାଙ୍କୁ ନିର୍ବାଚନ ଲଢ଼ିବାରୁ ବାରଣ କରାଯାଉ ବୋଲି ପ୍ରିୟଙ୍କା ଦାବି କରିଛନ୍ତି। ପ୍ରକାଶ ଯେ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ଇରାନୀ ଦିଲ୍ଲୀ ୟୁନିଭର୍ସିଟିର ସ୍କୁଲ ଅଫ୍ ଓପନ୍ ଲର୍ଣ୍ଣିଂରୁ ୩ ବର୍ଷିଆ ଡିଗ୍ରୀ ପାଠ୍ୟକ୍ରମର କେବଳ ପାର୍ଟ-୧ ସମ୍ପୂର୍ଣ୍ଣ କରିଥିବା ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। କିନ୍ତୁ ଏହା ପୂର୍ବରୁ ୨୦୦୪ରେ ପ୍ରାର୍ଥୀ ହେବା ବେଳେ ସେ ସତ୍ୟପାଠରେ ନିଜକୁ ଜଣେ ସ୍ନାତକ ବୋଲି ଦାବି କରିଥିଲେ। ୨୦୧୪ରେ ସେ ଅମେଠିରୁ ନାମାଙ୍କନପତ୍ର ଦାଖଲ ବେଳେ ମଧ୍ୟ ଏନେଇ ବିବାଦ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ଇରାନୀ କହିଛନ୍ତି, ଯିଏ ଯାହା କହୁଛନ୍ତି କୁହନ୍ତୁ। ଅମେଠି ପାଇଁ ସେ କଠିନ ପରିଶ୍ରମ ଜାରି ରଖିବେ।

■ ସୁପ୍ରିମକୋର୍ଟଙ୍କ ରାୟ ପରେ ରାହୁଲଙ୍କ 'ଚୋର' ମନ୍ତବ୍ୟ

# ଇସିଙ୍କ ଦ୍ୱାରସ୍ଥ ହେଲା ଭାଜପା

**ନୂଆଦିଲ୍ଲୀ,୧୨।୪(ପି.ଟି.)**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅଦାଲତ ଅବମାନନା ଅଭିଯୋଗ ଆଣି ଭାଜପା ନିର୍ବାଚନ କମିଶନ (ଇସି) ଏବଂ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ରାଫାଲ ଚୁକ୍ତି ମାମଲାର ଶୁଣାଣି କରୁଥିବା ସୁପ୍ରିମକୋର୍ଟଙ୍କ ବୁଧବାର ରାୟକୁ ନେଇ ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ଭାଜପା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ରାଫାଲ ଚୁକ୍ତି ପ୍ରସଙ୍ଗରେ ୨୦୧୮ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ପୁନର୍ବିଚାର କରିବା ସମୟରେ 'ପ୍ରଘଟ' ଦସ୍ତାବିଜକୁ ଗ୍ରହଣ କରାଯିବ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ଏହାକୁ ନେଇ ରାହୁଲ କହିଥିଲେ, ରାଫାଲ ଦୁର୍ନୀତି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି ଏବଂ ଚୁକ୍ତିକୁ ନେଇ ଏବେ ତଦନ୍ତ ହେବ। 'ଚୌକିଦାର ଚୋର ହେ' ବୋଲି ସୁପ୍ରିମକୋର୍ଟ ମାନିଛନ୍ତି। ପ୍ରଧାନମନ୍ତ୍ରୀ ରାଫାଲ ଦୁର୍ନୀତି ପ୍ରସଙ୍ଗରେ ତାଙ୍କ ସହ ବିତର୍କ ପାଇଁ ସ୍ଥାନ ଓ ତାରିଖ ବାଛନ୍ତୁ ବୋଲି ରାହୁଲ ଚ୍ୟାଲେଞ୍ଜ ଦେଇଥିଲେ। ଏହାକୁ ନେଇ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଇସିଙ୍କୁ ଭେଟିଛନ୍ତି। ସୁପ୍ରିମକୋର୍ଟ ନିଜ ରାୟରେ ପ୍ରଧାନମନ୍ତ୍ରୀଙ୍କୁ 'ଚୋର' ବୋଲି କହିନାହାନ୍ତି। କିନ୍ତୁ ରାହୁଲ 'ଚୌକିଦାର ଚୋର୍ ହେ' କହି ଅପମାନଜନକ ଓ ମିଥ୍ୟା ପ୍ରଚାର ଚଳାଇଛନ୍ତି। ତେଣୁ କଂଗ୍ରେସ ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରି ଭାଜପା ପକ୍ଷରୁ ଇସିଙ୍କ ନିକଟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀଥାରାମନ୍‌ଙ୍କ ନେତୃତ୍ୱରେ ବରିଷ୍ଠ ନେତା ମୁଖ୍‌ତାର ଅବ୍ବାସ ନକ୍‌ଭି, ଦଳର ମିଡିଆ ସେଲ୍ ମୁଖ୍ୟ ଅନିଲ ବାଲୁନି ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ। ସେହିପରି ଏହି ପ୍ରସଙ୍ଗରେ ବରିଷ୍ଠ ଭାଜପା ନେତା ମୀନାକ୍ଷୀ ଲେଖି ସୁପ୍ରିମକୋର୍ଟରେ ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ପିଟିଶନ ଦାଏର କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆସନ୍ତା ୧୫ ତାରିଖରେ ଉକ୍ତ ଆବେଦନର ଶୁଣାଣି କରିବାକୁ ରାଜି ହୋଇଛନ୍ତି।



ଇସିଙ୍କୁ ଭେଟିବା ପରେ ଉତ୍ତର ରଖୁଛନ୍ତି ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍।

# ଭାଜପା ଖାତାକୁ ଯାଉଛି ଭୋଟ

**ଲକ୍ଷ୍ନୌ,୧୨।୪**–ପ୍ରଥମ ପର୍ଯ୍ୟାୟ ନିର୍ବାଚନବେଳେ ଇଭିଏମ୍ ଖରାପ କାରଣରୁ ଭୋଟ ସବୁ ଭାଜପା ଖାତାକୁ ଯାଇଥିବା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧ୍ୟକ୍ଷା ମାୟାବତୀ ଅଭିଯୋଗ କରିଛନ୍ତି। ନିର୍ବାଚନ କମିଶନ(ଇସି) ଏହାକୁ ଗୁରୁତ୍ୱର ସହ ନେଇ ପରବର୍ତ୍ତୀ ୬ ପର୍ଯ୍ୟାୟ ନିର୍ବାଚନରେ ଏଭଳି ତ୍ରୁଟି ରୋକିବା ଲାଗି ପଦକ୍ଷେପ ନେବାକୁ ସେ କହିଛନ୍ତି। ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୯୧ଟି ଲୋକ ସଭା ଆସନ ଲାଗି ଭୋଟଗ୍ରହଣ କରାଯାଇଥିଲା, ଯେଉଁଥିରେ ପାଖାପାଖି ୯ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ଏଥିରେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ଦୁରୁପଯୋଗ କରାଯିବା ସହ ବିଭିନ୍ନ ବୁଥ୍‌ରେ ଇଭିଏମ୍ ଖରାପ ଥିବା ଅଭିଯୋଗ ଆସିଥିଲା। ଫଳରେ ହାତୀ ଚିହ୍ନରେ ଦିଆଯାଇଥିବା ଭୋଟ ଭାଜପା ଚିହ୍ନକୁ ଯାଇଥିବା ବିଏସ୍‌ପି ସୁପ୍ରିମୋ କହିଛନ୍ତି।

ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠାଇଲେ ମାୟାବତୀ



■ ମୋଦିଙ୍କ ବାୟୋପିକ୍ ରିଲିଜ୍ ବିବାଦ

# ସୁପ୍ରିମକୋର୍ଟରେ ଶୁଣାଣି ୧୫ରେ

**ନୂଆଦିଲ୍ଲୀ,୧୨।୪**– 'ପିଏମ୍ ନରେନ୍ଦ୍ର ମୋଦି' ବାୟୋପିକ୍ ରିଲିଜ ଉପରେ ନିର୍ବାଚନ କମିଶନ୍ ରୋକ୍ ଲଗାଇଥିବା ବେଳେ ଏହାକୁ ଚ୍ୟାଲେଞ୍ଜ୍ କରି ପ୍ରଯୋଜକଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ଆବେଦନ କରାଯାଇଥିଲା। ଆସନ୍ତା ୧୫ରେ ଏହା ଉପରେ ଶୁଣାଣି କରିବାକୁ ଶୀର୍ଷ ଅଦାଲତ ରାଜି ହୋଇଛନ୍ତି।

ବର୍ତ୍ତମାନ ନିର୍ବାଚନ ଋତୁ ଚାଲିଥିବା ବେଳେ ଏହା ରିଲିଜ ହେଲେ ଭାଜପାର ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ ହେବ ଦର୍ଶାଇ କଂଗ୍ରେସ ପକ୍ଷରୁ ଏଥିପ୍ରତି ନିର୍ବାଚନ କମିଶନ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କମିଶନ୍ ବୁଧବାର 'ପିଏମ୍ ନରେନ୍ଦ୍ର ମୋଦି' ରିଲିଜକୁ ନିଷିଦ୍ଧ କରିଛନ୍ତି। ଉକ୍ତ



ଫିଲ୍ମର ରିଲିଜ ସ୍ଥଗିତ ରଖିବାକୁ କଂଗ୍ରେସ କର୍ମକର୍ତ୍ତା ମଧ୍ୟ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଶୀର୍ଷ ଅଦାଲତ ମଙ୍ଗଳବାର ଉକ୍ତ ଆବେଦନର ଶୁଣାଣି କରି ଏହି ପ୍ରସଙ୍ଗରେ ନିର୍ବାଚନ କମିଶନ୍ ଯଥାର୍ଥ ନିଷ୍ପତ୍ତି ନେବେ ବୋଲି କହିଥିଲେ। ଅଦାଲତ ପୁଣି କହିଥିଲେ ସେନ୍‌ସର ବୋର୍ଡ ଉକ୍ତ ଫିଲ୍ମକୁ ସାର୍ଟିଫିକେଟ ପ୍ରଦାନ କରି ନ ଥିବାରୁ ଉକ୍ତ ଫିଲ୍ମର ନିଷେଧାଜ୍ଞା ପାଇଁ ଆବେଦନର କୌଣସି ଅର୍ଥ ନାହିଁ।

ତେବେ ମଙ୍ଗଳବାର ସନ୍ଧ୍ୟାରେ ସେନ୍‌ସର ବୋର୍ଡ ମୋଦିଙ୍କ ବାୟୋପିକ୍‌କୁ ପ୍ରମାଣପତ୍ର ପ୍ରଦାନ କରିବା ପରେ ନିର୍ବାଚନ କମିଶନ୍ ଏହାର ରିଲିଜ ଉପରେ ନିଷେଧାଜ୍ଞା ଜାରି କରିଥିଲେ।

■ ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ

# ୨୧ ନିହତ, ୫୦ ଆହତ

**କରାଚୀ,୧୨।୪(ପି.ଟି.)**

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଶୁକ୍ରବାର ଆତ୍ମଘାତୀ ବିସ୍ଫୋରଣରେ ୨୧ଜଣଙ୍କ ମୃତ୍ୟୁହେବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଶିହା ହାଜରା ଧର୍ମୀୟ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଟାର୍ଗେଟ କରି କ୍ୱେଟାର ଜନଗହଳିପୂର୍ଣ୍ଣ ହାଜରାଗଞ୍ଜ ବଜାରରେ ସକାଳ ୭ଟା ୩୫ରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆକ୍ରମଣକୁ ନିନ୍ଦାକରିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ କୌଣସି ସମ୍ପ୍ରଦାୟକୁ ଟାର୍ଗେଟ କରାଯାଇ ନ ଥିବା ପାକ୍ ଗୃହମନ୍ତ୍ରୀ ଜିଆଉଲ୍ଲା ଲାଙ୍ଗୋଭେ ଖବରଦାତା ସମ୍ମିଳନୀରେ କହିଛନ୍ତି।



ଏପର୍ଯ୍ୟନ୍ତ କୌଣସି ସଂଗଠନ ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ବଜାରର ବ୍ୟବସାୟୀମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଛି। ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ଜାମ କମାଲ ଆକ୍ରମଣକୁ ନିନ୍ଦାକରିବା ସହ ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଯିଏ ଗୋଟିଏ ଛୋଟ କାମକୁ ଦକ୍ଷତାର ସହିତ କରିଦେଇ ପାରିବ, ସେ ହିଁ ଗୋଟିଏ ବଡ଼ କାମକୁ ନେଇଆଣି ଥୋଇ ପାରିବ।

-ପାସ୍‌କଲ



## ସଂକ୍ଷେପରେ



### ଏସ୍.କେ. ଷଡଙ୍ଗୀ ଏମ୍‌ସିଏଲ୍‌ର ନୂତନ ସିଭିଓ

**ସମ୍ବଲପୁର, ୧୨।୪ (ବ୍ୟୁରୋ):** ଏସ.କେ. ଷଡଙ୍ଗୀ ମହାନଦୀ କୋଇଲା କମ୍ପାନୀ (ଏମସିଏଲ)ର ନୂତନ ମୁଖ୍ୟ ସର୍ତ୍ତକତା ଅଧିକାରୀ (ସିଭିଓ) ଭାବେ ଶୁକ୍ରବାର ଯୋଗ ଦେଇଛନ୍ତି । ତାଙ୍କୁ ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି ।

### ସୁବର୍ଣ୍ଣପୁର ଏଡିଇଓଙ୍କୁ ମାଡ, ହତ୍ୟା ଧମକ

**ସୋନପୁର,୧୨।୪(ନି.ପ୍ର.):** ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ(ଏଡିଇଓ) ବେଣୁଧର ବେହେରାଙ୍କୁ ମାଡ ମରାଯାଇଛି। ବେହେରା ତାଙ୍କ ସରକାରୀ ପ୍ରକୋଷ୍ଠରେ ବସି କାମ କରୁଥିବା ବେଳେ ଗୁରୁବାର ଅପରାହ୍ନରେ ସୋନପୁରର ଶଙ୍କର୍ଷଣ ବେରିହା ମୁଥ, ଗୋଇଠା ମାରି ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏଡିଇଓଙ୍କ ଅଭିଯୋଗ ଅନୁଯାୟୀ ସେ ପ୍ରକୋଷ୍ଠରେ ଥିବା ସମୟରେ ଅପରାହ୍ନ ୩ଟାରେ ଶଙ୍କର୍ଷଣ ଫୋନ କରି ତାଙ୍କୁ ଧମକ ଦେଇଥିଲେ। ୪ଟାରେ ଶଙ୍କର୍ଷଣ ଅନ୍ୟ ୩ ଜଣଙ୍କ ସହିତ ତାଙ୍କ ପ୍ରକୋଷ୍ଠକୁ ପଶି ଆସି ତୁମ ପାଇଁ ମୋ ଚାକିରି ଗଲା କହି ମୁଥ ଓ ଗୋଇଠା ମାରିଥିଲେ। ଫଳରେ ସେ ଚେୟାରରୁ ତଳେ ପଡି ଯାଇଥିଲେ। ତାଙ୍କ ପ୍ୟାକେଟ୍‌ରୁ ମୋବାଇଲ ବାହାର କରି ଶଙ୍କର୍ଷଣ କଚାଡି ଭାଙ୍ଗିବା ସହ ନେଇ ଯାଇଥିଲେ। ଅଭିଯୁକ୍ତ ଯିବା ସମୟରେ କେନ୍ଦ୍ରାପଡାରୁ ଆସି ଏଠାରେ ବେଶି ଦେଖେଇ ନ ହୋଇ ଚାକିରି ଛାଡି ଶୀଘ୍ର ପଳା। ନ ହେଲେ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିବା ଏଡିଇଓ ବେହେରା ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା (ନଂ.୬୧/୧୯) ଏକ ମାମଲା ରୁଜୁ ହୋଇଛି। ଘଟଣା ପରେ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

### ବିଷପିଇ ମହିଳାଙ୍କ ଆତ୍ମହତ୍ୟା

**ଗୁଡ଼ଭେଲା,୧୨।୪(ଡି.ଏନ.ଏ.):** ଗୁଡଭେଲା ବ୍ଲକ ଅନ୍ତର୍ଗତ କନେରସିଂହା ଗ୍ରାମର ଯଶୋଦା ମାଝୀ (୨୬) ନାମୀ ଜଣେ ବିବାହିତ ମହିଳା ଶୁକ୍ରବାର ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଏ ନେଇ ତୁଷୁରା ଥାନରେ ଏକ ଅପମୃତ୍ୟୁ ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାଇ ସାତ ବର୍ଷ ତଳେ କଣ୍ଟାମାଳ ଥାନ ଅନ୍ତର୍ଗତ ବଲମମୁଣ୍ଡା ଗ୍ରାମର ଶଙ୍କର ମଲ୍ଲିକଙ୍କ ଝିଅ ଯଶୋଦା କନେରସିଂହା ଗ୍ରାମର ଶ୍ୱେରକର୍ଣ୍ଣ ମାଝୀଙ୍କୁ ସହ ବିବାହ କରିଥିଲେ। ଶୁକ୍ରବାର ଘରେ କେହି ନଥିବା ବେଳେ ଯଶୋଦା ବିଷ ପିଇଦେଇଥିଲେ । ଏହି ଖବର ପାଇବା ପରେ ତୁରନ୍ତ ପରିବାର ଲୋକେ ଗୁଡଭେଲା ଗୋଷ୍ଠୀ ଚିକିତ୍ସାଳୟ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯଶୋଦା କାହିଁକି ଏପରି ପଦକ୍ଷେପ ନେଲେ ତାହା ଜଣାପଡି ନଥିବା ପୋଲିସ କହିଛି।

ହନୁମାନ ଜୟନ୍ତୀ ବାଇକ ରାଲି

# ଜୟ ଶ୍ରୀରାମ, ଜୟ ହନୁମାନ ଧ୍ୱନିରେ କମ୍ପିଲା ସହର

**ସମ୍ବଲପୁର,୧୨।୪ (ବ୍ୟୁରୋ)**

ଚଳିତ ମାସ ୧୪ ତାରିଖ ହନୁମାନ ଜୟନ୍ତୀ ଶୋଭାଯାତ୍ରା ହେବ । ଏହା ଐତିହାସିକ ସମ୍ବଲପୁର ସହରର ଅନନ୍ୟ ପରମ୍ପରା । ଏହି ପାରମ୍ପାରିକ ଶୋଭାଯାତ୍ରାରେ ସହରର ବିଭିନ୍ନ ଅଞ୍ଚଳରୁ ରାମ ଓ ହନୁମାନ ଭକ୍ତ ସାମିଲ ହୋଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ଶ୍ରୀଶ୍ରୀ ହନୁମାନ ସମନ୍ୱୟ ସମିତି ପକ୍ଷରୁ ବାଇକ ରାଲି କରାଯାଇଥିଲା । ଏଥିରେ ପ୍ରାୟ ୧ହଜାରରରୁ ଉର୍ଦ୍ଧ୍ୱ ବାଇକ ସାମିଲ ହୋଇଥିଲା । ଜୟଶ୍ରୀରାମ ଓ ଜୟ ହନୁମାନ ଧ୍ୱନୀରେ ସହର ପ୍ରକମ୍ପିତ ହୋଇଥିଲା ।

ଗୋବିନ୍ଦତୋଲା ରାଣୀସତିଜୀ ମନ୍ଦିର ସମ୍ମୁଖରୁ ଶୋଭାଯାତ୍ରା ବାହାରିଥିଲା । ଚାରଭାଟି, ଜେଲଛକ, ଭୁତାପଡା, ମୋତିଝରନ, ସୁନାପାଲି, ଧନକଉଡା, ସର୍ଲାକାନୀ, ନେତାଜୀ ଛକ, ସମଲେଇପଦର, ସାକ୍ଷୀପଡା, ବୀରସୁରେନ୍ଦ୍ର ସାଏ ମାର୍ଗ, ଲକ୍ଷ୍ମୀଟକିଜ ଛକ, ମୁଦିପଡା ଛକ, ହସ୍ପିଟାଲ ରୋଡ, ଗଙ୍ଗାଧର ମେହେର କଲେଜ ଛକ, ଫାଟକ, ବୁଢ଼ାରଜା ମୁଖ୍ୟ ରାସ୍ତା, ଅଇଁଠାପାଲି ଛକ, ବରେଇପାଲି, କ୍ଷେତରାଜପୁର, ବଡବଜାର, ସମଲେଇ ମନ୍ଦିର ଛକ, କମଳିବଜାର, ବାଲିବନ୍ଧା, କୁଞ୍ଜେଲପଡା, ବଡସଡକ, ସାନସଡକ, ଗେଟିରୋଡ ପରିକ୍ରମା କରି ଗୋଲବଜାର ଛକଠାରେ ସମାପନ ହୋଇଥିଲା । ସମନ୍ୱୟ ସମିତି ସଭାପତି ସତ୍ୟନାରାୟଣ ପଣ୍ଡା, ଗିରିଶ ପଟେଲ, ଉପଦେଷ୍ଟା ପ୍ରଦୀପ ବହିଦାର, ସାଧାରଣ ସମ୍ପାଦକ ସୁଧିରରଞ୍ଜନ ବହିଦାର, ଶିବ କୁମାର ଅଗ୍ରୱାଲ, ଗୋଲକ ବିହାରୀ ମିଶ୍ର, ଆଶିଷ ବାବୁ, ସରୋଜ ଘଡେଇ, ଶିଶିର ବହିଦାର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ରାଲି ହୋଇଥିଲା ।



ଶୁକ୍ରବାର ସମ୍ବଲପୁରରେ ହନୁମାନ ଜୟନ୍ତୀ ବାଇକ ରାଲି ବାହାରିଛି।

### ପିକ୍‌ଅପ୍ ଭ୍ୟାନ୍ ଓଲଟି ୧୫ ଆହତ, ୩ ଗୁରୁତର

**କୋଲାବିରା,୧୨।୪ (ଡି.ଏନ୍.ଏ.)**

ଏକ କୀର୍ତ୍ତନ ମଣ୍ଡଳୀର ୧୫ ସଦସ୍ୟଙ୍କୁ ନେଇ ଯାଉଥିବା ପିକ୍‌ଅପ୍ ଭ୍ୟାନ୍ ଶୁକ୍ରବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭ୍ୟାନ୍‌ଟି ଓଲଟି ପଡ଼ିବାରୁ ଏଥିରେ ଥିବା ପ୍ରାୟ ସମସ୍ତ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ ଝାରସୁଗୁଡ଼ା ଏଚ୍. କଣ୍ଟାପାଲି ଲହଣ୍ଡାବୁଡ଼ ଗ୍ରାମର ଏକ ମହିଳା କୀର୍ତ୍ତନ ଦଳ ସମ୍ବଲପୁର ଜିଲା ଲଇଡ଼ା ନିକଟ ଜର୍ଲି ଗ୍ରାମକୁ କୀର୍ତ୍ତନ କରିବାକୁ ଆସିଥିଲେ। କୀର୍ତ୍ତନ ସାରି ଏହି ଦଳ ପିକ୍‌ଅପ୍ ଭ୍ୟାନ୍‌ରେ ଫେରୁଥିବା ସମୟରେ ସନ୍ଧ୍ୟା ୭ଟାରେ କୋଲାବିରା ଥାନା ସୋଢ଼ାମାଲ ପଞ୍ଚାୟତ ରେଙ୍ଗାଲପାଲି ବୁଲାଣିଠାରେ ପିକ୍‌ଅପ୍ ଭ୍ୟାନ୍‌ଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ସେଥିରେ ଥିବା ଲୋକେ ଏଣେତେଣେ ଛିଟିକି ପଡ଼ି ଆହତ ହୋଇଥିଲେ। ପୋଲିସ, ଦମକଳ ବାହିନୀ ଏବଂ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି କୋଲାବିରା ମେଡିକାଲ ଆଣିଥିଲେ।

## ଧାନମଣ୍ଡି ଖୋଲିବା ନେଇ ଆଶଙ୍କାରେ ଚାଷୀ

**ସମ୍ବଲପୁର,୧୨।୪(ବ୍ୟୁରୋ)**

- ଏପର୍ଯ୍ୟନ୍ତ ପ୍ରସ୍ତୁତି ବୈଠକ ବସିନି
- ଅଭାବୀ ବିକ୍ରିର ଶିକାର ହେବେ ଚାଷୀ

ସମ୍ବଲପୁର ଜିଲାରେ ରବି ଫସଲ ଧାନର ଅଭାବୀ ବିକ୍ରିର ଚାଷୀ ଶିକାର ହେବେ। ମେ ମାସ ପହିଲାରୁ ମଣ୍ଡି ଖୋଲିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । ହେଲେ ଏପର୍ଯ୍ୟନ୍ତ ଜିଲାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ପାରିନାହିଁ। ତେଣୁ ଚାଷୀ ଆଶା ଆଶଙ୍କାରେ ରହୁଛି ବୋଲି ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଆଶୋକ ପ୍ରଧାନ କହିଛନ୍ତି । ସେ ଅଭିଯୋଗ ଆଣିଛନ୍ତି ଯେ, ରାଜ୍ୟ ସରକାର ପ୍ରତ୍ୟେକ ଜିଲାପାଳଙ୍କୁ ଚିଠି କରିଛନ୍ତି । ଏପ୍ରିଲ ୭ ତାରିଖ ଭିତରେ ଚାଷୀ, ଯୋଗାଣ ବିଭାଗ, ମିଲର୍ସଙ୍କ ସହ ପ୍ରସ୍ତୁତି ବୈଠକ କରି ଧାନ ସଂଗ୍ରହ ପାଇଁ ଦିନ ଧାର୍ଯ୍ୟ କରାଯାଉ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏଣୁ ଧାନ କିଣା ବିକାରେ କୌଣସି ସମସ୍ୟା ହେବା କଥା ନୁହଁ । ଚାଷୀ ପଞ୍ଜୀକରଣ, ମାର୍କେଟ ବ୍ୟବସ୍ଥା ଉପରେ ତର୍ଜମା କରାଯାଉ ବୋଲି ମଧ ନିର୍ଦ୍ଦେଶ ରହିଛି। ଜିଲା ପ୍ରଶାସନ ଅବହେଳା କରିଛି । ତେଣୁ ଧାନର ଅଭାବୀ ବିକ୍ରି ହେବାର ଜଣାପଡୁଛି। ଚଳିତ ବର୍ଷ ଧାନ ଭଲ ହୋଇଛି । ଯଦି ଦୈବି ଦୁର୍ବିପାକ ନ ହେବ, ଚକଡା ପୋକରେ ଫସଲ ଆକ୍ରାନ୍ତ ନ ହେବ ତାହା ହେଲେ ଅଧିକ ଅମଳ ହେବ । ହେଲେ ଅମଳ ଧାନ ବିକ୍ରି କିଭଳି ହେବ ସେ ନେଇ ଚିନ୍ତାରେ ଚାଷୀ ବୋଲି ସେ କହିଛନ୍ତି । ଅନ୍ୟପଟେ ମାର୍ଚ୍ଚ ମାସରୁ ଜିଲା ଯୋଗାଣ ଅଧିକାରୀ ପୀତାମ୍ବର ଆଚାର୍ଯ୍ୟଙ୍କ ବଦଳି ହୋଇଯାଇଛି । ଜିଲା ପ୍ରଶାସନ ନିର୍ବାଚନ କାମରେ ସମ୍ପୂର୍ଣ୍ଣ ବ୍ୟସ୍ତ ରହୁଛି। ଚାଷୀ ସମସ୍ୟା ଉପରେ ଗୁରୁତ୍ୱ ଦେଉ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

### ଅମିତ ଶାହଙ୍କୁ ଏୟାର ଷ୍ଟ୍ରିପ୍‌ରେ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୧୨।୪**

ଅହମଦାବାଦରୁ ଆସି ଶୁକ୍ରବାର ମଧ୍ୟାହ୍ନରେ ଭଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ରାଉରକେଲା ଏୟାର ଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ଏଠାରୁ ସେ କେନ୍ଦୁଝର ଯାଇ ନିର୍ବାଚନୀ ସଭାବେ ଯୋଗଦେଇଥିଲେ। ତେବେ ଶାହ ରାଉରକେଲା ଏୟାର ଷ୍ଟ୍ରିପ୍‌ରେ ପହଞ୍ଚିବା ପରେ ଭାଜପା ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ରାଉରକେଲା ପ୍ରାର୍ଥୀ ନିହାର ରାୟ, ମହିଳା ନେତ୍ରୀ ପ୍ରମିଳା ଦାସ ପ୍ରମୁଖ ତାଙ୍କୁ ଏଠାରେ ସମ୍ବର୍ଦ୍ଧିତ କରିଥିଲେ। ଶାହ ସ୍ୱତନ୍ତ୍ର ପ୍ଲେନ ଯୋଗେ ଆସି ରାଉରକେଲା ଏୟାର ଷ୍ଟ୍ରିପ୍‌ରେ ଅବତରଣ କରିବା ପରେ ଏଠାରୁ ହେଲିକପ୍ଟର ଯୋଗେ କେନ୍ଦୁଝର ଯାଇଥିଲେ। ସେଠାରୁ କାର୍ଯ୍ୟକ୍ରମ ସାରି ପୁନର୍ବାର ସେ ଅପରାହ୍ନ ୨ଟାରେ ରାଉରକେଲାରୁ ଅହମଦାବାଦ ଫେରିଥିଲେ।

## ସବ୍‌ରେଜିଷ୍ଟ୍ରି ଅଫିସରେ ଭଙ୍ଗାରୁଜା

**ରେଙ୍ଗାଲି, ୧୨।୪ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ କାର୍ଯ୍ୟାଳୟରେ ଥିବା ସବ୍‌ରେଜିଷ୍ଟ୍ରି ଅଫିସରେ ଶୁକ୍ରବାର ଉତ୍ତ୍ୟକ୍ତ ଲୋକେ ଭଙ୍ଗାରୁଜା କରିଛନ୍ତି। ସବ୍‌ରେଜିଷ୍ଟ୍ରାର ନ ଆସିବାରୁ ଏଭଳି ଘଟଣା ଘଟିଛି। ତେବେ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚାରିବାରୁ କହିଛନ୍ତି ଯେ, ଦିନ ପ୍ରାୟ ୨ଟାରେ ସେ ତହସିଲକୁ ଆସିବା ବେଳେ ଅଫିସ ବନ୍ଦ ହୋଇଯାଇଥିଲା । ଷ୍ଟାଫ ନ ଥିଲେ। ସେ ମାଜିଷ୍ଟ୍ରେଟ ଭାବରେ ଠେଲକୁଲି ଥାନା ଅନ୍ତର୍ଗତ ଭୂଷଣ ପାଖରେ ନିର୍ବାଚନୀ ଡ୍ୟୁଟିରେ ଥିବାରୁ ରେଜିଷ୍ଟ୍ରି ପାଇଁ ଯାଇପାରିଲେ ନାହିଁ। ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ଯାଇଥାନ୍ତେ। ଭଙ୍ଗାରୁଜା ବାବଦରେ ଖବର ମିଳିଛି। ସିସିଟିଭି ଫୁଟେଜ ଏବଂ କିରାଣିଙ୍କ ବୟାନ ଅନୁସାରେ ଶନିବାର ରେଙ୍ଗାଲି ଥାନାରେ ଅଭିଯୋଗ କରାଯିବ ବୋଲି କହିଛନ୍ତି। ସୂଚନା ମୁତାବକ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ସମ୍ମୁଖ ନୋଟିସ ବୋର୍ଡରେ ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ ଅଫିସ ଖୋଲା ରହିବ। ୭ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଦଲିଲ ପଞ୍ଜୀକରଣ କରାଯିବ ବୋଲି ଲେଖା ଯାଇଛି। ଏଣୁ ଜମି କିଣାବିକା କରିବା ପାଇଁ ଲୋକେ ଆସିଥିଲେ । ସାଢ଼େ ୧୦ଟା ପର୍ଯ୍ୟନ୍ତ ସବରେଜିଷ୍ଟ୍ରାର ନ ଆସିବାରୁ ଲୋକେ ଫୋନ ଯୋଗେ ସବରେଜିଷ୍ଟ୍ରାରଙ୍କୁ ଯୋଗାଯୋଗ କରିଥିଲେ। ହେଲେ ସେ ନିର୍ବାଚନି ଡ୍ୟୁଟିରେ ଅଛନ୍ତି। ଜିଲାପାଳ କିମ୍ବା ଏଡିଏମ ନିର୍ଦ୍ଦେଶ ଦେଲେ ଅଫିସ ଆସିବେ ବୋଲି କହିଥିଲେ। ଏଥିରେ ଲୋକେ ରାଗିଯାଇ ଅଫିସକୁ ପଶି କମ୍ପ୍ୟୁଟର, ଆସବାବପତ୍ର ଫୋପାଡି ଭଙ୍ଗାରୁଜା କରିବା ପରେ ତାଲା ପକାଇ ଦେଇଥିଲେ। ତେବେ ଏହି ଘଟଣା ସମ୍ପର୍କରେ ତହସିଲଦାର ଭିକ୍ଟୋରିଆ ଏକ୍କା ଜାଣିନାହାନ୍ତି ଏବଂ ସେ ବି ନିର୍ବାଚନୀ ଡ୍ୟୁଟିରେ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି।



ରେଙ୍ଗାଲି ସବ୍‌ରେଜିଷ୍ଟ୍ରି ଅଫିସରେ ଭଙ୍ଗାରୁଜା କରିବା ସହ କାଗଜପତ୍ର ଫିଙ୍ଗାଯାଇଛି।



**ନିର୍ବାଚନ ବେଳ ଆସିଲେ ନେତା ନଇଁ ପଡନ୍ତି:** ସମ୍ବଲପୁର ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀ ଶୁକ୍ରବାର ଜଣେ ଭୋଟରଙ୍କୁ ନିଜ ପାଇଁ ଭୋଟ୍ ମାଗୁଛନ୍ତି।

## ପବ୍ଲିକ ଲାଇବ୍ରେରୀରେ ବକ୍ତୃତାମାଳା

**ସମ୍ବଲପୁର, ୧୨।୪ (ବ୍ୟୁରୋ)**

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଶନିବାର ରାତିରେ ଏକ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଡ. ରାଜାରାମ ପଣ୍ଡା ଏଥିରେ ବକ୍ତାଭାବେ ଯୋଗ ଦେଇଥିଲେ। ଭାରତୀୟ ବଂଶୋଦ୍ଭବଙ୍କ ବିଶ୍ୱରେ ପ୍ରଭାବ ଓ ଜାପାନରେ ଭାରତୀୟ ବିଷୟରେ ସେ ସୂଚନା ପ୍ରଦାନ କରିଥିଲେ । ଅଭୟ କୁମାର ପାଢ଼ୀ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭ୍ୟ ସଚିବ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଶନିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ଡ. ରାଜାରାମ ପଣ୍ଡା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

### ମିନିଟ୍ରକ ଧକ୍କାରେ ବାଇକ୍ ଚାଳକ ମୃତ, ୩ ଆହତ

**ବଡଗାଁ, ୧୨।୪ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ଜରଙ୍ଗଲୋଇ-ଝାରମୁଣ୍ଡା ଗାଁକୁ ଯିବା ରାସ୍ତାରେ ଶୁକ୍ରବାର ଅପରାହ୍ନ ୩ଟାରେ ଏକ ବାଇକ୍ ଓ ମିନି ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ କୁଲଗା ଗ୍ରାମର ଅସିତ ଡୁଙ୍ଗଡୁଙ୍ଗ(୨୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ବାଇକ୍‌ରେ ଥିବା ପାର୍ବତୀ ଡୁଙ୍ଗଡୁଙ୍ଗ, ରାଜୁ ଡୁଙ୍ଗଡୁଙ୍ଗ ଏବଂ ୪ବର୍ଷର ଶିଶୁ ଆହତ ହୋଇଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛି।

## ବିଜେଡିର ନିର୍ବାଚନୀ ପ୍ରଚାର

**ଦେବଗଡ,୧୨।୪(ସ୍ୱ.ପ୍ର.)**

ସମ୍ବଲପୁର ବିଜେଡି ଲୋକ ସଭା ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଏବଂ ଦେବଗଡ଼ ବିଧାୟକ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଶୁକ୍ରବାର ବାରକୋଟ ବ୍ଲକର ବିଭିନ୍ନ ପଞ୍ଚାୟତରେ ରୋଡ ଶୋ’ ଏବଂ ନିର୍ବାଚନୀ ସଭା କରିଥିଲେ। ଏହି ପରିପ୍ରେକ୍ଷୀରେ ବାରକୋଟ ବ୍ଲକର କଣ୍ଢେଲ, ବଳମ, କଲା ଗ୍ରାମରେ ଦଳୀୟ ପ୍ରଚାର ଗାଡି, ବାଇକ୍ ରାଲି କରିବା ସହ ଉଭୟ ପ୍ରାର୍ଥୀ ଭିକ୍ଷା କରିଥିଲେ। ସଭାରେ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ମାଧ୍ୟମରେ ଜନସାଧାରଣ କିପରି ଉପକୃତ ହେଉଛନ୍ତି ସେ ନେଇ ଅବଗତ କରାଇଥିଲେ। ଦେବଗଡ ଜିଲାର ବିକାଶ ପାଇଁ ବିଜେଡି ଏକ ମାତ୍ର ବିକଳ୍ପ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜେଡିର ଦେବେନ୍ଦ୍ର ବେହେରା, କୃଷକ ସେଲ ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ, ସୁଜିତ ପ୍ରଧାନ, ହିମାଂଶୁ ବଡପଣ୍ଡା, ଚନ୍ଦ୍ର ଶେଖର ଭୁକ୍ତା, ଇଂ.ବିଷ୍ଣୁପ୍ରସାଦ ଅମାତ୍ୟ, ଆଲୋକ ଅମାନ୍ତ, ଶୁକଦେବ ଭଞ୍ଜଙ୍କ ସମେତ ଅନ୍ୟାନ୍ୟ ଦଳୀୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।



ବାରକୋଟ ବ୍ଲକରେ ବିଜେଡି ଲୋକ ସଭା ପ୍ରାର୍ଥୀ ନଳିନୀକାନ୍ତ ଏବଂ ବିଧାୟକ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ନିର୍ବାଚନୀ ପ୍ରଚାର କରୁଛନ୍ତି।

# ଦେବଗଡ଼ରେ ଜମୁଛି ଦଣ୍ଡଯାତ୍ରା

**ଦେବଗଡ, ୧୨।୪(ସ୍ୱ.ପ୍ର.)**

ବାରମାସରେ ତେର ପର୍ବ ମଧ୍ୟରୁ ଚୈତ୍ର ଓ ବୈଶାଖ ମାସରେ ପାଳିତ ହେଉଥିବା ଦଣ୍ଡ ନୃତ୍ୟ ଅନ୍ୟ ପର୍ବ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଦଣ୍ଡନୃତ୍ୟ ବେଶ୍ ସୁନାମ ଅର୍ଜନ କରିଛି। ହେଲେ କେଉଁ ଆବହମାନ କାଳରୁ ଦେବଗଡ଼ ଜିଲାରେ ଦଣ୍ଡ ନୃତ୍ୟ ପରମ୍ପରା ସେଥିମଧ୍ୟରୁ ଅନ୍ୟତମ। ବର୍ତ୍ତମାନ ଆଧୁନିକତାର ଚାକଚକ୍ୟରେ ଏହି ନୃତ୍ୟ ଓଡ଼ିଶାର କୋଣ ଅନୁକୋଣରେ ବେଶ୍ ଲୋକପ୍ରିୟ ହୋଇପାରିଛି। କଠୋର ସାଧନା ଏବଂ ଭକ୍ତି ମନରେ ଭଗବାନ ଶିବ ଏବଂ ମା’ ପାର୍ବତୀଙ୍କୁ ସ୍ମରଣ କରି ମାନସିକଧାରୀମାନେ ଗାଁକୁ ଗାଁ ବୁଲି ଦଣ୍ଡଯାତ୍ରା କରିଥାନ୍ତି। ବର୍ତ୍ତମାନ ଟାଣ ଖରାରେ ଲୋକେ ଘରୁ ବାହାରିବା କଷ୍ଟକର ହେଉଥିବା ବେଳେ ଭଗବାନଙ୍କ ପ୍ରତି ଦୃଢ ବିଶ୍ୱାସ ଦଣ୍ଡୁଆମାନଙ୍କ ପାଖରେ ଖରା ହାର ମାନିଥାଏ। ମୁଖ୍ୟତଃ ଏହି ଯାତ୍ରା ପଣାସଂକ୍ରାନ୍ତିର ୧୩ ଦିନ ପୂର୍ବରୁ ଅର୍ଥାତ ଅପ୍ରେଲ ୧ରୁ ଆରମ୍ଭ ହୋଇ ଚୈତ୍ର ସଂକ୍ରାନ୍ତି ବା ମେରୁପର୍ବରେ ଶେଷ ହୋଇଥାଏ। ଏହି ପର୍ବରେ ମାନସିକଧାରୀମାନେ ୨୧ଦିନ ଥରେ ଖାଦ୍ୟ ଗ୍ରହଣ କରିଥାନ୍ତି। ଖାଦ୍ୟଗ୍ରହଣ ସମୟରେ କୌଣସି ଶବ୍ଦ ଶୁଣା ନ ଯିବ ସେନେଇ ବଜାକାରିଆ(ଢୁଲିଆ) ଖାଇବା ଶେଷ ପର୍ଯ୍ୟନ୍ତ ବାଜା ବଜାଇଥାନ୍ତି। ଏପରି କି ମାନସିକଧାରୀମାନେ ଆମିଷ ବାରଣ କରିଥାନ୍ତି।

ଦେବଗଡ଼ ଜିଲାର ରିଆମାଳ, ତିମୁର୍, ସିମଲଇ, ବୁଡିଦୋ, ଭାରସିଂ, କଲଣ୍ଡା ଏହିପରି ଅନେକ ଦଣ୍ଡ ନୃତ୍ୟ ଦଳ ତଥା ପଡୋଶୀ ଅନୁଗୋଳ ଏବଂ ସମ୍ବଲପୁର ଜିଲାର ମଧ କିଛି ଦଣ୍ଡନୃତ୍ୟ ଦଳ ଦେବଗଡ଼ ଜିଲା ପୌରାଞ୍ଚଳ ସମେତ ବିଭିନ୍ନ ଗ୍ରାମରେ ବୁଲି ନିଜ ଅଭିନୟ ଶୈଳୀର ଚାତୁର୍ଯ୍ୟ ଦେଖାଇଥାନ୍ତି। ଦଣ୍ଡନୃତ୍ୟରେ ବିଭିନ୍ନ ପୌରାଣିକ କଥାବସ୍ତୁ ଏବଂ ଆଧୁନିକ ଗୀତ ମାଧ୍ୟମରେ ଏହି ନାଚ କରିଥାନ୍ତି। ଏଥିରେ ଢୋଲ, ମହୁରୀ, ତାସା ସହିତ ବର୍ତ୍ତମାନର ଆଧୁନିକ ଯନ୍ତ୍ର ବାଦ୍ୟ ବ୍ୟବହାର କରିଥାନ୍ତି। ଏପରି କି ବର୍ତ୍ତମାନ ମିକ୍ସର ଦଣ୍ଡ ମଧ ବହୁ ଖ୍ୟାତି ଅର୍ଜନ କରିପାରିଛି। ଏଥିରେ ବିଭିନ୍ନ ସାଜସଜ୍ଜା ସହି ରାତ୍ରରେ ବିଭିନ୍ନ ଆକର୍ଷଣୀୟ ଲାଇଟ ସାଉଣ୍ଡର ବ୍ୟବହାର କରାଯାଉଛି। ଅନ୍ୟପକ୍ଷେ ଦଣ୍ଡ ନୃତ୍ୟରେ କେବଳ ପୁରୁଷ ମାନସିକଧାରୀ ଅଭିନୟ କରିଥାନ୍ତି। ସେହିପରି ଧୁଳିଦଣ୍ଡ ଦିନ ଦ୍ୱିପ୍ରହର ପ୍ରବଳ ଖରାରେ ପରିବେଷଣ ହେଉଥିବା ବେଳେ ପାଣିଦଣ୍ଡ ସନ୍ଧ୍ୟା ଏବଂ ଉଦଣ୍ଡ ରାତିରେ ପରିବେଷଣ ହୋଇଥାଏ। ଏହି ଅବସରରେ ପୌରାଞ୍ଚଳରେ ୧୩ ଜଣ ମାନସିକଧାରୀଙ୍କ ସମେତ ଅନ୍ୟ ସଦସ୍ୟମାନେ ପାରମ୍ପରିକ ସଙ୍ଗୀତ ମାଧ୍ୟମରେ ପୂଜାର୍ଚ୍ଚନା ପରେ ଦଣ୍ଡନାଚ ଆରମ୍ଭ କରିଛନ୍ତି। ଦଣ୍ଡ ନାଚ ଦେଖିବା ପାଇଁ ପ୍ରବଳ ଭିଡ ଜମିବା ସହ ଲୋକେ ମନୋଭରି ଉପଭୋଗ କରୁଛନ୍ତି।



ଦଣ୍ଡୁଆମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।

- ମହର୍ଷି ପରାଶର

## ସଂକ୍ଷେପରେ

### ତୃତୀୟ ପର୍ଯ୍ୟାୟରେ ୪ଶହ ଅଧିକାରୀଙ୍କୁ ତାଲିମ

ରେଢାଖୋଲ,୧୨।୪(ଡି.ଏନ.ଏ.) ଏପ୍ରିଲ ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଛି। ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଦିଆଯିବ। ସ୍ଥାନୀୟ ଗୌରଚନ୍ଦ୍ର ଓ ରାଣୀ ଅନ୍ନପୂର୍ଣ୍ଣା ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ୪୦୦ ପ୍ରିଜାଇଡିଂ ଓ ପୋଲିଂ ଅଫିସର ତାଲିମ ନେଉଛନ୍ତି। ରେଢାଖୋଲ ନିର୍ବାଚନ ମଣ୍ଡଳୀର ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ବିଶିକେଶନ ଦେହୁରୀ, ସୁପରଭାଇଜର ସୁକାନ୍ତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ରେଢାଖୋଲ ବିଡିଓ ପରିକ୍ଷିତ ସାହୁ, ଏବିଡିଓ ସହଦେବ ନନ୍ଦ, ଚନ୍ଦ୍ରଶେଖର ସେଠ, କୃଷ୍ଣଚନ୍ଦ୍ର ଜେନା, ସୁକାନ୍ତ ନନ୍ଦ, ପ୍ରଫୁଲ୍ଲ କୁମାର ପ୍ରଧାନ, ବିକାଶ ମିଶ୍ର, ପବିତ୍ର ମହାନନ୍ଦ, ରାମଚନ୍ଦ୍ର ଭୋଇ ଓ ଭଜମୋହନ ପ୍ରଧାନ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

### ଓକିଲଙ୍କୁ ଭେଟିଲେ ଜୟ, ନୀତେଶ

ସମ୍ବଲପୁର,୧୨।୪(ବ୍ୟୁରୋ) ସମ୍ବଲପୁରରେ ଜିଲା ଓକିଲ ସଂଘ ସଦସ୍ୟଙ୍କୁ ଭେଟି ଭାଜପା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ନୀତେଶ ଗଙ୍ଗଦେବ ଓ ବିଧାନସଭା ପ୍ରାର୍ଥୀ ଜୟନାରାୟଣ ମିଶ୍ର ସହଯୋଗ ଲୋଡିଛନ୍ତି । ଶୁକ୍ରବାର ବାର୍‌କୁ ଯାଇ ଓକିଲମାନଙ୍କ ସହ ଏହି ପ୍ରାର୍ଥୀ ଦ୍ୱୟ ଆଲୋଚନା କରିଛନ୍ତି । ବାର୍ ପକ୍ଷରୁ ଜୟ ଓ ନୀତେଶଙ୍କୁ ସ୍ୱାଗତ କରାଯାଇଥିଲା । ସମ୍ବଲପୁର ଓକିଲ ସଂଘ ଲଢୁଆ ସଂଗଠନ। ଭାଜପା ପୂର୍ବରୁ ମଧ ଓକିଲ ସଂଘ ସହ ଥିଲା। ଏବେ ମଧ ଅଛି । ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ଭାଜପା ବାରକୁ ସମର୍ଥନ କରିଛି। ନିର୍ବାଚନ ପରେ ଶୀଘ୍ର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ବାର୍ ସଦସ୍ୟଙ୍କୁ ଜୟ କହିଥିଲେ। ନିର୍ବାଚନ ସମୟରେ ସମର୍ଥନ ଜଣାଇବାକୁ ପ୍ରତି ଓକିଲଙ୍କୁ ଭେଟି ଜୟ ଓ ନୀତେଶ ଭୋଟ ଭିକ୍ଷା କରିଥିଲେ।

### ପ୍ରାକୃତିକ ଜୀବନଚର୍ଯ୍ୟା ହିଁ ଶରୀରକୁ ସୁସ୍ଥ ରଖିଥାଏ

ସମ୍ବଲପୁର, ୧୨।୪ (ବ୍ୟୁରୋ): ପରଧିଆପାଲି ସ୍ଥିତ ସେଭେନହିଲ୍ସ ସ୍କୁଲଠାରେ ଚକ୍ଷୁ ଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ସଭାପତି ଡା. ପରେଶ ଚନ୍ଦ୍ର ଦାନୀଙ୍କ ଅଧକ୍ଷତାରେ ସଭା ହୋଇଥିଲା । ମୁଖ୍ୟ ଆଲୋଚକ ଭାବେ ଚକ୍ଷୁ ବିଶେଷଜ୍ଞ ଡା. ସୁରେଶ ଚନ୍ଦ୍ର ଦାନୀ ଯୋଗଦେଇ କହିଥିଲେ ଯେ ପ୍ରାକୃତିକ ଜୀବନଚର୍ଯ୍ୟା ହିଁ ଶରୀରକୁ ସୁସ୍ଥ ରଖିଥାଏ । ପଲିଥିନ ଓ ରାସାୟନିକ ଦ୍ରବ୍ୟ ବ୍ୟବହାର ଯୋଗୁ ଜୀବନ ଯାତ୍ରାକୁ ଅଧିକ ପ୍ରଦୂଷିତ କରୁଛି । ତେଣୁ ଛାତ୍ରୀଛାତ୍ର ପଲିଥିନ ଓ ରାସାୟନିକ ଦ୍ରବ୍ୟ ବ୍ୟବହାରରୁ ଦୂରେଇ ରହିବାକୁ ସେ ଆହ୍ୱାନ ଦେଇଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ମଧରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଜ୍ୟୋତି ସଂଯୋଜିକା କଳ୍ପନା ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ । ଉପସଭାପତି ତାପସ କୁମାର ଦାଶ ଲକ୍ଷ୍ୟ ଓ ଉଦ୍ଦେଶ୍ୟ କହିଥିଲେ। ଶିକ୍ଷୟିତ୍ରୀ ରୁବି ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେଶ କୁମାର ଭୋଇ, ଶିବାନୀ ପ୍ରଧାନ, ବିକ୍ରମ ପୁରୋହିତ, ହେମଲତା ଛେତ୍ରି, ଚକାନନ କୁମ୍ଭାର, ପ୍ରଜ୍ଞାନ ଶ୍ରୀବାସ୍ତବ ସହଯୋଗ କରିଥିଲେ।

## ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ

# ବିଜେଡି, ଭାଜପାକୁ ସ୍ୱାଧୀନ ଅଡୁଆ

ସମ୍ବଲପୁର,୧୨।୪ (ବ୍ୟୁରୋ)

ସମ୍ବଲପୁର ଲୋକସଭା କ୍ଷେତ୍ର ଅଧୀନ ରେଢାଖୋଲ ନିର୍ବାଚନ ମଣ୍ଡଳୀ ଏବେ ରାଜନୀତିର ସମୀକରଣରେ ଅଧିକ ଚର୍ଚ୍ଚାରେ ରହିଛି। ପ୍ରାର୍ଥୀମାନେ ଜୋରଦାର ପ୍ରଚାର କରୁଛନ୍ତି । ସମର୍ଥକଙ୍କ ସହିତ ରାଲି ଓ ସଭାସମିତି କରି ଭୋଟ ଭିକ୍ଷା କରୁଛନ୍ତି । ଦଳୀୟ ପ୍ରାର୍ଥୀ ଯେଉଁଭଳି ପ୍ରଚାର କରୁଛନ୍ତି ସ୍ୱାଧୀନ ପ୍ରାର୍ଥୀମାନେ ମଧ କୌଣସି କ୍ଷେତ୍ରରେ ପଛାଉ ନାହାନ୍ତି । ଭାଜପାରୁ ଟିକେଟ ନ ପାଇ ସ୍ୱାଧୀନ ଭାବେ ଛିଡା ହୋଇଛନ୍ତି ସମର ପ୍ରଧାନ (ଆଲଫା) । ସେହିପରି ବିଜେଡିରୁ ଟିକେଟ ଆଶା କରି ନିରାଶ ହୋଇଥିବା ଜୟଲାଲ ବେହେରା ସ୍ୱାଧନ ଭାବେ ପ୍ରାର୍ଥୀ ହୋଇଛନ୍ତି । ତେଣୁ ବିଜେଡି ଓ ଭାଜପାକୁ ଏହି ଦୁଇ ସ୍ୱାଧୀନ ପ୍ରାର୍ଥୀ ଅଡୁଆ ହୋଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି । ସମରଙ୍କ ଘର ବଶଂଜାଲ ପଞ୍ଚାୟତରେ ରହିଛି । ସେ ରେଢାଖୋଲ ଓ ନାକଟିଦେଉଳ ବ୍ଲକରେ ଭାଜପା ପାଇଁ କାମ କରୁଥିଲେ ।

ଗ୍ରାମାଞ୍ଚଳରେ ସମରଙ୍କ ପ୍ରଭାବ ରହିଛି। ତେଣୁ ଦଳୀୟ ଭୋଟ କିଛି ତାଙ୍କ ସପକ୍ଷରେ ଯାଇପାରେ ବୋଲି ଚର୍ଚ୍ଚା ହେଉଛି । ଭାଜପା ସ୍ଥାନୀୟ ନେତାଙ୍କୁ ପ୍ରାର୍ଥୀ କରି ନ ଥିବାରୁ ମଧ କିଛି ଅସନ୍ତୋଷ ରହିଛି । ତେଣୁ ଭାଜପା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କ ପାଇଁ ଅଡୁଆ ହୋଇପାରେ ବୋଲି ଚର୍ଚ୍ଚା ହେଉଛି । ବିଜେଡି ରୋହିତ ପୂଜାରୀଙ୍କୁ ପୁଣି ଥରେ ପ୍ରାର୍ଥୀ କରିଛି । ହେଲେ ଟିକେଟ ପାଇଁ ଆଶାୟୀ ଥିବା ଜୟଲାଲ ରୋହିତଙ୍କ ପାଇଁ ଅଡୁଆ ହୋଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି । ସେ ରେଢାଖୋଲ, ନାକଟିଦେଉଳ, ଝୁମୁରା ବ୍ଲକର ବିଭିନ୍ନ ଜାଗାରେ ସଭାସମିତି କରି ପ୍ରଚାର କରୁଛନ୍ତି । ରୋହିତଙ୍କ ଉପରେ ଦଳୀୟ କର୍ମକର୍ତ୍ତା ଅସନ୍ତୋଷ ରହିଛି । ବିଭିନ୍ନ ଗ୍ରାମକୁ ପ୍ରଚାର ପାଇଁ ଗଲେ ବିରୋଧର ସମ୍ମୁଖୀନ ହେଉଛନ୍ତି । ଏହାର ସୁଯୋଗ ନେଇ ଜୟଲାଲ ବିଜେଡି ଭୋଟରଙ୍କୁ ନିଜ ଆଡକୁ ଟାଣିବାକୁ ଚେଷ୍ଟା କରୁଛନ୍ତି। ଜୟଲାଲ ଜଣେ ପୁରୁଣା ବିଜେଡି କର୍ମୀ ହୋଇଥିବାରୁ ତାଙ୍କ ସମର୍ଥନରେ ଅଧିକ ପୁରୁଣା କର୍ମୀ ରହିଛନ୍ତି । ପୂର୍ବତନ ରେଢାଖୋଲ ବିଧାୟକ ତଥା ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଅନେକ ବିଜେଡି କର୍ମୀ ପ୍ରାର୍ଥୀ କରିବା ପାଇଁ ଦାବି କରିଥିଲେ । ତେଣୁ ପ୍ରସନ୍ନଙ୍କ ସମର୍ଥକ ସିଧାସଳଖ ଭାବେ ଜୟଲାଲଙ୍କ ସପକ୍ଷରେ ଯାଇ ପ୍ରଚାର କରୁଛନ୍ତି। ସୂଚନାଯୋଗ୍ୟ, ପୂର୍ବତନ ବିଜେଡି ଜିଲା ସଭାପତି ପ୍ରମୋଦ ରଥ ରେଢାଖୋଲ ନିର୍ବାଚନ ମଣ୍ଡଳୀରୁ ଟିକେଟ ପାଇଁ ଆଶାୟୀ ଥିଲେ ବି ନିରାଶ ହୋଇଛନ୍ତି।

## କାହାରି ଇସ୍ତାହାରରେ ନାହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

ସମ୍ବଲପୁର,୧୨।୪(ବ୍ୟୁରୋ) ପଶ୍ଚିମ ଓଡିଶାବାସୀଙ୍କ ଏକ ମୁଖ୍ୟ ଦାବି ରହିଛି ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ । ଏହାକୁ ନେଇ ବିଭିନ୍ନ ଜିଲାରେ ମାସ ମାସ ଧରି ଆନ୍ଦୋଳନ ହୋଇ ଆସିଛି । ବିଭିନ୍ନ ପ୍ରକ୍ରିୟାରେ ଆନ୍ଦୋଳନରେ ଜନ ସମର୍ଥନ ମିଳିଛି । ପଶ୍ଚିମ ଓଡିଶାବାସୀଙ୍କ ଏହା ସ୍ୱାଭିମାନର ପଶ୍ନ ହୋଇ ରହିଛି । ଏହାକୁ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦେବାକୁ ବିଭିନ୍ନ ମହଲରୁ ଦାବି କରାଯାଉଥିଲା । ହେଲେ କୌଣସି ଦଳ ଦାବି ପୂରଣ କରି ନାହାନ୍ତି ବୋଲି ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ କହିଛନ୍ତି। ରାଜ୍ୟସ୍ତରୀୟ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦେବାକୁ ସମସ୍ତ ଦଳ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏହାକୁ ଭୁଲି ଯାଇଛନ୍ତି । ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପ୍ରସଙ୍ଗ ଏକ ଜନ ଆନ୍ଦୋଳନ ହୋଇଛି । ତେଣୁ ଏହାକୁ ଗୁରୁତ୍ୱ ଦେଇ ବିଚାର କରିବାର ଆବଶ୍ୟକ ଥିଲା ବୋଲି ସେ କହିଥିଲେ । ଏ ସମ୍ପର୍କରେ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଜୟନାରାୟଣ ମିଶ୍ର କହିଛନ୍ତି ଯେ, ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ହେଉ ବୋଲି ବ୍ୟକ୍ତିଗତ ଓ ବିଧାୟକ ଭାବେ ସେ ଲଢେଇ କରିବେ। ସେହିପରି ସମ୍ବଲପୁର ଭାଜପା ଏମ୍‌ପି ପ୍ରାର୍ଥୀ ନୀତେଶ ଗଙ୍ଗଦେବ କହିଛନ୍ତି ଯେ, ସେ ବିଧାୟକ ଥିବା ସମୟରେ ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ କରାଯାଉ ବୋଲି ଚିଠି କରିଥିଲେ। ତେଣୁ ତାଙ୍କର ସମର୍ଥନ ରହିଛି । ଅନ୍ୟପକ୍ଷେ ବିଜେଡି ସମ୍ବଲପୁର ବିଧାନସଭା ଆସନର ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀ ବ୍ୟକ୍ତିଗତ ଭାବେ ନିଜର ନିର୍ବାଚନୀ ପ୍ରଚାରପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସେ ଜିତିଲେ ଏଥିପାଇଁ ଉଦ୍ୟମ କରିବେ।

## ସମ୍ବଲପୁର ସ୍ୱାଭିମାନ ପାଇଁ ଲଢ଼େଇ କରିବି: ପ୍ରଜ୍ଞା



ସମ୍ବଲପୁର ବିଧାନସଭା ସ୍ୱାଧୀନ ପ୍ରାର୍ଥୀ ପ୍ରଜ୍ଞା ପଟ୍ଟନାୟକ ଖବରଦାତାମାନଙ୍କୁ ସୂଚନା ଦେଉଛନ୍ତି ।

ସମ୍ବଲପୁର,୧୨।୪ (ବ୍ୟୁରୋ) ସମ୍ବଲପୁରରେ ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି,ଐତିହ୍ୟ ଗମନାଗମନ, ବେକାରୀ ସମସ୍ୟା, ସ୍ଥାନୀୟ ନିଯୁକ୍ତି ଆଦି ବିଭିନ୍ନ ସମସ୍ୟା ରହିଛି । ଏପରିକି ମୌଳିକ ସୁବିଧା ପାଣି ଓ ବିଜୁଳି ଲୋକମାନଙ୍କ ପାଖରେ ପହଞ୍ଚି ପାରୁନାହିଁ । ବିଗତ ବର୍ଷରେ ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀ ହୋଇଛନ୍ତି । ହେଲେ ସମ୍ବଲପୁର ଯେଉଁଭଳି ବିକଶିତ ହେବା କଥା ବହୁ ପଛରେ ପଡିଛି । ତେଣୁ ଆଗାମୀ ନିର୍ବାଚନରେ ସମ୍ବଲପୁରବାସୀଙ୍କ ସମସ୍ୟା ଓ ସ୍ୱାଭିମାନ ପାଇଁ ଲଢେଇ କରିବି ବୋଲି ସମ୍ବଲପୁର ବିଧାନସଭା ସ୍ୱାଧୀନ ପ୍ରାର୍ଥୀ ପ୍ରଜ୍ଞା ପଟ୍ଟନାୟକ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ପ୍ରଚାରରେ ଯିବା ସମୟରେ ଲୋକମାନେ ସ୍ୱାଗତ କରି ସମର୍ଥନ ଜଣାଉଛନ୍ତି । ବିଭିନ୍ନ ରାଜନୈତିକ ଦଳ ଉପରେ ବିଶ୍ୱାସ ତୁଟି ଯାଉଥିବା କହୁଛନ୍ତି । ତେଣୁ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟରେ ସମର୍ଥନ କରିବେ ବୋଲି ସେ ଆଶା କରୁଛନ୍ତି। ଯଦି ସେ ନିର୍ବାଚିତ ହେବେ ତାହା ହେଲେ ସମ୍ବଲପୁରକୁ ସ୍ମାର୍ଟ ସିଟି, ମାତୃମଙ୍ଗଳ କେନ୍ଦ୍ରର ପୁନରୁଦ୍ଧାର, ଭିମସାରର ବିଭିନ୍ନ ସମସ୍ୟା, ବିଭିନ୍ନ ଅନୁଷ୍ଠାନରେ ବେକାରମାନଙ୍କୁ ରୋଜଗାର ଦେବା, ଟୁରିଷ୍ଟ ହବ, ଆଇନ ଶୃଙ୍ଖଳା କଡା କଡି କରିବା, କଲେଜ ଓ ୟୁନିଭର୍ସିଟିରେ ଫ୍ରି ୱାଇ ଫାଇ ବ୍ୟବସ୍ଥା, ପିଲାମାନଙ୍କ ପାଠ ପଢା ସହ ଖେଳ କୁଦ ଓ ଅନ୍ୟାନ୍ୟ ଦିଗରେ ପ୍ରୋତ୍ସାହନ ଦେବା ଦିଗରେ କାମ କରିବେ। ସହରରେ ଥିବା ଏହି ସମସ୍ୟା ଗୁଡିକ ନିଶ୍ଚିତ ଭାବେ ସମାଧାନ ହେବ ବୋଲି କହିଥିଲେ ।

### ଗାଡି ଯାଞ୍ଚ ବେଳେ ଟଙ୍କା ଜବତ

ବାମରା, ୧୨।୪ (ସ୍ୱ.ପ୍ର.) ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନଙ୍କ ଆଦେଶ କ୍ରମେ ନିର୍ବାଚନରେ ଟଙ୍କା କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ବିଭିନ୍ନ ଅଞ୍ଚଳରେ ଗାଡିମୋଟର ଯାଞ୍ଚ କରାଯାଉଛି। ବାମରା ବ୍ଲକ ଗଡପୋଷ ପଞ୍ଚାୟତ କର୍ଲାଖମନ ଛକଠାରେ ଗାଡି ମୋଟର ଯାଞ୍ଚ କରୁଥିବା ବେଳେ ଏକ ବାଇକ ଡିକିରୁ ୧ଲକ୍ଷ ୩୭ ହଜାର ୭୧୫ ଟଙ୍କା ମିଳିଛି। ଏହା ରାଜଗାଙ୍ଗପୁର ଭାଟାପାଡା ଅଞ୍ଚଳର କୁନ୍ଦନ ସାଏଙ୍କ। ସେ ଏହି ଟଙ୍କା ଆଳୁ, ପିଆଜ ବ୍ୟବସାୟରେ ବିଭିନ୍ନ ଦୋକାନୀଙ୍କଠାରୁ ଆଦାୟ କରି ଆଣିଥିବା କହିଛନ୍ତି । ହେଲେ ତାଙ୍କ ପାଖରେ ଏ ନେଇ କୌଣସି ପ୍ରମାଣ ନ ଥିବା କାରଣରୁ ଟଙ୍କା ଗୁଡିକ ଜବତ କରାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଆଇସିଡିଏସ ସୁପରଭାଇଜର ମଗଦଲି ସୋଏଙ୍କ ନେତୃତ୍ୱରେ ଏସଆଇ ସସ୍ମିତା ସୁନା ଓ ଟିମ୍ ଏହି ଯାଞ୍ଚରେ ସାମିଲ ଥିଲେ।

### ସଂର୍କମାରେ ଭାଜପାର ନିର୍ବାଚନୀ ପ୍ରଚାର

ସମ୍ବଲପୁର, ୧୨।୪ (ବ୍ୟୁରୋ) ସମ୍ବଲପୁର ଜିଲା ସଂର୍କମାଠାରେ ଶୁକ୍ରବାର ରେଙ୍ଗାଲି ଭାଜପା ପ୍ରାର୍ଥୀଙ୍କ ପ୍ରଚାର କରାଯାଇଛି । ସଂର୍କମା, ପରଧିଆପାଲି, ଭାଲୁପାଲି ଗ୍ରାମର ୧୫୦ରୁ ଉର୍ଦ୍ଧ୍ୱ ଯୁବକ ଭାଜପାରେ ଯୋଗଦାନ କରିଥିଲେ । ସେମାନଙ୍କୁ ନେତୃବୃନ୍ଦ ଦଳୀୟ ଟୋପି ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ମହେନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ତାପସ ପରିଡା ସଂଯୋଜନା କରିଥିଲେ । ଅମରନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ।

## ଭାଜପାର ସଂକଳ୍ପ ପତ୍ର ଉନ୍ମୋଚିତ

# ନୂଆ ଓଡ଼ିଶା ଗଠନ ପାଇଁ ବଦ୍ଧପରିକର



ସମ୍ବଲପୁର ଭାଜପା ପକ୍ଷରୁ ସଂକଳ୍ପ ପତ୍ର ଉନ୍ମୋଚନ କରାଯାଉଛି ।

ସମ୍ବଲପୁର,୧୨।୪ (ବ୍ୟୁରୋ) ଓଡିଶାରେ ସବୁ କିଛି ରହିଛି। ହେଲେ ସେହି ପରିମାଣରେ ବିକାଶିତ ହୋଇ ପାରୁନାହିଁ । ଏଥିପାଇଁ ରାଜ୍ୟ ସରକାର ଦାୟୀ। ତେଣୁ ଲୋକମାନେ ପରିବର୍ତ୍ତନ ନିହାତି ଆବଶ୍ୟକ ବୋଲି ମନେ କରୁଛନ୍ତି। ରାଜ୍ୟରେ ବିକାଶ ପାଇଁ ଭାଜପା ବଦ୍ଧପରିକର। ଆଗାମୀ ନିର୍ବାଚନରେ ରାଜ୍ୟରେ ଭାଜପା ସରକାର ଗଠନ କରିବ । ନୂଆଁ ଓଡିଶା ଗଠନ କରିବାର ବିଶ୍ୱାସ ରଖିଛି । ତେଣୁ ନିର୍ବାଚନର ଭାଜପା ଇସ୍ତାହାର ନ ଦେଇ ଭୋଟରମାନଙ୍କ ପାଖରେ ସଂକଳ୍ପ କରୁଛି। ସଂକଳ୍ପ କରି ଦଳ ଭୋଟରଙ୍କ ବିଶ୍ୱାସ ଭାଜନ ହୋଇପାରିବ । ତେଣୁ ଭାଜପା ନୂତନ ପ୍ରୟାସ ଆରମ୍ଭ କରିଛି ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସଂକଳ୍ପ ପତ୍ର ଉନ୍ମୋଚିତ କରି ଦଳୀୟ ନେତାମାନେ ଏହା କହିଛନ୍ତି। ସମ୍ବଲପୁର ମିଡିଆ ପ୍ରଭାରୀ ମାନସ ବକ୍ସି ଏଥିରେ ଅଧକ୍ଷତା କରିଥିଲେ। ଏହି ସମ୍ମିଳନୀରେ ସମ୍ବଲପୁର ଲୋକସଭା ପ୍ରାର୍ଥୀ ନୀତେଶ ଗଙ୍ଗଦେବ, ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଜୟ ନାରାୟଣ ମିଶ୍ର, ଅନ୍ୟତମ ପ୍ରବକ୍ତା ସୂର୍ଯ୍ୟ ପାଣିଗ୍ରାହୀ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ଲୋକସଭା କ୍ଷେତ୍ର ସହ ସଂଯୋଜକ ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ଭାଜପା ପକ୍ଷରୁ ନୂଆ ଓଡିଶା ପାଇଁ ଯେଉଁ ସଂକଳ୍ପ କରାଯାଉଛି ସେଗୁଡିକ ହେଲା ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ହେବ। ଆୟୁଷ୍ମାନ ଯୋଜନାରେ ଲୋକେ ଲାଭ ପାଇବେ। ଜମି ଅଧିକାର ମିଳିବ। ଜନଧନର ଉଚିତ ମୂଲ୍ୟ ଦିଆଯିବ। ମହିଳାଙ୍କ ସୁରକ୍ଷା, ସ୍ୱାବଲମ୍ବନ, ସ୍ୱାଭିମାନ ପାଇଁ କାମ କରାଯିବ। ଶିଳ୍ପରେ ସ୍ଥାନୀୟ ନିଯୁକ୍ତି ଦିଆଯିବ। ଯୁବତୀ ଯୁବକମାନଙ୍କୁ ଉତ୍ତମ ଶିକ୍ଷା ଓ ରୋଜଗାର ମିଳିବ। ଜଳସେଚନ ବ୍ୟବସ୍ଥା ହେବ। ଚାଷୀଙ୍କ ଉତ୍ପାଦିତ ଶସ୍ୟର ଉଚିତ ମୂଲ୍ୟ ମିଳିବ। ପାଣି, ବିଜୁଳି, ଘର, ରାସ୍ତାଘାଟ ଭଳି ମୌଳିକ ସମସ୍ୟାର ସମାଧାନ ହେବ। ଭ୍ରଷ୍ଟାଚାର ଗୁଣ୍ଡାଗର୍ଦ୍ଦିରୁ ଓଡ଼ିଶାକୁ ମୁକ୍ତ କରାଯିବ। ଏହିଭଳି ଅନେକ ପ୍ରତିଶ୍ରୁତି ସଂକଳ୍ପ ପତ୍ରରେ ସ୍ଥାନ ପାଇଛି ।

# ନବୀନଙ୍କ ହାତମୁଠା ଟାଣ କରିବାକୁ ଆହ୍ୱାନ



ଶୁକ୍ରବାର ସମ୍ବଲପୁର ବିଜେଡି ଜିଲା ଆଇନ ସାମ୍ମୁଖ୍ୟର ବୈଠକରେ ଭାଗ ନେଇଥିବା ପ୍ରତିନିଧିମାନେ ।

ସମ୍ବଲପୁର, ୧୨।୪ (ବ୍ୟୁରୋ) ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଶୁକ୍ରବାର ବିଜେଡି ଜିଲା ଆଇନ ସାମୁଖ୍ୟର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନ ସମୁଖ୍ୟର ଆବାହକ ବସନ୍ତ କୁମାର ମିଶ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ହେବ। ଫଳରେ ରାଜ୍ୟର ବିକାଶ ହେବା ସହ ଜନସାଧାରଣ ସୁରକ୍ଷିତ ରହିବେ। ଶାନ୍ତିରେ ବସବାସ କରିପାରିବେ। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ବକ୍ତାମାନେ ଏଥିରେ ଆହ୍ୱାନ ଦେଇଥିଲେ । ଆର୍ତ୍ତତ୍ରାଣ ମିଶ୍ର, ଅଶୋକ ସେନାପତି, ହେତମ୍ବ ଚନ୍ଦ୍ର ଦାନୀ, ଆନନ୍ଦ ବଡଗୟାଁ, ମାନଭଞ୍ଜନ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ରବିରଞ୍ଜନ ପୂଜାରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସୁରଜ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଦୀପ ଦୋରା, ସଞ୍ଜୀବ ଷଡଙ୍ଗୀ, ରାଙ୍ଗେୟନାଥ ଷଡଙ୍ଗୀ, ଚିତ୍ତରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ୮ଜଣ ଆଇନଜୀବୀ ବିଜେଡି ଆଇନ ସାମୁଖ୍ୟରେ ଯୋଗ ଦେଇଥିଲେ । ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।

## ମାନେଶ୍ୱରରେ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ



ସମ୍ବଲପୁର ମାନେଶ୍ୱରରେ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି ।

ସମ୍ବଲପୁର, ୧୨।୪ (ବ୍ୟୁରୋ) ସମ୍ବଲପୁର ଜିଲା ମାନେଶ୍ୱରଠାରେ ରେଙ୍ଗାଲି ବିଧାନସଭା କ୍ଷେତ୍ର କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଛି । ଏଥିସହ ରେଙ୍ଗାଲି କଂଗ୍ରେସ ବିଧାନସଭା ପ୍ରାର୍ଥୀ ବାଳକୃଷ୍ଣ ରୋହିଦାସ ଅଞ୍ଚଳରେ ବୁଲି ଭୋଟ ଭିକ୍ଷା କରିଛନ୍ତି । ରାଜ୍ୟ ଓ କେନ୍ଦ୍ରରେ କଂଗ୍ରେସ ଦଳ ଆସିଲେ ସଂପୂର୍ଣ୍ଣ କୃଷି ଋଣ ଛାଡ କରାଯିବ ବୋଲି ଦଳୀୟ ନେତାମାନେ ଜନସାଧାରଣଙ୍କୁ କହି ବୁଲୁଛନ୍ତି। ଭାଗୀରଥି ପ୍ରଧାନ, ଜଗନ୍ନାଥ ଦୀକ୍ଷିତ, ସୁଧୀର କୁମାର ପଣ୍ଡା, ଗୋବିନ୍ଦ ମିଶ୍ର, ହରି ଭୋସାଗର, ରଞ୍ଜନ ପାଣିଗ୍ରାହୀ, ପ୍ରମୋଦ ମିସ୍ତ୍ରୀ, ଆନନ୍ଦ ମିଶ୍ର ପ୍ରମୁଖ ନିର୍ବାଚନୀ ପ୍ରଚାରରେ ସାମିଲ ଥିଲେ ।

# ଦିବ୍ୟାଙ୍ଗ ଭୋଟରଙ୍କୁ ସଚେତନ ପାଇଁ ବାହାରିଲା ରଥ



ସମ୍ବଲପୁର ଜିଲାପାଳ ଶୁଭମ ସକସେନା ସବୁଜ ପତାକା ଦେଖାଇ ପ୍ରଚାର ରଥକୁ ଶୁଭାରମ୍ଭ କରୁଛନ୍ତି ।

ସମ୍ବଲପୁର,୧୨।୪ (ବ୍ୟୁରୋ)

ସମ୍ବଲପୁର ଜିଲାର ବିଭିନ୍ନ ବ୍ଲକରେ ଥିବା ଦିବ୍ୟାଙ୍ଗ ଭୋଟରମାନଙ୍କୁ ସଚେତନ କରିବା ପାଇଁ ଏକ ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି । ଜିଲାପାଳ ଶୁଭମ ସକସେନା ଏହି ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରତି ଗାଁରେ ଏହା ବୁଲି ଶତ ପ୍ରତିଶତ ମତଦାନ ଲାଗି ଦିବ୍ୟାଙ୍ଗମାନଙ୍କୁ ସଚେତନ କରିବ। ଦିବ୍ୟାଙ୍ଗମାନେ କିଭଳି ଭାବେ ଭୋଟ କେନ୍ଦ୍ରକୁ ଆସିବେ ଓ ସେମାନଙ୍କ ପାଇଁ କିଭଳି ସୁବିଧା ରହିଛି ସେ ଦିଗରେ ସଚେତନ କରାଯିବ।

## କାଉଁଶୀପାଳରେ ବିଜେଡ଼ି କର୍ମୀ ସମ୍ମିଳନୀ

# ରାଜ୍ୟ ସରକାରଙ୍କ ସଫଳତା ବଖାଣିଲେ ରୋହିତ

ନାକଟିଦେଉଳ,୧୨।୪(ଡି.ଏନ.ଏ.) ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଶିମିଳିପାଳ ପଞ୍ଚାୟତର କାଉଁଶୀପାଳ ଗ୍ରାମ ନିକଟସ୍ଥ ଆମ୍ବତୋଟାରେ ଶୁକ୍ରବାର ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡ଼ି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡ଼ି ସଭାପତି ମୁଳିଆ ରାଉଳ ଏଥିରେ ଅଧକ୍ଷତା କରିଥିଲେ। ରେଢାଖୋଲ ବିଧାନସଭା ଆସନର ବିଜେଡ଼ି ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଯୋଗ ଦେଇ ରାଜ୍ୟରେ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକ ଉପରେ ଆଲୋକପାତ କରବା ସହ କେନ୍ଦ୍ର ସରକାରଙ୍କ ରାଜ୍ୟ ପ୍ରତି ଅବହେଳା ଏବଂ ବୈମାତୃକ ମନୋଭାବକୁ ତୀବ୍ର ନିନ୍ଦା କରିଥିଲେ । ରାଜ୍ୟର ବିକାଶରେ କେବଳ ଏକମାତ୍ର ନବୀନ ପଟ୍ଟନାୟକ ସରକାର ଅଛନ୍ତି ବୋଲି ପ୍ରକାଶ କରିଥିଲେ । ଗତ ୫ବର୍ଷ ମଧରେ ନାକଟିଦେଉଳ ବ୍ଲକର ବିଭିନ୍ନ କ୍ଷେତ୍ରରେ ବିକାଶ ଘଟିଛି। ଏହି ଧାରା ଆଗକୁ ମଧ ଜାରି ରହିବ ବୋଲି ସେ କହିଥିଲେ। ତେଣୁ ରେଢାଖୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାକଟିଦେଉଳ ବ୍ଲକ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ଶାସନ କ୍ଷମତାକୁ ଆଣିବାକୁ ପଡ଼ିବ ବୋଲି ପ୍ରକାଶ କରି ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଦଳୀୟ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ । ଏଥି ସହିତ ଆଗାମୀ ୨୩ ତାରିଖରେ ହେବାକୁ ଥିବା ନିର୍ବାଚନରେ ଦଳ ଯେପରି ବହୁ ମତ ହାସଲ କରିବ ସେ ନେଇ କର୍ମୀମାନେ ଏବେଠାରୁ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କର୍ମୀ ସମ୍ମିଳନୀରେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ବ୍ଲକ ବିଜେଡ଼ି ଉପସଭାପତି କୁଞ୍ଜବିହାରୀ ନନ୍ଦ, ବରିଷ୍ଠ ବିଜେଡ଼ି ନେତା ଅନାଦି ଚରଣ ସାହୁ ପ୍ରମୁଖ ଯୋଗଦେଇ ବିଜେଡ଼ି ପ୍ରାର୍ଥୀଙ୍କୁ ଭୋଟ ଦେଇ ବିକାଶର ଧାରାକୁ ଆଗକୁ ନେବା ପାଇଁ ଆହ୍ୱାନ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧରେ ଗଗନ ଧଳ, ପ୍ରମୋଦ ସାହୁ, ନରହରି ମାଝି, ଆର୍ତ୍ତତ୍ରାଣ ସ୍ୱାଇଁ, ଲକ୍ଷ୍ମିନ୍ଦ୍ର ସାହୁ, କାଳିଆ ଦାଶ, ଦୀପକ ସ୍ୱାଇଁଙ୍କ ସମେତ ଶିମିଳିପାଳ ପଞ୍ଚାୟତର ଲୋକେ ଯୋଗ ଦେଇଥିଲେ।



କାଉଁଶୀପାଳରେ ବିଜେଡ଼ି କର୍ମୀ ସମ୍ମିଳନୀରେ ରୋହିତ ପୂଜାରୀ ରାଜ୍ୟ ସରକାରଙ୍କ ସଫଳତା ନେଇ ସୂଚନା ଦେଉଛନ୍ତି ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, ଜଣେ ମୃତ

**ବରଗଡ଼ ଅଫିସ୍,୧୨।୪:** ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ ନିକଟରେ ଗୁରୁବାର ରାତ୍ରିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ସାଲେପାଲି ଗ୍ରାମର ମନବୋଧ ପାତ୍ର(୭୦) ବୋଲି ଜଣାପଡ଼ିଛି । ସ୍ଥାନୀୟ ସଦର ଥାନା ପୋଲିସ ଶବକୁ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲା। ମୃତକ ଜଣକ ରାସ୍ତା ଅତିକ୍ରମ କରୁଥିବାବେଳେ ଏକ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ବରଗଡ଼ ସଦର ଥାନା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି ।

### ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଭେଡ଼େନ, ୧୨।୪ (ଡ଼ି.ଏନ.ଏ):** ବରଗଡ଼ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଜୋରଦାର ପ୍ରଚାର ଆରମ୍ଭ ହେଲାଣି। ଆସନ୍ତା ୧୮ ତାରିଖରେ ଭୋଟ ଗ୍ରହଣ ହେବାକୁ ଥିବା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମରେ ଦଳୀୟ ପ୍ରଚାର ଜୋର ଧରିଲାଣି । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରମୁଖ ଛକ ସ୍ଥାନରେ ନିର୍ବାଚନୀ କାର୍ଯ୍ୟାଳୟ ମାନ ଖୋଲୁଛି । ଶୁକ୍ରବାର ଅଏଁଲାପାଲି ଗ୍ରାମପଞ୍ଚାୟତର ତେନ୍ତୁଲିଟିକ୍ରା ଛକରେ ବିଜୁ ଜନତାଦଳ ପକ୍ଷରୁ ଏକ ନିର୍ବାଚନୀ ଅଫିସ ଆରମ୍ଭ ହୋଇଛି । ଏଥିରେ ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା ପୂଜା କର୍ତ୍ତା ଥିଲେ । ପୂର୍ବତନ ସରପଞ୍ଚ କୈଳାଶ ଚନ୍ଦ୍ର ଦାଶ, ତୁଷବନ୍ତ ବେହେରା, ପଞ୍ଚାୟତ ଯୁବ ସଭାପତି ପ୍ରହଲ୍ଲାଦ ବେହେରା, ଯୁବ ବାହିନୀ ସଭାପତି ମନୋଜ ବେହେରାଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ଭେଡ଼େନ ଟ୍ରେକର ଷ୍ଟାଣ୍ଡ ନିକଟରେ ବ୍ଲକ କଂଗ୍ରେସ ତରଫରୁ ଏବଂ ବସଷ୍ଟାଣ୍ଡ ନିକଟରେ ଭାଜପା ପକ୍ଷରୁ ଅଫିସ ଖୋଲାଯାଇ ପ୍ରଚାର କରାଯାଉଛି।

### ମଦ ଜବତ, ଜଣେ ଗିରଫ

**ଡୁଙ୍ଗୁରିପାଲି, ୧୨।୪ (ଡି.ଏନ.ଏ):** ଡୁଙ୍ଗୁରିପାଲି ପୋଲିସ ଚେରୁପାଲି ନିକଟ ଖୁସାମାଲ ଗାଁର ମହାଦେବ ସେଠଙ୍କ ଘର ପଛପଟୁ ୨୦ ଲିଟର ଦେଶୀ ମଦ ଜବତ କରିଛି। ମଦ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଶୁକ୍ରବାର ମହାଦେବଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଥିବା ଡୁଙ୍ଗୁରିପାଲି ଥାନା ଅଧିକାରୀ ନିରଞ୍ଜନ ଦାସ ପ୍ରକାଶ କରିଛନ୍ତି । ଏନେଇ ଥାନାରେ ଏକ ମାମଲା(ନଂ.୫୬/୧୯) ରୁଜୁ ହୋଇଛି ।

### ଭୋଟର ସଚେତନତା କାର୍ଯ୍ୟକ୍ରମ

**ଘଣ୍ଟାପଡା, ୧୨।୪ (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ପାଇଁ ଶୁକ୍ରବାର ଘଣ୍ଟାପଡା ପ୍ରାଥମିକ ବିଦ୍ୟାଳୟରେ ବିଏଲଓ ହେମନ୍ତ ଭୋଇଙ୍କ ଦ୍ୱାରା ବୁଥସ୍ତରୀୟ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୁଥରେ ଗ୍ରାମର ନୂତନ ଭୋଟର ଓ ପୁରାତନ ଭୋଟରଙ୍କୁ ନିଜର ଅଧିକାର ଭାବେ ନିଶ୍ଚୟ ଭୋଟଦେବା ପାଇଁ ବୁଝାଯାଇଥିଲା । ଶତ ପ୍ରତିଶତ ଭୋଟଦେବା ଓ ଭିଭିପାଟ ଇଭିଏମରେ ଚିହ୍ନ ଓ ପ୍ରାର୍ଥୀଙ୍କୁ ଭୋଟ ଦେବା କୌଶଳ ଉପରେ ଅବଗତ କରାଯାଇଥିଲା ।

### ପ୍ରଚାର ଅଭିଯାନରେ ସମ୍ବଲପୁରୀ ଗୀତ

**ଭେଡ଼େନ, ୧୨।୪ (ଡ଼ି.ଏନ.ଏ):** ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭେଡ଼େନ ବ୍ଲକର ବିଭିନ୍ନ ଗାଁରେ ପ୍ରଚାର ଗାଡ଼ି ବୁଲୁଛି । ପ୍ରଚାର ସଙ୍ଗୀତ ବାଜୁଛି । ନିଜ ଦଳ ତଥା ପ୍ରାର୍ଥୀଙ୍କ ବାର୍ତ୍ତାକୁ ନେଇ ବିଭିନ୍ନ ସମ୍ବଲପୁରୀ ଗୀତର ସୁରରେ ଗୀତ ପ୍ରସ୍ତୁତ କରି ବଜାଯାଉଛି । ବିଜୁ ଜନତା ଦଳର ପ୍ରଚାର ଗାଡ଼ିରେ ଲୋକପ୍ରୀୟ ଗୀତ ସେଲଫି ବେବୋ, ପାନିମାରିଦେଲା ଝାଇଁ, ମନକେ ରସାଇନେଲା ଆଦି ଗୀତ ସହ ପାରମ୍ପରିକ ଡ଼ାଲଖାଇ ଆଦି ଗୀତ ବାଜୁଛି। ଏହାସହ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଏବଂ ବିଧାନସଭା ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ କଣ୍ଠରେ ଭାଷଣକୁ ପ୍ରଚାରରେ ସ୍ଥାନ ଦିଆଯାଇଛି । ସେହିପରି କଂଗ୍ରେସ ଦଳର ପ୍ରଚାର ଗାଡ଼ିରେ ସମ୍ବଲପୁରିଆ ବାବୁ ଗୀତ ଲୋକପ୍ରିୟ ହୋଇଥିବା ବେଳେ ଭାଜପା ଗାଡ଼ିରେ ରିମଝିମ ବରଷା ପାନି ସୁରରେ ପ୍ରସ୍ତୁତ ହୋଇଥିବା ଗୀତ ଲୋକଙ୍କୁ ଆକୃଷ୍ଟ କରୁଛି ।

■ ଶୁଖିଲା ପଡିଲାଣି ମହାନଦୀ

# ଜଳକଷ୍ଟ ଭୋଗିବେ ବୌଦ୍ଧବାସୀ

**ବୌଦ୍ଧ,୧୨।୪(ସ୍ୱ.ପ୍ର)**

ବୌଦ୍ଧ ଜିଲାର ଅନ୍ୟତମ ପରିଚୟ ହେଉଛି ମହାନଦୀ । ଜିଲାର କଣ୍ଟାମାଳ ବ୍ଲକର ମନମୁଣ୍ଡା ଠାରୁ ହରଭଙ୍ଗା ବ୍ଲକର ମାରଡା ପର୍ଯ୍ୟନ୍ତ ପ୍ରାୟ ଦୀର୍ଘ ୧୫୦ କିଲୋମିଟର ବୌଦ୍ଧ ଜିଲାରେ ମହାନଦୀ ପ୍ରବାହିତ ହେଉଛି। ମହାନଦୀ ତଟବର୍ତ୍ତୀ ଅଞ୍ଚଳର ଲୋକେ ପାନୀୟଜଳ ଠାରୁ ଆରମ୍ଭ କରି କୃଷିରେ ନଦୀଜଳକୁ ବ୍ୟବହାର କରିବା ଓ ମାଛ ମାରି ପରିବାର ପ୍ରତିପୋଷଣ କରୁଛନ୍ତି । ଏବେ ମହାନଦୀର ଧାର ଶୁଷ୍କ ହୋଇଯିବାରୁ ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇପଡିଛି । ମହାନଦୀ ଜଳକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ରାଜନୀତି କରିବାରେ ବ୍ୟସ୍ତ। ସାଧାରଣ ଲୋକଙ୍କ ସମସ୍ୟା ବୁଝିବାକୁ କାହାର ବେଳ ନାହିଁ। ଯେଉଁ ସ୍ଥାନରେ ମହାନଦୀର ଅଗଭୀର ଜଳରାଶି ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିଲା, ବର୍ତ୍ତମାନ ତାହା ଶୁଖିଲା ପଡିଛି । ମହାନଦୀରେ ଜଳାଭାବ ଯୋଗୁ ବିଶେଷ ଭାବେ ଜିଲାବାସୀଙ୍କ ପାଇଁ ଏବେ ପାନୀୟଜଳ ସଙ୍କଟ ଦେଖାଦେଇଛି । ପ୍ରଶାସନ ପକ୍ଷରୁ ଅସ୍ଥାୟୀ ବ୍ୟବସ୍ଥାରେ ବାଲି ଖୋଳି ବୌଦ୍ଧ ସହରବାସୀଙ୍କୁ ପାନୀୟଜଳ ଯୋଗାଇବା ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ଆଗକୁ ଜଳଧାର ସମ୍ପୂର୍ଣ୍ଣ ବନ୍ଦ ହେବା ଆଶଙ୍କା ରହିଛି । ଜିଲାରେ ବହୁ ସଂଖ୍ୟାରେ ପାନୀୟଜଳ ପ୍ରକଳ୍ପ ଓ ଉଠାଜଳସେଚନ ପ୍ରକଳ୍ପର ଭବିଷ୍ୟତ ମହାନଦୀର ଜଳଧାର ଉପରେ ନିର୍ଭର କରୁଥିବାରୁ ଅନେକ ଗ୍ରାମବାସୀ ଏବେ ଚିନ୍ତାରେ ପଡିଛନ୍ତି । ମହାନଦୀ ଶୁଖା ପଡିବା ଯୋଗୁ ଏହାର ପ୍ରଭାବରେ ଭୂତଳ ଜଳ ପ୍ରତିବର୍ଷ ତଳକୁ ଖସିବାରେ ଲାଗିଛି। ଭୂତଳ ଜଳ ଖସିଯିବା ଯୋଗୁ ଗ୍ରାମ ଗୁଡିକରେ ଥିବା ବନ୍ଧ କଟା ଗୁଡିକ ମଧ୍ୟ ଶୁଖିବାକୁ ବସିଲାଣି । ବିଭାଗୀୟ ସର୍ବେକ୍ଷଣ ଅନୁଯାୟୀ ବୌଦ୍ଧ ଜିଲାରେ ଭୂତଳ ଜଳ ପ୍ରତିବର୍ଷ ଏକ ମିଟର ତଳକୁ ଖସିବାରେ ଲାଗିଛି । ତେଣୁ ଚେକ୍‌ଡ୍ୟାମ ଜରିଆରେ ମହାନଦୀ ଜଳକୁ ସଂରକ୍ଷଣ ପାଇଁ ଦୀର୍ଘ ଦିନରୁ ଦାବି ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେ ଦିଗରେ କୌଣସି ଉଦ୍ୟମ ହୋଇ ପାରିନାହିଁ । ବେଳହୁଁ ସାବଧାନ ନ ହେଲେ ବୌଦ୍ଧ ଜିଲାରେ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ । କେବଳ ପାନୀୟଜଳ ନୁହେଁ ମହାନଦୀ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ହଜାର ହଜାର କୃଷକ, ମତ୍ସ୍ୟଜୀବୀ ଓ ନାଉରିଆ ପରିବାରଙ୍କ ଜୀବନ ବିପନ୍ନ ହୋଇପଡିବ ।



ମହାନଦୀ ଶଯ୍ୟା ଶୁଖିଲା ପଡିଛି।

■ ବୌଦ୍ଧରେ ନିର୍ବାଚନ ତାତି ସରଗରମ

# ଭାଜପା ବିଜେଡି ମଧ୍ୟରେ କଡା ଟକ୍କର

**ବୌଦ୍ଧ,୧୨।୪(ସ୍ୱ.ପ୍ର)**

ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ଭୋଟ ଗ୍ରହଣ ହେବ। ଏଥିପାଇଁ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରଚାର ଅଭିଯାନ ଜୋରଦାର ହୋଇଛି। ଟାଣ ଖରା ସତ୍ତ୍ୱେ ସେମାନେ ନିଜ ସମର୍ଥକମାନଙ୍କ ସହ ଭୋଟର ମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାର ରଣନୀତି ଆପଣେଇଛନ୍ତି । ଗାଁ ଗାଁରେ, ହାଟ, ଛକ ମାନଙ୍କରେ ସଭା ସମିତି କରି ଭୋଟ ଭିକ୍ଷା କରୁଛନ୍ତି । ଏଠାରେ ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ କଡା ଟକ୍କର ହେବାକୁ ଯାଉଛି । ୨୦୧୪ ମସିହାରେ ମଧ୍ୟ ବିଜେଡି ପ୍ରାର୍ଥୀ ବାଚସ୍ପତି ପ୍ରଦୀପ କୁମାର ଅମାତ ଓ କଂଗ୍ରେସ ପ୍ରାର୍ଥୀ ସୁଶାନ୍ତ କୁମାର ପ୍ରଧାନଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା । ଚଳିତ ନିର୍ବାଚନରେ ସୁଶାନ୍ତ ପ୍ରଧାନ କଂଗ୍ରେସ ଛାଡି ଭାଜପାରେ ଯୋଗ ଦେଇ ଦଳୀୟ ପ୍ରାର୍ଥୀ ହୋଇଛନ୍ତି । ୨୦୧୪ ନିର୍ବାଚନ ଭଳି ଏଥର ମଧ୍ୟ ଦୁଇ ନେତାଙ୍କ ମଧ୍ୟରେ କଡା ଟକ୍କର ହେବାକୁ ଯାଉଛି। ବୌଦ୍ଧ ନିର୍ବାଚନ ମଣ୍ଡଳୀକୁ ଦୀର୍ଘ ୧୮ ବର୍ଷ ହେଲା ବିଜେଡି ନିଜ ଅକ୍ତିଆରେ ରଖିଆସିଛି। ସେପଟେ ଏହି ୧୮ବର୍ଷରେ ଜିଲାରେ କିଛି ବିକାଶ ହୋଇନାହିଁ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଉଛି ଏବଂ ମୋଦିଙ୍କ ବିକାଶମୂଳକ କାମକୁ ନେଇ ଦଳୀୟ ପ୍ରାର୍ଥୀ ଭୋଟ୍ ପ୍ରଚାର ଚଳାଇଛନ୍ତି । ବିଜେଡି ପ୍ରାର୍ଥୀ ମଧ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ସହ ବିଭିନ୍ନ ଯୋଜନାକୁ ନେଇ ନିର୍ବାଚନ ପ୍ରଚାର ଚଳାଇଛନ୍ତି। ଅନ୍ୟ ପଟେ ସିପିଆଇ ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଅବକାଶ ସାହୁ ମଧ୍ୟ ନିଜର ସମର୍ଥକ ମାନଙ୍କୁ ନେଇ ଗାଁରେ ବୈଠକ କରିବା ସହ ବୌଦ୍ଧରେ ନେତା ପରିବର୍ତ୍ତନ କରିବାକୁ ଭୋଟରଙ୍କୁ ଆହ୍ୱାନ ଦେଇଛନ୍ତି ।

■ କଣ୍ଟାମାଳ ବିଧାୟକଙ୍କ ଗାଡି ଭଙ୍ଗାରୁଜା ମାମଲା

# ସ୍ୱାଧୀନ ପ୍ରାର୍ଥୀଙ୍କ ୫ ସମର୍ଥକ ଗିରଫ

**ମନମୁଣ୍ଡା, ୧୨।୪ (ଡି.ଏନ.ଏ)**

କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ବିଧାୟକ ମହୀଧର ରଣାଙ୍କ ଗାଡି ଭଙ୍ଗାରୁଜା ମାମଲାରେ ମନମୁଣ୍ଡା ପୋଲିସ ଶୁକ୍ରବାର ୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରତାଖଣ୍ଡିର ଦିଲୀପ ପ୍ରଧାନ (୩୮), ସୁରେନ୍ଦ୍ର ପ୍ରଧାନ (୪୦), ରାଜକିଶୋର ଦନ୍ତା (୨୬), ସତ୍ୟନାରାୟଣ ପ୍ରଧାନ (୪୧) ଏବଂ ହାତୀପାଲିର ଗଣେଶ୍ୱର ଓରଫ ଗଣେଷ ମିଶ୍ର (୩୩) । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା । କୋର୍ଟରେ ସମସ୍ତଙ୍କ ଜାମିନ ମଞ୍ଜୁର ହୋଇଥିବା ଜଣାପଡିଛି। ଏମାନେ ସମସ୍ତେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥକ ବୋଲି ଜାଣିବାକୁ ମିଳିଛି। ପ୍ରକାଶଥାଉକି, ଗତ ୭ ତାରିଖ ଅପରାହ୍ନ ପ୍ରାୟ ସାଢ଼େ ୧ଟା ସମୟରେ ବିଜେଡି ବିଧାୟକ ପ୍ରାର୍ଥୀ ମହୀଧର ରଣା ଘିକୁଣ୍ଡି ପଞ୍ଚାୟତର ରତାଖଣ୍ଡିକୁ ତାଙ୍କ ସମର୍ଥକଙ୍କ ସହ ନିର୍ବାଚନ ପ୍ରଚାର ପାଇଁ ଯାଇଥିଲେ । ସେ ତାଙ୍କ ସ୍କର୍ପିଓ ଗାଡିକୁ ଗାଁ ମୁଣ୍ଡରେ ପାର୍କିଂ କରି ଗାଁ ଭିତରକୁ ପ୍ରଚାର ପାଇଁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ସେଠାକୁ ବାଇକ୍‌ରେ ଆସି ଗାଳିଗୁଲଜ କରିବା ସହ ତାଙ୍କ ଗାଡି ଭଙ୍ଗାରୁଜା କରିଥିଲେ । ବିଧାୟକଙ୍କ ଡ୍ରାଇଭର ପ୍ରଫୁଲ୍ଲ ରଣାଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା (ନଂ. ୭୮/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

### ରାସ୍ତାରେ ମେଟାଲ, ଯାତାୟାତରେ ବାଧା

**ଭେଡ଼େନ, ୧୨।୪ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଜାଣ୍ଡୋଲ ଧୁବେନପାଲି ରାସ୍ତାରେ ଜୀରା ନଦୀ ଉପରେ ବିଜୁସେତୁ ନିର୍ମିତ ହୋଇ ଲୋକାର୍ପିତ ହୋଇଛି। ଏହି ରାସ୍ତାରେ ଯାତାୟାତ ଆରମ୍ଭ ହେଲାଣି। ତେବେ ବ୍ରିଜ୍‌ର ଉଭୟ ପଟରେ ୫୦୦ ମିଟର ଲେଖାଏଁ ମେଟାଲ ପଡ଼ିଥିବାରୁ ଯାନବାହନ ଯିବା ଆସିବାରେ ଅସୁବିଧା ହେଉଛି । ତୁରନ୍ତ ରାସ୍ତାର ଏହି ଅଂଶକୁ ପିଚୁ କରାଯିବାକୁ ଦାବି ହେଉଛି ।



ନିଯୁକ୍ତି ପ୍ରକ୍ରିୟାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ।

# ନିଯୁକ୍ତି ପ୍ରକ୍ରିୟାରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ବରଗଡ଼ ଅଫିସ୍,୧୨।୪**

ବରଗଡ଼ ସହର ଉପକଣ୍ଠ ଚଢ଼େଇଗାଁ ବିଦ୍ୟାବିହାରସ୍ଥିତ ଇମ୍ପାରିଅଲ କଲେଜରେ ରିଲାଏନ୍ସ ଜିଓ ଏବଂ ଏଚଡ଼ିଏଫସି କମ୍ପାନୀ ପକ୍ଷରୁ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ନିଯୁକ୍ତି ପ୍ରକ୍ରିୟାରେ ଉପରୋକ୍ତ କମ୍ପାନୀ କର୍ତ୍ତୃପକ୍ଷ ମୋଟ୍ ୧୭ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରେ ଇମ୍ପେରିଅଲ କଲେଜର ରେଣୁକା ଛତର, ଆକାଶ ମେହେର ଏବଂ ସଞ୍ଜୟ ପୁରୋହିତ ରିଲାଏନ୍ସ ଜିଓ କମ୍ପାନୀ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଭୋଜରାମ ସା, ସୁବଳ ମେହେର, ପ୍ରବୀଣ ମହପାତ୍ର, ଶୁଭମ ବାରିକ, ସ୍ମୃତି କଠାର, ମାନସୀ ଲୁହା, ସ୍ୱୟଂପ୍ରଭା ପ୍ରଧାନ, ଆକାଶ ମେହେର, ପ୍ରହଲ୍ଲାଦ ଗହୀର, ଚନ୍ଦନ ମେହେର ଏଚଡ଼ିଏଫସି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଏହା ପୂର୍ବରୁ ଅଭିଷେକ ପଣ୍ଡା ୱିପ୍ରୋ କମ୍ପାନୀ ପାଇଁ ପୂର୍ବରୁ ଯେଗ୍ୟ ବିବେଚିତ ହୋଇଥିଲେ । କୃତୀ ଛାତ୍ରୀଛାତ୍ରଙ୍କ ଇମ୍ପାରିଅଲ କଲେଜ ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା ।



ଅତିଥିମାନେ ପୁସ୍ତକର ଲୋକାର୍ପଣ କରୁଛନ୍ତି।

# ପୁସ୍ତକ ତ୍ରିବେଣୀ ଲୋକାର୍ପିତ

**ଉଲୁଣ୍ଡା ୧୨।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ପଞ୍ଚାୟତ ସମିତି ସରକାରୀ ଉଚ୍ଚ ବିଦ୍ୟାଳୟରେ ସେବାନିବୃତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ରଚିତ ତୃତୀୟ ପୁସ୍ତକ ତ୍ରିବେଣୀର ଶୁକ୍ରବାର ଲୋକାର୍ପଣ ଉତ୍ସବ ଆୟୋଜିତ ହୋଇଯାଇଛି। କାମପାଳ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ମହାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ପଞ୍ଚାୟତ ସମିତି ଯୁକ୍ତିନି ବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଅନୁଷ୍ଠାନର ସେବାନିବୃତ ପ୍ରଧାନ ଶିକ୍ଷକ ଧୃବଚରଣ ସାହୁ, ଯଜ୍ଞେଶ୍ୱର ପୂଜାହାରୀ ସଂକ୍ଷିପ୍ତ ବିଚାର ବ୍ୟକ୍ତ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ଅବସରରେ ଛାତ୍ରୀ ଆଶାରାଣୀ ମହାକୁର, ନିକିତା ମହାକୁର, ସ୍ମୃତିକା ମହାକୁର, ଦିପ୍ତୀରେଖା ମହାନ୍ତି, ଗୌତମୀ ଶ୍ରିବାସ ପ୍ରମୁଖ ବେଦପାଠ ସହ ଆବାହନୀ ସଂଗୀତ ପରିବେଷଣ କରିଥିଲେ। ଶିକ୍ଷକ ପ୍ରସନ୍ନ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫୁଲ୍ଲ କୁମାର ପୂଜାହାରୀ ଧନ୍ୟବାଦ ଦେଇଥିଲେ।

### ରସାୟନ ବିଭାଗରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୧୨।୪**

ବରଗଡ଼ ପଞ୍ଚାୟତ କଲେଜ ରସାୟନ ବିଜ୍ଞାନ ବିଭାଗ ତୃତୀୟ ବର୍ଷ ସମ୍ମାନ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ ସଞ୍ଜୟ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଭାଗୀୟ ମୁଖ୍ୟ ପ୍ରଫେସର ସିପୁନ ସେଠୀ, ପ୍ରଫେସର ମାନସ ରଞ୍ଜନ ଭୋଇ, ପ୍ରଫେସର ଅଖିଳେଶ ଦାଶ ଅତିଥି ଭାବେ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡେମନଷ୍ଟ୍ରେଟର ସହଦେବ ପ୍ରଧାନ ଓ ତ୍ରିନାଥ ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଏବେ ବି ଲାଗିଛି କାଳିଆ ପୋଷ୍ଟର

**ଭେଡ଼େନ, ୧୨।୪ (ଡ଼ି.ଏନ.ଏ)**

ସାଧାରଣ ନିର୍ବାଚନ ଘୋଷଣା ପରେ ପ୍ରଶାସନ ପକ୍ଷରୁ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତରେ ସରକାରୀ ଯୋଜନା କାଳିଆର ପ୍ରଚାର ପାଇଁ ଲାଗିଥିବା ବ୍ୟାନର ପୋଷ୍ଟର ତଥା କାନ୍ଥ ଲେଖା କୁ ହଟାଇ ଦିଆଯାଇଥିଲା। ଏହି କାମକୁ ଠିକ୍ ଭାବେ କରାଯାଇ ନ ଥିବାରୁ ଏବେବି କାଳିଆ ଯୋଜନାରେ କାନ୍ଥଲେଖାସବୁ ରହିଛି । ଭେଡ଼େନରୁ ଧୁବେନପାଲି ରାସ୍ତାର ଜାଣ୍ଡୋଲ ଗ୍ରାମ, ଲୁହାଖଣ୍ଡି ଗ୍ରାମପଞ୍ଚାୟତର ବରପଦର ସାପ୍ତାହିକ ବଜାର ନିକଟ, ଭେଡ଼େନ ବାଘପାଲି ରାସ୍ତାର କୁତପାଲି ଗାଁ ବୁଲାଣି ନିକଟ ରାସ୍ତାକଡ଼ରେ ଏବେବି ଏହି କାନ୍ଥଲେଖାସବୁ ରହିଛି। ଯାହାକି ନିର୍ବାଚନ ଆଚରଣବିଧିର ଉଲଂଘନ କରାଯାଇଛି। ଏପରିକି ନିର୍ବାଚନ ପ୍ରଚାର ଚାଲିଥିବା ବେଳେ ବିଭିନ୍ନ ଗ୍ରାମରେ ନଳକୂପ ଖନନ, ହାଇମାକ୍ସ ଲାଇଟ ଲଗାଯାଉଥିବା ବରଗଡ଼ ଲୋକସଭା ଯୁବ କଂଗ୍ରେସ ସଭାପତି ସ୍ୱାଧୀନ ରଥ ଅଭିଯୋଗ କରିଛନ୍ତି ।

ସଂରକ୍ଷିତ ଜଙ୍ଗଲକୁ ଚାଷ ଜମି କରିବା ଉଦ୍ୟମ

# ବନ ବିଭାଗ ଦ୍ୱାରା ୨ ଗିରଫ

**ଜୁନାଗଡ,୧୨।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ରେଞ୍ଜ ସୁପେଲ ବିଟ୍ ଗୋଲାମୁଣ୍ଡା ନିକଟସ୍ଥ ସଂରକ୍ଷିତ ଘନା ଜଙ୍ଗଲକୁ ସଫା କରି ଚାଷ ଜମି କରିବା ପାଇଁ ଉଦ୍ୟମ କରୁଥିବାବେଳେ ଶୁକ୍ରବାର ବନ ବିଭାଗ ୨ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନେ ହେଲେ ନିକଟସ୍ଥ ରଣପୁର ଗ୍ରାମର ଭରତ ମାଝି (୪୭) ଓ ଗୋଲାମୁଣ୍ଡା ଗ୍ରାମର ରାମ ପ୍ରସାଦ ବାଗ (୪୮)। ଉଭୟଙ୍କୁ ବନବିଭାଗ ଦ୍ୱାରା ଗିରଫ କରି ଡିଏଫଓଙ୍କ ପାଖକୁ ନିଆଯାଇଛି। ଶନିବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବନବିଭାଗ ପକ୍ଷରୁ ଜଣାପଡିଛି। ଜୁନାଗଡ ରେଞ୍ଜର ଲକ୍ଷ୍ମଣ ଶବରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ଫରେଷ୍ଟର ନିହାର ରଞ୍ଜନ ଠାକୁର, ରଜନୀକାନ୍ତ ମେହେର, ପାର୍ଥିବ ମାଝି, ପଦ୍ମଲୋଚନ ଶବର, ଫରେଷ୍ଟ ଗାର୍ଡ ମହେଶ୍ୱର ନାଏକ, କାହ୍ନୁଚରଣ ତ୍ରିପାଠି, ବିଶିକେଶନ କରୁଆ ପ୍ରମୁଖ ସାମିଲ ଥିଲେ। ଅନ୍ୟପକ୍ଷରେ ବନବିଭାଗ ଦ୍ୱାରା ୨ଜଣଙ୍କୁ ଗିରଫ ପରେ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ସମ୍ପର୍କୀୟମାନେ ସନ୍ଧ୍ୟାରେ ରେଞ୍ଜ ଅଫିସକୁ ଆସି ଘେରାଉ କରିଥିବା ମଧ ଜଣାପଡିଛି।



ବନବିଭାଗ ଦ୍ୱାରା ଗିରଫ ୨ ବ୍ୟକ୍ତି।







ବରଗଡ଼ ପଞ୍ଚାୟତ କଲେଜ ରସାୟନ ବିଜ୍ଞାନ ବିଭାଗ ତୃତୀୟ ବର୍ଷ ସମ୍ମାନ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

■ ନିର୍ବାଚନ କାର୍ଯ୍ୟରେ ବେସରକାରୀ ସ୍କୁଲ ବସ୍

# ଯାତ୍ରୀ, ଛାତ୍ରୀଛାତ୍ର ହଇରାଣ

**ଭବାନୀପାଟଣା,୧୨।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ ୧୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ କାର୍ଯ୍ୟରେ ଜିଲାର ଯାନବାହାନ ନିୟୋଜିତ କରାଯାଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭବାବୀପାଟଣାରୁ ବେସରକାରୀ ଯାତ୍ରୀବାହୀ ବସ ସହ ଭୋଟ ଗାଡି ମଧ ପ୍ରେରଣ କରାଯାଇଛି। ଫଳରେ ଭବାନୀପାଟଣାରୁ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଯାତ୍ରୀମାନେ ଘୋର ଅସୁବିଧାସର ସମ୍ମୁଖୀନ ହେଉଛନ୍ତି। ଏପରିକି କଳାହାଣ୍ଡି ଜିଲାରୁ ସ୍କୁଲ ବସଗୁଡିକୁ ମଧ ନିର୍ବାଚନ ପାଇଁ ଅଧିଗ୍ରହଣ କରାଯାଇଥିବାରୁ ବେସରକାରୀ ସ୍କୁଲଗୁଡିକରେ ପାଠପଢା ବାଧାପ୍ରାପ୍ତ ହେଉଥିବା ପ୍ରକାଶ ହୋଇଛି। ଭବାନୀପାଟଣା ବେସରକାରୀ ବସଷ୍ଟାଣ୍ଡରୁ ଜିଲାର କୋଣ ଅଣୁକୋଣରେ ଥିବା ଅଞ୍ଚଳକୁ ବସ ଯାତାୟାତ କରିଥାଏ। ବେସରକାରୀ ଓ ସରକାରୀ ବସଷ୍ଟାଣ୍ଡ ଶୂନଶାନ ହୋଇଯାଇଛି। ଗୋଟିଏ ଦୁଇଟି ବସ ଖରାପ ହୋଇ ପଡି ରହିଥିବା ସହ କାଁ ଭାଁ କିଛି ବସ ଚଳପ୍ରଚଳ କରୁଥିଲା। ସରକାରୀ ବସ ଓ ଘରୋଇ ଏକ୍ସପ୍ରେସ୍‌ବସ ରାଜ୍ୟର ବିଭିନ୍ନ ପ୍ରମୁଖ ସହରକୁ ଯାତାୟାତ କରୁଥିବା ବେଳେ ବସ ପାଇଁ ଯାତ୍ରୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗକରୁଥିବା ଦେଖାଯାଇଛି। ଏପରିକି କିଛି ରୁଟରେ ଦୈନିକ ମାତ୍ର ଗୋଟିଏ ବସ ଥିବା ଓ ତାହା ମଧ ବହୁଦିନ ଧରି ଚାଲୁ ନ ଥିବା ଯୋଗୁ ଜନ ଜୀବନକୁ ପ୍ରଭାବିତ କରିଛି। ବର୍ତ୍ତମାନ ବିବାହ ଋତୁର ଆରମ୍ଭ ହୋଇଥିବା ବେଳେ ବସ ନ ଥିବାରୁ ଯାତାୟାତ ପାଇଁ ଲୋକେ ଗାଡି ଭଡା କରିବାକୁ ବାଧ ହେଉଛନ୍ତି। ତେବେ ନିର୍ବାଚନ କାର୍ଯ୍ୟରୁ ସ୍କୁଲ ବସକୁ ମଧ ବାଦ ଦିଆଯାଇ ନାହିଁ। ଭବାନୀପାଟଣାରେ ଥିବା ଅଧିକାଂଶ ବେସରକାରୀ ଶିକ୍ଷାନୁଷ୍ଠାନ ସହର ଉପକଣ୍ଠରେ ଥିବାରୁ ଛାତ୍ରୀଛାତ୍ରଙ୍କ ଯାତାୟାତ ପାଇଁ ବସ ରହିଛି। ଭବାନୀପାଟଣା ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବସକୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧାରେ ପଡ଼ିଥିଲେ । ଏହାକୁ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକ ଅସୁବିଧାର ସମ୍ମୁଖୀନ ହୋଇଥିଲେ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର

**ବରପାଲି, ୧୨।୪ (ଡି.ଏନ.ଏ):** ବିଜେପୁର ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ରିପୁନାଥ ସେଠ ତାଙ୍କ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି । ରିପୁନାଥ ନିଜେ ସମର୍ଥକମାନଙ୍କ ସହିତ ପ୍ରଚାର କରୁଥିବାବେଳେ ତାଙ୍କ ସ୍ତ୍ରୀ ଯାଜ୍ଞସେନୀ ସେଠ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି । ସେ ସହରର ମହିଳାମାନଙ୍କୁ ସାଙ୍ଗରେ ନେଇ ଶୁକ୍ରବାର ମଧ୍ୟାହ୍ନରେ ଏକ ଶୋଭାଯାତ୍ରାରେ ଘରକୁ ଘର ବୁଲି ଭୋଟ ପ୍ରଚାର କରିଥିଲେ ।

### ଡାକ୍ତରଖାନା ଛକରେ ଟ୍ରାଫିକ ସମସ୍ୟା

**ବରପାଲି, ୧୨।୪ (ଡି.ଏନ.ଏ):** ବରପାଲି ଡାକ୍ତରଖାନା ଛକରେ ଟ୍ରାଫିକ ସମସ୍ୟା ସୃଷ୍ଟି କରିଛି । ପ୍ରତ୍ୟହ ସକାଳୁ ସଞ୍ଜ ଯାଏ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ଆମ୍ବୁଲାନ୍ସ ଯିବା ଆସିବାରେ ଅସୁବିଧା ହେଉଛି। ସ୍ଥାନୀୟ ଅଞ୍ଚଳର ବେପାରୀମାନେ ନିଜ ନିଜ ପସରା ମେଲାଇ ରାସ୍ତା ଅବରୋଧ କରି ଚାଲିଛନ୍ତି । ଫଳରେ ରାସ୍ତା ଜାମ୍ ହୋଇ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏହି ରାସ୍ତାରେ ବାଳିକା ହାଇସ୍କୁଲ, ବଜାର ଓ ପବ୍ଲିକ ସ୍କୁଲ ରହିଛି । ଏ ନେଇ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।



ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ ।

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ଜିଲାପାଳ

**ବରଗଡ଼ ଅଫିସ୍,୧୨।୪**

ବରଗଡ଼ ଜିଲାର ନିର୍ବାଚନ ପ୍ରସ୍ତୁତିକୁ ନେଇ ଶୁକ୍ରବାର ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୋଲିଂ ଅଧିକାରୀମାନଙ୍କ ଗସ୍ତ, ଭୋଟିଂ ଉପକରଣ, ପରିବହନ ବ୍ୟବସ୍ଥା, ଭୋଟର ସଚେତନତା କାର୍ଯ୍ୟକ୍ରମ, ପୋଷ୍ଟାଲ ବାଲଟ୍, ଇଭିଏମ ଭିଭିପିଏଟି ବ୍ୟବସ୍ଥା, ବିତରଣ ଓ ଗ୍ରହଣ କାର୍ଯ୍ୟକ୍ରମ ଏବଂ ସେକ୍ଟର ଅଫିସରମାନଙ୍କ ଦାୟିତ୍ୱ ଆଦି ଉପରେ ଆଲୋଚନା ହୋଇଥିଲା । ଆବଶ୍ୟକ ସ୍ଥଳେ ଏସବୁ କ୍ଷେତ୍ରରେ ରହିଥିବା ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ପଦକ୍ଷେପ ନେବାକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ତ୍ରିପାଠୀ ବିଭାଗୀୟ ନୋଡ଼ାଲ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ମହିଳା ପୋଲିଂ ଅଧିକାରୀ, ଆଦର୍ଶ ଭୋଟ୍ ଗ୍ରହଣ କେନ୍ଦ୍ର ଏବଂ ପିଙ୍କ୍ ବୁଥ ସମ୍ପର୍କରେ ସମସ୍ତଙ୍କୁ ସୂଚନା ଦିଆଯାଇଥିଲା । ମହିଳା ପୋଲିଂ ଅଧିକାରୀମାନଙ୍କ ସୁରକ୍ଷା ତଥା ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ ପାଇଁ ଜିଲାପାଳ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ହିମଶିଖର ଗୁପ୍ତା, ଅତିରିକ୍ତ ଜିଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ତପିରାମ ମାଝି, ବରଗଡ଼ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତଙ୍କ ସମେତ ସମସ୍ତ ବିଭାଗୀୟ ନୋଡ଼ାଲ ଅଫିସରମାନେ ଉପସ୍ଥିତ ଥିଲେ ।

# ଆବାସ ଯୋଜନାରେ ସମ୍ପୂର୍ଣ୍ଣ ପ୍ରାପ୍ୟ ମିଳୁନି

**ଜାମଟିକ୍ରା, ୧୨।୪ (ଡି.ଏନ.ଏ)**

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଜାମଟିକ୍ରା ଗ୍ରାମର ଜୀବର୍ଦ୍ଧନ ଦୀପ, ସୁନୀତା କଠାର ଓ ହରିମୋହନ କଠାର ପ୍ରମୁଖ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇ ନିର୍ମାଣ କାର୍ଯ୍ୟ ଶେଷ କରିବାର ୬ମାସରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ସେମାନଙ୍କୁ ଆଂଶିକ ପ୍ରାପ୍ୟ ପ୍ରଦାନ କରାଯାଇଛି । ସେହିପରି ଏହି ବ୍ଲକ ଅନ୍ତର୍ଗତ କାଦୋବାହାଲ ପଞ୍ଚାୟତ ବରାହମୁଣ୍ଡା ଗ୍ରାମର ଚନ୍ଦ୍ରଭାନୁ ପୋଢ଼ ପ୍ରଧାନମନ୍ତ୍ରୀ ଆବାସ ଘର ତିନି ମାସ ମଧ୍ୟରେ ସମାପ୍ତ କରିଛନ୍ତି । କିନ୍ତୁ ସେ ୨୦ ହଜାର ଟଙ୍କା ବୋନସ ଏଯାଏ ପାଇନାହାନ୍ତି । ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚାରିବାରୁ ସେ କହିଲେ, ଏହାର ଅନୁଧାନ କରି ଶ୍ରମିକ ଓ ହିତାଧିକାରୀଙ୍କୁ ଶୀଘ୍ର ସମ୍ପୂର୍ଣ୍ଣ ପ୍ରାପ୍ୟ ପ୍ରଦାନ କରାଯିବା ବ୍ୟବସ୍ଥା କରାଯିବ ।

# ରେମତା ହାଇସ୍କୁଲର ବାର୍ଷିକୋତ୍ସବ

**ବରପାଲି, ୧୨।୪ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ରେମତା ହାଇସ୍କୁଲର ୨୬ତମ ବାର୍ଷିକ ଉତ୍ସବ ଶୁକ୍ରବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଧାନଶିକ୍ଷକ ପ୍ରତିବୋଧ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବରପାଲି କଲେଜ ପ୍ରାକ୍ତନ ପ୍ରଧାପକ ଘନଶ୍ୟାମ ପାଣିଗ୍ରାହୀ ମୁଖ୍ୟଅତିଥି, ରେମତା ସରପଞ୍ଚ ଅନିତା ପଟେଲ, ସମିତି ସଭ୍ୟ ବିନୟ ଗଡତିଆ ଓ ସ୍କୁଲ କମିଟି ସଭାପତି ଦିବ୍ୟକିଶୋର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ନିହାର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ ବିବରଣୀ ପାଠ କରିଥିଲେ । ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ପରେ ଛାତ୍ରୀଛାତ୍ରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଶିକ୍ଷକ ଉଗ୍ରେ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗଡ଼ ଆସିବେ ମୁଖ୍ୟମନ୍ତ୍ରୀ

**ବରଗଡ଼ ଅଫିସ୍/ଅତାବିରା,୧୨।୪**

ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲାରେ ଆସନ୍ତା ୧୮ତାରିଖ ମତଦାନ ଗ୍ରହଣ ହେବ। ଫଳରେ ଦଳୀୟ ନିର୍ବାଚନୀ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୫ ଓ ୧୬ତାରିଖ ଦୁଇଦିନିଆ ବରଗଡ଼ ଜିଲା ଗସ୍ତରେ ଆସୁଥିବା ସୂଚନା ମିଳିଛି। ଖୋଦ୍ ମୁଖ୍ୟମନ୍ତ୍ରୀ ଜିଲାର ବିଜେପୁର ଆସନ ପାଇଁ ଦଳୀୟ ପ୍ରାର୍ଥୀ ରହିଥିବା ଯୋଗୁ ଏଠାକୁ ତାଙ୍କ ଗସ୍ତ ଅଧିକ ଗୁରୁତ୍ୱବହନ କରୁଛି । ମୁଖ୍ୟମନ୍ତ୍ରୀ ତାଙ୍କ ଏହି ଗସ୍ତରେ ଅତାବିରା, ବରଗଡ଼, ପଦ୍ମପୁର ଓ ବିଜେପୁର ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ସହିତ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେବେ। ପ୍ରତ୍ୟେକ ନିର୍ବାଚନୀ ସଭାରେ ସେ ୨୫ମିନିଟ୍ ଲେଖାଏଁ ଅବସ୍ଥାପନ କରିବେ ଏବଂ ୧୫ତାରିଖରେ ବରଗଡ଼ରେ ରାତ୍ରି ରହଣୀ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଆସନ୍ତା ୧୫ତାରିଖ ସୋମବାର ପୂର୍ବାହ୍ନ ୯ଟା ୪୫ମିନିଟ୍‌ରେ ନବୀନ ନିବାସରୁ ବାହାରିବେ ଏବଂ ସେଠାରୁ ବିଜୁ ପଟ୍ଟନାୟକ ଏୟାରପୋର୍ଟକୁ ଆସି ଦିନ ୯ଟା ୫୫ ମିନିଟ୍‌ରେ ହେଲିକପ୍ଟର ଯୋଗେ ବରଗଡ଼ ଅଭିମୁଖେ ଆସିବେ । ସେ ଦିନ ୧୦ଟା ୫୦ମିନିଟ୍‌ରେ ପଦ୍ମପୁର ନିକଟ ସତୀଭଟା ଏୟାରକ୍ରାଫ୍ଟରେ ଓହ୍ଲାଇବେ ଏବଂ ହେଲିକପ୍ଟର ଯୋଗେ ଅତାବିରା ନିର୍ବାଚନ ମଣ୍ଡଳୀ ଅଭିମୁଖେ ବାହାରି ଭେଡ଼େନ ବ୍ଲକ ଅନ୍ତର୍ଗତ ବାନିପାଲି ପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌ରେ ଦିନ ପ୍ରାୟ ୧୧ଟା ୧୦ମିନିଟ୍‌ରେ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେବେ । ମାତ୍ର ୨୫ମିନିଟ୍ ସେଠାରେ ଅବସ୍ଥାନ କରିବା ପରେ ମୁଖ୍ୟମନ୍ତ୍ରୀ ପୁଣି ହେଲିକପ୍ଟର ଯୋଗେ ପଦ୍ମପୁର ନିର୍ବାଚନ ମଣ୍ଡଳୀକୁ ଆସି ଦିନ ପ୍ରାୟ ୧୧ଟା ୫୦ମିନିଟ୍‌ରେ ସେଠାକାର ନିର୍ବାଚନୀ ସଭାରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ସେଠାରେ ମଧ୍ୟ ୨୫ମିନିଟ୍ ରହିବା ପରେ ଦିନ ୧୨ଟା ୧୫ମିନିଟ୍‌ରେ ବଲାଙ୍ଗୀର ଜିଲା ପାଟଣାଗଡ଼, ବେଲପଡ଼ା ଅଞ୍ଚଳକୁ ଯିବେ । ସେଠାରେ ପହଞ୍ଚିବା ପରେ କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା, ହଲଦୀ, ଟିଟିଲାଗଡ଼, ବେଲଗାଁ, ସଇଁତଳା, ତୁଷରା ଛକ, ଦେଓଗାଁ, ବଲାଙ୍ଗୀର, ଲୋଇସିଂହା, ସାଲେଭଟା ଆଦି ଅଞ୍ଚଳରେ ରୋଡ୍ ସୋ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ମୁଖ୍ୟମନ୍ତ୍ରୀ ରାତ୍ରି ପ୍ରାୟ ୮ଟା ୪୫ମିନିଟ୍‌ରେ ବରଗଡ଼ର ପିଡବ୍ଲୁଡି ଆଇବିକୁ ଆସି ସେଠାରେ ରାତ୍ରି ଯାପନ କରିବେ । ସେହିପରି ୧୬ତାରିଖ ଦିନ ୯ଟା ୫୫ମିନିଟ୍‌ରେ ବରଗଡ଼ ପିଡବ୍ଲୁଡି ଆଇବିରୁ ବାହାରି ଦିନ ପ୍ରାୟ ୧୦ଟାରେ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବେ । ୨୫ ମିନିଟ୍ ସେହି ନିର୍ବାଚନୀ ସଭାରେ ରହିବା ପରେ ହେଲିକପ୍ଟର ଯୋଗେ ବରପାଲି ଯାଇ ସେଠାରେ ୧୦ଟା ୫୦ମିନିଟ୍‌ରେ ଉଦବୋଧନ ଦେବେ । ସେଠାରୁ ବିଜେପୁର ଗସ୍ତରେ ଯାଇ ଦିନ ସାଢ଼େ ୧୧ଟା ସୁଦ୍ଧା ସେଠାକାର ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେବେ । ସେଠାରୁ ସେ ଗାଇସିଲେଟ୍‌ରେ ୧୨ଟା ୧୦ମିନିଟ୍ ସୁଦ୍ଧା ପହଞ୍ଚି ପ୍ରଚାର କାର୍ଯ୍ୟ ସାରି ହେଲିକପ୍ଟର ଯୋଗେ ରାଉରକେଲା ରଘୁନାଥପଲ୍ଲୀ ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି ।



ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାମଞ୍ଚ ପାଇଁ ବାନିପାଲିରେ ପଡ଼ିଆ ସମତୁଲ କରାଯାଉଛି ।

- ବରଗଡ଼ରେ କରିବେ ରାତ୍ରି ରହଣି
- ୪ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକ୍ରମ

**ଦୁଇଦିନିଆ ମାରାଥନ ପ୍ରଚାର କରିବେ**

# ଭୁତକୁଠି ପାଲଟିଛେ ଯାତ୍ରୀ ପ୍ରତୀକ୍ଷାଳୟ

**ଅତାବିରା, ୧୨।୪ (ଡି.ଏନ.ଏ)**

ଦିନୁ ଦିନ୍‌କେ ଖରା ତାତି ବଢ଼ତେଲ ଯାଉଛେ। ଏନ୍‌ତାଥି ଲୋକ୍ ଥକା ମାରବାର ଲାଗି ଛାଇତଲ ଖୁଜୁଛନ୍। ରାଏଜ୍ ସରକାର ଯାତ୍ରୀମାନକର ସୁବିଧା ଆର ଖରା, ବର୍ଷା, ଶୀତ୍‌ରୁ ବଁଚବାର ଲାଗି ବସ୍‌ଷ୍ଟାଣ୍ଡ, ଛକ୍‌ମାନକେ ଯାତ୍ରୀ ପ୍ରତୀକ୍ଷାଳୟ ତିଆର କରୁଛନ୍। ହେଲେ ଇ ସବୁର ଦେଖ୍‌ଭାଲ ଅଭାବୁ ଅନେକ ଜାଗାରେ ଯାତ୍ରୀ ପ୍ରତୀକ୍ଷାଳୟମାନ ଭୁତକୁଠି ପାଲଟିଯାଉଛେ। ଇ ସବୁର ଅବସ୍‌ତା ଦେଖ୍‌ଲେ ଇତାର ମରାମତି, ଉନ୍‌ନତିକରନ୍ ଲାଗି ଥାନୀୟ ନେତା, ପରଶାସନର ଆଁତରିକତା ନାଇଁଥିବାର ଫଟିକ ବୁଝାପଡୁଛେ।

ଏନ୍‌ତା ଗୁଟେ ଯାତ୍ରୀ ପ୍ରତୀକ୍ଷାଳୟ ଦେଖ୍‌ବାକେ ମିଲିଛେ ବରଗଡ଼ ଜିଲା ଅତାବିରା ବିଧାନସଭା ନିରବାଚନ ମଣ୍ଡଳୀ ଅଧୀନ ୫୪ ନମ୍ବର ରାଜ୍ୟ ରାଜପଥ ଡାଲବ ହାଟପଦା ପାସେ। ଇ ଯାତ୍ରୀ ପ୍ରତୀକ୍ଷାଳୟକେ ଅନାବନା ଗଛ୍‌ଲତା ଭିତର ବାହାର ସବୁଆଡୁ ଢାଁପିକରି ରଖିଛେ। ଯେନ୍‌ଥିରଲାଗି ପ୍ରତୀକ୍ଷାଳୟଟା ଭୁତକୁଠି ଲେଖେଁ ଦିଶବାର ସଂଗେ ବେଭାର କରବାର ଅବସ୍‌ତାରେ ନାଁଇଁନ। ଯାତ୍ରୀ ପ୍ରତୀକ୍ଷାଳୟର ଅବସ୍‌ତା ଏନ୍‌ତା, ଯେ ଦେଖ୍‌ବା କେନ୍ ମାନ୍‌ଧାତା ଅମଲରେ ଘରଟା ତିଆର ହେଇଥିଲା ବଲି କହିବା। ଇ ରାସ୍‌ତାରେ ଥାନୀୟ ବିଧାୟକ, ନେତା, ମନ୍ତ୍ରୀ, ଏମ୍.ପି., ପରଶାସନିକ ଅଧିକାରୀମାନେ ସବୁବେଲେ ଯାଆସ କରୁଥିଲେ ବି କାହାରି ନଜର ନାଇଁ ପଡ଼ବାରଟା ନିହାତି ଗୁଟେ ଲାଜ୍‌ଲଜନା କଥା ଆଏ। ଆଏବାର ୧୫ ତାରିଖ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାନିପାଲି ଫୁଟବଲ ପଡ଼ିଆକେ ନିରବାଚନ ପରଚାରରେ ଆଏବାର କାଯ୍‌କରମ ରହିଛେ। ଡାଲବ ହାଟପଦା ପାସେ ବାନିପାଲି ଫୁଟବଲ ପଡ଼ିଆ ରହିଛେ। ଇ ସମିଆରେ ଯାତ୍ରୀ ପ୍ରତୀକ୍ଷାଳୟ ଉପରେ ଥାନୀୟ ନେତା, ମନ୍ତ୍ରୀ, ଥାନୀୟ ପରଶାସନିକ ଅଧିକାରୀକର ନଜର ପଡୁଛେ କି ନାଇଁ, ସେମାନେ ଇ ଦିଗେ କାଣା ପଦକ୍ଷେପ ନେଉଛନ୍ ଦେଖ୍‌ବାର ବାକି ରହିଲା।



ଅନାବନା ଗଛପତରରେ ଢାଁପି ହେଇଛେ ଯାତ୍ରୀ ପ୍ରତୀକ୍ଷାଳୟ।

■ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ

# ମେଳା ସୁପରିଚାଳନାକୁ ଗୁରୁତ୍ୱ

**ପାଇକମାଳ, ୧୨।୪(ଡି.ଏନ.ଏ)**

ପାଇକମାଳର ନୃସିହଂନାଥ ମହାପ୍ରଭୁଙ୍କ ଜନ୍ମ ଉତ୍ସବ ତଥା ବୈଶାଖ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ମନ୍ଦିରର ଭୋଗ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରମେଶ ଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ । ଆସନ୍ତା ମେ ୧୩ରୁ ୧୮ ତାରିଖ ଛଅ ଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯିବ । ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଗତବର୍ଷ ବୈଶାଖ ମେଳାର ଆୟବ୍ୟୟ ବିବରଣୀ ପଠନ କରିଥିଲେ। ପାଇକମାଳ ଥାନା ଆଇଆଇସିସି ବିଶ୍ୱଜିତ ମନବୋଧ ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପାନୀୟଜଳର ସୁବ୍ୟବସ୍ଥା, ମେଳା ସମୟରେ ନିରନ୍ତର ବିଦ୍ୟୁତ ସେବା ପାଇଁ ଆଲୋଚନା ହୋଇଥିଲା। ସେହିପରି ଅଗ୍ନିଶମ, ଜଙ୍ଗଲ ବିଭାଗ କର୍ମଚାରୀ ନିଜ ନିଜର ଦାୟିତ୍ୱ ତୁଲାଇବା ପାଇଁ ମତ ରଖି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମେଳାର ସୁପରିଚାଳନା ପାଇଁ ୨୧ ଜଣିଆ କମିଟି ଗଠନ କରାଯାଇଥିଲା। ମେଳା ସମୟରେ ଲକ୍ଷାଧିକ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ଏହାର ସୁପରିଚାଳନା ଠିକ ଭାବେ କରାଯିବା ଉପରେ ସଭାପତି ରମେଶ ଚନ୍ଦ୍ର ସେଠୀ ଗୁରୁତ୍ୱ ଦେଇଥିଲେ। ମନୋରଞ୍ଜନ ସିଂ ବରିହା, ବଡ ସତପଥି, ଦେବେନ୍ଦ୍ର ସାହୁ, ଶଙ୍କର ଭୁଏ, ଗୌରାଙ୍ଗ ଦାସ, ଡାଇମନ ଭୁଏ, ସୁରଥ ସାହୁ, ଧୀରେନ ମହାନ୍ତି, ଦେବେନ୍ଦ୍ର ସାହୁ, ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ପାଇକମାଳ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ ।



ନୃସିଂହନାଥଙ୍କ ଜନ୍ମ ଉତ୍ସବ ତଥା ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ଚାଲିଛି।

■ ସାରଙ୍ଗୀ ଦେଉଛେ ପରିବାରକେ ଦାନା

# କଳାକାର ଭତା, ଆବାସ ଯୋଜନାରୁ ବଁଚିତ୍ ରୁଦ୍ର



ରୁଦ୍ର ବୁଗବୁଗା ଗାଁରେ ସାରଙ୍ଗୀ ବଜେଇ ଭିଖ୍ ମାଗୁଛନ୍।

**ଅତାବିରା, ୧୨।୪ (ଡି.ଏନ.ଏ)**

ଦିନୁ ଦିନ୍‌କେ ଲୋକ୍‌କଳା, ଲୋକ୍ ନାଚ୍, ଲୋକ୍ ଗୀତ ବୁଡ଼ିଯିବାକେ ବସଲାନ। ହେଲେ ଆଏଜ୍ ବି କେତେ କଳାକାର, ସଂଗଠନ୍ ଇ ସବୁ କଳାକେ ବଁଚେଇ ରଖବାର ଲାଗି ଜୋରସୋର ଚେଷ୍‌ଟା କରୁଛନ୍। ସେନ୍‌ତା ଆରକେତେ କଳାକାର କଳା ପରିବେଷନ୍ କରି ନିଜର ପରିବାର ଲାଗି ଦାନା ଯୁଗାଡ଼ କରୁଛନ୍। ଏନ୍‌ତା ଝନେ କଳାକାରକୁଁ ଦେଖ୍‌ବାକେ ମିଲିଛେ ବରଗଡ଼ ଜିଲା ଅତାବିରା ବ୍ଲକ ଟାମ୍ପରସରା ପଁଚେତ୍ ଅନ୍ଧାରୀପାଲି ଗାଁରେ।

ସୂଚନା ହିସାବେ ଅତାବିରା ବ୍ଲକ ଟାମ୍ପରସରା ଗାଁର ରୁଦ୍ର ତେଲଙ୍ଗାନା ଓରଫ ଲୋଦ୍ର(୫୦)। ତାକର ପରିବାର କହିଲେ ମା'ବାପ, ମାଏକିନା, ଦୁଇ ପୁଓ ଆର ଝିଁକେ ନେଇ ସଁସାର। ଜମିବାଡ଼ି ବଲି କିଛି ନାଇଁ। ସଖାଲ ପାଏଲେ ସେ ବେଶ ହେଇ ପୁରନା ଲୋକ୍‌ବାଦ୍ୟ ସାରଙ୍ଗୀ ଧରି ଘରୁ ବାହାରିପଡୁଛନ୍। ଗଲାବେଲେ ବାଟେ ଯେନ୍ ଗାଁ ପଡୁଛେ ସେଠାନେ ସାରଙ୍ଗୀର ସୋରରେ ଗୀତ୍ ଗାଇ ଗାଇ ମଗାଯଚା କରୁଛନ୍। ଯେ ଯାହା ଦେଲା ସେ ସେଥିରେ ଖୁସ୍। ବେଲବୁଡ଼ା ତକ୍ ୪ରୁ ୫ ଖଁଡ଼ ଗାଁରେ ମଗାଯଚା କରି ଘରକେ ଫିରୁଛନ୍। ସେ ଦିନ୍‌ଯାକ ମଗାଯଚାରେ ଯାହା ପାଉଛନ୍ ସେଥିରେ ତାକର ପରିବାର ଚଲୁଛେ। ରୁଦ୍ର ସରକାରୀ ଯୋଜନାରେ ପାଉଥିବାର ଲାଭ କହିଲେ ମାସିକ୍ ମିଲୁଥିବାର ୨୦ କେ.ଜି. ୧ଟଁକିଆ ଚାଉଳ। ରୁଦ୍ର ନିହାତି ଗରିବ୍ ସେ କୁଡୁମବସିଆ ଗୁଟେ କୁରିଆ ଘରେ ରହୁଥିଲେ ବି ଆଏଜ୍ ତକ୍ ସରକାରୀ ଯୋଜନାରେ ପକାଘର ଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ସେ ଝନେ ସାରଙ୍ଗୀ ଆର ଘୁଡ଼କା ବାଦକ୍ କଳାକାର। ରୁଦ୍ର କଳାକାର ଭତାର ଲାଗି ଆବେଦନ କରିଥିଲେ ବି ଆଏଜ୍‌ତକ୍ ନାଇଁ ପାଇପାରି। ଇ ବାବ୍‌ଦେ ଟାମ୍ପରସରା ପଁଚେତ୍‌ର ସରପଁଚ୍ ଗୀତାରାଣୀ ସେଟକୁଁ ପଚରାଲାରୁ ଏହେଦେ ନିରବାଚନ ଆଚରଣବିଧି ଲାଗୁ ହେଇଛେ, କିଛି କରି ନାଇଁହୁଏ। ନିରବାଚନ ଉତାରୁ ସେ ଯଦି ହକ୍‌ଦାର ହିତାଧିକାରୀ ହେଇଥିବେ ସରକାରୀ ଯୋଜନାରେ ପକାଘର ଯୁଗେଇ ଦେବାର ଦିଗେ ପଦକ୍ଷେପ ନିଆଯିବା ବଲିସେ କହିଥିଲେ।

## ଫଟୋରେ ଖବର







ବରଗଡ଼ ସହରରେ ବିଜେଡ଼ି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟଙ୍କ ପାଇଁ ତାଙ୍କ ସ୍ତ୍ରୀ ପ୍ରଚାର କରୁଛନ୍ତି (ବାମ) । ବରଗଡ଼ରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ପ୍ରଚାରରେ ବମ୍ବେରୁ ଆସିଥିବା ଜଣେ ମହିଳା ସାମିଲ ହୋଇଛନ୍ତି (ମଝି) । ବରଗଡ଼ ସହରରେ କଂଗ୍ରେସ ପ୍ରାର୍ଥୀ ନିପନ ଦାଶଙ୍କ ପାଇଁ ତାଙ୍କ ସ୍ତ୍ରୀ ପ୍ରଚାର ଚଳାଇଛନ୍ତି ।

# ଭୋଟରେ ପ୍ରତିଫଳନ ହେବ ଚାଷୀ ସମସ୍ୟା

**ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀ**

ପ୍ରେମାନନ୍ଦ ଖମାରି
ବରଗଡ଼ ଅଫିସ,୧୨।୪

ବରଗଡ଼ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଭଟଲି ଅନ୍ୟତମ। ପଦ୍ମପୁର ପରେ ଏହା ଜିଲାର ଦ୍ୱିତୀୟ ବୃହତ୍ ନିର୍ବାଚନମଣ୍ଡଳୀ। ଏକଦା କଂଗ୍ରେସ ଓ ଭାଜପାର ଦୁର୍ଗ କୁହାଯାଉଥିବା ଏହି ନିର୍ବାଚନମଣ୍ଡଳୀରେ କ୍ରମାଗତ ୨ ସାଧାରଣ ନିର୍ବାଚନରେ ବିଜେଡି ବିଜୟୀ ହୋଇଆସୁଛି। ଦଳର ପୁରୁଖା ନେତାମାନେ ଫେଲ୍ ମାରିବା ପରେ ଏଥର ଭାଜପା ଓ କଂଗ୍ରେସ ୨ ନୂଆ ମୁହଁ ଇରାସିସ୍ ଆଚାର୍ଯ୍ୟ ଓ ସରୋଜ କୁମାର ମହାପାତ୍ରଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଛି। ଅନ୍ୟପଟେ ସୁଶାନ୍ତ ସିଂଙ୍କ ଉପରେ ବିଜେଡି ପୁଣି ଭରସା କରିଛି। ସେ କ୍ରମାଗତ ତୃତୀୟଥର ପାଇଁ ଏଠାରେ ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଏଥର ନିର୍ବାଚନ କଂଗ୍ରେସ, ବିଜେଡି ଓ ଭାଜପା ପାଇଁ ସମ୍ମାନର ବିଷୟ ହୋଇଛି।

ଏହି ନିର୍ବାଚନମଣ୍ଡଳୀ ଛତିଶଗଡ଼ ସୀମାବର୍ତ୍ତୀ ହୋଇଥିବାରୁ ନିକଟ ଅତୀତରେ ସେହି ପଡ଼ୋଶୀ ରାଜ୍ୟରେ ଭାଜପାକୁ ଗାଦିଚ୍ୟୁତ କରି କଂଗ୍ରେସ ସଫଳତା ପାଇଥିଲା। ତାକୁ ନେଇ ବହୁଥିବା ଅନ୍ତଃସ୍ରୋତର ପ୍ରଭାବ ଏଠାରେ ପଡ଼ିବ ବୋଲି ଆଶା ରଖି କଂଗ୍ରେସ ନିଜ ରଣନୀତି ଆରମ୍ଭ କରିଛି। ଏହା ସହିତ ଦଳୀୟ ଇସ୍ତାହାରରେ ଚାଷୀ, ଶ୍ରମିକ, ବେକାରି ଆଦି ପ୍ରସଙ୍ଗରେ ଘୋଷଣା କରାଯାଇଥିବା ଜନକଲ୍ୟାଣକାରୀ ଯୋଜନା ଦଳ ପାଇଁ ବିଜୟର ବାଟ ଫିଟାଇବ ବୋଲି କଂଗ୍ରେସ ନେତା ଓ କର୍ମୀମାନେ ଆଶା ବାନ୍ଧିଛନ୍ତି। ସେହିପରି ୨୦୧୪ ସାଧାରଣ ନିର୍ବାଚନ ଭଳି ଏଥର ମଧ୍ୟ ମୋଦି ହାୱା ଦଳ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବ ଏବଂ ରାଜ୍ୟରେ ଦୀର୍ଘବର୍ଷର ଶାସନରେ ପରିବର୍ତ୍ତନ ଆଣିବ ବୋଲି ଭାଜପା ନେତା ଓ କର୍ମୀ ଆଶା ରଖି ଭୋଟରଙ୍କ ପାଖରେ ପହଞ୍ଚୁଥିବା ଦେଖାଯାଉଛି। ୨୦୦୯ରୁ କ୍ରମାଗତ ବିଜୟଧାରା ଅବ୍ୟାହତ ରଖିଥିବା ବିଜେଡି ବିଗତ ୧୦ବର୍ଷ ମଧ୍ୟରେ ଅଞ୍ଚଳରେ ହୋଇଥିବା ବିକାଶକୁ ନେଇ ଲୋକଙ୍କ ପାଖକୁ ପହଞ୍ଚୁ ଥିବାବେଳେ ଏହା ହିଁ ଦଳର ବିଜୟର ମୂଳାଧାର ହେବ ବୋଲି ଦଳୀୟ ନେତା କହୁଛନ୍ତି। ଏଥର ଭାଜପା, କଂଗ୍ରେସ ଓ ବିଜେଡି ପ୍ରାର୍ଥୀଙ୍କ ସମେତ ବହୁଜନ ସମାଜ ପାର୍ଟି(ବିଏସପି)ରୁ ନାରାୟଣ ଭେସ୍ରା ଏବଂ ସମତା କ୍ରାନ୍ତି ଦଳରୁ ଧନପତି ସାହୁ ଅର୍ଥାତ୍ ସମୁଦାୟ ୫ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି।

ଏହି ନିର୍ବାଚନମଣ୍ଡଳୀ ଅଧୀନ ଝାଙ୍କରପାଲି ଗ୍ରାମର ଜଣେ ଭୋଟର ତେଜରାଜ ହୋତା କୁହନ୍ତି, ଯେଉଁ ପ୍ରାର୍ଥୀ ଅବହେଳିତ ତଥା ନିମ୍ନବର୍ଗର ଉନ୍ନତି ପାଇଁ କାମ କରିବେ ଏବଂ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଅଙ୍ଗୀକାରବଦ୍ଧ ହେବେ, ସେଭଳି ପ୍ରାର୍ଥୀ ମୋର ପସନ୍ଦ ଓ ତାଙ୍କ ସପକ୍ଷରେ ହିଁ ମୋର ଭୋଟ୍ ଯିବ। ଗତ ୨୦ବର୍ଷରେ ଚାଷୀଙ୍କ କୌଣସି ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ହୋଇ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ସରକଣ୍ଡା ଗ୍ରାମର ଚାଷୀନେତା ହର ବଣିଆ କୁହନ୍ତି, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦାସୀନତା ତଥା ଚାଷୀ ମାରଣନୀତି ଯୋଗୁ ଚାଷୀଙ୍କୁ ଦୁର୍ବିଷହ ଜୀବନ ଅତିବାହିତ କରିବାକୁ ପଡ଼ୁଛି। ଜଳସେଚନ, ଧାନବିକ୍ରି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ, ବୋନସ ଇତ୍ୟାଦି ସମସ୍ୟା ରହିଛି। ଫଳରେ ଏଥର ନିର୍ବାଚନରେ ଚାଷୀଙ୍କୁ ଠକୁଥିବା ପ୍ରାର୍ଥୀ ତଥା ସରକାରଙ୍କୁ ଉଚିତ ଜବାବ ଦେବା ହିଁ ଆମର ଲକ୍ଷ୍ୟ ରହିବ।

ବିଜେଡି ପ୍ରାର୍ଥୀ ସୁଶାନ୍ତ ସିଂ କହିଛନ୍ତି, ଗତ ୧୦ବର୍ଷ ଧରି ସେ ଏହି ନିର୍ବାଚନମଣ୍ଡଳୀରେ ପ୍ରତିନିଧିତ୍ୱ କରି ଆସିଛନ୍ତି। ନିର୍ବାଚନମଣ୍ଡଳୀର ୩୧୬ ଗ୍ରାମରୁ ୩୦୮ ଗ୍ରାମକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଛି। ବିଭିନ୍ନ ଗ୍ରାମକୁ ବିଜୁ ସେତୁ ଯୋଜନା ଦ୍ୱାରା ଯୋଡ଼ା ଯାଇଛି। ୭୦ହଜାରରୁ ଊର୍ଦ୍ଧ୍ୱ ଏକର ଚାଷଜମିକୁ ଜଳସେଚନ ବ୍ୟବସ୍ଥା ହୋଇଛି। ୧୯ବର୍ଷର ବିଜେଡି ଶାସନରେ ହୋଇଥିବା ରାଜ୍ୟର ବିକାଶକୁ ନେଇ ସେ ପ୍ରାର୍ଥୀଙ୍କ ପାଖକୁ ଯାଉଛନ୍ତି।

ଭାଜପା ପ୍ରାର୍ଥୀ ଇରାସିସ୍ ଆଚାର୍ଯ୍ୟ କୁହନ୍ତି, ସେ ପ୍ରଥମଥର ପାଇଁ ନିର୍ବାଚନ ମଇଦାନକୁ ଆସିଛନ୍ତି। ନରେନ୍ଦ୍ର ମୋଦିଙ୍କ ବିକାଶୋନ୍ମୁଖୀ ଯୋଜନା ଏବଂ ରାଜ୍ୟର ବିଜେଡି ସରକାରଙ୍କ ବିଫଳତାକୁ ନେଇ ସେ ଭୋଟରଙ୍କ ପାଖକୁ ଯାଉଛନ୍ତି ଏବଂ ଭୋଟରମାନେ ତାଙ୍କ ସପକ୍ଷରେ ସର୍ବାଧିକ ମତଦାନ କରିବେ ବୋଲି ସେ ଆଶା ରଖିଛନ୍ତି।

କଂଗ୍ରେସ ପ୍ରାର୍ଥୀ ସରୋଜ ମହାପାତ୍ର କୁହନ୍ତି, ଭଟଲି ନିର୍ବାଚନମଣ୍ଡଳୀରେ ଜଳସେଚନ ପ୍ରକଳ୍ପ ନାହିଁ। ଫଳରେ ଚାଷୀଙ୍କୁ କ୍ରମାଗତ ଭାବେ ଫସଲ କ୍ଷତିର ସମ୍ମୁଖୀନ ହେବା ସହିତ ଋଣବୋଝରେ ରହିବାକୁ ପଡ଼ୁଛି। କଂଗ୍ରେସ କୃଷିଋଣ ଛାଡ଼, ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୬୦୦ ଟଙ୍କାକୁ ବୃଦ୍ଧି ଭଳି ଚାଷୀଙ୍କ ପାଇଁ ହିତକର ଅନେକ ଯୋଜନା କରିବ ବୋଲି ଘୋଷଣା କରିଛି। ପ୍ରତ୍ୟେକ ପରିବାରରୁ ଜଣକୁ ଚାକିରି ଦେବାକୁ ଦଳୀୟ ଇସ୍ତାହାରରେ ପ୍ରକାଶ କରିଛି। ସେସବୁ ନେଇ ସେ ଭୋଟରଙ୍କ ପାଖକୁ ଯାଉଛନ୍ତି। ବେକାରି ସମସ୍ୟାର ସମାଧାନ ହିଁ ତାଙ୍କ ଲକ୍ଷ୍ୟ। ଏହି ବାର୍ତ୍ତା ନେଇ ସେ ଭୋଟରଙ୍କୁ ଭେଟୁଛନ୍ତି ବୋଲି ବିଏସପି ପ୍ରାର୍ଥୀ ନାରାୟଣ ଭେସ୍ରା କହିଛନ୍ତି।


ସୁଶାନ୍ତ ସିଂ


ଇରାସିସ୍ ଆଚାର୍ଯ୍ୟ


ସରୋଜ କୁମାର ମହାପାତ୍ର


ନାରାୟଣ ଭେସ୍ରା

# ସବୁ ଦଳ ଫୋକସରେ ଦ୍ୱିତୀୟ ପର୍ଯ୍ୟାୟ

- ୫ ଲୋକ ସଭାରେ ହେବ ମତଦାନ
- ଜୁଏଲ, ପ୍ରସନ୍ନ, ସୁରେଶ, ଅଚ୍ୟୁତଙ୍କ ଭାଗ୍ୟ ପରୀକ୍ଷା
- ଦୁଇ ବିଧାନସଭା ଆସନରୁ ଲଢ଼ୁଛନ୍ତି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ସାରା ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସମାପ୍ତ ହୋଇଛି। ମତଦାନ ହାର ଉତ୍ସାହଜନକ ଥିବାରୁ ଫଳାଫଳ ନେଇ ଦୁଇ ପ୍ରମୁଖ ଦଳ(ବିଜେଡି–ଭାଜପା) ଆଶାବାଦୀ ଅଛନ୍ତି। ଏକଦା ଦକ୍ଷିଣ ଓଡ଼ିଶା କଂଗ୍ରେସର ଗଡ଼ ହୋଇଥିବାରୁ ନବରଙ୍ଗପୁର ଲୋକ ସଭା ଆସନକୁ ନେଇ ଦଳ ଉତ୍ସାହୀ ଅଛି। ତେଣୁ କାହା ଉତ୍ସାହ ଫଳାଫଳରେ ପରିଣତ ହେବ, ତାହା ଆସନ୍ତା ମେ' ୨୩ରେ ଜଣାପଡିବ। ବର୍ତ୍ତମାନ ସମସ୍ତ ରାଜନୈତିକ ଦଳ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଉପରେ ଫୋକସ କରୁଛନ୍ତି। ଏହି ପର୍ଯ୍ୟାୟରେ ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର, ଆସ୍କା ଏବଂ ଏହା ଅନ୍ତର୍ଗତ ବିଧାନସଭା ଆସନଗୁଡ଼ିକରେ ଭୋଟ ଗ୍ରହଣ ହେବ। ଏହିସବୁ ସ୍ଥାନରେ ଚଳିତ ମାସ ୧୮ରେ ଭୋଟ ହେବାକୁ ଥିବା ବେଳେ ୧୬ରେ ପ୍ରଚାର ସରିବ। ପୂର୍ବ ନିର୍ବାଚନରେ ବିଜେଡି କେବଳ ସୁନ୍ଦରଗଡ଼ ଆସନରେ ପରାସ୍ତ ହୋଇଥିଲା। ସେହିପରି ବରଗଡ଼ରେ ଭାଜପାଠାରୁ ଅଳ୍ପ ବ୍ୟବଧାନରେ ଜିତିଥିଲା। ଚଳିତଥର ଭାଜପା ସପକ୍ଷରେ ପୂର୍ବାପେକ୍ଷା ଅନୁକୂଳ ବାତାବରଣ ରହିଥିବା ଆଲୋଚନା ହେଉଛି। ସେହିପରି ବିଜେଡିର ଶୀର୍ଷ ନେତୃତ୍ୱ ପ୍ରତି ଅସନ୍ତୋଷ ନ ଥିଲେ ବି ସ୍ଥାନୀୟ ଏମ୍ପି ଏବଂ ବିଧାୟକଙ୍କ ବିରୋଧରେ ଜନମତ ରହିଛି। ବର୍ତ୍ତମାନର ମୁଖ୍ୟ ବିରୋଧୀ କଂଗ୍ରେସ ଉପରୋକ୍ତ ଆସନଗୁଡିକ ମଧ୍ୟରୁ ସୁନ୍ଦରଗଡ଼, ବଲାଙ୍ଗୀରକୁ ଅଧିକ ଫୋକସ କରୁଛି। ବରଗଡ଼, କନ୍ଧମାଳରେ ବିଜେଡି–ଭାଜପା ମଧ୍ୟରେ ସିଧାସଳଖ ମୁକାବିଲା ହେବ ବୋଲି ଆଲୋଚନା ହେଉଛି। ସେହିପରି ଆସ୍କା, ସୁନ୍ଦରଗଡ଼ ଏବଂ ବଲାଙ୍ଗୀରରେ ତ୍ରିମୁଖୀ ଲଢ଼େଇ ହେଉଥିବା ଜଣାପଡ଼ିଛି। ଲୋକ ସଭା ପ୍ରାର୍ଥୀମାନଙ୍କ ମଧ୍ୟରେ ଏହି ପର୍ଯ୍ୟାୟରେ କଂଗ୍ରେସରୁ ଜର୍ଜ ତିର୍କୀ, ସିପିଆଇରୁ ରାମଚନ୍ଦ୍ର ପଣ୍ଡା, ବିଜେଡିରୁ ଅଚ୍ୟୁତ ସାମନ୍ତ, ଏସ୍ଏଚ୍‌ଜି କର୍ମୀରୁ ବିଜେଡି ପ୍ରାର୍ଥିନୀ ହୋଇଥିବା ପ୍ରମିଳା ବିଶୋଇ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଏମ୍ପି କଳିକେଶ ସିଂଦେଓ, ଭାଜପାରୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଖାରବେଳ ସ୍ୱାଇଁ ଏବଂ ସୁରେଶ ପୂଜାରୀଙ୍କ ଭଳି ହେଭିୱେଟ୍ ନିଜ ରାଜନୈତିକ ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୩୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ହେବାକୁ ଯାଉଛି। ତନ୍ମଧ୍ୟରୁ ଦୁଇଟି ଆସନ(ହିଞ୍ଜିଳି ଓ ବିଜେପୁର)ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ଦୁଇଟି ସ୍ଥାନରୁ ପ୍ରାର୍ଥୀ ହୋଇଥିବାରୁ ରାଜ୍ୟ ରାଜନୀତି ଆହୁରି ସରଗରମ ହୋଇଛି। ପଶ୍ଚିମ ଓଡ଼ିଶାରେ ବିଜେଡି ବିରୋଧୀ ହାୱାର ମୁକାବିଲା ପାଇଁ ଦଳୀୟ ସଭାପତି ଏପରି ନିଷ୍ପତ୍ତି ନେଇଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ସୁନ୍ଦରଗଡ଼ରେ କେନ୍ଦ୍ରମନ୍ତ୍ରୀ ଜୁଏଲଙ୍କ ବିପକ୍ଷରେ କଂଗ୍ରେସରୁ ଜର୍ଜ ଏବଂ ବିଜେଡିରୁ ସୁନୀତା ବିଶ୍ୱାଳ ପ୍ରାର୍ଥିନୀ ହୋଇଛନ୍ତି। ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀଟି ଏହି ଲୋକ ସଭା ମଧ୍ୟରେ ଆସୁଛି। ଗତଥର ଏଠାରୁ ଭାଜପା ପ୍ରାର୍ଥୀ ଭାବେ ଦିଲୀପ ରାୟ ବିଜୟୀ ହୋଇଥିଲେ। କିଛିମାସ ତଳେ ଦିଲୀପ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସହ ଭାଜପା ଛାଡିଥିଲେ। ତେଣୁ ଜୁଏଲଙ୍କ ପାଇଁ ସୁନ୍ଦରଗଡ଼ ଲଢ଼େଇ କଷ୍ଟକର ହେବ ବୋଲି ଆଲୋଚନା ହେଉଛି। ଇତିମଧ୍ୟରେ ବିଜୟ ମହାପାତ୍ର ଭାଜପାକୁ ବାହୁଡ଼ି ସାରିଲେଣି। ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଏବଂ ସୁପର ସ୍ପେଶିଆଲିଟି ହସ୍ପିଟାଲ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପିଏମ୍ଓ ପକ୍ଷରୁ ଦିଲୀପଙ୍କୁ ନିକଟରେ ପ୍ରତିଶ୍ରୁତି ମିଳିଛି। ତେଣୁ ଦିଲୀପଙ୍କ ଭୂମିକା ଉପରେ ସମସ୍ତଙ୍କ ନଜର ରହିଛି। କନ୍ଧମାଳରେ କଂଗ୍ରେସ ଭୋଟ ବିଭାଜନ ହେବାର ସମ୍ଭାବନା ରହିଛି। କଂଗ୍ରେସର କିଛି ଭୋଟ ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି) ନେବ। ତେଣୁ ଏଥିରୁ କିଛିଟା ଫାଇଦା ଭାଜପାକୁ ମିଳିପାରେ। ହେଲେ ବିଜେଡି ପକ୍ଷରୁ ଅଚ୍ୟୁତଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଦଳ ବିଜୟ ନେଇ ଅଧିକ ଆଶାବାଦୀ ରହିଛି। ବରଗଡ଼ରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ମୁକାବିଲା ଭାଜପା ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ସହ ହେଉଛି। ଭାଜପା ନେତା ତଥା ପୂର୍ବଥର ପ୍ରାର୍ଥୀ ସୁବାସ ଚୌହାନ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିବାରୁ ବରଗଡ଼ ଫଳାଫଳ ନେଇ ସମସ୍ତଙ୍କ ଉତ୍କଣ୍ଠା ରହିଛି।

ଅପରପକ୍ଷରେ ଏସ୍ଏଚ୍‌ଜି କର୍ମୀ ପ୍ରମିଳା ବିଶୋଇ ଆସ୍କା ଲୋକ ସଭାରେ ସିପିଆଇ ନେତା ରାମକୃଷ୍ଣ ପଣ୍ଡା ଏବଂ ଭାଜପାରୁ ଅନିତା ପ୍ରିୟଦର୍ଶିନୀଙ୍କ ମୁକାବିଲା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାରମ୍ପରିକ ବିଧାନସଭା ଆସନ ଏହି ଲୋକ ସଭାରେ ଆସୁଥିବାରୁ ଆସିକା ଉପରେ ରାଜନୈତିକ ମହଲର ନଜର ରହିଛି। ବଲାଙ୍ଗୀର ଲୋକ ସଭାରେ ରାଜ ପରିବାର ଏବଂ ମିଶ୍ର ପରିବାର ମଧ୍ୟରେ ଲଢ଼େଇ ହେବାକୁ ଯାଉଛି। ବିଜେଡିରୁ ଏମ୍ପି କଳିକେଶ ପୁନର୍ବାର ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ବିରୋଧରେ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି ସଂଗୀତା ସିଂଦେଓ। ସେହିପରି କଂଗ୍ରେସ ପକ୍ଷରୁ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ପୁତ୍ର ସମରେନ୍ଦ୍ର ମିଶ୍ରଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ବିଜେଡି ବିରୋଧରେ ଥିବା ଭୋଟ ଭାଜପା ଏବଂ କଂଗ୍ରେସ ମଧ୍ୟରୁ କିଏ ହାତେଇ ପାରୁଛି ନା ଶାସକ ବିରୋଧୀ ଭୋଟ ବିଭାଜନରୁ କଳିକେଶ ଫାଇଦାରେ ରହୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।


ଜୁଏଲ ଓରାମ


ପ୍ରସନ୍ନ ଆଚାର୍ଯ୍ୟ


ଜର୍ଜ ତିର୍କୀ

## ପ୍ରାର୍ଥିପତ୍ର ପ୍ରତ୍ୟାହାର କଲେ ସିପ୍ରା

କେନ୍ଦ୍ରାପଡା ଅଫିସ, ୧୨।୪

କେନ୍ଦ୍ରାପଡ଼ା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବା ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ବିଜେଡିର ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ କେନ୍ଦ୍ରାପଡ଼ାରେ ଗଛ କିଛି ଦିନ ଧରି ଦେଖାଯାଇଥିବା ଦଳୀୟ କନ୍ଦଳର ପୂର୍ଣ୍ଣଚ୍ଛେଦ ପଡ଼ିଛି। ସୂଚନାଯୋଗ୍ୟ, ଏହି ଆସନରୁ ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କୁ ପ୍ରାର୍ଥୀ ନ କରିବା ଏବଂ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିବା ପାଇଁ ସିପ୍ରା ସମର୍ଥକଙ୍କ ସହ ଭୁବନେଶ୍ୱରସ୍ଥିତ ନବୀନ ନିବାସକୁ ଯାଇ ଦାବି କରିଥିଲେ। ଫଳରେ କେନ୍ଦ୍ରାପଡା ବିଧାନସଭା ପାଇଁ ବିଜେଡିର ପ୍ରାର୍ଥୀ ଚୟନ ଶେଷ ପର୍ଯ୍ୟନ୍ତ ଝୁଲିରହିଥିଲା। ନାମାଙ୍କନ ପତ୍ର ଦାଖଲ ନିମନ୍ତେ ଧାର୍ଯ୍ୟ ହୋଇଥିବା ଶେଷ ଦିନର ପୂର୍ବ ସନ୍ଧ୍ୟାରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ନାମ ଘୋଷଣା କରାଯାଇଥିଲା। ଏହାପରେ ସିପ୍ରା ତାଙ୍କ ପ୍ରତି ଜନସମର୍ଥନ ରହିଥିବା ବେଳେ ସମର୍ଥକମାନଙ୍କ ପ୍ରେରଣା ଥିବା ଦର୍ଶାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। କିନ୍ତୁ ତାଙ୍କୁ ମନାଇବା ପାଇଁ ଦଳ ପକ୍ଷରୁ ପ୍ରୟାସ ହୋଇଥିଲା। ଏନେଇ ତାଙ୍କ ସମେତ ସ୍ଥାନୀୟ ନେତାଙ୍କୁ ନବୀନ ନିବାସ ଡକାଯାଇ ଆଲୋଚନା ହୋଇଥିଲା। ଏଥିରେ ଶଶିଭୂଷଣ, କିଶୋରଚନ୍ଦ୍ର, ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଟିକେଟ୍ ନ ମିଳିବାରୁ ଅସନ୍ତୁଷ୍ଟ ଥିବା ସିପ୍ରାଙ୍କ ମାନସ ଭଞ୍ଜନ କରିବାରେ ବିଜେଡି ସଫଳ ହୋଇଛି। ଆଲୋଚନା ପରେ ସିପ୍ରା ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସେତେବେଳେ ସୂଚନା ଦେଇଥିଲେ। ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରଦେଇ ସେ କହିଛନ୍ତିଯେ, କୋଣାର୍କ ମନ୍ଦିରର ମୁଣ୍ଡିମାରିବା ପାଇଁ ଧର୍ମପଦର ଆବଶ୍ୟକତା ପଡିଲା। ତାଙ୍କର ଏହି ପଦକ କଥା ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱକୁ ପଦାରେ ପକାଇଥିବା ଆଲୋଚନା ହେଉଛି। ସେହିପରି ଏହି ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରତାପ କୁମାର ମଲ୍ଲିକ ଅପରାହ୍ନରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି।



## ଭାଜପା ବିଜୟ ସଂକଳ୍ପ ସମାବେଶ
# ଆଜି ଯୋଗଦେବେ **ବାବୁସାନ**

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ଭାଜପା ବିଜୟ ସଂକଳ୍ପ ସମାବେଶରେ ଶନିବାର ଭାଜପା ଷ୍ଟାର ପ୍ରଚାରକ ତଥା ସିନେ ଅଭିନେତା ତନ୍ମୟ ମହାନ୍ତି(ବାବୁସାନ୍) ଯୋଗଦେବେ। ଶୁକ୍ରବାର ୧୦ଟାରେ ଗଞ୍ଜାମ ଜିଲା ଖଲ୍ଲିକୋଟର ନାଗଳେଶ୍ୱର ଗ୍ରାମପଞ୍ଚାୟତର ପଥରକଟା ପଡିଆରେ ପହଞ୍ଚି ବିଜୟ ସଂକଳ୍ପ ସଭାରେ ଯୋଗଦେବେ। ସଭା ପରେ ମଧ୍ୟାହ୍ନ ୧୨ଟା ମହାନ୍ତି ହିଞ୍ଜିଳି ଏନଏସିର ପଞ୍ଚଳିମା ପୋଡି ପଡିଆରେ ପହଞ୍ଚି ବିଜୟ ସଂକଳ୍ପ ସଭାରେ ଯୋଗଦେବେ। ଏହାପରେ ତନ୍ମୟ ମହାନ୍ତି ଅପରାହ୍ନ ୧ଟା ୩୦ରେ ଆସ୍କା ଏନ୍ଏସି ମାମୁଁଦିହ ଗୋଚର ପଡିଆରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

## ସୂର୍ଯ୍ୟ ପାତ୍ର, ପ୍ରିୟଦର୍ଶୀଙ୍କୁ **ନୂଆ ଦାୟିତ୍ୱ**





ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ବରିଷ୍ଠ ବିଜେଡି ନେତା ତଥା ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ କେନ୍ଦୁଝର ଜିଲା ବରିଷ୍ଠ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ସେହିପରି ଭୁବନେଶ୍ୱର(ଉତ୍ତର) ପୂର୍ବ ବିଧାୟକ ତଥା ବିଜେଡି ସାଧାରଣ ସମ୍ପାଦକ ପ୍ରିୟଦର୍ଶୀ ମିଶ୍ରଙ୍କୁ ଦଳୀୟ ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

**ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ**

# ଭୋଟ୍ ହାର ୭୩.୭୬ %

- ୨ ବୁଥ୍‌ରେ ସାନି ମତଦାନ
- ପୁରୁଷଙ୍କୁ ଟପିଲେ ମହିଳା
- କୋଟପାଡ଼ ବିଧାନସଭା କ୍ଷେତ୍ରରେ ସର୍ବାଧିକ ୮୬.୮୩%

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ଗୁରୁବାର ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ପ୍ରକ୍ରିୟା ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୭୩.୭୬ ପ୍ରତିଶତ ମତଦାନ ହୋଇଛି। ମତଦାନ କ୍ଷେତ୍ରରେ ମହିଳାମାନେ ପୁରୁଷ ଭୋଟରଙ୍କୁ ପଛରେ ପକାଇ ଦେଇଛନ୍ତି। ୪ଟି ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ୨୮ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମହିଳାମାନେ ଭୋଟଦେବା କ୍ଷେତ୍ରରେ ଆଗରେ ରହିଛନ୍ତି। ୭୪.୭୭ ପ୍ରତିଶତ ମହିଳା ନିଜର ମତଦାନ ସାବ୍ୟସ୍ତ କରିଥିବା ବେଳେ ୭୩.୦୯ ପ୍ରତିଶତ ପୁରୁଷ ଭୋଟ ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ଶୁକ୍ରବାର ଏ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୪ଟି ଲୋକ ସଭା ନିର୍ବାଚନମଣ୍ଡଳୀରୁ ନବରଙ୍ଗପୁରରେ ସର୍ବାଧିକ ୭୮.୮୯ ପ୍ରତିଶତ ମତଦାନ ହୋଇଥିବା ବେଳେ କଳାହାଣ୍ଡି ୭୫.୮୨, କୋରାପୁଟ ୭୪.୭୭ ଏବଂ ବ୍ରହ୍ମପୁର ଲୋକ ସଭା ମଣ୍ଡଳୀରେ ୬୫.୫୭ ପ୍ରତିଶତ ଭୋଟ ଗ୍ରହଣ ହୋଇଛି। ତେବେ ୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ କୋରାପୁଟ ଜିଲାର କୋଟପାଡ ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୮୬.୮୩ ପ୍ରତିଶତ ମତଦାନ ହୋଇଥିବା ବେଳେ ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସବୁଠାରୁ କମ୍ ୫୬.୩୪ ପ୍ରତିଶତ ମତଦାନ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୬୦ ଲକ୍ଷ ୩ ହଜାର ୭୦୭ ଭୋଟର ନିଜର ମତଦାନ ସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ୩୦ ଲକ୍ଷ ୩୦ ହଜାର ୨୨୨ ମହିଳା ଭୋଟର ଥିବା ବେଳେ ୨୯ ଲକ୍ଷ ୭୨ ହଜାର ୯୨୫ ପୁରୁଷ ଏବଂ ୫୬୦ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି।

ଦୁଇଟି ବୁଥ୍‌ରେ ଆଉ ଥରେ ମତଦାନ କରାଯିବ। ସେଥିମଧ୍ୟରୁ ଗୋଟିଏ ବୁଥ ମାଲକାନଗିରି ଓ ଅନ୍ୟଟି ବ୍ରହ୍ମପୁରରେ ବୋଲି ସିଇଓ କହିଛନ୍ତି। ଗୋଟିଏ ବୁଥ୍‌ରେ ଜଣେ ଅସାମାଜିକ ବ୍ୟକ୍ତି ଇଭିଏମକୁ କଚାଡି ଦେଇଥିଲେ। ମେଶିନ ଭାଙ୍ଗିଯାଇଛି। ସେଥିରୁ ଫଳାଫଳ ବାହାରିବ କି ନାହିଁ ତାହା କହି ହେବ ନାହିଁ। ଅନ୍ୟ ବୁଥ୍‌ରେ ପ୍ରିଜାଇଡିଂ ଅଫିସର ଅବହେଳା କରିଥିଲେ। ଅଧିକାଂଶ ପୋଲିଂ ଅଫିସର ଶୁକ୍ରବାର ଫେରି ଆସିଛନ୍ତି। କେତେକ ବୁଥ୍‌ରେ ଧାଡ଼ିରେ ମତଦାତା ରହିଥିବାରୁ ରାତି ୯ଟା ପର୍ଯ୍ୟନ୍ତ ମତଦାନ କାର୍ଯ୍ୟ ଜାରି ରହିଥିଲା। ନିର୍ବାଚନ କମିଶନଙ୍କ ଗାଇଡଲାଇନ ଅନୁସାରେ ଭୋଟ ଦେବାକୁ ଆସିଥିବା ଲୋକମାନେ ଯଦି ଧାଡିରେ ଥିବେ ତେବେ ସେମାନଙ୍କୁ ମତଦାନର ସୁଯୋଗ ଦିଆଯିବ। ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରିର ୧୫ଟି ବୁଥ୍‌ରେ କେହି ଭୋଟ ଦେଇ ନ ଥିବା ଜଣାପଡିଛି। ତେବେ ମତଦାନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ସିଇଓ କହିଛନ୍ତି।

## ଭାଜପାରେ ଯୋଗଦେଲେ ସୋନାଲି ସାହୁ

**ଭୁବନେଶ୍ୱର, ୧୨।୪(ବ୍ୟୁରୋ):** କଂଗ୍ରେସ ମୁଖପାତ୍ର ଦାୟିତ୍ୱରେ ଥିବା ସୋନାଲି ସାହୁ ଗୁରୁବାର ଦଳୀୟ ନେତୃବୃନ୍ଦଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଇସ୍ତଫା ଦେଇଥିଲେ। ଏହାର ଦିନକପରେ ସେ ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସୋନାଲି ସାମିଲ ହୋଇଥିବା କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ଉପସ୍ଥିତିରେ ସୋନାଲି ଶୁକ୍ରବାର ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ସୋନାଲି କହିଛନ୍ତି ଯେ, କଂଗ୍ରେସରେ ଗଣତନ୍ତ୍ର ବୋଲି କିଛିନାହିଁ। ରାଜ୍ୟରେ କଂଗ୍ରେସ ଓ ବିଜେଡି ମଧ୍ୟରେ ସଲାସୁତୁରା ହୋଇଛି। ଭାଜପା ହିଁ ଏକମାତ୍ର ବିକଳ୍ପ ଭାବେ ରାଜ୍ୟରେ ଶାସକ ବିଜେଡିକୁ ପ୍ରତିରୋଧ କରିପାରିବ ବୋଲି ସୋନାଲି କହିଛନ୍ତି।



## ରାଜନୈତିକ ଦଳଙ୍କ ବାହୁସ୍ଫୋଟ: ସମସ୍ତଙ୍କ ଦାବି ୪ରୁ ୪

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଯାଇଛି। ଏହି ପର୍ଯ୍ୟାୟରେ ୪ଟି ଲୋକ ସଭା ଏବଂ ୨୮ଟି ବିଧାନସଭା ଆସନରେ ମତଦାନ ଶେଷ ହୋଇଛି। ଲୋକ ସଭା ପାଇଁ ୨୬ ଏବଂ ବିଧାନସଭା ପାଇଁ ୧୯୧ ଜଣଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ମତଦାନ ହାର ମଧ ଆଖିଦୃଶିଆ ହୋଇଛି। ୭୪ ପ୍ରତିଶତ ଭୋଟର ରାଜନୈତିକ ନେତାଙ୍କର ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ଆସନ୍ତା ମେ' ୨୩ ତାରିଖରେ ହେବ ଭୋଟ ଗଣନା। ସେତେବେଳେ ଜଣାପଡ଼ିବ ଜନତା କାହା ମୁଣ୍ଡରେ ସୁନାକଳସ ଢାଳିଛନ୍ତି। ହେଲେ ଭୋଟ ସରିବାର କେଇଘଣ୍ଟା ବିତିଛି କି ନାହିଁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଏବଂ ଭାଜପା ପ୍ରତ୍ୟେକ ୪ଟି ଯାକ ଲୋକ ସଭା ସିଟ୍ ନିଜ ସପକ୍ଷରେ ଯିବ ବୋଲି ଦୃଢ଼ୋକ୍ତି କରିଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୪ ନିର୍ବାଚନଠାରୁ ଚଳିତ ନିର୍ବାଚନରେ ଦଳ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି କହିଥିବା ବେଳେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ସରକାର ବିରୋଧରେ ଜନମତ ସୃଷ୍ଟି ହୋଇଛି। ୪ଟି ଯାକ ସିଟ୍‌ରେ ଭାଜପା ବିଜୟୀ ହେବ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, କଂଗ୍ରେସ ପ୍ରଥମ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିବ। ୪ଟି ଯାକ ସିଟ୍‌ରେ ଆମ ଦଳ ବିଜୟୀ ହେବ ବୋଲି ଦୃଢୋକ୍ତି କରିଛନ୍ତି। କେବଳ ବିଜେଡି ନୁହେଁ, କଂଗ୍ରେସ ଓ ଭାଜପା ମଧ୍ୟ ପ୍ରଥମ ପର୍ଯ୍ୟାୟର ସମସ୍ତ ଆସନ ହାତେଇନେବେ ବୋଲି ଦାବି କରୁଛନ୍ତି। ଗତ ନିର୍ବାଚନରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ବ୍ରହ୍ମପୁର ଲୋକ ସଭା ଆସନ ବିଜେଡି କବ୍ଜାରେ ରହିଥିଲା।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଏପ୍ରିଲ ୧୩/୨୦୧୯



# ସୁହାଇଲାନି ପାଗ, ଆସିଲେନି ଅଲିଭ୍ ରିଡ୍‌ଲେ

ବ୍ରହ୍ମପୁର ଅଫିସ୍, ୧୨।୪

ଚଳିତବର୍ଷ ଗଞ୍ଜାମ ଉପକୂଳକୁ ଅଣ୍ଡାଦେବାକୁ ଆସିଲେନି ଅଲିଭ୍ ରିଡଲେ କଇଁଛ । ଫେବୃୟାରୀ ଶେଷ କିମ୍ବା ମାର୍ଚ୍ଚ ପ୍ରଥମ ସପ୍ତାହରେ ଏମାନଙ୍କ ଆଗମନ ହେବ ବୋଲି ଆଶା କରାଯାଉଥିଲା। ଏବେ ଏପ୍ରିଲ୍ ଦ୍ୱିତୀୟ ସପ୍ତାହ ଚାଲିଛି। କିନ୍ତୁ ଏବେ ଯାଏ ଗଣଅଣ୍ଡାଦାନ ପାଇଁ ଆସିନାହାନ୍ତି ଅଲିଭ୍ ରିଡ୍‌ଲେ କଇଁଛ । ତଥାପି ଆଶା ହରାଇନି ବନ ବିଭାଗ। ସ୍ୱାଗତ ପାଇଁ ବ୍ୟାପକ ପ୍ରସ୍ତୁତି ଦେଖିବାକୁ ମିଳିଛି । କାହିଁକି ଚଳିତ ବର୍ଷ ଗଞ୍ଜାମ ଉପକୂଳରୁ ମୁହଁ ଫେରାଇ ନେଲେ ବିଦେଶୀ ଅତିଥି, ଏହାକୁ ନେଇ ନାନା କଳ୍ପନାଜଳ୍ପନା ଚାଲିଛି। କିନ୍ତୁ ପ୍ରତିକୂଳ ପାଗକୁ ଏଥି ପାଇଁ ଦୋଷ ଦିଆଯାଉଛି ।



ରୁଷିକୁଲ୍ୟା ମୁହାଣରେ ପର୍ଯ୍ୟଟକଙ୍କ ପାଇଁ ୭ପ୍ରକାରର ଅଲିଭ୍ ରିଡ୍‌ଲେ କଇଁଛ ପ୍ରତିକୃତି ପ୍ରସ୍ତୁତ କରାଯାଇଛି।

ନଭେମ୍ବର ଏବଂ ଡିସେମ୍ବରରେ ଅଲିଭ ରିଡ୍‌ଲେ କଇଁଛଗୁଡିକ ଶ୍ରୀଲଙ୍କାରୁ ଗଞ୍ଜାମ ଉପକୂଳକୁ ଆସିଥାନ୍ତି। ଏହି ସମୟରେ ସମୁଦ୍ର ଭିତରେ ସେମାନଙ୍କ ସମୂହ ମିଳନ ହୋଇଥାଏ। ମିଳନ ପରେ ଉପକୂଳକୁ ଅଣ୍ଡଦାନ ପାଇଁ ଆସିଥାନ୍ତି। ଏହି ଅଣ୍ଡାଦାନ ପ୍ରକ୍ରିୟାର ସମୟ ପ୍ରତିବର୍ଷ ବଦଳି ଥାଏ। କେଉଁ ବର୍ଷ ଫେବୃୟାରୀ ତ ପୁଣି ଆଉ କେଉଁ ବର୍ଷ ମାର୍ଚ୍ଚରେ ଗଣ ଅଣ୍ଡାଦାନ ହୋଇଥିବା ଦେଖିବାକୁ ମିଳେ। ୨୦୧୮ ଫେବୃୟାରୀ ଶେଷ ସପ୍ତାହରେ ଗଣ ଅଣ୍ଡାଦାନ ହୋଇଥିଲା। ରେକର୍ଡ଼ ସଂଖ୍ୟକ ସାଢ଼େ ୪ଲକ୍ଷରୁ ଅଧିକ କଇଁଛ ଅଣ୍ଡା ଦେଇଥିଲେ । ଗତ ବର୍ଷର ରେକର୍ଡ଼କୁ ଦେଖି ଉତ୍ସାହିତ ହୋଇଥିଲା ବନ ବିଭାଗ। ଚଳିତ ବର୍ଷ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମୋଟ ପ୍ରାୟ ୮କି.ମି. ଉପକୂଳରେ ତାର ଜାଲ ଭିଡ଼ିବାଠାରୁ ସିସିଟିଭି କ୍ୟାମେରା ଖଞ୍ଜିବା, ସୁରକ୍ଷା ପାଇଁ ବ୍ୟାପକ ଫୋର୍ସ ମୁତୟନ, ପର୍ଯ୍ୟଟକଙ୍କ ପାଇଁ ଅତ୍ୟାଧୁନିକ ସୁବିଧା, ପ୍ରଦର୍ଶନୀ କେନ୍ଦ୍ର ଏବଂ ଅଲିଭ୍ ରିଡ୍‌ଲେଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିବା ପାଇଁ ଅନେକ ପଦକ୍ଷେପ ହାତକୁ ନିଆଯାଇଥିଲା। ଏଥର ମଧ୍ୟ ଫେବୃୟାରୀ ଶେଷ ସପ୍ତାହରେ ଅଣ୍ଡାଦାନ ହେବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଫେବୃୟାରୀ ସରି ମାର୍ଚ୍ଚ ଶେଷ ହୋଇଗଲା। ହେଲେ ଅଲିଭ୍ ରିଡ୍‌ଲେ ଆସିଲେ ନାହିଁ, କାଁ ଭାଁ ଅଣ୍ଡାଦାନ ହୋଇଛି । ମାର୍ଚ୍ଚ ପ୍ରଥମ ସପ୍ତାହରୁ ବର୍ତ୍ତମାନ ସୁଦ୍ଧା ମାତ୍ର ୨୨୯୭ କଇଁଛ ଅଣ୍ଡା ଦେଇଛନ୍ତି। କଇଁଛ ନ ଆସିବା ସତ୍ତ୍ୱେ ଆଶା ହରାଇ ନାହିଁ ବନ ବିଭାଗ।

ଚଳିତ ବର୍ଷ କଇଁଛଗୁଡିକ

## ନିରାଶ ସତ୍ତ୍ୱେ ଆଗମନକୁ ଆଶା

ନ ଆସିବା ପଛରେ ଖରାପ ପାଗ ମୁଖ୍ୟ କାରଣ ବୋଲି କୁହନ୍ତି ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ ବେହେରା। ତାଙ୍କ କହିବାନୁଯାୟୀ, ଫେବୃୟାରୀ ଏବଂ ମାର୍ଚ୍ଚରେ ନିୟମିତ ବ୍ୟବଧାନରେ ବର୍ଷା ହେଲା। ଫଳରେ ଉପକୂଳର ବାଲି ଓଦା ହୋଇ ଟାଣ ହୋଇଗଲା। ବାଲି ଶୁଖିଲା ଥିଲେ ଗାତ ଖୋଳିବା ସହଜ । ହେଲେ ଟାଣ ବାଲି ଟାଣ ହୋଇଯିବା ଯୋଗୁ ଅଣ୍ଡା ରଖିବା ପାଇଁ ଗାତ ଖୋଳିବା ଗର୍ଭସ୍ଥ କଇଁଛଙ୍କ ପକ୍ଷେ ସମ୍ଭବ ନୁହଁ । ଏପରିକି ଓଦା ବାଲି ଭିତରେ ଅଣ୍ଡା ରଖିଲେ ମଧ୍ୟ ଫିମ୍ପିଲାଗି ନଷ୍ଟ ହୋଇଯାଇଥାଏ। ସେହିଭଳି ପାଗ ଅଧିକାଂଶ ମେଘୁଆ ରହିଲା। ଯାହା କଇଁଛଙ୍କ ଆଗମନରେ ପ୍ରତିବନ୍ଧକ ସାଜିଥିଲା। ତେବେ ପୂର୍ବରୁ ତିନି ଥର ଦେଖାଦେଇଛି, ଏପ୍ରିଲ୍ ମଧ୍ୟଭାଗ ଆଡ଼କୁ ଅଲିଭ୍ ରିଡ୍‌ଲେଗୁଡିକ ଅଣ୍ଡା ଦେବାକୁ ଆସିଛନ୍ତି। ଗତ ବର୍ଷ ଫେବୃୟାରୀ ପରେ ଏପ୍ରିଲ୍‌ରେ ଦ୍ୱିତୀୟ ଦଫା ଅଣ୍ଡାଦାନ ହୋଇଥିଲା। ବର୍ତ୍ତମାନ ଏପ୍ରିଲ୍ ଚାଲିଥିବା ଯୋଗୁ କଇଁଛଗୁଡିକ ଅଣ୍ଡାଦେବାକୁ ଆସିପାରନ୍ତି ବୋଲି ଆଶା କରାଯାଉଛି। ବନ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସେ ପ୍ରକାଶ କରିଛନ୍ତି।




କଇଁଛଙ୍କ ସମ୍ପର୍କରେ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିବା ପୋଷ୍ଟର୍ ।

### ଆଜି ଶ୍ରୀରାମ ନବମୀ

# ନୂଆରୂପ ନେଉଛି ମହୋତ୍ସବ

ଭଦ୍ରକ ଅଫିସ, ୧୨।୪

ଭଦ୍ରକ ସହରରେ ଶ୍ରୀରାମ ନବମୀ ଏକ ଗଣପର୍ବ ଭାବେ ପରିଚିତ। ସାରା ଓଡିଶାର କୋଣ ଅନୁକୋଣରୁ ଭକ୍ତମାନେ ଆସି ଏହି ପର୍ବରେ ସାମିଲ ହେଇଥାନ୍ତି। ଶନିବାର ଶ୍ରୀରାମ ନବମୀ ଉପଲକ୍ଷେ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହେବ। ଶୁକ୍ରବାର ହନୁମାନ ଚାଳିଶା, ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଶନିବାର ପାଇଁ ବିଭିନ୍ନ ସେବାକାରୀ ଦଳ ପ୍ରସ୍ତୁତ ହୋଇସାରିଲାଣି। ଏହି ପର୍ବ ଉପଲକ୍ଷେ ବିପୁଳ ଜନସମାଗମ ଦେଖିବାକୁ ମିଳିଛି। ଶ୍ରୀରାମ ମହାଯଜ୍ଞ ସମିତି ଗଠନ କରାଯାଇ ଏହି ଗଣପର୍ବ ଇତିମଧ୍ୟରେ ୨୯ ବର୍ଷ ଅତିକ୍ରାନ୍ତ କରିସାରିଲାଣି। ୧୯୯୧ ରୁ ଆରମ୍ଭ ହୋଇଥିବା ଶ୍ରୀରାମ ନବମୀ ୧୯୯୨ ଓ ୧୯୯୩ କୁ ବାଦ୍ ଦେଲେ ସହରରେ ଭବ୍ୟ ମହୋତ୍ସବ ଭାବେ ପାଳିତ ହୋଇଆସୁଛି। ପୂର୍ବରୁ ଜିଲାର କୋଣ ଅନୁକୋଣରୁ ପ୍ରତିଘରୁ ମୁଠିଚାଉଳ ଓ ଆର୍ଥିକ ସହାୟତା ସଂଗ୍ରହ କରାଯାଇ ଏହି ପର୍ବ ପାଳନ ଆରମ୍ଭ ହୋଇଥିଲା। ଜିଲାବାସୀଙ୍କ

## ଚୂଡାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି

ଆକୁଣ୍ଠ ସହାୟତା ଓ ସହଯୋଗ କ୍ରମେ ପ୍ରତିବର୍ଷ ଏହି ମହୋତ୍ସବ ନୂଆରୂପ ନେଉଛି। ୨୦୧୬ରେ ଶ୍ରୀରାମ ନବମୀ ମହୋତ୍ସବର ରୌପ୍ୟ ଜୟନ୍ତୀ ପାଳିତ ହୋଇଛି। ଏଥର ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ମହୋତ୍ସବ ପାଳନ କରାଯାଉଛି। ସବୁ ସମ୍ପ୍ରଦାୟର ଲୋକେ ଏଥିରେ ସାମିଲ ହେବା ମହୋତ୍ସବରେ ନିଆରା ଆକର୍ଷଣ ପାଲଟିଛି।

## ନଗର ସଂକୀର୍ତ୍ତନ ରୁଟ୍ ଚାର୍ଟ

ରାମନବମୀ ପାଇଁ ନେହେରୁ ଷ୍ଟାଡିୟମରୁ ନଗର ସଂକୀର୍ତ୍ତନ ୩ଟା୪୫ରେ ବାହାରି ବନ୍ତ ଛକ, ଅପର୍ତ୍ତିବିନ୍ଧା ଛକ, କଚେରି ଛକ, ଜିଲା ସ୍କୁଲ ଛକ, ଟାଉନହଲ୍ ଛକ, ଥାନା ଛକ, ରାଜଘାଟ ଗୋଶାଳ ଛକ, ଫେକର ଅଫିସ୍ ଛକ, କଦମ୍ବେଡା ଛକ, ଚନ୍ଦନବଜାର ଛକ, ପୁରୁଣାବଜାର, ପାନବରଜ ଛକ, କଚେରିଛକ ରାତି ୧୦ଟା ସୁଦ୍ଧା ଗାନ୍ଧୀପଡିଆରେ ସମସ୍ତ ମେଢ ପହଞ୍ଚିବ ବୋଲି ନିଷ୍ପତ୍ତି ନିଆଯାଇଛି।



ହନୁମାନ ଚାଳିଶା ପାଠ କରାଯାଉଛି।

# ଝଡ଼ବର୍ଷାରେ ଗଛ ଭାଙ୍ଗିଲା, ମୁଜାଗଡ ରାସ୍ତା ବନ୍ଦ

**ଭଞ୍ଜନଗର,୧୨।୪(ଡି.ଏନ୍.ଏ.):** ଭଞ୍ଜନଗର ବ୍ଲକ ଗାଲେରୀ ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଝଡତୋଫାନ ସହ ବର୍ଷା ହୋଇଛି। ଏହା ପ୍ରଭାବରେ ଝାଲିଆଗୋଛା ସେତୁକୁ ଲାଗି ଏକ ପୁରୁଣା ଗଛ ଭାଙ୍ଗି ରାସ୍ତା ଉପରେ ପଡିଥିଲା। ଫଳରେ କିଛି ସମୟ ପାଇଁ ଗାଲେରୀ-ମୁଜାଗଡ ରାସ୍ତାରେ ଚଳାଚଳ ବନ୍ଦ ହୋଇଯାଇଥିଲା। ଏହାପରେ ସମ୍ପୃକ୍ତ ଅଞ୍ଚଳବାସୀ ଗଛ କାଟି ବାହାର କରିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା।

# ୩ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୧୨।୪(ଡି.ଏନ୍.ଏ.):** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଥାନାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୩ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ସମୁଦାୟ ୧୪ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା (ନଂ. ୭/୧୯, ୯/୧୯ ଓ ୧୦/୧୯) ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କାଣ୍ଡଗରଡ଼ି ଗାଁର ସିନ୍ଧୁ ଚରଣ ପରିଡ଼ା (୪୧), ଚଣ୍ଡିପୁର ଗାଁର ନାଗା ସିଂ (୪୦) ଓ ଗୁଜୁଡ଼ିହା ଗାଁର ମାଳତୀ ବେହେରା (୩୫)। ଅବକାରୀ ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶରେ ନିରୀକ୍ଷକ ରାଜେନ୍ଦ୍ର ଭତ୍ରାଙ୍କ ନେତୃତ୍ୱରେ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନ, ସହକାରୀ ଉପନୀରିକ୍ଷକ ଜୟନ୍ତୀ ଆଚାର୍ଯ୍ୟଙ୍କ ସମେତ ଅବକାରୀ ଟିମ୍ ଚଢ଼ାଉରେ ସାମିଲ ଥିଲେ।

# ସରିଲା ପ୍ରଥମ ପର୍ଯ୍ୟାୟ ଘଟ ପରିକ୍ରମା



ମହିଳାମାନେ ଧର୍ମଝଣ୍ଡା ମୂଳରେ ପୂଜା କରୁଛନ୍ତି।

ବ୍ରହ୍ମପୁର ଅଫିସ,୧୨।୪

- ୬ ସାହି ପରିକ୍ରମା
- ଯାତ୍ରା ଦାଣ୍ଡକୁ ଆସିବାକୁ ପ୍ରସ୍ତୁତ ହେଉଛି ରଥ, କଳାକୁଞ୍ଜ

ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଶୁକ୍ରବାର ୧୪ ଦିନରେ ପହଞ୍ଚିଛି । ଏହି କ୍ରମରେ ମା'ଙ୍କ ପ୍ରଥମ ପର୍ଯ୍ୟାୟ ଘଟ ପରିକ୍ରମା ଶେଷ ହୋଇଛି । ଯାତ୍ରା ପରମ୍ପରା ଅନୁସାରେ ଏହି ପର୍ଯ୍ୟାୟରେ ମା' ସାହି ପରିକ୍ରମା ବେଳେ ରଥ ଓ କଳାକୁଞ୍ଜ ଆମନ୍ତ୍ରଣ ପର୍ବ ସମାପ୍ତ ହୋଇଛି। ଶୁକ୍ରବାରରୁ ମା'ଙ୍କ ଦ୍ୱିତୀୟ ପର୍ଯ୍ୟାୟ ଘଟ ପରିକ୍ରମା ଆରମ୍ଭ ହୋଇଛି । ପରମ୍ପରା ଅନୁସାରେ ଏହି ପର୍ଯ୍ୟାୟରେ ମା' ବିଭିନ୍ନ ସାହି ପରିକ୍ରମା କରି ପୂର୍ବ ନିମନ୍ତ୍ରିତ ରଥକୁ ଉନ୍ମୋଚନ କରିବେ । ଏହି ସମୟରେ ମା'ଙ୍କ ସମ୍ମୁଖରେ କେତେକ ରଥର ମସ୍ତକ ସ୍ଥାପନ କରାଯିବ । ଏହି ପର୍ଯ୍ୟାୟରେ ଯାତ୍ରାସ୍ଥଳ ଦେଶୀବେହେରା ସାହି ସମେତ ବଡବଜାର, ସାନବଜାର ଓ ପୁରୁଣାବ୍ରହ୍ମପୁର ଅଞ୍ଚଳର ବିଭିନ୍ନ ସାହିରେ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଭିଡ ଜମିବ । ଅପରପକ୍ଷରେ ମା'ଙ୍କ ଯାତ୍ରାକୁ ଶନିବାର ୧୫ ଦିନ ପୂରିବ । ଯାତ୍ରା ଅବଧି ଆଉ ୧୫ ଦିନ ବାକି ରହିଥିବାରୁ ଅସ୍ଥାୟୀ ପୀଠ ତଥା ବାପଘରେ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଏବେ ଭିଡ ବଢୁଛି । ମାନସିକ ବେଶଧାରୀଙ୍କ ସମେତ ବାଘ ଓ ବିଭିନ୍ନ ଦଳ ଗତ ବେଶ ଓ ଚାଙ୍ଗୁବାଦ୍ୟରେ ଏବେ ଦେଶୀବେହେରା ସାହି ସମେତ ସମଗ୍ର ସହର ପ୍ରକମ୍ପିତ ହେଉଛି ।

ଶୁକ୍ରବାର ଭୋରୁ ମା'ଙ୍କ ରୀତିନୀତି ଶେଷ ହେବା ପରେ ଅସ୍ଥାୟୀ ପୀଠରେ ଭିଡ ଜମିଥିଲା । ମା'ଙ୍କ ଯାତ୍ରା ସମୟସୀମା କମୁଥିବାରୁ ଦର୍ଶନ ଓ ମାନସିକ ପୂରଣ ଅଭିଳାଷ ନେଇ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଭିଡ ଜମାଇଥିଲେ । ମାନସିକବେଶଧାରୀମାନେ ବିଭିନ୍ନ ବେଶ ଧାରଣ କରି ଗଳି କନ୍ଦି ବୁଲିବା ସହ ସେଠାରୁ ସଂଗ୍ରହ କରିଥିବା ଭିକ୍ଷାରେ ମା'ଙ୍କୁ ଭୋଗ ଅର୍ପଣ କରିଥିଲେ। ଅନ୍ୟପଟରେ ଦେଶୀବେହେରା ସାହି ସମେତ ନଡିଆ ଗୁର୍ଜି, ଗୁଡବଜାରର ବିଭିନ୍ନ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଯାତ୍ରାସ୍ଥଳ ଓ ଏହାର ଆଖପାଖ ସାହିରେ ଏବେ ରଙ୍ଗିନ ଆଲୋକମାଳା ଓ ସାଜସଜ୍ଜା କାର୍ଯ୍ୟ ଆରମ୍ଭ ହୋଇଛି । ବିଭିନ୍ନ ସାହିରେ ମଧ୍ୟ ରଥ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଥିବା ଜଣାପଡିଛି । ସନ୍ଧ୍ୟାରେ ପାରମ୍ପରିକ ଭାବେ ମା'ଙ୍କ ଘଟ ପରିକ୍ରମା ଅନୁଷ୍ଠିତ ହୋଇଥିଲା । ବାଦ୍ୟ, ବାଜଣା, ମହୁରୀ ହୁଳହୁଳି ମଧ୍ୟରେ ମା' ଦେବକୀ ଠାକୁରାଣୀଙ୍କ ମୁଖ୍ୟଘଟକୁ ମୁଣ୍ଡାଇଥିଲେ ଏବଂ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱଘଟକୁ ମୁଣ୍ଡାଇ ସାହି ପରିକ୍ରମାରେ ବାହାରିଥିଲେ । ଶହ ଶହ ଶ୍ରଦ୍ଧାଳୁଙ୍କ ମେଳରେ ମା'ଙ୍କ ଘଟ ଶୋଭାଯାତ୍ରା ଅସ୍ଥାୟୀ ପୀଠରୁ ବାହାରି ପ୍ରଥମେ ରାଜବାଟିକୁ ଯାଇଥିଲା । ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ଆଳତି ସହ ପୂଜାର୍ଚ୍ଚନା କରିବା ପରେ ଘଟ ବିଭିନ୍ନ ସାହି ପରିକ୍ରମା କରିଥିଲା । ଯାତ୍ରାର ୧୪ତମ ଦିନରେ ମା'ଙ୍କ ଘଟ ଶୋଭାଯାତ୍ରା ୬ ସାହି ପରିକ୍ରମା କରିଥିଲା । ରାଜବାଟିରୁ ମା'ଙ୍କ ଘଟ ବଡବଜାର ଦେଇ ଚନ୍ଦ୍ରମା ସାହି, ବାଲିଙ୍ଗିପେଟା, ଗୋବର୍ଦ୍ଧନ ପେଟା, ଆଡୁଆ ସାହି, କାଠମାଣ୍ଡୁ ରୋଡ ଓ ବାରିଆବିଲ ସାହି ପରିକ୍ରମା କରିଥିଲା । ଏହାପରେ କେଦାରେଶ୍ୱର ରେଡ, ଦେଶୀବେହେରା ସାହି ହୋଇ ଘଟ ଅସ୍ଥାୟୀ ପୀଠରେ ବହୁଡିଥିଲେ । ଉପରୋକ୍ତ ସାହି ପରିକ୍ରମା ବେଳେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଥିଲା । ମହିଳାମାନେ ଘର ଦୁଆର ମୁହଁରେ ପାଣି କୁମ୍ଭ ରଖିବା ସହ ହଳଦୀ କର୍ପୁର ମିଶା ପାଣିକୁ ମୁଖ୍ୟଘଟଧାରୀଙ୍କ ପାଦରେ ଢାଳିଥିଲେ ।





Format C-2

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Legislative Assembly Election 2019 PHASE-II**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | TANKADHAR KANTA | Padampur | SDJM court Padampur CT GR-415/11 (Pending) | U/S 448 294 506 of IPC (On 25.10.2011 at 3PM at Gathuguda UGME School while a meeting was running the accused Tanadhar kanta entered into school campus and scolded filthy languages and threatned to kill the complainant) | N.A | N.A |
| | TANKADHAR KANTA | Padampur | SDJM court Padampur CT GR-68/13 (Pending) | U/S 452 341 323 294 506 of IPC (On 02.03.2013 at 7.30 PM at Asha Training Centre of Shanti nagar Padampur the accused Tanadhar kanta entered and abuse and threatned to kill and assaulted) | N.A | N.A |
| 2 | ASHOK KALET | Bijepur | SDJM Padampur Dist Bargarh GR-210/2000 charges framed on 19.09.2007 (Pending) | U/S 384 500 34 OF IPC (Extortion Defamation & Common intention | N.A | N.A |
| 3 | BISHNU CHARAN MAHANTA | Rourkela | In the court of SDJM Panposh at Rourkela G R case No 628/2016 (Pending) | U/S 143 147 323 294 506 &149 of IPC (Protested In scarcity of water in RSP Township locality for the benefit of public at large | N.A | N.A |
| 4 | LABA SUNA | Patnagarh | GR NO 30/2012 (Pending) | U/S 376 511/109 of IPC (Rape allegation) | N.A | N.A |
| | LABA SUNA | Patnagarh | GR NO 261/2012 (Pending) | U/S 34 329 of IPC (Grivious hunt) | N.A | N.A |

## ଜୁଲାଇ ୪ରେ ରଥଯାତ୍ରା

ଜୁନ୍ ୧୭ ତାରିଖରେ ସ୍ନାନଯାତ୍ରା। ମହାପ୍ରଭୁ ୧୦୮ ଗରା ସୁବାସିତ ଜଳରେ ସ୍ନାନକରି ଜ୍ୱରରେ ପଡିବେ। ଏହି ଦିନଠାରୁ ଅନବସର ଘରେ ରହିବେ ଚତୁର୍ଦ୍ଧା ବିଗ୍ରହ। ଜୁଲାଇ ୪ରେ ରଥଯାତ୍ରା ଏବଂ ୧୨ରେ ବାହୁଡ଼ା ଯାତ୍ରା। ଏହା ପରଦିନ ଅର୍ଥାତ୍ ଜୁଲାଇ ୧୩ରେ ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ଦାରୁବିଗ୍ରହ। ଏହି ତିଥି, ବାର ଓ ତାରିଖ ଉପରେ ମୋହର ଲଗାଇଛି ଶ୍ରୀମନ୍ଦିର ପ୍ରଶାସନ। ୨୦୧୯–୨୦ ବର୍ଷରେ ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା ଯାନିଯାତ୍ରା ଓ ପର୍ବପର୍ବାଣିଗୁଡ଼ିକର ତିଥି, ବାର ଓ ତାରିଖ ନିର୍ଦ୍ଧାରଣ କରାଯାଇଛି।

# କାର୍ ଧକ୍କାରେ ଫ୍ଲାଇଂ ସ୍କ୍ୱାଡ କନଷ୍ଟେବଲ ଗୁରୁତର

**ବାଲେଶ୍ୱର ଅଫିସ, ୧୨।୪**

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ୧୬ନମ୍ବର ଜାତୀୟ ରାଜପଥ ରେମୁଣା ଗୋଲେଇ ବ୍ରିଜ୍ ଉପରେ ଶୁକ୍ରବାର ରେମୁଣା ବିଡ଼ିଓ ଆଶୀର୍ବାଦ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଫ୍ଲାଇଂ ସ୍କ୍ୱାଡ଼ରେ ୭ଜଣିଆ ପୋଲିସ ଟିମ୍ ଯାଞ୍ଚ କରୁଥିବା ବେଳେ ଏକ କାର୍ (ନଂ.ଓଡ଼ି୦୫ଆର୍–୯୫୯୯) ଧକ୍କା ଦେଇଥିଲା। ଏଥିରେ କାର୍ଯ୍ୟରତ ଏପିଆର୍ କନଷ୍ଟେବଲ ବୁଦ୍ଧିରାମ ମୁର୍ମୁ (୩୨) ଗୁରୁତର ଆହତ ହୋଇଛନ୍ତି। କଲିକତାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏହି କାର୍‌କୁ କନଷ୍ଟେବଲ ବୁଦ୍ଧିରାମ ଅଟକାଇବା ପାଇଁ ସାମ୍ନାକୁ ଯାଇଥିବା ବେଳେ ଗାଡ଼ିଟି ନ ଅଟକି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। କନଷ୍ଟେବଲ ରାସ୍ତାକଡ଼କୁ ଛିଟକି ପଡ଼ିଥିଲେ। ତାଙ୍କର ବାମପଟ ଗାଲ, ମୁଣ୍ଡ, ହାତ ଏବଂ ଗୋଡ଼ କ୍ଷତବିକ୍ଷତ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜିଲା ମୁଖ୍ୟଚିକିତ୍ସାଳୟରେ ପହଞ୍ଚି ଚିକିତ୍ସାଧୀନ କନେଷ୍ଟବଲଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଘଟଣା ସମ୍ପର୍କରେ ପ୍ରଶାସନ ସହ ଆଲୋଚନା କରିଛନ୍ତି।


ଆହତ କନଷ୍ଟେବଲଙ୍କୁ ଭାଜପା ଏମ୍‌ପି ପ୍ରାର୍ଥୀ ଭେଟୁଛନ୍ତି।

ଭାଜପାରେ ନେତାଙ୍କୁ ଦାୟିତ୍ୱ ବଣ୍ଟନ

## ପ୍ରବୀଣ ମୟୂରଭଞ୍ଜ ଜିଲା ପ୍ରଚାର କମିଟି ଅଧ୍ୟକ୍ଷ

**ଭୁବନେଶ୍ୱର, ୧୨।୪ (ବ୍ୟୁରୋ):** ସାଧାରଣ ନିର୍ବାଚନରେ ଭାଜପାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଦଳରେ ବହୁ ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଦିଆଯାଇଛି। ମୟୂରଭଞ୍ଜ ଜିଲାର ସାଙ୍ଗଠନିକ କାର୍ଯ୍ୟ ଏବଂ ନିର୍ବାଚନୀ ପ୍ରଚାରକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ଜିଲା ପ୍ରଚାର କମିଟି ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି । ପୂର୍ବତନ ମନ୍ତ୍ରୀ ପ୍ରବୀଣ ଭଞ୍ଜଦେଓ କମିଟି ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ଲକ୍ଷ୍ମଣ ଟୁଡୁଙ୍କୁ କମିଟି ଉପାଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଅଛି । ଏହି କମିଟିର ସଂଯୋଜକ ଭାବେ ରାଜ୍ୟ ପ୍ରବକ୍ତା ଜୀବନ ସାହୁ ଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ଜିଲା ପରିଷଦ ଉପାଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁ, ସଞ୍ଜୀବ ମହାନ୍ତି, ମନୋଜ ଦାସ, କମଳ ଧଳ, ପ୍ରମିଳା ପଣ୍ଡା, କବି ବିଷ୍ଣୁ ଶତପଥୀ, ଚିତ୍ତରଞ୍ଜନ ଦାସ, ଅବନୀ ମହାନ୍ତ, ବିରାମ ମୁର୍ମୁ, ଛୋଟେଲାଲ୍ ମହାନ୍ତ, କମଳେନ୍ଦୁ ମହାନ୍ତି କମିଟି ସଦସ୍ୟ ଦାୟିତ୍ୱ ପାଇଥିବା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି।

■ ୪ ଲଞ୍ଚ ଚାଳକଙ୍କୁ ଅପହରଣ ଘଟଣା

# ସ୍ପଷ୍ଟ ହୋଇନାହିଁ ପ୍ରକୃତ ଚିତ୍ର

**ମାଲକାନଗିରି/ଚିତ୍ରକୋଣ୍ଡା, ୧୨।୪ (ଡି.ଏନ.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବିଚ୍ଛିନ୍ନାଞ୍ଚଳର ପଣସପୁଟ, ଅଣ୍ଡିରାପାଲି ଓ ଯୋଡାମ୍ବ ପଞ୍ଚାୟତର ଲୋକେ ଗତ ୧୧ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ସାମିଲ ନ ହୋଇ ଭୋଟ ବର୍ଜନ କରିଥିଲେ। ପଣସପୁଟ, ଅଣ୍ଡିରାପାଲି ଓ ଯୋଡାମ୍ବ ଗ୍ରାମପଞ୍ଚାୟତକୁ ନେଇ ଗଠିତ ବିଚ୍ଛିନ୍ନାଞ୍ଚଳ ବିକାଶ ମଞ୍ଚ ନିର୍ବାଚନର ୧୫ ଦିନ ପୂର୍ବରୁ ଏକ ବୈଠକ କରି ବିଚ୍ଛିନ୍ନାଞ୍ଚଳର ବିକାଶ ପାଇଁ ୩୧ ଦଫା ସମ୍ବଳିତ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଥିଲା। ଏଥିରେ ପାନୀୟ ଜଳ, ଚେକଡ୍ୟାମ, ବିଦ୍ୟାଳୟ ଗୃହ, ଶିକ୍ଷକ ନିଯୁକ୍ତି ସମେତ ଅନ୍ୟାନ୍ୟ ଦାବି ରହିଥିଲା। ଦାବିପୂରଣ ନ ହେଲେ ଭୋଟ ବର୍ଜନ ପାଇଁ ମଧ୍ୟ ଚେତାବନୀ ଦେଇଥିଲେ। ସ୍ୱାଭିମାନ ଅଞ୍ଚଳରେ ଗୁରୁପ୍ରିୟା ସେତୁ ହୋଇଥିଲେ ହେଁ ପ୍ରକୃତ ବିକାଶ ହୋଇନାହିଁ। ଏବେ ବି ଅନେକ ପଞ୍ଚାୟତରେ ବିକାଶ ଅପହଞ୍ଚ ହୋଇ ରହିଛି ବୋଲି ମଞ୍ଚ ପକ୍ଷରୁ କୁହାଯାଇଥିଲା। ଜିଲା ପ୍ରଶାସନ ମଞ୍ଚର ଦାବିଗୁଡ଼ିକ ନେଇ କୌଣସି ପଦକ୍ଷେପ ନ ନେବାରୁ ମଞ୍ଚ ନିର୍ବାଚନ ଧାର୍ଯ୍ୟ ତାରିଖ ପୂର୍ବରୁ ବିଚ୍ଛିନ୍ନାଞ୍ଚଳକୁ ଯାତାୟାତ କରୁଥିବା ୪ଟି ଲଞ୍ଚ, ଏହାର ଚାଳକ ଓ କର୍ମଚାରୀଙ୍କୁ ନେଇ ସିନ୍ଧିପୁଟର ଏକ ସ୍ଥାନରେ ଅଟକ ରଖି ଭୋଟ ବର୍ଜନ କରିଥିଲେ। ଭୋଟ ସମୟ ସରିବା ପରେ ବୋଟ୍ ଓ କର୍ମଚାରୀଙ୍କୁ ଛାଡିଥିଲେ। ଏହି ସମୟରେ ବିକାଶ ମଞ୍ଚ ପକ୍ଷରୁ ଲଞ୍ଚରେ ନାଲି ଅକ୍ଷରରେ ଲେଖାଥିବା ୩୧ ଦାବି ସମ୍ବଳିତ ପତ୍ର ମରାଯାଇଥିଲା। ଏହାକୁ ଚିତ୍ରକୋଣ୍ଡା ପୋଲିସ ଜବତ କରିଛି। ମାଓବାଦୀଙ୍କ ଧମକରେ ମଞ୍ଚ ଏଭଳି କରିଛି କି ବିଚ୍ଛିନ୍ନାଞ୍ଚଳର ବିକାଶ ପାଇଁ ଏପରି ଭୋଟ ବର୍ଜନ କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଏହାର ସତ୍ୟାସତ୍ୟ ନେଇ ପ୍ରଶାସନର କୌଣସି ଅଧିକାରୀ ମୁହଁ ଖୋଲୁନାହାନ୍ତି। ଫଳରେ ଏହି ଘଟଣା ସନ୍ଦେହ ଘେରରେ ରହିଛି। ଅନ୍ୟପକ୍ଷରେ ଅଟକ ୪ଟି ଲଞ୍ଚ ଶୁକ୍ରବାର ଚିତ୍ରକୋଣ୍ଡାସ୍ଥିତ ବାଲିମେଳା ଜଳଭଣ୍ଡାରର ଲଞ୍ଚ ଘାଟରେ ପହଞ୍ଚିଛି ।

# ଗାଁ ଗିଳିଦେଲା ଗ୍ୟାସ୍ ନିଆଁ


ଜଳିଯାଇଥିବା ଘର।

**ବଣ୍ଡା, ୧୨।୪ (ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ପଞ୍ଚାୟତ ଭୋଗରା କିଷାନସାହିରେ ଶୁକ୍ରବାର ମଧ୍ୟାହ୍ନରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ଗ୍ୟାସ୍ ଟାଙ୍କି ଫାଟି ଲାଗିଥିବା ନିଆଁରେ ଗାଁର ୧୧୯ ବଖରା ଜଳି ଛାରଖାର୍ ହୋଇଯାଇଛି। ଘରେ ଥିବା ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିବାରୁ ସର୍ବସ୍ୱାନ୍ତ ହୋଇପଡିଛନ୍ତି ୪୦ ପରିବାର।

ଘଟଣାରୁ ଜଣାପଡିଛି, ଗ୍ରାମର ଛବି ପ୍ରଧାନଙ୍କ ଘରେ ରୋଷେଇ ଚାଲିଥିବାବେଳେ ହଠାତ୍ ଗ୍ୟାସ ଟାଙ୍କି ଫାଟି ନିଆଁ ଲାଗିଯାଇଥିଲା। ଏଥିରେ ତାଙ୍କର ୩ ବଖରା ଜଳିଯିବା ସହ ପାଖରେ ଥିବା ଅନ୍ୟ ଘରକୁ ନିଆଁ ବ୍ୟାପିଥିଲା। ପ୍ରବଳ ଖରା ଓ ପବନ ହେଉଥିବାରୁ ଏହାକୁ ଆୟତ୍ତ କରାଯାଇପାରି ନ ଥିଲା। ଫଳରେ ଗୋଟିଏ ପରେ ଗୋଟିଏ ଏପରି ୪୦ ପରିବାରର ୧୧୯ ବଖରାକୁ ନିଆଁ ଗିଳିଦେଇଥିଲା। ଅଧିକାଂଶ ପରିବାର ଦିନ ମଜୁରିଆ ହୋଇଥିବାରୁ ସେମାନେ ଇଟା ଭାଟିକୁ କାମ କରିବାକୁ ପଳାଇଯାଇଥିଲେ। ନିଆଁ ଲାଗିଥିବା

**୧୧୯ ବଖରା ପାଉଁଶ**

ଖବରପାଇ ସେଠାରେ ପହଞ୍ଚିଲାବେଳକୁ କୌଣସି ଜିନିଷ ଘରୁ ବାହାର କରିପାରି ନ ଥିଲେ। ଏଥିରେ ସେମାନଙ୍କ ଘରକରଣା ସାମଗ୍ରୀ ସହ ଜମିପଟ୍ଟା, ଭୋଟର ପରିଚୟ ପତ୍ର, ଆଧାର କାର୍ଡ଼, ଧାନ, ଚାଉଳ, ପୋଷାକ ଓ ନଗଦ ଟଙ୍କା ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ଆଠମଲ୍ଲିକ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ କ୍ଷୀପ୍ର ଗତିରେ ନିଆଁ ବ୍ୟାପୁ ଥିବାରୁ ଏହାକୁ ଆୟତ୍ତ କରିବା କଷ୍ଟକର ହୋଇପଡିଥିଲା। ଗ୍ରାମବାସୀଙ୍କ ସହାୟତାରେ ବହୁ ବିଳମ୍ବରେ ନିଆଁ ଲିଭାଯାଇଥିଲା। ଆଠମଲ୍ଲିକ ରାଜସ୍ୱ ପରିଦର୍ଶକ ରଶ୍ମି ରଞ୍ଜନ ହୋତା, ଠାକୁରଗଡ଼ ଆରଆଇ ବିଶ୍ୱଜିତ ମୁଦୁଲି, ଆମ୍ବଶରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରି ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡ ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି। ସେହିପରି ପଞ୍ଚାୟତବାସୀଙ୍କ ପକ୍ଷରୁ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଉଲିବୁରୁ ଖଣି ଦୁର୍ନୀତି

## ଜବାବ ଦାଖଲ ପାଇଁ ସମୟ ନେଲେ ଆବେଦନକାରୀ

**କଟକ ଅଫିସ, ୧୨।୪:** ରାଜ୍ୟର ବହୁଚର୍ଚ୍ଚିତ ଉଲିବୁରୁ ଖଣି ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତା ଜାମିନ ପାଇଁ ହାଇକୋର୍ଟ ଆସିଛନ୍ତି। ଏଥିପୂର୍ବରୁ ଦୀପକ ଜାମିନ ପାଇଁ ୫ ଥର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ତେବେ ଷଷ୍ଠ ଥର ପାଇଁ ସେ ପୁନର୍ବାର ହାଇକୋର୍ଟ ଆସିଛନ୍ତି। ଶୁକ୍ରବାର ଦୀପକଙ୍କ ଜାମିନ ଆବେଦନର ଶୁଣାଣି ବିଚାରପତି ଜଷ୍ଟିସ ଜେ.ପି. ଦାସଙ୍କ ଇଜିଲାସରେ ହୋଇଥିଲା। ମାମଲାର ଶୁଣାଣି ସମୟରେ ଆବେଦନକାରୀ ଦୀପକ କୋର୍ଟରେ ଜବାବ ଦାଖଲ କରିବା ପାଇଁ ସମୟ ଲୋଡିଥିଲେ। ଉକ୍ତ ଆବେଦନକୁ କୋର୍ଟ ଗ୍ରହଣ କରିବା ସହିତ ଆସନ୍ତା ୨୯ ତାରିଖ ସୁଦ୍ଧା ଜବାବ ଦାଖଲ ପାଇଁ ଆବେଦନକାରୀଙ୍କୁ ଆଦେଶ ଦେଇଛନ୍ତି। ଏପ୍ରିଲ ୨୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ୧୮୦୦ କୋଟି ଟଙ୍କାର ଉଲିବୁରୁ ଖଣି ଦୁର୍ନୀତି ମାମଲାରେ ଭିଜିଲାନ୍ସ ଦୀପକଙ୍କ ସମେତ ତାଙ୍କ ପରିବାରବର୍ଗଙ୍କୁ ପକ୍ଷଭୁକ୍ତ କରିଥିଲା। ଏହି ମାମଲାରେ ଦୀପକଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ଜାମିନ ପାଇଁ ଦୀପକ ହାଇକୋର୍ଟରେ ୫ ଥର ଓ ସୁପ୍ରିମକୋର୍ଟରେ ୨ ଥର ଆବେଦନ କରିଥିଲେ ମଧ୍ୟ ସମସ୍ତ ଆବେଦନ ଖାରଜ ହୋଇଥିଲା। ଭିଜିଲାନ୍ସ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏନ୍.ସି. ପାଣିଗ୍ରାହୀ ଏହି ମାମଲା ପରିଚାଳନା କରୁଛନ୍ତି।

# ‘ବ୍ରେଥ୍’ ସିଜିନ୍ ୨ର ମୁଖ୍ୟ ଭୂମିକାରେ ସୈୟାମୀ ଖେର



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ସୈୟାମୀ ଖେର ‘ବ୍ରେଥ୍’ ସିଜିନ୍ ୨ରେ ମୁଖ୍ୟ ଭୂମିକା ନେବାକୁ ଯାଉଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିବେ ଅଭିଷେକ ବଚ୍ଚନ, ଅମିତ ସାଧ୍ ଏବଂ ନିଥ୍ୟା ମେନନ୍। ଶୁକ୍ରବାର ଆମାଜନ୍ ପ୍ରାଇମ୍ ଭିଡିଓ ଦ୍ୱାରା ପ୍ରକାଶିତ ସୂଚନା ଅନୁଯାୟୀ, ସୈୟାମୀ ‘ବ୍ରେଥ୍’ର ଦ୍ୱିତୀୟ ସଂସ୍କରଣରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବେ। ଅମିତ ପୁଣି ଉକ୍ତ ସିରିଜରେ ଇନ୍ସପେକ୍ଟର କବିର ସାୱନ୍ତ ଭୂମିକାକୁ ଫେରିବେ। ମୟଙ୍କ ଶର୍ମା ମଧ୍ୟ ପୁନର୍ବାର ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିବେ। ଦ୍ୱିତୀୟ ସିଜିନ୍‌ର କାହାଣୀ ଲେଖା ଦାୟିତ୍ୱରେ ଅଛନ୍ତି ଭବାନୀ ଲାଇର, ବିକ୍ରମ ତୁଲି ଏବଂ ଅର୍ଶାଦ ସୟିଦ। ଏ ସମ୍ପର୍କରେ ସୈୟାମୀ କହନ୍ତି, ‘ବ୍ରେଥ୍’ର ପ୍ରଥମ ସିଜିନ୍ ରିଲିଜ ବେଳେ ଖୁବ୍ ଖୁସି ଥିଲି। ଏବେ ବ ଏହାର ଦ୍ୱିତୀୟ ସିଜିନରେ ଅଭିନୟ କରିବାକୁ ଅଫର ଦିଆଯାଇଥିବାରୁ ଖୁବ୍ ଆନନ୍ଦ ପ୍ରକାଶ କରୁଛି। ଅଭିଷେକଙ୍କ ସହ କାର୍ଯ୍ୟକରିବାରେ ଏକ ନିଆରା ଆନନ୍ଦ ଅନୁଭବ କରେ। ସେ ଅତ୍ୟନ୍ତ ମଜାଦାର ବ୍ୟକ୍ତି ଏବଂ ସ୍ପଷ୍ଟବାଦୀ ବୋଲି ସୈୟାମୀ ପ୍ରକାଶ କରିଛନ୍ତି।

ଭୁଜାଲି ମାଡ଼ କରି ଟଙ୍କା ବ୍ୟାଗ୍ ଲୁଟ୍ ଘଟଣା

## ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ

**ବାରିପଦା ଅଫିସ, ୧୨।୪**

ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ବ୍ୟାଗ୍ ଲୁଟ୍ ଘଟଣା ସଂକ୍ରାନ୍ତ ମାମଲାର ବିଚାର କରି ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଦୌରାଜଜ୍(୧) ଡ. ଭି. ସୁଜାଥା ଶୁକ୍ରବାର ବାଙ୍ଗିରିପୋଷି ଥାନା ନୂଆ ଗାଁର ଦଶରଥ ନାଏକଙ୍କୁ ୫ ବର୍ଷ ଜେଲଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ନ ଦେଲେ ଅଭିଯୁକ୍ତ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବେ। ମକଦ୍ଦମା ବିବରଣୀ ଅନୁଯାୟୀ, ଗୋରୁ ବ୍ୟବସାୟ କରୁଥିବା ବିଶୋଇ ଥାନା ଅଧୀନ ହିଜିଳି ଗ୍ରାମର ଘାସିରାମ ବେହେରା ୨୦୧୪ ଡିସେମ୍ବର ୨୦ ତାରିଖରେ ସାଙ୍ଗ ପ୍ରକାଶ ଓ ହରିଣ୍ୟଙ୍କ ସହିତ ସାରସକଣା ହାଟକୁ ଯାଇଥିଲେ। ଅଭିଯୁକ୍ତ ଦଶରଥ ଓ ତାଙ୍କ ସହଯୋଗୀମାନେ ଘାସିରାମ ଏବଂ ତାଙ୍କ ସାଙ୍ଗମାନଙ୍କୁ ଭୁଜାଲିରେ ଆକ୍ରମଣ କରି ଟଙ୍କା ବ୍ୟାଗ୍ ଛଡାଇ ନେଇ ଦୌଡି ପଳାଇ ଯାଉଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଅଭିଯୁକ୍ତଙ୍କୁ ଗୋଡ଼ାଇବା ବେଳେ ଦଶରଥ ଏକ ଦେଶୀ ବୋମା ସେମାନଙ୍କ ଉପରକୁ ଫିଙ୍ଗିଥିଲେ। ଏହାପରେ ସେ ପଥରରେ ଝୁଣ୍ଟି ପଡିଯିବାରୁ ଗ୍ରାମବାସୀ ତାଙ୍କୁ କାବୁକରି ନେଇଥିଲେ। ଏ ନେଇ ଝାରପୋଖରିଆ ପୋଲିସ ଏକ ମାମଲା (ନଂ.୧୪୮/୧୪) ରୁଜୁକରି ଦଶରଥଙ୍କୁ ଗିରଫ କରିଥିଲା।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹ 350 per sqcm
Colour : ₹ 400 per sqcm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY WANTED
POST- TALLY OPERATOR- (M/F)
ADD:- HIGHWAY TRADING PVT. LTD. 25A, UNIT-3, KHARVEL NAGAR, BBSR
CALL- 9437006047
9937006047

REQUIRED
Ex-Serviceman, below 50 years of age having experience to handle supervision of security guards in Barbil, Keonjhar, Odisha. Interested may send application by email:-
INFO@LMSTECHNOLOGIES.COM
Before 20 April 2019

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଊର୍ଦ୍ଧ୍ୱ
ଦରମା - ୭୦୦୦/- ରୁ ୩୫୦୦୦/-
9668051710

ଘର କାମ, ରୋଷେଇ, ରୋଗୀ ଯତ୍ନ, ପିଲା ଯତ୍ନ ପାଇଁ (ମହିଳା/ପୁରୁଷ) ଆବଶ୍ୟକ, (ବୟସ: 18-55), ଦରମା: 6000- 10,000 + ରହିବା + ଖାଇବା ସୁବିଧା ଅଛି।
8114721727
9078788039

SURAVI HOSTEL
ଆବଶ୍ୟକ- ରୋଷେୟା, ଡ୍ରାଇଭର, ହେଲ୍‌ପର, କଟାଳି, ସୁଇପର, ୱାର୍ଡେନ (ପୁରୁଷ/ମହିଳା), ସୁପରଭାଇଜର ଭୁବନେଶ୍ୱର
9439250219,9437002619

REQUIRED
Special Teacher required for Class - VI, DAV School, Chandrasekharpur, Bhubaneswar
9337336614
7008967858

REQUIRED
TEACHER'S REQUIRED FOR ST. XAVIER'S KID CARE, SATYA NAGAR BHUBANESWAR. ENGLISH MEDIUM IS ESSENTIAL.
CONTACT- 9439159798
8895964339

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା– 27,000/-, ଶିକ୍ଷାଗତ ଯୋଗ୍ୟତା– 8th to 10th & above.
Contact: 8339922964

DRIVER
For Mini Truck Mahindra Dost wanted. Salary Rs. 12000/- Plus.
Contact:
9437027670 & 9437047010

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

Contact: 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ହୋଣ୍ଡା ସିଟି କାର ଡ୍ରାଇଭର। ରୋଷେୟା। ଅଫିସ୍ ଆସିଷ୍ଟାଣ୍ଟ। ଚାକର। ଭଲ ଦରମା। ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ
9884761210

REQUIRED
SALES REPRESENTATIVES
A REPUTED FOOD PROCESSING UNIT REQUIRES SALES REPRESENTATIVES FOR ANGUL (ଅନୁଗୁଳ)
CONTACT NO.- 9437056613

All Odisha Aadarsha Vidyalaya Vacancy
Post- SECURITY GUARD, DATA ENTRY, PEON, SWEEPER (Male / Female)
Sal-10000/ Above, Qual-8th/Above
Contact : 8018036092

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

ଧରିତ୍ରୀ Oriya daily
ଆବଶ୍ୟକ କରୁଛି
ଡ୍ରାଇଭର
ଜଳ ବିତରଣ ଗାଡ଼ି ଚଳାଇବା ପାଇଁ ଠିକା ଭିତ୍ତିରେ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

WANTED
ଧରିତ୍ରୀ Oriya daily
is looking for
CIRCULATION EXECUTIVES
- Graduates, having good communication skills. Experience in Sales/ Recovery in media will be given preference.
- Good working knowledge of Computers (Excel & Word) will be required.
RECOVERY & PR EXECUTIVES
- MBA candidates should have at least 1 year+ experience in field collection.
- Good communication skills and zeal for work will be rewarded.
Apply immediately to : recruitment@dharitri.com
Attractive salary commensurate with experience

See Career Appointment on every Wednesday & Saturday

Saraswati Vidya Mandir
Neelakantha Nagar, BERHAMPUR-2
Mob.: 9861057946, 6372823122
degreevidyamandir@gmail.com
(For +2 & +3 Science) RECRUITMENT (Apply by E-Mail) before 17.04.2019
• MATHEMATICS • PHYSICS • CHEMISTRY • BOTANY • ZOOLOGY
(Faculty Posts apply by E-mail, Date of Interview will be intimated by Phone)
Walk in interview on 21.04.2019 10.00 A.M for (Non - Teaching Post)
• Clerk/ DTP Operator Hostel Warden (M/F)

WANTED
Dubai Based Leading MNC Motor Cycle Lubricant Brand Require DSA At Block Level in Odisha. Minimum Guaranted Income Rs.20,000/- Per Month.
Contact.- 9338579645

ନୋଟିସ: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

Dollar 69.17 (25) | Sensex 38,767.11 (160.10) | Nifty 11,643.45 (46.75) | Gold 32,850.00 (`170) | Silver 38,200.00 (`350)

"ସରକାରଙ୍କ ଠାରୁ ଆର୍ଥିକ ସହାୟତା ମିଳିବା ପରେ ଆଇଟିଆଇ ନୂଆ ସ୍ୱଦେଶୀ ପ୍ରଡକ୍ଟ ନିର୍ମାଣ କ୍ଷେତ୍ରରେ ଆଗେଇ ପାରିଛି।
–କେ.ଆଲାଜେସନ, ସିଏମ୍‌ଡି, ଆଇଟିଆଇ ଲିମିଟେଡ



"ଯୋଜନାବଦ୍ଧ ନିବେଶ ଯୋଗୁ ଇନ୍‌ଫୋସିସ୍‌ର ସଫଳତା ଦୃଷ୍ଟିଗୋଚର ହେଉଛି। କାର୍ଯ୍ୟଶୈଳୀ ଦକ୍ଷତା ବୃଦ୍ଧି ଲାଗି ଅଧିକ ପଦକ୍ଷେପ ନିଆଯିବ।
–ସଲିଲ ପାରେଖ, ସିଇଓ ତଥା ଏମ୍‌ଡି, ଇନ୍‌ଫୋସିସ୍



## ସଂକ୍ଷେପରେ

### ଦେଶରେ ପ୍ରଥମ: ଯୁଗ୍ମ ସଚିବ ହେବେ ୯ ଘରୋଇ କ୍ଷେତ୍ର ବିଶେଷଜ୍ଞ

ନୂଆଦିଲ୍ଲୀ,୧୨-୪: କେନ୍ଦ୍ର ସରକାର ଘରୋଇ ସେକ୍ଟରରେ ପାରଙ୍ଗମତା ହାସଲ କରିଥିବା ୯ ଜଣ ବିଶେଷଜ୍ଞଙ୍କୁ ବିଭିନ୍ନ ବିଭାଗରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଲାଗି ମନୋନୀତ କରିଛନ୍ତି। ସାଧାରଣତଃ କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ପଦରେ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍(ଇଣ୍ଡିଆନ ଫରେଷ୍ଟ ସର୍ଭିସ) ଏବଂ ଇଣ୍ଡିଆନ ରେଭେନ୍ୟୁ ସର୍ଭିସ(ଆଇଆର୍‌ଏସ୍) ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥାଏ। ଆଇଏଏସ୍‌ଙ୍କ ଲାଗି ଉଦ୍ଦିଷ୍ଟ ଏହି ପଦବୀରେ ଘରୋଇ କ୍ଷେତ୍ରର ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତି ଦେବା ଦେଶରେ ଏହା ପ୍ରଥମ ଘଟଣା। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଗତବର୍ଷ ଜୁନ୍‌ରେ ଲାଟେରାଲ ଏଣ୍ଟ୍ରି ମୋଡ୍‌ରେ ଯୁଗ୍ମ ସଚିବ ନିଯୁକ୍ତି ଲାଗି ଆବେଦନ ଆହ୍ୱାନ କରାଯାଇଥିଲା। ପ୍ରଶାସନିକ କ୍ଷେତ୍ରରେ ନୂଆ ପ୍ରତିଭାର ପ୍ରବେଶ ପାଇଁ ମୋଦି ସରକାର ପ୍ରଥମଥର ଏଭଳି ପଦକ୍ଷେପ ନେଇଛନ୍ତି। ଘରୋଇ କ୍ଷେତ୍ରରେ ବିଶେଷଜ୍ଞତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ରାଜସ୍ୱ, ଆର୍ଥିକ ସେବା, ଆର୍ଥିକ ବ୍ୟାପାର, କୃଷି ଏବଂ ଚାଷୀ କଲ୍ୟାଣ, ସଡ଼କ ପରିବହନ ଏବଂ ରାଜମାର୍ଗ, ଜାହାଜ ଚଳାଚଳ, ପରିବେଶ, ଜଙ୍ଗଲ ଏବଂ ପାଣିପାଗ ପରିବର୍ତ୍ତନ, ନୂଆ ଏବଂ ଅକ୍ଷୟ ଶକ୍ତି, ବେସାମରିକ ବିମାନ ଚଳାଚଳ ଏବଂ ବାଣିଜ୍ୟ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତ କରାଯିବ। ଏଥିପାଇଁ ୬୦୭୭ ଆବେଦନ ଆସିଥିଲା। ସେମାନଙ୍କୁ ଚୟନ କରିବା ଦାୟିତ୍ୱ ୟୁପିଏସ୍‌ସିକୁ ଦିଆଯାଇଥିଲା। ଉକ୍ତ ୯ ଜଣ ବିଶେଷଜ୍ଞଙ୍କୁ ୟୁପିଏସ୍‌ସି ଚୟନ କରି ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦେବାକୁ ସରକାରଙ୍କୁ ସୁପାରିସ କରିଛି। ଶୁକ୍ରବାର ଏଥିନେଇ ଫଳାଫଳ ଘୋଷଣା କରାଯାଇଛି।

■ଏସାର ଷ୍ଟିଲ୍ ମାମଲାରେ ନୂଆ ମୋଡ

### ଆର୍ସେଲର ପେମେଣ୍ଟକୁ ରୋକିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୨-୪: ଏସାର ଷ୍ଟିଲ ମାମଲାରେ ଶୁକ୍ରବାର ନୂଆ ମୋଡ ଆସିଛି। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଆର୍ସେଲର ମିତ୍ତଲ ପକ୍ଷରୁ ପ୍ରଦାନ କରାଯିବାକୁ ଥିବା ୪୨ ହଜାର କୋଟି ଟଙ୍କା ଉପରେ ଯଥାସ୍ଥିତି ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜଷ୍ଟିସ ରୋହିନଟନ ଏଫ୍ ନରିମାନଙ୍କ ଅଧକ୍ଷତାରେ ଗଠିତ ସର୍ବୋଚ୍ଚ ଅଦାଲତ ଖଣ୍ଡପୀଠ ଯଥାଶୀଘ୍ର ଏ ମାମଲାରେ ନିଷ୍ପତ୍ତି ନେବାକୁ ଟ୍ରିବ୍ୟୁନାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଋଣ ସମାଧାନ ପ୍ରକ୍ରିୟାରେ ଏସାର ଷ୍ଟିଲ ପାଇଁ ଆର୍ସେଲର ମିତ୍ତଲର ବିଡ୍‌କୁ ରାଷ୍ଟ୍ରୀୟ କମ୍ପାନୀ ବିଧି ଅପିଲୀୟ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଏଟି) ଅନୁମୋଦନ କରିବା ପରେ ଋଣପ୍ରଦାନକାରୀ ଆଶ୍ୱସ୍ତ ହୋଇଥିଲେ। ଅନ୍ୟପକ୍ଷରେ ୪୨ ହଜାର କୋଟି ଟଙ୍କାର ଋଣ ସମାଧାନ ପ୍ରକ୍ରିୟା ଜଣାଇବାକୁ ଏବଂ ଏହି ଟଙ୍କା ଜମା କରିବାକୁ ଏନ୍‌ସିଏଲ୍‌ଟି ଆର୍ସେଲର ମିତ୍ତଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ବ୍ୟାଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରାଯାଇଥିଲା।

नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

NOTICE INVITING TENDERS

Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha:

1-NIT No. OMC-4999
Name of the work : Cathode Carbon Block Sealing, Ramming, Patch Repairing of Pot Shells, Anode Rodding Operation and Refractory Lining of Electrolytic Pots.

2-NIT No. OMC-5005
Name of the work : Supply, Installation of Medical Grade Gas System in NALCO Hospital, Angul.

3-NIT No. OMC-5007
Name of the work : Up-Keeping of Rodding Shop-I.

4-NIT No. OMC-5008
Name of the work : Work Assistance for Miscellaneous work for Pot Line Instrumentation Section.

For details of NITs like contract period, EMD, Date and time of E-submission, Part-I Bid Opening, Modification/ Amendments (if any) please log in to www.nalcoindia.com & http://eprocure.gov.in
DGM (Mech.)-T&C

■ଘନଉଛି ଜେଟ୍ ସଙ୍କଟ

# ପିଏମ୍‌ଓ ଡାକିଲା ଜରୁରୀ ବୈଠକ

■ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ଅଧକ୍ଷତାରେ ହେବ ବୈଠକ
■ସୋମବାର ଯାଏ ଅନ୍ତର୍ଜାତୀୟ ଉଡ଼ାଣ ରଦ୍ଦ ବୃଦ୍ଧି
■ବିଡ୍ ଦାଖଲ ସରିଲା
■ଏୟାରଲାଇନ୍ସକୁ ବଞ୍ଚାଇବା ଲାଗି କର୍ମଚାରୀଙ୍କ ମାର୍ଚ୍ଚ

ନୂଆଦିଲ୍ଲୀ,୧୨–୪

ଜେଟ୍ ଏୟାରୱେଜ ସଙ୍କଟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ କମ୍ପାନୀ ବନ୍ଦ ହେବାର ଦ୍ୱାର ଦେଶରେ ଆସି ପହଞ୍ଚିଲାଣି। ଅନ୍ୟପକ୍ଷରେ କମ୍ପାନୀ ଏହାର ସମସ୍ତ ଅନ୍ତର୍ଜାତୀୟ ଉଡ଼ାଣକୁ ରଦ୍ଦ କରିଥିବା ବେଳେ ସୋମବାର ଯାଏ ଏହାକୁ ବୃଦ୍ଧି କରିଛି। କାରଣ ଏହା ନିକଟରେ ଉଡ଼ାଣ ପାଇଁ ମାତ୍ର ୧୧ ବିମାନ ରହିଛି। ଅପରପକ୍ଷରେ ଜେଟ୍ ସଙ୍କଟରେ ଏବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ସିଧାସଳଖ ହସ୍ତକ୍ଷେପ କରିଛି। ଏହା ଏକ ଉଚ୍ଚସ୍ତରୀୟ ଜରୁରୀ ବୈଠକ ଡକାଇଥିଲା। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ, ମନ୍ତ୍ରଣାଳୟ ସଚିବ ପି.ଏସ୍. ଖରୋଲାଙ୍କୁ ଜେଟ୍ ସଙ୍କଟନେଇ ଯାଞ୍ଚକରିବାକୁ ନିର୍ଦ୍ଦେଶ ଦେବା ପରେ ଏହି ବୈଠକ ଡକାଯାଇଥିଲା। ଅନ୍ୟପକ୍ଷରେ କମ୍ପାନୀକୁ କିଣିବା ପାଇଁ ଏସ୍‌ବିଆଇ କ୍ୟାପିଟାଲ ପକ୍ଷରୁ ନିଲାମୀ ଆହ୍ୱାନ କରାଯାଇଥିବା ବେଳେ ଶୁକ୍ରବାର ଏହାର ସମୟସୀମା ଶେଷ ହୋଇଛି। ପୂର୍ବରୁ ଧାର୍ଯ୍ୟ ବିଡ୍ ସମୟସୀମା ମଧ୍ୟରେ କେହି ନ ଆସିବାରୁ ଏହାକୁ ଶୁକ୍ରବାର ଯାଏ ବୃଦ୍ଧି କରାଯାଇଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜେଟ୍ ଏୟାରୱେଜ ପ୍ରତିଷ୍ଠାତା ନରେଶ ଗୋୟଲ, ୟୁଏଇସ୍ଥିତ ଏୟାରଲାଇନ୍ସ କମ୍ପାନୀ ଏଟିହାଦ ଏୟାରୱେଜ, ଏୟାର କାନାଡା ସମେତ ଦେଶର କେତେକ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ନିଲାମୀ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ସେମାନଙ୍କ ପକ୍ଷରୁ ଏଥିଲାଗି ବିଡ୍ ଦାଖଲ କରାଯାଇଛି। ଅନ୍ୟପକ୍ଷରେ କର୍ମଚାରୀମାନେ ବକେୟା ଦରମା ଦାବିରେ ଏବଂ ଜେଟ୍‌କୁ ରକ୍ଷା କରିବା ଲାଗି ନିଜ ଦପ୍ତର ପର୍ଯ୍ୟନ୍ତ ପ୍ଲାକାର୍ଡ ଧରି ମାର୍ଚ୍ଚ କରିଛନ୍ତି। ଜେଟ୍‌ରେ ଏବେ ପ୍ରାୟ ୧୭ ହଜାର କର୍ମଚାରୀ ରହିଛନ୍ତି। କମ୍ପାନୀ ବନ୍ଦ ହୋଇଗଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବହୁ ସଂଖ୍ୟାରେ କର୍ମଚାରୀ ନିଯୁକ୍ତି ହରାଇବେ। ଅନ୍ୟପକ୍ଷରେ ଦେଶରେ ଏବେ ସାଧାରଣ ନିର୍ବାଚନ ହେଉଥିବା ବେଳେ ଜେଟ୍ ଏୟାରୱେଜ ବନ୍ଦ ହେବା ମୋଦି ସରକାରଙ୍କ ପାଇଁ ଅଶୁଭ ସୂଚନା ହେବ। ବିରୋଧୀ ଦଳଗୁଡ଼ିକ ଏହି ମଉକାରେ ସରକାରଙ୍କୁ ଘେରିବେ ଯାହାର ମୁକାବିଲା କରିବା ଅସମ୍ଭବ ହୋଇପଡିବ ମନେ କରି ପିଏମ୍‌ଓ ପକ୍ଷରୁ ଏହି ମାମଲାରେ ହସ୍ତକ୍ଷେପ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ଅଧକ୍ଷତାରେ ଜରୁରୀ ବୈଠକ ଡକାଯାଇଥିଲା। ଏଥିରେ ବହୁ ବରିଷ୍ଠ ଅଧିକାରୀ, କମ୍ପାନୀ ପ୍ରତିନିଧି, ଋଣପ୍ରଦାନକାରୀ ଆଦି ଯୋଗ ଦେଇଥିଲେ। ଏହାପରେ ଖରୋଲା ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭାଗିୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଦେଶରେ ନିଯୁକ୍ତି ସୁଯୋଗ ନାହିଁ ଦର୍ଶାଇ ବିରୋଧୀ ଦଳଗୁଡ଼ିକ ମୋଦି ସରକାରଙ୍କୁ ଟାର୍ଗେଟ କରୁଥିବା ବେଳେ ଜେଟ୍ ଏୟାରୱେଜ ବନ୍ଦ ହୋଇଗଲେ ବହୁ କର୍ମଚାରୀ ରାତାରାତି ବେକାର ହୋଇଯିବେ।




ଜେଟ୍ ଏୟାରୱେଜ କର୍ମଚାରୀମାନେ ପ୍ଲାକାର୍ଡ ଧରି ମାର୍ଚ୍ଚ କରୁଛନ୍ତି।

# ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ନୂଆ ଫ୍ଲାଗଶିପ ଷ୍ଟୋର




ଶୋ'ରୁମ୍‌ର ଉଦ୍‌ଘାଟନ ଅବସରରେ (ବାମରୁ ତୃତୀୟ) ରାଜେଶ ଗୁପ୍ତା, ସନ୍ତୋଷ ଗୁପ୍ତା ଓ ଗୋପାଳ କୃଷ୍ଣ ମହାନ୍ତି

କଟକ,୧୨–୪

ଇଲେକଟ୍ରୋନିକ୍ସ, ହୋମ୍ ଆପ୍ଲାଏନ୍ସ ଏବଂ ଡିଜିଟାଲ ପ୍ରଡକ୍ଟର ପ୍ରମୁଖ ଡିଲର ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ କଟକର, ସିଡିଏ ସ୍ଥିତ ଜୁଡିସିଆଲ ଏକାଡେମୀ ନିକଟରେ ନୂଆ ଫ୍ଲାଗଶିପ ଶୋ'ରୁମ ଶୁକ୍ରବାର ଶୁଭାରମ୍ଭ ହୋଇଛି। ଏହାକୁ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା,ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଗୋପାଳ କୃଷ୍ଣ ମହାନ୍ତି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶୋ'ରୁମ ପକ୍ଷରୁ ପ୍ରତ୍ୟେକ ସାମଗ୍ରୀ କ୍ରୟ ଉପରେ ୫ଟି ଉପହାର ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ପ୍ରଥମ ୧୦୦ ଗ୍ରାହକଙ୍କ ଲାଗି ଲକି ଡ୍ର ବ୍ୟବସ୍ଥା କରାଯାଇଛି। ଲକି ଡ୍ରରେ ଭାଗ୍ୟଶାଳୀ ବିଜେତା ଆକର୍ଷଣୀୟ ପୁରସ୍କାର ଜିତି ପାରିବେ। ଲକି ଡ୍ର ଏବଂ ବମ୍ପର ଡ୍ରରେ ପ୍ରତିଷ୍ଠିତ କମ୍ପାନୀଗୁଡିକର ସ୍କୁଟର ଗ୍ରାହକଙ୍କ ଲାଗି ରଖାଯାଇଛି। ସାମଗ୍ରୀ କ୍ରୟ ପାଇଁ ଶୋ'ରୁମରେ ୦% ଡାଉନପେମେଣ୍ଟ ସୁବିଧା କରାଯାଇଛି। ସେହିଭଳି ସହଜ କିସ୍ତି ଏବଂ ଆକର୍ଷଣୀୟ ରିହାତିରେ ଏସି କ୍ରୟ ସୁବିଧା ଦିଆଯାଉଛି। ଏଠାରେ ଡିଜିଟାଲ ପ୍ରଡକ୍ଟ ଲାଗି ସ୍ୱତନ୍ତ୍ର ଜୋନ ସ୍ଥାପନ ହୋଇଛି। ଷ୍ଟୋରରେ ବିଭିନ୍ନ ଫର୍ନିଚର ସାମଗ୍ରୀ କମ୍ବୋ ପ୍ରାଇସରେ ଉପଲବ୍ଧ। ଏହି କମ୍ବୋ ପ୍ରାଇସ ଅଫରକୁ ଗ୍ରାହକ କମ୍ପାନୀର ଯେକୌଣସି ଷ୍ଟୋରରେ ବୁକିଂ କରିପାରିବେ। ଗ୍ରାହକଙ୍କ ମନୋରଞ୍ଜନ ଲାଗି ଏଠାରେ ସେଲ୍ଫି ଜୋନ ରହିଛି। ବଜାଜ, ଏଚ୍‌ଡିଏଫ୍‌ସି, ଆଇଡିଏଫ୍‌ସି, ଏଚ୍‌ଡିବି ଭଳି ଫାଇନାନ୍ସ ସହ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଦ୍ୱାରା ସହଜ ଫାଇନାନ୍ସ ସୁବିଧା କରାଯାଇଛି। ଏହାବାଦ ମୋବାଇଲର ସହଜ ଏକ୍ସଚେଞ୍ଜ ଅଫର ମଧ୍ୟ ଦିଆଯାଉଛି। ସେହିଭଳି ଗିଫ୍ଟ ଭାଉଚର ଏବଂ ଫାଇନାନ୍ସ ଉପରେ କ୍ୟାଶ ବ୍ୟାକ୍ ସୁବିଧା ରହିଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।

# ବୁକିଂ ଉପରେ ସ୍କାଏ ଲାଇନ ଇନ୍‌ଫ୍ରାକନ୍‌ର ରିହାତି

ଭୁବନେଶ୍ୱର,୧୨–୪

ସ୍କାଏ ଲାଇନ୍ ଇନ୍‌ଫ୍ରାକନ୍ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ୧୦ମ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ଏହି ଅବସରରେ ବାସଗୃହ ବୁକିଂ ଉପରେ କମ୍ପାନୀ ପକ୍ଷରୁ ଆକର୍ଷଣୀୟ ଅଫର ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ଭୁବନେଶ୍ୱର ଉପକଣ୍ଠ ଗୁଡିଆପୋଖରୀ ସାଇ ମନ୍ଦିର ନିକଟରେ କମ୍ପାନୀ ପକ୍ଷରୁ ନିର୍ମାଣ ହେଉଥିବା 'ସ୍କାଏ ପାନୋରମା' ପ୍ରକଳ୍ପରେ ଗ୍ରାହକମାନେ ଏହି ଅଫର ଲାଭ କରିପାରିବେ ବୋଲି ଏହାର ନିର୍ଦ୍ଦେଶକ ପ୍ରଶାନ୍ତ ଭଦ୍ର ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ପ୍ରକଳ୍ପର ୭୦% କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଚଳିତ ବର୍ଷ ଜୁଲାଇ ସୁଦ୍ଧା ଏହାକୁ ହସ୍ତାନ୍ତର କରିବା ନେଇ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଉକ୍ତ ପ୍ରକଳ୍ପରେ ୮୮ଟି ଫ୍ଲାଟ ରହିଛି। ଏହି ଅଫରର ଲାଭ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଗ୍ରାହକ ନେଇ ପାରିବେ। ପ୍ରତ୍ୟେକ ବୁକିଂ ଉପରେ ଗ୍ରାହକମାନେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ ବୋଲି ନିର୍ଦ୍ଦେଶକ ଭଦ୍ର କହିଛନ୍ତି। ସ୍କାଏ ପାନୋରମା ପୂର୍ବରୁ କମ୍ପାନୀ ସୁନ୍ଦରପଦାଠାରେ 'ସ୍କାଏ ଟାୱାର' ଏବଂ ଦ୍ୱିତୀୟ ପ୍ରକଳ୍ପ 'ସ୍କାଏ ହରାଇଜନ' ଡୁପ୍ଲେକ୍ସ ସମ୍ପୂର୍ଣ୍ଣ କରିଛି। ୨୦୦ରୁ ଅଧିକ ଗ୍ରାହକଙ୍କୁ କମ୍ପାନୀ ବାସଗୃହ ସହ ଅନ୍ୟାନ୍ୟ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇ ଦେଇଛି। ସ୍କାଏ ପାନୋରମାରେ ୧,୨ ଏବଂ ୩ ବିଏଚ୍‌କେ ଆପାର୍ଟମେଣ୍ଟରେ ଉନ୍ନତ ମାନର କ୍ଲବ ହାଉସ, ଡ୍ରିମ ପାର୍କ ଭଳି ସୁବିଧା ସୁଯୋଗ ରହିଛି। ଫ୍ଲାଟଗୁଡିକ ୬୬୬ ବର୍ଗଫୁଟରୁ ଆରମ୍ଭ କରି ୧୩୧୩ ବର୍ଗଫୁଟ ପର୍ଯ୍ୟନ୍ତ ରହିଛି। କମ୍ପାନୀର ୪ର୍ଥ ପ୍ରକଳ୍ପ ପାହାଳ ଏବଂ ୫ମ ପ୍ରକଳ୍ପ ପୁରୀରୋଡ ନିକଟରେ ଆରମ୍ଭ ହେବ ବୋଲି ଭଦ୍ର ସୂଚନା ଦେଇଛନ୍ତି।

# ମୁଦ୍ରାସ୍ଫୀତି ୨.୮୬ ପ୍ରତିଶତ

ନୂଆଦିଲ୍ଲୀ,୧୨–୪

ଫେବୃୟାରୀରେ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ ହ୍ରାସ ପାଇ ୦.୧%ରେ ପହଞ୍ଚିଯାଇଛି। ଗତ ୨୦ ମାସରେ ଇଣ୍ଡଷ୍ଟ୍ରିଆଲ ଅଭିବୃଦ୍ଧିର ଏହା ସର୍ବନିମ୍ନ ସ୍ତର। ଜାନୁୟାରୀରେ ଏହା ୧.୭% ଥିଲା। ପ୍ରକାଶିତ ତଥ୍ୟ ଅନୁଯାୟୀ, ଇଣ୍ଡଷ୍ଟ୍ରିଆଲ ସେକ୍ଟରରେ ଉତ୍ପାଦନ ଦିନକୁ ଦିନ ହ୍ରାସ ପାଇଚାଲିଛି। ଏହାବ୍ୟତୀତ ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇ ୨.୮୬ ପ୍ରତିଶତରେ ପହଞ୍ଚିଯାଇଛି। ଦେଶର ଅର୍ଥନୀତି ପାଇଁ ଏହା ଡବଲ୍ ଝଟକା କୁହାଯାଉଛି। ଅନ୍ୟପକ୍ଷରେ କୋର୍ ସେକ୍ଟରରେ ସାମାନ୍ୟ ସୁଧାର ହେଉଥିବାର ଦେଖାଯାଇଛି ଏବଂ ଏହା ୨.୧% ଅଭିବୃଦ୍ଧି ହାସଲ କରିଛି। ଏଥିରୁ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନରେ ସୁଧାର ହେବାର ସଙ୍କେତ ମିଳୁଛି। ୮ ମୁଖ୍ୟ ସେକ୍ଟରରେ ଥିବା ଇଣ୍ଡଷ୍ଟ୍ରିର ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ ଇଣ୍ଡେକ୍ସ(ଆଇଆଇପି)ରେ ପ୍ରାୟ ୪୦ ପ୍ରତିଶତ କବ୍ଜା ରହିଛି। ଇଣ୍ଡେକ୍ସରୁ ଜଣାପଡୁଛି ଯେ ପ୍ରାୟ ସମସ୍ତ ସେକ୍ଟରରେ କ୍ୟାପିଟାଲ ଗୁଡ୍ସ ରେକୋର୍ଡିଂ କଣ୍ଟ୍ରାକ୍‌ଶନ ୯.୮ ଏବଂ ଇଣ୍ଟରମିଡିଏଟ ଗୁଡ୍ସରେ ୪.୯% ହ୍ରାସ ପରିଲକ୍ଷିତ ହୋଇଛି। ଏପ୍ରିଲ–ଫେବୃୟାରୀରେ ଇଣ୍ଡଷ୍ଟ୍ରିଆଲ ଅଭିବୃଦ୍ଧି ୪% ରହିଥିଲା,ଯାହା କି ଗତ ବର୍ଷ ୪.୩% ଥିଲା। ଶୁକ୍ରବାର ଜାରି ସରକାରୀ ତଥ୍ୟ ଅନୁଯାୟୀ, ଖାଦ୍ୟ ପଦାର୍ଥ ଏବଂ ଇନ୍ଧନର ଦର ବଢ଼ିବା କାରଣରୁ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ମାସକ ପୂର୍ବେ ଫେବୃୟାରୀରେ ୨.୫୭% ଥିଲା।

**DEPLOYMENT OF GENERAL OBSERVER & EXPENDITURE OBSERVER FOR PC/AC FOR GENERAL ELECTIONS TO LOK SABHA AND STATE LEGISLATIVE ASSEMBLY 2019 IN RESPECT OF BALASORE DISTRICT.**

| Sl. No. | Observer Code | Observer Name | Service | Year | AC/PC alloted | Local Mobile No. | Address |
|---|---|---|---|---|---|---|---|
| (A) General Observer | | | | | | | |
| 1 | G-23252 | Mr. Virendra Singh Rawat | IAS | 2008 | 32-Badasahi [Mayurbhanj] / 39-Remuna [Balasore] / 40-Nilgiri [Balasore] | 8280039610 | Circuit House, Balasore |
| 2 | G-21061 | Mr. Rakesh Shankar | IAS | 2004 | 35-Jaleswar [Balasore] / 36-Bhograi [Balasore] / 37-Basta [Balasore] / 38-Balasore [Balasore] | 8280039757 | |
| 3 | G-24337 | Mr. Haulianlal Gulte | IAS | 2011 | 41-Soro [Balasore] / 42-Simulia [Balasore] | 8280064537 | Salandi Irrigation, IB, Bhadrak |
| 4 | P-24627 | Hiremath Sidhir Kallaya | IPS | 2007 | 35-Jaleswar [Balasore] / 36-Bhograi [Balasore] / 37-Basta [Balasore] / 38-Balasore [Balasore] /39-Remuna [Balasore] / 40-Nilgiri [Balasore] | 8280035803 | Circuit House, Balasore |
| (B) Expenditure Observer PC | | | | | | | |
| 5 | R-24810 | Harison Antony | IRS (C & CE) | 2014 | 35-Jaleswar [Balasore] / 36-Bhograi [Balasore] / 37-Basta [Balasore] / 38-Balasore [Balasore] /39-Remuna [Balasore] / 40-Nilgiri [Balasore] | 8280038266 | Circuit House, Balasore |
| 6 | R-24827 | Mr. Varun Rangaswamy | IRS (C & CE) | 2012 | 41-Soro (SC) [Balasore] / 42-Simulia [Balasore] | 8280064498 | Salandi Irrigation, IB, Bhadrak |
| (C) Expenditure Observer AC | | | | | | | |
| 7 | R-19606 | Ms. Shashi Kajle | IRS (C & CE) | 2007 | 32-Badasahi [Mayurbhanj] / 39-Remuna [Balasore] / 40-Nilgiri [Balasore] | 8280039665 | Circuit House, Balasore |
| 8 | R-25252 | Mr. Jitendra Patel | IRS | 2011 | 35-Jaleswar [Balasore] / 36-Bhograi [Balasore] / 37-Basta [Balasore] / 38-Balasore [Balasore] | 8280039760 | |
| 9 | R-25697 | Mr. S Natarajan | IRS | 2007 | 41-Soro [Balasore] / 42-Simulia [Balasore] | 8280038260 | |

Sd./- District Election Officer & Collector, Balasore

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର–୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: 3546 **ବିଜ୍ଞାପନ** ତା 04.04.19

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ କଲୋନୀ, ପ୍ରଥମ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ–ଇ.ସି.ଆର– ୬୫ (ECR-65) କୁ ସାଧୁଚରଣ ପଣ୍ଡା, ପି: ସତ୍ୟବାଦୀ ପଣ୍ଡା, ଗ୍ରା/ପୋ: ଡିହପାଧାଲ, ଥା: ଭଞ୍ଜନଗର, ଜି: ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ସାଧୁଚରଣ ପଣ୍ଡା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୁପ୍ରଭା ସ୍ୱାଇଁ, ସ୍ୱା: ସ୍ୱର୍ଗତ ସଞ୍ଜୀତ୍ କୁମାର ସ୍ୱାଇଁ, ଗ୍ରା: ମଣି କଲୋନୀ, ପାନ୍‌ପୋସ୍, ପୋ: ରାଉରକେଲା–୪, ଥା: ରଘୁନାଥପାଲୀ, ଜି: ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

**ପ୍ରେସ୍ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାରେ ସାଧାରଣ ନିର୍ବାଚନ–୨୦୧୯ ଅନୁଧ୍ୟାନ ପାଇଁ ନିମ୍ନଲିଖିତ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇଅଛି।

**ସାଧାରଣ ପର୍ଯ୍ୟବେକ୍ଷକ**

୧. **ଶାନ୍ତନୁ ଶର୍ମା,** ଭା.ପ୍ର.ସେ. (ଯୋଗାଯୋଗ ନମ୍ବର–୭୬୫୩୮୩୯୪୦୨) ୧୫–କେନ୍ଦ୍ରାପଡ଼ା ଲୋକସଭା, ୯୭–କେନ୍ଦ୍ରାପଡ଼ା ବିଧାନସଭା, ୯୮–ଆଳି ବିଧାନସଭା, ୯୪–ସାଲେପୁର ବିଧାନସଭା, ୯୫–ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀ।

୨. **ଏନ୍.ବି.ଉପାଧ୍ୟାୟ,** ଭା.ପ୍ର.ସେ.(ଯୋଗାଯୋଗ ନମ୍ବର ୭୬୫୩୮୩୯୪୦୫) ୧୫–କେନ୍ଦ୍ରାପଡ଼ା ଲୋକସଭା, ୯୬–ପାଟକୁରା ବିଧାନସଭା, ୯୯–ରାଜନଗର ବିଧାନସଭା, ୧୦୦–ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ।

**ଆଇନ ଶୃଙ୍ଖଳା ପର୍ଯ୍ୟବେକ୍ଷକ**

୧. **ବିକାଶ କୁମାର,** ଆଇ.ପି.ଏସ୍.(ଯୋଗାଯୋଗ ନମ୍ବର ୭୬୫୩୮୩୯୩୯୪) ୧୫–କେନ୍ଦ୍ରାପଡ଼ା ଲୋକସଭା, ୯୬–ପାଟକୁରା ବିଧାନସଭା, ୯୭–କେନ୍ଦ୍ରାପଡ଼ା ବିଧାନସଭା, ୯୮–ଆଳି ବିଧାନସଭା, ୯୯–ରାଜନଗର ବିଧାନସଭା, ୧୦୦–ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ।

**ଖର୍ଚ୍ଚ ଅନୁଧ୍ୟାନ ପର୍ଯ୍ୟବେକ୍ଷକ**

୧. **ଅମିତ କାଟୋଜ୍,** ଭା.ରା.ସେ. (ଯୋଗାଯୋଗ ନମ୍ବର ୭୬୫୩୮୩୯୩୯୯) ୧୫–କେନ୍ଦ୍ରାପଡ଼ା ଲୋକସଭା।

୨. **ନାଘାନ୍ୟୁୟଲ ଜିମିକ୍,** ଭା.ରା.ସେ. (ଯୋଗାଯୋଗ ନମ୍ବର ୭୬୫୩୮୩୯୪୦୧) ୯୭–କେନ୍ଦ୍ରାପଡ଼ା ବିଧାନସଭା, ୯୮–ଆଳି ବିଧାନସଭା ନିର୍ବାଚନମଣ୍ଡଳୀ।

୩. **ଦୀପ୍ତି ଜୟରାଜ,** ଭା.ରା.ସେ. (ଯୋଗାଯୋଗ ନମ୍ବର ୭୬୫୩୮୩୯୪୦୦) ୯୬–ପାଟକୁରା ବିଧାନସଭା, ୯୯–ରାଜନଗର ବିଧାନସଭା, ୧୦୦–ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ।

ଉପରୋକ୍ତ ପର୍ଯ୍ୟବେକ୍ଷକ ଦିବା ୧୧ଘଟିକାରୁ ୧୨ଘଟିକା ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ନିର୍ବାଚନ ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ ଶୁଣାଣି କରିବେ। ଏତଦ୍‌ବ୍ୟତୀତ ନିର୍ବାଚନ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଥିଲେ ସଂପୃକ୍ତ ପର୍ଯ୍ୟବେକ୍ଷକମାନଙ୍କୁ ସେମାନଙ୍କ ମୋବାଇଲ ନମ୍ବରରେ ଅଭିଯୋଗ କରାଯାଇପାରିବ ଓ ଲିଖିତ ଅଭିଯୋଗ ଗୁଡିକ ୦୬୭୨୭–୨୭୪୭୧୮ ଫ୍ୟାକ୍ସ ମାଧ୍ୟମରେ ପ୍ରେରଣ କରାଯାଇପାରିବ।

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, କେନ୍ଦ୍ରାପଡ଼ା

## ସଂକ୍ଷେପରେ

### ଚିନାପ୍ପା ସେମିରେ

ମାକାଉ, ୧୨।୪ (ପି.ଟି.): ଭାରତର ତଥା ତୃତୀୟ ସିଡ୍ ଜ୍ୟୋସ୍ନା ଚିନାପ୍ପା ଏଠାରେ ଚାଲିଥିବା ମାକାଉ ଓପନ ସ୍କ୍ୱାଶ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେ ୫ମ ସିଡ ଇଜିପ୍ଟର ମାୟାର ହାନିଙ୍କୁ ୧୧-୮, ୧୧-୨, ୧୧-୯ରେ ହରାଇ ଦେଇଛନ୍ତି। ତେବେ ପୁରୁଷ ଦ୍ୱିତୀୟ ସିଡ୍ ସୌରଭ ଘୋଷାଲ ୬ଷ୍ଠ ସିଡ୍ ତଥା ସ୍କଟଲାଣ୍ଡର ଗ୍ରେଗ୍ ଲୋବାନୋଙ୍କ ନିକଟରୁ ୬-୧୧, ୧୧-୮, ୧୧-୫ ୧୧-୮ରେ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ଘୋଷାଲ ଏହାପୂର୍ବରୁ ଦ୍ୱିତୀୟ ରାଉଣ୍ଡରେ ନିଜ ଦେଶର ମହେଶ ମନଗାଁକାରଙ୍କ ବିପକ୍ଷ ମ୍ୟାଚକୁ ୯-୧୧, ୧୧-୭, ୧୦-୧୧, ୧୧-୨, ୧୧-୨ରେ ଜିତିନେଇଥିଲେ। ଅନ୍ୟପକ୍ଷରେ ଜ୍ୟୋସ୍ନା ପ୍ରଥମ ରାଉଣ୍ଡରେ ବାଇ ପାଇବା ପରେ ଦ୍ୱିତୀୟ ରାଉଣ୍ଡରେ ନ୍ୟୁଜିଲାଣ୍ଡର ଆମାଣ୍ଡା ଲାଣ୍ଡର୍ସ-ମର୍ଫିଙ୍କ ବିପକ୍ଷରେ ୧୧-୫, ୧୧-୮, ୧୧-୯ରେ ସହଜସାଧ ବିଜୟ ହାସଲ କରିଥିଲେ।

### 'ଆର୍‌ସିବି ଯୋଗୁ କୋହଲିଙ୍କ ବିଶ୍ୱକପ୍ ପ୍ରଦର୍ଶନ ପ୍ରଭାବିତ ହେବ ନାହିଁ'

ନୂଆଦିଲ୍ଲୀ,୧୨।୪(ପିଟି): ଚଳିତ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ୬ଟି ମ୍ୟାଚ୍ ଖେଳି ବିଜୟ ହାସଲ କରିପାରି ନାହିଁ। ଆଇପିଏଲରେ ଆର୍‌ସିବିର ଖରାପ ପ୍ରଦର୍ଶନ କୌଣସି ପ୍ରକାରେ ବିରାଟ କୋହଲିଙ୍କୁ ପ୍ରଭାବିତ କରିପାରିବ ନାହିଁ ବୋଲି ପୂର୍ବତନ ଅଷ୍ଟ୍ରେଲିଆନ ସ୍ପିନର ବ୍ରାଡ୍ ହଗ୍ କହିଛନ୍ତି। ଜଣେ ଖେଳାଳି ଭାବେ କୋହଲି ନିଜ ପ୍ରଦର୍ଶନକୁ ଗୁରୁତ୍ୱ ଦିଅନ୍ତି। ସେ ସଫଳ ହେବାକୁ ଚାହାନ୍ତି। କୋହଲିଙ୍କ ଆଇପିଏଲ ପ୍ରଦର୍ଶନ ନେଇ ଚିନ୍ତିତ ନ ହେବାକୁ ହଗ ଟୁଇଟରରେ ପୋଷ୍ଟ କରିଥିବା ଏକ ଭିଡିଓ ଶେୟାର କରିଛନ୍ତି। ଆରସିବି ପ୍ରଦର୍ଶନକୁ ନେଇ ହଗ ଆଶ୍ଚର୍ଯ୍ୟ ନୁହନ୍ତି। କାରଣ ଦଳ ସମ୍ପୂର୍ଣ୍ଣ ରୂପେ କୋହଲି ଓ ଏବି ଡି' ଭିଲର୍ସଙ୍କ ଉପରେ ନିର୍ଭରଶୀଳ। ଏପର୍ଯ୍ୟନ୍ତ ଦଳର ମଧ୍ୟକ୍ରମ ଛିଡ଼ା ହୋଇପାରି ନାହିଁ। ଏଥିସହିତ ସେମାନଙ୍କ ନିକଟରେ ଡେଥ୍ ଓଭର ସ୍ପେଶାଲିଷ୍ଟ ବୋଲରଙ୍କ ଅଭାବ ରହିଛି। ସେମାନେ ଯୋଜନାକୁ କାର୍ଯ୍ୟକାରୀ କରିପାରୁନାହାନ୍ତି। କୋହଲିଙ୍କ ନିକଟରେ ଠିକ୍ ପ୍ଲାନ୍ ନାହିଁ ବୋଲି ୪୮ ବର୍ଷୀୟ ପ୍ରକାଶ କରିଛନ୍ତି। ଆର୍‌ସିବି ଶନିବାର କିଙ୍ଗ୍ସ ଏକାଦଶ ପଞ୍ଜାବକୁ ଭେଟିବାକୁ ଯାଉଛି।

### ମେ ୭ ସୁଦ୍ଧା କୋଚ୍ ନିଯୁକ୍ତ କରିବ ଏଆଇଏଫ୍ଏଫ୍

ନୂଆଦିଲ୍ଲୀ, ୧୨।୪: ଆସନ୍ତା ମେ ୭ ତାରିଖ ସୁଦ୍ଧା ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ଭାରତୀୟ ସିନିୟର ଫୁଟବଲ ଦଳର ନୂଆ କୋଚ୍ ନିଯୁକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଏଏଫ୍‌ସି ଏସିଆନ୍ କପ୍‌ରୁ ଭାରତ ବାଦ୍ ପଡିବା ପରେ କୋଚ୍ ପଦରୁ ଷ୍ଟିଫେନ କନ୍‌ଷ୍ଟାଣ୍ଟିନ୍ ଇସ୍ତଫା ଦେଇଥିଲେ। ଆସନ୍ତା ସୋମବାର ଏଆଇଏଫ୍ଏଫ୍ ଟେକ୍‌ନିକାଲ କମିଟିର ବୈଠକ ବସିବ। ଏଥିରେ ଏ ନେଇ ବିସ୍ତୃତ ଭାବେ ଆଲୋଚନ କରାଯିବ ଓ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରାଯିବ। ଆବେଦନର ଅନ୍ତିମ ତାରିଖ ମାର୍ଚ୍ଚ ୨୯ ସୁଦ୍ଧା କୋଚ୍ ପାଦ ପାଇଁ ୨୫୦ଟି ଆବେଦନ ପତ୍ର ମିଳିଛି। ଏଥିମଧ୍ୟରୁ ୩୯ଟି ଆବେଦନ ପତ୍ରକୁ ବିଚାର ପାଇଁ ମନୋନୀତ କରାଯାଇଛି। ନିର୍ଦ୍ଧାରିତ ତାରିଖ ସୁଦ୍ଧା କୋଚ୍ ନିଯୁକ୍ତି ସଂକ୍ରାନ୍ତରେ ଆମେ ଅନ୍ତିମ ନିଷ୍ପତ୍ତି ନେବୁ ବୋଲି ଏଆଇଏଫ୍ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ କହିଛନ୍ତି। ଫାଇନାଲ ଶର୍ଟ ଲିଷ୍ଟରେ ଦୁଇଟି ନାମ ସ୍ଥାନ ପାଇବା ଆଶା କରାଯାଉଛି। ସେମାନେ ହେଲେ ପୂର୍ବତନ ବେଙ୍ଗାଲୁରୁ ଏଫ୍‌ସି କୋଚ୍ ଅଲବର୍ଟ ରୋକା ଓ ହାଇପ୍ରୋଫାଇଲ ସ୍ୱିଡେନ ମ୍ୟାନେଜର ଏସଭେନ- ଗୋରାନ ଏରିକ୍‌ସନ।

> ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ବିପର୍ଯ୍ୟୟ ବିଶ୍ୱକପ୍‌ରେ ବିରାଟ କୋହଲିଙ୍କ ପ୍ରଦର୍ଶନରେ ପ୍ରଭାବ ପକାଇବ ନାହିଁ।
> —ବ୍ରାଡ୍ ହଗ୍, ପୂର୍ବତନ ଅଷ୍ଟ୍ରେଲୀୟ ସ୍ପିନର



> କିମ୍ବଦନ୍ତୀ ଫର୍ମୁଲାୱାନ ଡ୍ରାଇଭର ମାଇକେଲ ସୁମାକରଙ୍କ ନିକଟରେ ଯେଉଁ ପ୍ରତିଭା ଥିଲା, ତାହାର ଛାପ ପୁତ୍ର ମିକ୍‌ଙ୍କ ଠାରେ ରହିଛି।
> —ମାଟିଆ ବିନୋଟୋ, ଫେରାରି ଟିମ୍ ପ୍ରିନ୍ସିପାଲ



# ସୁପର କପ୍ ଫୁଟବଲ ଫାଇନାଲ ଆଜି
# ଗୋଆ ବନାମ ଚେନ୍ନାଇନ୍

ଭୁବନେଶ୍ୱର, ୧୨।୪(କ୍ରୀଡ଼ା ପ୍ରତିନିଧି)







କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଟାଇଟଲ ମୁକାବିଲାରେ ପରସ୍ପରର ସମ୍ମୁଖୀନ ହେବେ ଏଫସି ଗୋଆ ଓ ଚେନ୍ନଇନ୍ ଏଫସି। ଗତ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ରେ ଖରାପ ପ୍ରଦର୍ଶନ ପାଇଁ ଚେନ୍ନାଇନ୍ ଏଫସିକୁ ଯୋଗ୍ୟତା ପର୍ଯ୍ୟାୟ ଦେଇ ଆସିବାକୁ ପଡ଼ିଥିଲା। ତେବେ ଯୋଗ୍ୟତା ପର୍ଯ୍ୟାୟରେ ଆଇଜଲ ଏଫସି ଅନୁପସ୍ଥିତ ରହିବାରୁ ଦଳ ୱାକ୍‌ଓଭର ସହିତ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ଦଳ ମୁମ୍ବାଇ ସିଟିକୁ ୨-୦ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। ଏହି ପର୍ଯ୍ୟାୟରେ ଦଳ ନର୍ଥ ଇଷ୍ଟ ୟୁନାଇଟେଡକୁ ୨-୧ ଗୋଲରେ ହରାଇବାପରେ ସେମିଫାଇନାଲରେ ଆଟଲେଟିକୋ ଡି କୋଲକାତା(ଏଟିକେ)କୁ ୨-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଆଇଏସଏଲ ରନର୍ସଅପ୍ ହୋଇଥିବାରୁ ଏଫସି ଗୋଆ ଏଠାରେ ଯୋଗ୍ୟତା ପର୍ଯ୍ୟାୟ ନ ଖେଳି ସିଧାସଳଖ ପ୍ରି-କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଥିଲା। ରାଉଣ୍ଡ ଅଫ୍-୧୬ରେ ଦଳ ଇଣ୍ଡିଆନ ଆରୋଜକୁ ୩-୦ ଗୋଲରେ ହରାଇଥିବାବେଳେ କ୍ୱାର୍ଟର ଫାଇନାଲରେ ଜାମସେଦପୁର ଏଫସିକୁ ୪-୩ ଏବଂ ସେମିଫାଇନାଲରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ୩-୦ ଗୋଲରେ ପରାସ୍ତ କରି ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିଲା। ପ୍ରଦର୍ଶନ ଦୃଷ୍ଟିରୁ ଉଭୟ ଦଳ ଫର୍ମରେ ଥିବାରୁ ପ୍ରତିଦ୍ୱନ୍ଦ୍ୱିତା ରୋମାଞ୍ଚକ ହେବା ଆଶା ରହିଛି।

ଗତ ଇଣ୍ଡିଆନ ସୁପର ଲିଗ୍ ସିଜନରେ ଚମତ୍କାର ପ୍ରଦର୍ଶନ କରିଥିବା ଏଫସି ଗୋଆ ଫାଇନାଲରେ ଅତିରିକ୍ତ ସମୟରେ ବେଙ୍ଗାଲୁରୁ ଏଫସି ନିକଟରୁ ଏକମାତ୍ର ଗୋଲରେ ହାରି ଅଳ୍ପକେ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା। ତେଣୁ ସର୍ଗିଓ ଲୋବେରାଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ଏଠାରେ ଟାଇଟଲ ଜିତି ପୂର୍ବ ଦୁଃଖ ଭୁଲିଯିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ୨୦୧୭-୧୮ ଆଇଏସଏଲ ଚାମ୍ପିୟନ ଚେନ୍ନଇନ୍ ଏଫସି ପାଇଁ ୨୦୧୮-୧୯ ସଂସ୍କରଣ ଦୁଃସ୍ୱପ୍ନ ସଦୃଶ ହୋଇଥିଲା। ଜନ ଗ୍ରେଗୋରିଙ୍କ ଦଳ ୧୦ ଦଳ ବିଶିଷ୍ଟ ମୁକାବିଲାରେ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଥିଲା। ଦଳ ୧୮ ମ୍ୟାଚରୁ ମାତ୍ର ୨ଟିରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ସେହି ତୁଳନାରେ ଦେଖିବାକୁ ଗଲେ ଏହି ଦଳ ୧୩ଟି ମ୍ୟାଚରେ ପରାଜିତ ହୋଇଥିଲା। ମାତ୍ର ଏଠାରେ ପୁନର୍ଗଠିତ ହୋଇ ଦଳ ସତେଜ ମନରେ ଏପର୍ଯ୍ୟନ୍ତ ଆକର୍ଷଣୀୟ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛି। କୌଣସି ଟୁର୍ନାମେଣ୍ଟର ଫାଇନାଲରେ ପରସ୍ପରକୁ ଭେଟିବା ଚେନ୍ନାଇନ-ଗୋଆ ପାଇଁ ଏହା ନୂଆ ନୁହେଁ। ୨୦୧୫ ଆଇଏସ୍ଏଲ ଫାଇନାଲରେ ଦୁହେଁ ମୁହାଁମୁହିଁ ହୋଇଥିଲେ। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ କିନ୍ତୁ ଚେନ୍ନାଇନ୍ ୩-୨ ଗୋଲରେ ବିଜୟ ହାସଲ କରିଥିଲା। ଏବେ ଏହି ପରାଜୟର ମଧୁର ପ୍ରତିଶୋଧ ନେବାପାଇଁ ଗୋଆ ନିକଟରେ ସୁଯୋଗ ପହଞ୍ଚିଛି।

ଗୋଆ ସୁପର କପ୍‌ରେ ଏପର୍ଯ୍ୟନ୍ତ ୩ ମ୍ୟାଚରୁ ୧୦ ଗୋଲ ସ୍କୋର କରି ସାରିଛି। ସସପେଣ୍ଡ ଥିବାରୁ ଇଡୁ ବେଡିଆଙ୍କ ପରି ତାରକା ଖେଳାଳିଙ୍କ ବିନା ଗୋଆ ସେମିଫାଇନାଲରେ ୨୦୧୮-୧୯ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିର ସଫଳ ମୁକାବିଲା କରିଥିଲା। ଏବେ ବେଡିଆ ଦଳକୁ ଫେରିଥିବାରୁ ଗୋଆ ଅଧିକ ଶକ୍ତିଶାଳୀ ଦଳଭାବେ ଫାଇନାଲରେ ପଡ଼ିଆକୁ ଓହ୍ଲାଇବାକୁ ପ୍ରସ୍ତୁତ। ଫେରାନ କୋରୋମିନାସ, ବ୍ରେଣ୍ଡନ ଫର୍ନାଣ୍ଡିଜ୍ ଓ ବେଡିଆଙ୍କୁ ନେଇ ଗୋଆ ଫରୱାର୍ଡ ଲାଇନ୍ ବେଶ୍ ଶାଣିତ। ପ୍ରଦର୍ଶନକୁ ନେଇ ସମ୍ପ୍ରତି ଚର୍ଚ୍ଚାରେ ରହିଥିବା ଯୁବ ଲେଫ୍ଟ-ବ୍ୟାକ୍ ସାଭିଅର ଗାମା ଶନିବାର ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ। ଜାମସେଦପୁର ଏଫସି ବିପକ୍ଷ କ୍ୱାର୍ଟର ଫାଇନାଲରେ ମୌର୍ତାଦା ଫଲ୍ ଏବଂ କାର୍ଲୋସ ପେନାଙ୍କ ପ୍ରଦର୍ଶନକୁ ନେଇ ପ୍ରଶ୍ନ ଉଠିଥିଲା, ମାତ୍ର ଚେନ୍ନାଇ ସିଟି ବିପକ୍ଷ ସେମିଫାଇନାଲରେ ଏହି ସେଣ୍ଟର ବ୍ୟାକ୍ ଦ୍ୱୟ ଦୃଢ଼ ପ୍ରଦର୍ଶନ କରି କୋଚ୍‌ଙ୍କ ମନ ଜିତିଥିଲେ। ଗତ ଆଇଏସଏଲ ସିଜନରେ ଚେନ୍ନାଇନ୍ ବିପକ୍ଷରେ ଡବଲ ବିଜୟ ମଧ୍ୟ ଗୋଆକୁ ଡ୍ରାଇଭର ଶିଟ୍‌ରେ ବସାଇଛି। ଚେନ୍ନାଇ ମ୍ୟାଚରେ ଗୋଆ ୩-୧ ଓ ଘରୋଇ ପରିବେଶରେ ୧-୦ ଗୋଲରେ ଚେନ୍ନାଇନ୍ ଏଫସିକୁ ପରାସ୍ତ କରିଥିଲା।

ଅନ୍ୟପକ୍ଷରେ ଅତୀତ ପ୍ରଦର୍ଶନକୁ ନେଇ ଚିନ୍ତିତ ନୁହେଁ ଚେନ୍ନାଇନ୍। ଏଏଫସି କପ୍ ଓ ସୁପର କପ୍‌ର ଶେଷ ୬ଟି ମ୍ୟାଚରେ ଅପରାଜେୟ ରହିଥିବାରୁ ଦଳ ଠିକ୍ ପଥରେ ଆଗଉଥିବାର ସୂଚନା ଦେଇଛି। ଦଳ ଏପର୍ଯ୍ୟନ୍ତ ମାତ୍ର ଗୋଟିଏ ଗୋଲବରଣ କରିବା ମଧ୍ୟ ପ୍ରତିପକ୍ଷ ଦଳପାଇଁ ସତର୍କ ଘଣ୍ଟି ସଦୃଶ ହୋଇଛି। ମାଲିସନ ଆଲଭେସ ଓ ଏଡି ସାବିଆଙ୍କୁ ନେଇ ଚେନ୍ନାଇନ୍ ଡିଫେନ୍ସ ବିଭାଗ ବେଶ୍ ଦୃଢ଼। ଆହତ ସମସ୍ୟା ଯୋଗୁ ପୂରା ଆଇଏସଏଲ ସିଜନରେ ଖେଳିପାରି ନ ଥିବା ଧନପାଲ ଗଣେଶଙ୍କ ପ୍ରତ୍ୟାବର୍ତ୍ତନ ଦଳ ପାଇଁ ଶୁଭ ସାବ୍ୟସ୍ତ ହୋଇଛି। ଭାରତର ଅନ୍ୟତମ ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ପରିଚିତ ଧନପାଲ ୨୦୧୭-୧୮ ସିଜନରେ ଚେନ୍ନାଇନ୍‌କୁ ଆଇଏସଏଲ ଚାମ୍ପିୟନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଧନପାଲଙ୍କ ଉପସ୍ଥିତିରେ ରାଫାଲ ଅଗଷ୍ଟୋ ଓ ଅନିରୁଦ୍ଧ ଥାପା ପ୍ରତିପକ୍ଷ ହାଫ୍‌ରେ ଅଧିକ ସ୍ୱାଧୀନ ଭାବେ ଖେଳି ପାରୁଛନ୍ତି। ବିଶେଷ କରି ୨୧ ବର୍ଷୀୟ ଯୁବ ଖେଳାଳି ଥାପା ଏଥିରୁ ବେଶି ଫାଇଦା ନେଇଛନ୍ତି ଏବଂ କ୍ୱାର୍ଟର ଫାଇନାଲ ଏବଂ ସେମିଫାଇନାଲରେ ହିରୋ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଫାଇନାଲ ପଥରେ ନର୍ଥଇଷ୍ଟ ୟୁନାଇଟେଡ ଓ ଏଟିକେ ପରି ଦଳକୁ ହରାଇଥିବାରୁ ଚେନ୍ନାଇନ୍‌କୁ କୌଣସି ପରିସ୍ଥିତିରେ ହାଲ୍‌କା ମଣୁନାହିଁ ଗୋଆ। ଚେନ୍ନାଇନର ଥାପା ଓ ଗୋଆ ଡିଫେଣ୍ଡର ଲେରି ରୋଡ୍ରିଗ୍ରେଜ ଫାଇନାଲରେ ନିର୍ଣ୍ଣାୟକ ଭୂମିକା ନେବା ଆଶା କରାଯାଉଛି।

### ଅଭିଷେକ ବଚନ ମୁଖ୍ୟ ଆକର୍ଷଣ



ଏଫସି ଗୋଆ ଓ ଚେନ୍ନାଇନ୍ ଏଫସି ସୁପର କପ୍ ଫୁଟବଲ ଫାଇନାଲ ଅବସରରେ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ରହିବେ ବଲିଉଡ ଅଭିନେତା ଅଭିଷେକ ବଚନ। ମିଳିଥିବା ସୂଚନା ଅନୁସାରେ ଅଭିଷେକ ପୂରା ମ୍ୟାଚରେ ଉପସ୍ଥିତ ରହି ଚେନ୍ନାଇନ୍ ଏଫସିକୁ ଉତ୍ସାହିତ କରିବେ। ଗତ ଆଇଏସଏଲ ସିଜନରେ ଲଜ୍ଜା ଜନକ ପ୍ରଦର୍ଶନ ପରେ ଚେନ୍ନାଇନ୍ ଏଫସି ଏଏଫସି କପ୍ ଏବଂ ସୁପର କପ୍‌ରେ ଆକର୍ଷଣୀୟ ପ୍ରଦର୍ଶନ କରିଛି। ଦଳ ଫାଇନାଲରେ ପହଞ୍ଚିଥିବାରୁ ଖେଳାଳିଙ୍କୁ ଉତ୍ସାହିତ କରିବାକୁ ଉଚିତ ମଣିଛନ୍ତି ଅଭିଷେକ। ସେ ହେଉଛନ୍ତି ଚେନ୍ନାଇନ୍ ଏଫସିର ସହ ମାଲିକ। ଅନେକ ମ୍ୟାଚରେ ସେ ବିଭିନ୍ନ ଷ୍ଟାଡିୟମରେ ଉପସ୍ଥିତ ରହି ଚେନ୍ନାଇନ୍ ଖେଳାଳିମାନଙ୍କୁ ଉତ୍ସାହିତ କରିଥାନ୍ତି। ଏବେ ସେ ପ୍ରଥମଥର ପାଇଁ କଳିଙ୍ଗ ଷ୍ଟାଡିୟମ ଆସିବା ସ୍ପଷ୍ଟ ହୋଇଛି। ତେଣୁ ଓଡ଼ିଶା ଫୁଟବଲ ପ୍ରେମୀମାନେ ଫାଇନାଲ ଦେଖିବାର ମଜା ନେବା ସହ ସେମାନଙ୍କ ପ୍ରିୟ ଅଭିନେତା ଅଭିଷେକଙ୍କୁ ନିକଟରୁ ଦେଖିବାର ସୁଯୋଗ ପାଇବେ।

### ଫାଇନାଲ ପଥରେ

**ଚେନ୍ନାଇନ୍ ଏଫସି**

- ଆଇଜଲ ଏଫସି: ୱାକଓଭର
- ମୁମ୍ବାଇ ସିଟି: ୨-୦
- ନର୍ଥଇଷ୍ଟ ୟୁନାଇଟେଡ: ୨-୧
- ଆଟଲେଟିକୋ ଡି କୋଲକାତା: ୨-୦

**ଏଫସି ଗୋଆ**

- ଇଣ୍ଡିଆନ ଆରୋଜ: ୩-୦
- ଜାମସେଦପୁର ଏଫସି: ୪-୩
- ଚେନ୍ନାଇ ସିଟି: ୩-୦

# ଗୋଆ ଫେଭରାଇଟ: ଗ୍ରେଗୋରି

ଭୁବନେଶ୍ୱର, ୧୨।୪(କ୍ରୀଡ଼ା ପ୍ରତିନିଧି)





ଶୁକ୍ରବାର ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା (ବାମରୁ ଦ୍ୱିତୀୟ) ଓ ଜନ୍ ଗ୍ରେଗୋରି (ତୃତୀୟ)।

ସୁପର କପ୍ ଫୁଟବଲ ଫାଇନାଲ ପୂର୍ବରୁ ନିଜ ନିଜ ଦଳର ଭଲ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଚେନ୍ନାଇନ୍ ଏଫସି କୋଚ୍ ଜନ ଗ୍ରେଗୋରି ଏବଂ ଏଫସି ଗୋଆ କୋଚ୍ ସର୍ଗିଓ ଲୋବେରା। ତେବେ ଫାଇନାଲ ପାଇଁ ଗୋଆ ଫେଭରାଇଟ ବୋଲି ଗ୍ରେଗୋରି ପ୍ରକାଶ କରିଛନ୍ତି। ଅନପକ୍ଷରେ ଚେନ୍ନାଇନ୍ ଏକ କଷ୍ଟସାଧ ଦଳ ବୋଲି କହିଛନ୍ତି ଲୋବେରା।

''ଏପର୍ଯ୍ୟନ୍ତ ଆମେ ଯେପରି ପ୍ରଦର୍ଶନ କରି ଆସିଛୁ ତାହା ଦୋହରାଇବା ଆଶାନେଇ ଫାଇନାଲରେ ପଡ଼ିଆକୁ ଓହ୍ଲାଇବୁ। ଭାବାବେଗକୁ ନିୟନ୍ତ୍ରଣରେ ରଖିବା ଗୁରୁତ୍ୱପୂର୍ଣ୍ଣ। ଗତ ଇଣ୍ଡିଆନ ସୁପର ଲିଗ୍‌ରେ ଭଲ ଖେଳି ନ ଥିଲେ ହେଁ ଏଠାରେ ଚେନ୍ନାଇନ୍ ଯେପରି ପ୍ରଦର୍ଶନ କଲା ଫାଇନାଲ ପାଇଁ ହକ୍‌ଦାର। ଅନ୍ୟ ଦଳଗୁଡ଼ିକ ତୁଳନାରେ ଏହି ଦଳ ବହୁତ ଭଲ ଖେଳିଛି। ଫାଇନାଲରେ ଆମେ ଏକ କଷ୍ଟସାଧ ଦଳକୁ ଭେଟିବାକୁ ଯାଉଛୁ'' ବୋଲି ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲୋବେରା ପ୍ରକାଶ କରିଛନ୍ତି। ପ୍ରତି ଗେମ୍ ଭିନ୍ନ। ଆମେ ସେମିଫାଇନାଲରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ହରାଇଥିଲେ ହେଁ ଫାଇନାଲରେ ତା'ର କିଛି ମାନେ ରହିବ ନାହିଁ। ଚେନ୍ନାଇନ୍ ବିପକ୍ଷରେ ଆମକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ଚେନ୍ନାଇ ସିଟି ତୁଳନାରେ ଚେନ୍ନାଇନ୍ ଅଧିକ ସମୃଦ୍ଧ ଏବଂ ଆକ୍ରମଣାତ୍ମକ ଦଳ ବୋଲି ସେ କହିଛନ୍ତି। ଗୋଆ ଦଳ ଅତୀତରେ ଆଇଏସଏଲ ଫାଇନାଲରେ ଚେନ୍ନାଇନ୍‌ଠାରୁ ଏବଂ ୨୦୧୮-୧୯ ଆଇଏସଏଲ ଫାଇନାଲରେ ବେଙ୍ଗାଲୁରୁ ଏଫସିଠାରୁ ପରାସ୍ତ ହୋଇଛି। ତେଣୁ ବଡ଼ ଟୁର୍ନାମେଣ୍ଟରେ ଦଳର ରେକର୍ଡ ଦୁର୍ବଳ ରହିଛି। ଏହାର ଉତ୍ତରରେ ଲୋବେରା କହିଲେ ଯେ, ଗତ ଆଇଏସଏଲ ଫାଇନାଲରେ ଆମେ ଅପେକ୍ଷାକୃତ ବହୁତ ଭଲ ଖେଳିଥିଲୁ। ମାତ୍ର ଫଳାଫଳ ଆମ ସପକ୍ଷରେ ଯାଇ ନ ଥିଲା। ଫୁଟବଲରେ ଅନେକ ସମୟରେ ସେପରି ହୋଇଥାଏ। ତେବେ ଆଗାମୀ ଫାଇନାଲରେ ଆମେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଲୋବେରା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ''ଆମେ ଫାଇନାଲରେ ଅଣ୍ଡରଡଗ୍ ଭାବେ ଖେଳିବା ଆରମ୍ଭ କରିବୁ। ଗୋଆ ଫେଭରାଇଟ ବୋଲି ମୋର ଅନୁଭବ ହେଉଛି। ଫାଇନାଲରେ ପହଞ୍ଚିବା ପାଇଁ ଆମେ କଠିନ ପରିଶ୍ରମ କରିଛୁ। ଗତ ଆଇଏସଏଲର ସେମିଫାଇନାଲରେ ପ୍ରବେଶ କରିଥିବା ୨ଟି ଦଳକୁ ଆମେ ଫାଇନାଲ ପଥରେ ପରାସ୍ତ କରିଛୁ। ଫାଇନାଲ ଆମ ପାଇଁ କଡ଼ା ପରୀକ୍ଷା ସଦୃଶ। ଏବେ ବିଜୟ ହାସଲ କରିବା କେବଳ ଗୋଟିଏ ଚିନ୍ତା'' ବୋଲି ଗ୍ରେଗୋରି କହିଛନ୍ତି। ସୁପର କପ୍‌କୁ ଗୋଆ ଗମ୍ଭୀରତାର ସହ ନେଉଛି। ଗୋଆର ଶକ୍ତି ସମ୍ପର୍କରେ ଆମେ ସମସ୍ତେ ଅବଗତ। ଇଡୁ ବେଡିଆଙ୍କ ଅନୁପସ୍ଥିତି ସତ୍ତ୍ୱେ ଏହି ଦଳ ଚେନ୍ନାଇ ସିଟିକୁ ପରାସ୍ତ କରିଛି। ତେବେ ବେଡିଆ ଦଳକୁ ଆସିଲେ ଗୋଆ କାହାକୁ ବାହାର କରୁଛି ତାହା ଦେଖିବାକୁ ଆମେ ଆଗ୍ରହର ସହ ଅପେକ୍ଷା କରିଛୁ। ଗତ ସିଜନସାରା ଗୋଆର ପ୍ରଦର୍ଶନ ଦେଖିବାପରି ହୋଇଛି। ମୁଁ ଏହି ଦଳର ସବୁ ଖେଳକୁ ଦେଖିଛି ଏବଂ ଉପଭୋଗ କରିଛି। ଲୋବେରା ନିଜ କାର୍ଯ୍ୟକୁ ଠିକ୍‌ଭାବେ ତୁଲାଇଛନ୍ତି। ତେଣୁ ଆମେ ଏକ କଷ୍ଟସାଧ ମ୍ୟାଚ ଅପେକ୍ଷାରେ ରହିଛୁ ବୋଲି ଗ୍ରେଗୋରି କହିଛନ୍ତି। ସସପେଣ୍ଡ ହୋଇଥିବାରୁ ଚେନ୍ନାଇନ୍‌ର ଖ୍ରିଷ୍ଟୋଫର ହେର୍ଡ ଫାଇନାଲରେ ଉପଲବ୍ଧ ହେବେନାହିଁ। ହେର୍ଡ ଓ ଧନପାଲ ଗଣେଶ ଆଟଲେଟିକୋ ଡି କୋଲକାତା ବିପକ୍ଷ ସେମିଫାଇନାଲରେ ଚମତ୍କାର ଖେଳିଥିଲେ। ତେଣୁ ଖ୍ରିସଙ୍କ ଅନୁପସ୍ଥିତି ନିଶ୍ଚିତ ଅନୁଭବ ହେବ, ତେବେ ଆମେ ଶ୍ରେଷ୍ଠ କମ୍ବିନେଶନ ସହ ପଡ଼ିଆକୁ ଓହ୍ଲାଇବୁ ବୋଲି ସେ ପ୍ରକାଶ କରିଛନ୍ତି। ଫେରାନ କୋରୋମିନାସ ପ୍ରତିପକ୍ଷ ଦଳର ବିପଜ୍ଜନକ ଖେଳାଳି। ସେ ପୂରା ସିଜନରେ ଗୋଲସ୍କୋରିଂ ଜାରି ରଖିଛନ୍ତି। ତାଙ୍କ ଉପରେ ଆମ ନଜର ନିଶ୍ଚିତ ରହିବ। ତେବେ ମୋମେଣ୍ଟମ ଦେଇ ଗତି କରୁଥିବାରୁ ଆଗାମୀ ମ୍ୟାଚକୁ ଜିତିବା କ୍ଷମତା ଆମ ନିକଟରେ ରହିଛି ବୋଲି ଗ୍ରେଗୋରି କହିଛନ୍ତି।

# ଧୋନୀଙ୍କୁ ସମାଲୋଚନା





ଜୟପୁର,୧୨।୪(ପିଟି)

କ୍ୟାପ୍‌ଟେନ କୁଲ୍ ଭାବେ ପରିଚିତ ମହେନ୍ଦ୍ର ସିଂ ଧୋନୀ ଗୁରୁବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଡଗ୍ ଆଉଟ୍ ଛାଡ଼ି ଗ୍ରାଉଣ୍ଡ ମଧ୍ୟକୁ ପ୍ରବେଶ କରି ଅମ୍ପାୟର ଉଲାସ ଗାନ୍ଧେଙ୍କୁ ଆଙ୍ଗୁଠି ଦେଖାଇ ଚ୍ୟାଲେଞ୍ଜ ଦେଇଥିଲେ। ଏଥିନେଇ ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ୫୦ ପ୍ରତିଶତ ମ୍ୟାଚ୍ ଫି' କାଟ କରି ଦିଆଯାଇଥିଲେ ମଧ୍ୟ ମାଇକେଲ ଭନ, ମାର୍କ ୱ୍, ମାଇକେଲ ସ୍ଲାଟର ଓ ଶନ ଟେଟ୍‌ଙ୍କ ଭଳି ପ୍ରାକ୍ତନ କ୍ରିକେଟରଙ୍କ ସମାଲୋଚନାର ଶିକାର ହୋଇଛନ୍ତି। ଧୋନୀ ଆଉଟ୍ ହେବା ପରେ ଗ୍ରାଉଣ୍ଡ ମଧ୍ୟକୁ ପ୍ରବେଶ କରିବା ଘଟଣା ହେବା କଥା ନୁହେଁ। ମୁଁ ଜାଣିଛି, ଭାରତରେ ଧୋନୀ କିଛି ବି କରିପାରିବେ। କିନ୍ତୁ ଡଗ୍ ଆଉଟ୍ ଛାଡ଼ି ଅମ୍ପାୟରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ଅନୁଚିତ। ଅଧିନାୟକ ହୋଇ ଖେଳାଳିଙ୍କ ଲାଗି ଏଭଳି ଉଦାହରଣ ସୃଷ୍ଟି କରିବା ଭୁଲ୍ ବୋଲି କହିଛନ୍ତି ପୂର୍ବତନ ଇଂଲଣ୍ଡ ଅଧିନାୟକ ଭନ୍। ସେହିଭଳି ରାଜସ୍ଥାନ ଦଳର ପୂର୍ବତନ ପେସର ଶନ ଟେଟ୍ କହିଛନ୍ତି, ତୁମେ ଫିଲ୍ଡ ମଧ୍ୟକୁ ପ୍ରବେଶ କରିପାରିବ ନାହିଁ। ଏହା ଗ୍ରାମାଞ୍ଚଳ କିମ୍ବା ୧୦ବର୍ଷରୁ କମ୍ ବର୍ଗର କ୍ରିକେଟ ମ୍ୟାଚ୍ ନୁହେଁ। ସେ ଜଣେ ଖେଳାଳି ବୋଲି ବୋଧହୁଏ ଭୁଲି ଯାଇଛନ୍ତି। ଖେଳାଳି ହୋଇ ଅଫିସିଆଲଙ୍କୁ ନିୟନ୍ତ୍ରଣ କରିବାର ଅଧିକାର କାହାରି ନାହିଁ। ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ୱ୍' କହିଛନ୍ତି, ଆଇପିଏଲରେ ବହୁତ ଟଙ୍କା ଲାଗିଥିବାରୁ ମାଲିକଙ୍କ ପକ୍ଷରୁ ଖେଳାଳିଙ୍କ ଉପରେ ପ୍ରବଳ ଚାପ ରହୁଛି। କିନ୍ତୁ ଆଇପିଏଲରେ ଘଟିଥିବା ଦୁଇଟି ଘଟଣା ଲାଗି ମୁଁ ଦୁଃଖିତ। ପ୍ରଥମଟି ରବିଚନ୍ଦ୍ରନ ଅଶ୍ୱିନଙ୍କ ମଙ୍କଡିଙ୍ଗ୍ ଆଉଟ୍ ଓ ଧୋନୀଙ୍କ ଅମ୍ପାୟରଙ୍କ ସହ ଯୁକ୍ତିତର୍କ। ଦୁଇ ଦଳର ଅଧିନାୟକ ଏଭଳି କରିଛନ୍ତି। ଏହା ଆଦୌ ଉଚିତ ନୁହେଁ। ଏମାନଙ୍କ ବ୍ୟତୀତ ଭାରତୀୟ ପୂର୍ବତନ କ୍ରିକେଟରଙ୍କ ମଧ୍ୟରେ ହେମାଙ୍ଗ ବଦାନି, ଆକାଶ ଚୋପ୍ରା, ଦୀପ ଦାସଗୁପ୍ତା ଓ ସଞ୍ଜୟ ମଞ୍ଜରେକର ମଧ୍ୟ ଧୋନୀଙ୍କୁ ସମାଲୋଚନା କରିଛନ୍ତି।

# ସିନ୍ଧୁ ସେମିରେ: ସାଇନା, ଶ୍ରୀକାନ୍ତ, ସମୀର ବିଦା

ସିଙ୍ଗାପୁର, ୧୨।୪ (ପି.ଟି.)

ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ସାଇନା ନେହ୍ୱାଲ ତାଙ୍କ କ୍ୱାର୍ଟରଫାଇନାଲ ମ୍ୟାଚ ହାରିଯାଇଛନ୍ତି। ପୁରୁଷ ସିଙ୍ଗଲ୍ସରେ କିଦାମ୍ବି ଶ୍ରୀକାନ୍ତ ଓ ସମୀର ବର୍ମା ଏବଂ ମିକ୍ସଡ ଡବଲ୍ସରେ ପ୍ରଣବ ଜେରି ଚୋପ୍ରା ଓ ଏନ. ସିକ୍କି ରେଡ୍ଡୀ ସେମାନଙ୍କ ମ୍ୟାଚ ହାରିଯାଇଥିବାରୁ ଭାରତର ଏକମାତ୍ର ଖେଳାଳି ଭାବେ ସିନ୍ଧୁ ଏହି ଚାମ୍ପିୟନଶିପ୍‌ରେ ତିଷ୍ଠି ରହିଛନ୍ତି। ରିଓ ଗେମ୍ସ ରୌପ୍ୟ ବିଜୟିନୀ ସିନ୍ଧୁ ଶୁକ୍ରବାର ମ୍ୟାଚରେ ବିଶ୍ୱର ୧୮ ନମ୍ବର ମାନ୍ୟତାପ୍ରାପ୍ତ ତଥା ୨୦୧୭ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ଚାଇନାର କାଇ ୟାନୟାନଙ୍କୁ ୨୧-୧୩, ୧୭-୨୧, ୨୧-୧୪ରେ ହରାଇ ଦେଇଛନ୍ତି। ସେମିଫାଇନାଲରେ ସେ ପୂର୍ବତନ ବିଶ୍ୱ ଚାମ୍ପିୟନ ନୋଜୋମି ଓକୁହାରାଙ୍କୁ ଭେଟିବେ। ଚଳିତ ସିଜନରେ ସିନ୍ଧୁ ତାଙ୍କ ଦ୍ୱିତୀୟ ସେମିଫାଇନାଲ ଖେଳିବାକୁ ଯାଉଛନ୍ତି। ଗତ ମାସରେ ସେ ଇଣ୍ଡିଆ ଓପନ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଦ୍ୱିତୀୟ ସିଡ୍ ଜାପାନର ଓକୁହାରା ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟିନୀ ତଥା ୬ଷ୍ଠ ସିଡ୍ ସାଇନାଙ୍କ ବିପକ୍ଷ ମ୍ୟାଚକୁ ୨୧-୮, ୨୧-୧୩ରେ ଜିତିନେଇଥିଲେ। କେଣ୍ଟୋ ମୋମୋଟାଙ୍କ ବିପକ୍ଷ ପୁରୁଷ ସିଙ୍ଗଲ୍ସରେ ଶ୍ରୀକାନ୍ତଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ଜାପାନର ଟପ୍ ସିଡ୍ ଖେଳାଳିଙ୍କ ଠାରୁ ସେ ୧୮-୨୧, ୨୧-୧୯, ୯-୨୧ରେ ପରାଜିତ ହୋଇଯାଇଥିଲେ। ମୋମୋଟାଙ୍କ ବିପକ୍ଷରେ ଏହା ଥିଲା ତାଙ୍କର କ୍ରମାଗତ ୯ମ ପରାଜୟ। ବିଶ୍ୱର ୧୬ ନମ୍ବର ମାନ୍ୟତାପ୍ରାପ୍ତ ସମୀର ବର୍ମା ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ଦ୍ୱିତୀୟ ସିଡ୍ ତଥା ଚାଇନିଜ ତାଇପେର ଚୋଉ ତିନ୍ ଚେନ୍‌ଙ୍କଠାରୁ ୧୦-୨୧, ୨୧-୧୫, ୧୫-୨୧ରେ ପରାଜିତ ହୋଇଯାଇଥିଲେ। ମିକ୍ସଡ ଡବଲ୍ସରେ ଥାଇଲାଣ୍ଡ ଯୋଡ଼ି ଦେଚାପଲ ପୁଆଭାରାନୁକ୍ରୋଙ୍କଠାରୁ ୧୪-୨୧, ୧୬-୨୧ରେ ପରାସ୍ତ ହୋଇ ଏହି ୱାର୍ଲ୍ଡ ଟୁର୍ ସୁପର ୫୦୦ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲେ।

### ଓଡ଼ିଶାର ଦ୍ୱିତୀୟ ପରାଜୟ

କଟକ ଅଫିସ,୧୨।୪

ପଞ୍ଜାବର ଲୁଧିଆନାସ୍ଥିତ ଗୁରୁନାନକ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଜାତୀୟ ସିନିୟର ପୁରୁଷ ଫୁଟବଲ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ମୁକାବିଲାରେ ଓଡ଼ିଶା ୦-୨ ଗୋଲରେ ସର୍ଭିସେସଠାରୁ ପରାସ୍ତ ହୋଇଛି। ଫାଇନାଲ ରାଉଣ୍ଡରେ ଓଡ଼ିଶା ଦଳର ଏହା ଦ୍ୱିତୀୟ ପରାଜୟ। ପ୍ରଥମ ମ୍ୟାଚ୍‌ରେ ଦଳ ୨-୩ ଗୋଲରେ ମେଘାଳୟଠାରୁ ହାରିଥିଲା। ଶୁକ୍ରବାର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧର ୭୨ତମ ମିନିଟରେ ମିଳିଥିବା ଏକ ପେନାଲ୍ଟିରୁ ସର୍ଭିସେସ ପ୍ରଥମ ଗୋଲ ଦେଇଥିଲା। ଏନ ସୁରେଶ ମଇତି ଏହି ଗୋଲ ସ୍କୋର କରିଥିଲେ। ପରେ ୮୭ତମ ମିନିଟରେ ହରିକ୍ରିଷ୍ଣା ସର୍ଭିସେସ ନିମନ୍ତେ ଦ୍ୱିତୀୟ ଗୋଲ ଦେଇଥିଲେ। ୧୪ ତାରିଖରେ ଓଡ଼ିଶା ଗୋଆ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ।




**ଆଜିର ମ୍ୟାଚ**



ମୁମ୍ବାଇ ଇଣ୍ଡିଆନ୍ସ **ବନାମ** ରାଜସ୍ଥାନ ରୟାଲ୍ସ
ସ୍ଥାନ : ମୁମ୍ବାଇ
ସମୟ : ଅପରାହ୍ନ ୪ଟା

କିଙ୍ଗ୍ସ ଇଲେଭେନ ପଞ୍ଜାବ **ବନାମ** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ପ୍ରସାରଣ
ସ୍ଥାନ : ମୋହାଲି
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ଦିଲ୍ଲୀର ସହଜ ବିଜୟ

**କୋଲକାତା,୧୨।୪(ପି.ଟି.)**

ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଦ୍ରୁତ ତଥା ଅପରାଜିତ ୯୭ ରନ (୬୩ ବଲ, ୧୧ ଚୌକା, ୨ ଛକା)ର ଇନିଂସ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୬ତମ ମ୍ୟାଚ୍‌ରେ ୭ଟି ବଲ୍ ବାକିଥାଇ ୭ ଉଇକେଟରେ କୋଲକାତା ନାଇଟ ରାଇଡର୍ସଙ୍କୁ ପରାସ୍ତ କରିଛି। ସ୍ଥାନୀୟ ଇଡେନ ଗାର୍ଡେନ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା କୋଲକାତା ୭ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ୧୮.୫ ଓଭରରେ ୩ ଉଇକେଟ ହରାଇ ୧୮୦ ରନ କରି ବିଜୟ ହାସଲ କରି ନେଇଥିଲା। ମ୍ୟାଚ୍ ବିଜୟୀ ଇନିଂସ ପାଇଁ ଧାୱନ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହିତ ଦିଲ୍ଲୀ ୭ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୩ ପରାଜୟ ସହ ମୋଟ ୮ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନକୁ ଉଠିଛି।

୧୭୯ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଦିଲ୍ଲୀ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲା। ଯୁବ ଓପନର ପୃଥ୍ୱୀ ଶ ୧୪ ରନ କରିଥିବା ବେଳେ ପ୍ରଥମେ ଆଉଟ ହୋଇଥିଲେ। ଅଧିନାୟକ ଶ୍ରେୟାସ ଆୟର ମାତ୍ର ୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ପୃଥ୍ୱୀ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲରେ ଏବଂ ଆୟାର ଆନ୍ଦ୍ରେ ରସେଲଙ୍କ ବଲ୍‌ରେ ଉଇକେଟ କିପର ଦୀନେଶ କାର୍ତ୍ତିକଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ଅଭିଜ୍ଞ ଓପନର ଶିଖର ଧାୱନ ଓ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଦମ୍‌ଦାର ପ୍ରଦର୍ଶନ କରି ତୃତୀୟ ଉଇକେଟ ଯୋଡ଼ିରେ ୬୯ ବଲରୁ ଦ୍ରୁତ ୧୦୫ ରନ କରି ବିଜୟ ନିଶ୍ଚିତ କରିଥିଲେ। ତେବେ ପନ୍ତ ୩୧ ବଲରୁ ୪ ଚୌକା ୨ ଛକା ସହ ୪୬ ରନ କରି ନୀତୀଶ ରାଣାଙ୍କ ବଲ୍‌ରେ କୁଲଦୀପ ଯାଦବଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହା ପରେ ବ୍ୟାଟିଂ କରିବାକୁ ଆସିଥିବା କଲିନ୍ ଇନ୍‌ଗ୍ରାମ ୧୪ ରନ କରି ଅପରାଜିତ ରହିଥିଲେ। ତେବେ ସେ ଛକା ମାରି ଦଳକୁ ବିଜୟୀ କରାଇଥିଲେ। ଧାୱନ୍ ୯୭ ରନରେ ଅପରାଜିତ ରହି ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ୬୩ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୨ ଛକା ମାରିଥିଲେ। ବୋଲିଂରେ କୋଲକାତା ତରଫରୁ କ୍ରିଷ୍ଣା, ରସେଲ ଓ ରାଣା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ଓପନର ଜୋ ଡେନଲିଙ୍କୁ ପ୍ରଥମ ବଲ୍‌ରେ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ତେବେ ଦ୍ୱିତୀୟ ଉଇକେଟରେ ଶୁବମନ ଗିଲ୍ ଓ ରବିନ୍ ଉଥାପ୍ପା ୫୨ ବଲରୁ ୬୩ ରନ ସଂଗ୍ରହ କରିଥିଲେ। ଉଥାପ୍ପା ୩୦ ବଲରୁ ୪ ଚୌକା ଓ ୧ ଛକା ସହ ୨୮ ରନ କରି ପ୍ୟାଭିଲିୟନ ଫେରିବା ପରେ ଶୁବମନ ଆଉଟ ହୋଇଥିଲେ। ଶୁବମନ ୩୯ ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୨ ଛକା ସହ ୬୫ ରନର ଉପଯୋଗୀ ଅର୍ଦ୍ଧଶତକୀୟ ଇନିଂସ ଖେଳି କିମୋ ପଲଙ୍କ ବଲ୍‌ରେ ଅକ୍ଷର ପଟେଲଙ୍କୁ କ୍ୟାଚ୍ ଦେଇଥିଲେ। ନୀତୀଶ ରାଣା ମାତ୍ର ୧୧ ରନ କରି ଆଉଟ ହୋଇଥିଲେ। ଅଧିନାୟକ ଦୀନେଶ କାର୍ତ୍ତିକ ୨ ରନ କରି ଆଉଟ ହେବା ସହ ନିରାଶ କରିଥିଲେ। ଗୋଟିଏ ପଟେ ଉଇକେଟ ଝଡୁଥିବା ବେଳେ ଇନ୍‌ଫର୍ମ ଆନ୍ଦ୍ରେ ରସେଲ ପୁଣି ଏକ ଧୂଆଁଧାର ଇନିଂସ ଖେଳିବାକୁ ପ୍ରୟାସ କରିଥିଲେ। ସେ ମାତ୍ର ୨୧ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୪ ଛକା ସହ ଦ୍ରୁତ ୪୫ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିବା ସହ ଘରୋଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରେଗ୍ ବ୍ରାଥ୍‌ୱେଟ ୬ ରନ କରି ଆଉଟ ହୋଇଥିବା ବେଳେ ପୀୟୂଷ ଚାୱଲା ୬ ବଲରୁ ୨ ଚୌକା ସହ ୧୪ ଓ କୁଲଦୀପ ଯାଦବ ୨ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ କ୍ରିସ ମୋରିସ୍, କାଗିସୋ ରାବାଡ଼ା, କିମୋ ପଲ ଦୁଇଟି ଲେଖାଏ, ଇଶାନ୍ତ ଶର୍ମା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

- କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୭୮/୭ (ଶୁବମନ- ୬୫, ରସେଲ- ୪୫, ଉଥାପ୍ପା- ୨୮, ମୋରିସ- ୨/୩୮, ରାବାଡ଼ା- ୨/୪୨, ପଲ- ୨/୪୬)।
- ଦିଲ୍ଲୀ କ୍ୟାପିଟାଲ୍ସ ୧୮.୫ ଓଭରରେ ୧୮୦/୩ (ଧାୱନ- ୯୭*, ପନ୍ତ- ୪୬, କ୍ରିଷ୍ଣା- ୧/୨୫, ରସେଲ- ୧/୨୯, ରାଣା-୧/୧୨)



ମ୍ୟାଚ୍ ବିଜୟୀ ଇନିଂସ ଅବସରରେ ଶିଖର ଧାୱନ।

## ଆର୍‌ସିବି ଦଳର ନୂଆ ଆଶା ଷ୍ଟେଇନ୍

**ବେଙ୍ଗାଲୁରୁ,୧୨।୪**

ଚଳିତ ଆଇପିଏଲରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଏପର୍ଯ୍ୟନ୍ତ ପଏଣ୍ଟ ଖାତା ଖୋଲିପାରିନାହିଁ। ଏହାର କାରଣ ଦଳରେ ଡେଥ୍ ଓଭର ସ୍ପେଶାଲିଷ୍ଟ ବୋଲରଙ୍କ ଅଭାବ। ଏଥିଯୋଗୁ ବିଶ୍ୱର ଅନ୍ୟତମ ଘାତକ ପେସର ଡେଲ୍ ଷ୍ଟେଇନଙ୍କୁ ଦଳରେ ସାମିଲ କରାଯାଇଛି। ତାଙ୍କୁ ଅଷ୍ଟ୍ରେଲିଆନ୍ ପେସର ନାଥନ କୁଲ୍ଟର ନାଇଲଙ୍କ ବଦଳ ଖେଳାଳି ଭାବେ ଦଳରେ ନିଆଯାଇଛି। ସେ ଦୀର୍ଘ ଦୁଇବର୍ଷର ବ୍ୟବଧାନ ପରେ ଆଇପିଏଲକୁ ଫେରିଛନ୍ତି। ଅନ୍ତିମ ଥର ଗୁଜରାଟ ଲାୟନ୍ସ ପାଇଁ ଖେଳିଥିଲେ। ଏହି ଦଳ ପକ୍ଷରୁ ସେ କେବଳ ଗୋଟିଏ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇଥିଲେ। ଦକ୍ଷିଣ ଆଫ୍ରିକା ପେସର ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ ଆରସିବି ପାଇଁ ଖେଳି ୨୭ ଉଇକେଟ ନେଇଥିଲେ। ଏହାପରେ ସେ ଡେକାନ ଚାର୍ଜର୍ସ ଦଳ ପାଇଁ ପ୍ରତିନିଧିତ୍ୱ କରିଥିଲେ। ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ପାଇଁ ମଧ୍ୟ ଖେଳିଥିଲେ।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୭ | ୬ | ୧ | ୧୨ | +୦.୨୯୯ |
| ନାଇଟ ରାଇଡର୍ସ | ୭ | ୪ | ୩ | ୮ | +୦.୪୩୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୪ | ୨ | ୮ | ୦.୨୯୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୪ | ୩ | ୮ | ୦.୧୯୭ |
| କିଙ୍ଗ୍ସ ଇଲେଭେନ | ୭ | ୪ | ୩ | ୮ | -୦.୦୫୭ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ରାଜସ୍ଥାନ ରୟାଲ୍ସ | ୬ | ୧ | ୫ | ୨ | -୦.୭୨୫ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୦ | ୬ | ୦ | -୧.୪୫୩ |

## ଫୋକସରେ ପୋଲାର୍ଡ, ଜୋସେଫ୍

**ମୁମ୍ବାଇ,୧୨।୪(ପି.ଟି.)**

ଆଇପିଏଲ୍‌ର ୨୭ତମ ମ୍ୟାଚ୍‌ରେ ଶନିବାର ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଓ ରାଜସ୍ଥାନ ରୟାଲ୍ସ ମୁହାଁମୁହିଁ ହେବେ। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ରୋହିତ ଖେଳିବେ। ଗତ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ସେ ଖେଳିପାରି ନ ଥିଲେ। ଆଇପିଏଲ୍‌ର ୧୧ଟି ସଂସ୍କରଣରେ ରୋହିତ ପ୍ରଥମଥର ପାଇଁ ଇଞ୍ଜୁରି କାରଣରୁ ଖେଳିପାରି ନ ଥିଲେ। ରୋହିତଙ୍କ ଅନୁପସ୍ଥିତିରେ କିରନ ପୋଲାର୍ଡ ନେତୃତ୍ୱ ନେଇ ୮୩ ରନର ବିସ୍ଫୋରକ ପାଳି ଖେଳି ଦଳକୁ ଜିତାଇଥିଲେ। ଏହି ମ୍ୟାଚ୍‌ରେ ପୋଲାର୍ଡଙ୍କୁ ବାଦ୍ ଦେଲେ ୨୨ ବର୍ଷୀୟ ଦ୍ରୁତ ବୋଲର ଅଲଜାରି ଜୋସେଫଙ୍କ ଉପରେ ମଧ୍ୟ ନଜର ରହିବ। ସେହିପରି ଆଉଜଣେ ୱେଷ୍ଟଇଣ୍ଡିଜ୍ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ମଧ୍ୟ ରାଜସ୍ଥାନ ତରଫରୁ ପଡିଆକୁ ଓହ୍ଲାଇବେ। ଏପର୍ଯ୍ୟନ୍ତ ମୁମ୍ବାଇ ୬ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ୨ଟି ପରାଜୟ ସହ ତାଲିକାର ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ରାଜସ୍ଥାନ ୬ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୫ ପରାଜୟ ସହ ତାଲିକାର ସପ୍ତମ ସ୍ଥାନରେ ରହିଛି। ରୋହିତଙ୍କ ସମେତ ଇଶାନ କିଷନ, ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବଙ୍କୁ ନେଇ ମୁମ୍ବାଇ ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ ମନେହେଉଛି। ଦାରେ ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରା ପୁଣି କମାଲ କରିବା ଆଶା କରାଯାଉଛି। ଅଧିନାୟକ ଅଜିଙ୍କ୍ୟ ରାହାନେ, ସଞ୍ଜୁ ସାମସନ, ଷ୍ଟିଭ୍ ସ୍ମିଥ୍ ଓ ଜୋସ ବଟଲରଙ୍କୁ ନେଇ ରାଜସ୍ଥାନ ବ୍ୟାଟିଂ ଲାଇନ ବେଶ୍ ଦୃଢ ମନେ ହେଉଛି। ତେବେ ଏହି ବ୍ୟାଟ୍ସମ୍ୟାନଙ୍କୁ ପ୍ରଦର୍ଶନ କରିବାକୁ ହେବ।

## ଚର୍ଚ୍ଚାରେ ଜାଡେଜାଙ୍କ ଛକା

**ଜୟପୁର,୧୨।୪**

ଏଠାରେ ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ବହୁ ବିବାଦୀୟ ଘଟଣା ଦେଖିବାକୁ ମିଳିଥିଲା। କିନ୍ତୁ ମ୍ୟାଚ୍‌ରେ ରବୀନ୍ଦ୍ର ଜାଡେଜା ଲଗାଇଥିବା ଛକା ଚର୍ଚ୍ଚାର ବିଷୟ ପାଲଟିଛି। ସିଏସ୍‌କେକୁ ଜିତିବା ପାଇଁ ଅନ୍ତିମ ଓଭରରେ ୧୮ ରନ୍ ଦରକାର ଥିଲା। ବେନ ଷ୍ଟୋକ୍ସ ପ୍ରଥମ ବଲ ଅଫ୍ ଷ୍ଟମ୍ପର ୱାଇଡ୍ ଲାଇନ ଅଞ୍ଚଳକୁ ପକାଇଥିଲେ। ଏହି ବଲ ଜାଡେଜାଙ୍କ ଠାରୁ ବହୁଦୂରରେ ଥିଲା। ଏପରିକି ଛକା ମାରିବାକୁ ଯାଇ ସେ କ୍ରିଜ୍‌ରେ ଶୋଇ ପଡ଼ିଥିଲେ। ଅନ୍ୟପଟେ ବୋଲର ଷ୍ଟୋକ୍ସ ନିଜ ନିୟନ୍ତ୍ରଣ ହରାଇ ତଳେ ପଡ଼ି ଯାଇଥିଲେ। ଜାଡେଜା ତଳେ ପଡ଼ିଯିବା ପରେ ନନ୍ ଷ୍ଟ୍ରାଇକ ଏଣ୍ଡରେ ଥିବା ମହେନ୍ଦ୍ର ସିଂ ଧୋନୀ ନିଜ ବ୍ୟାଟରେ ବାଡ଼େଇ ସାବସି ଦେଇଥିଲେ।

# କୋହଲିଙ୍କ ଲାଗି କଡ଼ା ପରୀକ୍ଷା

**ମୋହାଲି,୧୨।୪(ପି.ଟି.)**

ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ କ୍ରମାଗତ ଷଷ୍ଠ ପରାଜୟ ବରଣ କରିବା ପରେ ସୁପର ଷ୍ଟାର ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳ ଏବେ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି। ଶନିବାର ସ୍ଥାନୀୟ ମୋହାଲି ଗ୍ରାଉଣ୍ଡରେ ବାଙ୍ଗାଲୋର ଲିଗ୍ ୨୮ତମ ମ୍ୟାଚ୍‌ରେ ଘରୋଇ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ଭେଟିବ। ପ୍ଲେ- ଅଫ୍ ଦୌଡରେ ରହିବା ପାଇଁ ହେଲେ ବାଙ୍ଗାଲୋରକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ଲାଗାତର ୬ଟି ମ୍ୟାଚ ହାରିବା ପରେ ବାଙ୍ଗାଲୋରର ଆତ୍ମବିଶ୍ୱାସ ଦୋହଲି ଯାଇଛି। ଗତ ରବିବାର ବାଙ୍ଗାଲୋର ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ପରାଜୟ ବରଣ କରିଥିଲା। ଏବେ କୋହଲି ତଥା ବାଙ୍ଗାଲୋରକୁ ତା'ର ଆଗାମୀ ୮ଟି ମ୍ୟାଚ୍ ଜିତିବା ଜରୁରୀ ହୋଇପଡିଛି। ଉଭୟ ବୋଲିଂ ଓ ବ୍ୟାଟିଂରେ ବାଙ୍ଗାଲୋର ଖରାପ ପ୍ରଦର୍ଶନ କରି ନିରାଶ କରିଛି। ବୋଲିଂରେ ୟୁଜବେନ୍ଦ୍ର ଚହଲ ବାଙ୍ଗାଲୋରର ସବୁଠାରୁ ସଫଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ଏପର୍ଯ୍ୟନ୍ତ ସେ ୯ଟି ଉଇକେଟ ହାସଲ କରିଛନ୍ତି। ବାକି ବୋଲରମାନେ ବିପୁଳ ସଂଖ୍ୟାରେ ରନ ବ୍ୟୟ କରିଛନ୍ତି। ଆମ ସୁଯୋଗର ସଦ୍‌ବ୍ୟବହାର କରିପାରିନାହୁଁ। ସବୁ ମ୍ୟାଚ୍‌ରେ ଆମେ ବାହାନ ଦେଖାଇ ଖସି ଯାଇପାରିବୁ ନାହିଁ। ଆଶାନୁରୂପ ପ୍ରଦର୍ଶନ କରିବାରେ ଆମେ ବିଫଳ ହୋଇଛୁ ବୋଲି କୋହଲି ସ୍ୱୀକାର କରିଛନ୍ତି।

ଅପରପକ୍ଷରେ ପଞ୍ଜାବ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୪ଟିରେ ବିଜୟୀ ହୋଇଥିବା ବେଳେ ୩ଟିରେ ପରାଜୟ ବରଣ କରିଛି। ଘରୋଇ ଗ୍ରାଉଣ୍ଡରେ ପଞ୍ଜାବ ପ୍ରଭାବ ବିସ୍ତାର କରି ଖେଳିଛି ଓ ଏହାକୁ ବଜାୟ ରଖିଛି। ତେବେ ଗତ ମ୍ୟାଚ୍‌ରେ ପଞ୍ଜାବ ୧୯୭ ରନ ସଂଗ୍ରହ କରିଥିଲେ ମଧ୍ୟ କିରନ ପୋଲାର୍ଡଙ୍କ ଧୂଆଁଧାର ବ୍ୟାଟିଂ (୩୧ ବଲରୁ ୮୩ ରନ) ବଳରେ ମୁମ୍ବାଇ ଇଣ୍ଡିଆନ୍ସଠାରୁ ପରାସ୍ତ ହୋଇଥିଲା। ପଞ୍ଜାବର ଲୋକେଶ ରାହୁଲ ଓ ବିସ୍ଫୋରକ କ୍ରିସ୍ ଗେଲ ଭଲ ବ୍ୟାଟିଂ ପ୍ରଦର୍ଶନ କରି ଫର୍ମକୁ ଫେରିଛନ୍ତି। ପଞ୍ଜାବ ଦଳରେ ଡେଭିଡ ମିଲରଙ୍କ ଭଳି ବ୍ୟାଟ୍ସମ୍ୟାନ ମଧ୍ୟ ରହିଛନ୍ତି। ସ୍ପିନ୍‌ରେ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ସାମି ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ଆଉ ଏକ ଦମ୍‌ଦାର ପ୍ରଦର୍ଶନ ପାଇଁ ପଞ୍ଜାବ ପ୍ରସ୍ତୁତ ରହିଛି। ଦଳରେ ଅଙ୍କିତ୍ ରାଜପୁତ, ସାମ କୁରାନ, ହାର୍ଡ୍ସ ଭିଲଜୋଏନ, ମୁଜିବ୍ ଉର ରହମାନ, ଆଣ୍ଡ୍ରୁ ଟାଏଙ୍କ ଭଳି ଖେଳାଳି ରହିଛନ୍ତି।

### ଜିଲାସ୍ତରୀୟ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ

# ଉତ୍କଳ ସଂଘ, ଗୋଲ୍ଡେନ ଇଗଲ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ

**ସମ୍ବଲପୁର, ୧୨।୪ (ବ୍ୟୁରୋ)**

ଜିଲାସ୍ତରୀୟ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ମ୍ୟାଚରେ ଉତ୍କଳ ସଂଘ ଓ ଗୋଲ୍ଡେନ ଇଗଲ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ପ୍ରଥମ ମ୍ୟାଚ ଉତ୍କଳ ସଂଘ ବନାମ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିଲା । ଉତ୍କଳ ସଂଘ ଟସ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୦ ଓଭରରେ ୯ଟି ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା । ଅବିନାଶ ନନ୍ଦ ୨୭ ବଲରେ ୨୯ ଓ ଅମନ ସାହୁ ୫ ବଲରେ ୧୧ ରନ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ବୋଲର ତରୁଣସେନ ପ୍ରୁଷେଟ ୪ ଓଭରରେ ୨୧ ରନ ଦେଇ ୩ଟି ଓ ଦେବବ୍ରତ ପ୍ରଧାନ ୪ ଓଭରରେ ୨୫ ରନ ଦେଇ ୨ଟି ଉଇକେଟ ନେଇଥିଲେ । ୧୧୩ ରନର ବିଜୟ ଲକ୍ଷ୍ୟ ନେଇ ବିଶ୍ୱବିଦ୍ୟାଳୟ ବ୍ୟାଟ୍ସମ୍ୟାନ ପଡିଆକୁ ଓହ୍ଲାଇଥିଲେ । କିନ୍ତୁ ଦଳ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ । କେ. ସିଦ୍ଧାର୍ଥ ୨୫ ବଲରେ ୩୧ ଓ ଦେବବ୍ରତ ପ୍ରଧାନ ୨୨ ବଲରେ ୩୩ ରନ କରିଥିଲେ । ଉତ୍କଳ ସଂଘ ବୋଲର୍ ଅଭିଷେକ ପଣ୍ଡା ୪ ଓଭରରେ ୨୩ ରନ ଦେଇ ୩ଟି ଓ ଦିନ ୪ ଓଭରରେ ୧୭ ରନ ଦେଇ ୨ଟି ଉଇକେଟ ନେଇଥିଲେ । ଦ୍ୱିତୀୟ ମ୍ୟାଚ ଗୋଲ୍ଡେନ ଇଗଲ ବନାମ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ହୋଇଥିଲା । ଗୋଲ୍ଡେନ ଇଗଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୪ ରନ କରିଥିଲା । ସିଜୁତ ବିଞ୍ଝାଲ ୪୬ ବଲରେ ୬୦ ଓ ସମୀର ପୃଷ୍ଟି ୧୬ ବଲରେ ୨୩ ରନ କରିଥିଲେ । ରେଲୱେ ବୋଲର କମଳ ରାଉତ ୩ ଓଭରରେ ୩୪ ରନ ଦେଇ ୩ଟି ଉଇକେଟ ନେଇଥିଲେ । ୧୬୫ ରନର ବିଜୟ ଲକ୍ଷ୍ୟ ନେଇ ରେଲୱେ ବ୍ୟାଟ୍ସମ୍ୟାନ ପଡିଆକୁ ଓହ୍ଲାଇଥିଲେ । ଦଳ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୬୦ ରନ କରି ୪ରନ ବ୍ୟବଧାନରେ ପରାଜୟ ବରଣ କରିଥିଲେ । ଏସ.କେ. ଜାହାଙ୍ଗିର ୮ ବଲରେ ୨୩ ଓ ସତ୍ୟବ୍ରତ ସେଠ ୨୬ ବଲରେ ୪୬ ରନ କରିଥିଲେ । ଗୋଲ୍ଡେନ ଇଗଲ ବୋଲର ବିନୟ ବିଶ୍ୱାଳ ୪ ଓଭରରେ ୧୮ ରନ ଦେଇ ୨ଟି ଓ ଅଶ୍ୱିନୀ ସୋହେଲା ୪ ଓଭରରେ ୩୩ ରନ ଦେଇ ୩ଟି ଉଇକେଟ ନେଇଥିଲେ । ମହମ୍ମଦ ଇସାକ, ପ୍ରଣୟ ବିଶ୍ୱାଳ, ମିଥିଲେଶ ପ୍ରସାଦ ମ୍ୟାଚ ପରିଚାଳନା କରିଥିଲେ । ସୟଦ ଜ୍ୟାକି ଓ ଯୁଧିଷ୍ଠିର ନାରାୟଣ ସିଂ ସ୍କୋରର ଥିଲେ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ସୁନାକର ପାତ୍ର**
ଗଡତୋରିହଁ, ପୁରୀ
ଆବିର୍ଭାବ : ୯.୦୪.୧୯୫୫
ତିରୋଧାନ : ୩.୦୪.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଶୀର୍ବାଦ ଆମ ପାଇଁ ପଥପ୍ରଦର୍ଶକ ହେଉ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଚିରଶାନ୍ତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ।
ଶୋକସନ୍ତପ୍ତ : ବନ୍ଧୁ, ପରିବାରବର୍ଗ
D-12124

**ପ୍ରଥମ ଶ୍ରାଦ୍ଧ ବାର୍ଷିକ**



**ଡାକ୍ତର ଦ୍ରୌପଦୀ ଦେବୀ**
ଅବସରପ୍ରାପ୍ତ ପ୍ରଫେସର
ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ, କଟକ
ଆବିର୍ଭାବ - ୧୮-୦୫-୧୯୩୯
ତିରୋଧାନ - ୨୪-୦୩-୨୦୧୮
ଆପଣ ଥିଲେ ଯୋଗଜନ୍ମା ଦେବୀପ୍ରତୀମ । ସମସ୍ତଙ୍କୁ ଭଲ ପାଉଥିଲେ, ନିଜର କରିଥିଲେ । ଆପଣଙ୍କ ବିହୁନେ ଆପଣଙ୍କ ପରିବାର, ସ୍ୱପ୍ରତିଷ୍ଠିତ ଦେବୀ ନର୍ସିଂହୋମର ଅଗଣିତ ରୋଗୀ ଆପଣଙ୍କୁ ସଜଳ ନୟନରେ ଖୁଜୁଛନ୍ତି । ଆପଣଙ୍କ ଅଧିଷ୍ଠାତ୍ରୀ ଦେବୀ ମା ଚଣ୍ଡୀଙ୍କ କୃପାରୁ ଆପଣ ଶାନ୍ତିରେ ରୁହନ୍ତୁ, ଏଇ ସମସ୍ତଙ୍କ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାର ବର୍ଗ
ଜୀବନସାଥୀ- ଲଳିତ ମିଶ୍ର,
ପୁତ୍ର- ଡଃ ତୁଷାର ଓ ଡଃ ସାଗର,
ବୋହୂ- ଡଃ ସସ୍ମିତା ଓ ପ୍ର. ସ୍ୱାତୀ,
ଓ ନାତିନାତୁଣୀ ମାନେ ।
D-12112

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ହଜୁରୀ ଗଦାଧର ଖୁଣ୍ଟିଆ**
ତିରୋଧାନ: ତା୦୧।୦୪।୨୦୧୨
ହରଚଣ୍ଡି ସାହି, ପୁରୀ
ଆପଣଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁପରିଜନ ଏବଂ କେ.କେ ଅଟୋମୋବାଇଲ, ସାନିଓୟାର ଓ ହୋଟେଲ ଗଦାଧର ରିସୋର୍ଟ କର୍ମଚାରୀ ବୃନ୍ଦ । ଧ-୬୩୭୬୩

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



**ସ୍ୱର୍ଗତ ସନ୍ଦୀପ କୁମାର ନନ୍ଦ (ବାପି)**
ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ: ୨୬।୦୮।୧୯୮୪
ସ୍ୱର୍ଗାରୋହଣ: ୦୧।୦୪।୨୦୧୨
(ପବିତ୍ର ରାମ ନବମୀ)
ବାପିରେ ସ୍ମରଣୀୟ ତିଥିରେ ଆମ ସମସ୍ତଙ୍କୁ ପର କରି କାହିଁ କେତେ ଦୂର ଚାଲିଗଲୁ । ତୋ ଅମର ଆତ୍ମାର ଶାନ୍ତି ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଶେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:- ବାପା, ମା', ଭାଇ ଗୋପୀ, କୁନି ପୁତୁରା, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୧୨୧୨୩

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଏପ୍ରିଲ ୧୩/୨୦୧୯ Sambalpur, Saturday, April 13/ 2019

### ଏମପିଭି-୬୫ ବିଦ୍ୟାଳୟରେ ଭୋଟ ଟ୍ୟାମ୍ପରିଂ ଘଟଣା

# ପ୍ରଶାସନିକ ତଦନ୍ତ ଆରମ୍ଭ

- ପୁନର୍ବାର ମତଦାନ ପାଇଁ ଅଡି ବସିଛନ୍ତି ଗ୍ରାମବାସୀ
- ୮ଘଣ୍ଟା ବୈଠକରୁ ବାହାରିଲାନି ସମାଧାନ ସୂତ୍ର
- ମତଦାନ ନିଷ୍ପତ୍ତି ନେବେ ଜିଲାପାଳ

କାଳିମେଳା,୧୨।୪(ଡି.ଏନ.ଏ) ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ଟିଗଲ ପଞ୍ଚାୟତର ଏମପିଭି-୬୫ ଗ୍ରାମରେ ଗୁରୁବାର ମତଦାନ ସମୟରେ ଘଟିଥିବା ଅପ୍ରୀତିକର ପରିସ୍ଥିତି ଏବେ ଶାନ୍ତ ପଡିଛି । ଏହି ବୁଥରେ ପୁନର୍ବାର ମତଦାନ କରିବାକୁ ଗ୍ରାମବାସୀ ଅଡି ବସିଥିବା ବେଳେ ଜିଲା ପ୍ରଶାସନ ଅଧିକାରୀମାନଙ୍କ ହସ୍ତକ୍ଷେପରେ ଗ୍ରାମବାସୀ ଶାନ୍ତ ପଡିଛନ୍ତି । ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ବିଏସଏଫ ଓ ପୋଲିସ ସୁରକ୍ଷା ବଳୟରେ ଏମପିଭି-୬୫ ବିଦ୍ୟାଳୟର ବୁଥ ନଂ ୨୫୩ ଏବଂ ୨୫୪ର ଇଭିଏମ ସୁରକ୍ଷିତ ଭାବେ ଜିଲା କଣ୍ଟ୍ରୋଲ ରୁମକୁ ନିଆଯାଇଥିବା ଜଣାପଡିଛି ।

ପ୍ରକାଶ ଯେ, ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୨୦୧୯ ସାଧାରଣ ନିର୍ବାଚନ ପାଇଁ ଗୁରୁବାର ଉପରୋକ୍ତ ୨ ବୁଥ୍‌ରେ ମତଦାନ ହୋଇଥିଲା। ପୂର୍ବରୁ ଏହାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିଲା। ବୁଥର ସୁରକ୍ଷା ପାଇଁ ମାଲକାନଗିରି ଏସପିଙ୍କ ନେତୃତ୍ୱରେ ଇଭିଏମଗୁଡିକୁ ସୁରକ୍ଷା ପ୍ରଦାନ କରାଯାଇଥିଲା। ତେବେ କାଳିମେଳା ବ୍ଲକର କେତେକ ବୁଥ୍‌ରେ ଇଭିଏମରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ୨/୩ ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା । ଏମପିଭି-୬୫ ଗ୍ରାମର ବିଦ୍ୟାଳୟରେ ହୋଇଥିବା ୨୫୪ ନଂ ବୁଥରେ ପୋଲିଂ ଅଧିକାରୀମାନେ ଇଭିଏମ ଖୋଲି ଭୋଟ ଟ୍ୟାମ୍ପରିଂ କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏଠାରେ ନିୟୋଜିତ ପ୍ରିଜାଇଡିଂ ଅଫିସର ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆସିଥିବା ଏଜେଣ୍ଟମାନଙ୍କୁ ବୁଥରୁ ବାହାର କରି ନିଜେ ଇଭିଏମ ଖୋଲି ଭୋଟ ଟ୍ୟାମ୍ପରିଂ କରିଥିବା ଗ୍ରାମବାସୀ ଅଭିଯୋଗ କରି ସେଠାରେ ପାଟିତୁଣ୍ଡ କରି ବୁଥ ଭିତରେ ପଶି ପୋଲିଂ ଦଳକୁ ନିସ୍ତୁକ ମାଡ ମାରିଥିଲେ। ଏହା ଭିତରେ କେହି ଇଭିଏମ ମେଶିନ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ପୋଲିଂ କର୍ମଚାରୀମାନେ ନିଜ ଜୀବନ ବଞ୍ଚାଇବାକୁ ଯାଇ ଭିତର ପଟୁ କବାଟ ବନ୍ଦ କରି ରହିଥିଲେ । ଏହି ସମୟରେ ବୁଥ ଦାୟିତ୍ୱରେ ଥିବା ସେକ୍ଟର ଅଫିସର ଭୁବନପାଲି ପଞ୍ଚାୟତର ପିଇଓ ପଦ୍ମନାଭ ବାଲା ସେଠାରେ ପହଞ୍ଚିଥିଲେ। ଗ୍ରାମବାସୀ ତାଙ୍କୁ ମଧ ଛାଡି ନ ଥିଲେ । ପିଇଓ ବାଲାଙ୍କୁ ନିସ୍ତୁକ ମାଡ ମାରଥିଲେ। ସେ ନିଜ ଜୀବନ ବଞ୍ଚାଇବାକୁ ଯାଇ ଏକ ରୁମ ଭିତରକୁ ପଶିଯାଇ କବାଟ ବନ୍ଦ କରି ଦେଇଥିଲେ । ଏହାକୁ ନେଇ ଗ୍ରାମରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା । ଏମଭି-୭୯ ଥାନା ଅଧିକାରୀ ମମତା ପାଣିଗ୍ରାହୀ ଘଟଣା ସ୍ଥଳରେ ପହଞ୍ଚି ପୋଲିଂ ଦଳକୁ ଉଦ୍ଧାର କରିବା ସହ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ସୁରକ୍ଷା ପାଇଁ ବିଏସଏଫ ଯବାନଙ୍କୁ ସେଠାରେ ନିୟୋଜିତ କରାଯାଇଥିଲା। ରାତି ୮ଟାରେ ଦକ୍ଷିଣାଞ୍ଚଳ ଡିଆଇଜି ହିମାଂଶୁ ଲାଲ,ଏସପି ଜଗମୋହନ ମୀନା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା,ଅତିରିକ୍ତ ଏସପି ଉଦ୍ଧବ ନାୟକ, କାଳିମେଳା ତହସିଲଦାର ଉମାଶଙ୍କର ଦଳାଇ ଏବଂ ମାଲକାନଗିରି ଏସଡିପିଓ ପ୍ରମୁଖ ଅଧିକାରୀମାନେ ପହଞ୍ଚି ଏକ ବୈଠକରେ ଗ୍ରାମବାସୀଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲେ । ଏଠାରେ ପୁର୍ନବାର ନିର୍ବାଚନ କରିବା ସହ ପୋଲିଂ ଅଧିକାରୀମାନଙ୍କ ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରି ଏକ ଲିଖିତ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଥିଲେ। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଏନେଇ ନିଷ୍ପତ୍ତି ନେବେ ବୋଲି ପିଡି ପଣ୍ଡା କହିଥିଲେ । ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ବୈଠକ ବସିଥିଲେ ମଧ କିଛି ସମାଧାନ ହୋଇପାରି ନ ଥିଲା । ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି ।

### କାର ଧକ୍କାରେ ୨ ଯୁବକ ମୃତ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ, ଉତ୍ତେଜନା



ତହସିଲଦାର ଓ ଥାନା ଅଧିକାରୀ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

ଗଞ୍ଜାମ,୧୨।୪(ଡି.ଏନ.ଏ.)

ଗଞ୍ଜାମ ଥାନା ୧୬ନଂ. ଜାତୀୟ ରାଜପଥ ସନ୍ତୋଷୀ ମା' ମନ୍ଦିର ସମ୍ମୁଖରେ ଶୁକ୍ରବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତେଲୁଗୁ ନୂଆଗାଁର ପିଣ୍ଟୁ ଦାସ (୩୨) ଏବଂ ଗମା ଦାସ (୩୫)। ଦୁର୍ଘଟଣାପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ପୋଲିସ ଗାଡି ମାଲିକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ପରେ ପୋଲିସ ନଂ.୨୮/୧୯ରେ ଏକ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ପିଣ୍ଟୁ ଓ ଗମା ଗ୍ରାମ ନିକଟସ୍ଥ ଏକ ଗାଡି ଶୋରୁମ୍‌ରେ ମେକାନିକ୍ କାମ କରନ୍ତି। ଅପରାହ୍ନରେ ଉଭୟେ ଘରକୁ ଖାଇବାକୁ ଆସିଥିଲେ। ଖାଇସାରି ପ୍ରାୟ ୨ଟାବେଳେ ଚାଲିଚାଲି ଯାଉଥିବା ବେଳେ ଏକ କାର (ନଂ.ଓଡି ୦୨ଏଇ-୯୯୯) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପିଣ୍ଟୁ ଓ ଗମାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶତାଧିକ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା। ଏପରିକି ଏକ ୧୦୮ ଆମ୍ବୁଲାନ୍ସ ମଧ ୩୦ମିନିଟ୍‌ରୁ ଉର୍ଦ୍ଧ୍ୱ ସମୟ ଧରି ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଦୁର୍ଘଟଣା ଘଟିବାର ୨ ଘଣ୍ଟା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିଲେ। ଖବର ପାଇ ଗଞ୍ଜାମ ଓ ଛତ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ତହସିଲଦାର ଅବନୀ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାତି ପ୍ରାୟ ୭ଟାରେ ରାସ୍ତାରୋକୋ ହଟିଥିଲା। ମୃତକଙ୍କ ସମ୍ପର୍କୀୟ ଓ ଗ୍ରାମର କେତେଜଣ ଲୋକଙ୍କୁ ନେଇ ତହସିଲଦାର ଆଲୋଚନା ପାଇଁ ଛତ୍ରପୁର ଥାନାକୁ ଯାଇଥିଲେ। ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କୁ ଥାନାକୁ ଡକା ଯାଇଥିଲା। ୨୦ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ସହ ମାସିକ ୧୦ ହଜାର ଦେବାକୁ ମୃତକଙ୍କ ପରିବାର ଦାବି କରିଥିଲେ। ମାତ୍ର ଏନେଇ କୌଣସି ସମାଧାନ ହୋଇ ନ ପାରିବାରୁ ଶନିବାର ପୁଣି ଆଲୋଚନା ପାଇଁ ସ୍ଥିର ହୋଇଥିଲା। ତହସିଲଦାର ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏଁ ସହାୟତା ଦେବାକୁ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର ମେଡିକାଲକୁ ପଠାଇଥିଲେ।

## ବଳାତ୍କାର ମାମଲା: ସୁଧାର ଗୃହକୁ ଗଲେ ନାବାଳକ

**କେନ୍ଦୁଝର, ୧୨।୪ (ସ୍ୱ.ପ୍ର.):** ସ୍ଥାନୀୟ ଅତିରିକ୍ତ ଜିଲା ଜଜ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଶୁକ୍ରବାର ଏକ ବଳାତ୍କାର ମାମଲାର ଶୁଣାଣି କରି ଜଣେ ନାବାଳକଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ନାବାଳକ ହୋଇଥିବାରୁ ତାଙ୍କୁ ସୁଧାର ଗୃହକୁ ପଠାଯାଇଛି। ରୁଗୁଡି ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଜଣେ ନାବାଳିକା ଖେଳିବା ପାଇଁ ସବୁବେଳେ ତାଙ୍କ ସମ୍ପର୍କୀୟ ନାବାଳକଙ୍କ ଘରକୁ ଯାଉଥାନ୍ତି। ୨୦୧୯ ଜାନୁୟାରୀ ୧୦ରେ ନାବାଳିକାଙ୍କୁ ନାବାଳକ ଜଣଙ୍କ ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୨/୧୯) ରୁଜୁ ହୋଇଥିଲା। ପୋଲିସ ନାବାଳକଙ୍କୁ ଧରି ଏକ ବାଳାଶ୍ରମରେ ରଖିଥିଲା। ଏହି ମାମଲାର ତଦନ୍ତ ୧୬ ଦିନ ମଧରେ ହୋଇଥିଲା। ୬୮ ଦିନ ମଧରେ ବିଚାର ହୋଇ ଦଣ୍ଡାଦେଶ ମିଳିଥିବା କ୍ରାଇମ ବ୍ରାଞ୍ଚ ଡିଏସପି ସୁରେଶ ପାତ୍ର କହିଛନ୍ତି। ନାବାଳିକାର ସ୍ୱାସ୍ଥ୍ୟ ଅବସ୍ଥା ଭଲ ନ ଥିବା ବେଳେ ଅସ୍ତ୍ରୋପଚାର କରାଯିବ ବୋଲି ଜଣାପଡିଛି।

## ହରିଣ ଚମଡ଼ା, ଶିଙ୍ଘ, ୩ ବନ୍ଧୁକ ଜବତ : ୨ ଶିକାରୀ ଗିରଫ

**ସଜନାଗଡ଼/ନୀଳଗିରି, ୧୨।୪ (ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡସ୍ଥ ଭାଲିଆପୋଷି ଗାଁରେ ଶୁକ୍ରବାର ଭୋର ସମୟରେ କୁଲଡିହା ବନବିଭାଗ ପକ୍ଷରୁ ଚଢାଉ କରାଯାଇ ୨ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ଉକ୍ତ ଶିକାରୀଙ୍କଠାରୁ ହରିଣ ଚମଡ଼ା, ଶିଙ୍ଘ ଓ ୩ଟି ବନ୍ଧୁକ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଲେବେ ମୁର୍ମୁ ଓ ପଣ୍ଡା ମାର୍ଣ୍ଡି। ଉଭୟଙ୍କ ଘର ମୟୂରଭଞ୍ଜ ଜିଲା କପ୍ତିପଦା ଥାନା କେନ୍ଦୁଘାଟି ଅଞ୍ଚଳରେ। ସେମାନେ କିଛିଦିନ ହେଲା ଉକ୍ତ ଗ୍ରାମରେ ଅସ୍ଥାୟୀ ଘର କରି ରହି ଆସୁଥିଲେ। ଏନେଇ ବିଭାଗରେ ମାମଲା (ନଂ. ୨/୧୯-୨୦) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ବନକ୍ଷେତ୍ରାଧିକାରୀ ଲକ୍ଷ୍ମଣ କୁମାର ପ୍ରଧାନଙ୍କ ନେତୃତ୍ୱରେ ବନକର୍ମଚାରୀ ମିଳିତ ଭାବେ ଚଢାଉ କରି ଶିକାରୀଙ୍କୁ ଧରିବାକୁ ସକ୍ଷମ ହୋଇଛନ୍ତି।



# ନବଙ୍କ ପାଇଁ ପ୍ରଚାର କଲେ ଦୁଇ ବଲିଉଡ୍ ତାରକା

ଝାରସୁଗୁଡ଼ା ଅଫିସ୍ / ଲଖନପୁର, ୧୨।୪ (ଡି.ଏନ୍.ଏ.)

ଆଗାମୀ ନିର୍ବାଚନରେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କ ମଧରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ଆକଳନ କରାଯାଉଛି। ଏଥିପାଇଁ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ପ୍ରଚାରରେ ବିଜେଡି ପ୍ରାର୍ଥୀ ନବକିଶୋର ଦାସ ଆଗରେ ରହିଛନ୍ତି। ବଲିଉଡ୍ ତାରକା ସୁନୀଲ ସେଟ୍ଟି ଓ ମହିମା ଚୌଧୁରୀ ଶୁକ୍ରବାର ସନ୍ଧ୍ୟାରେ ଝାରସୁଗୁଡ଼ାରେ ପହଞ୍ଚି ନବଙ୍କ ପାଇଁ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି। ଏହି ଅବସରରେ ଏଚ୍. କଣ୍ଟାପାଲି, ବମ୍ୱେଛକ ଓ ଝଣ୍ଡାଛକରେ ନିର୍ବାଚନ ସଭା ଆୟୋଜନ କରାଯାଇଥିଲା । ଏଥିରେ ସୁନୀଲ ଓ ମହିମାଙ୍କ ସମେତ ବରଗଡ଼ ଲୋକ ସଭା ବିଜେଡି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ପ୍ରାର୍ଥୀ ନବକିଶୋର ଦାସ, ତାଙ୍କ ସ୍ତ୍ରୀ ମୀନତି ଦାସ, ପୁଅ ବିଶାଳ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିଭଳି ବମ୍ୱେଛକରୁ ଝଣ୍ଡାଛକ ପର୍ଯ୍ୟନ୍ତ ଏକ ଖୋଲା ଗାଡ଼ିରେ ଦୁଇ ବଲିଉଡ୍ ତାରକାଙ୍କ ସହିତ ପ୍ରାର୍ଥୀ ଆଚାର୍ଯ୍ୟ ଓ ଦାସ ଯାଇଥିଲେ। ବିଜେଡିର ଉଭୟ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ସୁନୀଲ ଶେଟ୍ଟି ଓ ମହିମା ଚୌଧୁରୀ ଲୋକଙ୍କୁ ଅନୁରୋଧ କରିଥିଲେ। ଦୁଇ ବଲିଉଡ୍ ତାରକାଙ୍କୁ ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ମଞ୍ଚରେ ବଲିଉଡ୍ ତାରକା ସୁନୀଲ ଶେଟ୍ଟି ଏବଂ ମହିମା ଚୌଧୁରୀଙ୍କ ସମେତ ଦୁଇ ପ୍ରାର୍ଥୀ ଓ ଅନ୍ୟମାନେ।

## ୨୩ରେ ହାଇକୋର୍ଟ ବନ୍ଦ

କଟକ ଅଫିସ, ୧୨।୪

ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୨୩ ତାରିଖରେ ହାଇକୋର୍ଟ ବନ୍ଦ ରହିବ। ଉକ୍ତ ଦିନ କଟକ ଲୋକ ସଭା ସମେତ ଏହା ଅଧୀନରେ ଥିବା ବିଧାନସଭା ଆସନଗୁଡ଼ିକରେ ଭୋଟ ଗ୍ରହଣ କରାଯିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ବନ୍ଦ ରହିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର ଜୁଡିସିଆଲ ପକ୍ଷରୁ କୁହାଯାଇଛି।




### ମୁର୍ଷୁଣ୍ଡୀରେ କଂଗ୍ରେସର ନିର୍ବାଚନୀ ସଭା

# ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କଲେ

ଅମରପାଲି, ୧୨।୪ (ଡି.ଏନ.ଏ.)

ବଲାଙ୍ଗୀର ସଂସଦୀୟ ମଣ୍ଡଳୀର ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୁର୍ଷୁଣ୍ଡୀଠାରେ କଂଗ୍ରେସ ଦଳର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଅଲ ଇଣ୍ଡିଆ କଂଗ୍ରେସ କମିଟିର ମୁଖପାତ୍ର ରଞ୍ଜିବ ବିଶ୍ୱାଳ, ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ବିନୋଦ ପାତ୍ର ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ଅନୁରୋଧ କରିଥିଲେ । ଏହି ସଭାରେ ନିରଞ୍ଜନ ନିଜ ବକ୍ତବ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଶାସନରେ ବିଫଳ ହୋଇଥିବା କହିଥିଲେ। ଉଭୟ ସରକାର କେବଳ ଭୋଟ ରାଜନୀତି କରୁଛନ୍ତି। ଚାଷ, ଚାଷୀ, ନିଯୁକ୍ତି, ଜଳସେଚନ, ସ୍ୱାସ୍ଥ୍ୟ ଆଦି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଗୁରୁତ୍ୱ ଦେଉ ନାହାନ୍ତି ବୋଲି କହିଥିଲେ। ଉକ୍ତ ଅଞ୍ଚଳରେ ଯାହା ସବୁ ବଡ କାମ ହୋଇଛି ତାହା କଂଗ୍ରେସ ସରକାର ସମୟରେ ହୋଇଥିବା କହିଥିଲେ । ମୁର୍ଷୁଣ୍ଡୀଠାରେ ଷ୍ଟେଟ ବ୍ୟାଙ୍କ, ଡାକ୍ତରଖାନା, କୋଟସମଲାଇ ଡାକ୍ତରଖାନା, ଠେଙ୍ଗୋ ଡ୍ୟାମ ଜଳସେଚନ ପ୍ରକଳ୍ପ ଆଦି କଂଗ୍ରେସର ଅବଦାନ ବୋଲି କହିଥିଲେ। ଯଦି କଂଗ୍ରେସ ସରକାର ଗଠନ କରେ ପ୍ରଥମ ଦିନରେ ଋଣ ଛାଡ କରାଯିବ ବୋଲି କହିବା ସହିତ ଧାନର ମୂଲ୍ୟ ବୃଦ୍ଧି, ଜମିକୁ ପାଣି, ବେକାରୀ ଭତ୍ତା, ଗରୀବ ପରିବାରଙ୍କୁ ମାସିକ ୬ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ। ରଞ୍ଜିବ ବିଶ୍ୱାଳ ମଧ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯେଉଁ ସବୁ ଯୋଜନା କରିଛନ୍ତି ତାହା ସାଧାରଣ ଲୋକେ ପାଇପାରୁ ନ ଥିବା କହି ସମାଲୋଚନା କରିଥିଲେ । ବିଜେଡି ସରକାର ଉକ୍ତ ଅଞ୍ଚଳକୁ ବାମପାର୍ଶ୍ୱ କେନାଲ ଖନନର ପ୍ରତିଶ୍ରୁତି ଦେଇ ଠକି ଚାଲୁଥିବା କହିଥିଲେ। ଦୀର୍ଘ ୧୯ ବର୍ଷ ଶାସନରେ ଭାଜପା ମଧ ଅଂଶୀଦାର ଥାଇ ଓଡିଶାର ବିକାଶ କରିନଥିବାରୁ ସମାଲୋଚନା କରିଥିଲେ । ସାଂସଦ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ବିଧାୟକ ପ୍ରାର୍ଥୀ ବିନୋଦ ପାତ୍ର ମଧ ସେମାନଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ । ଲବ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସଭାରେ ଅନ୍ୟମାନଙ୍କ ମଧରେ ପୂର୍ବତନ ଜିଲା ପରିଷଦ ରାଜଗୋପାଳ ପାଣିଗ୍ରାହୀ ମଧ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଦେବାକୁ ନିବେଦନ କରିଥିଲେ। ଶେଷରେ ପ୍ରଦୀପ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର କେତେକ ଯୁବକ କଂଗ୍ରେସରେ ଯୋଗଦେଇଥିଲେ ।



ମୁର୍ଷୁଣ୍ଡୀଠାରେ କଂଗ୍ରେସର ନିର୍ବାଚନୀ ସଭାରେ ମଞ୍ଚାସୀନ ଦଳୀୟ ନେତୃବର୍ଗ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, ଜଣେ ମୃତ

**ବରଗଡ଼ ଅଫିସ୍,୧୨।୪:** ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ ନିକଟରେ ଗୁରୁବାର ରାତ୍ରିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ସାଲେପାଲି ଗ୍ରାମର ମନବୋଧ ପାତ୍ର(୭୦) ବୋଲି ଜଣାପଡ଼ିଛି । ସ୍ଥାନୀୟ ସଦର ଥାନା ପୋଲିସ ଶବକୁ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲା। ମୃତକ ଜଣକ ରାସ୍ତା ଅତିକ୍ରମ କରୁଥିବାବେଳେ ଏକ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ବରଗଡ଼ ସଦର ଥାନା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି ।

### ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଭେଡ଼େନ, ୧୨।୪ (ଡ଼ି.ଏନ.ଏ):** ବରଗଡ଼ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଜୋରଦାର ପ୍ରଚାର ଆରମ୍ଭ ହେଲାଣି। ଆସନ୍ତା ୧୮ ତାରିଖରେ ଭୋଟ ଗ୍ରହଣ ହେବାକୁ ଥିବା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମରେ ଦଳୀୟ ପ୍ରଚାର ଜୋର ଧରିଲାଣି । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରମୁଖ ଛକ ସ୍ଥାନରେ ନିର୍ବାଚନୀ କାର୍ଯ୍ୟାଳୟ ମାନ ଖୋଲୁଛି । ଶୁକ୍ରବାର ଅଏଁଲାପାଲି ଗ୍ରାମପଞ୍ଚାୟତର ତେନ୍ତୁଲିଟିକ୍ରା ଛକରେ ବିଜୁ ଜନତାଦଳ ପକ୍ଷରୁ ଏକ ନିର୍ବାଚନୀ ଅଫିସ ଆରମ୍ଭ ହୋଇଛି । ଏଥିରେ ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା ପୂଜା କର୍ତ୍ତା ଥିଲେ । ପୂର୍ବତନ ସରପଞ୍ଚ କୈଳାଶ ଚନ୍ଦ୍ର ଦାଶ, ତୁଷବନ୍ତ ବେହେରା, ପଞ୍ଚାୟତ ଯୁବ ସଭାପତି ପ୍ରହ୍ଲାଦ ବେହେରା, ଯୁବ ବାହିନୀ ସଭାପତି ମନୋଜ ବେହେରାଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ଭେଡ଼େନ ଟ୍ରେକର ଷ୍ଟାଣ୍ଡ ନିକଟରେ ବ୍ଲକ କଂଗ୍ରେସ ତରଫରୁ ଏବଂ ବସଷ୍ଟାଣ୍ଡ ନିକଟରେ ଭାଜପା ପକ୍ଷରୁ ଅଫିସ ଖୋଲାଯାଇ ପ୍ରଚାର କରାଯାଉଛି।

### ମଦ ଜବତ, ଜଣେ ଗିରଫ

**ଡୁଙ୍ଗୁରିପାଲି, ୧୨।୪ (ଡି.ଏନ.ଏ):** ଡୁଙ୍ଗୁରିପାଲି ପୋଲିସ ଚେରୁପାଲି ନିକଟ ଖୁସାମାଲ ଗାଁର ମହାଦେବ ସେଠଙ୍କ ଘର ପଛପଟୁ ୨୦ ଲିଟର ଦେଶୀ ମଦ ଜବତ କରିଛି। ମଦ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଶୁକ୍ରବାର ମହାଦେବଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଥିବା ଡୁଙ୍ଗୁରିପାଲି ଥାନା ଅଧିକାରୀ ନିରଞ୍ଜନ ଦାସ ପ୍ରକାଶ କରିଛନ୍ତି । ଏନେଇ ଥାନାରେ ଏକ ମାମଲା(ନଂ.୫୬/୧୯) ରୁଜୁ ହୋଇଛି ।

### ଭୋଟର ସଚେତନତା କାର୍ଯ୍ୟକ୍ରମ

**ଘଣ୍ଟାପଡା, ୧୨।୪ (ଡି.ଏନ.ଏ):** ବୌଦ୍ଧ ଜିଲା କନ୍ଧମାଳ ନିର୍ବାଚନ ମଣ୍ଡଳୀ ପାଇଁ ଶୁକ୍ରବାର ଘଣ୍ଟାପଡା ପ୍ରାଥମିକ ବିଦ୍ୟାଳୟରେ ବିଏଲଓ ହେମନ୍ତ ଭୋଇଙ୍କ ଦ୍ୱାରା ବୁଥସ୍ତରୀୟ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୁଥରେ ଗ୍ରାମର ନୂତନ ଭୋଟର ଓ ପୁରାତନ ଭୋଟରଙ୍କୁ ନିଜର ଅଧିକାର ଭାବେ ନିଶ୍ଚୟ ଭୋଟଦେବା ପାଇଁ ବୁଝାଯାଇଥିଲା । ଶତ ପ୍ରତିଶତ ଭୋଟଦେବା ଓ ଭିଭିପାଟ ଇଭିଏମରେ ଚିହ୍ନ ଓ ପ୍ରାର୍ଥୀଙ୍କୁ ଭୋଟ ଦେବା କୌଶଳ ଉପରେ ଅବଗତ କରାଯାଇଥିଲା ।

### ପ୍ରଚାର ଅଭିଯାନରେ ସମ୍ବଲପୁରୀ ଗୀତ

**ଭେଡ଼େନ, ୧୨।୪ (ଡ଼ି.ଏନ.ଏ):** ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭେଡ଼େନ ବ୍ଲକର ବିଭିନ୍ନ ଗାଁରେ ପ୍ରଚାର ଗାଡ଼ି ବୁଲୁଛି । ପ୍ରଚାର ସଙ୍ଗୀତ ବାଜୁଛି । ନିଜ ଦଳ ତଥା ପ୍ରାର୍ଥୀଙ୍କ ବାର୍ତ୍ତାକୁ ନେଇ ବିଭିନ୍ନ ସମ୍ବଲପୁରୀ ଗୀତର ସୁରରେ ଗୀତ ପ୍ରସ୍ତୁତ କରି ବଜାଯାଉଛି । ବିଜୁ ଜନତା ଦଳର ପ୍ରଚାର ଗାଡ଼ିରେ ଲୋକପ୍ରୀୟ ଗୀତ ସେଲଫି ବେବୋ, ପାନିମାରିଦେଲା ଝାଇଁ, ମନକେ ରସାଇନେଲା ଆଦି ଗୀତ ସହ ପାରମ୍ପରିକ ଡ଼ାଲଖାଇ ଆଦି ଗୀତ ବାଜୁଛି। ଏହାସହ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଏବଂ ବିଧାନସଭା ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ କଣ୍ଠରେ ଭାଷଣକୁ ପ୍ରଚାରରେ ସ୍ଥାନ ଦିଆଯାଇଛି । ସେହିପରି କଂଗ୍ରେସ ଦଳର ପ୍ରଚାର ଗାଡ଼ିରେ ସମ୍ବଲପୁରିଆ ବାବୁ ଗୀତ ଲୋକପ୍ରିୟ ହୋଇଥିବା ବେଳେ ଭାଜପା ଗାଡ଼ିରେ ରିମଝିମ ବରଷା ପାନି ସୁରରେ ପ୍ରସ୍ତୁତ ହୋଇଥିବା ଗୀତ ଲୋକଙ୍କୁ ଆକୃଷ୍ଟ କରୁଛି ।

■ ଶୁଖିଲା ପଡିଲାଣି ମହାନଦୀ

# ଜଳକଷ୍ଟ ଭୋଗିବେ ବୌଦ୍ଧବାସୀ

**ବୌଦ୍ଧ,୧୨।୪(ସ୍ୱ.ପ୍ର)**

ବୌଦ୍ଧ ଜିଲାର ଅନ୍ୟତମ ପରିଚୟ ହେଉଛି ମହାନଦୀ । ଜିଲାର କଣ୍ଟାମାଳ ବ୍ଲକର ମନମୁଣ୍ଡା ଠାରୁ ହରଭଙ୍ଗା ବ୍ଲକର ମାରଡା ପର୍ଯ୍ୟନ୍ତ ପ୍ରାୟ ଦୀର୍ଘ ୧୫୦ କିଲୋମିଟର ବୌଦ୍ଧ ଜିଲାରେ ମହାନଦୀ ପ୍ରବାହିତ ହେଉଛି। ମହାନଦୀ ତଟବର୍ତ୍ତୀ ଅଞ୍ଚଳର ଲୋକେ ପାନୀୟଜଳ ଠାରୁ ଆରମ୍ଭ କରି କୃଷିରେ ନଦୀଜଳକୁ ବ୍ୟବହାର କରିବା ଓ ମାଛ ମାରି ପରିବାର ପ୍ରତିପୋଷଣ କରୁଛନ୍ତି । ଏବେ ମହାନଦୀର ଧାର ଶୁଷ୍କ ହୋଇଯିବାରୁ ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇପଡିଛି । ମହାନଦୀ ଜଳକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ରାଜନୀତି କରିବାରେ ବ୍ୟସ୍ତ। ସାଧାରଣ ଲୋକଙ୍କ ସମସ୍ୟା ବୁଝିବାକୁ କାହାର ବେଳ ନାହିଁ। ଯେଉଁ ସ୍ଥାନରେ ମହାନଦୀର ଅଗଭୀର ଜଳରାଶି ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିଲା, ବର୍ତ୍ତମାନ ତାହା ଶୁଖିଲା ପଡିଛି । ମହାନଦୀରେ ଜଳାଭାବ ଯୋଗୁ ବିଶେଷ ଭାବେ ଜିଲାବାସୀଙ୍କ ପାଇଁ ଏବେ



ମହାନଦୀ ଶଯ୍ୟା ଶୁଖିଲା ପଡିଛି।

ପାନୀୟଜଳ ସଙ୍କଟ ଦେଖାଦେଇଛି । ପ୍ରଶାସନ ପକ୍ଷରୁ ଅସ୍ଥାୟୀ ବ୍ୟବସ୍ଥାରେ ବାଲି ଖୋଳି ବୌଦ୍ଧ ସହରବାସୀଙ୍କୁ ପାନୀୟଜଳ ଯୋଗାଇବା ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ଆଗକୁ ଜଳଧାର ସମ୍ପୂର୍ଣ୍ଣ ବନ୍ଦ ହେବା ଆଶଙ୍କା ରହିଛି । ଜିଲାରେ ବହୁ ସଂଖ୍ୟାରେ ପାନୀୟଜଳ ପ୍ରକଳ୍ପ ଓ ଉଠାଜଳସେଚନ ପ୍ରକଳ୍ପର ଭବିଷ୍ୟତ ମହାନଦୀର ଜଳଧାର ଉପରେ ନିର୍ଭର କରୁଥିବାରୁ ଅନେକ ଗ୍ରାମବାସୀ ଏବେ ଚିନ୍ତାରେ ପଡିଛନ୍ତି । ମହାନଦୀ ଶୁଖା ପଡିବା ଯୋଗୁ ଏହାର ପ୍ରଭାବରେ ଭୂତଳ ଜଳ ପ୍ରତିବର୍ଷ ତଳକୁ ଖସିବାରେ ଲାଗିଛି। ଭୂତଳ ଜଳ ଖସିଯିବା ଯୋଗୁ ଗ୍ରାମ ଗୁଡିକରେ ଥିବା ବନ୍ଧ କଟା ଗୁଡିକ ମଧ୍ୟ ଶୁଖିବାକୁ ବସିଲାଣି । ବିଭାଗୀୟ ସର୍ବେକ୍ଷଣ ଅନୁଯାୟୀ ବୌଦ୍ଧ ଜିଲାରେ ଭୂତଳ ଜଳ ପ୍ରତିବର୍ଷ ଏକ ମିଟର ତଳକୁ ଖସିବାରେ ଲାଗିଛି । ତେଣୁ ଚେକ୍‌ଡ୍ୟାମ ଜରିଆରେ ମହାନଦୀ ଜଳକୁ ସଂରକ୍ଷଣ ପାଇଁ ଦୀର୍ଘ ଦିନରୁ ଦାବି ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେ ଦିଗରେ କୌଣସି ଉଦ୍ୟମ ହୋଇ ପାରିନାହିଁ । ବେଳହୁଁ ସାବଧାନ ନ ହେଲେ ବୌଦ୍ଧ ଜିଲାରେ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ । କେବଳ ପାନୀୟଜଳ ନୁହେଁ ମହାନଦୀ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ହଜାର ହଜାର କୃଷକ, ମତ୍ସ୍ୟଜୀବୀ ଓ ନାଉରିଆ ପରିବାରଙ୍କ ଜୀବନ ବିପନ୍ନ ହୋଇପଡିବ ।

■ ବୌଦ୍ଧରେ ନିର୍ବାଚନ ତାତି ସରଗରମ

## ଭାଜପା ବିଜେଡି ମଧ୍ୟରେ କଡା ଟକ୍କର

**ବୌଦ୍ଧ,୧୨।୪(ସ୍ୱ.ପ୍ର)**

ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ଭୋଟ ଗ୍ରହଣ ହେବ। ଏଥିପାଇଁ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରଚାର ଅଭିଯାନ ଜୋରଦାର ହୋଇଛି। ଟାଣ ଖରା ସତ୍ତ୍ୱେ ସେମାନେ ନିଜ ସମର୍ଥକମାନଙ୍କ ସହ ଭୋଟର ମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାର ରଣନୀତି ଆପଣେଇଛନ୍ତି । ଗାଁ ଗାଁରେ, ହାଟ, ଛକ ମାନଙ୍କରେ ସଭା ସମିତି କରି ଭୋଟ ଭିକ୍ଷା କରୁଛନ୍ତି । ଏଠାରେ ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ କଡା ଟକ୍କର ହେବାକୁ ଯାଉଛି । ୨୦୧୪ ମସିହାରେ ମଧ୍ୟ ବିଜେଡି ପ୍ରାର୍ଥୀ ବାଚସ୍ପତି ପ୍ରଦୀପ କୁମାର ଅମାତ ଓ କଂଗ୍ରେସ ପ୍ରାର୍ଥୀ ସୁଶାନ୍ତ କୁମାର ପ୍ରଧାନଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା । ଚଳିତ ନିର୍ବାଚନରେ ସୁଶାନ୍ତ ପ୍ରଧାନ କଂଗ୍ରେସ ଛାଡି ଭାଜପାରେ ଯୋଗ ଦେଇ ଦଳୀୟ ପ୍ରାର୍ଥୀ ହୋଇଛନ୍ତି । ୨୦୧୪ ନିର୍ବାଚନ ଭଳି ଏଥର ମଧ୍ୟ ଦୁଇ ନେତାଙ୍କ ମଧ୍ୟରେ କଡା ଟକ୍କର ହେବାକୁ ଯାଉଛି। ବୌଦ୍ଧ ନିର୍ବାଚନ ମଣ୍ଡଳୀକୁ ଦୀର୍ଘ ୧୮ ବର୍ଷ ହେଲା ବିଜେଡି ନିଜ ଅକ୍ତିଆରେ ରଖିଆସିଛି। ସେପଟେ ଏହି ୧୮ବର୍ଷରେ ଜିଲାରେ କିଛି ବିକାଶ ହୋଇନାହିଁ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଉଛି ଏବଂ ମୋଦିଙ୍କ ବିକାଶମୂଳକ କାମକୁ ନେଇ ଦଳୀୟ ପ୍ରାର୍ଥୀ ଭୋଟ୍ ପ୍ରଚାର ଚଳାଇଛନ୍ତି । ବିଜେଡି ପ୍ରାର୍ଥୀ ମଧ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ସହ ବିଭିନ୍ନ ଯୋଜନାକୁ ନେଇ ନିର୍ବାଚନ ପ୍ରଚାର ଚଳାଇଛନ୍ତି। ଅନ୍ୟ ପଟେ ସିପିଆଇ ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଅବକାଶ ସାହୁ ମଧ୍ୟ ନିଜର ସମର୍ଥକ ମାନଙ୍କୁ ନେଇ ଗାଁରେ ବୈଠକ କରିବା ସହ ବୌଦ୍ଧରେ ନେତା ପରିବର୍ତ୍ତନ କରିବାକୁ ଭୋଟରଙ୍କୁ ଆହ୍ୱାନ ଦେଇଛନ୍ତି ।



ନିଯୁକ୍ତି ପ୍ରକ୍ରିୟାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ।

### ରାସ୍ତାରେ ମେଟାଲ, ଯାତାୟାତରେ ବାଧା

**ଭେଡ଼େନ, ୧୨।୪ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଜାଣ୍ଡୋଲ ଧୁବେନପାଲି ରାସ୍ତାରେ ଜୀରା ନଦୀ ଉପରେ ବିଜୁସେତୁ ନିର୍ମିତ ହୋଇ ଲୋକାର୍ପିତ ହୋଇଛି। ଏହି ରାସ୍ତାରେ ଯାତାୟାତ ଆରମ୍ଭ ହେଲାଣି। ତେବେ ବ୍ରିଜ୍‌ର ଉଭୟ ପଟରେ ୫୦୦ ମିଟର ଲେଖାଏଁ ମେଟାଲ ପଡ଼ିଥିବାରୁ ଯାନବାହନ ଯିବା ଆସିବାରେ ଅସୁବିଧା ହେଉଛି । ତୁରନ୍ତ ରାସ୍ତାର ଏହି ଅଂଶକୁ ପିଚୁ କରାଯିବାକୁ ଦାବି ହେଉଛି ।

■ କନ୍ଧମାଳ ବିଧାୟକଙ୍କ ଗାଡି ଭଙ୍ଗାରୁଜା ମାମଲା

## ସ୍ୱାଧୀନ ପ୍ରାର୍ଥୀଙ୍କ ୫ ସମର୍ଥକ ଗିରଫ

**ମନମୁଣ୍ଡା, ୧୨।୪ (ଡି.ଏନ.ଏ)**

କନ୍ଧମାଳ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ବିଧାୟକ ମହୀଧର ରଣାଙ୍କ ଗାଡି ଭଙ୍ଗାରୁଜା ମାମଲାରେ ମନମୁଣ୍ଡା ପୋଲିସ ଶୁକ୍ରବାର ୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରତାଖଣ୍ଡିର ଦିଲୀପ ପ୍ରଧାନ (୩୮), ସୁରେନ୍ଦ୍ର ପ୍ରଧାନ (୪୦), ରାଜକିଶୋର ଦନ୍ତା (୨୬), ସତ୍ୟନାରାୟଣ ପ୍ରଧାନ (୪୧) ଏବଂ ହାତୀପାଲିର ଗଣେଶ୍ୱର ଓରଫ ଗଣେଷ ମିଶ୍ର (୩୩) । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା । କୋର୍ଟରେ ସମସ୍ତଙ୍କ ଜାମିନ ମଞ୍ଜୁର ହୋଇଥିବା ଜଣାପଡିଛି। ଏମାନେ ସମସ୍ତେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥକ ବୋଲି ଜାଣିବାକୁ ମିଳିଛି। ପ୍ରକାଶଥାଉକି, ଗତ ୭ ତାରିଖ ଅପରାହ୍ନ ପ୍ରାୟ ସାଢ଼େ ୧ଟା ସମୟରେ ବିଜେଡି ବିଧାୟକ ପ୍ରାର୍ଥୀ ମହୀଧର ରଣା ଘିକୁଣ୍ଡି ପଞ୍ଚାୟତର ରତାଖଣ୍ଡିକୁ ତାଙ୍କ ସମର୍ଥକଙ୍କ ସହ ନିର୍ବାଚନ ପ୍ରଚାର ପାଇଁ ଯାଇଥିଲେ । ସେ ତାଙ୍କ ସ୍କର୍ପିଓ ଗାଡିକୁ ଗାଁ ମୁଣ୍ଡରେ ପାର୍କିଂ କରି ଗାଁ ଭିତରକୁ ପ୍ରଚାର ପାଇଁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ସେଠାକୁ ବାଇକ୍‌ରେ ଆସି ଗାଳିଗୁଲଜ କରିବା ସହ ତାଙ୍କ ଗାଡି ଭଙ୍ଗାରୁଜା କରିଥିଲେ । ବିଧାୟକଙ୍କ ଡ୍ରାଇଭର ପ୍ରଫୁଲ୍ଲ ରଣାଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା (ନଂ. ୭୮/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

## ନିଯୁକ୍ତି ପ୍ରକ୍ରିୟାରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ବରଗଡ଼ ଅଫିସ୍,୧୨।୪**

ବରଗଡ଼ ସହର ଉପକଣ୍ଠ ଚଢ଼େଇଗାଁ ବିଦ୍ୟାବିହାରସ୍ଥିତ ଇମ୍ପେରିଅଲ କଲେଜରେ ରିଲାଏନ୍ସ ଜିଓ ଏବଂ ଏଚଡ଼ିଏଫସି କମ୍ପାନୀ ପକ୍ଷରୁ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ନିଯୁକ୍ତି ପ୍ରକ୍ରିୟାରେ ଉପରୋକ୍ତ କମ୍ପାନୀ କର୍ତ୍ତୃପକ୍ଷ ମୋଟ୍ ୧୭ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରେ ଇମ୍ପେରିଅଲ କଲେଜର ରେଣୁକା ଛତର, ଆକାଶ ମେହେର ଏବଂ ସଞ୍ଜୟ ପୁରୋହିତ ରିଲାଏନ୍ସ ଜିଓ କମ୍ପାନୀ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଭୋଜରାମ ସା, ସୁବଳ ମେହେର, ପ୍ରବୀଣ ମହପାତ୍ର, ଶୁଭମ ବାରିକ, ସ୍ମୃତି କଠାର, ମାନସୀ ଲୁହା, ସ୍ୱୟଂପ୍ରଭା ପ୍ରଧାନ, ଆକାଶ ମେହେର, ପ୍ରହ୍ଲାଦ ଗହୀର, ଚନ୍ଦନ ମେହେର ଏଚଡ଼ିଏଫସି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଏହା ପୂର୍ବରୁ ଅଭିଷେକ ପଣ୍ଡା ୱିପ୍ରୋ କମ୍ପାନୀ ପାଇଁ ପୂର୍ବରୁ ଯେଗ୍ୟ ବିବେଚିତ ହୋଇଥିଲେ । କୃତୀ ଛାତ୍ରୀଛାତ୍ରଙ୍କ ଇମ୍ପେରିଅଲ କଲେଜ ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା ।



ଅତିଥିମାନେ ପୁସ୍ତକର ଲୋକାର୍ପଣ କରୁଛନ୍ତି।

## ପୁସ୍ତକ ତ୍ରିବେଣୀ ଲୋକାର୍ପିତ

**ଉଲୁଣ୍ଡା ୧୨।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ପଞ୍ଚାୟତ ସମିତି ସରକାରୀ ଉଚ୍ଚ ବିଦ୍ୟାଳୟରେ ସେବାନିବୃତ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ରଚିତ ତୃତୀୟ ପୁସ୍ତକ ତ୍ରିବେଣୀର ଶୁକ୍ରବାର ଲୋକାର୍ପଣ ଉତ୍ସବ ଆୟୋଜିତ ହୋଇଯାଇଛି। କାମପାଳ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ମହାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ପଞ୍ଚାୟତ ସମିତି ଯୁକ୍ତତିନି ବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବାଶିଷ ପାଣିଆ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଅନୁଷ୍ଠାନର ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଧ୍ରୁବଚରଣ ସାହୁ, ଯଜ୍ଞେଶ୍ୱର ପୂଜାହାରୀ ସଂକ୍ଷିପ୍ତ ବିଚାର ବ୍ୟକ୍ତ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ଅବସରରେ ଛାତ୍ରୀ ଆଶାରାଣୀ ମହାକୁର, ନିକିତା ମହାକୁର, ସ୍ମୃତିକା ମହାକୁର, ଦିପ୍ତୀରେଖା ମହାନ୍ତି, ଗୌତମୀ ଶ୍ରିବାସ ପ୍ରମୁଖ ବେଦପାଠ ସହ ଆବାହନୀ ସଂଗୀତ ପରିବେଷଣ କରିଥିଲେ। ଶିକ୍ଷକ ପ୍ରସନ୍ନ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫୁଲ୍ଲ କୁମାର ପୂଜାହାରୀ ଧନ୍ୟବାଦ ଦେଇଥିଲେ।

## ରସାୟନ ବିଭାଗରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୧୨।୪**

ବରଗଡ଼ ପଞ୍ଚାୟତ କଲେଜ ରସାୟନ ବିଜ୍ଞାନ ବିଭାଗ ତୃତୀୟ ବର୍ଷ ସମ୍ମାନ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ ସଞ୍ଜୟ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଭାଗୀୟ ମୁଖ୍ୟ ପ୍ରଫେସର ସିପୁନ ସେଠୀ, ପ୍ରଫେସର ମାନସ ରଞ୍ଜନ ଭୋଇ, ପ୍ରଫେସର ଅଖିଳେଶ ଦାଶ ଅତିଥି ଭାବେ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡେମନଷ୍ଟ୍ରେଟର ସହଦେବ ପ୍ରଧାନ ଓ ତ୍ରିନାଥ ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଏବେ ବି ଲାଗିଛି କାଳିଆ ପୋଷ୍ଟର

**ଭେଡ଼େନ, ୧୨।୪ (ଡ଼ି.ଏନ.ଏ)**

ସାଧାରଣ ନିର୍ବାଚନ ଘୋଷଣା ପରେ ପ୍ରଶାସନ ପକ୍ଷରୁ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତରେ ସରକାରୀ ଯୋଜନା କାଳିଆର ପ୍ରଚାର ପାଇଁ ଲାଗିଥିବା ବ୍ୟାନର ପୋଷ୍ଟର ତଥା କାନ୍ଥ ଲେଖା କୁ ହଟାଇ ଦିଆଯାଇଥିଲା। ଏହି କାମକୁ ଠିକ୍ ଭାବେ କରାଯାଇ ନ ଥିବାରୁ ଏବେବି କାଳିଆ ଯୋଜନାରେ କାନ୍ଥଲେଖାସବୁ ରହିଛି । ଭେଡ଼େନରୁ ଧୁବେନପାଲି ରାସ୍ତାର ଜାଣ୍ଡୋଲ ଗ୍ରାମ, ଲୁହାଖଣ୍ଡି ଗ୍ରାମପଞ୍ଚାୟତର ବରପଦର ସାପ୍ତାହିକ ବଜାର ନିକଟ, ଭେଡ଼େନ ବାଘପାଲି ରାସ୍ତାର କୁତପାଲି ଗାଁ ବୁଲାଣି ନିକଟ ରାସ୍ତାକଡ଼ରେ ଏବେବି ଏହି କାନ୍ଥଲେଖାସବୁ ରହିଛି। ଯାହାକି ନିର୍ବାଚନ ଆଚରଣବିଧିର ଉଲଂଘନ କରାଯାଇଛି। ଏପରିକି ନିର୍ବାଚନ ପ୍ରଚାର ଚାଲିଥିବା ବେଳେ ବିଭିନ୍ନ ଗ୍ରାମରେ ନଳକୂପ ଖନନ, ହାଇମାକ୍ସ ଲାଇଟ ଲଗାଯାଉଥିବା ବରଗଡ଼ ଲୋକସଭା ଯୁବ କଂଗ୍ରେସ ସଭାପତି ସ୍ୱାଧୀନ ରଥ ଅଭିଯୋଗ କରିଛନ୍ତି ।







ବରଗଡ଼ ପଞ୍ଚାୟତ କଲେଜ ରସାୟନ ବିଜ୍ଞାନ ବିଭାଗ ତୃତୀୟ ବର୍ଷ ସମ୍ମାନ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

ସଂରକ୍ଷିତ ଜଙ୍ଗଲକୁ ଚାଷ ଜମି କରିବା ଉଦ୍ୟମ

## ବନ ବିଭାଗ ଦ୍ୱାରା ୨ ଗିରଫ

**ଜୁନାଗଡ,୧୨।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ରେଞ୍ଜ ସୁପେଲ ବିଟ୍ ଗୋଲାମୁଣ୍ଡା ନିକଟସ୍ଥ ସଂରକ୍ଷିତ ଘନା ଜଙ୍ଗଲକୁ ସଫା କରି ଚାଷ ଜମି କରିବା ପାଇଁ ଉଦ୍ୟମ କରୁଥିବାବେଳେ ଶୁକ୍ରବାର ବନ ବିଭାଗ ୨ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନେ ହେଲେ ନିକଟସ୍ଥ ରଣପୁର ଗ୍ରାମର ଭରତ ମାଝି (୪୭) ଓ ଗୋଲାମୁଣ୍ଡା ଗ୍ରାମର ରାମ ପ୍ରସାଦ ବାଗ (୪୮)। ଉଭୟଙ୍କୁ ବନବିଭାଗ ଦ୍ୱାରା ଗିରଫ କରି ଡିଏଫଓଙ୍କ ପାଖକୁ ନିଆଯାଇଛି। ଶନିବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବନବିଭାଗ ପକ୍ଷରୁ ଜଣାପଡିଛି। ଜୁନାଗଡ ରେଞ୍ଜର ଲକ୍ଷ୍ମଣ ଶବରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ଫରେଷ୍ଟର ନିହାର ରଞ୍ଜନ ଠାକୁର, ରଜନୀକାନ୍ତ ମେହେର, ପାର୍ଥିବ ମାଝି, ପଦ୍ମଲୋଚନ ଶବର, ଫରେଷ୍ଟ ଗାର୍ଡ ମହେଶ୍ୱର ନାଏକ, କାହ୍ନୁଚରଣ ତ୍ରିପାଠି, ବିଶିକେଶନ କରୁଆ ପ୍ରମୁଖ ସାମିଲ ଥିଲେ। ଅନ୍ୟପକ୍ଷରେ ବନବିଭାଗ ଦ୍ୱାରା ୨ଜଣଙ୍କୁ ଗିରଫ ପରେ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ସମ୍ପର୍କୀୟମାନେ ସନ୍ଧ୍ୟାରେ ରେଞ୍ଜ ଅଫିସକୁ ଆସି ଘେରାଉ କରିଥିବା ମଧ୍ୟ ଜଣାପଡିଛି।



ବନବିଭାଗ ଦ୍ୱାରା ଗିରଫ ୨ ବ୍ୟକ୍ତି।

■ ନିର୍ବାଚନ କାର୍ଯ୍ୟରେ ବେସରକାରୀ ସ୍କୁଲ ବସ୍

## ଯାତ୍ରୀ, ଛାତ୍ରୀଛାତ୍ର ହଇରାଣ

**ଭବାନୀପାଟଣା,୧୨।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ ୧୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ କାର୍ଯ୍ୟରେ ଜିଲାର ଯାନବାହାନ ନିୟୋଜିତ କରାଯାଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭବାବୀପାଟଣାରୁ ବେସରକାରୀ ଯାତ୍ରୀବାହୀ ବସ ସହ ଭୋଟ ଗାଡି ମଧ ପ୍ରେରଣ କରାଯାଇଛି। ଫଳରେ ଭବାନୀପାଟଣାରୁ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଯାତ୍ରୀମାନେ ଘୋର ଅସୁବିଧାସର ସମ୍ମୁଖୀନ ହେଉଛନ୍ତି। ଏପରିକି କଳାହାଣ୍ଡି ଜିଲାରୁ ସ୍କୁଲ ବସଗୁଡିକୁ ମଧ ନିର୍ବାଚନ ପାଇଁ ଅଧିଗ୍ରହଣ କରାଯାଇଥିବାରୁ ବେସରକାରୀ ସ୍କୁଲଗୁଡିକରେ ପାଠପଢା ବାଧାପ୍ରାପ୍ତ ହେଉଥିବା ପ୍ରକାଶ ହୋଇଛି। ଭବାନୀପାଟଣା ବେସରକାରୀ ବସଷ୍ଟାଣ୍ଡରୁ ଜିଲାର କୋଣ ଅଣୁକୋଣରେ ଥିବା ଅଞ୍ଚଳକୁ ବସ ଯାତାୟାତ କରିଥାଏ। ବେସରକାରୀ ଓ ସରକାରୀ ବସଷ୍ଟାଣ୍ଡ ଶୂନଶାନ ହୋଇଯାଇଛି। ଗୋଟିଏ ଦୁଇଟି ବସ ଖରାପ ହୋଇ ପଡି ରହିଥିବା ସହ କାଁ ଭାଁ କିଛି ବସ ଚଳପ୍ରଚଳ କରୁଥିଲା। ସରକାରୀ ବସ ଓ ଘରୋଇ ଏକ୍ସପ୍ରେସ୍‌ବସ ରାଜ୍ୟର ବିଭିନ୍ନ ପ୍ରମୁଖ ସହରକୁ ଯାତାୟାତ କରୁଥିବା ବେଳେ ବସ ପାଇଁ ଯାତ୍ରୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗକରୁଥିବା ଦେଖାଯାଇଛି। ଏପରିକି କିଛି ରୁଟରେ ଦୈନିକ ମାତ୍ର ଗୋଟିଏ ବସ ଥିବା ଓ ତାହା ମଧ ବହୁଦିନ ଧରି ଚାଲୁ ନ ଥିବା ଯୋଗୁ ଜନ ଜୀବନକୁ ପ୍ରଭାବିତ କରିଛି। ବର୍ତ୍ତମାନ ବିବାହ ଋତୁର ଆରମ୍ଭ ହୋଇଥିବା ବେଳେ ବସ ନ ଥିବାରୁ ଯାତାୟାତ ପାଇଁ ଲୋକେ ଗାଡି ଭଡା କରିବାକୁ ବାଧ ହେଉଛନ୍ତି। ତେବେ ନିର୍ବାଚନ କାର୍ଯ୍ୟରୁ ସ୍କୁଲ ବସକୁ ମଧ ବାଦ ଦିଆଯାଇ ନାହିଁ। ଭବାନୀପାଟଣାରେ ଥିବା ଅଧିକାଂଶ ବେସରକାରୀ ଶିକ୍ଷାନୁଷ୍ଠାନ ସହର ଉପକଣ୍ଠରେ ଥିବାରୁ ଛାତ୍ରୀଛାତ୍ରଙ୍କ ଯାତାୟାତ ପାଇଁ ବସ ରହିଛି। ଭବାନୀପାଟଣା ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବସକୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧାରେ ପଡ଼ିଥିଲେ । ଏହାକୁ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକ ଅସୁବିଧାର ସମ୍ମୁଖୀନ ହୋଇଥିଲେ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର

**ବରପାଲି, ୧୨।୪ (ଡି.ଏନ.ଏ):** ବିଜେପୁର ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ରିପୁନାଥ ସେଠ ତାଙ୍କ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି । ରିପୁନାଥ ନିଜେ ସମର୍ଥକମାନଙ୍କ ସହିତ ପ୍ରଚାର କରୁଥିବାବେଳେ ତାଙ୍କ ସ୍ତ୍ରୀ ଯାଜ୍ଞସେନୀ ସେଠ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି । ସେ ସହରର ମହିଳାମାନଙ୍କୁ ସାଙ୍ଗରେ ନେଇ ଶୁକ୍ରବାର ମଧ୍ୟାହ୍ନରେ ଏକ ଶୋଭାଯାତ୍ରାରେ ଘରକୁ ଘର ବୁଲି ଭୋଟ ପ୍ରଚାର କରିଥିଲେ ।

### ଡାକ୍ତରଖାନା ଛକରେ ଟ୍ରାଫିକ ସମସ୍ୟା

**ବରପାଲି, ୧୨।୪ (ଡି.ଏନ.ଏ):** ବରପାଲି ଡାକ୍ତରଖାନା ଛକରେ ଟ୍ରାଫିକ ସମସ୍ୟା ସୃଷ୍ଟି କରିଛି । ପ୍ରତ୍ୟହ ସକାଳୁ ସଞ୍ଜ ଯାଏ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ଆମ୍ବୁଲାନ୍ସ ଯିବା ଆସିବାରେ ଅସୁବିଧା ହେଉଛି। ସ୍ଥାନୀୟ ଅଞ୍ଚଳର ବେପାରୀମାନେ ନିଜ ନିଜ ପସରା ମେଲାଇ ରାସ୍ତା ଅବରୋଧ କରି ଚାଲିଛନ୍ତି । ଫଳରେ ରାସ୍ତା ଜାମ୍ ହୋଇ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏହି ରାସ୍ତାରେ ବାଳିକା ହାଇସ୍କୁଲ, ବଜାର ଓ ପବ୍ଲିକ ସ୍କୁଲ ରହିଛି । ଏ ନେଇ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।



ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ ।

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ଜିଲାପାଳ

**ବରଗଡ଼ ଅଫିସ୍,୧୨।୪**

ବରଗଡ଼ ଜିଲାର ନିର୍ବାଚନ ପ୍ରସ୍ତୁତିକୁ ନେଇ ଶୁକ୍ରବାର ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୋଲିଂ ଅଧିକାରୀମାନଙ୍କ ଗସ୍ତ, ଭୋଟିଂ ଉପକରଣ, ପରିବହନ ବ୍ୟବସ୍ଥା, ଭୋଟର ସଚେତନତା କାର୍ଯ୍ୟକ୍ରମ, ପୋଷ୍ଟାଲ ବାଲଟ୍, ଇଭିଏମ ଭିଭିପିଏଟି ବ୍ୟବସ୍ଥା, ବିତରଣ ଓ ଗ୍ରହଣ କାର୍ଯ୍ୟକ୍ରମ ଏବଂ ସେକ୍ଟର ଅଫିସରମାନଙ୍କ ଦାୟିତ୍ୱ ଆଦି ଉପରେ ଆଲୋଚନା ହୋଇଥିଲା । ଆବଶ୍ୟକ ସ୍ଥଳେ ଏସବୁ କ୍ଷେତ୍ରରେ ରହିଥିବା ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ପଦକ୍ଷେପ ନେବାକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ତ୍ରିପାଠୀ ବିଭାଗୀୟ ନୋଡ଼ାଲ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ମହିଳା ପୋଲିଂ ଅଧିକାରୀ, ଆଦର୍ଶ ଭୋଟ୍ ଗ୍ରହଣ କେନ୍ଦ୍ର ଏବଂ ପିଙ୍କ୍ ବୁଥ ସମ୍ପର୍କରେ ସମସ୍ତଙ୍କୁ ସୂଚନା ଦିଆଯାଇଥିଲା । ମହିଳା ପୋଲିଂ ଅଧିକାରୀମାନଙ୍କ ସୁରକ୍ଷା ତଥା ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ ପାଇଁ ଜିଲାପାଳ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ହିମଶିଖର ଗୁପ୍ତା, ଅତିରିକ୍ତ ଜିଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ତପିରାମ ମାଝି, ବରଗଡ଼ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତଙ୍କ ସମେତ ସମସ୍ତ ବିଭାଗୀୟ ନୋଡ଼ାଲ ଅଫିସରମାନେ ଉପସ୍ଥିତ ଥିଲେ ।

## ଆବାସ ଯୋଜନାରେ ସମ୍ପୂର୍ଣ୍ଣ ପ୍ରାପ୍ୟ ମିଳୁନି

**ଜାମଟିକ୍ରା, ୧୨।୪ (ଡି.ଏନ.ଏ)**

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଜାମଟିକ୍ରା ଗ୍ରାମର ଜୀବର୍ଦ୍ଧନ ଦୀପ, ସୁନୀତା କଠାର ଓ ହରିମୋହନ କଠାର ପ୍ରମୁଖ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇ ନିର୍ମାଣ କାର୍ଯ୍ୟ ଶେଷ କରିବାର ୬ମାସରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ସେମାନଙ୍କୁ ଆଂଶିକ ପ୍ରାପ୍ୟ ପ୍ରଦାନ କରାଯାଇଛି । ସେହିପରି ଏହି ବ୍ଲକ ଅନ୍ତର୍ଗତ କାଦୋବାହାଲ ପଞ୍ଚାୟତ ବରାହମୁଣ୍ଡା ଗ୍ରାମର ଚନ୍ଦ୍ରଭାନୁ ପୋଢ଼ ପ୍ରଧାନମନ୍ତ୍ରୀ ଆବାସ ଘର ତିନି ମାସ ମଧ୍ୟରେ ସମାପ୍ତ କରିଛନ୍ତି । କିନ୍ତୁ ସେ ୨୦ ହଜାର ଟଙ୍କା ବୋନସ ଏଯାଏ ପାଇନାହାନ୍ତି । ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚାରିବାରୁ ସେ କହିଲେ, ଏହାର ଅନୁଧ୍ୟାନ କରି ଶ୍ରମିକ ଓ ହିତାଧିକାରୀଙ୍କୁ ଶୀଘ୍ର ସମ୍ପୂର୍ଣ୍ଣ ପ୍ରାପ୍ୟ ପ୍ରଦାନ କରାଯିବା ବ୍ୟବସ୍ଥା କରାଯିବ ।

## ରେମତା ହାଇସ୍କୁଲର ବାର୍ଷିକୋତ୍ସବ

**ବରପାଲି, ୧୨।୪ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ରେମତା ହାଇସ୍କୁଲର ୨୬ତମ ବାର୍ଷିକ ଉତ୍ସବ ଶୁକ୍ରବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଧାନଶିକ୍ଷକ ପ୍ରତିବୋଧ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବରପାଲି କଲେଜ ପ୍ରାକ୍ତନ ପ୍ରଧ୍ୟାପକ ଘନଶ୍ୟାମ ପାଣିଗ୍ରାହୀ ମୁଖ୍ୟଅତିଥି, ରେମତା ସରପଞ୍ଚ ଅନିତା ପଟେଲ, ସମିତି ସଭ୍ୟ ବିନୟ ଗଡତିଆ ଓ ସ୍କୁଲ କମିଟି ସଭାପତି ଦିବ୍ୟକିଶୋର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ନିହାର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ ବିବରଣୀ ପାଠ କରିଥିଲେ । ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ପରେ ଛାତ୍ରୀଛାତ୍ରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଶିକ୍ଷକ ଉଗ୍ରେ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗଡ଼ ଆସିବେ ମୁଖ୍ୟମନ୍ତ୍ରୀ

### ଦୁଇଦିନିଆ ମାରାଥନ ପ୍ରଚାର କରିବେ

**ବରଗଡ଼ ଅଫିସ୍/ଅତାବିରା,୧୨।୪**

ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲାରେ ଆସନ୍ତା ୧୮ତାରିଖ ମତଦାନ ଗ୍ରହଣ ହେବ। ଫଳରେ ଦଳୀୟ ନିର୍ବାଚନୀ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୫ ଓ ୧୬ତାରିଖ ଦୁଇଦିନିଆ ବରଗଡ଼ ଜିଲା ଗସ୍ତରେ ଆସୁଥିବା ସୂଚନା ମିଳିଛି। ଖୋଦ୍ ମୁଖ୍ୟମନ୍ତ୍ରୀ ଜିଲାର ବିଜେପୁର ଆସନ ପାଇଁ ଦଳୀୟ ପ୍ରାର୍ଥୀ ରହିଥିବା ଯୋଗୁ ଏଠାକୁ ତାଙ୍କ ଗସ୍ତ ଅଧିକ ଗୁରୁତ୍ୱବହନ କରୁଛି । ମୁଖ୍ୟମନ୍ତ୍ରୀ ତାଙ୍କ ଏହି ଗସ୍ତରେ ଅତାବିରା, ବରଗଡ଼, ପଦ୍ମପୁର ଓ ବିଜେପୁର ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ସହିତ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେବେ। ପ୍ରତ୍ୟେକ ନିର୍ବାଚନୀ ସଭାରେ ସେ ୨୫ମିନିଟ୍ ଲେଖାଏଁ ଅବସ୍ଥାପନ କରିବେ ଏବଂ ୧୫ତାରିଖରେ ବରଗଡ଼ରେ ରାତ୍ରି ରହଣୀ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଆସନ୍ତା ୧୫ତାରିଖ ସୋମବାର ପୂର୍ବାହ୍ନ ୯ଟା ୪୫ମିନିଟ୍‌ରେ ନବୀନ ନିବାସରୁ ବାହାରିବେ ଏବଂ ସେଠାରୁ ବିଜୁ ପଟ୍ଟନାୟକ ଏୟାରପୋର୍ଟକୁ ଆସି ଦିନ ୯ଟା ୫୫ ମିନିଟ୍‌ରେ ହେଲିକପ୍ଟର ଯୋଗେ ବରଗଡ଼ ଅଭିମୁଖେ ଆସିବେ । ସେ ଦିନ ୧୦ଟା ୫୦ମିନିଟ୍‌ରେ ପଦ୍ମପୁର ନିକଟ ସତୀଭଟା ଏୟାରକ୍ରାଫ୍ଟରେ ଓହ୍ଲାଇବେ ଏବଂ ହେଲିକପ୍ଟର ଯୋଗେ ଅତାବିରା ନିର୍ବାଚନ ମଣ୍ଡଳୀ ଅଭିମୁଖେ ବାହାରି ଭେଡ଼େନ ବ୍ଲକ ଅନ୍ତର୍ଗତ ବାନିପାଲି ପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌ରେ ଦିନ ପ୍ରାୟ ୧୧ଟା ୧୦ମିନିଟ୍‌ରେ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେବେ । ମାତ୍ର ୨୫ମିନିଟ୍ ସେଠାରେ ଅବସ୍ଥାନ କରିବା ପରେ ମୁଖ୍ୟମନ୍ତ୍ରୀ ପୁଣି ହେଲିକପ୍ଟର ଯୋଗେ ପଦ୍ମପୁର ନିର୍ବାଚନ ମଣ୍ଡଳୀକୁ ଆସି ଦିନ ପ୍ରାୟ ୧୧ଟା ୫୦ମିନିଟ୍‌ରେ ସେଠାକାର ନିର୍ବାଚନୀ ସଭାରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ସେଠାରେ ମଧ୍ୟ ୨୫ମିନିଟ୍ ରହିବା ପରେ ଦିନ ୧୨ଟା ୧୫ମିନିଟ୍‌ରେ ବଲାଙ୍ଗୀର ଜିଲା ପାଟଣାଗଡ଼, ବେଲପଡ଼ା ଅଞ୍ଚଳକୁ ଯିବେ । ସେଠାରେ ପହଞ୍ଚିବା ପରେ କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା, ହଲଦୀ, ଟିଟିଲାଗଡ଼, ବେଲଗାଁ, ସଇଁତଲା, ତୁଷରା ଛକ, ଦେଓଗାଁ, ବଲାଙ୍ଗୀର, ଲୋଇସିଂହା, ସାଲେଭଟା ଆଦି ଅଞ୍ଚଳରେ ରୋଡ୍ ସୋ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ମୁଖ୍ୟମନ୍ତ୍ରୀ ରାତ୍ରି ପ୍ରାୟ ୮ଟା ୪୫ମିନିଟ୍‌ରେ ବରଗଡ଼ର ପିଡବ୍ଲୁଡି ଆଇବିକୁ ଆସି ସେଠାରେ ରାତ୍ରି ଯାପନ କରିବେ । ସେହିପରି ୧୬ତାରିଖ ଦିନ ୯ଟା ୫୫ମିନିଟ୍‌ରେ ବରଗଡ଼ ପିଡବ୍ଲୁଡି ଆଇବିରୁ ବାହାରି ଦିନ ପ୍ରାୟ ୧୦ଟାରେ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବେ । ୨୫ ମିନିଟ୍ ସେହି ନିର୍ବାଚନୀ ସଭାରେ ରହିବା ପରେ ହେଲିକପ୍ଟର ଯୋଗେ ବରପାଲି ଯାଇ ସେଠାରେ ୧୦ଟା ୫୦ମିନିଟ୍‌ରେ ଉଦବୋଧନ ଦେବେ । ସେଠାରୁ ବିଜେପୁର ଗସ୍ତରେ ଯାଇ ଦିନ ସାଢ଼େ ୧୧ଟା ସୁଦ୍ଧା ସେଠାକାର ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେବେ । ସେଠାରୁ ସେ ଗାଇସିଲେଟ୍‌ରେ ୧୨ଟା ୧୦ମିନିଟ୍ ସୁଦ୍ଧା ପହଞ୍ଚି ପ୍ରଚାର କାର୍ଯ୍ୟ ସାରି ହେଲିକପ୍ଟର ଯୋଗେ ରାଉରକେଲା ରଘୁନାଥପଲ୍ଲୀ ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି ।



ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାମଞ୍ଚ ପାଇଁ ବାନିପାଲିରେ ପଡ଼ିଆ ସମତୁଲ କରାଯାଉଛି ।

- ବରଗଡ଼ରେ କରିବେ ରାତ୍ରି ରହଣି
- ୪ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକ୍ରମ

# ଭୁତକୁଠି ପାଲଟିଛେ ଯାତ୍ରୀ ପ୍ରତୀକ୍ଷାଳୟ

**ଅତାବିରା, ୧୨।୪ (ଡି.ଏନ.ଏ)**

ଦିନୁ ଦିନ୍‌କେ ଖରା ତାତି ବଢ଼ତେଲ ଯାଉଛେ । ଏନ୍‌ତାଥି ଲୋକ୍‌ଥକା ମାରବାର ଲାଗି ଛାଇତଲ ଖୁଜୁଛନ୍। ରାଏଜ୍ ସରକାର ଯାତ୍ରୀମାନକର ସୁବିଧା ଆର ଖରା, ବର୍ଷା, ଶୀତ୍‌ରୁ ବଁଚବାର ଲାଗି ବସ୍‌ଷ୍ଟାଣ୍ଡ, ଛକ୍‌ମାନକେ ଯାତ୍ରୀ ପ୍ରତୀକ୍ଷାଳୟ ତିଆର କରୁଛନ୍ । ହେଲେ ଇ ସବୁର ଦେଖ୍‌ଭାଲ ଅଭାବୁ ଅନେକ ଜାଗାରେ ଯାତ୍ରୀ ପ୍ରତୀକ୍ଷାଳୟମାନ ଭୁତକୁଠି ପାଲଟିଯାଉଛେ। ଇ ସବୁର ଅବସ୍‌ତା ଦେଖ୍‌ଲେ ଇତାର ମରାମତି, ଉନ୍‌ନତିକରନ୍ ଲାଗି ଥାନୀୟ ନେତା, ପରଶାସନର ଆଁତରିକତା ନାଇଁଥିବାର ଫଟିକ ବୁଝାପଡୁଛେ।

ଏନ୍‌ତା ଗୁଟେ ଯାତ୍ରୀ ପ୍ରତୀକ୍ଷାଳୟ ଦେଖ୍‌ବାକେ ମିଳିଛେ ବରଗଡ଼ ଜିଲା ଅତାବିରା ବିଧାନସଭା ନିରବାଚନ ମଣ୍ଡଳୀ ଅଧୀନ ୫୪ ନମ୍ବର ରାଜ୍ୟ ରାଜପଥ ଡାଲବ ହାଟପଦା ପାସେ। ଇ ଯାତ୍ରୀ ପ୍ରତୀକ୍ଷାଳୟକେ ଅନାବନା ଗଛ୍‌ଲତା ଭିତର ବାହାର ସବୁଆଡୁ ଢାଁପିକରି ରଖିଛେ। ଯେନ୍‌ଥିରଲାଗି ପ୍ରତୀକ୍ଷାଳୟଟା ଭୁତକୁଠି ଲେଖେଁ ଦିଶବାର ସଂଗେ ବେଭାର କରବାର ଅବସ୍‌ତାରେ ନାଁଇଁନ। ଯାତ୍ରୀ ପ୍ରତୀକ୍ଷାଳୟର ଅବସ୍‌ତା ଏନ୍‌ତା, ଯେ ଦେଖ୍‌ବା କେନ୍ ମାନ୍‌ଧାତା ଅମଲରେ ଘରଟା ତିଆର ହେଇଥିଲା ବଲି କହିବା। ଇ ରାସ୍‌ତାରେ ଥାନୀୟ ବିଧାୟକ, ନେତା, ମନ୍ତ୍ରୀ, ଏମ୍.ପି., ପରଶାସନିକ ଅଧିକାରୀମାନେ ସବୁବେଲେ ଯାଆସ କରୁଥିଲେ ବି କାହାରି ନଜର ନାଇଁ ପଡ଼ବାରଟା ନିହାତି ଗୁଟେ ଲାଜ୍‌ଲଜନା କଥା ଆଏ। ଆଏବାର ୧୫ ତାରିଖ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାନିପାଲି ଫୁଟବଲ ପଡ଼ିଆକେ ନିରବାଚନ ପରଚାରରେ ଆଏବାର କାଯ୍‌କରମ ରହିଛେ। ଡାଲବ ହାଟପଦା ପାସେ ବାନିପାଲି ଫୁଟବଲ ପଡ଼ିଆ ରହିଛେ। ଇ ସମିଆରେ ଯାତ୍ରୀ ପ୍ରତୀକ୍ଷାଳୟ ଉପରେ ଥାନୀୟ ନେତା, ମନ୍ତ୍ରୀ, ଥାନୀୟ ପରଶାସନିକ ଅଧିକାରୀକର ନଜର ପଡୁଛେ କି ନାଇଁ, ସେମାନେ ଇ ଦିଗେ କାଣା ପଦକ୍ଷେପ ନେଉଛନ୍ ଦେଖ୍‌ବାର ବାକି ରହିଲା।



ଅନାବନା ଗଛପତରରେ ଢାଁପି ହେଇଛେ ଯାତ୍ରୀ ପ୍ରତୀକ୍ଷାଳୟ।

### ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ

# ମେଳା ସୁପରିଚାଳନାକୁ ଗୁରୁତ୍ୱ

**ପାଇକମାଳ, ୧୨।୪(ଡି.ଏନ.ଏ)**

ପାଇକମାଳର ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମ ଉତ୍ସବ ତଥା ବୈଶାଖ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ମନ୍ଦିରର ଭୋଗ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରମେଶ ଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ । ଆସନ୍ତା ମେ ୧୩ରୁ ୧୮ ତାରିଖ ଛଅ ଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯିବ । ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଗତବର୍ଷ ବୈଶାଖ ମେଳାର ଆୟବ୍ୟୟ ବିବରଣୀ ପଠନ କରିଥିଲେ। ପାଇକମାଳ ଥାନା ଆଇଆଇସିସି ବିଶ୍ୱଜିତ ମନବୋଧ ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପାନୀୟଜଳର ସୁବ୍ୟବସ୍ଥା, ମେଳା ସମୟରେ ନିରନ୍ତର ବିଦ୍ୟୁତ ସେବା ପାଇଁ ଆଲୋଚନା ହୋଇଥିଲା। ସେହିପରି ଅଗ୍ନିଶମ, ଜଙ୍ଗଲ ବିଭାଗ କର୍ମଚାରୀ ନିଜ ନିଜର ଦାୟିତ୍ୱ ତୁଲାଇବା ପାଇଁ ମତ ରଖି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମେଳାର ସୁପରିଚାଳନା ପାଇଁ ୨୧ ଜଣିଆ କମିଟି ଗଠନ କରାଯାଇଥିଲା। ମେଳା ସମୟରେ ଲକ୍ଷାଧିକ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ଏହାର ସୁପରିଚାଳନା ଠିକ ଭାବେ କରାଯିବା ଉପରେ ସଭାପତି ରମେଶ ଚନ୍ଦ୍ର ସେଠୀ ଗୁରୁତ୍ୱ ଦେଇଥିଲେ। ମନୋରଞ୍ଜନ ସିଂ ବରିହା, ବଡ ସତପଥି, ଦେବେନ୍ଦ୍ର ସାହୁ, ଶଙ୍କର ଭୁଏ, ଗୌରାଙ୍ଗ ଦାସ, ଡାଇମନ ଭୁଏ, ସୁରଥ ସାହୁ, ଧୀରେନ ମହାନ୍ତି, ଦେବେନ୍ଦ୍ର ସାହୁ, ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ପାଇକମାଳ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ ।



ନୃସିଂହନାଥଙ୍କ ଜନ୍ମ ଉତ୍ସବ ତଥା ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ଚାଲିଛି।

### ସାରଙ୍ଗୀ ଦେଉଛେ ପରିବାରକେ ଦାନା

# କଲାକାର ଭତା, ଆବାସ ଯୋଜନାରୁ ବଁଚିତ୍ ରୁଦ୍ର



ରୁଦ୍ର ବୁଗବୁଗା ଗାଁରେ ସାରଙ୍ଗୀ ବଜେଇ ଭିଖ୍ ମାଗୁଛନ୍।

**ଅତାବିରା, ୧୨।୪ (ଡି.ଏନ.ଏ)**

ଦିନୁ ଦିନ୍‌କେ ଲୋକ୍‌କଲା, ଲୋକ୍ ନାଚ୍, ଲୋକ୍ ଗୀତ ବୁଡ଼ିଯିବାକେ ବସଲାନ। ହେଲେ ଆଏଜ୍ ବି କେତେ କଲାକାର, ସଂଗଠନ୍ ଇ ସବୁ କଲାକେ ବଁଚେଇ ରଖବାର ଲାଗି ଜୋରସୋର ଚେଷ୍ଟା କରୁଛନ୍। ସେନ୍‌ତା ଆରକେତେ କଲାକାର କଲା ପରିବେଷନ୍ କରି ନିଜର ପରିବାର ଲାଗି ଦାନା ଯୁଗାଡ଼ କରୁଛନ୍। ଏନ୍‌ତା ଝନେ କଲାକାରକୁଁ ଦେଖ୍‌ବାକେ ମିଳିଛେ ବରଗଡ଼ ଜିଲା ଅତାବିରା ବ୍ଲକ ଟାମ୍ପରସରା ପଁଚେତ୍ ଅନ୍ଧାରୀପାଲି ଗାଁରେ।

ସୂଚନା ହିସାବେ ଅତାବିରା ବ୍ଲକ ଟାମ୍ପରସରା ଗାଁର ରୁଦ୍ର ତେଲଙ୍ଗାନା ଓରଫ ଲୋଦ୍ର(୫୦) । ତାକର ପରିବାର କହିଲେ ମା'ବାପ, ମାଏକିନା, ଦୁଇ ପୁଓ ଆର ଝିଁକେ ନେଇ ସଁସାର। ଜମିବାଡ଼ି ବଲି କିଛି ନାଇଁ। ସଖାଲ ପାଏଲେ ସେ ବେଶ ହେଇ ପୁରନା ଲୋକ୍‌ବାଦ୍ୟ ସାରଙ୍ଗୀ ଧରି ଘରୁ ବାହାରିପଡୁଛନ୍। ଗଲାବେଲେ ବାଟେ ଯେନ୍ ଗାଁ ପଡୁଛେ ସେଠାନେ ସାରଙ୍ଗୀର ସୋରରେ ଗୀତ୍ ଗାଇ ଗାଇ ମଗାଯଚା କରୁଛନ୍। ଯେ ଯାହା ଦେଲା ସେ ସେଥିରେ ଖୁସ୍। ବେଲବୁଡ଼ା ତକ୍ ୪ରୁ ୫ ଖଁଡ଼ ଗାଁରେ ମଗାଯଚା କରି ଘରକେ ଫିରୁଛନ୍। ସେ ଦିନ୍‌ଯାକ ମଗାଯଚାରେ ଯାହା ପାଉଛନ୍ ସେଥିରେ ତାକର ପରିବାର ଚଲୁଛେ। ରୁଦ୍ର ସରକାରୀ ଯୋଜନାରେ ପାଉଥିବାର ଲାଭ କହିଲେ ମାସିକ୍ ମିଳୁଥିବାର ୨୦ କେ.ଜି. ୧ଟଁକିଆ ଚାଉଲ। ରୁଦ୍ର ନିହାତି ଗରିବ୍ ସେ କୁଡୁମବସିଆ ଗୁଟେ କୁରିଆ ଘରେ ରହୁଥିଲେ ବି ଆଏଜ୍ ତକ୍ ସରକାରୀ ଯୋଜନାରେ ପକାଘର ଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ସେ ଝନେ ସାରଙ୍ଗୀ ଆର ଘୁଡ଼କା ବାଦକ୍ କଲାକାର। ରୁଦ୍ର କଲାକାର ଭତାର ଲାଗି ଆବେଦନ କରିଥିଲେ ବି ଆଏଜ୍‌ତକ୍ ନାଇଁ ପାଇପାରି। ଇ ବାବ୍‌ଦେ ଟାମ୍ପରସରା ପଁଚେତ୍‌ର ସରପଁଚ୍ ଗୀତାରାଣୀ ସେଟକୁଁ ପଚରାଲାରୁ ଏହେଦେ ନିରବାଚନ ଆଚରଣବିଧି ଲାଗୁ ହେଇଛେ, କିଛି କରି ନାଇଁହୁଏ। ନିରବାଚନ ଉତାରୁ ସେ ଯଦି ହକ୍‌ଦାର ହିତାଧିକାରୀ ହେଇଥିବେ ସରକାରୀ ଯୋଜନାରେ ପକାଘର ଯୁଗେଇ ଦେବାର ଦିଗେ ପଦକ୍ଷେପ ନିଆଯିବା ବଲିସେ କହିଥିଲେ।

## ଫଟୋରେ ଖବର







ବରଗଡ଼ ସହରରେ ବିଜେଡ଼ି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟଙ୍କ ପାଇଁ ତାଙ୍କ ସ୍ତ୍ରୀ ପ୍ରଚାର କରୁଛନ୍ତି (ବାମ) । ବରଗଡ଼ରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ପ୍ରଚାରରେ ବମ୍ବେରୁ ଆସିଥିବା ଜଣେ ମହିଳା ସାମିଲ ହୋଇଛନ୍ତି (ମଝି) । ବରଗଡ଼ ସହରରେ କଂଗ୍ରେସ ପ୍ରାର୍ଥୀ ନିପନ ଦାଶଙ୍କ ପାଇଁ ତାଙ୍କ ସ୍ତ୍ରୀ ପ୍ରଚାର ଚଳାଇଛନ୍ତି ।



ଯଦି ବହୁକାଳ ଧରି କିଛି କାମରେ ନ ଲାଗିଲା,
ତେବେ ବୁଦ୍ଧିରେ ମଧ କଳଙ୍କି ଲାଗିଯିବ।
- -ହର୍‌ବର୍ଟ ସାଇମନ୍‌ସ



## ସଂକ୍ଷେପରେ

### ସୁବର୍ଣ୍ଣପୁର ଏଡିଇଓଙ୍କୁ ମାଡ, ହତ୍ୟା ଧମକ

**ସୋନପୁର,୧୨।୪(ନି.ପ୍ର.):** ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ(ଏଡିଇଓ) ବେଣୁଧର ବେହେରାଙ୍କୁ ମାଡ ମରାଯାଇଛି। ବେହେରା ତାଙ୍କ ସରକାରୀ ପ୍ରକୋଷ୍ଠରେ ବସି କାମ କରୁଥିବା ବେଳେ ଗୁରୁବାର ଅପରାହ୍ନରେ ସୋନପୁରର ଶଙ୍କର୍ଷଣ ବେରିହା ମୁଥ, ଗୋଇଠା ମାରି ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏଡିଇଓଙ୍କ ଅଭିଯୋଗ ଅନୁଯାୟୀ ସେ ପ୍ରକୋଷ୍ଠରେ ଥିବା ସମୟରେ ଅପରାହ୍ନ ୩ଟାରେ ଶଙ୍କର୍ଷଣ ଫୋନ କରି ତାଙ୍କୁ ଧମକ ଦେଇଥିଲେ। ୪ଟାରେ ଶଙ୍କର୍ଷଣ ଅନ୍ୟ ୩ ଜଣଙ୍କ ସହିତ ତାଙ୍କ ପ୍ରକୋଷ୍ଠକୁ ପଶି ଆସି ତୁମ ପାଇଁ ମୋ ଚାକିରି ଗଲା କହି ମୁଥ ଓ ଗୋଇଠା ମାରିଥିଲେ। ଫଳରେ ସେ ଚେୟାରରୁ ତଳେ ପଡି ଯାଇଥିଲେ। ତାଙ୍କ ପ୍ୟାକେଟ୍‌ରୁ ମୋବାଇଲ ବାହାର କରି ଶଙ୍କର୍ଷଣ କଚାଡି ଭାଙ୍ଗିବା ସହ ନେଇ ଯାଇଥିଲେ। ଅଭିଯୁକ୍ତ ଯିବା ସମୟରେ କେନ୍ଦ୍ରାପଡାରୁ ଆସି ଏଠାରେ ବେଶି ଦେଖେଇ ନ ହୋଇ ଚାକିରି ଛାଡି ଶୀଘ୍ର ପଳା। ନ ହେଲେ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିବା ଏଡିଇଓ ବେହେରା ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା (ନଂ.୬୧/୧୯) ଏକ ମାମଲା ରୁଜୁ ହୋଇଛି। ଘଟଣା ପରେ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

■ ବନ ବିଭାଗର ଚଢାଉ

# ସଂରକ୍ଷିତ ଜଙ୍ଗଲରୁ ବେଆଇନ ମାଟି ଚାଲାଣ

**ସୋନପୁର,୧୨।୪(ନି.ପ୍ର.)**

ସୋନପୁର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ବାରପାହାଡ ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ମାଟି ଖନନ ଓ ଚାଲାଣ କରିବା ଅଭିଯୋଗରେ ବନ ବିଭାଗ ୫ ଜଣଙ୍କୁ ଗିରଫ କରିଛି । ସେହିଭଳି ମାଟି ଖନନ କାର୍ଯ୍ୟରେ ବ୍ୟବହୃତ ଏକ ଜେସିବି ଓ ମାଟି ପରିବହନ କରୁଥିବା ୪ ଟ୍ରାକ୍ଟର, ଟ୍ରଲିକୁ ଜବତ କରାଯାଇଛି। ଗୁରୁବାର ସ୍ଥାନୀୟ ଅଞ୍ଚଳର ଜଣେ ଇଟାଭାଟି ମାଲିକସଂରକ୍ଷିତ ଜଙ୍ଗଲରୁ ବେଆଇନଭାବେ ମାଟି ଉତ୍ତୋଳନ କରି ପରିବହନ କରୁଥିଲେ। ସ୍ଥାନୀୟ ଡୁଙ୍ଗୁରିପାଲି ଥାନା ଡୁମରଖୋଲ ଗ୍ରାମର ଅଧିବାସୀ ଏହାକୁ ବିରୋଧ କରିବା ସହିତ ଡ୍ରାଇଭର, ଜେସିବି ଓ ଟ୍ରାକ୍ଟରକୁ ଅଟକ ରଖି ବନ ବିଭାଗକୁ ଖବର ଦେଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଲଛିପୁର ଫାଣ୍ଡିପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ସୋନପୁର ରେଞ୍ଜର ରଞ୍ଜନ କୁମାର ମହାନ୍ତିଙ୍କ ନେତୃତ୍ୱରେ ଲଛିପୁର ବନପାଳ ବିନୋଦ ସାହୁ, ନାରାୟଣପୁର ବନପାଳ ଅଜୟ ବାରା, ବନରକ୍ଷୀ ପ୍ରବୀଣ ରଥ ଓ ବନ ସୁରକ୍ଷା କର୍ମଚାରୀ ପହଞ୍ଚି ଡ୍ରାଇଭରଙ୍କୁ ଗିରଫ କରିଥିଲେ। ଜେସିବି ନଂ ଓଡି୦୩ଇ-୩୯୪୦କୁ ଜବତ କରିବା ସହ ଡ୍ରାଇଭର ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ମାଧପୁରାର ଅରକ୍ଷିତ ବିଶ୍ୱାଳ(୨୪)ଙ୍କୁ ଗିରଫ କରାଯାଇଛି। ସେହିପରି ଟ୍ରାକ୍ଟର ନଂ ଓଡି୦୩ଡି-୪୭୭୮, ଓଡି୦୩ଜେ-୬୯୧୨, ଏନଜେଟିକେଓ-୩୭୭୨ ଓ ଓଡି୧୭ଡି-୦୨୪୦କୁ ଜବତ ସହ ଡ୍ରାଇଭର ଲୋଇସିଂହା ଥାନା କେଉଣ୍ଟିପାଲିର ନରସିଂହ ସାହୁ, ପ୍ରଦୀପ ଧରୁଆ, ବନମାଳୀ ପଧାନ ଓ ଶାନ୍ତନୁ ରାୟଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

**୫ ଗିରଫ, ଜେସିବି, ୪ ଟ୍ରାକ୍ଟର ଜବତ**



ଗିରଫ ୫ ଡ୍ରାଇଭର।





ଜବତ ଜେସିବି ଓ ଟ୍ରାକ୍ଟର ।

■ ୯୦ ବର୍ଷରେ ଦଧିବାମନ ରାମଲୀଳା କଳା ପରିଷଦ

# ରାମନବମୀକୁ ସ୍ମରଣୀୟ କରିବାକୁ ପ୍ରସ୍ତୁତି ଚୂଡାନ୍ତ

**ଲୋଇସିଂହା,୧୨।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ଦଧିବାମନ ରାମଲୀଳା ନାଟ୍ୟ କଳାପରିଷଦ ୯୦ବର୍ଷରେ ପଦାର୍ପଣ କରିଛି। ଚଳିତ ରାମନବମୀକୁ ସ୍ମରଣୀୟ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ମ୍ୟାନେଜର ହରିହର ଛୁରିଆଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଇନ୍ଦ୍ରମଣୀ ଛୁରିଆ, ବିଦ୍ୟାଧର ମିଶ୍ର, ରଘୁମଣୀ ତ୍ରିପାଠୀ, ମଣୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୯୩୦ ମସିହାରୁ ରାମଲୀଳା ମହୋତ୍ସବ ଆରମ୍ଭ ହୋଇଥିବା ମ୍ୟାନେଜର ସୂଚନା ଦେଇଥିଲେ । ସେତେବେଳଠାରୁ ନିଷ୍ଠା ଓ କାଷ୍ଠ ସହ ରାମଲୀଳା ପରିଚାଳିତ ହୋଇ ଅସୁଛି। ଶନିବାର ରମନବମୀଠାରୁ ୧୪ ଦିନଧରି ହେବାକୁ ଥିବା ରାମଲୀଳା କିପରି ସୁରୁଖୁରେ ସମ୍ପନ୍ନ କରାଯିବ ସେ ଦିଗରେ କଳାକାର ଓ ଗ୍ରାମବାସୀଙ୍କ ସହଯୋଗ କାମନା କରାଯାଇଥିଲା। ବୈଠକରେ ଅନୁଷ୍ଠାନର ଉପଦେଷ୍ଟା ବିରଞ୍ଚି ମିଶ୍ର, ରଘୁନାଥ ମିଶ୍ର, ନୃପରାଜ ପଧାନ, ସଭାପତି ଲକ୍ଷ୍ମଣ ସାହୁ, ସମ୍ପାଦକ ସୀତାକାନ୍ତ ମିଶ୍ରଙ୍କ ସମେତ ସମସ୍ତ କଳାକାର ଓ ଗ୍ରାମବାସୀ ଉପସ୍ଥିତ ରହି ମତ ରଖିଥିଲେ । ସେହିପରି ଦୀର୍ଘ ବର୍ଷ ପରେ ବୁର୍ଡା ମଧ୍ୟମପଡା ରାମଲୀଳା କମିଟି ପକ୍ଷରୁ ରାମଲୀଳା ନାଟକ ପରିବେଷଣ ପାଇଁ ପ୍ରସ୍ତୁତି ସରିଛି।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଲୋଇସିଂହା,୧୨।୪(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ଅଞ୍ଚଳ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଓଷ୍ଟା ଲୋଇସିଂହା ବ୍ଲକ ପୂର୍ବତନ ସଭାପତି ମିତ୍ରଭାନୁ ସାହୁଙ୍କୁ ସ୍କୁଲ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଶୁକ୍ରବାର ଦିଆଯାଇଛି। ପ୍ରଧାନଶିକ୍ଷକ ଜୀବେଶ୍ୱର ସାହୁ ସଭାରେ ଅଧ୍ୟକ୍ଷତା କରି ସାହୁଙ୍କ କର୍ମମୟ ଜୀବନର ସ୍ମୃତି ଚାରଣ କରିଥିଲେ । ସଭାରେ ବିନୋଦବିହାରୀ ପାଣିଗ୍ରାହୀ, ସୋମନାଥ ବିଶ୍ୱାଳ, ସ୍କୁଲ ପ୍ରତିଷ୍ଠାତା ସଦାନନ୍ଦ ଗଡତ୍ୟା, ଗୋକୁଳାନନ୍ଦ ଭୋଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।

■ ବୀରମହାରାଜପୁର ସଂରକ୍ଷିତ ବିଧାନସଭା କ୍ଷେତ୍ର

# ପୋଲିଂ ପାଇଁ ପ୍ରଶାସନିକ ପ୍ରସ୍ତୁତି ଜୋରଦାର

**ବୀରମହାରାଜପୁର, ୧୨।୪(ଡି.ଏନ୍.ଏ.)**

ବଲାଙ୍ଗୀର ସଂସଦୀୟ କ୍ଷେତ୍ର ଅଧୀନ ବୀରମହାରାଜପୁର ବିଧାନସଭା (ସଂରକ୍ଷିତ) ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ୧୮ ତାରିଖ ନିର୍ବାଚନ ହେବାକୁ ଥିବା ବେଳେ ପ୍ରଶାସନିକ ସ୍ତରରେ ଜୋରଦାର ପ୍ରସ୍ତୁତି ଚାଲିଛି। ଉଭୟ ଲୋକସଭା ଓ ବିଧାନସଭା ଆସନର ପ୍ରାର୍ଥୀଙ୍କ ପାଇଁ ମତ ଗ୍ରହଣ ନିମନ୍ତେ ଇଭିଏମ୍ ଓ ଭିଭିପିଏଟିର କମିସନିଂ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ତେବେ ନିର୍ବାଚନକୁ ତ୍ରୁଟିଶୂନ୍ୟ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ସ୍ଥାନୀୟ ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ ପକ୍ଷରୁ ମକ୍‌ପୋଲ୍ କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀରେ ଥିବା ୨୬୭ ବୁଥ୍‌କୁ ଇଭିଏମ୍ ଓ ଭିଭିପିଏଟି ଛଡାଯିବା ପୂର୍ବରୁ ସେସବୁର ତ୍ରୁଟିଶୂନ୍ୟ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ସରକାରୀ ଭାବେ ଏଭଳି ମକ୍‌ପୋଲ୍ କରାଯାଇଥିବା କୁହାଯାଇଛି। ମିଳିଥିବା ସୂଚନାମତେ ୨୬୭ ମତଦାନ କେନ୍ଦ୍ର ମଧ୍ୟରୁ ଅନିୟମିତ ଭାବେ ୧୪ଟି କେନ୍ଦ୍ରର ୧୪ ହଜାର ଭୋଟରଙ୍କ ପାଇଁ ମକ୍‌ପୋଲ୍ କରାଯାଇଥିଲା। ଏହି ପ୍ରକ୍ରିୟାରେ ପ୍ରଶାସନିକ ଅଧିକାରୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ହସ୍ତଗତ ହୋଇଥିବା ତଥ୍ୟ ଅନୁଯାଇ ଏଥର ନିର୍ବାଚନରେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ସମୁଦାୟ ୨୬୭ ବୁଥ୍ ମଧ୍ୟରୁ ୬୨ଟି ବୁଥ୍‌କୁ ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଅତି ସମ୍ବେଦନଶୀଳ ଭାବେ ଚିହ୍ନିତ ୨୫ଟି ବୁଥ୍ ମଧ୍ୟରେ ରହିଛି ବୀରମହାରାଜପୁର ବ୍ଲକର ୧୪ ଓ ଉଲୁଣ୍ଡା ବ୍ଲକ ଅଞ୍ଚଳର ୧୧ ବୁଥ୍। ସେହିଭଳି ସମ୍ବେଦନଶୀଳ ବୁଥ୍ ଭାବରେ ଚିହ୍ନଟ କରାଯାଇଥିବା ୩୭ବୁଥ୍ ମଧ୍ୟରେ ବୀରମହାରାଜପୁର ବ୍ଲକର ୧୮, ଉଲୁଣ୍ଡର ୧୪ ଏବଂ ବିନିକା ଅଞ୍ଚଳର ୫ ବୁଥ୍ ଥିବା ଜଣାଯାଇଛି। ଏସବୁ ଭିତରେ ଚଳିତଥର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନଙ୍କୁ ମିଳିଥିବା ପୋଷ୍ଟାଲ୍ ବ୍ୟାଲେଟ୍ ଭୋଟିଙ୍ଗ୍ ସୁଯୋଗ ଅନୁଯାଇ ସର୍ବମୋଟ ୬୫୮ ଜଣ ମତ ସାବ୍ୟସ୍ତ କରିସାରିଥିବା ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।



ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମକ୍‌ପୋଲିଂ କରାଯାଉଛି।

**୬୨ ବୁଥ୍ ସମ୍ବେଦନଶୀଳ**



ଥାନୀୟ ଚାଷୀ ପାଏନ୍ ଅଭାବୁ ମରିଥିବାର ଧାନ୍‌ଗଛ୍ ଦେଖଉଛନ୍।

■ କେନାଲ ପାଏନ୍ ଅଭାବ

# ମାଡ଼ ଖାଏବା ୪୦ ହେକ୍ଟର ରବିଧାନ ଫସଲ

**ବିନିକା, ୧୨।୪ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ଅଧୀନ ରାମପୁର-ଅରିଗାଁ ମୁଖିଆ କେନାଲ ୪୧ନଂ. ଆଡିର ଭରସାରେ ବାଙ୍କିଘିର୍ଡ଼ି ଆର ବାବୁପାଲି ଗାଁର ଶତାଧିକ ଚାଷୀ ୪୦ ହେକ୍ଟର ଜମିରେ ରବିଧାନ ଚାଷ୍ କରିଛନ୍। ହେଲେ ଏହେଦେ ଦିନୁ ଦିନ୍‌କେ ଖରାର ତେଜ ବଢ଼ଲା ବେଲେ ଗଲା ୨୦ ଦିନ୍ ହେଲା ୪୧ ନଂ. ଆଡ଼ିରେ ପାଏନ୍ ନାଇଁ ଆଏବାର। ଏନ୍‌ତାଥି ଖରାର ତେଜ୍‌ରେ ଧାନ୍ ଗଛ ସବୁ ଝାଉଁଲି ଯିବାର ସଂଗେ ଖେତର ମାଏଟ୍ ଫାଟି ଆଁ କଲା ଅବସ୍‌ତାରେ ରହିଛେ। ଆରକେତେ ଚାଷୀକର ଧାନ୍ ମରି ପୁଆଲ ହେବାର ଅବସ୍‌ତାକେ ଆସିଗଲାନ। ଇ ଆଡ଼ିର ଧାନ ଚାଷୀକର କହିବାର ହିସାବେ ଲାଗ୍ ଲାଗ୍ ୩ ଖେଡ୍ ହେଲା ଭିନେ ଭିନେ ପ୍ରାକୃତିକ କାରନ୍‌ରୁ ଫସଲ ମାଡ଼ ଖାଉଛେ। ଗଲା ୨୦୧୭-୧୮ ରବିଚାଷ୍‌ରେ ମାଟିଆ ଗୁଁଡ଼ି(ଚକଡା) ପୋକ୍ ଲାଗି, ଖରିଫ୍ ବେଲେ ପାଚଲା ଧାନ ଉପରେ କରା ମାଡ଼ ଆର ଇଥର କେନାଲ ପାଏନ୍ ଅଭାବୁ ଫସଲ ମାଡ଼ ଖାଇଗଲା ବଲି କହିଛନ୍। ସେନ୍‌ତା ଚାଷୀ ଆଗର ମାଟିଆ ଗୁଁଡ଼ି(ଚକଡା) ପୋକ୍ ଆର କରାମାଡ଼ରେ ହେଇଥିବାର ଫସଲ କ୍ଷୟକ୍ଷତିର ଟଁକା ଚାଷୀ ନାଇଁ ପାଇଥିବାର ଅଭିଯୋଗ କରିଛନ୍। ଏନ୍‌ତାଥି ଚାଷୀ ତାର ଅଁଟା କାଣା ସଲଖାବା ଆର ଧାନ୍ ଚାଷ୍ କରବା ବଲି ଥାନୀୟ ଆଡ଼ିଚାଷୀ ନିତ୍ୟାନନ୍ଦ ଘୁଷୁରୀ, ସୁରଥ ମୁଦୁଲି, ସୁଶାନ୍ତ ମୁଦୁଲି, ରାତ୍ର ସେଠ୍, ଦୁର୍ଯ୍ୟୋଧନ ଧରୁଆ, ତୀର୍ଥ ଘୁଷୁରୀ, କୃଷ୍ଣଚନ୍ଦ୍ର ରାୟ, ଶ୍ରୀହରୀ ନେଗୀ, ପ୍ରାଣବଲ୍ଲଭ ଦାଶ, ସୁନୀଲ ଘୁଷୁରୀ, ଡୋଲାମଣି ଘୁଷୁରୀ ପରମୁଖ ଚାଷୀ କହିଛନ୍। ଇ ବାବ୍‌ଦେ ବିନିକା ତହସିଲଦାର ଅଲେଖ ଘୁଟାକୁଁ ପଚରାଲାରୁ ଗଲା ବଛର ହେଇଥିବାର ଫସଲ କ୍ଷୟକ୍ଷତି ବାବ୍‌ଦେ ବାଙ୍କିଘିର୍ଡ଼ି ରାଜସ୍ୱ ଅଂଚଲକେ ଦେଢ଼ କୋଟି ସରକାରୀ ଅନୁକମ୍ପା ଟଁକା ଦିଆଯାଇଛେ। ଚଲତି ରବିଚାଷରେ କେନାଲ ପାଏନ୍ ସମସିଆ ବାବ୍‌ଦେ ମୋର ପାସେ ଖବର ନାଇଁଥାଇ। ଇ ବିଷେରେ ମୁଇଁ ରାମପୁର କେନାଲ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀକଁର ସଂଗେ କଥା ହେଇ ସମସିଆର ସମାଧାନ କରବାର ଚେଷ୍‌ଟା କରମି ବଲି କହିଥିଲେ। ସେନ୍‌ତା ଇ ବାବ୍‌ଦେ ରାମପୁର କେନାଲ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଶାନ୍ତ କୁମାର ପଟେଲଙ୍କୁଁ ପଚରାଲାରୁ ରାମପୁର-ଅରିଗାଁ ମୁଖିଆ କେନାଲରେ ଏହେଦେ ପାଏନ୍ ଦରକାର ଠାନୁ ଅଦ୍‌କା ଯାଉଛେ। ତା'ପରେ ବି କେନାଲ ପାଏନ୍ ସମସିଆ ଦେଖାଦେବାର ଆର ଚାଷୀ ଅଭିଯୋଗ କରବାରଟା ନିହାତି ଚିନ୍‌ତାର ବିଷେ। ମୁଇଁ ୪୧ ନଂ. ଆଡ଼ିକେ ଯାଇ କେନାଲ ପାଏନ୍ ସମସିଆର ସମାଧାନ କରବାର ଦିଗେ ଚେଷ୍‌ଟା କରମି ବଲି ସେ କହିଥିଲେ।

# ମନ୍ଦିର ପ୍ରତିଷ୍ଠା ମହୋତ୍ସବ

**ସଇଁତଲା, ୧୨।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକର କନ୍ଧକେଲଗାଁଠାରେ ରାମଜୀ ମନ୍ଦିର ଓ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ୨୪ ପ୍ରହର ନାମଯଜ୍ଞ, ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ, ମୀନାବଜାର ତଥା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରତିଷ୍ଠା ମହୋତ୍ସବ ଗତ ୪ତାରିଖରୁ ଆରମ୍ଭ ହୋଇ ୧୨ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ପ୍ରତ୍ୟହ ସନ୍ଧ୍ୟାରେ ପୁରୀରୁ ଆସିଥିବା ଚିନ୍ମୟ ଦାସ ମହାରାଜଙ୍କ ପ୍ରବଚନ ଭକ୍ତ ଶ୍ରବଣ କରିଥିଲେ। ମନ୍ଦିର ପ୍ରତିଷ୍ଠାରେ ୭୦ ଜଣ କର୍ତ୍ତାଥିବାବେଳେ ମୁଖ୍ୟ ଯଜ୍ଞ କର୍ତ୍ତାଭାବରେ ମିତ୍ରଭାନୁ ମେହେର, ରାମାୟଣ ପାରାୟଣର କର୍ତ୍ତା ହୃଦାନନ୍ଦ ମେହେର, ନାମଯଜ୍ଞ ପ୍ରହରୀର କର୍ତ୍ତା ଲକ୍ଷରାଜ ମେହେର ଉପସ୍ଥିତ ଥିଲେ। ଗତ ୪ ତାରିଖରେ ଅଙ୍କୁରାରୋପଣ ଓ ୫ ତାରିଖରେ ଅଧିବାସ ହୋଇଥିଲା ।

# ଚନ୍ଦ୍ରାସେନୀ ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା

**ବଲାଙ୍ଗୀର ଅଫିସ,୧୨।୪**

ବାସନ୍ତିକ ଦୁର୍ଗାପୂଜା ଓ ମା' ଚନ୍ଦ୍ରାସେନୀ ମହୋତ୍ସବ ପାଇଁ ଶୁକ୍ରବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଟିମିନିଭାଟିପଡାର ଶତାଧିକ ମହିଳା ଓ ପୁରୁଷ ଅପରାହ୍ଣରେ ସହର ମଧ୍ୟସ୍ଥଳରେ ଥିବା ନରସିଂହ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ କଳସ ଧରି ସହର ପରିକ୍ରମା କରିଥିଲେ । ଶାସ୍ତ୍ରୀ କ୍ଲବ୍ ତରଫରୁ ଅନୁଷ୍ଠିତ ଚନ୍ଦ୍ରାସେନୀ ମହୋତ୍ସବ ଶନିବାରଠାରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ୧୩ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୧୪ରେ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଓ ୧୫ରେ ଲୋକନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏହି ଅବସରରେ ବାସନ୍ତିକ ଦୁର୍ଗାପୂଜା ମଧ୍ୟ ପାଳନ କରାଯିବ । ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି ସରିଛି । ପଡାର ମହିଳା ଓ ପୁରୁଷମାନେ ଏନେଇ ଉତ୍ସାହିତ ହୋଇଛନ୍ତି ।



ଟିମିନିଭାଟିପଡାର ମହିଳା, ପୁରୁଷମାନେ ବାସନ୍ତିକ ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା କରୁଛନ୍ତି ।

# ଫ୍ଲଡ୍‌ଲାଇଟ କ୍ରିକେଟ : ତେଲିପାଲି ଚାମ୍ପିୟନ

**ଅମରପାଲି, ୧୨।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେଉଁରିଆପାଲି ପଞ୍ଚାୟତ ଅନ୍ତର୍ଗତ ତେଲିପାଲି ଗ୍ରାମରେ ଚାଲିଥିବା ତୃତୀୟ ଫ୍ଲଡଲାଇଟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଘଣ୍ଟପାଲିକୁ ହରାଇ ତେଲିପାଲି ଚାମ୍ପିୟନ ହୋଇଛି। ଘଣ୍ଟାପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ହରାଇ ୪୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁନୀଲ ସାହୁ ସର୍ବାଧିକ ୨୪ ରନ କରିଥିବା ବେଳେ ଦଳ ଆବଶ୍ୟକ ୫୦ରନକୁ ୫ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଚନ୍ଦନ ଦାସ ୨୮ ରନ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ ପ୍ରଭଞ୍ଜନ ବେହେରା, ବିଧାୟକ ପ୍ରତିନିଧି ନାରାୟଣ ଲୁହା, କ୍ରୀଡାବିତ ପିଣ୍ଟୁ ହୋତା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ତେଲିପାଲିର ଚନ୍ଦନ ଦାସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ, ଘଣ୍ଟପାଲିର ସୁନୀଲ ସାହୁଙ୍କୁ ମ୍ୟାନ ଅଫ ଦି ସିରିଜ, ତେଲିପାଲିର ବିଷ୍ଣୁଙ୍କୁ ଶ୍ରେଷ୍ଠ ବୋଲର ଏବଂ ଲୁଡୁରପଙ୍କର ଦୀପକଙ୍କୁ ଶ୍ରେଷ୍ଠ ଉଇକେଟ ରକ୍ଷକ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳକୁ ନଗଦ ୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ନଗଦ ୩ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ଦିଲୀପ ସାହୁ ଓ ସୁଜିତ ପ୍ରଧାନ ପରିଚାଳନା କରିଥିବା ବେଳେ ବେଣୁଧର କର୍ଣ୍ଣ ସ୍କୋରିଂ ଏବଂ ଆକାଶ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ରଜତ ସାହୁ, ଶାନ୍ତନୁ ପଧାନ, ବିଦୁର ସାହୁ ଓ ବାସୁଦେବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ତେଲିପାଲି ଦଳକୁ ପୁରସ୍କୃତ କରାଯାଉଛି।



ଯିଏ ଗୋଟିଏ ଛୋଟ କାମକୁ ଦକ୍ଷତାର ସହିତ କରିଦେଇ ପାରିବ, ସେ ହିଁ ଗୋଟିଏ ବଡ଼ କାମକୁ ନେଇଆଣି ଥୋଇ ପାରିବ।

-ପାସ୍କଲ



## ସଂକ୍ଷେପରେ

### ଯାମପଦର ନାମଯଜ୍ଞ ସମ୍ପନ୍ନ

**ଟିକ୍ରାପଡା, ୧୨।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଲକି ପଞ୍ଚାୟତ ଯାମପଦରରେ ଷୋହଳ ପ୍ରହର ନାମଯଜ୍ଞ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ଏଥିରେ ପାର୍ବତୀ ବାଗ, ଧବଳେଶ୍ୱର ବାଗ କର୍ତ୍ତା ରହିଥିଲେ। ଡିଙ୍ଗର ପାଢ଼ୀ ପୂଜକ ଓ ନନ୍ଦକିଶୋର ପାଢ଼ୀ ଜପକ ଦାୟିତ୍ୱ ତୁଲାଇଥିଲେ। ରାସବିହାରୀ ଭାଟି, କାଳିଆ ସୁନାନୀ, ରାମ ବାଗ, ଶତ୍ରୁଘ୍ନ ବାଗ, ଡମ୍ବରୁଧର ବାଗ, ଭଗବାନ ଭୋଇ, ସଫଳେଶ୍ୱର ବାଗ ପ୍ରମୁଖ ଉପାସକ ରହିଥିଲେ। ବାରଟି ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ।

### ଆଞ୍ଚଳିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଝିମନପାଲି ବିଜୟୀ

**ଟିକ୍ରାପଡା, ୧୨।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧିନ ଖର୍ସେଲବାଞ୍ଜିଠାରେ ଆଦର୍ଶ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୧୪ତମ ଆଞ୍ଚଳିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ଅନୁଷ୍ଠିତ ମ୍ୟାଚରେ ଟସ୍ ଜିଣି ଝିମନପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୩ଉଇକେଟ ହରାଇ ୫୮ ରନ କରିଥିଲେ। ଜବାବରେ କେନ୍ଦୁଡାର ଦଳ ୪ ଓଭରରେ ୩୦ ରନ କରି ଅଲଆଉଟ ହୋଇ ଯାଇଥିଲେ। ରବି ମହାକୁର, ସର୍ଜନ ମିର୍ଦ୍ଧା, ସତ୍ୟ ମହାକୁର ଖେଳ ପରିଚାଳନା କରିଥିଲେ।

### ତାରିଣୀ ମେଳା ପାଇଁ କଳସ ଶୋଭାଯାତ୍ରା

**ଟିକ୍ରାପଡା, ୧୨।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାଠାରେ ତାରିଣୀ ମେଳା ଉପଲକ୍ଷେ ମହିଳାଙ୍କ କଳସ ଶୋଭାଯାତ୍ରା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ନିକଟସ୍ଥ ଜଳାଶୟରୁ କଳସରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ମେଳା ସୋମବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରୁକ୍ମିଣି ରାଜପଲିଆ, ରୋହିତ ରାଜପଲିଆ କର୍ତ୍ତା ଏବଂ ବଳରାମ ଥନାପତି ପୂଜକ ଦାୟିତ୍ୱ ତୁଲାଉଛନ୍ତି।

### ବିଷପିଇ ମହିଳାଙ୍କ ଆତ୍ମହତ୍ୟା

**ଗୁଡ଼ଭେଲା, ୧୨।୪(ଡି.ଏନ.ଏ.):** ଗୁଡଭେଲା ବ୍ଲକ ଅନ୍ତର୍ଗତ କନେରସିଂହା ଗ୍ରାମର ଯଶୋଦା ମାଝୀ (୨୬) ନାମୀ ଜଣେ ବିବାହିତ ମହିଳା ଶୁକ୍ରବାର ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ତୁଷୁରା ଥାନରେ ଏକ ଅପମୃତ୍ୟୁ ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାଇ ସାତ ବର୍ଷ ତଳେ କଣ୍ଟାମାଳ ଥାନ ଅନ୍ତର୍ଗତ ବଲମମୁଣ୍ଡା ଗ୍ରାମର ଶଙ୍କର ମଲ୍ଲିକଙ୍କ ଝିଅ ଯଶୋଦା କନେରସିଂହା ଗ୍ରାମର ଶ୍ରେରକର୍ଣ୍ଣ ମାଝୀଙ୍କୁ ସହ ବିବାହ କରିଥିଲେ। ଶୁକ୍ରବାର ଘରେ କେହି ନଥିବା ବେଳେ ଯଶୋଦା ବିଷ ପିଇଦେଇଥିଲେ। ଏହି ଖବର ପାଇବା ପରେ ତୁରନ୍ତ ପରିବାର ଲୋକେ ଗୁଡଭେଲା ଗୋଷ୍ଠୀ ଚିକିତ୍ସାଳୟ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯଶୋଦା କାହିଁକି ଏପରି ପଦକ୍ଷେପ ନେଲେ ତାହା ଜଣାପଡି ନଥିବା ପୋଲିସ କହିଛି।



ଅନଙ୍ଗ ଉଦୟ ସିଂଦେଓଙ୍କ ଦୁଇବୋହୂ ମେଘନା ଓ ଆଦ୍ରିଜା ବଲାଙ୍ଗୀର କବାଟପଡାରେ ପ୍ରଚାର କରୁଛନ୍ତି।



ବିଧାୟକ ନରସିଂହ ମିଶ୍ରଙ୍କ ବୋହୂ ମାଧବୀ ଓ ରାଜଲକ୍ଷ୍ମୀ ଗାନ୍ଧୀନଗରପଡାରେ ପ୍ରଚାର କରୁଛନ୍ତି।



ଭାଜପା ପ୍ରାର୍ଥୀ ଅନନ୍ତ ଦାଶଙ୍କ ଅଭିନେତ୍ରୀ ସ୍ତ୍ରୀ ବିଦ୍ୟୁସ୍ମିତା ବଲାଙ୍ଗୀର ମୁଖ୍ୟରାସ୍ତାରେ ପ୍ରଚାର କରୁଛନ୍ତି।(ଫଟୋ : ସୁନୀଲ)

■ ବଲାଙ୍ଗୀର ନିର୍ବାଚନ ପ୍ରଚାରରେ ଜମୁଛି ପାରିବାରିକ ଶୋ

# ପ୍ରାର୍ଥୀଙ୍କ ପାଇଁ ଘରୁ ପାଦ କାଢିଲେ ମହିଳା

**ବଲାଙ୍ଗୀର ଅଫିସ,୧୨।୪**

ବଲାଙ୍ଗୀର ନିର୍ବାଚନରେ ଏଥର ପାରିବାରିକ ଶୋ' ଜୋର ଧରିଛି । ପ୍ରାର୍ଥୀଙ୍କ ପାଇଁ ପରିବାର ସଦସ୍ୟମାନେ ଦିନରାତି ଏକ କରିଦେଉଛନ୍ତି । ମହିଳା ସଦସ୍ୟମାନେ ମଧ୍ୟ ଘରୁ ଗୋଡ କାଢ଼ି ନିର୍ବାଚନୀ ପ୍ରଚାରରେ ମାତିଛନ୍ତି । ବଲାଙ୍ଗୀର ରାଜନୀତିକୁ ଅନୁଧ୍ୟାନ କଲେ ବଂଶବାଦ୍ ଓ ପରିବାରବାଦ୍‌ର ଲମ୍ବା ତାଲିକା ମିଳିଯିବ । ରାଜନୀତି ମଇଦାନରେ କେଉଁ କାଳରୁ ରାଜପରିବାର ଓ ମିଶ୍ର ପରିବାରର ଦବ୍‌ଦବା ରହିଆସିଛି । ତେବେ ନିର୍ବାଚନୀ ରାଜନୀତିରେ ସବୁଠୁ ଅଧିକ ସମୟ ଧରି ବଲାଙ୍ଗୀର ରାଜପରିବାର କ୍ଷମତା ଦଖଲ କରି ଆସିଛନ୍ତି। ରାଜପରିବାରର ସଦସ୍ୟ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ଠାରୁ ବିଭିନ୍ନ ସମୟରେ ରାଜ୍ୟ ମନ୍ତ୍ରୀମଣ୍ଡଳର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଆସିଛନ୍ତି। ୨୦୧୯ ନିର୍ବାଚନରେ ବଲାଙ୍ଗୀର ରାଜନୀତି ମଇଦାନରେ ପରିବାରବାଦ୍ ଓ ବଂଶବାଦ ଚର୍ଚ୍ଚା ଆହୁରି ମୁଖର ହୋଇଛି। ଏହି ନିର୍ବାଚନରେ ସିଂଦେଓ ପରିବାରରୁ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ଦୁଇପୁଅ ଲୋକ ସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଏବଂ ବଲାଙ୍ଗୀର ବିଧାନସଭା ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ଏହି ଦୁଇଭାଇଙ୍କ ପ୍ରଚାର ପାଇଁ ପରିବାରରୁ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ, ତାଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ଦେବୀ, କଳିକେଶଙ୍କ ପତ୍ନୀ ମେଘନା ଓ ଅର୍କେଶଙ୍କ ପତ୍ନୀ ଆଦ୍ରିଜା ମଞ୍ଜରୀ ନିର୍ବାଚନୀ ପ୍ରଚାର କରୁଛନ୍ତି । ବଲାଙ୍ଗୀର ମ୍ୟୁନିସିପାଲିଟିର ବିଭିନ୍ନ ପଡା, ଦେଓଗାଁ ଓ ସଦର ବ୍ଲକର ବିଭିନ୍ନ ଗାଁକୁ ଯାଇ ରାଜପରିବାରର ଏହି ମହିଳା ସଦସ୍ୟାମାନେ ପ୍ରଚାର କରୁଛନ୍ତି । ସେହିପରି କଂଗ୍ରେସ ଦଳରୁ ବିରୋଧୀ ଦଳ ନେତା ତଥା ବିଧାୟକ ନରସିଂହ ମିଶ୍ର ଓ ତାଙ୍କ ସାନପୁଅ ତଥା ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କ ପାଇଁ ତାଙ୍କ ପରିବାରର ମହିଳା ସଦସ୍ୟାମାନେ ଘରୁ ଗୋଡ କାଢ଼ିଛନ୍ତି। ନରସିଂହଙ୍କ ଦୁଇବୋହୂ ମାଧବୀ ମିଶ୍ର ଓ ରାଜଲକ୍ଷ୍ମୀ ମିଶ୍ର ପ୍ରଚାରକୁ ବାହାରିଛନ୍ତି। ବିଧାୟକ ପ୍ରାର୍ଥୀ ତଥା ଶ୍ୱଶୁର ନରସିଂହ ମିଶ୍ର ଓ ଦିଅର ସମରେନ୍ଦ୍ରଙ୍କ ପାଇଁ ନିର୍ବାଚନୀ ପ୍ରଚାର କରୁଛନ୍ତି । ଘରକୁ ଘର ଯାଇ ଉଭୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବାକୁ ନିବେଦନ କରୁଛନ୍ତି। ଅନ୍ୟପକ୍ଷେ ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଅନନ୍ତ ଦାଶଙ୍କ ପାଇଁ ଅଭିନେତ୍ରୀ ସ୍ତ୍ରୀ ବିଦ୍ୟୁସ୍ମିତା ପ୍ରଚାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନିଜକୁ ଅଭିନେତ୍ରୀ ଭାବେ ବିଶେଷ ପରିଚୟ ନଦେଇ ବଲାଙ୍ଗୀରର ବୋହୂ ଭାବେ ପରିଚୟ ଦେଇ ପ୍ରଚାର କରୁଛନ୍ତି । ସେ ମଧ୍ୟ ବଲାଙ୍ଗୀର ସହର ଓ ଗାଁଗଣ୍ଡା ବୁଲି ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଏହି ମହିଳା ସଦସ୍ୟାମାନେ ସହରର ବିଭିନ୍ନ ପଡା, ଘର ଓ ଗାଁ ଗଣ୍ଡା ବୁଲି ପ୍ରଚାର କରିବା ଚର୍ଚ୍ଚାର ବିଷୟ ହୋଇଛି । ନିଜ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ପ୍ରଚାର ପାଇଁ ମହିଳାମାନେ ଘରୁ ଗୋଡ କାଢ଼ି ଝାଳନାଳ ହେଉଥିବା ଦେଖାଯାଉଛି । ମହିଳା ସଦସ୍ୟାଙ୍କ ପ୍ରଚାର ଦେଖିବା ପାଇଁ ଲୋକଙ୍କ ଭିଡ ମଧ୍ୟ ପରିଲକ୍ଷିତ ହେଉଛି । ବିଶେଷ କରି ମହିଳା ବର୍ଗଙ୍କୁ ଏମାନେ ଅଧିକ ପ୍ରଭାବିତ କରୁଥିବା ଦେଖାଯାଉଛି। ଚଳିତ ୨୦୧୯ ନିର୍ବାଚନରେ ଏହି ମହିଳାମାନଙ୍କ ଭୋଟ୍ ପ୍ରଚାର ଅନ୍ୟତମ ଆକର୍ଷଣ ଓ ଚର୍ଚ୍ଚାର ବିଷୟ ହୋଇଛି ।

■ ୫ କିମି ଦୂରରେ ମତଦାନ କେନ୍ଦ୍ର

# ଭୋଟ ବର୍ଜନ ନିଷ୍ପତ୍ତି ନେଲେ ଗ୍ରାମବାସୀ

**ଦେଓଗାଁ,୧୨।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଘୁଟୁପାଲି ଗାଁରେ ମତଦାନ କେନ୍ଦ୍ରର ଦୂରତ୍ୱକୁ ନେଇ ଅସନ୍ତୋଷ ଦେଖାଦେଇଛି। ଚଳିତ ଥର ୫ କିଲୋମିଟର ଦୂର ସାଗରପାଲିରେ ମତଦାନ କେନ୍ଦ୍ର ହୋଇଥିବା ଜଣା ପଡିବା ପରେ ପରିସ୍ଥିତ ଗମ୍ଭୀର ରୂପ ନେଇଛି। ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରେ ନିର୍ବାଚନରେ ଭୋଟବର୍ଜନ କରିବେ ବୋଲି ଗାଁଲୋକେ ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି । ଏ ନେଇ ଶୁକ୍ରବାର ଗାଁରେ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଉମିର ଭୋଇ, ମଣି ଧରୁଆ, ସମୁଦ୍ର ମାଝି, ଶ୍ରୀବତ୍ସ ଭୋଇ, ସୁରେନ୍ଦ୍ର ଭୋଇ, ନାରାୟଣ ଭୋଇ, କୁମରମଣି ଭୋଇ, ଅଶୋକ ଧରୁଆ ପ୍ରମୁଖ ସୂଚନା ଦେଇଛନ୍ତି । ଗାଁରେ ଏବେ ୩୯୦ ଜଣ ଭୋଟର ରହିଛନ୍ତି। କେବଳ ମତଦାନ କେନ୍ଦ୍ର ପ୍ରସଙ୍ଗକୁ ନେଇ ନୁହେଁ, ଗ୍ରାମବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରଶାସନ ଅଣଦେଖା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ମୁତାବକ ଅଦ୍ୟାବଧି ଗାଁକୁ ଏମଏଲଏ କି ଏମପି ପାଣ୍ଠିରୁ କୌଣସି ଅନୁଦାନ ମିଳିନାହିଁ। ଗାଁରେ ଥିବା ନଳକୂପଗୁଡିକରୁ ଫ୍ଲୋରାଇଡ ପାଣି ବାହାରୁଥିବା ବେଳେ ବିଶୁଦ୍ଧ ପିଇବା ପାଣିର ବ୍ୟବସ୍ଥା ନାହିଁ। ଏଏନଏମ ସବସେଣ୍ଟର ଥିଲେ ମଧ୍ୟ କର୍ମଚାରୀ କିମ୍ବା ଡାକ୍ତର ନାହାନ୍ତି। ରାସ୍ତାଘାଟ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ଏପରି ଅନେକ ଅବ୍ୟବସ୍ଥା ଦେଇ ଗତି କରୁଥିବା ବେଳେ ଭୋଟ ସମୟ ଆସିଲେ ନେତାମାନେ ଅନେକ ପ୍ରତିଶ୍ରୁତି ଦେଉଛନ୍ତି । ହେଲେ ଭୋଟ ସରିଲାପରେ କୌଣସି ପରିବର୍ତ୍ତନ ହେଉନାହିଁ। ଗତ ୨ ଥର ଏମପି ଓ ଏମଏଲଏ ନିର୍ବାଚନ ନିଜ ଗାଁ ସ୍କୁଲରେ ଭୋଟଦେବା ବ୍ୟବସ୍ଥା ହୋଇଥିଲା। କିନ୍ତୁ ବିଡମ୍ବନାର ବିଷୟ, ଚଳିତ ଥର ୫ କିମି ଦୂରରେ ଥିବା ସାଗରପାଲି ପ୍ରାଥମିକ ବିଦ୍ୟାଳୟସ୍ଥିତ ମତଦାନକେନ୍ଦ୍ରକୁ ଭୋଟ ଦେବା ପାଇଁ ଯିବାକୁ ପଡିବ ବୋଲି ବ୍ଲକ କର୍ତ୍ତୃପକ୍ଷ ସୂଚନା ଦେବା ପରେ ଗାଁ ଲୋକେ ଚିହିଁକି ଉଠିଛନ୍ତି। ଗାଁର ଏକ କିଲୋମିଟରେ ଦୂରରେ ରତନପୁର ମତଦାନ କେନ୍ଦ୍ରଥିଲେ ହେଁ ସେଠାରେ ନ କରି ୫ କିମି ଦୂର ଘୁଟୁପାଲିରେ ବ୍ୟବସ୍ଥା କରାଯାଇ ଥିବାରୁ ଆମ ପ୍ରତି ଅବିଚାର କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି।

## ଭାଜପା ନେତା ବିଜେଡିରେ ଯୋଗଦେଲେ



କଳିକେଶ ନାରାୟଣ ସିଂଦେଓଙ୍କ ଉପସ୍ଥିତିରେ ଭାଜପା କର୍ମୀମାନେ ବିଜେଡିରେ ଯୋଗଦାନ କରୁଛନ୍ତି ।

**ବଲାଙ୍ଗୀର ଅଫିସ, ୧୨।୪**

ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସଠାରେ ଜିଲା ବିଜେଡି ସଭାପତି ତଥା ଏମପି କଳିକେଶ ନାରାୟଣ ସିଂଦେଓଙ୍କ ଉପସ୍ଥିତିରେ ଆଗଲପୁର ଭାଜପାର ପୂର୍ବତନ ବ୍ଲକ ସଭାପତି ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ଭାଜପା କର୍ମୀ ନେତ୍ରାନନ୍ଦ କାଲସାଏ, ଗୋପାଳ ଭୋଇ, ଦୁର୍ଯ୍ୟୋଧନ ମେହେର, ରାଜୀବ ପଣ୍ଡା, କର୍ମା ମେହେର, ରାଜେଶ କୁମାର ବାରିକ, ବିନୋଦ ଭୋଇ, ଶାନ୍ତି ଭୋଇ ପ୍ରମୁଖ ବିଜେଡିରେ ମିଶିଥିଲେ। ଦଳରେ ଯୋଗଦେଇଥିବା କର୍ମୀଙ୍କୁ ସିଂଦେଓ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହାଦ୍ୱାରା ଦଳ ଆହୁରି ମଜବୁତ ହେଲା ବୋଲି କହିଥିଲେ ।

# କଂଗ୍ରେସରେ ଯୋଗଦେଲେ ବିଜେଡି, ଭାଜପା ନେତା

**ବଲାଙ୍ଗୀର ଅଫିସ,୧୨।୪**

ବଲାଙ୍ଗୀର ସଦର ବ୍ଲକ ଖୁଜେନପାଲି ପଞ୍ଚାୟତର ୪ଜଣ ବିଜେଡି ନେତା ତାଙ୍କ ବହୁ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗଦେଇଛନ୍ତି । ବିଧାୟକ ନରସିଂହ ମିଶ୍ରଙ୍କ ନେତୃତ୍ୱ ପ୍ରତି ଆସ୍ଥା ରଖି ଏହି ନେତା, କର୍ମୀମାନେ କଂଗ୍ରେସରେ ଯୋଗଦେଇଥିବା କହିଛନ୍ତି । ଖୁଜେନପାଲି ସରପଞ୍ଚ ସତ୍ୟବାନ ସାହୁ ଏବଂ ବିଧାୟକ ମିଶ୍ରଙ୍କ ପ୍ରତିନିଧି କିଶୋର ସିଂ ନିନାଙ୍କ ନେତୃତ୍ୱରେ ବଳରାମ ସେଠ, କାମଦେବ ବକୁଲ, ଗଜେନ୍ଦ୍ର ଚନ୍ଦନ, କୈଳାସ ଷାଣ୍ଡ ତାଙ୍କ ବହୁ ସମର୍ଥକଙ୍କ ସହ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟକୁ ଆସି ଯୋଗଦାନ କରିଥିଲେ । ଏହି ମିଶ୍ରଣ ପର୍ବରେ ପୂର୍ବତନ ସରପଞ୍ଚ ବଳଦେବ ସାହୁ ଉପସ୍ଥିତ ଥିଲେ। ଏମାନଙ୍କ ଯୋଗଦାନ କଂଗ୍ରେସକୁ ଆହୁରି ସୁଦୃଢ଼ କରିବ ବୋଲି ଜିଲା କଂଗ୍ରେସ ତରଫରୁ କୁହାଯାଇଛି। ବଲାଙ୍ଗୀର ପୌରାଞ୍ଚଳର ୱାର୍ଡ ନମ୍ବର ୨୦ରୁ ଉର୍ଦ୍ଧ୍ୱ ଭାଜପାର ସକ୍ରିୟ କର୍ମୀ କଂଗ୍ରେସରେ ଯୋଗଦାନ କରିଛନ୍ତି । ଏହାସହିତ ୱାର୍ଡ ନମ୍ବର ୨୧ର କାଉନସିଲର କୁଳମଣି ସାହୁଙ୍କ ନେତୃତ୍ୱରେ ରାଜେନ ବିଶି, ଜିତେନ ବିଶି, ରିଙ୍କୁ ମଲ୍ଲିକ, ସନୋଜ କୁମାର ବରର୍ତ୍ତି, ବିକି କୁଅଁର, ରୋଶନ ପାଣିଗ୍ରାହୀ ପ୍ରମୁଖ ବିଧାୟକ ମିଶ୍ରଙ୍କ ଆବାସିକ କାର୍ଯ୍ୟାଳୟକୁଆସି କଂଗ୍ରେସ ଦଳରେ ଯୋଗଦାନ କରିଥିଲେ ।

# ପ୍ରଚାରକୁ ଜୋରଦାର କଲେ ବିଧାୟିକା ପ୍ରାର୍ଥୀ

**ଟିଟିଲାଗଡ଼, ୧୨।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ଟୁକୁନୀ ସାହୁ ଶୁକ୍ରବାର ସ୍ଥାନୀୟ ପୌର ପରିଷଦ ଅନ୍ତର୍ଗତ ୧୧ ନମ୍ବର ୱାର୍ଡରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ପରେ ସେ ପରାସରା, ସିହିନି, ଅଦାବାହାଲ, ସୁର୍ଡା ପଞ୍ଚାୟତକୁ ଯାଇ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟିଥିଲେ। ପ୍ରଚାର କାଳରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କରାଯାଇଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି ସବୁ କାର୍ଯ୍ୟକ୍ରମକୁ ଚାଲୁ ରଖିବା ପାଇଁ ବିଜେଡିକୁ ପଞ୍ଚମ ଥର ପାଇଁ ସୁଯୋଗ ଦେବାକୁ ଟୁକୁନୀ ଅନୁରୋଧ କରିଥିଲେ। ପ୍ରଚାରରେ ଦଳ ପକ୍ଷରୁ ଉପଖଣ୍ଡ ଯାଦବ ମହାସଭା ସଭାପତି ଘିନୁ ଆଡଯୁଆଡ, ବରିଷ୍ଠ ଆଇନଜୀବୀ ଶ୍ୟାମାପ୍ରସାଦ ଗରିଆ, ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, କାଉନସିଲର ସୁମିତ୍ରା ସେଠ, ସୁନୀଲ ସାହୁ, ହେମନ୍ତ ଚନ୍ଦନ, ସନ୍ତୋଷିନୀ ସୁନାନୀ, ସରିତା ବେହେରା, ତପସ୍ୱିନୀ ସାହୁ. ରଶ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି ବିଧାୟିକା ପ୍ରାର୍ଥିନୀ ଟୁକୁନୀ ସାହୁ କର୍ମୀଙ୍କ ସହ ପ୍ରଚାରରେ ଯାଉଛନ୍ତି।

■ ବଲାଙ୍ଗୀର ବ୍ଲକ ଅଞ୍ଚଳରେ ନରସିଂହଙ୍କ ପ୍ରଚାର

# କଂଗ୍ରେସ କ୍ଷମତାକୁ ଆସିଲେ ଦ୍ରୁତ ବିକାଶ ହେବ

**ବଲାଙ୍ଗୀର ଅଫିସ,୧୨।୪**



ବିଧାୟକ ନରସିଂହ ମିଶ୍ର ସଦର ବ୍ଲକ୍‌ରେ ନିର୍ବାଚନୀ ପ୍ରଚାର କରୁଛନ୍ତି ।

କଂଗ୍ରେସ କ୍ଷମତାସୀନ ଥିବାବେଳେ ପଶ୍ଚିମ, ଦକ୍ଷିଣ ଓଡିଶାରେ ସମସ୍ତ ବଡ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ରାଉରକେଲାରୁ ସୁନାବେଡା ଯାଏଁ ଯାହା କିଛି ବଡ ପ୍ରକଳ୍ପ ତିଆରି ହୋଇଛି ସେସବୁ କଂଗ୍ରେସ ଅମଳରେ ହୋଇଛି। ହୀରାକୁଦ ନଦୀବନ୍ଧ ଯୋଜନା, ରାଉରକେଲା ଇସ୍ପାତ କାରାଖାନା, ବଲାଙ୍ଗୀର ବଡମାଳରେ ଗୋଳାବାରୁଦ କାରଖାନା, କୋରାପୁଟ ସୁନାବେଡାରେ ମିଗ୍‌ବିମାନ କାରଖାନା, କଳାହାଣ୍ଡିରେ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ, ବରଗଡର ସିମେଣ୍ଟ କାରଖାନା ଭଳି ସବୁ ବଡ ପ୍ରକଳ୍ପ କଂଗ୍ରେସ ସମୟରେ ହୋଇଛି ବୋଲି ବିଧାୟକ ନରସିଂହ ମିଶ୍ର ସଦର ବ୍ଲକ୍‌ର ବିଭିନ୍ନ ନିର୍ବାଚନୀ ସଭାରେ କହିଛନ୍ତି । ଶୁକ୍ରବାର ସଦର ବ୍ଲକରେ ବିଧାୟକ ମିଶ୍ର ନିର୍ବାଚନ ପ୍ରଚାର କରିଥିଲେ । ଚୁଡାପାଲି, କୁଟୁମ୍‌ଡୋଲା, ବରକାନୀ, ଚଡେଇମରା, ଡୁଡୁକାଶିରା, ଛତ୍ରିଆପାଲି, ସିଆଲବାହାଲି, ବାନ୍ଧନଘୋର, ହରିପାଲି, ଖୁଣ୍ଟପାଲି, ଖଗ୍‌ସାବାହାଲ, ବଡତେଲେନପାଲି, ଢୁଲୁସର ଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ବକ୍ତବ୍ୟ ରଖି ବିଧାୟକ ପ୍ରାର୍ଥୀ ଓ ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କ ପାଇଁ ଭୋଟ୍ ମାଗିଥିଲେ । ଅନେକ ସ୍ଥାନରେ ରୋଡଶୋ କରିଥିଲେ । ଦୀର୍ଘ ୧୯ ବର୍ଷ ବିଜେଡି ଶାସନ ଭିତରେ ଓଡିଶାର ଚାଷୀ, ମହିଳା, ଯୁବକ, ଶିଶୁ, ଭୂମିହୀନ, ବ୍ୟବସାୟୀ ଓ ସାଧାରଣ ଲୋକ ଘୋର ଶୋଷଣ ଓ ଅସୁବିଧାର ସମ୍ମୁଖୀନ ହୋଇଥିବା କହିଥିଲେ । କଂଗ୍ରେସ ସରକାରକୁ ଆସିଲେ ସବୁବର୍ଗର ଲୋକଙ୍କ ପାଇଁ ସୁଯୋଗ ସୃଷ୍ଟି କରିବେ ବୋଲି କହିଥିଲେ । ଚାଷୀଙ୍କ ଋଣଛାଡ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣ ଛାଡ, ବେକାରୀ ଭତ୍ତା, ବାର୍ଦ୍ଧକ୍ୟ, ବିଧବା ଭତ୍ତା ୧୫୦୦ ଟଙ୍କାକୁ ବୃଦ୍ଧି, ଗରିବ ପରିବାରକୁ ବାର୍ଷିକ ୭୨ ହଜାର ଟଙ୍କାର ସହାୟତା ସହ ଅନ୍ୟ ଅନେକ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଲୋୟର ସୁକ୍‌ତେଲ ବୁଡିଅଞ୍ଚଳର ବିସ୍ଥାପିତଙ୍କ ପାଇଁ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଅନୁସାରେ କ୍ଷତିପୂରଣ ଦିଆଯିବ ବୋଲି କହିଥିଲେ । ଏହି ନିର୍ବାଚନ ପ୍ରଚାର ସଭାମାନଙ୍କରେ ଜିଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, ରାଧାକାନ୍ତ ଭୋଇ, ଶିବ ଛତ୍ରିଆ, ଦୁର୍ଗା ଭୋଇ, ନରେନ ପ୍ରଧାନ, ଗଣନାଥ ଧରୁଆ, ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ ଲୋକନାଥ କୁମୁରା, ସରପଞ୍ଚ ଘାସି ବେହେରା, ସୁବାସ ନନ୍ଦ, ଜଗଦୀଶ ସିଂଦେଓ, ଗୋପାଳ ବ୍ରହ୍ମା, ଜଗନ୍ନାଥ ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ମା' ତାରିଣୀଙ୍କ ଚୈତ୍ର ମହୋତ୍ସବ

ରିଷିଡା,୧୨।୪ (ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା ତାରିଣୀ ପୀଠରେ ମା' ତାରିଣୀଙ୍କ ଚୈତ୍ର ମହୋତ୍ସବ ଆରମ୍ଭ ହୋଇଛି । ଏହି ଅବସରରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ୧୭ ତାରିଖରେ ସମାପନ ହେବ। ଶୁକ୍ରବାର ଦେବଦେବୀଙ୍କ କାଳଶି ନଗର ପରିକ୍ରମା କରିଥିଲା । ଦେବୀଙ୍କ ଛତର ମଧ ଏକା ସାଙ୍ଗରେ ପରିକ୍ରମା କରାଯାଇଥିଲା। ଶନିବାର ପ୍ରସିଦ୍ଧ ଝାମୁ ଯାତ୍ରା ଅନୁଷ୍ଠିତ ହେବ। ଏହି ଅନୁଷ୍ଠାନର ବରୁଆ ସୁଶାନ୍ତ ମଲ୍ଲିକ, ଗୁରୁ ରଞ୍ଜନ ରଣା, ସେବକ ଦୟାନିଧି ରଣା, ପୀତାମ୍ବର ରଣା, ପ୍ରସନ୍ନ ରଣା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ତାରିଣୀ ଯାତ୍ରା ଅବସରରେ ଏଠାରେ ସର୍କସ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ।

# ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା, ପ୍ରାର୍ଥୀ ଅଣନିଃଶ୍ୱାସୀ

ରାଉରକେଲା ଅଫିସ,୧୨।୪

ଆସନ୍ତା ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ସୁନ୍ଦରଗଡ଼ ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା କ୍ଷେତ୍ରରେ ଭୋଟ ଗ୍ରହଣ କରାଯିବ। ମତଦାନକୁ ଆଉ ମାତ୍ର ୫ ଦିନ ବାକି ଥିବାବେଳେ ପ୍ରାର୍ଥୀଙ୍କ ହୃତ୍‌ସ୍ପନ୍ଦନ ବଢ଼ିବାରେ ଲାଗିଛି। ପାର୍ଟି କାର୍ଯ୍ୟାଳୟରେ ବସି ନିର୍ବାଚନ ପରିଚାଳନା କରୁଥିବା ବରିଷ୍ଠ ନେତା ଅଙ୍କ କଷିବାରେ ବ୍ୟସ୍ତ । ଅସନ୍ତୁଷ୍ଟଙ୍କ ଚିଠା ପ୍ରସ୍ତୁତ କରାଯାଉଛି। କାହାକୁ କେଉଁ ବାଟରେ ବୁଝାଯିବ ସେ ନେଇ ନିର୍ଦ୍ଦିଷ୍ଟ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ଜଣ ଜଣ କରି ଅଫିସ ହେଉ ବା ହୋଟେଲକୁ ଡକାଯାଉଛି। ଅସନ୍ତୁଷ୍ଟଙ୍କ ଅଭିଯୋଗକୁ ନେତା ଧୈର୍ଯ୍ୟର ସହ ଶୁଣୁଛନ୍ତି। ଆଗକୁ ଏଭଳି ଅବହେଳା କାରଯିବ ନାହିଁ ବୋଲି ଶପଥ କରୁଛନ୍ତି। ହାତରେ ଆଉ ସମୟ ନାହିଁ। କାମରେ ଲାଗିପଡ଼ ବୋଲି ଅନୁରୋଧ କରୁଛନ୍ତି ଦଳୀୟ ଅସନ୍ତୁଷ୍ଟଙ୍କୁ। ଯାହା ଚାହୁଁଛ ପୂରଣ କରାଯିବ। ଅଭିମାନ ଛାଡ଼ି ଲାଗିପଡ଼। ଏଭଳି ପରିସ୍ଥିତି ଯେ କେବଳ ଶାସକ ଦଳରେ ରହିଛି ତାହା ନୁହେଁ ବରଂ ଊଣାଅଧିକେ ସମସ୍ତ ରାଜନୈତିକ ଦଳରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଯୁବ ଭୋଟରଙ୍କୁ ନିଜ ସପକ୍ଷରେ ଆଣିବାକୁ ପ୍ରାର୍ଥୀ ଲାଗି ପଡ଼ିଛନ୍ତି। ଏନେଇ ସ୍ଥାନେ ସ୍ଥାନେ ନିର୍ବାଚନୀ ଅଫିସ ଖୋଲି ଦିନିକିଆ ଖର୍ଚ୍ଚ ବାବଦ ମୋଟା ଅଙ୍କର ଅର୍ଥ ଯୋଗାଇ ଦିଆଯାଉଛି। ଏହି ସୁଯୋଗରେ କିଛି ସଂଘ, ସଂଗଠନ କର୍ମକର୍ତ୍ତା ବିଭିନ୍ନ ଗୋଷ୍ଠୀରେ ଭାଗ ହୋଇ ଭିନ୍ନ ଭିନ୍ନ ରାଜନୈତିକ ଦଳଠାରୁ ଅର୍ଥ ହାତେଇବା ନେଇ ଯୋଜନା କରିଛନ୍ତି। ନିର୍ବାଚନ ପରେ କେହି କାହକୁ ପଚାରିବେନି। ଯାହା ମିଳୁଛି ତାକୁ କେମିତି ପକେଟସ୍ଥ କରାଯିବ ସେ ନେଇ ଟାକି ବସିଛନ୍ତି ବେକାର ଯୁବ ଗୋଷ୍ଠୀ। ଦଳୀୟ ପତାକା, ପୋଷ୍ଟର ବ୍ୟାନର ମାରି ଅଫିସ ଜଗି ରହୁଛନ୍ତି। ରାତି ସୁଦ୍ଧା ଏମାନଙ୍କୁ ଦିନକର ଖର୍ଚ୍ଚ ମିଳିଯାଉଛି। ପ୍ରତିଶ୍ରୁତିରେ ସାମାନ୍ୟ ଅବହେଳା କଲେ ଅନ୍ୟ ଦଳକୁ ଚାଲିଯିବୁ ବୋଲି ଧମକ ମିଳୁଛି। ଏହି ଭୟରେ ନିରୁପାୟ ନେତା ବା ଦଳ ଏମାନଙ୍କୁ ସନ୍ତୁଷ୍ଟ ରଖୁଛନ୍ତି। ମତଦାନ ନେଇ ତାରିଖ ଯେତେ ପାଖଉଛି ସେହି ଅନୁସାରେ ଭୋଜିଭାତ ଓ ଅର୍ଥ କାରବାର ବଢ଼ିବାରେ ଲାଗିଛି। କିଏ କହୁଛି ଏ ବସ୍ତିଟା ମୋ ହାତରେ ରହିଛି ତ ଆଉ କିଏ କହୁଛି ୫୦ ସ୍ୱୟଂସହାୟକ ଗୋଷ୍ଠୀ ମୋ ଇଶାରାରେ ଉଠବସ ହେଉଛନ୍ତି। ସେହି ଅନୁସାରେ ମୂଲଚାଲ କରୁଛନ୍ତି ନେତାଙ୍କ ସହ। ମୋଟାମୋଟି ଅର୍ଥ ପଛରେ ଧାଉଁଥିବା ଏହି ଗୋଷ୍ଠୀ ଯେନତେନ ପ୍ରକାରେ ପ୍ରାର୍ଥୀଙ୍କଠାରୁ ମୋଟା ରକମ ଅସୁଲ କରିବାକୁ ପଛାଉନାହାନ୍ତି। ଏପରି ଅବସ୍ଥାରେ ଏମାନଙ୍କ ସମ୍ପର୍କରେ ଟିକିନିଖି ଖବର ରଖୁଛନ୍ତି ଦଳର ବରିଷ୍ଠ ନେତା। କାହାର କେତେ କାଟ୍‌ତି ରହିଛି ଅଞ୍ଚଳରେ ସେ ନେଇ ଗୁପ୍ତ ଆକଳନ କରାଯାଉଛି। ସେହି ଅନୁସାରେ ମୂଲଚାଲ କରାଯାଉଛି। ସ୍ଥିତି ଖରାପ ଥିବା ନେତାଙ୍କ ବିକଳ ଭାବ ଦେଖି ମତଦାତା ନିଜ ଓଜନ ବଢ଼ାଇବାରେ ଲାଗିଛନ୍ତି। ଆଗକୁ ଏହି ପ୍ରକ୍ରିୟା ଜୋର ଧରିବା ଆଶଙ୍କା ରହିଛି। ସବୁ ବର୍ଗଙ୍କୁ ଯେଉଁ ପ୍ରାର୍ଥୀ ମନାଇ ବୁଝାଇ ନିଜ ସପକ୍ଷରେ ନେଇପାରିବେ ଜିତାପଟ ତାଙ୍କର ହେବ ବୋଲି ଆଲୋଚନା ହେଉଛି। କାରଣ ଏଥର ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ ପ୍ରାର୍ଥୀ ଅଣନିଃଶ୍ୱାସୀ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି।

### ଆମ୍ବେଡକର ଜୟନ୍ତୀ ପ୍ରସ୍ତୁତି

ରାଉରକେଲା ଅଫିସ,୧୨।୪

ସେକ୍ଟର-୧୭ସ୍ଥିତ ସର୍ବ ସମନ୍ୱୟ ସଂଘ କାର୍ଯ୍ୟାଳୟ ପରିସରରେ ସଭାପତି ବିପ୍ରଚରଣ ସେଠୀଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୪ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟାରେ ରାଉରକେଲା ଇସ୍ପାତ କାରଖାନା ଓ ସର୍ବ ସମନ୍ୱୟ ସଂଘ ଆନୁକୂଲ୍ୟରେ ସେକ୍ଟର-୧ ସିଭିକ ସେଣ୍ଟରରେ ବାବାସାହେବଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯିବ। ସକାଳ ୮ଟାରେ ସେକ୍ଟର ୭/୧୭ ଛକରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସିଭିକ ସେଣ୍ଟରରେ ସଭାକାର୍ଯ୍ୟ ଅନୁଷ୍ଠିତ ହେବ। ବୈଠକରେ ସଂଘ ସାଧାରଣ ସମ୍ପାଦକ ଶୁକଦେବ ମଲ୍ଲିକ, ଉପସଭାପତି ବିଜୟ ସେଠୀ, କୈଳାସ ମହାଲି, ଶରତ ପରିଚ୍ଛା, ଭଗବାନ ସେଠୀ, ରମେଶ ମଲ୍ଲିକ ଓ ମନୋଜ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାରେ ଯୋଗ ଦେଲେ ଶତାଧିକ ଯୁବକ

ରାଉରକେଲା ଅଫିସ,୧୨।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ, ଦକ୍ଷ ଶାସନ ସହ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ସାଂଗଠନିକ ଦକ୍ଷତା ଓ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ବଳିଷ୍ଠ ନେତୃତ୍ୱରେ ଆକର୍ଷିତ ହୋଇ ଭାଜପା କାର୍ଯ୍ୟାଳୟରେ ଶତାଧିକ ଯୁବକ ଗୁରୁବାର ଦଳରେ ସାମିଲ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଜିଲା ସଭାପତି ତଥା ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀ ଜଗବନ୍ଧୁ ବେହେରା ଏମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳରେ ସ୍ୱାଗତ କରିଥିଲେ। ଯୁବନେତା ଦେବ ମହାନନ୍ଦଙ୍କ ନେତୃତ୍ୱରେ ଆସିଥିବା ଯୁବକମାନେ କହିଥିଲେ କେବଳ ଭାଜପା ହିଁ ଏକମାତ୍ର ଦଳ ଯିଏ ରାଜ୍ୟ ଓ ଦେଶକୁ ସ୍ୱଚ୍ଛ ଶାସନ ଦେଇପାରିବ। ରାଷ୍ଟ୍ରବାଦ ଓ ରାଷ୍ଟ୍ରଭକ୍ତିକୁ ସମ୍ମାନ ଦେଉଥିବା ଭାଜପା ଜନସାଧାରଣଙ୍କ ସ୍ୱାର୍ଥ ପୂରଣ କରିବାରେ ସମର୍ଥ ହେବ। ଏହାକୁ ନଜରରେ ରଖି ଆମେ ଦଳରେ ସାମିଲ ହୋଇଛୁ ବୋଲି ସେମାନେ କହିଥିଲେ। ସେହିପରି ଜଗଦା ଅଞ୍ଚଳର ଯୁବନେତା ରବୀନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଆସିଥିବା ଯୁବଗୋଷ୍ଠୀ ଭାଜପାରେ ସାମିଲ ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ଦଳର ସ୍ଥିତି ସୁଦୃଢ଼ ହୋଇଥିବା କୁହାଯାଇଥିଲା। ଏହି ମିଶ୍ରଣ ପର୍ବରେ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ।

## ଅମିତ ଶାହଙ୍କୁ ଏୟାର ଷ୍ଟ୍ରିପ୍‌ରେ ସମ୍ବର୍ଦ୍ଧନା

ରାଉରକେଲା ଅଫିସ,୧୨।୪

ଅହମଦାବାଦରୁ ଆସି ଶୁକ୍ରବାର ମଧ୍ୟାହ୍ନରେ ଭଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ରାଉରକେଲା ଏୟାର ଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ଏଠାରୁ ସେ କେନ୍ଦୁଝର ଯାଇ ନିର୍ବାଚନୀ ସଭାବେ ଯୋଗଦେଇଥିଲେ। ତେବେ ଶାହ ରାଉରକେଲା ଏୟାର ଷ୍ଟ୍ରିପ୍‌ରେ ପହଞ୍ଚିବା ପରେ ଭାଜପା ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ରାଉରକେଲା ପ୍ରାର୍ଥୀ ନିହାର ରାୟ, ମହିଳା ନେତ୍ରୀ ପ୍ରମିଳା ଦାସ ପ୍ରମୁଖ ତାଙ୍କୁ ଏଠାରେ ସମ୍ବର୍ଦ୍ଧିତ କରିଥିଲେ। ଶାହ ସ୍ୱତନ୍ତ୍ର ପ୍ଲେନ ଯୋଗେ ଆସି ରାଉରକେଲା ଏୟାର ଷ୍ଟ୍ରିପ୍‌ରେ ଅବତରଣ କରିବା ପରେ ଏଠାରୁ ହେଲିକପ୍ଟର ଯୋଗେ କେନ୍ଦୁଝର ଯାଇଥିଲେ। ସେଠାରୁ କାର୍ଯ୍ୟକ୍ରମ ସାରି ପୁନର୍ବାର ସେ ଅପରାହ୍ନ ୨ଟାରେ ରାଉରକେଲାରୁ ଅହମଦାବାଦ ଫେରିଥିଲେ।



ରାଉରକେଲା ଏୟାର ଷ୍ଟ୍ରିପ୍‌ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ସ୍ଥାନୀୟ ନେତାମାନେ ସ୍ୱାଗତ କରୁଛନ୍ତି।

## ପିକ୍‌ଅପ୍ ଭ୍ୟାନ୍ ଓଲଟି ୧୫ ଆହତ, ୩ ଗୁରୁତର

କୋଲାବିରା,୧୨।୪ (ଡି.ଏନ୍.ଏ.)

ଏକ କୀର୍ତ୍ତନ ମଣ୍ଡଳୀର ୧୫ ସଦସ୍ୟଙ୍କୁ ନେଇ ଯାଉଥିବା ପିକ୍‌ଅପ୍ ଭ୍ୟାନ୍ ଶୁକ୍ରବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭ୍ୟାନ୍‌ଟି ଓଲଟି ପଡ଼ିବାରୁ ଏଥିରେ ଥିବା ପ୍ରାୟ ସମସ୍ତ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ ଝାରସୁଗୁଡ଼ା ଏଚ୍. କଣ୍ଟାପାଲି ଲହଣ୍ଡାବୁଡ଼ ଗ୍ରାମର ଏକ ମହିଳା କୀର୍ତ୍ତନ ଦଳ ସମ୍ବଲପୁର ଜିଲା ଲଇଡ଼ା ନିକଟ ଜର୍ଲି ଗ୍ରାମକୁ କୀର୍ତ୍ତନ କରିବାକୁ ଆସିଥିଲେ। କୀର୍ତ୍ତନ ସାରି ଏହି ଦଳ ଓଡି୨୩-ଏ୧୪୦୭ନଂ ପିକ୍‌ଅପ୍ ଭ୍ୟାନ୍‌ରେ ଫେରୁଥିବା ସମୟରେ ସନ୍ଧ୍ୟା ୭ଟାରେ କୋଲାବିରା ଥାନା ଅନ୍ତର୍ଗତ ସୋଡ଼ାମାଲ ପଞ୍ଚାୟତ ରେଙ୍ଗାଲପାଲି ବୁଲାଣିଠାରେ ପିକ୍‌ଅପ୍ ଭ୍ୟାନ୍‌ଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଫଳରେ ସେଥିରେ ଥିବା ଲୋକେ ଏଣେତେଣେ ଛିଟିକି ପଡ଼ି ଆହତ ହୋଇଥିଲେ। ପୋଲିସ, ଦମକଳ ବାହିନୀ ଏବଂ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ୩ ଗୁରୁତରଙ୍କୁ ଏଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି। ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଦୁର୍ଘଟଣା ମାମଲା ରଜୁ କରିଛି।

## ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ପ୍ରଶିକ୍ଷଣ

ରାଉରକେଲା ଅଫିସ,୧୨।୪

ଆର୍‌ଏମ୍‌ସି ସଭାକକ୍ଷରେ ଗୁରୁବାର ଦୁଇଟି ପର୍ଯ୍ୟାୟରେ ଜିଲାର ବିଭିନ୍ନ ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ଭୋଟ ଗ୍ରହଣ କେନ୍ଦ୍ରରେ ନିଯୁକ୍ତ ୧୫୦ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ଭୋଟଦାନ ପ୍ରକ୍ରିୟା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସୁନ୍ଦରଗଡ଼ ସଂରକ୍ଷିତ (ଏସ୍‌ଟି) ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ଆସନ ନିମନ୍ତେ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ପୁଲକୁଣ୍ଡୱାର ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ଭୋଟ ଗ୍ରହଣ କେନ୍ଦ୍ରରେ ସେମାନଙ୍କ ଦାୟିତ୍ୱ ତଥା କର୍ତ୍ତବ୍ୟବୋଧ ଉପରେ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ। ନିର୍ବାଚନ ନୋଡାଲ ଅଧିକାରୀ ବିଶ୍ୱରଞ୍ଜନ ରଥ ଇଭିଏମ୍ ଓ ଭିଭିପିଏଟିର ସଠିକ୍ ସଞ୍ଚାଳନ ତଥା କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ୧୫୦ ମାଇକ୍ରୋ ପର୍ଯ୍ୟବେକ୍ଷକ କେନ୍ଦ୍ର ସରକାରଙ୍କ କର୍ମଚାରୀ/ଅଧିକାରୀ ଭୋଟ ପୂର୍ବ ସନ୍ଧ୍ୟାରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୋଟ ଦିନ କେନ୍ଦ୍ରରେ ହେବାକୁ ଥିବା ମକ୍ ପୋଲ୍‌ରେ ଏମାନେ ଉପସ୍ଥିତ ରହିବେ। ଭୋଟ ଗ୍ରହଣ ଶେଷ ପର୍ଯ୍ୟନ୍ତ କେନ୍ଦ୍ରରେ ଉପସ୍ଥିତ ରହି ଭୋଟଦାନ ପ୍ରକ୍ରିୟାରେ ସହଯୋଗ କରିବାକୁ କୁହାଯାଇଛି। ମତଦାନ ପ୍ରକ୍ରିୟା ସମ୍ପର୍କିତ ତଥ୍ୟ ସିଧାସଳଖ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ କଲେ ସେମାନେ ଉତ୍ତରଦାୟୀ ରହିବେ ବୋଲି ସୂଚାଇ ଦିଆଯାଇଛି। ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ସ୍ୱଚ୍ଛ କରିବାକୁ ନିୟୋଜିତ କର୍ମଚାରୀ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି।

## ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ

ରାଉରକେଲା ଅଫିସ,୧୨।୪

ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ଅର୍ଦ୍ଧବାର୍ଷିକୀ ବୈଠକ ଶୁକ୍ରବାର ରାଉରକେଲା କ୍ଲବ ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ରାଜୀବ ଅଗ୍ରୱାଲ ମୁଖ୍ୟଅତିଥି ରୂପେ ଯୋଗଦେଇ ବୈଠକକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ (ରାଜଭାଷା କାର୍ଯ୍ୟାନ୍ୱୟନ) ସହାୟକ ନିର୍ଦ୍ଦେଶକ ନିର୍ମଳ ଦୁବେ, ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗ ଡିଜିଏମ୍ ତଥା ସଞ୍ଚାର ବିଭାଗ ମୁଖ୍ୟ ରମେନ୍ଦ୍ର କୁମାର ଉପସ୍ଥିତ ଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା, ବ୍ୟାଙ୍କ, ବୀମା କମ୍ପାନୀ ଓ ରାଷ୍ଟ୍ରାୟତ୍ତ ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରି ଅଗ୍ରୱାଲ ସମସ୍ତ କେନ୍ଦ୍ର ସରକାରୀ ପ୍ରତିଷ୍ଠାନ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ରାଜଭାଷା ବୈଧାନିକ ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ।





ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକରେ ମଞ୍ଚାସୀନ ଅତିଥି।

କାର୍ଯ୍ୟାନ୍ୱୟନ ଧାରାରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ଅଞ୍ଚଳରେ ରାଜଭାଷାକୁ ସୁଦୃଢ଼ କରିବା ନିମନ୍ତେ ଅଗ୍ରୱାଲ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଡିଜିଏମ୍ ରମେନ୍ଦ୍ର କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କିର ରାଷ୍ଟ୍ରଭାଷା ହିନ୍ଦୀର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଭାଷା କିପରି ଭାରତୀୟଙ୍କ ମଧ୍ୟରେ ସଂହତି ସୃଷ୍ଟି କରିଛି ସେ ସମ୍ପର୍କରେ କୁମାର କହିଥିଲେ। ଜାତୀୟ ସ୍ତରରେ ରାଜଭାଷାକୁ ଆହୁରି ଅଧିକ ବଳିଷ୍ଠ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୁମାର ହିନ୍ଦୀ ଭାଷା ପାଇଁ ସମର୍ପିତ ଏକ ସୁନ୍ଦର କବିତା ଆବୃତ୍ତି କରିଥିଲେ। ଆର୍‌ଏସ୍‌ପି ଲୋକସମ୍ପର୍କ ଓ ରାଜଭାଷା ବିଭାଗ ଡେପୁଟି ମ୍ୟାନେଜର ଲଲାଟି ଟପୋ କାର୍ଯ୍ୟାନ୍ୱୟନ ବୈଠକର ବିଷଦ ବିବରଣୀ ପାଠ କରିଥିଲେ। କେନ୍ଦ୍ର ଶିଳ୍ପ ସୁରକ୍ଷାବଳ ବିଭାଗ ଅଧିକାରୀ ନରେଶ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗ ଏଜିଏମ୍ ଅର୍ଚ୍ଚନା ଶତପଥୀ ପରିଚାଳନା କରିଥିଲେ।

## ବନ ବିଭାଗ ଦ୍ୱାରା ୨ ଗିରଫ

କୁନାଗଡ,୧୨।୪ (ଡି.ଏନ.ଏ.)

କୁନାଗଡ ରେଞ୍ଜ ସୁପେଲ ବିଟ୍ ଗୋଲାମୁଣ୍ଡା ନିକଟସ୍ଥ ସଂରକ୍ଷିତ ଘନା ଜଙ୍ଗଲକୁ ସଫା କରି ଚାଷ ଜମି ପାଇଁ ଉଦ୍ୟମ କରୁଥିବାବେଳେ ଶୁକ୍ରବାର ବନ ବିଭାଗ ୨ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନେ ହେଲେ ନିକଟସ୍ଥ ରଣପୁର ଗ୍ରାମର ଭରତ ମାଝି ଓ ଗୋଲାମୁଣ୍ଡା ଗ୍ରାମର ରାମ ପ୍ରସାଦ ବାଗ। ଉଭୟଙ୍କୁ ଗିରଫ କରି ଡିଏଫଓଙ୍କ ପାଖକୁ ନିଆଯାଇଛି। ଶନିବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବନବିଭାଗ ପକ୍ଷରୁ ଜଣାପଡିଛି। କୁନାଗଡ ରେଞ୍ଜର ଲକ୍ଷ୍ମଣ ଶବରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଫରେଷ୍ଟର ନିହାର ରଞ୍ଜନ ଠାକୁର, ରଜନୀକାନ୍ତ ମେହେର, ପାର୍ଥିବ ମାଝି, ପଦ୍ମଲୋଚନ ଶବର ପ୍ରମୁଖ ସାମିଲ ଥିଲେ।

### ଫଟୋ ଭାଇରାଲ ଅଭିଯୋଗ

ରାଉରକେଲା ଅଫିସ,୧୨।୪

ରାଉରକେଲାର ଜଣେ ବିଧାୟକ ପ୍ରାର୍ଥୀ ଦୁଇ ମହିଳାଙ୍କ କାନ୍ଧରେ ହାତ ରଖି ନିର୍ବାଚନ ପ୍ରଚାର କରୁଥିବା ବେଳର ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଅଟକ ରଖିଛି। ସମ୍ପୃକ୍ତ ଦୁଇ ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ କରୁଥିବା କୁହାଯାଇଛି।



ବୈଠକରେ ଉପସ୍ଥିତ କଂଗ୍ରେସ କର୍ମୀ।

## ବରିଷ୍ଠ କଂଗ୍ରେସ କର୍ମୀଙ୍କ ବୈଠକ

କୋଲାବିରା,୧୨।୪ (ଡି.ଏନ୍.ଏ.)

କୋଲାବିରା ଜମିଦାର ତଥା ସକ୍ରିୟ କଂଗ୍ରେସ କର୍ମୀ ବୀର ଅମରେନ୍ଦ୍ର ପ୍ରତାପ ସିଂଙ୍କ ଆହ୍ୱାନକ୍ରମେ ଅଞ୍ଚଳର ବରିଷ୍ଠ କଂଗ୍ରେସ କର୍ମୀଙ୍କୁ ନେଇ ଏକ ବୈଠକ କୋଲାବିରାଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ଚଳିତ ନିର୍ବାଚନକୁ ନେଇ ବିଶଦ ଆଲୋଚନା କରାଯାଇଥିଲା। କିଛିଦିନ ପୂର୍ବେ ପୂର୍ବତନ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ତାଙ୍କ ସହିତ ବହୁ କଂଗ୍ରେସ କର୍ମୀ ମଧ ଦଳ ଛାଡ଼ିଛନ୍ତି। ହେଲେ ଏବେ ମଧ କଂଗ୍ରେସକୁ ଭଲ ପାଉଥିବା ଅନେକ କର୍ମୀ ଦଳରେ ରହିଛନ୍ତି। ଆଗାମୀ ଦିନରେ ସେମାନେ ଦଳ ପାଇଁ କାର୍ଯ୍ୟ କରିବା ଅବ୍ୟାହତ ରଖିବେ ବୋଲି ଉପସ୍ଥିତ କର୍ମୀ ବିନୋଦ ବିହାରୀ ହୋତା, ଭୀଷ୍ମଦେବ ହୋତା, ଗୋବିନ୍ଦ ଚନ୍ଦ୍ର ଭୋଇ, ଭୀମସେନ ମିଶ୍ର, ନକୁଳ ମିଶ୍ର, ଶଙ୍କର ବୁଦୁଲା, ଡିଲେଶ୍ୱର ବେହେରା, ସୁରେନ ହୋତା, ଅର୍ଜୁନ ମିଶ୍ର, ବନ୍ଧୁରାମ ସିଂ, ଗୋବର୍ଦ୍ଧନ ସାହୁ, ନରୋତ୍ତମ ପୁରୋହିତ, ତେଜରାଜ ସାହୁ, କିଶୋର କଂସରାଳୀ, ସଞ୍ଜୟ ପାତ୍ର, ରୂପେଶ ନେଟୀ, ମୁନୁ ମାଝି ପ୍ରମୁଖ ମତବ୍ୟକ୍ତ କରିଥିଲେ। ଆଗାମୀ ନିର୍ବାଚନରେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ମହେନ୍ଦ୍ର ନାୟକଙ୍କୁ ସେମାନେ ସମର୍ଥନ କରିବେ ବୋଲି ଘୋଷଣା କରିଥିଲେ।

### ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

# ଏଥର ନୂଆ-ପୁରୁଣା ଲଢ଼େଇ

କୋଲାବିରା,୧୨।୪ (ଡି.ଏନ୍.ଏ.)

ଏପ୍ରିଲ ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଚାର ଜୋର୍ ଧରିଛି। ବିଭିନ୍ନ ଦଳର ପ୍ରାର୍ଥୀ ଘର ଘର ବୁଲି ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ରେ ଲାଗିଛନ୍ତି। ସାଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ଏହି ଆସନ ନିମନ୍ତେ ୩ ପ୍ରମୁଖ ଦଳ ଭାଜପା, କଂଗ୍ରେସ ଓ ବିଜେଡି ପ୍ରାର୍ଥୀଙ୍କ ସମେତ ମୋଟ ୯ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ପୂର୍ବତନ ବିଧାୟକ ତଥା କିଛିଦିନ ତଳେ କଂଗ୍ରେସ ଛାଡ଼ି ବିଜେଡରେ ଯୋଗଦେଇଥିବା ନବ କିଶୋର ଦାସଙ୍କୁ ବିଜେଡି ଚଳିତ ନିର୍ବାଚନରେ ଏଠାରୁ ପ୍ରାର୍ଥୀ କରିଥିବା ବେଳେ ପୂର୍ବରୁ ବିଧାୟକ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଦୀନେଶ ଜୈନଙ୍କୁ ଭାଜପା ପ୍ରାର୍ଥୀ କରିଛି। ରାଜ୍ୟ ସଚିବାଳୟରେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ମହେନ୍ଦ୍ର ନାୟକଙ୍କୁ ଏଥର କଂଗ୍ରେସ ପ୍ରାର୍ଥୀ କରିଛି। ଚଳିତ ନିର୍ବାଚନରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବା ସ୍ପଷ୍ଟ ହୋଇଛି। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ନବକିଶୋର ଦାସ ନିର୍ବାଚିତ ହୋଇଥିଲେ। ବିଜେଡି ଟିକେଟରୁ ଲଢ଼ିଥିବା କିଶୋର ମହାନ୍ତି ଦ୍ୱିତୀୟ ସ୍ଥାନରେ ରହିଥିଲେ। କଂଗ୍ରେସ ଛାଡ଼ି ନବ ବିଜେଡି ଯୋଗଦେବା ପରେ ଏଠାରୁ ବିଜେଡି ଓ କଂଗ୍ରେସ ଟିକେଟ କିଏ ପାଇବ ସେ ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଥିଲା। ଶେଷରେ ବିଜେଡି ନବଙ୍କୁ ପ୍ରାର୍ଥୀ କରିଛି। ଏ ନେଇ ନବ ଦାସ କୁହନ୍ତି, ଦୀର୍ଘବର୍ଷ ଧରି ଲୋକଙ୍କ ପାଇଁ କାମ କରିଆସୁଛି। ତେଣୁ ଜନସାଧାରଣ ମୋ ସହ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ମୋ ବଡ଼ ପୁଞ୍ଜି। ଏହାକୁ ନେଇ ଆଗାମୀ ନିର୍ବାଚନରେ ନିଶ୍ଚିତ ବିଜୟୀ ହେବି ବୋଲି ନବ କହିଛନ୍ତି। ସୂଚନାଯୋଗ୍ୟ, ୨୦୦୯ ଏବଂ ୨୦୧୪ ନିର୍ବାଚନରେ କଂଗ୍ରେସ ଟିକଟରୁ ଲଢ଼ି ନବ ବିଧାୟକ ହୋଇଥିଲେ। ୨୦୦୯ରେ ଭଜପା ଟିକେଟରୁ ଲଢ଼ି ତୃତୀୟ ସ୍ଥାନରେ ରହିଥିବା ଦୀନେଶ ଜୈନ ୨୦୧୪ରେ ମଧ ଏହି ଆସନ ନିମନ୍ତେ ଦାବିଦାର ଥିଲେ। ମାତ୍ର ତାଙ୍କ ପରିବର୍ତ୍ତେ ଦଳ ଆନନ୍ଦ ପଧାନଙ୍କୁ ପ୍ରାର୍ଥୀ କରିଥିଲା। ଟିକେଟରୁ ବଞ୍ଚିତ ହୋଇ ଦୀନେଶ କିଛିଦିନ ଅଭିମାନ ଓ ପ୍ରତିବାଦ କରିବା ପରେ ଶେଷରେ ଦଳୀୟ ନିଷ୍ପତ୍ତିକୁ ମାନିନେଇଥିଲେ। ଦଳ ସହ ରହି ସଂଗଠନକୁ ମଜବୁତ କରିବାରେ ଲାଗି ପଡ଼ିଥିଲେ। ତାଙ୍କର ମଧ ଏହି ଅଞ୍ଚଳରେ ଯଥେଷ୍ଟ ଲୋକପ୍ରିୟତା ରହିଛି। ଚଳିତ ନିର୍ବାଚନରେ ତାଙ୍କୁ ଟିକେଟ ମିଳିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ। କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳକୁ ପୁଞ୍ଜି କରି ସେ ନିର୍ବାଚନ ବୈତରଣୀ ପାର୍ କରିବେ ବୋଲି ଆଶା ବାନ୍ଧି ବସିଛନ୍ତି। ଲୋକେ ଆଶୀର୍ବାଦ କଲେ ନିଶ୍ଚିତ ବିଜୟୀ ହେବେ ବୋଲି ସେ କହିଛନ୍ତି। ସେହିପରି ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ କଂଗ୍ରେସ ମହେନ୍ଦ୍ର ନାୟକଙ୍କୁ ଏଥର ପ୍ରାର୍ଥୀ କରିଛି। କିଛିମାସ ହେବ ବିଭିନ୍ନ ସ୍ଥାନରେ ମହେନ୍ଦ୍ରଙ୍କ ସଭାସମିତି କାର୍ଯ୍ୟକ୍ରମ ସାଙ୍ଗକୁ ହୋର୍ଡିଂ ଲାଗିବା ଦେଖିବାକୁ ମିଳିବା ପରେ ସେ ନିର୍ବାଚନ ମଇଦାନକୁ ଓହ୍ଲାଇବା ନେଇ ଚର୍ଚ୍ଚା ହେଉଥିଲା। ସେ ଛାତ୍ର ଓ ଯୁବଗୋଷ୍ଠୀଙ୍କୁ ନେଇ ଆଶାୟୀ ଅଛନ୍ତି। ତା'ଛଡା ଗୋଁଣ୍ଡ ଏବଂ ଆଦିବାସୀ ସମ୍ପ୍ରଦାୟର ସମର୍ଥନ ତାଙ୍କ ସପକ୍ଷରେ ରହିଛି। ପ୍ରତ୍ୟକ୍ଷ ରାଜନୀତିରେ ସେ ନୂଆ ହୋଇଥିଲେ ମଧ ଜନସମ୍ପର୍କକୁ ପାଥେୟ କରି ସଫଳତା ପାଇବେ ବୋଲି ସେ ଆଶା ରଖିଥିବା କହିଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟାଣୁଆ କଂଗ୍ରେସ ନେତା ହେମାନନ୍ଦ ବିଶ୍ୱାଳଙ୍କ ସମର୍ଥନ ମହେନ୍ଦ୍ରଙ୍କ ସହିତ ଥିବାରୁ ତାଙ୍କ ପାଇଁ ନିର୍ବାଚନ ବୈତରଣୀ ପାର୍ ହେବା ସୁବିଧା ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ମହେନ୍ଦ୍ର କୁହନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୁର୍ନୀତିରେ ବୁଡ଼ି ରହିଛନ୍ତି। ଚାଷୀଙ୍କୁ ଅବହେଳା କରାଯାଉଥିବା ବେଳେ ରାଜ୍ୟରେ ବେକାରି ସମସ୍ୟା ବୃଦ୍ଧି ପାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ସବୁ ସମସ୍ୟାର ସମାଧାନ ହେବ। ଏଥିସହିତ ଜିଲାର ବିଭିନ୍ନ ସମସ୍ୟାକୁ ନେଇ ଲୋକଙ୍କ ପାଖରେ ପହଞ୍ଚି ସେଗୁଡ଼ିକର ସମାଧାନ କରିବେ ବୋଲି ସେ କହିଛନ୍ତି। ଲୋକେ ଆଶୀର୍ବାଦ କଲେ ନିଶ୍ଚିତ ବିଜୟୀ ହେବେ ବୋଲି ସେ ଆଶା ରଖିଛନ୍ତି। ଏଥର ଦୁଇ ପୁରୁଣା ଓ ଜଣେ ନୂଆ ମୁହଁଙ୍କ ମଧ୍ୟରେ ଲଢ଼େଇ ରୋଚକ ହେବ ବୋଲି ଆଶା କରାଯାଉଛି।



ଦୀନେଶ ଜୈନ।



ମହେନ୍ଦ୍ର ନାୟକ।



ନବକିଶୋର ଦାସ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଏପ୍ରିଲ ୧୩/୨୦୧୯



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



## ସଂକ୍ଷେପରେ

### ପଥରଗଡ଼ା ନିର୍ବାଚନରେ ପ୍ରଭାବ ପକାଇବ

**ବଡଗାଁ,୧୨ା୪(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲାର ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡିକରେ ଆଦିବାସୀ ନେତାମାନେ ପେସା ଆଇନ ଲେଖାଥିବା ପଥର(ପଥରଗଡା) ସ୍ଥାପନ କରି ଗାଁଗୁଡିକୁ ଗ୍ରାମ ଗଣରାଜ୍ୟ ଭାବେ ଘୋଷଣା କରିଥିଲେ। ବିଶେଷ କରି ଖ୍ରୀଷ୍ଟ ଧର୍ମାବଲମ୍ବୀ ଆଦିବାସୀମାନେ ଏଥିରେ ସାମିଲ ହୋଇଥିଲେ। ସୁନ୍ଦରଗଡ଼ ଲୋକସଭା ଆସନ କଂଗ୍ରେସ ପ୍ରାର୍ଥୀ ଜର୍ଜ ତିର୍କୀ ଓ ତଲସରା ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ଡା.ପ୍ରଫୁଲ୍ଲ ମାଝି ପଥରଗଡା କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ଉଦଘାଟନ କରିଥିଲେ । ପଥରଗଡା ବା ପେସା ଆଇନ ଅନୁଯାୟୀ, ସେହି ଗ୍ରାମରେ ଅନ୍ୟ ସ୍ଥାନର ବ୍ୟକ୍ତି ଜମି କିଣିପାରିବେ ନାହିଁ, ବିନା ଅନୁମତିରେ ଗାଁରେ ଅନ୍ୟ କେହି ବିତରଣ କରିପାରିବେ ନାହିଁ, ଖଜଣା ଖଣିଜ ରାଜସ୍ୱ ଗ୍ରାମବାସୀଙ୍କ ହାତରେ ରହିବ। ଆପରାଧିକ ମାମଲାର ବିଚାର ଗାଁରେ ହେବ, ଏହିପରି ଅନେକ ନିୟମ ରହିଛି। ହେଲେ ଏହାକୁ ଅଣଆଦିବାସୀ ଓ ହିନ୍ଦୁ ଆଦିବାସୀ ନାପସନ୍ଦ କରିଛନ୍ତି। ଫଳରେ ନିର୍ବାଚନରେ ଏହାର ପ୍ରଭାବ ପଡିବ ବୋଲି ରାଜନୈତିକ ମହଲରେ ବର୍ତ୍ତମାନ ଆଲୋଚନା ଜୋର ଧରିଛି । ସମାନ୍ତରାଳ ସରକାର ଗାଁରେ ଗଠନ କଲେ ଗ୍ରାମର କିଏ ବିଚାରପତି, କିଏ ପୋଲିସ, କିଏ ପ୍ରଶାସକ ଦାୟିତ୍ୱ ତୁଲାଇବ ଏଭଳି ଅନେକ ପ୍ରଶ୍ନକୁ ନେଇ ସେତେବେଳେ ଆଲୋଚନା ଜୋର ଧରିଥିଲା। ତାହା ପୁଣି ନିର୍ବାଚନ ସମୟରେ ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ସର୍ବାଧିକ ଅଣ ଆଦିବାସୀ ଓ ହିନ୍ଦୁ ଆଦିବାସୀ ପଥରଗଡା କରି ଗ୍ରାମ ଗଣରାଜ୍ୟ ପ୍ରତିଷ୍ଠା ସପକ୍ଷରେ ନ ଥିବାରୁ ଭୋଟରେ ଏହାର ପ୍ରତିଫଳନ ଦେଖାଯିବା ସମ୍ଭାବନା ରହୁଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ପଥରଗଡା ପରେ କୁତ୍ରା ଥାନା ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା । ସେହିପରି ୪ ଡିସିମିଲ ଜମି ସରକାରଙ୍କଠାରୁ ପାଇ ନ ଥିବା ଜଣେ ଗରିବ ପରିବାର ବଡଗାଁ ଇଲେକ୍ଟ୍ରିଡ଼ିପା ରାସ୍ତା ପାର୍ଶ୍ୱ ଏକ ସରକାରୀ ଜମିରେ ଘର ତିଆରି ବେଳେ ପଥରଗଡା ସଂଗଠନର ଲୋକେ ଏହାର ବିରୋଧ କରିଥିଲେ। ହେଲେ ପଥରଗଡ଼ାସ୍ଥାନଠାରୁ ଶହେ ମିଟର ଦୂରରେ ସରକାରୀ ଜମି ପାଇଥିବା ଜଣେ ମଧ୍ୟବିତ୍ତ ବ୍ୟକ୍ତି ରାସ୍ତା ପାର୍ଶ୍ୱରେ ଜମି ଦଖଲ କରି ଘର ତିଆରି କରୁଥିଲା ବେଳେ ପଥରଗଡା ସଂଗଠନ କର୍ମକର୍ତ୍ତା, ସମର୍ଥକମାନେ ନିରବଦ୍ରଷ୍ଟା ସାଜିଥିଲେ। ଏସବୁକୁ ଦେଖି ଲୋକେ ପକ୍ଷପାତିତା, ତୁଷ୍ଟିକରଣ ଆଗକୁ ସମସ୍ୟା ଉପନ୍ନ କରିବ ଯାହାକି ଗାଁର ଭାଇଚାରାକୁ ନଷ୍ଟ କରିପାରେ ବୋଲି ସାଧାରଣରେ ଆଶଙ୍କା ପ୍ରକଟ କରାଯାଇଥିଲା। ଏହା ନିର୍ବାଚନରେ ପ୍ରଭାବ ପକାଇବ ବୋଲି ଲୋକେ ଆଲୋଚନା କରୁଛନ୍ତି।

# ସୁନ୍ଦରଗଡ଼ ସହରରେ ଯୋଗେଶ, ସୁନୀତାଙ୍କ ନିର୍ବାଚନୀ ପ୍ରଚାର

**ସୁନ୍ଦରଗଡ଼,୧୨ା୪(ଡି.ଏନ୍.ଏ.)**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମାତ୍ର ୫ଦିନ ବାକି ଥିବା ବେଳେ ପ୍ରଚାର କାର୍ଯ୍ୟ ଆସନ୍ତା ୧୬ ତାରିଖ ସନ୍ଧ୍ୟାରେ ଶେଷ ହେବ। ଏନେଇ ପ୍ରାର୍ଥୀମାନେ ସମର୍ଥକଙ୍କ ସହ ବିଭିନ୍ନ ସ୍ଥାନରେ ରୋଡ ଶୋ' କରିବା ସହ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଶୁକ୍ରବାର ଅପରାହ୍ନରେ ସୁନ୍ଦରଗଡ଼ ବିଜେଡି ଲୋକସଭା ପ୍ରାର୍ଥୀ ସୁନୀତା ବିଶ୍ୱାଳ ଏବଂ ସୁନ୍ଦରଗଡ଼ ବିଧାନସଭା ପ୍ରାର୍ଥୀ ଯୋଗେଶ କୁମାର ସିଂ ସୁନ୍ଦରଗଡ଼ ସହରରେ ରୋଡ ଶୋ' କରିବା ସହ ଘରକୁ ଘର ବୁଲି ଭୋଟ ଭିକ୍ଷା କରି ଆଶୀର୍ବାଦ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ପ୍ରଚାର କାର୍ଯ୍ୟରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପୂର୍ବତନ ଅଧକ୍ଷା ତଥା ସୁନ୍ଦରଗଡ଼ର ରାଜମାତା ପଦ୍ମିନୀ ଶେଖର ଦେଓ, ରାଣୀ ବିଜ୍ଞାନୀ କୁମାରୀ ଶେଖର ଦେଓ, ରାଜା ସମରେନ୍ଦ୍ର ଶେଖର ଦେଓ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ପୂର୍ବତନ କାଉନସିଲର ବୀଣା ସାହୁ, ଟିକେଶ୍ୱରୀ ନାଏକ, ସୁମନ୍ତ ସାହୁ, ଆଶିଷ ପୁରୋହିତ, ମୁକେଶ ପୁରୋହିତ, ନଗର ବିଜେଡି ସଭାପତି ଅମିତାଭ ଯୋଶୀ, ଶ୍ରଦ୍ଧାଞ୍ଜଳି ସିଂ, କୁଳଦୀପ ଶେଖର ଦେଓଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ କର୍ମୀ ସାମିଲ ହୋଇଥିଲେ।



ଲୋକସଭା ପ୍ରାର୍ଥୀ ସୁନୀତା ଏବଂ ବିଧାନସଭା ପ୍ରାର୍ଥୀ ଯୋଗେଶ ଶୁକ୍ରବାର ସୁନ୍ଦରଗଡ଼ ସହରରେ ନିର୍ବାଚନୀ ପ୍ରଚାର କରୁଛନ୍ତି।



କଂଗ୍ରେସର ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ବିଧାୟକ ପ୍ରାର୍ଥୀ ରାଜନ ଏକ୍କାଙ୍କ ସହ ଅନ୍ୟମାନେ।

## ରାଜଗାଙ୍ଗପୁରରେ କଂଗ୍ରେସର ନିର୍ବାଚନୀ ସଭା, କାର୍ଯ୍ୟାଳୟ ଉଦ୍‌ଘାଟିତ

**ରାଜଗାଙ୍ଗପୁର,୧୨ା୪(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ରାଜଗାଙ୍ଗପୁର ପୌରପରିଷଦ ଅଧୀନ ଇଦଗା ମୋହଲ୍ଲାରେ ପୂର୍ବତନ ୱାର୍ଡ ସଭ୍ୟ ତଥା କଂଗ୍ରେସର ବରିଷ୍ଠ ନେତା ଏମ୍‌ଡି ପିଭି କୋୟାଙ୍କ ନେତୃତ୍ୱରେ ଶୁକ୍ରବାର ସନ୍ଧ୍ୟାରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀ ବିଧାନସଭା ବିଧାୟକ ପ୍ରାର୍ଥୀ ରାଜନ ଏକ୍କା ଯୋଗଦେଇ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ବିଧାୟକ ପ୍ରାର୍ଥୀ ରାଜନ ସଭାରେ ଉଦ୍‌ବୋଧନ ଦେଇ ସହରରେ ପାନୀୟ ଜଳ, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବା କହିଥିଲେ। ସମସ୍ୟାକୁ ଦୂରକରିବାକୁ ହେଲେ କଂଗ୍ରେସକୁ ଭୋଟ ଦେଇ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ। ସଭାରେ କଂଗ୍ରେସ ଟାଉନ ସଭାପତି ଇଫତିକାର ଅହମ୍ମଦ, ପ୍ରଫୁଲ୍ଲ କୁମାର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳର ବିକାଶ ନେଇ କଂଗ୍ରେସକୁ ଭୋଟ ଦେବାକୁ ନିବେଦନ କରିଥିଲେ। ସଭାରେ ଶତାଧିକ ମହିଳା, ପୁରୁଷ ଯୋଗ ଦେଇଥିଲେ।



ହନୁମାନଙ୍କ ବିଗ୍ରହକୁ ଶୋଭାଯାତ୍ରାରେ ନିଆଯାଉଛି।

## ହନୁମାନଙ୍କ ବିଗ୍ରହ ଶୋଭାଯାତ୍ରା ଆରମ୍ଭ

**ରାଜଗାଙ୍ଗପୁର,୧୨ା୪(ଡି.ଏନ.ଏ.)**

ରାମନବମୀ ପାଇଁ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହର ଚଳଚଞ୍ଚଳ ହୋଇପଡିଛି। ଏପରି କି ସୁରକ୍ଷା ଦୃଷ୍ଟିରୁ ସହରରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ରାଜଗାଙ୍ଗପୁର ସହରର ଲଖୁଆପଡାର କୁନ୍ଦା ସନ୍ନ୍ୟାସୀଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ପରି ହନୁମାନ ବିଗ୍ରହଙ୍କୁ ପୂଜାର୍ଚ୍ଚନା ପରେ ସନ୍ଧ୍ୟା ସାଢ଼େ ୭ଟାରେ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପ୍ରଥମେ ହନୁମାନ ବିଗ୍ରହଙ୍କୁ ରାଜଗାଙ୍ଗପୁର ସହରର କୁମାରକେଲାଠାରେ ଥିବା ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ରେଲ ଫାଟକ ଦେଇ ବାବାତଲାବକୁ ଯାଇଥିଲା। ଶନିବାର ବାବାତଲାବରେ ହନୁମାନଙ୍କ ବିଗ୍ରହକୁ ପୂଜାର୍ଚ୍ଚନା ପରେ ପ୍ରତିବର୍ଷ ପରି ହଜାର ହଜାର ଦର୍ଶକ ଓ ଆଖଡା ଦଳଙ୍କୁ ନେଇ ସହରରେ ଶୋଭାଯାତ୍ରାର କାର୍ଯ୍ୟକ୍ରମ ରଖାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସହରର ବିଭିନ୍ନ ଛକରେ ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ ଖୋଲାଯିବା ସହ ୨୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପକ୍ଷେ ଲିପଲୋଇଠାରେ ପୌରପରିଷଦ ପକ୍ଷରୁ ତିଆରି କରାଯାଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯିବ ବୋଲି ଜଣାପଡିଛି।

## ମିନିଟ୍ରକ ଧକ୍କାରେ ବାଇକ୍ ଚାଳକ ମୃତ, ୩ ଆହତ

**ବଡଗାଁ, ୧୨ା୪ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ଜରଙ୍ଗଲୋଇ-ଝାରମୁଣ୍ଡା ଗାଁକୁ ଯିବା ରାସ୍ତାରେ ଶୁକ୍ରବାର ଅପରାହ୍ନ ୩ଟାରେ ଏକ ବାଇକ୍ ଓ ମିନି ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ କୁଲଗା ଗ୍ରାମର ଅସିତ ଡୁଙ୍ଗଡୁଙ୍ଗ(୨୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ବାଇକ୍‌ରେ ଥିବା ପାର୍ବତୀ ଡୁଙ୍ଗଡୁଙ୍ଗ, ରାଜୁ ଡୁଙ୍ଗଡୁଙ୍ଗ ଏବଂ ୪ବର୍ଷର ଶିଶୁ ଆହତ ହୋଇଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛି।

# ଉଜ୍ଜ୍ୱଳପୁରରେ ବିଜେଡି ମହିଳା ସମାବେଶ

**ଲେଫ୍ରିପଡ଼ା,୧୨ା୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅଧୀନ ଉଜ୍ଜ୍ୱଳପୁର ବଜାରରେ ଶୁକ୍ରବାର ବିଜେଡି ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟାଙ୍ଗରପାଲି ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପଟେଲ ସଭାପତିତ୍ୱ କରିଥିଲା। ଏଥିରେ ସୁନ୍ଦରଗଡ଼ ରାଜମାତା ପଦ୍ମିନୀ ଶେଖର ଦେଓ, ରାଜ୍ୟ ମହିଳା ବିଜେଡି ଉପଦେଷ୍ଟା ସବିତା ଆଚାର୍ଯ୍ୟ, ପୂର୍ବତନ ରାଜ୍ୟ ସମବାୟ ଅଧକ୍ଷା ଡ.ଜ୍ୟୋତି ପାଣିଗ୍ରାହୀ, ପୂର୍ବତନ ବିଧାୟକ ତଥା ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂ, ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥିନୀ ସୁନିତା ବିଶ୍ୱାଳ, ସିଙ୍କି ସିଂ, ଟାଙ୍ଗରପାଲି ବ୍ଲକ ଅଧକ୍ଷ ଜଟିଆ ମୁଣ୍ଡା, ଉଜ୍ଜ୍ୱଳପୁର ସମିତି ସଭ୍ୟ ବିଶ୍ୱମ୍ଭର ମହାନନ୍ଦିଆ, ବିଜେଡି ଯୁବନେତା ସନ୍ତୋଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ରାଜ୍ୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମହିଳାଙ୍କୁ ମିଶନ ଶକ୍ତି ଜରିଆରେ ଗାଁକୁ କାମ ଏବଂ ମା'ଙ୍କୁ ସମ୍ମାନ ଦେଇଛନ୍ତି। ମହିଳାଙ୍କ ବିକାଶ କ୍ଷେତ୍ରରେ ଏସ୍‌ଏଚ୍‌ଜିମାନଙ୍କୁ ୫ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ, ମାଗଣାରେ ମହିଳାଙ୍କୁ ଶିକ୍ଷା ସମେତ ବିଭିନ୍ନ ଯୋଜନା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରି ସୁନ୍ଦରଗଡ଼ ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂ ଏବଂ ଲୋକସଭା ପ୍ରାର୍ଥିନୀ ସୁନିତା ବିଶ୍ୱାଳଙ୍କୁ ଭୋଟ୍ ଦେଇ ଆଶୀର୍ବାଦ ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶଙ୍ଖଧ୍ୱନି ଦେଇ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସୁଧାକର ପାଣ୍ଡେ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ଜିଲାପରିଷଦ ସଭ୍ୟା ରୀନା ମାଝି ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଟାଙ୍ଗରପାଲି ବ୍ଲକ୍ ଅଧୀନ ୧୩ଟି ପଞ୍ଚାୟତର ଶତାଧିକ ମହିଳା ଯୋଗ ଦେଇଥିଲେ।

### ■ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ

# ପ୍ରାଣୀବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର

**ସୁନ୍ଦରଗଡ଼,୧୨ା୪ (ଡି.ଏନ୍.ଏ)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ବାର୍ଷିକ ଆଲୋଚନାଚକ୍ର ହରାଇଜନ-୨୦୧୯ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡଃ.କିଶୋର କୁମାର ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ହରପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ଆଲୋଚନାଚକ୍ରର ସମ୍ପାଦିକା ଶୋଭା ଖାଖା ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ.ଧ୍ରୁବରାଜ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଇଭୋଲ୍ୟୁସନ୍ ଅଫ ନର୍ଭସ ଏଣ୍ଡ ଏଣ୍ଡୋକ୍ରାଇନ ସିଷ୍ଟମ ଉପରେ ଆଲୋଚନା କରିଥିଲେ। ସୁନ୍ଦରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ଫୋରେନସିକ ସାଇନ୍ସ ଲାବୋରେଟୋରି ବୈଜ୍ଞାନିକ ଡ. ଅଚ୍ୟୁତ କୁମାର ରଥ ଯୋଗଦେଇ ଫିଙ୍ଗରପ୍ରିଣ୍ଟ ଉପରେ ଆଲୋଚନା କରିଥିଲେ। ସୁନ୍ଦରଗଡ଼ ବନଖଣ୍ଡ ଡିଏଫଓ ଡ. ଅରୁଣ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାୟୋଡାଇଭରସିଟି ଓ ଏହାର ମ୍ୟାନେଜମେଣ୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭାଗର ବାର୍ଷିକ ସେମିନାର ବୁଲେଟିନ ଉନ୍ମୋଚିତ ହୋଇଥିଲା। ଏପରି କି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସେମିନାର ସହସମ୍ପାଦିକା କବିତା ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିରେ ମହାବିଦ୍ୟାଳୟ ଅଧାପିକା, ଅଧାପକ, କର୍ମଚାରୀଙ୍କ ସହ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

Format C-2

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Lok Sabha Election 2019 PHASE-II**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | BAGI LAKRA | Sundargarh | JMFC Rural Raurkela G.R. No. 1517/2012 Charges Framed 10.04.2013 (Pending) | Section 294 506 34 IPC alleged using fealthy language threaten to kill | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R. No. 2408/2015 Charges Framed (Pending) | Section 147 148 447 427 294 506 307 149 IPC regarding extortion of house | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R. No. 624/2015 Charges Framed (Pending) | Section 147 148 371 294 283 431 506 129 149 IPC & 7CRL LA Act regarding road block | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R. No. 1074/2015 (Pending) | Section 147 148 294 506 427 47 307 34 149 IPC & 174 146 151 IPC attack by weapon | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R.No. 196/2015 charges framed (Pending) | Section 294 353 506 147 148 149 IPC & 7 CRL LA Act and 174 146 151 Rly. Act Railway Line Blocked | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R.No. 2293/2015 charges framed (Pending) | Section 147 148 447 427 294 506 386 307 149 IPC & 25 Arms Act Damage of land boundry and attack by weapon | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R. No. 2781/2014 (Pending) | Section 147 148 341 283 431 294 353 336 323 506 149 IPC & 7CRL LA Act allegation for blocked of NH Road at Bedvyas Chowk | N.A | N.A |

## ସଂକ୍ଷେପରେ

### ଓକିଲଙ୍କୁ ଭେଟିଲେ ଜୟ, ନୀତେଶ

**ସମ୍ବଲପୁର,୧୨।୪ (ବ୍ୟୁରୋ)-** ସମ୍ବଲପୁରରେ ଜିଲା ଓକିଲ ସଂଘ ସଦସ୍ୟଙ୍କୁ ଭେଟି ଭାଜପା ସମ୍ବଲପୁର ଲୋକସଭା ପ୍ରାର୍ଥୀ ନୀତେଶ ଗଙ୍ଗଦେବ ଓ ବିଧାନସଭା ପ୍ରାର୍ଥୀ ଜୟନାରାୟଣ ମିଶ୍ର ସହଯୋଗ ଲୋଡିଛନ୍ତି । ଶୁକ୍ରବାର ବାର୍‌କୁ ଯାଇ ଓକିଲମାନଙ୍କ ସହ ଏହି ପ୍ରାର୍ଥୀ ଦ୍ୱୟ ଆଲୋଚନା କରିଛନ୍ତି । ବାର୍ ପକ୍ଷରୁ ଜୟ ଓ ନୀତେଶଙ୍କୁ ସ୍ୱାଗତ କରାଯାଇଥିଲା । ସମ୍ବଲପୁର ଓକିଲ ସଂଘ ଲଢୁଆ ସଂଗଠନ। ଭାଜପା ପୂର୍ବରୁ ମଧ ଓକିଲ ସଂଘ ସହ ଥିଲା। ଏବେ ମଧ ଅଛି । ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ଭାଜପା ବାରକୁ ସମର୍ଥନ କରିଛି। ନିର୍ବାଚନ ପରେ ଶୀଘ୍ର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରକ୍ରିୟ ଆରମ୍ଭ କରାଯିବ ବୋଲି ବାର୍ ସଦସ୍ୟଙ୍କୁ ଜୟ କହିଥିଲେ। ନିର୍ବାଚନ ସମୟରେ ସମର୍ଥନ ଜଣାଇବାକୁ ପ୍ରତି ଓକିଲଙ୍କୁ ଭେଟି ଜୟ ଓ ନୀତେଶ ଭୋଟ ଭିକ୍ଷା କରିଥିଲେ।

### ସମ୍ବଲପୁର ସ୍ୱାଭିମାନ ପାଇଁ ଲଢେଇ କରିବି: ପ୍ରଜ୍ଞା

**ସମ୍ବଲପୁର,୧୨।୪ (ବ୍ୟୁରୋ)-** ସମ୍ବଲପୁରରେ ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି,ଐତିହ୍ୟ ଗମନାଗମନ, ବେକାରୀ ସମସ୍ୟା, ସ୍ଥାନୀୟ ନିଯୁକ୍ତି ଆଦି ବିଭିନ୍ନ ସମସ୍ୟା ରହିଛି । ଏପରିକି ମୌଳିକ ସୁବିଧା ପାଣି ଓ ବିଜୁଳି ଲୋକମାନଙ୍କ ପାଖରେ ପହଞ୍ଚି ପାରୁନାହିଁ । ବିଗତ ବର୍ଷରେ ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀ ହୋଇଛନ୍ତି । ହେଲେ ସମ୍ବଲପୁର ଯେଉଁଭଳି ବିକଶିତ ହେବା କଥା ବହୁ ପଛରେ ପଡିଛି । ତେଣୁ ଆଗାମୀ ନିର୍ବାଚନରେ ସମ୍ବଲପୁରବାସୀଙ୍କ ସମସ୍ୟା ଓ ସ୍ୱାଭିମାନ ପାଇଁ ଲଢେଇ କରିବି ବୋଲି ସମ୍ବଲପୁର ବିଧାନସଭା ସ୍ୱାଧୀନ ପ୍ରାର୍ଥୀ ପ୍ରଜ୍ଞା ପଟ୍ଟନାୟକ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ପ୍ରଚାରରେ ଯିବା ସମୟରେ ଲୋକମାନେ ସ୍ୱାଗତ କରି ସମର୍ଥନ ଜଣାଉଛନ୍ତି । ବିଭିନ୍ନ ରାଜନୈତିକ ଦଳ ଉପରେ ବିଶ୍ୱାସ ତୁଟି ଯାଉଥିବା କହୁଛନ୍ତି । ତେଣୁ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟରେ ସମର୍ଥନ କରିବେ ବୋଲି ସେ ଆଶା କରୁଛନ୍ତି। ସହରରେ ଥିବା ଏହି ସମସ୍ୟା ଗୁଡିକ ନିଶ୍ଚିତ ଭାବେ ସମାଧାନ ହେବ ବୋଲି କହିଥିଲେ ।

# ପୁରୁଷ ଅପେକ୍ଷା ମହିଳାଙ୍କ ମତଦାନ ଅଧିକ

**ନୂଆପଡ଼ା ଅଫିସ,୧୨।୪**

ସରକାରୀ ଓ ବେସରକାରୀସ୍ତରରୁ ସବୁବେଳେ ଶତପ୍ରତିଶତ ମତଦାନ କରିବା ସହ ଠିକ ଲୋକଙ୍କ ହାତରେ ଶାସନ ଭାର ଦେବାକୁ ସଚେତନତା ସୃଷ୍ଟି କରାଯାଉଛି। ହେଲେ ତାହା ସେତେଟା ଫଳପ୍ରଦ ହେଉ ନ ଥିବା ଦେଖାଯାଉଛି। ଏଥରର ମତଦାନର ତଥ୍ୟକୁ ଦୃଷ୍ଟି ଦେଲେ ପୁରୁଷଙ୍କ ଅପେକ୍ଷା ମହିଳାମାନେ ଅଧିକ ସଚେତନ ରହୁଛନ୍ତି। ସେମାନଙ୍କ ମତଦାନ ପୁରୁଷଙ୍କ ତୁଳନାରେ ବୃଦ୍ଧି ଘଟୁଛି । ପୁଣି ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଶିକ୍ଷିତ ଏବଂ ତଥାକଥିତ ସଚେତନ ନାଗରିକମାନେ ସ୍ୱତଃପ୍ରବୃତ ଭାବେ ଭୋଟଦେବାକୁ ଘରୁ ବାହାରୁ ନ ଥିବା ଦେଖାଯାଉଛି । ଫଳରେ ସହରାଞ୍ଚରେ ମତଦାନର ହାର କମିଥିବା ଦେଖାଯାଇଛି । ଏହା ଏକ ସଫଳ ଗଣତନ୍ତ୍ର ସକାଶେ ଶୁଭଙ୍କର ନ ଥିବା ଚର୍ଚ୍ଚାର ବିଷୟ ହୋଇଛି ।

ଗୁରୁବାର ମତଦାନ ହୋଇଥିବାବେଳେ ମିଳିଥିବା ବୃତାନ୍ତ ଫଳାଫଳ ଅନୁଯାୟୀ ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ଥିବା ମୋଟ ୨ ଲକ୍ଷ ୨୭ ହଜାର ୬୦୧ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୬୩ ହଜାର ୯୮୮ଜଣ ମତଦାନ କରିଛନ୍ତି । ଖଡିଆଳ ନିର୍ବାଚନମଣ୍ଡଳୀର ୨ ଲକ୍ଷ ୩୮ ହଜାର



ମହିଳା ଭୋଟରମାନେ ଏକ ବୁଥରେ ଧାଡି ବାନ୍ଧିଛନ୍ତି ।

୪୦୫ ଜଣ ମତଦାତାଙ୍କ ମଧ୍ୟରୁ ୧ ଲକ୍ଷ ୭୪ ହଜାର ୭୪୦ ଜଣ ମତଦାନ କରିଛନ୍ତି। ନୂଆପଡା ଏବଂ ଖଡିଆଳରେ ଯଥାକ୍ରମେ ୭୨.୦୫ ଏବଂ ୭୩.୩୦ ପ୍ରତିଶତ ମତଦାନ ହୋଇଥିବା ସର୍ବଶେଷ ରିପୋର୍ଟରୁ ପ୍ରକାଶ । ମହିଳା ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୧୩ ହଜାର ୮୯୬ ଥିଲା । ସେଥିମଧ୍ୟରୁ ୮୪ ହଜାର ୭୪ଜଣ ମହିଳା ମତଦାତା ଭୋଟ ଦେଇଛନ୍ତି। ଅର୍ଥାତ ୭୩.୮୨ ପ୍ରତିଶତ ଭୋଟ ଦେଇଥିବା ଜଣାପଡିଛି। ଏହିଭଳି ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ୧୩ ହଜାର ୬୭୪ ପୁରୁଷ ଭୋଟରଙ୍କ ମଧ୍ୟରୁ ୭୯ ହଜାର ୯୧୪ ପୁରୁଷ ମତଦାନ କରିଛନ୍ତି। ଏହା ୭୦.୩୦ପ୍ରତିଶତ ହୋଇଛି । ସେହିଭଳି ଖଡିଆଳ ନିର୍ବାଚନମଣ୍ଡଳୀରେ ମୋଟ ମହିଳା ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୧୭ ହଜାର ୨୮୪ ଥିବା ବେଳେ ୮୮ ହଜାର ୩୯୯ ଜଣ ମତଦାନ କରିଥିଲେ ଯାହାକି ୭୫.୩୭ ପ୍ରତିଶତ ହୋଇଛି । ଏଠାରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୨୧ ହଜାର ୧୦୨ଜଣ ଥିବାବେଳେ ୮୬ ହଜାର ୩୪୧ ଜଣ ମତଦାନ କରିଛନ୍ତି। ଏହା ୭୧.୩୦ ପ୍ରତିଶତ ହୋଇଛି। ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମହିଳାମାନେ ବୁଥକୁ ବହୁ ସଂଖ୍ୟାରେ ଯାଇ ମତଦାନ କରିଛନ୍ତି। ପୁଣି ଅନେକ ଜାଗାରେ ଦେଖିବାକୁ ଗ୍ରାମାଞ୍ଚଳଗୁଡିକରେ ପୋଲିଂ ପ୍ରତିଶତ ଅଧିକ ଥିବାବେଳେ ସହରାଞ୍ଚଳରେ ଏହା କମି ଯାଇଛି । ଉଦାହରଣ ଭାବେ କୋମନା ବ୍ଲକର ଉପାନ୍ତ ତଥା ମାଓବାଦୀ ପ୍ରଭାବିତ ଅଞ୍ଚଳର କାମକେଡା ବୁଥରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ପୋଲିଂ ହୋଇଥିବାବେଳେ ନୂଆପଡା ସହରର ଖୋଦ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ବୁଥ ନମ୍ବର ୯୯ରେ ମାତ୍ର ୫୦ ପ୍ରତିଶତ ଅର୍ଥାତ ୧୨ ଶହରୁ ୬ ଶହ ପୋଲିଂ ହୋଇଥିଲା। ଏହି କେନ୍ଦ୍ରରେ କେତେଜଣ ପୁରୁଣା ରାଜନୈତିକ ପରିବାର ଭୋଟରମାନେ ମତଦାନ ପାଇଁ ଆସି ନ ଥିବା ତଥ୍ୟରୁ ଜଣାପଡିଛି। ଏଭଳି ପରିସଂଖ୍ୟାନକୁ ଦୃଷ୍ଟି ଦେଲେ ଯେଉଁମାନଙ୍କ ଉପରେ ଗଣତନ୍ତ୍ର ରାଷ୍ଟ୍ରର ମେରୁଦଣ୍ଡ ନିର୍ଭର କରୁଛି ସେମାନେ ମୁହଁମୋଡିରହୁଛନ୍ତି। ଏହା ନିଶ୍ଚିତ ଭାବେ ଶୁଭଙ୍କର ହେଉନାହିଁ । ଏଥିପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ।

**ନୂଆପଡ଼ା ଜିଲା**
- ଶିକ୍ଷିତ ଭୋଟର ମୁହଁ ମୋଡିଲେ
- ନୂଆପଡ଼ା-୧,୬୩,୯୮୮
- ଖଡ଼ିଆଳ-୧,୭୪, ୭୪୦

### ବିଜେଡ଼ି କର୍ମୀ ସମ୍ମିଳନୀ
## ରାଜ୍ୟ ସରକାରଙ୍କ ସଫଳତା ବଖାଣିଲେ ରୋହିତ

**ନାକଟିଦେଉଳ,୧୨।୪(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଶିମିଳିପାଳ ପଞ୍ଚାୟତର କାଉଁଶୀପାଳ ଗ୍ରାମ ନିକଟସ୍ଥ ଆମ୍ବତୋଟାରେ ଶୁକ୍ରବାର ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡ଼ି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡ଼ି ସଭାପତି ମୁଳିଆ ରାଉଳ ଏଥିରେ ଅଧକ୍ଷତା କରିଥିଲେ। ରେଢାଖୋଲ ବିଧାନସଭା ଆସନର ବିଜେଡ଼ି ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଯୋଗ ଦେଇ ରାଜ୍ୟରେ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକ ଉପରେ ଆଲୋକପାତ କରବା ସହ କେନ୍ଦ୍ର ସରକାରଙ୍କ ରାଜ୍ୟ ପ୍ରତି ଅବହେଳା ଏବଂ ବୈମାତୃକ ମନୋଭାବକୁ ତୀବ୍ର ନିନ୍ଦା କରିଥିଲେ । ରାଜ୍ୟର ବିକାଶରେ କେବଳ ଏକମାତ୍ର ନବୀନ ପଟ୍ଟନାୟକ ସରକାର ଅଛନ୍ତି ବୋଲି ପ୍ରକାଶ କରିଥିଲେ । ଗତ ୫ବର୍ଷ ମଧରେ ନାକଟିଦେଉଳ ବ୍ଲକର ବିଭିନ୍ନ କ୍ଷେତ୍ରରେ ବିକାଶ ଘଟିଛି। ଏହି ଧାରା ଆଗକୁ ମଧ ଜାରି ରହିବ ବୋଲି ସେ କହିଥିଲେ। ତେଣୁ ରେଢାଖୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାକଟିଦେଉଳ ବ୍ଲକ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ଶାସନ କ୍ଷମତାକୁ ଆଣିବାକୁ ପଡ଼ିବ ବୋଲି ପ୍ରକାଶ କରି ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଦଳୀୟ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ । ଏଥି ସହିତ ଆଗାମୀ ୨୩ ତାରିଖରେ ହେବାକୁ ଥିବା ନିର୍ବାଚନରେ ଦଳ ଯେପରି ବହୁ ମତ ହାସଲ କରିବ ସେ ନେଇ କର୍ମୀମାନେ ଏବେଠାରୁ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କର୍ମୀ ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ବ୍ଲକ ବିଜେଡ଼ି ଉପସଭାପତି କୁଞ୍ଜବିହାରୀ ନନ୍ଦ, ବରିଷ୍ଠ ବିଜେଡ଼ି ନେତା ଅନାଦି ଚରଣ ସାହୁ ପ୍ରମୁଖ ଯୋଗଦେଇ ବିଜେଡ଼ି ପ୍ରାର୍ଥୀଙ୍କୁ ଭୋଟ ଦେଇ ବିକାଶର ଧାରାକୁ ଆଗକୁ ନେବା ପାଇଁ ଆହ୍ୱାନ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧରେ ଗଗନ ଧଳ, ପ୍ରମୋଦ ସାହୁ, ନରହରି ମାଝି, ଆର୍ତ୍ତତ୍ରାଣ ସ୍ୱାଇଁ, ଲକ୍ଷ୍ମିନ୍ଦ୍ର ସାହୁ, କାଳିଆ ଦାଶ, ଦୀପକ ସ୍ୱାଇଁଙ୍କ ସମେତ ଶିମିଳିପାଳ ପଞ୍ଚାୟତର ଲୋକେ ଯୋଗ ଦେଇଥିଲେ।

# କଂଗ୍ରେସର ନିର୍ବାଚନୀ ସମୀକ୍ଷା ବୈଠକ

**ନୂଆପଡ଼ା ଅଫିସ,୧୨।୪**

ନୂଆପଡାର ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ କର୍ମକର୍ତ୍ତାମାନେ କଂଗ୍ରେସ ପାଇଁ କଠିଣ ପରିଶ୍ରମ କରିଛନ୍ତି । କର୍ମକର୍ତ୍ତାମାନଙ୍କ ବିଜୟ ନିଶ୍ଚିତ ଭାବେ ଦଳକୁ ମଜଭୁତସ୍ଥିତିକୁ ଆଣିଦେଇଛି। ଏଥର ନିର୍ବାଚନରେ ଏହା ଆମକୁ ବିଜୟ ଆଡକୁ ଟାଣି ନେଇଛି ବୋଲି ନୂଆପଡା ବିଧାୟକ ପ୍ରାର୍ଥୀ ଘାସିରାମ ମାଝି କହିଛନ୍ତି। ସ୍ଥାନୀୟ ଖରିଆରରୋଡସ୍ଥିତ ଗଣପତି ପେଲେସରେ ଆୟୋଜିତ କଂଗ୍ରେସର ନିର୍ବାଚନୀ ସମୀକ୍ଷା ବୈଠକରେ ଘାସିରାମ ଆଶାବ୍ୟକ୍ତ କରିଛନ୍ତି । ବୈଠକରେ ଜିଲା ସଭାପତି ତଥା ବିଧାୟକ ପ୍ରାର୍ଥୀ ମାଝି ସଭାପତିତ୍ୱ କରିଥିବାବେଳେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ହାଲ୍ଲା ସିଂ, ହରି ଚନ୍ଦ୍ରକାର, ରାଜେଶ ଜୈନ, ଧନୀରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଜିଲାର ନୂଆପଡା ବିଧାନସଭାନିର୍ବାଚନ ମଣ୍ଡଳୀସ୍ତରୀୟ ସମସ୍ତ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ସମସ୍ତଙ୍କ ଅନୁଭୂତି ଉପସ୍ଥାପନ କରିଥିଲେ । ଶେଷରେ କର୍ମକର୍ତ୍ତାମାନେ ନିର୍ଯ୍ୟାସ ବାହାର କରିଥିଲେ ଯେ ସେମାନେ ନିର୍ବାଚନରେ ବିଜୟ



କଂଗ୍ରେସର ନିର୍ବାଚନୀ ସମୀକ୍ଷା ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ ।

ହାସଲ କରିବାସ୍ଥିତିରେ ରହିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜଗଦିଶ ସାହୁ, ହେମଦାସ, ଦିନେଶ ଚନ୍ଦ୍ରକାର, ପବନ ଅଗ୍ରୱାଲ, ବିକ୍ରମ ବିଶ୍ୱାଳ, ଆଲୋକ ଗୁରୁ, ଦେବଦତ ଦିକ୍ଷୀତ, ରବୀନ୍ଦ୍ର ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ । ଏହାକୁ ସମସ୍ତ କର୍ମକର୍ତ୍ତା ସମର୍ଥନ ଜଣାଇଥିଲେ। ବୈଠକ ଶେଷରେ ଧନୀରାମ ସାହୁ ଧନ୍ୟବାଦ ଦେଇଥିଲେ ।

### ସଂରକ୍ଷିତ ଜଙ୍ଗଲକୁ ଚାଷ ଜମି କରିବା ଉଦ୍ୟମ
# ବନବିଭାଗ ଦ୍ୱାରା ୨ ଗିରଫ

**ଜୁନାଗଡ,୧୨।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ରେଞ୍ଜ ସୁପେଲ ବିଟ୍ ଗୋଲାମୁଣ୍ଡା ନିକଟସ୍ଥ ସଂରକ୍ଷିତ ଘନା ଜଙ୍ଗଲକୁ ସଫା କରି ଚାଷ ଜମି କରିବା ପାଇଁ ଉଦ୍ୟମ କରୁଥିବାବେଳେ ଶୁକ୍ରବାର ବନ ବିଭାଗ ୨ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନେ ହେଲେ ନିକଟସ୍ଥ ରଣପୁର ଗ୍ରାମର ଭରତ ମାଝି (୪୭) ଓ ଗୋଲାମୁଣ୍ଡା ଗ୍ରାମର ରାମ ପ୍ରସାଦ ବାଗ (୪୮)। ଉଭୟଙ୍କୁ ବନବିଭାଗ ଦ୍ୱାରା ଗିରଫ କରି ଡିଏଫଓଙ୍କ ପାଖକୁ ନିଆଯାଇଛି। ଶନିବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବନବିଭାଗ ପକ୍ଷରୁ ଜଣାପଡିଛି। ଜୁନାଗଡ ରେଞ୍ଜର ଲକ୍ଷ୍ମଣ ଶବରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ଫରେଷ୍ଟର ନିହାର ରଞ୍ଜନ ଠାକୁର, ରଜନୀକାନ୍ତ ମେହେର, ପାର୍ଥବ ମାଝି, ପଦ୍ମଲୋଚନ ଶବର, ଫରେଷ୍ଟ ଗାର୍ଡ ମହେଶ୍ୱର ନାଏକ, କାହ୍ନୁଚରଣ ତ୍ରୀପାଠି, ବିଶିକେଶନ କରୁଆ ପ୍ରମୁଖ ସାମିଲ ଥିଲେ। ଅନ୍ୟପକ୍ଷରେ ବନବିଭାଗ ଦ୍ୱାରା ୨ଜଣଙ୍କୁ ଗିରଫ ପରେ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ସମ୍ପର୍କୀୟମାନେ ସନ୍ଧ୍ୟାରେ ରେଞ୍ଜ ଅଫିସକୁ ଆସି ଘେରାଉ କରିଥିବା ମଧ ଜଣାପଡିଛି।



ବନବିଭାଗ ଦ୍ୱାରା ଗିରଫ ୨ ବ୍ୟକ୍ତି।

### ମୌଳିକ ସୁବିଧାରୁ ବହୁଦୂରରେ କପୁରଗଡ଼ବାସୀ
# ଭୋଟବେଳେ ଗଁଗାଁ, ଭୋଟ ସରିଲେ ଖାଁ ଖାଁ

**ନୂଆପଡ଼ା ଅଫିସ,୧୨।୪**

ସବୁ ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇଦେବାକୁ ସରକାର ସବୁବେଳେ ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେଗୁଡିକ ରୂପରେଖ ପ୍ରସ୍ତୁତି କିମ୍ବା ପରିଚାଳନାଗତ ତ୍ରୁଟି ଯୋଗୁ ଯୋଜନା ଦୂରରେ ରହିଯାଉଛି, ଲୋକେ ସୁବିଧା ପାଇପାରୁନାହାନ୍ତି। ନୂଆପଡା ଜିଲା ଖଡିଆଳ ବ୍ଲକ କିରିକିଟା ଗ୍ରାମପଞ୍ଚାୟତ କପୁରଗଡ ଗାଁ ଏହାର ଏକ ନଗ୍ନ ନମୁନା ହୋଇଛି । ଜିଲା ସଦର ମହକୁମାଠାରୁ ୭୨ କି.ମି. ଏବଂ ଖଡିଆଳ ସହରଠାରୁ ମାତ୍ର ୧୨/୧୩ କି.ମି. ଦୂରରେ ଅବସ୍ଥିତ ଏହି ଗାଁ ସ୍ୱାଧୀନତାର ୭୧ବର୍ଷ ପରେ ମଧ୍ୟ ବିଜୁଳି, ପାନୀୟ ଜଳ, ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ । ପ୍ରତି ୫ ବର୍ଷରେ ପଞ୍ଚାୟତିରାଜ ନିର୍ବାଚନ ହେଉକି ସାଧାରଣ ନିର୍ବାଚନ ସମୟରେ ଗାଁକୁ ବହୁ ନେତା, ଅଧିକାରୀଙ୍କ ଲମ୍ବା ଲାଇନ ଲାଗିଥାଏ। ପରେ କାହାରି ଦେଖା ମିଳିନଥାଏ । ଏହାକୁ ଗ୍ରାମବାସୀ କହନ୍ତି ଭୋଟ ବେଳେ ଗାଁରେ ପ୍ରବଳ ଭିଡ । ଗାଡି ମୋଟର ଗଗାଁ



କପୁରଗଡ ଗାଁର ଦୃଶ୍ୟ ।

କରିଥାଏ । ନିର୍ବାଚନ ସରିଲେ ଖାଁ ଖାଁ ଲାଗିଥାଏ । ସ୍ୱାଧୀନତାର ପୂର୍ବବର୍ତ୍ତି ସମୟରେ ଏଠାରେ ବସତିସ୍ଥାପନ ହୋଇଥାଏ । ଏଠାରେ କିଛି ଆଦିବାସୀ ବନବାସୀ ଘର କରି ରହିବା ଆରମ୍ଭ କରନ୍ତି। ବର୍ତ୍ତମାନ ଏଠାରେ ୧୫/୨୦ ପରିବାର ଲୋକ ରହିଥିବା ଦେଖିବାକୁ ମିଳିଥାଏ । ଲୋକଙ୍କ ରୋଜଗାର କହିଲେ ଜଙ୍ଗଲ ଜାତଦ୍ରବ୍ୟ ସଂଗ୍ରହ କରି ପେଟପୋଷିଥାନ୍ତି । ଖଡିଆଳ-ସିନାପାଲି ରାସ୍ତାରୁ ଅଗନାଅଗନି ଜଙ୍ଗଲିଆ ରାସ୍ତା ଦେଇ ଚାଲି ଚାଲି ଏହି ଗାଁକୁ ଯିବାକୁ ପଡିଥାଏ । ଗାଁକୁ ସବୁଦିନିଆ ରାସ୍ତାଟିଏ ନାହିଁ । ବର୍ଷାଦିନେ ଏହି ଗ୍ରାମବାସୀ ବାହାର ଦୁନିଆଁରୁ ବିଚ୍ଛିନ୍ନ ହୋଇରହିଥାନ୍ତି। ଗାଁର ଅର୍ଦ୍ଧାଧିକ ପରିବାର ଲୋକ ଦାରିଦ୍ର୍ୟ ସୀମାରେଖାତଳେ ରହିଥିବାବେଳେ ଏମାନଙ୍କୁ ସରକାରୀ ଯୋଜନାରୁ ସୁବିଧା ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିଭଳି ସରକାର ସବୁଗାଁକୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଯୋଜନା କରୁଛନ୍ତି। ହେଲେ ଏହି ଗାଁବାସୀ ବହୁ ବର୍ଷ ଧରି ଝରଣା, ନାଳ ପାଣି ବ୍ୟବହାର କରିଥାନ୍ତି। ପ୍ରତିବର୍ଷ ବର୍ଷାଦିନେ ଗାଁବାସୀ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହେଉଥିବା ସ୍ୱାଭାବିକ ହୋଇଛି । ସେହିଭଳି ଗ୍ରାମବାସୀଙ୍କୁ ବିଜୁଳି ଆଲୁଅ ସାତ ସପନ ହୋଇଛି । ଡିବିରି ବତି ହିଁ ଭରସା । ସନ୍ଧ୍ୟା ହେଲେ ବଣୁଆଜୀବଙ୍କ ଭୟରେ ଲୋକେ ତାଟି କବାଟ ବନ୍ଦ କରି ରହିଥାନ୍ତି । ଗାଁରେ ଏବେ ବି ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ରହିଛନ୍ତି । ଏଥିରୁ ଅନେକ ପିଲା ବହୁଦୂରଦୂରାନ୍ତକୁ ପାହାଡ, ନାଳ ଡେଇଁ ପାଠ ପଢିବାକୁ ଯାଇଥାନ୍ତି । ବିଦ୍ୟାଳୟ ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସିଥିଲେ ମଧ୍ୟ କେହି ଏହା ଉପରେ ଧ୍ୟାନ ଦେଉ ନ ଥିବା କୁହାଯାଉଛି । ବିଦ୍ୟାଳୟ ନ ଥିବାରୁ ବହୁ ଅପାଠୁଆ ରହିଯାଉଥିବା ଦେଖାଯାଇଛି। କିଛି ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ ବର୍ତ୍ତମାନ ନିର୍ବାଚନ ସରିଛି। କେବେ ଦେଖି ନ ଥିବା ନେତାମାନେ ଆମ ଗାଁକୁ ଆସିଥିଲେ। ବହୁ ଚିତ୍କାର କରି ଚାଲିଗଲେଣି । ଆଗକୁ କେହି ଏଠାକୁ ଆସିବେ ନାହିଁ କି ଆମର ସମସ୍ୟା ଦୂର ହେବନାହିଁ। ପ୍ରଶାସନ ହିଁ ଆମରି ଗୁହାରି ଶୁଣିବ ବୋଲି କହିଛନ୍ତି ।

- ନାଳ ପାଣି ଭରସା
- ପିଲା ଅଛନ୍ତି, ସ୍କୁଲ ନାହିଁ
- ବିଜୁଳି ଆଲୁଅ ସାତସପନ

## ଫଟୋରେ ଖବର




ନିର୍ବାଚନ ଶେଷ ହେବା ପରେ କଡ଼ା ସୁରକ୍ଷା ମଧରେ ଷ୍ଟ୍ରଙ୍ଗ ରୁମ୍ ବାହାରେ ଯବାନମାନେ ପଇଁତରା ମାରୁଛନ୍ତି।



ଗୁରୁବାର ବିଳମ୍ବିତ ରାତିରେ ପୋଲିଂ ପାର୍ଟି ସବୁ ଫେରି ଜିଲା ନିର୍ବାଚନ କଣ୍ଟ୍ରୋଲ ରୁମ୍‌ରେ ଇଭିଏମ୍ ଜମା କରୁଛନ୍ତି।



ଖରିଆର ରୋଡ଼ ସହରରେ ଖୋଲାଯାଇଥିବା ଜଳଛତ୍ରରେ ପାଣି ପାଇଁ ଲୋକେ ଭିଡ଼ ଜମାଇଛନ୍ତି।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ

## ସଂକ୍ଷେପରେ



### ମା' ତାରିଣୀଙ୍କ ଚୈତ୍ର ମହୋତ୍ସବ
## ଦେବଦେବୀଙ୍କ ନଗର ପରିକ୍ରମା

**ରିଷିଡା,୧୨।୪ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ରିଷିଡା ତାରିଣୀ ପୀଠରେ ମା' ତାରିଣୀଙ୍କ ଚୈତ୍ର ମହୋତ୍ସବ ଆରମ୍ଭ ହୋଇଛି । ଏହି ଅବସରରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ୧୭ ତାରିଖରେ ସମାପନ ହେବ। ଶୁକ୍ରବାର ଦେବଦେବୀଙ୍କ କାଳଶି ନଗର ପରିକ୍ରମା କରିଥିଲା । ଦେବୀଙ୍କ ଛତର ମଧ ଏକା ସାଙ୍ଗରେ ପରିକ୍ରମା କରାଯାଇଥିଲା। ଶନିବାର ପ୍ରସିଦ୍ଧ ଝାମୁ ଯାତ୍ରା ଅନୁଷ୍ଠିତ ହେବ। ଏହି ଅନୁଷ୍ଠାନର ବରୁଆ ସୁଶାନ୍ତ ମଲ୍ଲିକ, ଗୁରୁ ରଞ୍ଜନ ରଣା, ସେବକ ଦୟାନିଧି ରଣା, ପୀତାମ୍ବର ରଣା, ପ୍ରସନ୍ନ ରଣା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ତାରିଣୀ ଯାତ୍ରା ଅବସରରେ ଏଠାରେ ସର୍କସ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା
# ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା

**ଜୁନାଗଡ,୧୨।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରାବାହାଲଠାରୁ ଧନେର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ରାସ୍ତା କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାରବାହାଲ-ଧନେର ୩.୩୦ କିମି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣ ପାଇଁ ୧.୨୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଏହା ଗତ ୨୦।୩।୨୦୧୮ରେ ଆରମ୍ଭ ହୋଇ ୧୯।୧୨।୨୦୧୮ରେ ଶେଷ ହେବ ବୋଲି ସୂଚନା ଫଳରେ ଉଲ୍ଲେଖ ରହିଛି। କିନ୍ତୁ ଧାର୍ଯ୍ୟ ସମୟ ସୀମା ଶେଷ ହୋଇ ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ମଧ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏ ପର୍ଯ୍ୟନ୍ତ ରାସ୍ତା କାମ ସରିପାରିନାହିଁ। ସେହିପରି କାର୍ଯ୍ୟକାରୀ ସଂସ୍ଥା ଭାବେ ଏହାକୁ ଏନବିସିସି (ଇଣ୍ଡିଆ) ଲିମିଟେଡ ଓଡିଶା ସରକାର ଦାୟିତ୍ୱ ପାଇଥିବାବେଳେ ବାସ୍ତବରେ ଏହି କାମକୁ ସଂସ୍ଥା ପକ୍ଷରୁ ନୂଆପଡା ଜିଲାର ଜଣେ ପେଟି ଠିକାଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ସ୍ଥାନୀୟ ଲୋକଙ୍କଠୁ ଜଣାପଡିଛି। ପେଟିଠିକାଦାର ଜଣକ ଏହି ରାସ୍ତାରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହୃତ କରିବା ସହ ଇଷ୍ଟିମେଣ୍ଟ ଅନୁଯାୟୀ କରୁ ନ ଥିବା ଅଭିଯୋଗ ହୋଇଛି। ପ୍ରଥମତଃ ଏହି ରାସ୍ତା କାମରେ ବ୍ୟବହୃତ ହେଉଥିବା ମେଟାଲ ଅତ୍ୟନ୍ତ ନିମ୍ନମାନର ଓ ହାତଚୋପା ମେଟାଲ ବୋଲି ଜଣାପଡିଛି। ଏହାସହ ମେଟାଲଗୁଡିକ ମଧ ବଡ ବଡ ଆକାରର ହୋଇଥିବାରୁ ରାସ୍ତାରେ ଲୋକେ ଯାତାୟାତ ବେଳେ ଦୁର୍ଘଟଣାର ଶିକାର ମଧ ହେଉଥିବା ନଜିର ରହିଛି। ବିଶେଷ କରି ସାଇକେଲରେ ଯାତାୟାତ କରୁଥିବା ଲୋକେ ଭାରସମ୍ୟ ହରାଇ ପଡିଯାଉଥିବା ଦେଖିବାକୁ ମିଳୁଛି। ସେହିପରି ରାସ୍ତାରେ ମୋରୁମ ପକାଯାଇଥିଲେ ମଧ ଠିକ ଭାବରେ ତାହାକୁ ରୋଲର ସାହାଯ୍ୟରେ ସମତୁଳ କରାଯାଇ ନ ଥିବା ଜଣାପଡିଛି। ଏପଟେ ରାସ୍ତା ଯେତିକି ଆକାରରେ ଓସାରିଆ ହେବା କଥା ତାହା ମଧ ନ ହୋଇ ଅଣଓସାରିଆ କରାଯାଇଛି। ରାସ୍ତା କାମ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ଥିବାରୁ ଠିକାଦାର ଯେଣତେଣ ପ୍ରକାର ଅନିୟମିତତା କରି କାର୍ଯ୍ୟ ସମ୍ପାଦନା କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରିକି ଏହି ଅନିୟମିତତାକୁ ନେଇ ସ୍ଥାନୀୟ ଲୋକେ ଗତ କିଛି ମାସ ତଳେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ମିଶ୍ର କାର୍ଯ୍ୟକାରୀ ସଂସ୍ଥାର ଅଧିକାରୀ ସହିତ ଏହି ଅନିୟମିତତା ବିଷୟରେ ଫୋନରେ ଜଣାଇଥିଲେ। ଏହାପରେ ମଧ କିଛି ସୁଫଳ ମିଳି ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇପାରି ନ ଥିଲା। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।






ରାସ୍ତାରେ ଜଣେ ସାଇକେଲ ଆରୋହୀ ଭାରସମ୍ୟ ହରାଇ ପଡିଯାଇଛନ୍ତି (ବାମ) । ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ସୂଚନା ଫଳକ ।

**ଜୁନାଗଡ଼ ବ୍ଲକ**
- ଧାର୍ଯ୍ୟ ସମୟ ଶେଷ, ସରିଲାନି ରାସ୍ତା କାମ
- ନିମ୍ନମାନର ମେଟାଲ ବ୍ୟବହୃତ
- ଚାରବାହାଲ-ଧନେର ରାସ୍ତା

## ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଘାଟିତ

**କୋକସରା,୧୨।୪ (ଡି.ଏନ.ଏ.)**

କୋକସରା ବ୍ଲକ ସୀମାନ୍ତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟ ଭାଗରେ ଥିବା ଗୁଡହାଣ୍ଡି ଓ ଡୋକରିଚଞ୍ଚରା ପୀଠରେ ଚଳିତବର୍ଷ ଶୁକ୍ରବାରଠାରୁ ୧୯ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଶ୍ରୀରାମ ନବମୀ ପାଳନ ପାଇଁ ବୃତ୍ତାନ୍ତ ହୋଇଛି। ଏହି ଅବସରରେ ଶୁକ୍ରବାର ଅଧିବାସ ସହ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହି ମହୋତ୍ସବ ପାଳନ ପାଇଁ କମିଟି ତରଫରୁ ଅଧିବାସ ଆୟୋଜନ କରାଯାଇ ସନ୍ଧ୍ୟାରେ ମହିଳା ଭକ୍ତମାନଙ୍କୁ ନେଇ କଳସ ଯାତ୍ରା ହୋଇଥିଲା। କଳସଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ସମାପନ ହେବା ପରେ ଶନିବାର ଭୋରରୁ ରାମନବମୀ ପୂଜା, ଶ୍ରୀରାମଚରିତ ମାନସ ପାଠ ଓ ପୁଣ୍ୟକୁଣ୍ଡ ସ୍ନାନ କାର୍ଯ୍ୟକ୍ରମ କରାଯାଇଥିଲା। ଚଳିତବର୍ଷ ପୂଜା କର୍ତ୍ତା ଭାବେ ଟେମରା ଗ୍ରାମର କୈଳାଶ ପାତ୍ର ସପତ୍ନୀଙ୍କ ପୂଜା ଦାୟିତ୍ୱ ତୁଲାଉଥିଲେ । ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡୋକରୀଚଞ୍ଚରା ମହୋତ୍ସବ ପାଳନ କମିଟି କର୍ମକର୍ତ୍ତା ସଭାପତି ଭଦ୍ରେଶ୍ୱର ପାତ୍ର, ସମ୍ପାଦକ ନିଳାମ୍ବର ନାଏକ, ମଧୁବନ ପାତ୍ର, ବିରଞ୍ଚି ନାରାୟଣ ପଣ୍ଡା, ଘାସିରାମ ପାଟ୍ଟଯୋଷୀ, ସୁରେଶ ଅଗ୍ରୱାଲ, ସୁଧୀର ପାତ୍ର, କ୍ଷିତିଶ ପାତ୍ର, ଅଇରି ନାଶନ ଚିନ୍ଦା, ଅଜିତ ପଟ୍ଟନାୟକ, ଜିତେନ୍ଦ୍ର ପ୍ରଧାନୀ, ଘନଶ୍ୟାମ ନାଏକ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ଉଦ୍‌ଘାଟନ ହେବା ପରେ ଡୋକରିଚଞ୍ଚରା ପୀଠ ରାମଚରିତ ପଠନ ସ୍ୱରରେ ପ୍ରକମ୍ପିତ ହୋଇଥିଲା ।

# ବିଜେଡି ବିଧାୟକ ପ୍ରାର୍ଥୀ ମୌଷଧି ବାଗଙ୍କୁ ଦଳ ତରଫରୁ ସ୍ୱାଗତ

**କୋକସରା,୧୨।୪ (ଡି.ଏନ.ଏ.)**

ଗୁରୁବାର ବିଧାନସଭା ପାଇଁ ମତଦାନ ସରିଯାଇଥିବା ବେଳେ ଶୁକ୍ରବାର କୋକସରା ବ୍ଲକ ବିଜେଡି ଦଳୀୟ କାର୍ଯ୍ୟାଳୟରେ ବ୍ଲକ ସଭାପତି ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଏକତ୍ରିତ ହୋଇ ଧର୍ମଗଡ଼ ବିଧାନସଭା ବିଜେଡି ପ୍ରାର୍ଥୀ ମୌଷଧି ବାଗଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ। ଏହା ସହ ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିତେନ୍ଦ୍ର ପ୍ରଧାନୀ, ପ୍ରମୋଦ ପ୍ରଧାନୀ, ପଙ୍କଜ ପୋଡ଼, ବିନୋଦ ରାଉତ, ଅଜିତ କୁମାର ପଟ୍ଟନାୟକ, ଅନିଲ କୁମାର ପ୍ରଧାନୀ, ବିଶ୍ୱନାଥ ପଟ୍ଟନାୟକ, ଅଜୟ ସାହୁ,ପ୍ରମୋଦ ଅଗ୍ରୱାଲ, ଶ୍ରୀମନ୍ତ ପାଢୀ, ସୟ ଗୟଲ, ଗଙ୍ଗାରାମ ବାଣୁଆ, ହେମନ୍ତ ମାଝି, ମଙ୍ଗଲୁ ଭାଟି, ଅରବିନ୍ଦ ପଟ୍ଟନାୟକ, ରମେଶ ଦୁର୍ଗା, ହେମନ୍ତ ବାଣୁଆ, ପାର୍ଥବ ମାଝି, ବନମାଳୀ ପ୍ରଧାନୀ ପ୍ରମୁଖ ଦଳୀୟକର୍ମୀମାନେ ଉପସ୍ଥିତ ଥିଲେ।



ବିଜେଡି ପ୍ରାର୍ଥୀ ମୌଷଧି ବାଗ୍‌ଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ସରକାରୀ ନଥିପତ୍ରରେ ଭୋଟ୍‌ଦେବାରୁ ବଞ୍ଚିତ ୨ ବ୍ୟକ୍ତି

**ଭବାନୀପାଟଣା,୧୨।୪ (ଡି.ଏନ.ଏ.)**

ବଞ୍ଚିଥିଲେ ବି ସେମାନେ ସରକାରୀ ନଥିପତ୍ରରେ ମୃତ। ତେଣୁ ସେମାନଙ୍କୁ ମତଦାନରୁ ବଞ୍ଚିତ ହେବାକୁ ପଡିଛି। ଗୁରୁବାର କଳାହାଣ୍ଡି ଜିଲାରେ ମତଦାନ ହେଉଥିବା ବେଳେ ନର୍ଲା ବ୍ଲକ ଘୋଡାବନ୍ଧ ପଞ୍ଚାୟତ ଲମସିଂହା ଗ୍ରାମର ୧୪୩ ନଂ. ବୁଥ୍‌ରେ ୨ଜଣ ଭୋଟର ମତଦାନରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ମତଦାତା ସୁନ୍ଦର ପଧାନ (୬୨) ଓ ଜନକରଷି ବାଗ (୫୦) ଅପରାହ୍ଣ ୨ଟାରେ ମତଦାନ କେନ୍ଦ୍ରକୁ ଯାଇଥିଲେ। କିନ୍ତୁ ସରକାରୀ ନଥିପତ୍ରରେ ସେମାନେ ମୃତ ବୋଲି ପ୍ରଜାଇଡିଂ ଅଫିସର କହି ଭୋଟ ଦେବାକୁ ବାରଣ କରିଥିଲେ। ଫଳରେ ଏହାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ମତଦାନ ଶେଷ ହେବା ଯାଏଁ ଅପେକ୍ଷା କରି ଶେଷରେ ଇଭିଏମକୁ ନ ଛାଡିବାକୁ ଜିଦ୍ ଧରିଥିଲେ। ସମ୍ପୃକ୍ତ ୨ ଜଣ ବ୍ୟକ୍ତି ଜୀବିତ ଥାଇ କିପରି ମୃତ ହେଲେ ଓ ସେମାନେ ମତଦାନରୁ ବଞ୍ଚିତ ହେବେ ନାହିଁ ବୋଲି ଗ୍ରାମବାସୀ ଜିଦ ଧରିଥିଲେ। ଏହାକୁ ନେଇ ମତଦାନ କେନ୍ଦ୍ରରେ ନିୟୋଜିତ କର୍ମଚାରୀ ବହୁ ବୁଝାଶୁଝା କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ନର୍ଲା ବିଡିଓ ବେଦବ୍ୟାସ ବେହେରା ଓ ଥାନାଧିକାରୀ ରମଣୀ ରଞ୍ଜନ ଦଳେଇ ପହଞ୍ଚି ଲୋକଙ୍କୁ ବହୁ ବୁଝାଶୁଝା କରିବା ସହ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପାଇଁ ପରାମର୍ଶ ଦେଇଥିଲେ। ତେବେ ଗ୍ରାମବାସୀ କୌଣସି କଥା ଶୁଣିବାକୁ ନାରାଜ ହୋଇ ମତଦାନ କୋଠରିର ଦ୍ୱାରକୁ ବନ୍ଦ କରିଦେଇଥିଲେ। ଏହାପରେ ଅବସରପ୍ରାପ୍ତ ଶିକ୍ଷକ ମେଦିନୀଧର ଜାନି ଲୋକଙ୍କୁ ବୁଝାଶୁଝା କରି ଲୋକଙ୍କୁ ଆଇନ୍ ହାତକୁ ନ ନେବା ପାଇଁ ନିବେଦନ କରିଥିଲେ। ଏହାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ଇଭିଏମ ନେଇ କର୍ମଚାରୀ ସମେତ ବିଡିଓ ଗାଁରୁ ଯାଇଥିଲେ। ତେବେ ଏଥିପାଇଁ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିବା ଜଣାପଡିଛି।

# ଆଦର୍ଶ ଗ୍ରାମର ବ୍ଲକ ପରିବର୍ତ୍ତନ ଦାବି

**ଭବାନୀପାଟଣା,୧୨।୪ (ଡି.ଏନ.ଏ.)**

କଳାହାଣ୍ଡି ସାଂସଦଙ୍କ ଆଦର୍ଶ ପଞ୍ଚାୟତ ମାନ୍ୟତା ପାଇଥିଲା ଥୁଆମୂଳ ରାମପୁର ବ୍ଲକର ସିନ୍ଧିପଦର ପଞ୍ଚାୟତ ବାର୍ଷିକୋନା ଗ୍ରାମର ଲୋକ ଭୋଟ ବର୍ଜନ କରିଥିବା ଜଣାପଡିଛି। ସାଂସଦ ଆଦର୍ଶ ପଞ୍ଚାୟତ ସିନ୍ଧିପଦର ଅଧୀନରେ ରହିଛି ବାର୍ଷିକୋନା, ଗମ୍ଭାରୀଗୁଡା, ବୀରାଗୁଡାଓ, ମୁଣ୍ଡିଟୁଆଁ। ଏହି ଗ୍ରାମବାସୀଙ୍କ ପାଇଁ ପଞ୍ଚାୟତ ସହିତ ବ୍ଲକ ମୁଖ୍ୟାଳୟକୁ ଯାତାୟାତ ପାଇଁ ରାସ୍ତା ନାହିଁ । ପାଦ ଚଲା ରାସ୍ତାରେ ୨ଟି ପାହାଡ ଡେଇଁ ଦୀର୍ଘ ୧୫ କି.ମି. ଦୂର ଗଲା ପରେ ସିନ୍ଧିପଦର ପଞ୍ଚାୟତ ପଡେ। ସେଠାରେ ୨୫ କି.ମି. ପାହାଡ ପାହାଡ ମଧରେ ଚାଲିବା ପରେ ବ୍ଲକ୍ ମୁଖ୍ୟାଳୟକୁ ପହଞ୍ଚୁହୁଏ। ଏମାନଙ୍କ ପାଇଁ ସ୍ୱାସ୍ଥ୍ୟ, ପାନୀୟ ସମେତ ଉଚ୍ଚଶିକ୍ଷା ଭଳି ମୌଳିକ ସୁବିଧା ସାତସପନ। ଏପରିକି ଅନେକ ସମୟରେ ପଞ୍ଚାୟତ ମାଧ୍ୟମରେ ମିଳୁଥିବା ଅତ୍ୟାବଶ୍ୟକ ସାମଗ୍ରୀ ପାଇବାକୁ ହେଲେ ଦୀର୍ଘ ୧୫ କି.ମି. ପାଦଚଲା ରାସ୍ତାରେ ଯିବାକୁ ହେଉଛି। କିନ୍ତୁ ୫ ରୁ ୭ କି.ମି. ସମତଳ ରାସ୍ତାରେ ଗଲେ ଜୁନାଗଡ ବ୍ଲକର ଦାସିଗାଁ ଓ କଲମପୁର ବ୍ଲକ ଦେପୁର ପଞ୍ଚାୟତ ସହିତ ଯୋଗାଯୋଗ ହୋଇପାରୁଛି। ତେଣୁ ଏହି ଅଞ୍ଚଳକୁ ଥୁଆମୂଳ ରାମପୁର ବଦଳରେ ଜୁନାଗଡ ଅଥବା କଲମପୁର ବ୍ଲକ ସହିତ ସଂଯୋଗ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଏହି ଦାବିପତ୍ର ପାଇବା ପରେ ମଧ ପ୍ରଶାସନ ଗ୍ରାମବାସୀଙ୍କ ସହିତ ତାର ସମାଧାନ ନେଇ କୌଣସି ଆଲୋଚନା କରି ନ ଥିଲେ। ତେଣୁ ଏହି ଗ୍ରାମର ସମସ୍ତ ପ୍ରାୟ ୧୫୦ ଜଣରୁ ଊର୍ଦ୍ଧ୍ୱ ମତଦାତା ଭୋଟ୍ ବର୍ଜନ କରିଥିଲେ।

### ■ ନିର୍ବାଚନ କାର୍ଯ୍ୟରେ ବେସରକାରୀ, ସ୍କୁଲ ବସ୍
# ଯାତ୍ରୀ, ଛାତ୍ରୀଛାତ୍ର ହଇରାଣ

**ଭବାନୀପାଟଣା,୧୨।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ ୧୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ କାର୍ଯ୍ୟରେ ଜିଲାର ଯାନବାହାନ ନିୟୋଜିତ କରାଯାଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭବାବୀପାଟଣାରୁ ବେସରକାରୀ ଯାତ୍ରୀବାହୀ ବସ ସହ ଭୋଟ ଗାଡି ମଧ ପ୍ରେରଣ କରାଯାଇଛି। ଫଳରେ ଭବାନୀପାଟଣାରୁ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଯାତ୍ରୀମାନେ ଘୋର ଅସୁବିଧାସର ସମ୍ମୁଖୀନ ହେଉଛନ୍ତି। ଏପରିକି କଳାହାଣ୍ଡି ଜିଲାରୁ ସ୍କୁଲ ବସଗୁଡିକୁ ମଧ ନିର୍ବାଚନ ପାଇଁ ଅଧିଗ୍ରହଣ କରାଯାଇଥିବାରୁ ବେସରକାରୀ ସ୍କୁଲଗୁଡିକରେ ପାଠପଢା ବାଧାପ୍ରାପ୍ତ ହେଉଥିବା ପ୍ରକାଶ ହୋଇଛି।

ଭବାନୀପାଟଣା ବେସରକାରୀ ବସଷ୍ଟାଣ୍ଡରୁ ଜିଲାର କୋଣ ଅଣୁକୋଣରେ ଥିବା ଅଞ୍ଚଳକୁ ବସ ଯାତାୟାତ କରିଥାଏ। ବେସରକାରୀ ଓ ସରକାରୀ ବସଷ୍ଟାଣ୍ଡ ଶୂନଶାନ ହୋଇଯାଇଛି। ଗୋଟିଏ ଦୁଇଟି ବସ ଖରାପ ହୋଇ ପଡି ରହିଥିବା ସହ କାଁ ଭାଁ କିଛି ବସ ଚଳପ୍ରଚଳ କରୁଥିଲା। ସରକାରୀ ବସ ଓ ଘରୋଇ ଏକ୍ସପ୍ରେସ୍‌ବସ ରାଜ୍ୟର ବିଭିନ୍ନ ପ୍ରମୁଖ ସହରକୁ ଯାତାୟାତ କରୁଥିବା ବେଳେ ବସ ପାଇଁ ଯାତ୍ରୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗକରୁଥିବା ଦେଖାଯାଇଛି। ଏପରିକି କିଛି ରୁଟରେ ଦୈନିକ ମାତ୍ର ଗୋଟିଏ ବସ ଥିବା ଓ ତାହା ମଧ ବହୁଦିନ ଧରି ଚାଲୁ ନ ଥିବା ଯୋଗୁ ଜନ ଜୀବନକୁ ପ୍ରଭାବିତ କରିଛି। ବର୍ତ୍ତମାନ ବିବାହ ଋତୁର ଆରମ୍ଭ ହୋଇଥିବା ବେଳେ ବସ ନ ଥିବାରୁ ଯାତାୟାତ ପାଇଁ ଲୋକେ ଗାଡି ଭଡା କରିବାକୁ ବାଧ ହେଉଛନ୍ତି। ତେବେ ନିର୍ବାଚନ କାର୍ଯ୍ୟରୁ ସ୍କୁଲ ବସକୁ ମଧ ବାଦ ଦିଆଯାଇ ନାହିଁ। ଭବାନୀପାଟଣାରେ ଥିବା ଅଧିକାଂଶ ବେସରକାରୀ ଶିକ୍ଷାନୁଷ୍ଠାନ ସହର ଉପକଣ୍ଠରେ ଥିବାରୁ ଛାତ୍ରୀଛାତ୍ରଙ୍କ ଯାତାୟାତ ପାଇଁ ବସ ରହିଛି। ଭବାନୀପାଟଣା ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବସକୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧାରେ ପଡ଼ିଥିଲେ । ଏହାକୁ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ଗ୍ରୀଷ୍ମ ପ୍ରକୋପ ବଢୁଛି, ଖୋଲିନି ଜଳଛତ୍ର

**ଭବାନୀପାଟଣା,୧୨।୪ (ଡି.ଏନ.ଏ.)**

- ଆବଶ୍ୟକ ସ୍ଥଳେ ଗତବର୍ଷଠୁ ଅଧିକା ଖୋଲିବାକୁ ସ୍ଥିର
- ଅଂଶୁଘାତ ମୁକାବିଲା ପାଇଁ ପରାମର୍ଶ
- ଡାକ୍ତରଖାନାଗୁଡିକରେ ଜୀବନ ରକ୍ଷାକାରୀ ଔଷଧ ମହଜୁଦ ବ୍ୟବସ୍ଥା
- ଗୃହପାଳିତ ପଶୁମାନଙ୍କ ସୁରକ୍ଷା ପାଇଁ ଛାଇ ଓ ପାଣିର ବନ୍ଦୋବସ୍ତ

ଚଳିତବର୍ଷର ଗ୍ରୀଷ୍ମ ପ୍ରକୋପ ଗତ ୨୦ ଦିନ ହେବ ଅନୁଭୂତ ହୋଇଛି । ଖରାଟାଣ ଯୋଗୁ ଅତ୍ୟନ୍ତ ଜରୁରୀ କାର୍ଯ୍ୟ ନ ହେଲେ ଲୋକେ ଘରୁ ବାହାରକୁ ବାହାରିବା ପାଇଁ ଉଚିତ ମଣୁନାହାନ୍ତି । ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ରାସ୍ତାଘାଟ ଶୂନଶାନ ହୋଇପଡୁଛି । ପ୍ରଶାସନ ପକ୍ଷରୁ ଏଯାଏ କୌଣସି ଜଳଛତ୍ର ଖୋଲିବା ବ୍ୟବସ୍ଥା ହୋଇନାହିଁ । ପାଣିପାଗ ବିଭାଗ ପକ୍ଷରୁ ଚଳିତବର୍ଷ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେବ ବୋଲି ପୂର୍ବାନୁମାନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଭବାନୀପାଟଣା ତଥା ଆଖପାଖ ଅଞ୍ଚଳର ତାପମାତ୍ରା ସର୍ବାଧିକ ୪୦ ଡିଗ୍ରୀ ଉପରେ ରହୁଛି । କିନ୍ତୁ ଗତ ସପ୍ତାହରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨୦ ଡିଗ୍ରୀ ରହୁଥିବା ବେଳେ ଚଳିତ ସପ୍ତାହରେ ଏହା ପ୍ରାୟ ଅଧିକ ବଢିବ ବୋଲି ପାଣିପାଗ ବିଭାଗ ପୁର୍ବାନୁମାନ କରିଛି । ଟାଣ ଖରା ସହିତ ଗୁଳୁଗୁଳି ଲୋକମାନଙ୍କୁ ଏବେଠାରୁ କଲବଲ କରିବା ଆରମ୍ଭ କଲାଣି । ପଣା ସଂକ୍ରାନ୍ତି ସରିବା ପରେ ସାଧାରଣତଃ ଖରା ଆହୁରି ଟାଣ ଓ ପ୍ରଖର ହୋଇଥାଏ । ଏଣୁ ଏବେଠାରୁ ଗ୍ରୀଷ୍ମର ପ୍ରକୋପରୁ ନେଇ ଲୋକେ ଚିନ୍ତାରେ ପଡ଼ିଛନ୍ତି । ଗ୍ରୀଷ୍ମ ପ୍ରକୋପ ଦିନ କୁ ଦିନ ଚଢି ଚାଲିଥିବା ବେଳେ ପ୍ରଶାସନ ଏ ପର୍ଯ୍ୟନ୍ତ ଗ୍ରୀଷ୍ମର ମୁକାବିଲା ପାଇଁ ସେଭଳି କୌଣସି ଆଖି ଦୃଶିଆ ପଦକ୍ଷେପ ନେଇ ନାହିଁ । ଏପ୍ରିଲ ୧ ତାରିଖରୁ ସମସ୍ତ ପଞ୍ଚାୟତ, ବିଜ୍ଞାପନ ଅଞ୍ଚଳ ପରିଷଦର ସମସ୍ତ ୱାର୍ଡ, ପୌରସଂସ୍ଥା ସମସ୍ତ ୱାର୍ଡରେ ଜଳଛତ୍ର ଖୋଲିବା, ଦିନ ୧୧ଟାରୁ ଅପରାହ୍ଣ ୩ଟା ମଧରେ କୌଣସି ଶ୍ରମିକ କାମ ନ କରିବା, ପଞ୍ଚାୟତରେ ପେନସନ ଦିଆଯାଉଥିବା ଦିନଗୁଡିକରେ ଯଥେଷ୍ଟ ପାରିମାଣରେ ଓଆରଏସ ପ୍ୟାକେଟ ମହଜୁଦ ରଖିବା, ସମସ୍ତ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରମାନଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ, ଫାଷ୍ଟଏଡ ଓ ନିୟମ ଅନୁଯାୟୀ ପ୍ରତିଷେଧମୂଳକ ବ୍ୟବସ୍ଥା, ଜିଲାର ସମସ୍ତ ଡାକ୍ତରଖାନାଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ, ସାଲାଇନ, ଜୀବନ ରକ୍ଷାକାରୀ ଔଷଧ, ଅଂଶୁଘାତର ମୁକାବିଲା ପାଇଁ ଯଥେଷ୍ଟ ସଂଖ୍ୟକ ଶଯ୍ୟା ସଂରକ୍ଷିତ ଏବଂ ଗୃହପାଳିତ ପଶୁମାନଙ୍କ ସୁରକ୍ଷା ପାଇଁ ଯଥେଷ୍ଟ ପରିମାଣରେ ଛାଇ ଓ ପାଣିର ବନ୍ଦୋବସ୍ତ କରିବା ପାଇଁ ପରାମର୍ଶ ଦିଆଯାଇଛି। ରୌଦ୍ରତାପ ଦିନକୁ ଦିନ ବଢି ଚାଲିଥିବା ବେଳେ ଏ ପର୍ଯ୍ୟନ୍ତ ଭବାନୀପାଟଣା ପୌର ସଂସ୍ଥା ଅଞ୍ଚଳରେ ସାଧାରଣ ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ଜଳଛତ୍ର ମଧ ଖୋଲା ଯାଇ ପାରିନାହିଁ । ପରିତାପର ବିଷୟ ଯେ, ଏ ପର୍ଯ୍ୟନ୍ତ ଜଳ ଛତ୍ରଗୁଡିକୁ ଖୋଲିବା ପାଇଁ ସ୍ଥାନ ନିରୂପଣ କାର୍ଯ୍ୟ ଶେଷ ହୋଇ ନାହିଁ । ଏବେ ମଧ୍ୟ ପୌରାଞ୍ଚଳ କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ କରି ସ୍ଥାନ ନିରୂପଣ କରିବାରେ ଲାଗିଛନ୍ତି ବୋଲି ଜୈନିକ କର୍ମଚାରୀ କହିଛନ୍ତି । ଭବାନୀପାଟଣା ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ରଙ୍କୁ ପଚାରିବାରୁ ପୌରସଂସ୍ଥାର କର୍ମଚାରୀ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନର କାର୍ଯ୍ୟରେ ବ୍ୟସ୍ତଥିବା ଯୋଗୁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇ ପାରି ନ ଥିଲା। ଏବେ ନିର୍ବାଚନ ସରିଲା ଚାରି ପାଞ୍ଚଦିନ ମଧରେ ଗତବର୍ଷ ଯେଉଁ ଜାଗରେ ଜଳଛତ୍ର ଖୋଲାଯାଇଥିଲା। ସେହିସ୍ଥାନଗୁଡିକରେ ଚଳିତବର୍ଷ ମଧ ଜଳଛତ୍ର ଖୋଲାଯିବ। ଆବଶ୍ୟକ ସ୍ଥଳେ ଗତବର୍ଷ ଯେତେ ଜାଗାରେ ଜଳଛତ୍ର ଖୋଲାଯାଇଥିଲା ତାହାଠୁ ଆହୁରି ଅଧିକା ଖୋଲିବା ପାଇଁ ସ୍ଥିର କରାଯାଇଛି ବୋଲି ସେ କହିଛନ୍ତି ।

# ଭୁତକୁଠି ପାଲଟିଛେ ଥୁ.ରାମପୁର ରାଜସ୍ୱ ବଙ୍ଗଳା

**ଭବାନୀପାଟଣା,୧୨।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁରରେ ଥିବାର ରାଜସ୍ୱ ବଙ୍ଗଲା ଏହେଦେ ଭୁତକୁଠି ପାଲଟିଛେ। ବଙ୍ଗଲାଟା ବେଭାର ନାଇଁ ହେବାର ଲାଗି ଅପନ୍ତରା ହେଇ ପଡ଼ିଛେ। ରାଜା ରାଜୁଡ଼ା ଅମଲରୁ ଥୁଆମୂଳ ରାମପୁର ଗୁଟେ ଜମିଦାରି ଅଂଚଲ ଥିଲା। ସେତେବେଲେ ସରକାରୀ ବାବୁ ଭାୟା କାମ୍‌ରେ ଗଲେ ଆଏଲେ ରହାବସା କରବାର ଲାଗି ଇ ବଙ୍ଗଲା ତିଆର ହେଇଥିଲା। ଏହେଦେ ଇ ରାଜସ୍ୱ ବଙ୍ଗଲାର ଦେଖଭାଲ ଦାଇତିଅ ଗ୍ରାମ୍ୟ ଉନ୍ନୟନ ବିଭାଗ ଭବାନୀପାଟଣା ଅଧୀନରେ ରହିଛେ। ହେଲେ ବିଭାଗ ଇ ବଙ୍ଗଲାର ଦେଖ୍‌ଭାଲ ନାଇଁ କରବାର ଲାଗି ଏହେଦେ ଭୁତକୁଠି ଲେଖେଁ ପଡ଼ିରହିଛେ। ଥୁଆମୂଳ ରାମପୁର ଅଂଚଲକେ ଅନେକ ସମିଆରେ ବହୁତ ସରକାରୀ ଅଧିକାରୀ ଯିବାର ଆଏବାର କରୁଛନ୍। ଇଠାନେ ଭିନେ ଭିନେ ସରକାରୀ ଅଫିସ ଥିବାର ଲାଗି ସବୁବେଲେ ବଡ଼ ବଡ଼ ଅଧିକାରୀମାନକର ଯିବାର ଆଏବାର ଲାଗିରହୁଛେ। ଇତାର ବାହାରେ ଫୁର୍ଲି ଝରନ୍, କର୍ଲାପାଟ ଅଭୟାରଣ୍ୟ, ଇନ୍ଦ୍ରାବତୀ ନଦୀର ଉତ୍‌ପତି ଥଲ, ଇନ୍ଦ୍ରାବତୀ ଜଲଭଁଡ଼ାର ସମେତ ଅନେକ ପରାକୁତିକ ଝରନ୍, ଜଲପରପାତ ରହିଛେ। ଯେନ୍‌ଥିରଲାଗି ବଛରକୁତା ଇଠାନ୍‌କେ ପର୍ଯ୍ୟଟକ ଆସୁଛନ୍। ବଡ଼ଭାରି ଡିସେମ୍ବର ଆର ଜାନୁୟାରୀ ମାସେ ରାଏଜ୍ ଆର ରାଏଜ୍ ବାହାରୁ ଅନେକ ପରକୁତି ପେମୀ ଇଠାନ୍‌କେ ବୁଲାବୁଲି କରବାର ଲାଗି ଆସୁଛନ୍। ହେଲେ ସେମାନକର ରହାବସା ଲାଗି ଇଠାନେ ହେନ୍‌ତା କିଛି ବେବସ୍‌ତା ନାଁଇଁ। ଅନେକ ସମିଆରେ ସରକାରୀ ଅଧିକାରୀ, ନେତା, ମନ୍ତ୍ରୀ ଆଏଲେ ରାଜସ୍ୱ ବିଭାଗ ଅଧୀନରେ ଥିବାର ରାଜସ୍ୱ ବଙ୍ଗଲାରେ ରହୁଛନ୍। ହେଲେ ଇ ବଙ୍ଗଲାର ଅବସ୍‌ତା ଦିନୁଦିନ୍‌କେ ବିଗିଡ଼ିବାରେ ଲାଗିଛେ। ରାତିରେ ରହିବାର ଲାଗି ଇଠାନେ ଉନିଆ କିଛି ବେବସ୍‌ତା ନାଇଁଥିଲାବେଲେ ରାଜସ୍ୱ ବଙ୍ଗଲା ଭୁତକୁଠି ପାଲଟିଛେ। ବର୍ଷା ଦିନେ ବର୍ଷା ପାଏନ୍ ଆର ପୂରା କଲୋନୀ ଜଂଗଲ ଘେରରେ ରହୁଛେ। ଏନ୍‌ତାଥି ବଙ୍ଗଲାର ବାଡ଼ା ନାଇଁଥିବାର ଲାଗି ଅନେକ ସମିଆରେ ଜଂଗଲି ଜୀବ୍‌ଜଁତୁ ଭିତିରକେ ପଶିଆସୁଛନ୍। ଯେନ୍‌ଥିରଲାଗି କେହି ଇଠାନେ ରହିବାକେ ମନ୍ ନାଇଁକରବାର। ଇ ବଙ୍ଗଲାର ଉନ୍‌ନତିକରନ୍, ମରାମତି ଦିଗେ ଜିଲା ପରଶାସନ ଧିଆନ୍ ଦେବାକେ ଜନସାଧାରନ୍‌ରେ ଦାବି ହେଉଛେ।



ଥୁ.ରାମପୁର ରାଜସ୍ୱ ବଙ୍ଗଲା ।